

କୁଳଦୀପ
ସିରିଜ୍‌ର ଶ୍ରେଷ୍ଠ
▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ♦ISSUE-109 ♦WEDNESDAY ♦15 OCTOBER 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୦୯ ♦ବୁଧବାର ♦୧୫ ଅକ୍ଟୋବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦





# ବାଲେଶ୍ୱରରେ ଫାବ୍ଇଣ୍ଡିଆ ଉଦ୍‌ଘାଟିତ





**ବାଲେଶ୍ୱର,୧୪।୧୦(ସମିସ):** ବାଲେଶ୍ୱର ସହରର ଆଇଟିଆଇ ଛକଠାରେ ଉଦଘାଟିତ ହୋଇଛି ଫାବ୍ ଇଣ୍ଡିଆ। ଏହାକୁ ଉଦଘାଟନ କରିଛନ୍ତି ବଲିଉଡ ତାରକା ସୋନୁ ସୁଦ। ପାରମ୍ପରିକ କାରିଗରସିପ ଏବଂ ସ୍ଥାୟୀ ଫ୍ୟାଶନ ପ୍ରତି ଅଗ୍ରସର ହୋଇ ଭାରତର ଅଗ୍ରଗାମୀ ଲାଇଫଷ୍ଟାଇଲ ବ୍ରାଣ୍ଡର ଫାବ ଇଣ୍ଡିଆ ଏହାର ନୂଆ ଷ୍ଟୋରକୁ ସ୍ଥାନୀୟ ଆଇଟିଆଇ ଛକଠାରେ ଖୋଲିଛି। ଏହି ଅବସରରେ ସୋନୁ ସୁଦ କହିଥିଲେ ଯେ, ବାଲେଶ୍ୱରକୁ ଆସି ବହୁତ ଖୁସି ଲାଗୁଛି। ଓଡ଼ିଶାକୁ ବିଶେଷ ଭାବେ ଭଲ ପାଉଥିବା ବେଳେ ଓଡ଼ିଶାର ଖାଇବା ପିଇବା, ଚଳଣି ସାଙ୍ଗକୁ ଏଠାକର ଲୋକେ ବହୁତ ଭଲ। ଏହାଛଡା ଭାରତର ପାରମ୍ପରିକ ବସ୍ତ୍ରକୁ ନେଇ ଫାବ ଇଣ୍ଡିଆ କରିଥିବା ଷ୍ଟୋରକୁ ପ୍ରଶଂସା କରିବା ସହ ଏଭଳି ଏକ ଶୋରୁମକୁ ଉଦଘାଟନ କରିଥିବାରୁ ମୁଁ ନିଜକୁ ଗର୍ବିତ ମନେକରୁଛି ବୋଲି ସୋନୁ ସୁଦ କହିଛନ୍ତି। ଚଳଚିତ୍ର ବ୍ୟତିତ ଗରିବ ଲୋକମାନଙ୍କୁ ସହଯୋଗ କରିବା ଉପରେ କହିଛନ୍ତି ଯେ, ସେ ସବୁବେଳେ ଲୋକମାନଙ୍କୁ ସାହଯ୍ୟ କରିବାକୁ ପସନ୍ଦ କରନ୍ତି। ବହୁତ ପ୍ରତିକୂଳ ପରିବେଶରେ ନିଜକୁ ଏତେବାଟ ଆଣିପାରିଥିବା ବେଳେ ଲୋକମାନଙ୍କୁ ସହଯୋଗ କରି ସେ ନିଜେ ଖୁସି ଅନୁଭବ କରନ୍ତି ବୋଲି ଗଣମାଧମକୁ ସୂଚନା ଦେଇଛନ୍ତି। ଅନ୍ୟତମ ଅତିଥି ଭାବେ ଫାବ ଇଣ୍ଡିଆର ମାଲିକ ତଥା ଷ୍ଟୋର ପାର୍ଟନର ସଞ୍ଜୀବ ମହାନ୍ତିଙ୍କ ସମେତ ଅନ୍ୟ ଦୁଇ ପାର୍ଟନର ମୋନାସିସ ଦାସ ଓ ନିବେଦିତା ଦାସ ଉପସ୍ଥିତ ଥିଲେ। ଏହି ଷ୍ଟୋରରେ ପୁରୁଷ, ନାରୀ ଓ ଶିଶୁଙ୍କ ପାଇଁ ପାରମ୍ପରିକ ଓ ଆଧୁନିକ ପୋଷାକ ଯଥା କୁର୍ତ୍ତା, ଶାଢ଼ୀ, ଟ୍ୟୁନିକ, ସାର୍ଟ ଓ ଉତ୍ସବୀୟ ସଂଗ୍ରହ ସାମଗ୍ରୀ ମଧ୍ୟ ଉପଲବ୍ଧ ରହିଛି। ଏହାବ୍ୟତିତ ଘର କରଣା ସାମଗ୍ରୀ ମଧ୍ୟରେ ହସ୍ତଶିଳ୍ପ ଫର୍ନିଚର, ବେଡଲିନେନ, ପରଦା, ରଗସ ଓ ସାଜସଜ୍ଜା ସାମଗ୍ରୀ ମଧ୍ୟ ଉପଲବ୍ଧ ରହିଛି। ଏହାବ୍ୟତିତ ୱେଲନେସ ଓ ପର୍ସନାଲ କେୟାର ଶ୍ରେଣୀର ପ୍ରାକୃତିକ ଉତ୍ପାଦିତ ତ୍ୱଚା ଓ ଶରୀର ସେବା ସାମଗ୍ରୀ ରହିଥିବା ବେଳେ ଜୈବିକ ଖାଦ୍ୟ ବିଭାଗରେ ଡାଲି, ମସଲା, ଚା, ତେଲ ଓ ଅନ୍ୟାନ୍ୟ ପ୍ରାକୃତିକ ଖାଦ୍ୟ ସାମଗ୍ରୀ ରହିଛି ବୋଲି ଫାବ ଇଣ୍ଡିଆ ପକ୍ଷରୁ କୁହାଯାଇଛି। ଏହାଛଡ଼ା ଜୁଏଲେରି, ବ୍ୟାଗ ଓ ଆସେସୋରିଜ ବିଭାଗରେ ଆଧୁନିକ ଓ ଆଭିଜାତ୍ୟ ଦେଖାପାଇଁ ଗୁରୁତ୍ୱ ପ୍ରଦାନ କରୁଛି। ଏ ନେଇ ଫ୍ରାଞ୍ଚାଇଜ ମାଲିକ ଶ୍ରୀ ମହାନ୍ତି କହିଛନ୍ତି ଯେ, ବାଲେଶ୍ୱରର ଲୋକଙ୍କ ନିକଟକୁ ଫାବଇଣ୍ଡିଆର ପାରମ୍ପରିକତା ଓ ଆଧୁନିକତାର ସମନ୍ୱୟ ଆଣିପାରିଥିବାରୁ ଆମେ ଗର୍ବିତ। ଏହି ଷ୍ଟୋରଟି ଗ୍ରାହକମାନଙ୍କୁ ଗ୍ରାହକସେବୀ ଉଷ୍ମ ଓ ପାରିବାରିକ ପରିବେଶ ଆଣିଦେବ।



**ଉଦ୍‌ଘାଟନ କଲେ ବଲିଉଡ ତାରକା ସୋନୁ ସୁଦ**

**ସୋନୁ ସୁଦଙ୍କୁ ଦେଖିବାକୁ ପ୍ରବଳ ଭିଡ:** ଆଇଟିଆଇ ଛକ ଠାରେ ଫାବ୍ ଇଣ୍ଡିଆ ଶୋ'ରୁମ ଉଦ୍‌ଘାଟନ ଅବସରରେ ବଲିଉଡ ତାରକା ସୋନୁ ସୁଦଙ୍କୁ ଦେଖିବା ପାଇଁ ଲୋକଙ୍କ ପ୍ରବଳ ଭିଡ଼ ଲାଗିଥିଲା। ସୋନୁ ସୁଦଙ୍କ ଟିକେ ଝଲକ ପାଇବା ପାଇଁ ଦୀର୍ଘ ସମୟ ଧରି ସେଠାରେ ପ୍ରଶଂସକ ଅପେକ୍ଷା କରି ରହିଥିଲେ। ସୋନୁ ସୁଦ ନିଜ ପ୍ରଶଂସକଙ୍କ ସହ ସେଲ୍‌ଫି ଉଠାଇବା ସହ ସେମାନଙ୍କ ସହ ବାର୍ତ୍ତାଳାପ ମଧ୍ୟ କରିଥିଲେ।

# ବସ୍‌ଷ୍ଟାଣ୍ଡ ସହ ରେଳଷ୍ଟେସନ ସଂଯୋଗକୁ ଅପେକ୍ଷା

ବାଲେଶ୍ୱର,୧୪।୧୦(ସମିସ)



**ବାଲେଶ୍ୱର ଷ୍ଟେସନର ପଶ୍ଚିମ ପାଖକୁ ପ୍ଲାଟଫର୍ମ ବୃଦ୍ଧି କେବେ**

ରେମୁଣାକୁ ମେଡିକାଲ କଲେଜ ସ୍ଥାନାନ୍ତର ହୋଇଯାଇଛି। ବସ୍‌ଷ୍ଟାଣ୍ଡଠୁ ଆରମ୍ଭ କରି ଅନେକ ଶିକ୍ଷାନୁଷ୍ଠାନ ବି ସେପଟେ ରହିଛି। ସେପଟେ ଏବେ ଏମସ୍, ନୋସି, ମେଡିକାଲ କଲେଜ, ସରକାରୀ ପଲିଟେକନିକ, କ୍ଷୀରଚୋରା ଗୋପୀନାଥ ମନ୍ଦିର, ଇମାମି ମନ୍ଦିର, ଫକୀରମୋହନ ବିଶ୍ୱବିଦ୍ୟାଳୟ ଏବଂ କେନ୍ଦ୍ରୀୟ ବିଦ୍ୟାଳୟ ଆଦି ରହିଛି। ହେଲେ ଏପର୍ଯ୍ୟନ୍ତ ବାଲେଶ୍ୱର ରେଳ ଷ୍ଟେସନର ପଶ୍ଚିମ ପଟକୁ ପ୍ଲାଟଫର୍ମ ବୃଦ୍ଧି ହୋଇନାହିଁ କି ଲୋକଙ୍କ ସୁବିଧାଜନକ ଯାତାୟାତ ପାଇଁ ବ୍ୟବସ୍ଥା ନାହିଁ। ଫଳରେ ଲୋକମାନେ ଟ୍ରେନ୍‌ରୁ ଓହ୍ଲାଇବା ଏବଂ ଟ୍ରେନ୍ ଧରିବା ପାଇଁ ଷ୍ଟେସନ୍ ଛକରୁ ସାମ୍ନା ପଟ ଉପରେ ନିର୍ଭର କରୁଛନ୍ତି। ଟ୍ରେନରେ ଆସି ଅନେକ ଲୋକ ଡାକ୍ତର ଦେଖାଇବା ପାଇଁ ମେଡ଼ିକାଲ କଲେଜ, ପିଲା ପଢ଼ିବା ପାଇଁ ବିଶ୍ୱବିଦ୍ୟାଳୟ, ପଲିଟେକନିକ୍ ଆଦିକୁ ଯିବା ବେଳେ ଟ୍ରେନ ଲାଇନ ପାର ହୋଇ ବହୁ କଷ୍ଟରେ ପଛପଟେ ଯାଉଛନ୍ତି। ସପଟେ ପୁଣି ମାଲ ଗାଡ଼ି ଛିଡ଼ା ହେଉଛି। ଯାହା ଫଳରେ ଲୋକ ବହୁ ହଇରାଣ ହେଉଛନ୍ତି। ତେଣୁ ପ୍ଲାଟଫର୍ମ ସଂଖ୍ୟା ବୃଦ୍ଧି ସହ ବାଇକ୍ କାର ପାର୍କିଂ ସହ ଅଟୋ ଷ୍ଟାଣ୍ଡ ବ୍ୟବସ୍ଥା ହେବା ଦରକାର ବୋଲି ଦାବି ହୋଇଛି। ବାଲେଶ୍ୱର ରେଳ ଷ୍ଟେସନରେ ୪ଟି ପ୍ଲାଟଫର୍ମ ରହିଛି। ହେଲେ ପଛ ପଟ ଅର୍ଥାତ୍ ଷ୍ଟେସନ ପଶ୍ଚିମ ପଟକୁ ଯିବାଆସିବା ପାଇଁ ବ୍ୟବସ୍ଥା ନାହିଁ। ସେପଟେ ପ୍ଲାଟଫର୍ମ ସଂଖ୍ୟା ବଢ଼ିବା ଆବଶ୍ୟକ ନେଇ ଏବେ ଅତୀତରେ ଦାବି ଉଠିଛି। ବିଶେଷକରି ଟ୍ରେନ ଛିଡ଼ା ହେବାର ବ୍ୟବସ୍ଥା, ଏହା ସହ ଶୌଚାଳୟ, ୧ ନମ୍ବର ପ୍ଲାଟଫର୍ମରୁ ଶେଷ ଆଡ଼କୁ ଯିବା ପାଇଁ ସିଡ଼ିର ବ୍ୟବସ୍ଥା ରହିବା ଦରକାର। ଫଳରେ ଲୋକ ସୁବିଧାରେ ଓହ୍ଲେଇ ବସ୍‌ଷ୍ଟାଣ୍ଡ ସହିତ ସେପଟର ଅନ୍ୟ ଜାଗାରୁ ଯାଇପାରିବେ। ଏଥିସହିତ ଷ୍ଟେସନରେ ଏବେ ଆଉ ମାଲ ଗାଡ଼ି ନ ଲାଗିବା ସହ ଷ୍ଟେସନ ଆଉ ବସ୍ ଷ୍ଟାଣ୍ଡ ସଂଯୋଗ ହେଲେ ଲୋକ ବହୁ ମାତ୍ରାରେ ଉପକୃତ ହୋଇପାରିବେ ବୋଲି ମତପ୍ରକାଶ ପାଇଛି। 'ଯେହେତୁ ରେମୁଣା ଆଡକୁ ବିଶ୍ୱବିଦ୍ୟାଳୟଠୁ ଆରମ୍ଭ କରି ବସଷ୍ଟାଣ୍ଡ ଏବଂ ବଡ ବଡ ଶିଳ୍ପସଂସ୍ଥା ରହିଛି, ସେଥିପାଇଁ ବାଲେଶ୍ୱର ରେଳଷ୍ଟେସନର ପଶ୍ଚିମ ପଟକୁ ପ୍ଲାଟଫର୍ମ ବୃଦ୍ଧି ପାଇଁ କିଛି ବର୍ଷ ତଳେ ସିଭିଲ ସୋସାଇଟି ଦାବି ଉଠାଇବା ସହ ଡିଆରଏମଙ୍କ ଆଲୋଚନା କରିଥିଲୁ। ଏକ ନମ୍ବର୍ ପ୍ଲାଟଫର୍ମରେ ଓହ୍ଲାଇ ଯାତ୍ରୀ ଜଣକ ସହଦେବଖୁଣ୍ଟା, ନୂଆସାହି ଗଲେ ଅନେକ ବାଟ ଯିବା ସହ ଅଟୋ ଭଡା ମଧ୍ୟ ଅଧିକ ପଡିଯାଉଛି। ତେଣୁ ପଶ୍ଚିମ ପଟକୁ ପ୍ଲାଟଫର୍ମ ହେଲେ ସେପଟେ ରିକ୍ସାଠୁ ଆରମ୍ଭ କରି ଅଟୋ ବ୍ୟବସ୍ଥା ରହିବ। ଦୋକାନ ବଜାର ବି ରହିବା ଦରକାର। ବସଷ୍ଟାଣ୍ଡରୁ ଆସୁଥିବା ଲୋକ ସୁବିଧାରେ ଟ୍ରେନ୍ ଧରିପାରିବ। ଆମେ ଦାବି କରିବା ପରେ ସପଟେ ଟିକେଟ କାଉଣ୍ଟର କରିଛନ୍ତି। ସେପଟେ ୫ ନମ୍ବର ପ୍ଲାଟଫର୍ମ ଆବଶ୍ୟକ ରହିଛି ଏବଂ ସିଡି ବ୍ୟବସ୍ଥା ବୃଦ୍ଧି ହେବା ଦରକାର। ବହୁତ ଦାବି ପରେ ଗୋଟେ ଲୁହା ସିଡି ହୋଇଛି। କିନ୍ତୁ ରାତି ସମୟରେ ପଶ୍ଚିମ ପାଖରେ ଓହ୍ଲେଇଲେ ତାହା ନିଛାଟିଆ ସ୍ଥାନ। ଏବେ ଏହା ସୁରକ୍ଷିତ ନୁହେଁ ଏବେ ବୋଲି ସଂଗଠକ ଗୌରାଙ୍ଗ ପାଣିଗ୍ରାହୀ ମତବ୍ୟକ୍ତ କରିଛନ୍ତି। ସେହିପରି ସିଭିଲ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ କହିଛନ୍ତି, ୨୦୧୭ ମସିହା ବେଳକୁ ସିଭିଲ ସୋସାଇଟି ପକ୍ଷରୁ ଖଡଗପୁର ଯାଇ ଏଡିଆରଏମଙ୍କ ସହିତ ଆଲୋଚନା ହୋଇଥିଲା। ଏହି ଆଲୋଚନାରେ ରେଳ ଷ୍ଟେସନର ପଶ୍ଚିମ ପାଖକୁ ପ୍ଲାଟଫର୍ମ ବୃଦ୍ଧି ହେବା ନେଇ ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା ମାତ୍ର ପରେ ତାହା ବନ୍ଦ ହୋଇଗଲା। ଯେଉଁ ଦାବି ସିଭିଲ ସୋସାଇଟି ଦୀର୍ଘ ଦିନ ଧରି କରିଆସିଛି ତାହା ପୂରଣ ହେବା ଉଚିତ। ଗୋଧିବସା ବାସିନ୍ଦାଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରି ସେପଟେ ୫ ନମ୍ବର ପ୍ଲାଟଫର୍ମ ନିର୍ମାଣ ହେଉ। ୧ ନମ୍ବରରୁ ୫ ନମ୍ବର ପର୍ଯ୍ୟନ୍ତ ଯିବା ପାଇଁ ସିଡ଼ିର ବ୍ୟବସ୍ଥା ରହୁ। ତେବେ ଏହି ଦାବି ନେଇ ସିଭିଲ ସୋସାଇଟି ଆନ୍ଦୋଳନକୁ ଓହ୍ଲାଇବା ପାଇଁ ନିଷ୍ପତ୍ତି ନେଇଛି'। ତେବେ ଅମୃତ ଷ୍ଟେସନ ନିର୍ମାଣ ଯୋଜନାରେ ବାଲେଶ୍ୱର ଷ୍ଟେସନରେ ଷ୍ଟେସନ ବିଲଡିଂ ତଥା ପ୍ଲାଟଫର୍ମ ବୃଦ୍ଧି ସହ ବସ୍‌ଷ୍ଟାଣ୍ଡ ସହ ସଂଯୋଗର ଯୋଜନା ରହିଥିବା ନେଇ ସୂଚନା ମିଳିଛି।

## ନୂଆସାହିରେ କୃତ୍ରିମ ବନ୍ୟାର ସ୍ଥାୟୀ ପ୍ରତିକାର ବୈଠକ

**ବାଲେଶ୍ୱର,୧୪।୧୦(ସମିସ):** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ନୂଆସାହି ଛକ ଠାରେ ବର୍ଷାରେ ସୃଷ୍ଟି କୃତ୍ରିମ ବନ୍ୟାର ସ୍ଥାୟୀ ପ୍ରତିକାର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସରକାରଙ୍କ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ସଦର ବିଧାୟକ ମାନସ କୁମାର ଦତ୍ତ, ବାଲେଶ୍ୱର ପୌର ଅଧକ୍ଷା ସବିତା ସାହୁଙ୍କ ସମେତ ବିଭିନ୍ନ ଅଞ୍ଚଳର ସରପଞ୍ଚ, ପୌରପାଳିକା କାଉନସିଲର, ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ବିଶେଷ କରି ଲଗାଣ ବର୍ଷା ହେବା ଫଳରେ ସହରର ନୂଆସାହି ଛକ ଠାରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ଯାହାଫଳରେ ଲୋକେ ବହୁ ଅସୁବିଧାରେ ସମ୍ମୁଖିନ ହେଉଛନ୍ତି। ଏଣୁ ଏହାର ସ୍ଥାୟୀ ପ୍ରତିକାର କିପରି ଭାବେ କରାଯିବ ତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

● ପଶ୍ଚିମବଙ୍ଗରେ ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ମାମଲା

# ଦୁର୍ଗାପୁର ମେଡିକାଲରେ ବାଲେଶ୍ୱର ସାଂସଦ ହଟହଟା



**ବାଲେଶ୍ୱର,୧୪।୧୦(ସମିସ):** ପଶ୍ଚିମବଙ୍ଗରେ ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ମାମଲାରେ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ ଦୁର୍ଗାପୁରରେ ସରକାରୀ ମେଡିକାଲ ମେଡିକାଲ କଲେଜରେ ଚିକିତ୍ସିତ ହେଉଥିବା ପୀଡ଼ିତ ଛାତ୍ରୀଙ୍କୁ ଦେଖା କରିବାକୁ ଯାଇ ହଟହଟା ହୋଇଛନ୍ତି। ବିଜେପିର ଏକ ୩୨ଜଣିଆ ଟିମ୍ ପଶ୍ଚିମବଙ୍ଗ ଯାଇଥିଲା। ତେବେ ସାଂସଦ ମେଡ଼ିକାଲକୁ ପ୍ରବେଶ କରିବାକୁ ଯାଇଥିବାବେଳେ ପଶ୍ଚିମବଙ୍ଗ ମେଡ଼ିକାଲ ପକ୍ଷରୁ ତାଙ୍କୁ ବାରଣ କରାଯାଇଥିଲା। ଦୀର୍ଘ ଏକ ଘଣ୍ଟା ଧରି ସେ ମେଡ଼ିକାଲ ବାହାରେ ରହିଥିଲେ। ଏହି ଘଟଣାକୁ ନେଇ ବିଜେପି କର୍ମୀ ଏବଂ ମେଡିକାଲ କଲେଜର ସୁରକ୍ଷାକର୍ମୀମାନଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ଏବଂ ହାତାହାତି ପରିସ୍ଥିତି ମଧ୍ୟ ହୋଇଥିଲା। ପରେ ବିଜେପି ପ୍ରତିନିଧି ଦଳ ଓ ସାଂସଦ ପ୍ରତାପ ଷଡ଼ଙ୍ଗୀ ମେଡିକାଲ କଲେଜ ପରିସରରେ ପ୍ରବେଶ କରିଥିଲେ। ଏହି ସମୟରେ ଗୋଟିଏ ଘଣ୍ଟା ଅଟକ ରଖିବା ପରିପ୍ରେକ୍ଷୀରେ ସାଂସଦ ଅସନ୍ତୋଷ ପ୍ରକାଶ କରିବା ସହ ଏହା ମମତା ବାନାର୍ଜୀଙ୍କ ରାଜନୈତିକ ଅସହିଷ୍ଣୁତା ବୋଲି କହିଛନ୍ତି। ପୀଡ଼ିତାଙ୍କ ଚିକିତ୍ସା ସନ୍ତୋଷଜନକ ନୁହେଁ ଏବଂ ଉନ୍ନତ ଚିକିତ୍ସା ପାଇଁ ଭୁବନେଶ୍ୱର ନେବାକୁ ଚାହାନ୍ତି ବୋଲି ସାଂସଦ କହିଛନ୍ତି। ପରେ ସେଠାରେ ସାଂସଦ ମେଡ଼ିକାଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିବା ଜଣା ଯାଇଛି।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆନ୍ତଃ-ମହାବିଦ୍ୟାଳୟ ଫୁଟବଲ୍ ଓ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ




**ବାଲେଶ୍ୱର,୧୪।୧୦(ସମିସ):** ଫକୀରମୋହନ ବିଶ୍ୱବିଦ୍ୟାଳୟର କ୍ରୀଡା ପରିଷଦ ଦ୍ୱାରା ସଫଳତାର ସହିତ ଆନ୍ତଃ-ମହାବିଦ୍ୟାଳୟ ଫୁଟବଲ୍ (ପୁରୁଷ) ବ୍ୟାଡମିଣ୍ଟନ୍ (ପୁରୁଷ) ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର ଛାତ୍ରମାନଙ୍କର ଅଂଶଗ୍ରହଣ ଓ ଉଲ୍ଲେଖନୀୟ ପ୍ରଦର୍ଶନ ଦେଖାଯାଇଛି। ଆୟୋଜିତ ଆନ୍ତଃ-ମହାବିଦ୍ୟାଳୟ ଫୁଟବଲ୍ (ପୁରୁଷ) ଟୁର୍ନାମେଣ୍ଟରେ ପାଞ୍ଚଟି ଦଳ ଅଂଶଗ୍ରହଣ କରିଥିଲେ ଏଫ.ଏମ୍. ଅଟୋନୋମସ୍ କଲେଜ୍ (ବାଲେଶ୍ୱର), ରେମୁଣା ଡିଗ୍ରୀ କଲେଜ୍ (ରେମୁଣା), ଫକୀରମୋହନ ମେଡିକାଲ୍ କଲେଜ୍ (ବାଲେଶ୍ୱର), ଏସ.ଆର. କଲେଜ୍ (ବାଲିଆପାଳ) ଓ ପି.ଜି. କାଉନସିଲ୍, ଫକୀରମୋହନ ବିଶ୍ୱବିଦ୍ୟାଳୟ। ଅନୁଷ୍ଠିତ ଲିଗ୍ ମ୍ୟାଚ୍ ଗୁଡ଼ିକ ପରେ ଏସ.ଆର. କଲେଜ୍, ବାଲିଆପାଳ ଚ୍ୟାମ୍ପିୟନ୍ ହୋଇଥିଲେ ଓ ରେମୁଣା ଡିଗ୍ରୀ କଲେଜ୍ ରନର୍-ଅପ୍ ହିସାବରେ ସ୍ଥାନ ପାଇଥିଲେ। ସମାପନ ସମାରୋହରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ଭାସ୍କର ବେହେରା, କୁଳସଚିବ କୁକୁମୀନା ଦାସ, କ୍ରୀଡା ପରିଷଦର ନିର୍ଦ୍ଦେଶକ ଡ଼କ୍ଟର ପବିତ୍ରମୋହନ ନାୟକ, ଉପନିର୍ଦ୍ଦେଶକ ଡ଼କ୍ଟର ଅମିତ କୁମାର ଶର୍ମା, ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ଡ଼କ୍ଟର ନିହାର ରଞ୍ଜନ ରାଉତ, ସି.ଡି.ସି ନିର୍ଦ୍ଦେଶକ ଡ଼କ୍ଟର ସନ୍ତୋଷ ଅଗ୍ରୱାଲା, ଓ ଶାରୀରିକ ଶିକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବିଶୋଇ ପ୍ରମୁଖ ଉପସ୍ଥିତ ରହିଥିଲେ। ସମସ୍ତେ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରି ସମ୍ମାନିତ କରିଥିଲେ। ସେହିପରି ଆଜି ଆନ୍ତଃ-ମହାବିଦ୍ୟାଳୟ ବ୍ୟାଡମିଣ୍ଟନ୍ (ପୁରୁଷ) ଟୁର୍ନାମେଣ୍ଟରେ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ସାତଟି ଦଳ ଅଂଶଗ୍ରହଣ କରିଥିଲେ। ସିଙ୍ଗଲ୍ସ କ୍ୟାଟେଗୋରୀ ରେ ଏଫ.ଏମ୍. ଅଟୋନୋମସ୍ କଲେଜ୍, ବାଲେଶ୍ୱର ବିଜେତା ହୋଇଥିଲେ ଓ ଫକୀରମୋହନ ବିଶ୍ୱବିଦ୍ୟାଳୟ ପି.ଜି. କାଉନସିଲ୍ ଦଳ ରନର୍-ଅପ୍ ହୋଇଥିଲେ। ଡବଲ୍ସ କ୍ୟାଟେଗୋରୀ ରେ ଏଫ.ଏମ୍. ଅଟୋନୋମସ୍ କଲେଜ୍ ଦୁଇଟି ଟାଇଟଲ୍ ନିଜସ୍ୱ କରିଥିଲେ (ବିଜେତା ଓ ଉପବିଜେତା)। ସମାପନ ସମାରୋହରେ କୁଳପତି ପ୍ରଫେସର ତ୍ରିପାଠୀଙ୍କ ସହ ପବିତ୍ର ମୋହନ ନାୟକ, ଅମିତ କୁମାର ଶର୍ମା, ନିହାର ରଞ୍ଜନ ରାଉତ, ସନ୍ତୋଷ ଅଗ୍ରୱାଲା, ସଂଗ୍ରାମ କେଶରୀ ବିଶୋଇ, ବିବେକାନନ୍ଦ ନାୟକ ଓ ଅସିମ ଅମିତାଭ ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ।



**ବିପର୍ଯ୍ୟସ୍ତ ହେଲାଣି ସହର ସୁରକ୍ଷା ବ୍ୟବସ୍ଥା**

# ୫୬ ସିସିଟିଭିରୁ ଅଚଳ ଅବସ୍ଥାରେ ୫୨

**ରାତି ପାଟ୍ରୋଲିଂ ବ୍ୟବସ୍ଥା ଢିଲା**

ନୟାଗଡ଼,୧୪।୧୦(ସମିସ)

ନୟାଗଡ଼ ସହର ସୁରକ୍ଷା ବ୍ୟବସ୍ଥା ଦିନକୁ ଦିନ ବିପର୍ଯ୍ୟସ୍ତ ହେଲାଣି। ସହରରେ ଚୋରି, ଡକାୟତି ଓ ରାହାଜାନୀ ଦିନକୁ ଦିନ ବୃଦ୍ଧି ପାଉଛି। ଏହା ସହିତ ସହର ମଧ୍ୟ ଦିନକୁ ଦିନ ବୃଦ୍ଧି ପାଉଛି। ଚୋରି, ଡକାୟତି ରୋକିବା ପାଇଁ ନୟାଗଡ଼ ସହରରେ ସିସିଟିଭି ବ୍ୟବସ୍ଥା କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ୫୬ଟି ସିସିଟିଭି ଲଗାଯାଇଥିଲା। ଏହି ସିସିଟିଭି ଦ୍ୱାରା ପୂରା ସହରକୁ ନଜର ରଖାଯାଉଥିଲା। ନୟାଗଡ଼ ଟାଉନଥାନା ନିକଟସ୍ଥ ପୁରୁଣା ଏସ୍‌ଡିପିଓ କାର୍ଯ୍ୟାଳୟ ଗୃହରେ ଏହାର କଣ୍ଟ୍ରୋଲ୍ ରୁମ କରାଯାଇଥିଲା। ୫୬ଟି ସିସିଟିଭି ମଧ୍ୟରୁ ଏବେ ମାତ୍ର ୪ଟି କାର୍ଯ୍ୟ କରୁଥିବା ବେଳେ ୫୨ଟି ଅଚଳ ଅବସ୍ଥାକୁ ଚାଲି ଆସିଥିବା ସୂଚନା ମିଳିଛି। ପ୍ରଥମ ପର୍ଯ୍ୟାୟ ସିସିଟିଭି ଲଗାଯିବା ପରେ ସିସିଟିଭି ସଂଖ୍ୟା ବୃଦ୍ଧି କରାଯିବାକୁ ଯୋଜନା ରହିଥିଲା। ଏହା ସହିତ ନିର୍ବାଚନ ମଣ୍ଡଳୀ ସମୀକ୍ଷା ବୈଠକରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ମହାବିଦ୍ୟାଳୟ, ବିଦ୍ୟାଳୟ ଓ ଘରୋଇ ଶିକ୍ଷାନୁଷ୍ଠାନ ଗୁଡ଼ିକର ସିସିଟିଭି ବ୍ୟବସ୍ଥାକୁ ପୁଲିସ କଣ୍ଟ୍ରୋଲରୁ ଆଣିବାକୁ ପ୍ରସ୍ତାବ ମଧ୍ୟ ଦେଇଥିଲେ। ଫଳରେ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଅଣଛାତ୍ରଙ୍କ ଗତିବିଧି ସହ ଛାତ୍ରଛାତ୍ରୀଙ୍କୁ ସୁରକ୍ଷା ଦିଆଯାଇ ପାରିବ ବୋଲି ବିଧାୟକ କହିଥିଲେ। ଏହା ସହିତ ସହରରେ ରହିଥିବା ବଡ଼ ବଡ଼ ବ୍ୟବସାୟ ପ୍ରତିଷ୍ଠାନ ସିସିଟିଭି ଗୁଡ଼ିକୁ ମଧ୍ୟ ପୁଲିସ କଣ୍ଟ୍ରୋଲରୁ ଅଣାଯାଇପାରିଥାନ୍ତା। ବିଧାୟକଙ୍କ ପ୍ରସ୍ତାବ ଏଯାଏଁ କାର୍ଯ୍ୟକାରୀ କରିବାକୁ ଜିଲ୍ଲା ପ୍ରଶାସନ କୌଣସି ଯୋଜନା ପ୍ରସ୍ତୁତ କରିନଥିବା ବେଳେ ଲାଗିଥିବା ସିସିଟିଭି ମଧ୍ୟରୁ ୫୨ଟି ଅଚଳ ଅବସ୍ଥାକୁ ଚାଲିଯିବା ସହର ବାସୀଙ୍କୁ ଚିନ୍ତାରେ ପକାଇଛି। ମାତ୍ର ୪ଟି ସିସିଟିଭି କାର୍ଯ୍ୟ କରୁଥିବା ବେଳେ ପୁଲିସ ଚୋର, ଡକାୟତଙ୍କୁ ଧରିବାକୁ କେବଳ ଅନ୍ଧାରରେ ବାଡ଼ି ବୁଲାଉଥିବା ଜଣାପଡ଼ିଛି। ନୟାଗଡ଼ ସହରର ବିଭିନ୍ନ କଲୋନୀରୁ ବାରମ୍ବାର ଚୋରି ହେଉଥିବା ବେଳେ ଲୋକେ ସର୍ବସ୍ୱାନ୍ତ ହେଉଛନ୍ତି। ଚୋର ଧରା ପଡୁନଥିବା ବେଳେ ଚୋରି ସାମଗ୍ରୀ ମଧ୍ୟ ଉଦ୍ଧାର କରାଯାଇପାରୁନାହିଁ। ଫଳରେ ଜିଲ୍ଲା ବାହାରୁ ନୟାଗଡ଼କୁ ଆସି ଚୋରମାନେ ସଫଳତା ପାଉଥିବା ବେଳେ ପୁଲିସ ହାତ ବାନ୍ଧି ବସୁଛି। ନୟାଗଡ଼ ସହରରେ ପୁଲିସ ପାଟ୍ରୋଲିଂ ବୃଦ୍ଧି କରିବାକୁ ଦାବି ହେଉଥିବା ବେଳେ ଦିନକୁ ଦିନ ପାଟ୍ରୋଲିଂ କମୁଥିବା ଦେଖିବାକୁ ମିଳିଛି। ନୟାଗଡ଼ ସହରର ବିଭିନ୍ନ ଗଳି କନ୍ଦିରେ ରାତିରେ ବାଇକ୍ ପାଟ୍ରୋଲିଂ ବ୍ୟବସ୍ଥା କରାଯାଇଥିଲା। ଏବେ ବାଇକ୍ ପାଟ୍ରୋଲିଂ ହେଉନଥିବା ବିଭିନ୍ନ କଲୋନୀ ବାସୀ କହିଛନ୍ତି। ସବୁଠାରୁ ଭିଆଇପି ଅଞ୍ଚଳ କୁହା ଯାଉଥିବା ଦେବୋତ୍ତର କଲୋନୀ, ନୟାଗଡ଼ ଲକ୍ଷ୍ମଣ ନଗର, ନୀଳାଦ୍ରି ବିହାର ମିଶ୍ର କଲୋନୀ ପ୍ରଭୃତି ଅଞ୍ଚଳରେ ରାତିରେ ପୁଲିସ ପାଦ ପଡୁନଥିବା ଅଭିଯୋଗ ହେଉଛି। ସେହିଭଳି ଭାବେ ହାଉସିଂ ବୋର୍ଡ ବାସିନ୍ଦା ରାତିରେ ବାହାରକୁ ବାହାରିବାକୁ ଭୟ କରୁଛନ୍ତି। ନୟାଗଡ଼ ସହରର ସୁରକ୍ଷା ଦୃଷ୍ଟିରୁ ସିସିଟିଭି ବ୍ୟବସ୍ଥାକୁ ସଜାଡ଼ିବା ଏବଂ ଏହା ସହିତ ସିସିଟିଭି ସଂଖ୍ୟା ବୃଦ୍ଧି କରିବାକୁ ଦାବି ହେଉଛି।

## କବାଡିଆ ଗୋଦାମରେ ଚଢ଼ଉ

ଭାପୁର, ୧୪।୧୦(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ବିଜିପୁର ପଞ୍ଚାୟତ ଚାରିଛକରେ ଥିବା ଏକ କବାଡିଆ ଗୋଦାମରେ ଗତକାଲି ଭାପୁର ଫାଣ୍ଡି ପକ୍ଷରୁ ଚଢ଼ଉ କରି ବେନିୟମ ଭାବେ ରଖାଯାଇଥିବା କିଛି ଚୋରା ସାମଗ୍ରୀ ଜବତ କରାଯାଇଛି। ଏହି ଗୋଦାମର ମାଲିକ ଜଟଧାରୀ ବରାଡ଼ଙ୍କୁ ପୁଲିସ ଉଠାଇ ନେଇଛି। ଏନେଇ ଫାଣ୍ଡି ଅଧିକାରୀ ସୁଶାନ୍ତ କୁମାର ବେହେରା କୁହନ୍ତି ଜଣେ ଚୋରର କହିବା ଆଧାରରେ ଆମେ କବାଡ଼ିଆ ମାଲିକଙ୍କୁ ଡାକି ପଚରାଉଚରା କରୁଛୁ।

## ଇସ୍ତଫା ଦେଲେ ବିଜେପି ମଣ୍ଡଳ ସଭାପତି

ନୟାଗଡ଼,୧୪।୧୦(ସମିସ): ଓଡ଼ଗାଁ ଗ୍ରାମୀଣ ମଣ୍ଡଳ ସଭାପତି ନୃସିଂହ ଚରଣ ମହାପାତ୍ର ତାଙ୍କ ପଦରୁ ସ୍ୱେଚ୍ଛାକୃତ ଭାବରେ ଇସ୍ତଫା ପ୍ରଦାନ କରିଛନ୍ତି। ନିର୍ବାଚନ ପୂର୍ବରୁ ବିଜେପି ସକ୍ରିୟ ସଦସ୍ୟ ଭାବରେ ନିଷ୍ଠାପର ସହିତ ସେ କାର୍ଯ୍ୟ କରିଥିବା ସୋସିଆଲ ମିଡିଆରେ ଉଲ୍ଲେଖ କରିଛନ୍ତି।

ବିଜେପି ସରକାରରେ ଥାଇ ମଧ୍ୟ ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ ଜିଲ୍ଲା ପର୍ଯ୍ୟନ୍ତ ଅସ୍ତିତ୍ୱ ଥିବା ଭଳି ମନେ ହେଉନଥିବା ନେଇ ସେ କ୍ଷୋଭ ପ୍ରକାଶ କରିଛନ୍ତି। ଯାହାକୁ ନେଇ ସେ ନିଜର ବ୍ୟକ୍ତିଗତ ଅସୁବିଧା ଦର୍ଶାଇ ଇସ୍ତଫା ପ୍ରଦାନ କରିଥିବା ଏବଂ ଇସ୍ତଫା ପତ୍ରକୁ ସୋସିଆଲ ମିଡିଆରେ ପକାଇଥିବା ଜଣାପଡ଼ିଛି। ଏନେଇ ବିଜେପି ଜିଲ୍ଲା ସଭାପତି ତାପସ କୁମାର ମାର୍ଥାଙ୍କୁ ଯୋଗାଯୋଗ କରିବାରେ, ତାଙ୍କ ପାଖକୁ କୌଣସି ଇସ୍ତଫା ପତ୍ର ପହଞ୍ଚିନଥିବା ଏବଂ ଘଟଣା ସମ୍ପର୍କରେ ସେ ଜାଣିନଥିବା କହିଛନ୍ତି।

## ଭଣ୍ଡାର ପାହାଡ଼ରୁ ଢିମା ଓ ମୋରମ୍ ଚାଲାଣ



ଓଡ଼ଗାଁ,୧୪।୧୦(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଶରଣକୁଳର ଭଣ୍ଡାର ପାହାଡ଼ରୁ ଦୈନିକ ବେଆଇନ ଭାବେ ଢିମା ଓ ମୋରମ ମାଟି ଖୋଳି ତାଡ଼ି ଭାରିଜାନ ମାଧ୍ୟମରେ ବାହାରକୁ ଚାଲାଣ ହେଉଥିବା କାରଣରୁ ଶରଣକୁଳ-ଗୁଣ୍ଡୁରିବାରୀ ରାସ୍ତା ଏବେ ମରଣଯନ୍ତା ପାଲଟିଣି। ସ୍ଥାନୀୟ ଅଞ୍ଚଳବାସୀ ଏନେଇ ଯେତେ ଅଭିଯୋଗ କଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ପଞ୍ଚରିଡା ମାନପୁର ବନାଞ୍ଚଳ ଭଣ୍ଡାର ସଂରକ୍ଷିତ ଜଙ୍ଗଲର ଭଣ୍ଡାର ପାହାଡ଼ ପୂର୍ବ ପାଶ୍ୱର୍ରେ ଓଡ଼ିଶାର ଅନନ୍ୟ ହରିହର ପୀଠ ଭାବରେ ପ୍ରସିଦ୍ଧି ଅର୍ଜନ କରିଥିବା ସ୍ୱୟଂ ଆବିର୍ଭୂତ ବାବା ଲଡୁକେଶ୍ୱର ମହାଦେବଙ୍କ ମନ୍ଦିର ବିରାଜିତ। ଐତିହ୍ୟ ସମ୍ପନ୍ନ ଶରଣକୁଳ ମହୋତ୍ସବ ଭଣ୍ଡାର ମହୋତ୍ସବ ନାମରେ ନାମିତ ହୋଇଛି। ଏହାର ପାଦଦେଶରୁ ବେଆଇନ ଭାବେ ପ୍ରତିଦିନ ବହୁ ପରିମାଣରେ ଢିମା ପଥର ଓ ମୋରମ ଭାରିଜାନ ମାଧ୍ୟମରେ ଚାଲାଣ ହେଉଛି। ସଂରକ୍ଷିତ ଜଙ୍ଗଲରୁ ପାହାଡ଼ କାଟି ପଥର ମୋରମ ଚାଲାଣ ହେଉଥିବା ବେଳେ ବନ ବିଭାଗ ଆଖିରେ ଯେପରି ଅନ୍ଧପୁଟୁଳି ବାନ୍ଧି ବସିଥିବା ଅଭିଯୋଗ ହୋଇଛି। ବହୁ ପରିମାଣର ପଥର ଓ ଢିମା ଭାରିଜାନରେ ପରିବହନ ହେଉଥିବାରୁ ଶରଣକୁଳ ଠାରୁ ଗୁଣ୍ଡୁରିବାରୀ ରାସ୍ତା ଏବେ ନଷ୍ଟଭ୍ରଷ୍ଟ ହେଲାଣି। ପାହାଡ଼ର ଦକ୍ଷିଣ ପାଶ୍ୱର୍ରେ ପ୍ରାୟ ୨୫ ଫୁଟ ଉଚ୍ଚତା ଏବଂ ୭ଶହ ମିଟର ଚଉଡା ଅଂଶରୁ ବାହାରିଥିବା ପଥର ଓ ମୋରମ ଚାଲାଣ ହୋଇସାରିଛି। ଶରଣକୁଳ ଐତିହର ସ୍ମାରକ ବହନ କରୁଥିବା ଭଣ୍ଡାର ପାହାଡ଼ ତଥା ସଂରକ୍ଷିତ ଜଙ୍ଗଲର ସୁରକ୍ଷା ଓ ସଂରକ୍ଷଣ ନିତାନ୍ତ ଅପରିହାର୍ଯ୍ୟ ହୋଇଥିବା ବେଳେ ଜିଲ୍ଲା ପ୍ରଶାସନ ଏଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବା ସହିତ ଶରଣକୁଳ ଠାରୁ ଗୁଣ୍ଡୁରିବାରୀ ରାସ୍ତାର ପୁନଃ ନିର୍ମାଣ ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

## ‘ଉତ୍ତମ ପୋଷଣ ହିଁ ସୁସ୍ଥ ଜୀବନ ଦେଇଥାଏ’



ନୟାଗଡ଼,୧୪।୧୦(ସମିସ): ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ପୋଷଣ ମାସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶ, ଭାରପ୍ରାପ୍ତ ଉପଜିଲ୍ଲାପାଳ ପ୍ରଭାତୀ ମହାରଣା, ପୋଗ୍ରାମ ଅଫିସର୍ ଜୟଶ୍ରୀ ପଟ୍ଟନାୟକ, ଜୟଶ୍ରୀ ପ୍ରଧାନ, ସଞ୍ଜୁଲତା ପାଣିଗ୍ରାହୀ, ଜିଲ୍ଲା ସଂଯୋଜକ ଆଶିଷ ରଞ୍ଜନ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମର ଥିମ ମେଦବହୁଳତା କମାଇବା ପାଇଁ ଖାଦ୍ୟରେ ତେଲ ଲୁଣ କମ କରିବା, ଶୂନରୁ ତିନି ବର୍ଷ ପିଲାଙ୍କ ବୌଦ୍ଧିକ ବିକାଶକୁ ବୃଦ୍ଧି, ଗର୍ଭବତୀ ମାଆ ଓ ଶିଶୁଙ୍କ ଯତ୍ନ ଓ ସୁରକ୍ଷା ପାଇଁ, ମହିଳାମାନଙ୍କ ଶହ ପୁରୁଷଙ୍କ ସହଭାଗିତାକୁ ପ୍ରାଧାନ୍ୟ ଦେବା ଏହିଭଳି ବିଭିନ୍ନ ପ୍ରକାର ସଚେତନତା କରାଯାଇଥିଲା। ଉତ୍ତମ ପୋଷଣ ସୁସ୍ଥ ଜୀବନ ମାଆ ଓ ଶିଶୁ ମୃତ୍ୟୁ ହାର କମାଇବା, କୁପୋଷଣକୁ ଦୂର କରି ସୁପୋଷଣକୁ ଆଣିବା ରକ୍ତ ହୀନତା ଦୂରୀକରଣ କରାଇବା ପାଇଁ ସଚେତନ ଓ ରକ୍ତ ହୀନତା କିପର ଦୂର କରାଯାଇ ପାରିବ ତା ଉପରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକସ୍ତରୀୟ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଓ ଅଙ୍ଗନବାଡି କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

ଓଡ଼ଗାଁ : ନୟାଗଡ଼ ଜିଲ୍ଲା ଓଡ଼ଗାଁ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ତରଫରୁ ବ୍ଲକ୍ ପରିସରରେ ଥିବା ମିଶନ ଶକ୍ତି ଗୃହରେ ରାଷ୍ଟ୍ରୀୟ ପୋଷଣ ମାସ ପାଳିତ ହୋଇଯାଇଛି। ସେପ୍ଟେମ୍ବର ମାସ ୧୬ ତାରିଖରୁ ଆରମ୍ଭ ହୋଇ ଅକ୍ଟୋବର ୧୬ ପର୍ଯ୍ୟନ୍ତ ପୋଷଣ ମାସ ପାଳିତ ହୋଇଥାଏ। ଗୋଟିଏ ପାଶ୍ୱର୍ରେ ଅଙ୍ଗନବାଡ଼ି ୱାର୍କରଙ୍କ ଦ୍ୱାରା ଘରୋଇ ଭାବରେ ପୋଷଣଯୁକ୍ତ ପ୍ରସ୍ତୁତ ଖାଦ୍ୟର ପସରା ପ୍ରଦର୍ଶିତ ହୋଇଥିବା ବେଳେ ଅନ୍ୟ ପକ୍ଷରେ ଏହି ବିଷୟକୁ କେନ୍ଦ୍ର କରି ୧୦ ରୁ ୧୯ ବର୍ଷ ବୟସର କିଶୋରୀ ବାଳିକା ମାନଙ୍କ ମଧ୍ୟରେ ସାଧାରଣ ଜ୍ଞାନ, ଚିତ୍ରାଙ୍କନ, ରଚନା, ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କମ୍ ଓଜନର ମା’ ଏବଂ ଶିଶୁର ଯତ୍ନ, ଜଙ୍କଫୁଡ୍ ଇତ୍ୟାଦି ବାହାର ଖାଦ୍ୟ ନଖାଇ ଘରେ ପ୍ରସ୍ତୁତ ସୁସ୍ୱାଦୁ ଖାଦ୍ୟ ଖାଇଲେ ଗର୍ଭବତୀ, ପ୍ରସୂତି, କିଶୋରୀ ବାଳିକାମାନଙ୍କର ସ୍ୱାସ୍ଥ୍ୟ ଭଲ ରହିବ ବୋଲି ବ୍ଲକ ସମନ୍ୱିତ ଶିଶୁ ବିକାଶ ଅଧିକାରୀ ଲହଡ଼ିମାଳା ପ୍ରଧାନ ଏବଂ ସାମାଜିକ ଶିକ୍ଷା ଅଧିକାରୀ ରାଜସ୍ୱିନୀ ପ୍ରଧାନ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବଣ୍ଟନ କରିଥିଲେ।

## ନୟାଗଡ଼ ଆସି ଘରକୁ ଫେରିଲେନି ଫକିର



ନୟାଗଡ଼,୧୪।୧୦(ସମିସ): ନୟାଗଡ଼ ଜିଲ୍ଲା ଶରଣକୁଳ ଥାନା ଅନ୍ତର୍ଗତ ଗମ୍ଭାରିଡିହି ଗ୍ରାମର ଫକିର ଡାକୁଆ ଗତକାଲି ନୟାଗଡ଼ ଆସି ଘରକୁ ଫେରିନଥିବା ଅଭିଯୋଗ ହୋଇଛି। ଫକିରଙ୍କ ପୁଅ ସତ୍ୟନାରାୟଣ ଡାକୁଆ ଏନେଇ ଶରଣକୁଳ ଥାନାରେ ଅଭିଯୋଗ କରିଛନ୍ତି। ଗତକାଲି ରାତିରେ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କ ନମ୍ବରକୁ ଯୋଗାଯୋଗ କରିଥିଲେ। ଫୋନ୍ ସୁଇଚ୍ ଅଫ୍ ରହିଥିଲା। ଆଜି ସକାଳୁ ପୁଣି ଫୋନ୍ ରିଙ୍ଗ ହୋଇ ସୁଇଚ୍ ଅଫ୍ ହୋଇଯାଇଥିଲା। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ଥାନାରେ ଅଭିଯୋଗ କରିଥିବା ସୂଚନା ମିଳିଛି।

## ବାଇକ୍ ଦୁର୍ଘଟଣାରେ ଯୁବକ ଗୁରୁତର

ଭାପୁର,୧୪।୧୦(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଭାପୁର ଗୋଳାପୋଖରୀ ରାସ୍ତାରେ ମଙ୍ଗଳବାର ଏକ ବାଇକ ଦୁର୍ଘଟଣା ହୋଇ ଜଣେ ଯୁବକ ଗୁରୁତର ହୋଇଛନ୍ତି। ତାଙ୍କୁ ଭାପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱର ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଆହତ ଜଣଙ୍କ ହେଲେ ଭାପୁର ବ୍ଲକ କେନ୍ଦୁପଲ୍ଲୀ ପଞ୍ଚାୟତ ହନୁମନ୍ତପ୍ରସାଦ ଗ୍ରାମର ପଙ୍କଜ ଜେନାଙ୍କ ପୁଅ ହରିହର ଜେନା। ସେ ଏକ ପଲସରରେ ଦ୍ରୁତଗତିରେ ଗୋଳାପୋଖରୀ ପଟୁ ଭାପୁର ବଜାରକୁ ଆସୁଥିବା ସମୟରେ ନିହଲପ୍ରସାଦ ରାସ୍ତା ନିକଟରେ ଏକ ବୁଲାଣୀ ରାସ୍ତାରେ ତାଳ ଗଛରେ ପିଟି ହୋଇ ଗୁରୁତର ହୋଇଛନ୍ତି। ତାଙ୍କ ଡାହାଣ ଗୋଡ ନଳୀ ହାଡ ଭାଙ୍ଗି ଚୂରମାର ହୋଇଥିଲା ବେଳେ ଦେହରେ ଗଭୀର ଆଘାତ ଲାଗିଛି। ସେ ଓ ତାଙ୍କ ପଲସର ବାଇକ ବିଲ ଭିତରେ ପଡିଥିଲା। ତାଙ୍କୁ ବାଟରେ ଯାଉଥିବା ଯୁବକମାନେ ଭାପୁର ଡାକ୍ତରଖାନାକୁ ଆଣି ଚିକିତ୍ସା କରାଇଥିଲେ।

## ସଞ୍ଜିବ ମହାପାତ୍ର ଗଣିଆର ନୂତନ ବିଡିଓ

ଗଣିଆ,୧୪।୧୦(ସମିସ): ଗଣିଆ ବ୍ଲକରେ ଦୀର୍ଘ ଦିନ ହେବ ସ୍ଥାୟୀ ବିଡିଓ ନଥିବା ବେଳେ ତହସିଲଦାରଙ୍କୁ ଅତିରିକ୍ତ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ବିଡ଼ିଓ ସାଗର ନନ୍ଦଙ୍କ ବଦଳି ପରେ ଗଣିଆ ତହସିଲଦାର ପ୍ରିତିବାଳା ରଣା ବିଡ଼ିଓଙ୍କ ଦାୟିତ୍ୱରେ ଥିଲେ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ତରଫରୁ ୮ ଜଣ ବିଡ଼ିଓଙ୍କର ବଦଳି କରାଯାଇଛି। ଭଦ୍ରକ ଜିଲ୍ଲା ଚାନ୍ଦବାଲି ବିଡ଼ିଓ ସଞ୍ଜିବ କୁମାର ମହାପାତ୍ରଙ୍କୁ ଗଣିଆ ବିଡ଼ିଓ ଭାବେ ବଦଳି କରାଯାଇଥିବା ଜଣାପଡ଼ିଛି। ବିଭାଗ ତରଫରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଗଣିଆରେ ବାରମ୍ବାର ବିଡ଼ିଓଙ୍କର ବଦଳି ହେବା ଯୋଗୁଁ ଉନ୍ନୟନ ମୂଳକ କାର୍ଯ୍ୟ ଠିକ୍ ଭାବେ ହୋଇପାରୁନାହିଁ। ନୂତନ ଭାବେ ଦାୟିତ୍ୱ ଦିଆଯାଇଥିବା ବିଡ଼ିଓ ସଞ୍ଜିବ କୁମାର ମହାପାତ୍ର ଗଣିଆରେ ଯୋଗ ଦେବେ କି ନାହିଁ ଯଦି ବା ଯୋଗଦେବେ କେତେ ଦିନ ରହିବେ ତାହା ଏବେ ଆଲୋଚନାର ବିଷୟବସ୍ତୁ ପାଲଟିଛି।

## କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ‘ସୁରଭି’



ଶରଣକୁଳ,୧୪।୧୦(ସମିସ): ଓଡିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆଙ୍ଗିସିଙ୍ଗି ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ ‘ସୁରଭି’ ଦଧିବାମନଜୀଉ ଉଚ୍ଚ ବିଦ୍ୟାଳୟ ଶିଖରପୁର ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଆଙ୍ଗିସିଙ୍ଗି ସିଆରସିସି ରାଜେଶ ଷଡ଼ଙ୍ଗୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଅନୁଷ୍ଠିତ ଏହି ମହୋତ୍ସବର ଉଦଘାଟନୀ ଉତ୍ସବରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରାଜ କିଶୋର ସାହୁ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। କ୍ଲଷ୍ଟର ଅନ୍ତର୍ଗତ ପନ୍ଦରଟି ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟରୁ ଆସିଥିବା ଶତାଧିକ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅପରାହ୍ଣରେ ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଗାୟକ କଳାନିଧି ପଣ୍ଡିତ ମନୋଜ କୁମାର ମିଶ୍ର ମୁଖ୍ୟଅତିଥି ରୂପେ ଯୋଗ ଦେଇଥିବା ବେଳେ ଶିଖରପୁର ସମିତି ସଭ୍ୟ ତଥା ସ୍କୁଲ ପରିଚାଳନା କମିଟି ସଭାପତି ଭାଗବତ ସେଠି, କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ଦାଶ, କଣ୍ଠଶିଳ୍ପୀ ରବୀନ୍ଦ୍ର କୁମାର ଦାଶ, ମୋ ସ୍କୁଲ ସଭାପତି ମାନସ ବାରିକ ପ୍ରମୁଖ ଅତିଥି ରୂପେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

## ଦୃଷ୍ଟି ଆକଳନ ଶିବିର

ନୟାଗଡ଼,୧୪।୧୦(ସମିସ): ନୟାଗଡ଼ ଜିଲ୍ଲାରେ ଭିନ୍ନକ୍ଷମ ଶିଶୁ ଓ ବ୍ୟକ୍ତି ମାନଙ୍କ କଲ୍ୟାଣ ନିମନ୍ତେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ନୟାଗଡ଼ ଦ୍ୱାରା ସେବା ପରିସରରେ ଏକ ଦୃଷ୍ଟି ଆକଳନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ଲିଆନା ଚକ୍ଷୁ ଚିକିତ୍ସାଳୟ ଓ ଗବେଷଣା କେନ୍ଦ୍ର ନୟାଗଡ଼ଙ୍କ ସହାୟତାରେ ଅନୁଷ୍ଠିତ ହୋଇଥିଲା। ଲିଆନା ଚକ୍ଷୁ ଚିକିତ୍ସାଳୟ ଚିକିତ୍ସକ ଆକାଶ ଗୋଛାୟତ, ହରିପ୍ରିୟା ବରାଡ ଓ ଜିତେନ୍ଦ୍ର ନାୟକ ପ୍ରମୁଖ ଚକ୍ଷୁ ପରୀକ୍ଷା କରିବା ସହ ଆବଶ୍ୟକୀୟ ଔଷଧ ମାଗଣାରେ ବଣ୍ଟନ କରିଥିଲେ। ଯେଉଁ ଦୃଷ୍ଟି ବାଧିତ ବ୍ୟକ୍ତି କିମ୍ବା ଶିଶୁଙ୍କ ଚଷମା ଦରକାର ହେବ ସେମାନଙ୍କ ପାଇଁ ପରବର୍ତ୍ତୀ ସମୟରେ ମାଗଣାରେ ଯୋଗାଇ ଦିଆଯିବ। ଯେଉଁ ମାନଙ୍କର ଚକ୍ଷୁ ଅପରେସନ ହେବ ସେମାନଙ୍କୁ ମାଗଣାରେ ଲିଆନ ଚିକିତ୍ସାଳୟରେ ଅପରେସନ କରାଯିବ ବୋଲି ସୂଚନା ମିଳିଛି। ଏହି ଶିବିରରେ ୫୫ ଜଣ ଚକ୍ଷୁ ରୋଗୀ ସେମାନଙ୍କର ଚକ୍ଷୁ ପରୀକ୍ଷା କରିଥିଲେ। ସାମାଜିକ କର୍ମୀ ପ୍ରବୀର ମୁଖୀ, ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ଡାକ୍ତର ଅଭିଳାଷ ଦାଶ, ଡାକ୍ତର ପ୍ରଭୁ ଦତ୍ତ ପଣ୍ଡା, ସ୍ୱତନ୍ତ୍ର ଶିକ୍ଷକ ରାମେଶ୍ୱର ପାତ୍ର, ସ୍ୱତନ୍ତ୍ର ଶିକ୍ଷୟିତ୍ରୀ ସାଗରିକା ସାହୁ, ତ୍ରିନାଥ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

## ପଦୋନ୍ନତିରୁ ବଞ୍ଚିତ ୪ ଏସ୍‌ଆଇ

ନୟାଗଡ଼,୧୪।୧୦(ସମିସ): ରାଜ୍ୟରେ ୨୦୧୭ ମସିହାରେ ନିଯୁକ୍ତି ପାଇଥିବା ୬୨୫ ଜଣ ଏସ୍‌ଆଇଙ୍କ ମଧ୍ୟରୁ କିଛି ବ୍ୟକ୍ତି ଚାକିରି ଛାଡ଼ି ଦେଇଥିବା ବେଳେ ଅନେକ ପୁଲିସ ଏସ୍‌ଆଇଙ୍କ ନାମରେ ଭିଜିଲାନ୍ସ ମାମଲା, ବିଭାଗୀୟ ପ୍ରୋସିଡିଂ, ସମ୍ପତି ତାଲିକା ପ୍ରଦାନ କରିନଥିବା ଜଣାପଡ଼ିଛି। ସେମାନଙ୍କୁ ବାଦ ଦେଇ ରାଜ୍ୟ ପୁଲିସ ବିଭାଗ ୪୨୭ ଜଣଙ୍କୁ ପଦୋନ୍ନତି ଦେଇଥିବା ସୂଚନା ମିଳିଛି। ଏହି ପଦୋନ୍ନତି ତାଲିକାରେ ନୟାଗଡ଼ ଜିଲ୍ଲାର ୧୧ ଜଣ ଏସ୍‌ଆଇଙ୍କ ନାମ ରହିଛି। ନୟାଗଡ଼ ଜିଲ୍ଲାର ୪ ଜଣ ଏସ୍‌ଆଇ ପଦୋନ୍ନତିରୁ ବଞ୍ଚିତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଫତେଗଡ଼ ଥାନାରେ କାର୍ଯ୍ୟରତ ଏସ୍‌ଆଇ ରାଇବିରି ତିରିଆ, ଅଞ୍ଜଳି ସା, ଓଡ଼ଗାଁ ଥାନାରେ କାର୍ଯ୍ୟରତ ଏସ୍‌ଆଇ ଚକ୍ରଧର ସିଂ, ରଣପୁର ଥାନାରେ କାର୍ଯ୍ୟରତ ଏସ୍‌ଆଇ ରମେଶ ଚନ୍ଦ୍ର ଜେନା ରହିଛନ୍ତି। ଏହି ଏସ୍‌ଆଇଙ୍କ ପଦୋନ୍ନତି ହୋଇନଥିବା ସୂଚନା ମିଳିଛି। ଯାହାକୁ ନେଇ ନୟାଗଡ଼ ଜିଲ୍ଲା ପୁଲିସରେ ଚାପା ଗୁଞ୍ଜରଣ ସୃଷ୍ଟି ହୋଇଛି।

## ଚୋରି ଘଟଣାର ପର୍ଦ୍ଦାଫାସ; ୨ ଗିରଫ

ନୟାଗଡ଼/ଶରଣକୁଳ,୧୪।୧୦(ସମିସ): ଶରଣକୁଳ ଥାନା ଅନ୍ତର୍ଗତ ଶରଣକୁଳ ନିକଟବର୍ତ୍ତୀ ବାଉଁଶିଆ ଗ୍ରାମର ପ୍ରଶାନ୍ତ କୁମାର ରଥଙ୍କ ଘରର ତାଲା ଭାଙ୍ଗି ରାତିରେ କିଛି ଅଜଣା ବ୍ୟକ୍ତି ତାଙ୍କ ଘରୁ ସୁନା ଗହଣା ସମେତ ଲକ୍ଷାଧିକ ଟଙ୍କାର ଆସବାବପତ୍ର ଚୋରି କରି ନେଇ ଯାଇଥିଲେ। ଏଥିନେଇ ଶ୍ରୀ ରଥ ଥାନାରେ ଚୋରି ସମ୍ପର୍କରେ ଅଭିଯୋଗ କରିଥିଲେ। ଥାନାରେ ମାମଲା ରୁଜୁ କରି ଅନୁସନ୍ଧାନ ଜାରି ରଖିଥିଲା। ଗତ ଦୁଇମାସ ଧରି ଚୋରମାନେ ବାଉଁଶିଆ ଗ୍ରାମର ୧୦ ଜଣଙ୍କ ଘରୁ ଚୋରି କରି ଚାଲିଥିଲେ। ଚୋରମାନଙ୍କ ପ୍ରାଦୁର୍ଭାବ ବାଉଁଶିଆ ଗ୍ରାମରେ ବଢ଼ି ଚାଲିଥିଲା। ସେହି ଦିନଠାରୁ ଶରଣକୁଳ ପୁଲିସ ଚୋରଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରଖିଥିଲା। ଆଜି ଶରଣକୁଳ ଉପଖଣ୍ଡ ଆରକ୍ଷୀ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସର ମଧ୍ୟରେ ନୟାଗଡ଼ ଅତିରିକ୍ତ ପୁଲିସ ଏସପି ସୁବାଷ ଚନ୍ଦ୍ର ପଣ୍ଡା, ଶରଣକୁଳ ଉପଖଣ୍ଡ ଆରକ୍ଷୀ ଅଧିକାରୀ ଦୀପ୍ତିକାନ୍ତ ପ୍ରଧାନ, ଶରଣକୁଳ ଆଇଆଇସି ସୁଜିତ କୁମାର ଦାଶ ଏକ ସାମ୍ବାଦିକ ସମ୍ମିଳନୀରେ ଦୁଇ ଅଭିଯୁକ୍ତ ସହିତ ସେମାନଙ୍କ ଠାରୁ ଉଦ୍ଧାର କରାଯାଇଥିବା ସୁନା ଚେନ ୧ଟି, ରୂପା ଝୁଣ୍ଟିଆ ୨, ସାମସଙ୍ଗ ଟିଭି ୧ଟି, ବାଜାଜ ଗ୍ରାଇଣ୍ଡର ୧ଟି, ନୂତନ ଶାଢ଼ୀ ୨ଟି, ପିତଳ ହଣ୍ଡା ଓ ପିତ୍ତଳ ବେଲା, ଘର ଚାବି ସହ ଚୋରି ସାମଗ୍ରୀ ମାନ ଜବତ କରାଯାଇଥିବା ବେଳେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ବୋଲି ପ୍ରକାଶ କରିଥିଲେ। ସେମାନେ ହେଲେ ହଇରାଣିଆ ନାହାକ ଏବଂ ରାଜା ନାହାକ। ଉଭୟଙ୍କ ଘର ସେହି ଗ୍ରାମ ବାଉଁଶିଆ ଅଟେ।

## ଗୋପୀନାଥ ପ୍ରଧାନଙ୍କ ପୁସ୍ତକ ଉନ୍ମୋଚିତ

ଖଣ୍ଡପଡ଼ା,୧୪।୧୦(ସମିସ): ଖଣ୍ଡପଡ଼ା ଅଞ୍ଚଳର ଜଣେ ସୁଲେଖକ ଓ ଶିକ୍ଷାବିତ ଭାବେ ପରିଚିତ ଗୋପୀନାଥ ପ୍ରଧାନଙ୍କ ଦ୍ୱାରା ଲିଖିତ ୨ ଟି ପୁସ୍ତକର ଉନ୍ମୋଚନ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ଆଞ୍ଚଳିକ ସାମ୍ବାଦିକ ସଂଘ କାର୍ଯ୍ୟାଳୟ ପରିସରରେ ଆୟୋଜିତ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଓ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗଦେଇଥିଲେ। ଗଡଜାତ ଖଣ୍ଡପଡ଼ାର ଲୋକପ୍ରିୟ ରାଜା ଦିବଂଗତ ବିଭୂତିଭୂଷଣ ସିଂହ ମର୍ଦ୍ଦରାଜଙ୍କୁ ଶ୍ରଦ୍ଧାଞ୍ଜଳି ଓ ‘ଶିବ-ଶକ୍ତି ମହିମା’ ଶୀର୍ଷକ ୨ଟି ପୁସ୍ତକ ଉନ୍ମୋଚିତ ହୋଇଥିବା ଜଣାଯାଇଛି। ସମାଜସେବୀ ରବିନ୍ଦ୍ର କୁମାର ପ୍ରଧାନ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଶିକ୍ଷାବିତ ଶ୍ରୀଯୁକ୍ତ ପ୍ରଧାନ ଶିକ୍ଷକତା ବୃତ୍ତିରୁ ଅବସରଗ୍ରହଣ କରିବା ପରେ ସର୍ବମୋଟ ୧୨ ଗୋଟି ପୁସ୍ତକ ଲେଖିଥିବା ଜଣାପଡିଛି।

## କଳାକାରଙ୍କ ପରଲୋକ

ଖଣ୍ଡପଡ଼ା, ୧୪।୧୦ (ସମିସ): ଖଣ୍ଡପଡ଼ା ସହର ୩ ନଂ ୱାର୍ଡ ଅଧୀନ କାଦୁଆସାହିର ବିଶିଷ୍ଟ କଳାକାର ଖଲେଶ୍ୱର ମହାରଣା (୮୩)ଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ଦୀର୍ଘ ମାସ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ସେ ପୀଡ଼ିତ ଥିଲେ। ଭୁବନେଶ୍ୱରସ୍ଥିତ ଏକ ହସପିଟାଲରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ଦେହାନ୍ତ ହୋଇଥିବା ଜଣାପଡିଛି। ସ୍ୱର୍ଗତ ମହାରଣା ଏକାଧାରାରେ ଥିଲେ ଜଣେ କଳାକାର ଓ କୁଶଳୀ କାଷ୍ଠ କାରିଗର ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକପ୍ରକାଶ ପାଇଛି। ଖଣ୍ଡପଡ଼ା ସହରର ୧ନଂ ୱାର୍ଡସ୍ଥିତ ଶ୍ମଶାନ ଘାଟରେ ଆତ୍ମୀୟସ୍ୱଜନଙ୍କ ଉପସ୍ଥିତରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ଜଣାଯାଇଛି।

## ନଭେମ୍ବର ୨୩ରୁ କଳାପାଟ ବିଶ୍ୱଶାନ୍ତି ମହାଯଜ୍ଞ

ଗଣିଆ,୧୪।୧୦(ସମିସ): ଗଣିଆ ବ୍ଲକ୍ ଅନ୍ତର୍ଗତ ପୁରାଣ ପ୍ରସିଦ୍ଧ ମଣିଭଦ୍ରା ପାହାଡ଼ ପାଦଦେଶରେ ଅବସ୍ଥିତ ମା’ କଳାପାଟ ଠାକୁରାଣୀଙ୍କ ବିଜେସ୍ଥଳୀଠାରେ ୧୯୯୩ ମସିହା ଠାରୁ ମହାନଯୋଗୀ ସ୍ୱର୍ଗତ ବାବା ରାମଦାସଙ୍କ ଦ୍ୱାରା ପ୍ରତିଷ୍ଠିତ ମଣିଭଦ୍ରା ବିଶ୍ୱଶାନ୍ତି ମହାଯଜ୍ଞର ୩୨ତମ ବାର୍ଷିକ ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଯାଇଛି। ଚଳିତ ବର୍ଷ ଏହି ଗଣପର୍ବ ଆସନ୍ତା ନଭେମ୍ବର ୨୩ରୁ ୨୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଛି। ଏହି ଅବସରରେ ଏକ ପ୍ରତିନିଧି ମଣ୍ଡଳୀ ପୁରୀ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରି ମହାପ୍ରସାଦ, ଆଜ୍ଞାମାଳ, ପତିତପାବନ ବାନା ଧରି ଗଣିଆରେ ପହଞ୍ଚିଥିଲେ। ମା’ଙ୍କ ନିକଟରେ ପୂଜାର୍ଚ୍ଚନା ପରେ ଯଜ୍ଞସ୍ଥଳରେ ବାନା ବାନ୍ଧିବା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ପ୍ରତିନିଧିମଣ୍ଡଳୀରେ ମହାଯଜ୍ଞ ପରିଚାଳନା କମିଟି ତଥା ସତ୍ୟ, ଶାନ୍ତି ସେବା ଟ୍ରଷ୍ଟର ଅଜୟ ପଟ୍ଟନାୟକ, ବିରଞ୍ଚି ପାଣିଗ୍ରାହୀ, ସୁଶାନ୍ତ ଦାସ, ଆଦିତ୍ୟ ମହାସୁପକାର, ଧୀରେନ୍ଦ୍ର ପାଣିଗ୍ରାହୀ, ଶିବାଶିଷ ମହାପାତ୍ର, ସୁଜିତ ଦାସ, ଦିଗାମ୍ବର ପ୍ରଧାନ, ଡିର ଦାସ, ଶୋଭନ ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ। ନୟାଗଡ଼ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ପ୍ରଶାସନିକସ୍ତରରେ ଏକ ପ୍ରସ୍ତୁତି ବୈଠକ ଖୁବ୍‌ଶୀଘ୍ର ଅନୁଷ୍ଠିତ ହେବ ବୋଲି କମିଟି ତରଫରୁ ଜଣାପଡ଼ିଛି। ଗଣିଆଠାରୁ ଯଜ୍ଞସ୍ଥଳୀ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଅତି ଶୋଚନୀୟ ହେଇପଡ଼ିଛି। ତୁରନ୍ତ ମରାମତି କରିବାକୁ ଆୟୋଜକମାନେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତୁରନ୍ତ ଏହି ରାସ୍ତା ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

**କାର୍ତ୍ତିକରେ ମହଙ୍ଗା ମାଡ଼**

## ସବୁଜ ପନିପରିବା ଦର ଅହେତୁକ ବୃଦ୍ଧି



ନୟାଗଡ଼,୧୪।୧୦(ସମିସ)

କାର୍ତ୍ତିକ ମାସରେ ହାଣ୍ଡିଶାଳ ଉପରେ ମହଙ୍ଗା ମାଡ଼ ଚିନ୍ତାରେ ପକାଇଛି। ସବୁଜ ପନିପରିବା ଦରବୃଦ୍ଧି ସାଂଘାତିକ ସମସ୍ୟା ସୃଷ୍ଟି କରିଛି। ଆଳୁ ଓ ପିଆଜକୁ ଛାଡ଼ି ଦେଲେ ଅନ୍ୟ ସବୁ ପନିପରିବା କେଜି ୫୦ରୁ କମରେ ମିଳୁନାହିଁ। ନୟାଗଡ଼ ସହରର ପ୍ରମୁଖ ପରିବା ବଜାର ଗୁଡ଼ିକରେ ବିକ୍ରି ହେଉଥିବା ପନିପରିବା ଦର ଗୁଡ଼ିକୁ ଲକ୍ଷ କଲେ ଆଜି ବାଇଗଣ କେଜି ପ୍ରତି ୬୦ରୁ ୭୦ ଟଙ୍କାରେ ବିକ୍ରି ହେଉଥିବା ସୂଚନା ମିଳିଛି। ଝୁଲଣ ୭୦, ପୋଟଳ ୭୦, ଫୁଲ ୭୦, ବନ୍ଧା ୪୦, କଲରା ୬୦, କାକୁଡ଼ି ୫୦, ପାଣିଆଳୁ ୧୦୦, କାଙ୍କଡ଼ ୭୦, ଦେଶୀ କାଙ୍କଣ କେଜି ୧୮୦ ଟଙ୍କାରେ ବିକ୍ରି ହେଉଛି। ସେହିଭଳି ଭାବେ ଭେଣ୍ଡି କେଜିକୁ ୫୦, ବିଲାତି ୬୦, କଞ୍ଚା କଦଳି ଗୋଟାକୁ ୧୦ ଟଙ୍କା, ଖମ୍ବ ଆଳୁ ୧୨୦, ବିନ୍ସ ୮୦, ଗାଜର ୫୦, କଖାରୁ ୫୦ ଟଙ୍କାରେ ବିକ୍ରି ହେଉଛି। ଚାଷୀଠାରୁ କମ ମୂଲ୍ୟରେ କ୍ରୟ କରି ବ୍ୟବସାୟୀମାନେ ଜାଣିଶୁଣି ଏଭଳି ଦରବୃଦ୍ଧି କରୁଥିବା ଅଭିଯୋଗ ହେଉଛି। କାର୍ତ୍ତିକ ମାସରେ ଆମିଷ ବ୍ୟବହାର କମ ଥିବା ବେଳେ ସବୁଜ ପନିପରିବା ଦରବୃଦ୍ଧି ଦ୍ୱାରା ଖାଉଟି ଚିନ୍ତାରେ ପଡୁଛନ୍ତି। ଫଳରେ ଗରୀବ ଓ ମଧ୍ୟବିତ ପରିବାର ଚିନ୍ତାରେ ପଡ଼ିଥିବା ସୂଚନା ମିଳିଛି।

## କାର୍ତ୍ତିକ ମାସ ଆରମ୍ଭରୁ ପରିବା ଦର ଆକାଶଛୁଆଁ

# ୫୦୦ ଟଙ୍କାରେ ବ୍ୟାଗ୍ ପୂରୁନି, ଖାଉଟି ହନ୍ତସନ୍ତ

ବାଲିକୁଦା,୧୪।୧୦(ସମିସ)



କାର୍ତ୍ତିକ ମାସ ଆରମ୍ଭରୁ ବାଲିକୁଦା ବ୍ଲକ୍‌ରେ ପରିବା ଦର ଆକାଶଛୁଆଁ ହୋଇଛି। ଚଢ଼ା ଦରରେ ପରିବା କିଣି ଖାଉଟି ହନ୍ତସନ୍ତ ହେଉଛନ୍ତି। ୫୦୦ ଟଙ୍କାର ପରିବା କିଣିଲେ ବ୍ୟାଗ ଭର୍ତ୍ତି ହେଉନି। ଗତ ଦୁଇମାସ ଧରି ଲଘୁଚାପଜନିତ ବର୍ଷା ଲାଗି ରହିଥିବାରୁ ପନିପରିବା ଫସଲ ନଷ୍ଟ ହୋଇଥିବାରୁ ଆବଶ୍ୟକ ଅନୁସାରେ ଫସଲ ଆମଦାନୀ ହୋଇପାରିନାହିଁ। ଫଳରେ କାର୍ତ୍ତିକ ମାସରେ ପରିବା ଦର ଆକାଶଛୁଆଁ ହୋଇଛି।

ଆଜି ବାଲିକୁଦା ହାଟରେ ପରିବା ଦର ଆକାଶଛୁଆଁ ହୋଇଥିଲା। କାଙ୍କଣ, ବିମ କିଲୋ ପ୍ରତି ଦର ୧୦୦ ଟଙ୍କା ଥିବାବେଳେ ଭେଣ୍ଡି, ବାଇଗଣ, ପୋଟଳ, ଝୁଡ଼ଙ୍ଗ, କଲରା ୮୦ ଟଙ୍କା ଉପରେ ରହିଥିଲା। ସେହିପରି ଜହ୍ନି, କାକୁଡ଼ି, ବିଲାତି, ସାରୁ ଛଚିନ୍ଦ୍ର କିଲୋ ପିଛା ୬୦ ଟଙ୍କାରେ ବିକ୍ରି ହୋଇଥିଲା। ପନିପରିବା ଦର ବୃଦ୍ଧି ଯୋଗୁଁ ବିଶେଷକରି ଗରିବ ଶ୍ରେଣୀର ପରିବାର ପ୍ରଭାବିତ ହୋଇଛନ୍ତି। ବାହାର ପରିବା ଉପରେ ଏଠିକାର ପରିବା ବ୍ୟବସାୟୀ ଓ ଖାଉଟି ନିର୍ଭର କରୁଥିବା ଯୋଗୁଁ ଦର ଆକାଶଛୁଆଁ ହୋଇଛି। ପରିବା ଦର ନିୟନ୍ତ୍ରଣ ପାଇଁ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଖାଉଟି ଅଭିଯୋଗ କରିଛନ୍ତି। ବାଲିକୁଦା ବ୍ଲକ୍‌ରେ ଶତକଡା ୬୦ ଭାଗ ପରିବାର ଖରିଫ ଫସଲ, ରବି ଫସଲ ଚାଷ ସହିତ ପନିପରିବା ଚାଷ କରି ପରିବାର ପ୍ରତିପୋଷଣ କରିଥା'ନ୍ତି। ପ୍ରାକୃତିକ ବିପର୍ଯ୍ୟୟ ଚାଷୀଙ୍କୁ ଅନେକ ସମୟରେ କ୍ଷତି ପହଞ୍ଚାଉଛି। ଅନ୍ୟପକ୍ଷରେ ବ୍ଲକ୍‌ରେ ଶୀତଳଭଣ୍ଡାର ନ ଥିବାରୁ ଅଧିକ ଅମଳ ସମୟରେ ଚାଷୀ ବଳକା ପରିବା ସଂରକ୍ଷିତ କରି ନ ପାରି ଶାଗ ମାଛ ଦରରେ ବିକ୍ରି କରି କ୍ଷତି ସହୁଛନ୍ତି। ପରିବା ଦର ନିୟନ୍ତ୍ରଣ କରିବା ପାଇଁ ବ୍ଲକ୍‌ରେ ଶୀତଳଭଣ୍ଡାର ନିର୍ମାଣ କରାଯିବା ନିହାତି ଆବଶ୍ୟକ ବୋଲି ଚାଷୀ କହିଛନ୍ତି। ବାଲିକୁଦା ହାଟକୁ ୩୦୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀ ଆସୁଥିବାବେଳେ ବ୍ୟବସାୟୀଙ୍କ ପାଇଁ ପିଣ୍ଡି ନିର୍ମାଣ କରାଯାଇନାହିଁ। ଫଳରେ ସେମାନେ ଖୋଲା ଆକାଶ ତଳେ ପଲିଥିନ ଟାଣି ପରିବା ବିକୁଛନ୍ତି। ଏଥିପ୍ରତି ଜିଲ୍ଲା ନିୟନ୍ତ୍ରିତ ବଜାର କମିଟି ଅଧିକାରୀ ଦୃଷ୍ଟି ଦେବାକୁ ବ୍ୟବସାୟୀ ଦାବି କରିଛନ୍ତି।

## ନାଟ୍ୟକାର ରଘୁ ସାହୁ ହେଲେ ସାହିତ୍ୟ ସମାଜର ସଭ୍ୟ



କୁଜଙ୍ଗ,୧୪।୧୦(ସମିସ): ସାହିତ୍ୟ ସର୍ଜନାର ମୁଖଶାଳା ତଥା କଟକସ୍ଥ ସର୍ବପୁରାତନ ଶତାୟୁ ସାହିତ୍ୟ ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ବାଣୀକ୍ଷେତ୍ର ଜଗତସିଂହପୁର ଜିଲ୍ଲା କୁଜଙ୍ଗ ମାଟିର ନାଟ୍ୟକାର ରଘୁ ସାହୁ ଉତ୍କଳ ସାହିତ୍ୟ ସମାଜର କାର୍ଯ୍ୟନିର୍ବାହିକା ସମିତି ସଭ୍ୟ ଭାବେ ବିଜୟୀ ହୋଇଛନ୍ତି। ୧୨ ତାରିଖ ରବିବାର ଦିନ ଉତ୍କଳ ସାହିତ୍ୟ ସମାଜ ପରିସର ଶ୍ରୀରାମଚନ୍ଦ୍ର ଭବନ ଓ ଶତାବ୍ଦୀ ଭବନରେ କଡ଼ା ପୁଲିସ ସୁରକ୍ଷା ବଳୟରେ ସଂସ୍ଥାର ୬ ଜଣ କର୍ମକର୍ତ୍ତା ଓ ୧୧ ଜଣ କାର୍ଯ୍ୟନିର୍ବାହିକା ସମିତି ସଭ୍ୟଙ୍କ ନିର୍ବାଚନ ହୋଇଥିଲା। ସମିତି ସଭ୍ୟ ନିର୍ବାଚନରେ ୨୫ ଜଣ ପ୍ରାର୍ଥୀ ୧୧ଟି କାର୍ଯ୍ୟନିର୍ବାହିକା ସମିତି ସଭ୍ୟ ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ରଘୁ ସାହୁ ତିନି ଦଶନ୍ଧି ମଧ୍ୟରେ ୪୫ରୁ ଊର୍ଦ୍ଧ୍ୱ ପୁସ୍ତକ ରଚନା କରିଛନ୍ତି। ଶ୍ରୀ ସାହୁ ପ୍ରିୟବନ୍ଧୁ ସାରସ୍ୱତ ଏକାଡେମୀ ସଭାପତି ଓ ପ୍ରିୟବନ୍ଧୁ ପତ୍ରିକା ସମ୍ପାଦକ ଅଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କୃତ କବି ପୀତାମ୍ବର ତରାଇ, କୁଜଙ୍ଗ ପ୍ରେସ କ୍ଲବ ସମ୍ପାଦକ ଦୁଷ୍ମନ୍ତ ମାଝୀ, ସାମ୍ବାଦିକ ରଂଜିତ ପଣ୍ଡା, କୁଜଙ୍ଗ ସମ୍ବାଦ ସାହିତ୍ୟ ଘର ସମ୍ପାଦକ ବାବୁରାମ ଚୌଧୁରୀ, ପ୍ରିୟବନ୍ଧୁ ସାରସ୍ୱତ ଏକାଡେମୀ ସମ୍ପାଦକ ଡକ୍ଟର ଗଙ୍ଗାଧର ସାମନ୍ତରାୟ, ମେଘ ମଲହାର ସଭାପତି ଡକ୍ଟର କେଶବ ଦଳେଇ, ସାହିତ୍ୟିକ ଗୋଲକ ପଲାଇ, ବାସବ ନନ୍ଦ, ସଂଯୁକ୍ତା ତ୍ରିପାଠୀ, ଗୋଲାପରାଣୀ ସାହୁ ଓ ପ୍ରେମଲତା ବାରିକଙ୍କ ସମେତ କୁଜଙ୍ଗର ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ଓ ଯୁବ ସାହିତ୍ୟିକ ଜୟଦେବ ଲେଙ୍କାଙ୍କ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

## ଜିଜେଏଆଇ କଲୋନୀରେ ଭାଗବତ ସପ୍ତାହ

ପାରାଦୀପ,୧୪।୧୦(ସମିସ): ସ୍ଥାନୀୟ ମଧୁବନ ଜିଜେଏଆଇ କଲୋନୀ ଭାଗବତ ମଇଦାନରେ ବାବା ବୈକୁଣ୍ଠନାଥ ଭାଗବତ ପ୍ରଚାର ସମିତି ପକ୍ଷରୁ ଆସନ୍ତାକାଲିଠୁ ଊନବିଂଶତମ ଶ୍ରୀମଦ ଭାଗବତ ସପ୍ତାହ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ଆରମ୍ଭ ହେବ। ଏହି ପ୍ରବଚନ କାର୍ଯ୍ୟକ୍ରମରେ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ପ୍ରବକ୍ତା ଭାବେ ବାବାଜୀ ସତ୍ୟାନନ୍ଦ ଦାସମହାରାଜ ଯୋଗ ଦେବେ। ମହାରାଜ ରାଷ୍ଟ୍ରୀୟ ଶ୍ରୀଜଗନ୍ନାଥ ମହିମା ପ୍ରଚାରକ ଅଟନ୍ତି। ଏହି ଭାଗବତ ମଇଦାନରେ ସପ୍ତାହ ବ୍ୟାପୀ ପ୍ରବଚନ, ପାରାୟଣ ଓ ଜ୍ଞାନଯଜ୍ଞ ଅନୁଷ୍ଠିତ ହେବ। କଳିହତ ମାନବ ଜୀବନର ଭାଗବତ ପବିତ୍ର ଗ୍ରନ୍ଥ। ଓଡ଼ିଶାରେ ଗ୍ରାମ୍ୟ ଜୀବନରେ ଭାଗବତ ଘର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଗ୍ରାମ୍ୟ ଜନତାର ପ୍ରାଣ କେନ୍ଦ୍ର। ଅତୀତରେ ଏ ଦେଶର ଗ୍ରାମ୍ୟ ନିରକ୍ଷର ଭାଗବତ ପଢି ସ୍ୱାକ୍ଷର ହୋଇଥିଲେ। ସାମ୍ପ୍ରତିକ କାଳରେ ଅବକ୍ଷୟଯୁକ୍ତ ସଂସାରକୁ ମୁକ୍ତ କରିବା ଲାଗି ଦୀର୍ଘ ୧୯ ବର୍ଷ ଧରି ବାବା ବୈକୁଣ୍ଠନାଥ ଭାଗବତ ପ୍ରଚାର ସମିତି ପାରାଦୀପ ଅଞ୍ଚଳରେ ଭାଗବତ କଥା ପ୍ରଚାର କରିଆସୁଛି। ଏହି ଭାଗବତ ସପ୍ତାହକୁ ପୁରୀ ରାଧାବଲ୍ଲଭ ମଠ ସନ୍ଥ ରାମକୃଷ୍ଣ ଦାସମହାରାଜ ଉଦ୍‌ଘାଟନ କରିବେ।

## ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ବିଜେଡି ରାଜ୍ୟ ସମ୍ପାଦକଙ୍କୁ ସମ୍ବର୍ଦ୍ଧନା

ପାରାଦୀପ, ୧୪।୧୦(ସମିସ): ବଡ଼ପାଳଗଡ଼ା ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ବିଜେଡି ରାଜ୍ୟ ସମ୍ପାଦକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା ସଭାରେ ଅଗପାଳ ପଞ୍ଚାୟତର ବହୁ ଦଳୀୟ କର୍ମୀ ଓ ବରିଷ୍ଠ ନାଗରିକ ଉପସ୍ଥିତ ରହି ଶ୍ରୀ ପଟ୍ଟନାୟକଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ ପଞ୍ଚାୟତର ବରିଷ୍ଠ ନାଗରିକଙ୍କୁ ଶ୍ରୀ ପଟ୍ଟନାୟକ ସମ୍ବର୍ଦ୍ଧିତ କରିଥିଲେ। ଅଗପାଳ ପଞ୍ଚାୟତରେ ବିଜେଡିକୁ ଶକ୍ତିଶାଳୀ କରିବା ସହିତ ସମସ୍ତ କର୍ମୀଙ୍କୁ ଏକାଠି କରିବାକୁ ଶ୍ରୀ ପଟ୍ଟନାୟକ ପରାମର୍ଶ ଦେଇଥିଲେ। ବିଜେପି ସରକାରର ମନମୁଖୀ ଶାସନ ବିରୋଧରେ ସ୍ୱର ଉତ୍ତୋଳନ କରାଯିବ। ଏହି ସମ୍ବର୍ଦ୍ଧନା ସଭାରେ ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ ମହାପାତ୍ର, ବାନମ୍ବର ଶତପଥୀ, ଶିକ୍ଷକ ନେତା ପ୍ରଶାନ୍ତ ମହାପାତ୍ର, ଶରତ ମହାପାତ୍ର, ଧନେଶ୍ୱର ମଲ୍ଲ, ପ୍ରଫୁଲ ସାମଲ, ଖୁଜୁରା ସାମଲ, ରଶ୍ମିରଞ୍ଜନ ମହାପାତ୍ର, କ୍ଷେତ୍ରବାସୀ ମହାପାତ୍ର, ରମେଶ ମହାପାତ୍ର, ଶ୍ରୀନିବାସ ମହାପାତ୍ରଙ୍କ ସମେତ ପଞ୍ଚାୟତର ୨୦୦ରୁ ଅଧିକ ଜନସାଧାରଣ ଉପସ୍ଥିତ ଥିଲେ।

## ହୋଟେଲରେ ଯୁବକଙ୍କ ଆତ୍ମହତ୍ୟା

ପାରାଦୀପ,୧୪।୧୦(ସମିସ): ପାରାଦୀପ ହୋଟେଲ ଇଣ୍ଟରନ୍ୟାସନାଲର ଏକ କୋଠରୀରେ ଆଜି ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ଯୁବକ ଜଣକ କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ଥାନା ଅଞ୍ଚଳ ତେନ୍ତୁଳିକନ୍ଧା ଗ୍ରାମର ପ୍ରଶାନ୍ତ ରାଉତଙ୍କ ପୁଅ ପ୍ରଭାସ ରାଉତ (୨୭)। ସେ ଗତକାଲି ସକାଳ ୭ଟାରେ ହୋଟେଲର ୨୧୧ ନମ୍ବର ରୁମ ବୁକ କରିଥିଲେ। ଆଜି ସକାଳୁ ରୁମର କବାଟ ନ ଖୋଲିବାରୁ ହୋଟେଲ କର୍ମଚାରୀ ସନ୍ଦେହ କରି ଯୁବକଙ୍କ ଘରକୁ ଜଣାଇଥିଲେ। ପରିବାର ଲୋକ ଆସିବା ପରେ ଆଦର୍ଶ ଥାନରେ ଜଣାଇଥିଲେ। ପୁଲିସ, ଆଡିସନାଲ ମାଜିଷ୍ଟ୍ରେଟ, ସାଇଣ୍ଟିଫିକ ଟିମ ସହାୟତାରେ କବାଟ ଭଙ୍ଗାଯାଇଥିଲା। ଯୁବକ ଫ୍ୟାନ୍‌ରେ ରସି ଲଗାଇ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଥିଲା। ତାଙ୍କ ପରିବାର ଲୋକଙ୍କୁ ପଚାରିବାରୁ ଏହା ପ୍ରେମ ବେପାରକୁ ନେଇ ହୋଇଥାଇପାରେ ବୋଲି କହିଛନ୍ତି।

## ସ୍ୱାମୀ ମାଡ଼ରେ ସ୍ତ୍ରୀ ଗୁରୁତର

ବାଲିକୁଦା,୧୪।୧୦(ସମିସ): କୁସୁପୁର ପଞ୍ଚାୟତ ନେନ୍ଦେରା ଗ୍ରାମର ଲଳିତା ସାହୁଙ୍କୁ ସ୍ୱାମୀ ବୁଦ୍ଧେଶ୍ୱର ସାହୁ ମାଡ଼ ମାରି ଗୁରୁତର କରିଥିବା ନେଇ ଲଳିତାଙ୍କ ଭାଇ ଶକ୍ତିପଦ ପରିଡା ଥାନାରେ ଅଭିଯୋଗ କରିଛନ୍ତି। ବୁଦ୍ଧେଶ୍ୱର ଲଳିତାଙ୍କୁ ଘରେ କବାଟ ବନ୍ଦ କରି ରଖିଥିବାବେଳେ ଉଦ୍ଧାର କରିବାକୁ ଯାଇଥିବା ଶକ୍ତିପଦ ଓ ସହଯୋଗୀକୁ ହାଣିବାକୁ ଗୋଡ଼ାଇଥିଲେ। ଶକ୍ତିପଦ ୧୧୨କୁ ଫୋନ କରି ସହାୟତା ମାଗିବା ପରେ ଲଳିତାଙ୍କୁ ଉଦ୍ଧାର କରାଯାଇଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି। ବୁଦ୍ଧେଶ୍ୱରକୁ ବାଲିକୁଦା ପୁଲିସ ଅଟକ ରଖିଥିବା ସୂଚନା ମିଳିଛି।

## ଯୁବକଙ୍କୁ ଆକ୍ରମଣ

ବାଲିକୁଦା,୧୪।୧୦(ସମିସ): କୁସୁପୁର ପଞ୍ଚାୟତ ତେନ୍ତୁଳିବେଲାରୀ ହାଟ ନିକଟରେ ଗତକାଲି ରାତିରେ ଥୋରିଆବସା ଗ୍ରାମର ତୋଫାନ ଜେନାଙ୍କୁ ଜଣେ ଯୁବକ ବିୟର ବୋତଲରେ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ପ୍ରଥମେ ବାଲିକୁଦା ମେଡିକାଲ ପରେ ଜଗତସିଂହପୁର ମେଡିକାଲ ଓ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଆଜି ତୋଫାନର ପିତା ନବଘନ ଜେନା ଅନନ୍ତପୁର ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଆକ୍ରମଣକାରୀ ଯୁବକ ଫେରାର ଅଛି।

## 'କୃଷ୍ଣଚନ୍ଦ୍ର ମଲ୍ଲିକଙ୍କ ଭଳି ସରଳ ବ୍ୟକ୍ତିତ୍ୱ ଆଜିର ରାଜନୀତିରେ ବିରଳ'



ଜଗତସିଂହପୁର,୧୪।୧୦(ସମିସ): ଜଗତସିଂହପୁର ସଦରର ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ମଲ୍ଲିକଙ୍କ ଭଳି ସରଳ, ଅମାୟିକ ଓ ନିଷ୍କପଟ ବ୍ୟକ୍ତିତ୍ୱ ଆଜିର ରାଜନୀତି ଜଗତରେ ବିରଳ ବୋଲି ଏକାଦଶାହ ଉପଲକ୍ଷେ ଆୟୋଜିତ ସ୍ମୃତିଚାରଣ ସଭାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ପୂର୍ବତନ ଜିଲ୍ଲା ପରିଷଦ ସଭାପତି ନଟବର ବାରିକଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ପୂର୍ବତନ ସାଂସଦ ଡାକ୍ତର ରାଜଶ୍ରୀ ମଲ୍ଲିକ, ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ, ପୂର୍ବତନ ବିଧାୟକ କୈଳାସ ମଲ୍ଲିକ, ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି, ପୂର୍ବତନ ବିଧାୟକ ଜ୍ୟୋତିଷ ଦାସ, ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର, ପୌରାଧ୍ୟକ୍ଷ ଅର୍ଚ୍ଚନା ସିଂ, ବିଜେପି ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଉପେନ୍ଦ୍ର ବିଶ୍ୱାଳ, ପୂର୍ବତନ ଜିଲ୍ଲା ବିଜେପି ସଭାପତି ସତ୍ୟବ୍ରତ ମହାପାତ୍ର, ବରିଷ୍ଠ କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଶ୍ରୀ ମଲ୍ଲିକଙ୍କ ତ୍ୟାଗପୂତ ଜୀବନ ଓ ଆର୍ଦଶରେ ଆଜିର ଯୁବ ସମାଜ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ସ୍ଥାନୀୟ ଗାନ୍ଧୀ ଛକର ଏକ ଘରୋଇ ମଣ୍ଡପରେ ଆୟୋଜିତ ସ୍ମୃତିସଭାରେ ଜିଲ୍ଲା ଓ ରାଜ୍ୟର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଦିବଂଗତଙ୍କ ଅମର ଆତ୍ମାର ସଦଗତି କାମନା କରିଥିଲେ। ତାଙ୍କ ସ୍ମୃତିରେ ସ୍ମରଣିକା "ସ୍ମୃତିରେ କୃଷ୍ଣଚନ୍ଦ୍ର' ଉନ୍ମୋଚିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ମଧୁସୂଦନ ସାହୁ, ପୌର ଉପାଧ୍ୟକ୍ଷ ରାଜେନ୍ଦ୍ର ବିଶୋଇ, ପୌରନିର୍ବାହୀ ଅଧିକାରୀ ସୀମା ଜେନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିତୀ ତନ୍ମୟା ମହାନ୍ତି, ସ୍ମୃତିପତ୍ରର ମୁଖ୍ୟ ସମ୍ପାଦକ ସୁଦର୍ଶନ ବେହେରା, ଜିଲ୍ଲା କଂଗ୍ରେସ ସଭାପତି ଦେବପ୍ରସାଦ ନାୟକ, ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା ଏବଂ ଶିକ୍ଷାବିତ୍ ମୁରଲୀଧର ଦାସ ପ୍ରମୁଖ ଯୋଗ ଦେଇଥିଲେ।

## ସିରସ୍ତା ଗଜଲକ୍ଷ୍ମୀ ପୂଜା ଉତ୍ସବ ଉଦ୍‌ଯାପିତ

ତିର୍ତ୍ତୋଲ, ୧୪।୧୦(ସମିସ): ସାମନ୍ତରାପୁର ପଞ୍ଚାୟତର ସିରସ୍ତାଠାରେ ୫୧ତମ ଗଜଲକ୍ଷ୍ମୀ ପୂଜା ଉତ୍ସବ ଉଦ୍‌ଯାପିତ ହୋଇଛି। ଏହି ପୂଜା ଉତ୍ସବରେ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କର୍ତ୍ତା ଅଦୈତ୍ୟ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ ଯୋଗଦେଇ ପ୍ରତିଯୋଗିତାର ବିଜେତା ଓ ଉପବିଜେତାକୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ। ମା' ଚାଇଁ ମାଇଁ ଡ୍ରାମାଟିକ୍ କ୍ଲବ୍ ବିଜେତା ହୋଇଥିବାବେଳେ ପତିତପାବନ ନାଟ୍ୟ ଅନୁଷ୍ଠାନ ବଡ଼ଗଡ ଭୁବନେଶ୍ୱର ଉପବିଜେତା ହୋଇଥିଲା। ଏ ଅବସରରେ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସ୍ୱସ୍ତିରଞ୍ଜନ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପବିତ୍ର ସାହୁ ସ୍ୱାଗତ ଭାଷଣ ଓ ସୁକାନ୍ତ ସାହୁ ଧନ୍ୟବାଦ ଦେଇଥିଲେ।

## ଦେବୀ ନଦୀରୁ ମୃତଦେହ ଉଦ୍ଧାର

ବାଲିକୁଦା,୧୪।୧୦(ସମିସ): ତରାସାହି ପଞ୍ଚାୟତ ନିକଟରେ ପ୍ରବାହିତ ଦେବୀ ନଦୀରେ ଏକ ଅଜଣା ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ବାଲିକୁଦା ଥାନା ସମେତ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ବାଲିକୁଦା ଥାନା ଅଧିକାରୀ, ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲେ। ପୁଲିସ ୨୪/୨୫ରେ ଅପମୃତ୍ୟୁ ମାମଲା ରୁଜୁ କରି ଜଗତସିଂହପୁର ମେଡିକାଲକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି।

● ଲୁଟ୍ ଉଦ୍ୟମବେଳେ ମାଡ଼ିବସିଲା ପୁଲିସ

## ଜଣେ ପେସାଦାର ଅପରାଧୀ ଗିରଫ

ଜଗତସିଂହପୁର,୧୪।୧୦(ସମିସ): ଜଗତସିଂହପୁର ଜିଲ୍ଲା ପୁଲିସକୁ ମିଳିଛି ସଫଳତା। ଗତକାଲି ବିଳମ୍ବିତ ରାତିରେ କୃଷ୍ଣାନନ୍ଦପୁର ଥାନା ଅନ୍ତର୍ଗତ ନୂଆଦା ସାଇଫୋନ ନିକଟରେ ବନ୍ଧୁକ ଦେଖାଇ ଲୁଟ୍ କରୁଥିବାବେଳେ ଜଣେ ପେସାଦାର ଅପରାଧୀ ସେଖ୍ ମୁସ୍ତାକିମ୍ ଓରଫ ବାବୁକୁ ପୁଲିସ ଗିରଫ କରିଛି। ତେବେ ଅନ୍ୟଜଣେ ଅପରାଧୀ ଫେରାର ହୋଇଯାଇଛି। ବାବୁ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ ଓ ୨ଟି ସୁନା ଚେନ ଜବତ ହୋଇଥିବା ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ଅଙ୍କିତ ବର୍ମା ସୂଚନା ଦେଇଛନ୍ତି। ଗତ ସପ୍ତାହରେ ଜଗତସିଂହପୁର ପୁଲିସ ପେଶାଦାର ଅପରାଧୀ ଟିଙ୍କୁ ତରାଇ ଗ୍ୟାଙ୍ଗର ୪ ଜଣ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ସୁନା ଚେନ, ୩ଟି ଖଣ୍ଡା, ଗୋଟିଏ ଲୁହାରଡ, ଗୋଟିଏ ବାଇକ୍, ୨ଟି ମୋବାଇଲ, ୨ ପ୍ୟାକେଟ ଲଙ୍କାଗୁଣ୍ଡ, ୪ଟି ମୁଖା ଓ ବିୟର ବୋତଲ ଜବତ କରିଥିଲା। ସେଖ୍ ମୁସ୍ତାକିମ୍ ମଧ୍ୟ ସେହି ଟିଙ୍କୁ ଗ୍ୟାଙ୍ଗର ସଦସ୍ୟ ବୋଲି ଶ୍ରୀ ବର୍ମା କହିଛନ୍ତି। ଏହି ଗ୍ୟାଙ୍ଗ ପାରାଦୀପ, କୁଜଙ୍ଗ, ତିର୍ତ୍ତୋଲ, ରଘୁନାଥପୁର ଓ ଜଗତସିଂହପୁର ଥାନା ଅଞ୍ଚଳରେ ନିୟମିତ ଚୋରି, ଡକାୟତି ଓ ଲୁଟ୍ ଭଳି ଅପରାଧ ଘଟାଇ ଆସୁଥିଲେ ବୋଲି ସୂଚନା ଦେଇଛନ୍ତି ଏସ୍‌ପି ଶ୍ରୀ ବର୍ମା। ବାବୁ ନାମରେ ପୂର୍ବରୁ କେନ୍ଦ୍ରାପଡା ଜିଲ୍ଲାର ମାର୍ଶାଘାଇ, ପଟ୍ଟାମୁଣ୍ଡାଇ, ଆଳି, ନିକିରାଇ ଓ କେନ୍ଦ୍ରାପଡା ସଦର ଥାନା ସମେତ କଟକ ଜିଲ୍ଲାର ଲାଲବାଗ ଥାନା ଓ କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆ ଥାନାରେ ୧୭ଟି ମାମଲା ଥିବା ଏସ୍‌ପି ଶ୍ରୀ ବର୍ମା ସୂଚନା ଦେଇଛନ୍ତି।



### ୨ଟି ସୁନା ଚେନ୍ ଓ ଗୋଟିଏ ଦେଶୀ ବନ୍ଧୁକ ଜବତ

## ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ଚକ୍ଷୁ ପରୀକ୍ଷା ଶିବିର

ପାରାଦ୍ୱୀପ,୧୪।୧୦(ସମିସ): ବିଶ୍ୱ ଦୃଷ୍ଟି ଦିବସ ପାଳନ ଅବସରରେ ଏମଏମ/ଏନଏସ ପୋର୍ଟସ୍‌ର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସଆର) ପ୍ରୟାସ 'ଆରୋଗ୍ୟ' ଯୋଜନା ଅଧୀନରେ ଲକପଡ଼ା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ କରିଥିଲା। ଚଳିତ ବର୍ଷର ବିଶ୍ୱସ୍ତରୀୟ ବିଷୟବସ୍ତୁ 'ଲଭ୍ ୟୋର ଆଇଜ୍' ସହିତ ସଂଯୁକ୍ତ, ଯାହାର ଲକ୍ଷ୍ୟ ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚକ୍ଷୁ ଯତ୍ନ ପ୍ରତି ସଚେତନତା ସୃଷ୍ଟି କରିବା। ଶିକ୍ଷକ ଓ କର୍ମଚାରୀଙ୍କ ସହିତ ୯୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ଜେପିଏମ ରୋଟାରୀ ଚକ୍ଷୁ ହସ୍‌ପିଟାଲର ଚକ୍ଷୁ ବିଶେଷଜ୍ଞ ଡକ୍ଟର ସୌମ୍ୟା ସୁଚରିତା ଓ ଅଙ୍କିତା ରାଉତଙ୍କ ଦ୍ୱାରା ଚକ୍ଷୁ ପରୀକ୍ଷା କରାଯାଇଥିଲା। କେତେକ ଛାତ୍ରଛାତ୍ରୀଙ୍କ ସାମାନ୍ୟ ଦୃଷ୍ଟି ସମସ୍ୟା ଚିହ୍ନଟ କରାଯାଇଥିଲା। ସେମାନଙ୍କୁ ସଂଶୋଧନାତ୍ମକ ଚଷମା ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଥିଲା। ଯାହା ପାରାଦୀପର ଏମଏମ/ଏନଏସ ପୋର୍ଟସ୍‌ର ଭିଜନ୍ ସେଣ୍ଟର ଦ୍ୱାରା ମାଗଣାରେ ପ୍ରଦାନ କରାଯିବ। ଡାକ୍ତରମାନେ ଚକ୍ଷୁ ସ୍ୱାସ୍ଥ୍ୟ ବଜାୟ ରଖିବା ପାଇଁ ଦୈନନ୍ଦିନ ଅଭ୍ୟାସ ବିଷୟରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମ ଲକପଡ଼ା ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ କାହ୍ନୁଚରଣ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଶିକ୍ଷୟିତ୍ରୀ ସୁମିତ୍ରା ପାଣିଗ୍ରାହୀ, ଯୋଶୋବନ୍ତୀ ଦାସ ଓ ମିନାର୍ଭା ସାହୁ ସହାୟତା କରିଥିଲେ। ଜେପିଏମ ରୋଟାରୀ ଚକ୍ଷୁ ହସ୍ପିଟାଲରେ ଏକ ଲକ୍ଷରୁ ଅଧିକ ଲୋକଙ୍କୁ ଚକ୍ଷୁ ସ୍କ୍ରିନିଂ, ୩୫୦୦ ମୋତିଆବିନ୍ଦୁ ଅସ୍ତ୍ରୋପଚାର ସୁବିଧା ଯୋଗାଇ ଏମଏମ/ଏନଏସ ପୋର୍ଟସ୍‌ର ଭିଜନ ସେଣ୍ଟର ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟ ହାସଲ କରିଛି। ଏମଏମ/ଏନଏସ ପୋର୍ଟସ ଆଖପାଖ ଅଞ୍ଚଳର ବାସିନ୍ଦାଙ୍କୁ ମାଗଣା ଚକ୍ଷୁ ପରୀକ୍ଷା ଓ ଦୃଷ୍ଟି ସହାୟତା ପ୍ରଦାନ କରିଆସୁଛି। ଯାହା ସୁଲଭ ସ୍ୱାସ୍ଥ୍ୟସେବା ଓ ସାମୂଦାୟିକ କଲ୍ୟାଣ ପ୍ରତି ଏହାର ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରୁଛି।

## ପାରିବାରିକ କାହାଣୀ ନାଟକ 'ଅଭିନେତ୍ରୀ' ମଞ୍ଚସ୍ଥ



ଜଗତସିଂହପୁର,୧୪।୧୦(ସମିସ): ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଓଡ଼ିଶା ନାଟ୍ୟ ସଂଘ ଓ ଜଗତସିଂହପୁର ଜିଲ୍ଲା ପ୍ରଶାସନ ମିଳିତ ଆନୁକୂଲ୍ୟ ଓ ଦୁଃଖୀରାମ ସ୍ୱାଇଁ କଳା ପ୍ରତିଷ୍ଠାନ, ମଞ୍ଚ ମଣିଷ ଓ ପ୍ରଥମା ଫାଉଣ୍ଡେସନ ସହଯୋଗରେ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନରେ ପରିବେଷିତ ହୋଇଥିଲା ନାଟକ ଅଭିନେତ୍ରୀ। କଳାକାରଙ୍କ ନିଖୁଣ ଅଭିନୟ ଓ ନାଟକର ଗତିଶୀଳତା ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ନାଟକର କାହାଣୀ ଥିଲା କିଛି ଏପରି। ବୟସ ବଢିବା ସହିତ ଘରକୁ ଗୋଟିଏ ସ୍ତ୍ରୀ ଲୋକର ଆବଶ୍ୟକ ପଡେ। ସାନଭାଇମାନେ ଜିଦି ଧରନ୍ତି ବଡ଼ ଭାଇ ପାଇଁ ଗୋଟିଏ ନିଜ ମନ ପସନ୍ଦର ଭାଉଜ ଆଣିବା ପାଇଁ। ଭାଇଙ୍କ ମଧ୍ୟରେ ପ୍ରତିଯୋଗିତା ଚାଲେ ନିଜ ରୁଚି ସହ ଭାଉଜର ରୁଚି ସମାନ ହେଉଥିବା ଦରକାର। ଏମିତି ପ୍ରତ୍ୟେକ ଭାଇଙ୍କ ରୁଚି ଓ ବଡଭାଇର ବିବାହକୁ ନେଇ ଘର ଭିତରେ ଅସନ୍ତୋଷ ବୃଦ୍ଧିପାଏ। ଶେଷରେ ବଡ଼ଭାଇ ମିଛ ବିବାହର ଅଭିନୟରେ ଗୋଟିଏ ଅଭିନେତ୍ରୀକୁ ଘରକୁ ବୋହୂ କରି ଆଣନ୍ତି। ଅଭିନେତ୍ରୀ ତାଙ୍କ ଅଭିନୟ ମାଧ୍ୟମରେ ସବୁ ଭାଇଙ୍କ ପ୍ରତ୍ୟେକଙ୍କ ରୁଚିକୁ ପୂରଣ କରି ବଶିଭୂତ କରେ। ସେଥିପାଇଁ ଅଭିନେତ୍ରୀଙ୍କୁ ଅନେକ ଅଭିନୟର ଭୂମିକା ନିର୍ବାହ କରିବାକୁ ପଡେ। ସମସ୍ତେ ପୁନର୍ବାର ପାରିବାରିକ ବନ୍ଧନରେ ବାନ୍ଧି ହୋଇ ଯୌଥ ପରିବାରରେ ରୁହନ୍ତି। ଅଭିନେତ୍ରୀଟି ଅଭିନୟ କରୁ କରୁ ସଫଳ ଅଭିନେତ୍ରୀଟିଏ ହେଇଯାଏ। ସବୁଦିନ ପାଇଁ ସମସ୍ତଙ୍କ ସହ ଆପଣାର ସମ୍ପର୍କରେ ନିଜକୁ ବାନ୍ଧି ରଖେ। ଯାହା ପାରିବାରିକ ଓ ସାମାଜିକ ବ୍ୟବସ୍ଥା ମଧ୍ୟରେ ଗୋଟିଏ ନାରୀର ଭୂମିକା ଅବର୍ଣ୍ଣନୀୟ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ବିଶିଷ୍ଟ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଓ ସଙ୍ଗୀତ ନାଟକ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା, ସ୍ଥାନୀୟ ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ, ଓଡ଼ିଶା ନାଟ୍ୟସଂଘର ସଭାପତି ମନୋଜ ପଟ୍ଟନାୟକ, ଉପସଭାପତି ଜିତେନ୍ଦ୍ର ପଟ୍ଟନାୟକ, କୋଷାଧ୍ୟକ୍ଷ ସୁଶୀଲ ପଟ୍ଟନାୟକ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ଲାଲା ବିରେନ ରାୟ ଓ ପବିତ୍ର ପଟ୍ଟନାୟକ, ଜଗତସିଂହପୁର ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ ଜେନା, ନାଟ୍ୟ ନିର୍ଦ୍ଦେଶକ ଶାରଦା ରଣା ପ୍ରମୁଖ ଯୋଗ ଦେଇଥିଲେ। ନାଟକକୁ ଦେବବ୍ରତ ପଟ୍ଟନାୟକ ନିର୍ଦ୍ଦେଶନା ଦେଇଥିବାବେଳେ ସହନିର୍ଦ୍ଦେଶନା ଦେଇଥିଲେ ହିମାଂଶୁ ବେହେରା। ଦୁର୍ଗାପ୍ରସାଦ ସ୍ୱାଇଁ, ବିଜୟ ରାଉତ, ନରେଶ ଦାସ, ଦିଲ୍ଲୀପ ଗୋଛାୟତ, ଜୟରାମ ମହାନ୍ତି, ସ୍ମୃତିରଞ୍ଜନ ସ୍ୱାଇଁ, ନିଖିଳ ନାୟକ, ଶାରଦା ଦାସ, ସୁଶାନ୍ତ ଦାସ ପ୍ରମୁଖ ପରିଚାଳନା କରିଥିଲେ।

## କୃଷି ବିଜ୍ଞାନ କେନ୍ଦ୍ରରେ ଉଦ୍ଭିଦ ସୁରକ୍ଷା ଯନ୍ତ୍ରପାତି ସମ୍ପର୍କିତ ତାଲିମ

ଜଗତସିଂହପୁର,୧୪।୧୦(ସମିସ): କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ଶ୍ରମ ବିଜ୍ଞାନ ଓ ସୁରକ୍ଷା ଓ ସର୍ବଭାରତୀୟ ସମନ୍ୱିତ ଗବେଷଣା ପ୍ରକଳ୍ପ, ଓୟୁଏଟିର ମିଳିତ ପ୍ରୟାସରେ କୃଷି ବିଜ୍ଞାନ କେନ୍ଦ୍ରରେ ଉଦ୍ଭିଦ ସୁରକ୍ଷା ଉପକରଣ ବ୍ୟବହାରରେ ନିରାପତ୍ତା ଓ ସଚେତନା ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୃଷି ଯାନ୍ତ୍ରିକରଣ ବିଭାଗ ଓୟୁଏଟି ମୁଖ୍ୟ ଅଧ୍ୟାପକ ଡକ୍ଟର ମାର୍କଣ୍ଡେୟ ମହାପାତ୍ର ଯୋଗଦେଇ ଉପସ୍ଥିତ କୃଷିଜୀବୀ ମହିଳା ଓ ଚାଷୀ ଭାଇଙ୍କୁ ବିଭିନ୍ନ ଉଦ୍ଭିଦ ସୁରକ୍ଷା ନିମିତ୍ତ ଯନ୍ତ୍ରପାତି ଓ ଏହାର ସୁରକ୍ଷିତ ବ୍ୟବହାର ବିଷୟରେ ତାଲିମ ପ୍ରଦାନ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଡ. ଦ୍ୱାରିକା ମୋହନ ଦାସ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ଜୀବନଜିତ ସେନ ଯୋଗଦେଇ କୃଷି ବିଜ୍ଞାନ କେନ୍ଦ୍ରର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ବୈଜ୍ଞାନିକ ଡ. ପ୍ରଦୀପ୍ତ ମାଝୀ ଚାଷୀଙ୍କୁ ସୁରକ୍ଷିତ ସାରର ବ୍ୟବହାର ଉପରେ ଦିଗଦର୍ଶନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଗରାମ, ତେରମାଣପୁର, ଅଚୁତଦାସପୁର, ଶ୍ରୀଚନ୍ଦନପୁର ଓ ବାହାରଣା ଅଞ୍ଚଳର ୬୦ରୁ ଅଧିକ କୃଷିଜୀବୀ ମହିଳା ଓ ଚାଷୀ ଭାଇ ଯୋଗ ଦେଇଥିଲେ।

# ରଘୁନାଥପୁର ବ୍ଲକ୍‌ରେ ସିଆରସିସି ନିଯୁକ୍ତିରେ ବିଳମ୍ବ ଅଭିଯୋଗ

ରଘୁନାଥପୁର,୧୪।୧୦(ସମିସ)

ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ସିଆରସିସି (ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ) ନିଯୁକ୍ତିକୁ ନେଇ ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି। ବର୍ଷେ ପୂର୍ବେ ୫ଟି କ୍ଲଷ୍ଟର ସିଆରସିସିଙ୍କ କାର୍ଯ୍ୟକାଳ ଶେଷ ହୋଇଥିଲେ ମଧ୍ୟ ପ୍ରଶାସନ ସବୁ ଜାଣି ଅଜଣା ଭଳି ହେଉଛି। ଫଳରେ ନୂତନ ଭାବେ ଆବେଦନ କରିଥିବା ବ୍ୟକ୍ତିଙ୍କୁ ମିଳୁନି ସୁଯୋଗ। ଅନ୍ୟପକ୍ଷରେ ପୁରୁଣା ବାବୁମାନେ ଗାଦି ଛାଡ଼ିବା ପରିବର୍ତ୍ତେ ପ୍ରଶାସନର କୋହଳ ମନୋଭାବରୁ ଫାଇଦା ଉଠାଇ ଚାଲିଛନ୍ତି। ଯାହାକୁ ନେଇ ସାଧାରଣରେ ଉଦବେଗ ପ୍ରକାଶ ପାଇବା ସହ ଶିକ୍ଷା ବିଭାଗର କାର୍ଯ୍ୟଦକ୍ଷତା ସନ୍ଦେହ ଘେରରେ ରହିଛି।

ଗତବର୍ଷ ଅକ୍ଟୋବରରେ ରଘୁନାଥପୁର ମଣ୍ଡଳର ବିଭିନ୍ନ କ୍ଲଷ୍ଟରରେ କାର୍ଯ୍ୟରତ ୫ ଜଣ ସିଆରସିସିଙ୍କ କାର୍ଯ୍ୟକାଳ ଶେଷ ହୋଇଛି। ଏହି କ୍ରମରେ ନୂତନ ସିଆରସିସି ପଦବୀ ପାଇଁ ୩ ଜଣ ଶିକ୍ଷକ ଆବେଦନ କରିଛନ୍ତି। ଏ ସମ୍ପର୍କରେ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ପତ୍ର ଯୋଗେ ଅବଗତ କରାଯାଇଛି। ଗତ ୪ ମାସ ତଳୁ ଏମାନଙ୍କ ଭିଜନିଂ ଟେଷ୍ଟ କରି ନିଯୁକ୍ତି ଦେବା ପରିବର୍ତ୍ତେ ଜିଲ୍ଲା ଶିକ୍ଷା ବିଭାଗ ଏହାକୁ ଗଡ଼ାଇ ଚାଲିଛି। ଇତିମଧ୍ୟରେ ବାହାର ବ୍ଲକର ଦୁଇଜଣ ଶିକ୍ଷକ ସିଆରସିସି ନିଯୁକ୍ତିକୁ ନେଇ କୋର୍ଟରେ କେସ କରିବା ଫଳରେ ଜିଲ୍ଲା ଶିକ୍ଷା ବିଭାଗ କୋର୍ଟରେ କେସ ଚାଲିଥିବା ଦର୍ଶାଇ ନିଯୁକ୍ତି ପ୍ରକ୍ରିୟାରୁ ହଟିଯାଇଛି। ଯାହା ପରିସ୍ଥିତିକୁ ଗମ୍ଭୀର କରିଥିବାବେଳେ କାର୍ଯ୍ୟକାଳ ଶେଷ ହୋଇଥିବା ବାବୁଙ୍କୁ ଏହା ପରୋକ୍ଷରେ ସୁହାଉଛି। ଯାହାକୁ ନେଇ ଶିକ୍ଷା ବିଭାଗରେ ସ୍ୱଚ୍ଛତା ପ୍ରତି ପ୍ରଶ୍ନ ଉଠିଛି। ଏସବୁ ବ୍ୟତିକ୍ରମ ମଧ୍ୟରେ ନୂତନ ସିଆରସିସି ପଦବୀ ପାଇଁ ଶିକ୍ଷକଙ୍କ ଉତ୍ସାହ କମିବା ସହ ସେମାନେ ଆବେଦନ ପାଇଁ ଇଚ୍ଛା ପ୍ରକାଶ କରୁ ନ ଥିବା ଦେଖାଯାଇଛି।

ଏ ସମ୍ପର୍କରେ ନିଯୁକ୍ତି ଦାୟିତ୍ୱରେ ଥିବା ଅଧିକାରୀ ତପନ ନନ୍ଦଙ୍କୁ ପଚାରିବାରୁ ସେ କହିଛନ୍ତି, କୋର୍ଟରେ ମାମଲା ଚାଲିଥିବାରୁ ସାରା ଜିଲ୍ଲାରେ ସିଆରସିସି ନିଯୁକ୍ତି ପ୍ରକ୍ରିୟା ବନ୍ଦ ରହିଛି। ଯଦି ଆବଶ୍ୟକତା ଅନୁଯାୟୀ ମଣ୍ଡଳ ଶିକ୍ଷାଧିକାରୀଙ୍କ ପକ୍ଷରୁ ଆବେଦନକାରୀଙ୍କୁ ଆଗାମୀ ନିଯୁକ୍ତି ପ୍ରକ୍ରିୟା ପର୍ଯ୍ୟନ୍ତ ଅସ୍ଥାୟୀ ଭାବେ ରଖାଯିବା ପାଇଁ ଚିଠି ଆସେ, ତେବେ ଜିଲ୍ଲାପାଳ ଏ ସମ୍ପର୍କରେ ନିଷ୍ପତ୍ତି ନେଇପାରିବେ। ଅନ୍ୟପକ୍ଷରେ ଦାୟିତ୍ୱରେ ଥିବା ବିଇଓ ମଧୁସ୍ମିତା ପତି ଏ ସମ୍ପର୍କରେ ଜିଲ୍ଲା ଅଫିସରୁ ବୁଝି ନିଷ୍ପତ୍ତି ନେବେ ବୋଲି ପ୍ରକାଶ କରିଛନ୍ତି। ଏ ପରିପ୍ରେକ୍ଷୀରେ ବ୍ଲକ ଶିକ୍ଷାଧିକାରୀ ନୂତନ ଆବେଦନକାରୀଙ୍କୁ ଅସ୍ଥାୟୀ ଭାବେ ସିଆରସିସି ପଦବୀରେ ରଖାଯିବା ପାଇଁ ଜିଲ୍ଲା ଶିକ୍ଷା ବିଭାଗକୁ ଚିଠି ଲେଖିବା ପାଇଁ ମତ ପ୍ରକାଶ ପାଇଛି। ଜିଲ୍ଲାପାଳ, ଗଣଶିକ୍ଷା ମନ୍ତ୍ରୀ ଓ ସଚିବ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଓ ଶିକ୍ଷକ ସମାଜ ପକ୍ଷରୁ ଦାବି ହେଉଛି।

● କୋରାପୁଟ ବସଷ୍ଟାଣ୍ଡରେ ଅସାମାଜିକଙ୍କ ଦୌରାତ୍ମ୍ୟ

## ଯାତ୍ରୀଙ୍କ ସୁରକ୍ଷା ପାଇଁ ସିସି କ୍ୟାମେରା ଲଗାଇଲା ଘରୋଇ ମାଲିକ ସଂଘ

କୋରାପୁଟ,୧୪।୧୦(ସମିସ): କୋରାପୁଟ ବସଷ୍ଟାଣ୍ଡ ନିକଟରୁ ଟାଉନ ଥାନା ସ୍ଥାନାନ୍ତର ହେବାପରେ ବସଷ୍ଟାଣ୍ଡରେ ଦିନକୁ ଦିନ ଅସାମାଜିକ ଲୋକଙ୍କ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ବସଷ୍ଟାଣ୍ଡ ନିକଟରେ ଥିବା ଚିପି ବଜ ମଦ ଦୋକାନ ଆଗରେ ଖୋଲା ଖୋଲି ମଦ ପିଇ ବସଷ୍ଟାଣ୍ଡରେ ଅସାମାଜିକଙ୍କ କାର୍ଯ୍ୟ ବୃଦ୍ଧି ପାଉଥିବାରୁ ଯାତ୍ରୀ ମାନେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ବସଷ୍ଟାଣ୍ଡରେ ଯାତ୍ରୀ ମାନଙ୍କ ସୁରକ୍ଷା ନେଇ ଘରୋଇ ବସ ମାଲିକ ସଂଘ ପକ୍ଷରୁ ଉଦ୍ୟମ କରାଯାଇଛି। ଘରୋଇ ବସ ମାଲିକ ସଂଘର ସଭାପତି ସେକ କାସିମ ଓ ସମ୍ପାଦକ ଫିରୋଜ ତୁରୁକଙ୍କ ଉଦ୍ୟମରେ ଆଜି ବସଷ୍ଟାଣ୍ଡ ପରିସରରେ ୬ଟି ସିସି କ୍ୟାମେରା ଲଗାଯାଇଛି। ଏହି ସଫଳ ଉଦ୍ୟମକୁ ଯାତ୍ରୀ ମାନେ ଭୂୟସୀ ପ୍ରଶଂସା କରିବା ସହିତ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରିଛନ୍ତି।

## ଅତାଣ୍ଡ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ



ନନ୍ଦପୁର, ୧୪।୧୦ (ସମିସ): କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ଅତାଣ୍ଡ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣି ୮ ଜଣ ୱାର୍ଡ଼ ମେମ୍ବର ଉପ ଜିଲ୍ଲାପାଳ ଓ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ୱାର୍ଡ଼ ମେମ୍ବର ମାନଙ୍କ କହିବା ଅନୁସାରେ ସେମାନେ ଅତାଣ୍ଡ ସରପଞ୍ଚଙ୍କ ଉପରେ ଆଉ ଆସ୍ଥା ପ୍ରକଟ କରୁ ନ ଥିବା ପତ୍ର ମାଧ୍ୟମରେ ଉଲ୍ଲେଖ କରିଛନ୍ତି। କାହିଁକି କଣ ପାଇଁ ସରପଞ୍ଚଙ୍କ ଉପରେ ଆସ୍ଥା ପ୍ରକଟ କରୁନାହାନ୍ତି, ସେ କଥା ଏଥିରେ ଉଲ୍ଲେଖ ହୋଇନାହିଁ। ମଙ୍ଗଳବାର ୮ ଜଣ ୱାର୍ଡ ମେମ୍ବର କୋରାପୁଟ ଉପ ଜିଲ୍ଲାପାଳଙ୍କ ନିକଟରେ ପହଞ୍ଚି ଅନାସ୍ଥା ପତ୍ର ଦାଖଲ କରି ତୁରନ୍ତ ନନ୍ଦପୁର ବିଡିଓଙ୍କୁ ପଞ୍ଚାୟତ ସଭା ଡାକି ବାକୁ ଗୁହାରି କରିଛନ୍ତି। ଅନ୍ୟ ପଟେ ଏନେଇ ସମ୍ପୃକ୍ତ ସରପଞ୍ଚ ସହଦେବ ପାଙ୍ଗିଙ୍କ କୌଣସି ପ୍ରତିକ୍ରିୟା ମିଳପାରିନାହିଁ।

● ସମବାୟ ସମିତି ଟଙ୍କା ଆତ୍ମସାତ ମାମଲା

## ପୂର୍ବତନ ସମ୍ପାଦକଙ୍କ ନାମରେ ଥାନାରେ ଅଭିଯୋଗ




ଜୟପୁର,୧୪।୧୦(ସମିସ): ଜୟପୁର ସହରର ଲାଇଫ୍ ଲାଇନ୍ ସମବାୟ ସମିତି ପୂର୍ବତନ ସମ୍ପାଦକ ବିଜୟ କୁମାର ତ୍ରିପାଠୀଙ୍କ ନାମରେ ସମ୍ପାଦକ ବଳରାମ ପାଣିଗ୍ରାହୀ ଟାଉନଥାନାରେ ଅଭିଯୋଗ କରିଛନ୍ତି। ପୂର୍ବତନ ସମ୍ପାଦକ ଶ୍ରୀ ତ୍ରିପାଠୀ ଛୋଟ ଛୋଟ ଜମାକାରୀଙ୍କ ଜମା ଟଙ୍କା ଆତ୍ମସାତ କରିଥିବା ନେଇ ପୂର୍ବରୁ ମଧ୍ୟ ଥାନାରେ ଅଭିଯୋଗ ହୋଇଥିଲା। ଏହ ଘଟଣାର ଖୁଲାସା ପରେ ଭୟରେ ଶ୍ରୀ ତ୍ରିପାଠୀ ସମିତିର ରେକର୍ଡପତ୍ର ଗୁଡିକ ପରିଚାଳନା କମିଟିର ଅଜାଣତରେ ଲୁଚାଇ ରଖିଛନ୍ତି। ପୁରୁଣା ରେକର୍ଡ ନମିଳିବା ଯୋଗୁଁ ଜମାକାରୀଙ୍କୁ ଟଙ୍କା ଦିଆଯାଇପାରୁନାହିଁ କି ସମିତିର ଅଡିଟ ମଧ୍ୟ ହୋଇପାରୁନାହିଁ। ସମିତି ପକ୍ଷରୁ ବାରମ୍ବାର ରେକର୍ଡ ପତ୍ର ହସ୍ତାନ୍ତର କରିବାକୁ ଚିଠି ଦେଲେ ମଧ୍ୟ ଚିଠି ଗ୍ରହଣ କରୁନାହାନ୍ତି। ଏନେଇ ସମିତି ପକ୍ଷରୁ ଏକ କାର୍ଯ୍ୟକାରୀଣି ବୈଠକ ଡକାଯାଇ ପୂର୍ବତନ ସମ୍ପାଦକ ଶ୍ରୀ ତ୍ରିପାଠୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା ଏବଂ ଥାନାରେ ଏତଲା ଦେବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଥାନାରେ ଗତ ୧୭ ଜୁନ ୨୦୨୩ ମସିହାରୁ ପୂର୍ବତନ ସମ୍ପାଦକ ବିଜୟ କୁମାର ତ୍ରିପାଠୀଙ୍କ ବିରୁଦ୍ଧରେ ଏତଲା ଦିଆଯାଇନଥିଲା। କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା ଯୋଗୁଁ ଆଜି ପୁଣି ତାଙ୍କ ନାମରେ ଏତଲା ଦିଆଯାଇଛି। ଟଙ୍କା ଜମାକାରୀ ମାନେ ବାରମ୍ବାର କାର୍ଯ୍ୟାଳୟକୁ ଆସି ଜମଟଙ୍କା ନେଇ ବର୍ତ୍ତମାନ ସମ୍ପାଦକଙ୍କୁ ବାଧ କରୁଛନ୍ତି ବୋଲି ସମ୍ପାଦକ ଶ୍ରୀ ପାଣିଗ୍ରାହୀ ଅଭିଯୋଗ କରିଛନ୍ତି। ପୁଲିସ ପକ୍ଷରୁ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଇ କାର୍ଯ୍ୟାନଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି।

## କାର୍ଯ୍ୟରେ ଯୋଗଦେଲେ ଜିପିଏଲଏଫ କର୍ମୀ ସଂଘ

ନନ୍ଦପୁର,୧୪।୧୦(ସମିସ): ଅଲ୍ ଓଡିଶା ଜିପିଏଲଏଫ୍ କର୍ମୀ ସଂଘର ଡାକରାରେ ଗତ ୨୨ ସେପ୍ଟେମ୍ବର ଠାରୁ କାର୍ଯ୍ୟ ବନ୍ଦ କରି ଅନସନରେ ରହିଥିବା ନନ୍ଦପୁର ବ୍ଲକ ଜିପିଏଲଏଫ୍ କର୍ମୀ ସଂଘ ମଙ୍ଗଳବାର କାର୍ଯ୍ୟରେ ଯୋଗ ଦେଇଛନ୍ତ। ଅନଶନ ପରେ ମଧ୍ୟ ସରକାର ନ ଶୁଣିବାରୁ ସଂଘ କୋର୍ଟ ର ଆଶ୍ରୟ ନେଇଥିଲେ। କୋର୍ଟର ରାୟ ପରେ ପରବର୍ତ୍ତୀ ନିଷ୍ପତି ନେବ ରାଜ୍ୟ ସଂଘ । ସଂଘର ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟରେ ଯୋଗ ଦେଇ ସରକାରଙ୍କ ସମସ୍ତ କାର୍ଯ୍ୟ କରିବେ ବୋଲି ସଂଘ ପକ୍ଷରୁ ଲିଖିତ ପତ୍ର ନନ୍ଦାପୁର ବ୍ଲକ ସଂଘ ବିଡିଓ ଦୁର୍ଗା ପ୍ରସାଦ ଦୋରାଙ୍କୁ ଜଣାଇଛନ୍ତି। ସରକାରଙ୍କ ଦ୍ୱାରା ଘୋଷଣା କରାଯାଇଥିବା ଇନସେଣ୍ଟିଭ୍ ନେବେ ନାହି, କୋର୍ଟର ରାୟ ପରେ ସଂଘ ନିଷ୍ପତି ନେବା ପର୍ଯ୍ୟନ୍ତ ବିନା ଟଙ୍କାରେ କାର୍ଯ୍ୟ କରିବେ ବୋଲି ସଂଘ ସୂଚନା ଦେଇଛି।

## ସ୍ୱାମୀ ଘର ଆଗରେ ସ୍ତ୍ରୀର ଧାରଣା



କାଲିମେଲା,୧୪।୧୦(ସମିସ): ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ନାଲାଗୁଣ୍ଡି ପଞ୍ଚାୟତ ଅନ୍ତର୍ଗତ ଏମ୍‌ଭି - ୭୨ ଗାଁରେ ନିଜ ଅଧିକାର ପାଇଁ ସ୍ୱାମୀ ଘର ଆଗରେ ଧାରଣା ଦେଇଛି ସ୍ତ୍ରୀ। ସୂଚନା ମୁତାବକ ଏମ୍‌ଭି - ୭୨ ଗ୍ରାମର ତୁଷାର ମଣ୍ଡଳଙ୍କ ପୁଅ ତାପସ ମଣ୍ଡଳ ଶିମିଳିବାଞ୍ଚା ପଞ୍ଚାୟତ ଏମ୍‌ଭି - ୬୧ ଗ୍ରାମର କୃଷ୍ଣପଦ ବିଶ୍ୱାସଙ୍କ ଝିଅ କରିଷ୍ମାଙ୍କୁ କିଛି ବର୍ଷ ତଳେ ବିବାହ କରିଥିଲେ। ଏହା ପରେ ଉଭୟ ମାଲକାନଗିରିରେ ଘର ଭଡ଼ା କରି ଦାମ୍ପତ୍ୟ ଜୀବନ ଆରମ୍ଭ କରିଥିଲେ। ହେଲେ ଶ୍ୱଶୁର, ଶାଶୂ ଓ ପରିବାରର ଅନ୍ୟ ସଦସ୍ୟ ମାନେ ପୁଅ ବୋହୂ ସମ୍ପର୍କରେ ବିଭେଦ ସୃଷ୍ଟି କରି ଉଭୟଙ୍କୁ ଅଲଗା କରିଦେଇଥିଲେ। ଏହା ପରେ କରିଷ୍ମା ଏମ୍‌ଭି - ୭୯ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଏମ୍‌ଭି - ୭୯ ଥାନା ୯୮/୨୨ ରେ ମାମଲା ରୁଜୁ ହେବା ସହ ଅଭିଯୁକ୍ତ ତାପସ ମଣ୍ଡଳଙ୍କୁ ଗିରଫ କରାଯାଇଥିଲା। ଏହା ବିରୁଦ୍ଧରେ ଅଭିଯୁକ୍ତ ଉଚ୍ଚତମ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଏହା ପରେ ଉଚ୍ଚନ୍ୟାୟାଳୟର ହସ୍ତକ୍ଷେପ ପରେ ସ୍ୱାମୀ ସ୍ତ୍ରୀଙ୍କୁ ଏକାଠି ରହିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ କରିଷ୍ମାଙ୍କୁ ଶ୍ୱଶୁର, ଶାଶୂ, ସ୍ୱାମୀ ତାଙ୍କୁ ସ୍ତ୍ରୀ କିମ୍ବା ବୋହୂ ମାନ୍ୟତା ନ ଦେବାରୁ ସେ ଏମ୍‌ଭି - ୭୨ ରେ ଥିବା ଶ୍ୱଶୁର ଘର ସମ୍ମୁଖରେ ପୁନର୍ବାର ବୋହୂର ମାନ୍ୟତା ପାଇଁ ଧାରଣା ଦେଇଛନ୍ତି। ତେବେ କରିଷ୍ମାଙ୍କ ଶ୍ୱଶୁର, ଶାଶୂ ଏବଂ ନଣନ୍ଦ ଘର ଛାଡ଼ି ଫେରାର ହୋଇଯାଇଥିବା ବେଳେ ଘରେ ତାଲା ଝୁଲୁଛି। ସ୍ୱାମୀ ତାପସ ମଣ୍ଡଳ ବିଏସ୍‌ଏଫ୍ ଯବାନ ଭାବେ ଜମ୍ମୁ କଶ୍ମୀରରେ କାର୍ଯ୍ୟରତ ଅଛନ୍ତି। ସ୍ତ୍ରୀ କରିଷ୍ମା ଧାରଣା ଦେବା ସହ ପରିବାର ସହ ପୁନର୍ବାର ଏମ୍‌ଭି ୭୯ ଥାନାର ଦ୍ୱାରସ୍ଥ ହୋଇଥିବାର ସୂଚନା ମିଳିଛି।

● କାରରେ ଗଞ୍ଜେଇ ଚୋରା ଚାଲାଣ ଘଟଣା

## ଫେରାର ଅଭିଯୁକ୍ତ ଗିରଫ



କୋରୁକୋଣ୍ଡା,୧୪।୧୦(ସମିସ): ମାଲକାନଗିରି ଜିଲ୍ଲା ଓର୍କେଲ ପୋଲିସକୁ ମିଳିଛି ଏକ ବଡ ସଫଳତା। ବେଆଇନ ଭାବେ ଏକ କାର ଯୋଗେ ବାହାର ରାଜ୍ୟକୁ ଗଞ୍ଜେଇ ଚୋରା ଚାଲାଣ କରୁଥିବା ଘଟଣାରେ ଫେରାର ଥିବା ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ। ଗିରଫ ହୋଇଥିବା ଅଭିଯୁକ୍ତ ଜଣକ ହେଉଛନ୍ତି କୋରାପୁଟ ଜିଲ୍ଲା ମାଛକୁଣ୍ଡ ଥାନା ଅଧିନସ୍ତ ଲମତାପୁଟ ଅଞ୍ଚଳର ଦୋରାଗୁଡା ଗ୍ରାମର ମହାଦେବ ବଗଦୟାତ (୨୫) ବୋଲି ଜଣାପଡିଛି। ସୂଚନା ମୁତାବକ ଗତ-୨୦୨୪ ମସିହା ଅକ୍ଟୋବର ମାସ ୧୦ ତାରିଖ ରାତିରେ ଓର୍କେଲ ଥାନା ଅଧିକାରୀ ଧିରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ପୋଲିସର ଏକ ସ୍ୱତନ୍ତ୍ର ଟିମ ବାଲିମେଳା - କୁଡୁମୁଲୁଗୁମ୍ମା ମୁଖ୍ୟ ରାସ୍ତାରେ ପାଟ୍ରୋଲିଂ କରୁଥିବା ବେଳେ ବାଲିମେଳା ପଟୁ ଏକ କାର ଦ୍ରୁତ ଗତିରେ ଜୟପୁର ଅଭିମୁଖେ ଯାଉଥିବା ଦେଖି ସନ୍ଦେହ କରି ଗାଡ଼ିର ପିଛା କରି ୨୮୮ କିଲୋ ଗଞ୍ଜେଇ ଜବତ କରିଥିଲେ। କିନ୍ତୁ କାରରେ ଥିବା ଦୁଇଜଣ ବ୍ୟକ୍ତି ଘଟଣା ସ୍ଥଳରୁ ଦୌଡି ପଳାଇ ଯାଇଥିଲେ। ପୋଲିସ ଉକ୍ତ କାର ସମେତ ଗଞ୍ଜେଇକୁ ଜବତ କରିବା ସହିତ ଏନେଇ ଥାନାରେ କେସ ନମ୍ବର ୩୩୭/୨୦୨୪ ରେ ଏକ ମାମଲା ରୁଜୁ କରାଯାଇଥିଲା। ଏସଆଇ ଅଜିତ ସିଂ ବରିହା ଓ ଏସଆଇ ମନୋହର ସାହୁଙ୍କ ନେତୃତ୍ୱରେ ପୋଲିସର ଏକ ସ୍ୱତନ୍ତ୍ର ଟିମ ଲମତାପୁଟ ଅଞ୍ଚଳରେ ମୋବାଇଲ ଟ୍ରାକ କରି ମହାଦେବଙ୍କୁ ଧରିବାରେ ସଫଳ ହୋଇଥିଲେ। ଆଜି ମହାଦେବଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଧିରେନ ପଟ୍ଟନାୟକ ସୂଚନା ଦେଇଛନ୍ତି।

## ଗୁଣି ଗାରେଡି ସନ୍ଦେହରେ ମରଣାନ୍ତକ ଆକ୍ରମଣ ଘଟଣା

## ଜୀବନରେ ମାରିଦେବାକୁ ଧମକ

ନନ୍ଦପୁର,୧୪।୧୦ (ସମିସ): ଗୁଣି ଗାରେଡ଼ିକୁ ସନ୍ଦେହ କରି ଏକ ପରିବାରକୁ ଗାଁରୁ ତଡି ଦେବା ସହ ତାଙ୍କ ଘର ଭାଙ୍ଗିବା ଓ ଘରର ଆସବାବ ପତ୍ର ନଷ୍ଟ କରି ଟଙ୍କା ପଇସା ଲୁଟି ନେଇଥିବା ଘଟଣାର ପାଞ୍ଚ ଦିନ ଅନ୍ତରାଳରେ ପାଡୁଆ ପୁଲିସର ହସ୍ତକ୍ଷେପ ପରେ ଗତ ସୋମବାର ସନ୍ଧ୍ୟାରେ ବାସନ୍ଦ ପରିବାର ଥଇଥାନ ବେଳେ ଆଉ ଏକ ଘଟଣା ସାମ୍ନାକୁ ଆସିଛି। ସୁବାଇ ଗ୍ରାମର ରବି ଗୁଣ୍ଟା ଆବହମାନ କାଳରୁ ନିଜ ଘର ଅଗଣା ରେ ରହିଥିବା ଓସ୍ତ ଓ ବଟ ବୃକ୍ଷକୁ ପୂଜା ଆରାଧନା କରି ଆସୁଥିଲେ । ହେଲେ ରବି ପୂଜା କରୁଥିବା ବୃକ୍ଷଟି ଧୀରେ ଧୀରେ ବୃହତ୍ ଆକାର ନେଇ ଘର ଉପରେ ମାଡ଼ିବସୁଥିବା ଦେଖି ଘରର ସୁରକ୍ଷା ନିମନ୍ତେ ବୃକ୍ଷଟିକୁ କାଟିବାକୁ ମନସ୍ଥ କଲେ। ତେବେ ହିନ୍ଦୁ ଧର୍ମର ବିଶ୍ୱାସରେ ଜଣେ ଅଲେଖ ଧର୍ମି ବାବାଙ୍କୁ ବୃକ୍ଷ କାଟିବା ସମ୍ପର୍କରେ ପଚାରି ଥିଲେ ରବି । ପରେ ପୂଜା ପାଉଥିବା ଓସ୍ତ ଓ ବଟ ବୃକ୍ଷ କୁ ବିଧି ବିଧାନରେ ପୂଜାର୍ଚ୍ଚନା କରି କାଟିବା ପରେ ନଦୀରେ ଭସାଣି ଲାଗି ରବି ଓ ତାଙ୍କ ସହଯୋଗୀ ଗାଡ଼ିରେ ଲଦି ନେଉଥିଲେ। ହେଲେ ଦୁଇ ଗାଡ଼ିରେ କଟା ଗଛ ନେଉ ଥିବା ସମୟରେ ସୁବାଇ ଗାଁ ଲୋକେ ହଠାତ୍ ଉତ୍ୟକ୍ତ ହୋଇ ଘେରିବା ସହ ଜଣଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ବେଳେ ଜୋର୍ ଜବରଦସ୍ତ କରି ଜୀବନ ରେ ମାରି ଦେବା ଧମକ ଦେଇଥିବା ଅଭିଯୋଗ ହୋଇଛି । ବିଳମ୍ବିତ ରାତିରେ ଗାଡିକୁ ଅଟକାଇ ଲୋକେ ହୋ ହାଲ୍ଲା କରିବା ସହ ମାର ପିଟ ପର୍ଯ୍ୟନ୍ତ କଥା ଯାଇଥିଲା। ଠିକଣା ସମୟ ରେ ସୁନାବେଡ଼ା ପୁଲିସ୍ ପହଞ୍ଚି ରବି ଗୁଣ୍ଟାଙ୍କୁ ସୁରକ୍ଷା ଦେଇଥିଲେ। ଷଡ଼ଯନ୍ତ୍ରର ଶିକାର ହୋଇ ଜଣେ କ୍ଷତାକ୍ତ ଅବସ୍ଥାରେ କୋରାପୁଟ ମେଡିକାଲରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିବା ବେଳେ ରବି ଗୁଣ୍ଟାଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିବା ନେଇ ମଙ୍ଗଳବାର ନନ୍ଦପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିବା ଜଣାପଡିଛି । ସୁତରାଂ ଅବିଳମ୍ବେ ପୁଲିସ ସଜାଗ ହୋଇ ଘଟଣାର ସମାଧାନ ନ କଲେ ସୀମାନ୍ତ ପାଛଲୁଙ୍ଗ ପଞ୍ଚାୟତର ମାରିପୁଟ ଗ୍ରାମରେ ଘଟିଥିବା ଅଘଟଣ ପରି ସୁବାଇ ଗ୍ରାମରେ ଘଟିବା ଅସମ୍ଭବ ନୁହେଁ ବୋଲି ଆଲୋଚନା ହେଉଛି।

ଜିଲ୍ଲା ଖଣିଜ ଭିତ୍ତିଭୂମି ପାଣ୍ଠି ଟ୍ରଷ୍ଟ ବୈଠକ

## ୧୦ ବର୍ଷରେ ମିଳିଛି ୪୨୦ କୋଟି ଟଙ୍କା



ରାୟଗଡ଼ା,୧୪।୧୦(ସମିସ): ରାୟଗଡା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଖଣିଜ ଭିତ୍ତିଭୂମି ପାଣ୍ଠି ଟ୍ରଷ୍ଟ ବୈଠକ ଆଜି ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଉଲ୍ଲକା, ରାୟଗଡା ବିଧାୟକ କାଡ୍ରକା ଆପଲାସ୍ୱାମୀ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଅକ୍ଷୟ କୁମାର ଖେମୁଣ୍ଡୁ ଯୋଗ ଦେଇ ଜିଲ୍ଲାର ଶିଳ୍ପ ସଂସ୍ଥା ମାନଙ୍କ ତରଫରୁ ପ୍ରାପ୍ତ ପରିପାଶ୍ୱରିକ ଉନ୍ନୟନ ପାଣ୍ଠି ଜିଲ୍ଲା ଅଂଶର ବିନିଯୋଗ ଉପରେ ଆଲୋଚନା କରିଥିଲେ। ବୈଠକରେ ସାଂସଦ ଜିଲ୍ଲା ଖଣିଜ ପାଣ୍ଠି ପ୍ରଭାବିତ ଅଞ୍ଚଳର ଲୋକଙ୍କ ବିକାଶ ନିମନ୍ତେ ସଦୁପଯୋଗ କରିବାକୁ କହିଥିଲେ ଓ ବିନିଯୋଗ ବିବରଣୀ ପ୍ରଦାନ କଲେ ଆମେ ସେଠାକୁ ଯାଇ ଅନୁଧ୍ୟାନ କରିବୁ ବୋଲି କହିଥିଲେ। ସେହିପରି ବିଧାୟକ ୨୦୨୨-୨୩ର ବିନିଯୋଗ ବିବରଣୀ ଉପସ୍ଥାପନା କରିବାକୁ କହିଥିଲେ। ତୋଟା ସାହିରୁ ସୋରିଷପଦର ଛକ ପର୍ଯ୍ୟନ୍ତ ଅନେକ ସମୟରେ ଟ୍ରାଫିକ ସମସ୍ୟା ଯୋଗୁଁ ଅନେକ ସମୟରେ ରୋଗୀ କିମ୍ବା ଗର୍ଭବତୀ ମହିଳା ମାନେ ଆମ୍ବୁଲାନ୍ସରେ ଯାଉଥିବା ବେଳେ ସେବା ବାଧାପ୍ରାପ୍ତ ହେଉଥିବା କଥା ପ୍ରକାଶ କରି ଗୋଟିଏ ବାଇପାସ ରାସ୍ତା ନିର୍ମାଣ ନିମନ୍ତେ ପ୍ରସ୍ତାବ ଦେଇଥିଲେ ବିଧାୟକ। ସେହି ଅଞ୍ଚଳର ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ପାଣ୍ଠି ବିନିଯୋଗ କରିବାକୁ କହିଥିଲେ। ବୈଠକରେ ଜିଲ୍ଲାପାଳ ଶ୍ରୀ କୁଲକର୍ଣ୍ଣି ବାର୍ଷିକ ଯୋଜନା ଓ ପଞ୍ଚ ବାର୍ଷିକ ଯୋଜନା ପ୍ରସ୍ତୁତ କରିବାକୁ ଜିଲ୍ଲା ମୁଖ୍ୟ ବିକାଶ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୨୦୧୫ ମସିହାରୁ ଏଯାଏଁ ୪୨୦ କୋଟି ଖଣିଜ ପାଣ୍ଠି ବିଭିନ୍ନ ଶିଳ୍ପାନୁଷ୍ଠାନରୁ ଜିଲ୍ଲାକୁ ମିଳିଛି । ସେଥିରୁ ଆସନ୍ତା ବର୍ଷ ମାନଙ୍କରେ ୧୩୬କୋଟି ଟଙ୍କାର ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ପାଇଁ ବିନିଯୋଗ କରାଯିବା ନିମନ୍ତେ ପଦକ୍ଷେପ ନିଆଯିବ ବୋଲି ଜଣାପଡିଛି। ଏହି ବୈଠକରେ ଖଣ୍ଡିୟ ବନଖଣ୍ଡ ଅଧିକାରୀ ସଚିନ ଆମ୍ନା ସାହେବ ଓହଲେ, ସିଡିଏମଓ ଡା. ବି. ସରୋଜିନୀ ଦେବୀ, ଖଣୀ ଉପନିର୍ଦ୍ଦେଶକ କୋରାପୁଟ, ଅଧିକ୍ଷଣ ଯନ୍ତ୍ରୀ ରାସ୍ତା ଓ ଗୃହ ଅମ୍ବିକେୟ ମିଶ୍ର, ଅଧିକ୍ଷଣ ଯନ୍ତ୍ରୀ, ରାସ୍ତା ଓ ଗୃହ, ଗୁଣୁପୁର, ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ଜଳ ଯୋଗାଣ ସଂସ୍ଥା, ଜିଲ୍ଲା ଖଣିଜ ପାଣ୍ଠି ଟ୍ରଷ୍ଟ ସଦସ୍ୟ ପିଲକୁ ମାଝୀ, ସଦସ୍ୟା ରୁଆଡେଇ ମାଝୀ, ସୁରେନ୍ଦ୍ରୀ ମାଝୀ, ଅନି ମାଝୀ ଆଦି ଯୋଗଦେଇ ବିଭିନ୍ନ ପ୍ରସ୍ତାବ ଉପସ୍ଥାପନା କରିଥିଲେ।

## ଦହଣା ପଞ୍ଚାୟତରେ ଅନାସ୍ଥା ନେଇ ମତଦାନ

ନନ୍ଦାହାଣ୍ଡି, ୧୪।୧୦(ସମିସ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ଦହଣା ପଞ୍ଚାୟତ ସରପଞ୍ଚ କମଳା ପୂଜାରୀଙ୍କ ବିରୁଦ୍ଧରେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଭୋଟ ଗ୍ରହଣ କରାଯାଇଛି। ସୂଚନା ମୁତାବକ ଉପଜିଲ୍ଲାପାଳଙ୍କ ନିକଟରେ ନାଏବ ସରପଞ୍ଚ ସମେତ ସମସ୍ତ ଏଗାର ଜଣ ୱାର୍ଡ ସଭ୍ୟ ଅନାସ୍ଥା ପ୍ରସ୍ତାବ ଆବେଦନ କରିଥିଲେ। ତଦନୁସାରେ ସେପ୍ଟେମ୍ବର ୧୪ ତାରିଖରେ ମାଜିଷ୍ଟ୍ରେଟ ଭାବେ ତହସିଲଦାର ଚନ୍ଦ୍ର ଦାସ ମହାନନ୍ଦିଆଙ୍କ ସମ୍ମୁଖରେ ଦସ୍ତଖତ ଯାଞ୍ଚ କରାଯାଇଥିଲା। ପଚିଶ ତାରିଖରେ ବିଜ୍ଞାପନ ପ୍ରକାଶିତ ହୋଇଥିଲା ଏବଂ ଅକ୍ଟୋବର ୧୪ ତାରିଖରେ ନାଏବ ସରପଞ୍ଚ ଓ ସମସ୍ତ ୱାର୍ଡ ସଭ୍ୟ ମାନେ ନିର୍ଦ୍ଧାରିତ ସମୟରେ ଭୋଟ ଦାନ କରିଥିଲେ । ଭୋଟ ଗ୍ରହଣ ଓ ଗଣତି ପରେ ଫଳାଫଳ ଘୋଷଣା ନକରି ସ୍ଥଗିତ ରଖାଯାଇଛି । ତହସିଲଦାର ଶ୍ରୀ ମହାନନ୍ଦିଆଙ୍କ କହିବା ଅନୁସାରେ ଉକ୍ତ ଭୋଟକୁ ୱାର୍ଡ ସଭ୍ୟଙ୍କ ଉପସ୍ଥିତିରେ ଲଫାଫାରେ ସିଲ କରି ଜିଲ୍ଲାପାଳଙ୍କ ନିକଟକୁ ପଠାଇ ଦିଆଯିବ। ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ଅନୁମତି କ୍ରମେ ୨୭ ତାରିଖ ପରେ ଫଳାଫଳ ଘୋଷଣା କରାଯିବ। ସୂଚନାଯୋଗ୍ୟ ଯେ, ସରପଞ୍ଚ କମଳା ପୂଜାରୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ସରପଞ୍ଚଙ୍କୁ ବୈଠକ ପୂର୍ବରୁ ସମ୍ପୂର୍ଣ୍ଣ ୧୫ ଦିନ ସମୟ ଦେବା ବିଧେୟ । କିନ୍ତୁ ତାଙ୍କୁ କିଛି କମ୍ ସମୟ ମିଳିଥିବାରୁ ସେ କୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଭୋଟ ଗ୍ରହଣ କେନ୍ଦ୍ରରେ ପ୍ରିଜାଇଡିଂ ଅଫିସର ଭାବେ ତହସିଲଦାର ଚନ୍ଦ୍ର ଦାସ ମହାନନ୍ଦିଆଙ୍କ ରହିଥିବା ବେଳେ ବିଡ଼ିଓ କ୍ଷୀରୋଦ ଚନ୍ଦ୍ର ସାହୁ ମଧ୍ୟ ଉପସ୍ଥିତ ରହିଥିଲେ। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଭିଷେକ ବାଘ, ଏସିଡ଼ିଇଓ ନାଜିର ହୁସେନ ଓ ଯୋଗାଣ ସହାୟକ ବିକାଶ ତ୍ରିପାଠୀ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ସକାଶେ ପରିଦର୍ଶନ ପାଇଁ ନବରଙ୍ଗପୁର ଏସଡିପିଓ କୃଷ୍ଣ ଚନ୍ଦ୍ର ଭତ୍ରା ଆସିଥିବା ବେଳେ ତେନ୍ତୁଳିଖୁଣ୍ଟି ଥାନା ଅଧିକାରୀ ପ୍ରଣବ କୁମାର ଟୁଡୁ, ସବ୍‌ଇନ୍ସପେକ୍ଟର ମହେଶ୍ୱର କୀର୍ସାନୀ ଏଏସଆଇ ଅନନ୍ତ କାଡ୍ରାକା ଓ ପୁଲିସ କର୍ମଚାରୀ ଉପସ୍ଥିତ ରହିଥିଲେ।

## ନନ୍ଦପୁର ବିଜେଡିର ଜନସଂପର୍କ ପଦଯାତ୍ରା



ନନ୍ଦପୁର, ୧୪।୧୦(ସମିସ): ନନ୍ଦପୁର ବ୍ଲକ ବିଜେଡି ପକ୍ଷରୁ ସାଂଗଠନିକ ପଦଯାତ୍ରା କୁଲାବିର ଗ୍ରାମପଞ୍ଚାୟତର ଧବଳେଶ୍ୱର ମନ୍ଦିର ପ୍ରାଙ୍ଗଣରୁ ଆରମ୍ଭ ହୋଇଛି। ଦଳର ବରିଷ୍ଠ ନେତା ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ କାର୍ତ୍ତିକ ଖେମୁଣ୍ଡୁ, ପୂର୍ବତନ ବ୍ଲକ ଅଧକ୍ଷା ନାରୀନେତ୍ରୀ ଲକ୍ଷ୍ମୀ ହନ୍ତାଳ, କେସବାଜି, ଯୁବ ନେତା ସୁରେଶ ପଟ୍ଟନାୟକ, ସରପଞ୍ଚ ସଇତା ସମେଲି, ସମିତି ସଭ୍ୟା ରୂପାମା ଖିଲ, ପଞ୍ଚାୟତ ସଭାପତି ଧନ ଖିଲ, ପୂର୍ବତନ ସରପଞ୍ଚ ଛନ୍ଦାଲ କୁରେଶି, ଶଶି ପଟ୍ଟନାୟ, ନାଏବ ସରପଞ୍ଚ ବୁଦୁ ରାମଙ୍କ ନେତୃତ୍ୱ ରେ ଶତାଧିକ ଯୁବ ବିଜେଡ଼ି ବିଜୁ ବାହିନୀଙ୍କ ସହ ଜନସମ୍ପର୍କ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଗତ ଏକ ବର୍ଷ ହେଲା ରାଜ୍ୟ ବିଜେପି ସରକାରଙ୍କ ବିଫଳତା ସହ ଦର ଦାମ, ପୂର୍ବ ବିଜେଡି ସରକାରଙ୍କ ଯୋଜନାକୁ ହାତେଇବା, ରାଜ୍ୟରେ ଦେଖା ଦେଇଥିବା ଅରାଜକତା ନେଇ ଲୋକଙ୍କ ପାଖରେ ପହଞ୍ଚିଛି ବିଜେଡି। ଧବଳେଶ୍ୱର ମନ୍ଦିର ପ୍ରାଙ୍ଗଣରୁ ବାହାରି ଗ୍ରାମପଞ୍ଚାୟତର ସମସ୍ତ ଗ୍ରାମକୁ ଯାଇ ଘର ଘର ବୁଲି ଥିଲେ ବିଜେଡି କର୍ମୀ ଓ ନେତା।

## ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟିତ




ପୋଡ଼ାଗଡ଼,୧୪।୧୦ (ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତ ଅନ୍ତର୍ଗତ ପି.ବାରିକଣ୍ଟା ଠାରେ ଆୟୋଜିତ ମା ନିଶାଣିମୁଣ୍ଡା ବନ୍ଧୁତ୍ୱ ଫୁଟବଲ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନ ଉତ୍ସବର ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଯୁବ ସାମ୍ବାଦିକ ତଥା ସମାଜସେବୀ କଇନ ଗରଡ଼ା ଓ ଆଶିଷ ଖୁରା ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଯୁବ ସଂଗଠନର ସମସ୍ତ କାର୍ଯ୍ୟକ୍ରମ ରେ ଯୋଗଦେବେ ଏବଂ କିଛି ଉପଦେଶ ଓ ଆର୍ଥିକ ସାହାଯ୍ୟ କରିବେ ବୋଲି କଇନ ଗରଡ଼ା କହିଥିଲେ। ବନ୍ଧୁତା ସ୍ଥାପନ କରି ଖେଳ ଖେଳିବାକୁ ଆଶିଷ କୁମାର ଖୁରା ପରାମର୍ଶ ଦେଇଥିବା ଶୁଣିବାକୁ ମିଳିଛି। ୧୬ ଗୋଟି ଟିମ୍ କୁ ନେଇ ଖେଳାଯାଉଥିବା ଏହି ଟୁର୍ଣ୍ଣାମେଣ୍ଟରେ ବିଜେତାଙ୍କୁ ଟ୍ରଫି ସହ ୧୫ ହଜାର ଟଙ୍କା ଓ ଉପ ବିଜେତାଙ୍କୁ ଟ୍ରଫି ସହ ୧୦ ହଜାର ରଖାଯାଇଛି । ସମସ୍ତ ଖେଳକୁ ବାଦଲ କୁମାର ପାତ୍ର ପରିଚାଳନା କରୁଥିବା ବେଳେ ରାଜୁ ବାଘ ଖେଳର ସମସ୍ତ ବିବରଣୀ ଦର୍ଶକଙ୍କୁ ପ୍ରଦାନ କରୁଛନ୍ତି। ଆୟୋଜକ କମିଟିର ମୁଖ୍ୟ ପଦୁଲୁ ଜାନି ଉପସ୍ଥିତ ଥିଲେ

## ଜିଲ୍ଲା ଯୁବ ରେଡକ୍ରସର ପ୍ରସ୍ତୁତି ବୈଠକ

ନବରଙ୍ଗପୁର,୧୪।୧୦(ସମିସ): ଭାରତୀୟ ରେଡକ୍ରସ୍ ସୋସାଇଟୀ ଓଡ଼ିଶା ରାଜ୍ୟଶାଖା ନିର୍ଦ୍ଦେଶ କ୍ରମେ ଏବଂ ଜିଲ୍ଲା ଯୁବ ରେଡକ୍ରସ ଅଧ୍ୟକ୍ଷ ତଥା ନବରଙ୍ଗପୁର ମହାବିଦ୍ୟାଳୟର ଅଧକ୍ଷ ଡି ଗୋବିନ୍ଦା ରାଓଙ୍କ ପରାମର୍ଶ କ୍ରମେ ସ୍ଥାନୀୟ ଟିର୍ଲି ଆମ୍ବଗୁଡାସ୍ଥ ସ୍ଥିତ ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ଠାରେ ନବରଙ୍ଗପୁରର ଜିଲ୍ଲା ଯୁବ ରେଡକ୍ରସର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ବିନୋଦ ବିହାରୀ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲ୍ଲା ଯୁବ ରେଡ କ୍ରସ ସମ୍ପାଦକ ଦିଲ୍ଲୀପ କୁମାର ହୋତା ,ଜିଲ୍ଲା ଯୁବ ରେଡକ୍ରସ ସଂଯୋଜକ ଅଖିଳ କୁମାର ଭଟ୍ଟ, ଅନୁଷ୍ଠାନର ଯୁବ ରେଡ୍ କ୍ରସ କାଉନସିଲର ଡ ସଂଯୁକ୍ତା ନାୟକ, ଅଧ୍ୟାପକ ଶମ୍ଭୁ ପ୍ରସାଦ ହୋତା, ସଭ୍ୟ ବୀର କିଶୋର ଭୂୟାଁ, ରଞ୍ଜୁଲତା କହଁର ପ୍ରମୁଖ ଉପସ୍ଥିତ ଥିଲେ । ପ୍ରତିବର୍ଷ ଭଳି ଚଳିତ ବର୍ଷ ଜିଲ୍ଲା ସ୍ତରୀୟ ଯୁବ ରେଡ୍ କ୍ରସ ଶିକ୍ଷା ଓ ତାଲିମ ଶିବିର ଆସନ୍ତା ନଭେମ୍ବର ମାସ ୧୫ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ୍ୟ କରିବା ପାଇଁ ସ୍ଥିର କରାଯାଇଛି। ଏଥିରେ ଜିଲ୍ଲାର ସମସ୍ତ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ଶତାଧିକ ସ୍ୱେଚ୍ଛାସେବୀ ଓ କାଉନସିଲର ଙ୍କ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଅନୁଷ୍ଠାନର ଅଧ୍ୟକ୍ଷ ବିନୋଦ ବିହାରୀ ବେହେରା ଆସନ୍ତା ତାଲିମ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

## ଆରମ୍ଭ ହେଲା ବିଜେଡିର ଜନସମ୍ପର୍କ ପଦଯାତ୍ରା



କୁନ୍ଦୁରା, ୧୪।୧୦ (ସମିସ): କୁନ୍ଦୁରା ବ୍ଲକ କେରମେଟି ପଞ୍ଚାୟତ କଦଳୀମୁଣ୍ଡା ଠାରୁ ବିଜେଡିର ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ବ୍ଲକ ସଭାପତି ବୃନ୍ଦାବନ ମଲ୍ଲିକଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଝିନ୍ନ ହିକକା, ରାଜ୍ୟ ଉପ ସଭାପତି ତଥା ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ, ପୂର୍ବତନ ମନ୍ତ୍ରୀ ପଦ୍ମିନୀ ଦିଆନ ,ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ, ଜିଲ୍ଲା ପରିଷଦ ସଭ୍ୟା କନକଲତା ପେଣ୍ଟିଆ,ପୂର୍ବତନ ବିଧାୟକ ଚନ୍ଦ୍ର ଶେଖର ମାଝୀ, ପୂର୍ବତନ କୋରାପୁଟ ବିଧାୟକ ରଘୁରାମ ପୋଡ଼ାଲ, ପଟାଙ୍ଗୀ ପୂର୍ବତନ ବିଧାୟକ ପ୍ରୀତମ ପାଢ଼ୀ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦୂର୍ଗା ମିଶ୍ର, ବରିଷ୍ଠ ନେତା ସୂର୍ଯ୍ୟ ନାରାୟଣ ରଥ, ବାଲା ରାୟ, ବାଲିଙ୍କି ରାୟ,ନାଗୁ ଦୋରା, ଶିବ ପଟ୍ଟନାୟକ, ଜିଲ୍ଲା ଉପ ସଭାପତି ରମାକାନ୍ତ ମିଶ୍ର, ଜିଲ୍ଲା ସାଧାରଣ ସମ୍ପାଦକ ଭଜମନ ସାନ୍ତା, ପ୍ରଦୀପ କୁମାର ନାୟକ, ଜୋନ୍ ୨ ର ସମସ୍ତ ପଞ୍ଚାୟତ ସଭାପତି, ସମସ୍ତ ଦଳୀୟ ସରପଞ୍ଚ, ସମିତି ସଭ୍ୟସଭ୍ୟା, ବ୍ଲକ ଓ ପଞ୍ଚାୟତର ବହୁ ନେତା ଓ କର୍ମୀ ସାମିଲ ହୋଇଥିଲେ। ବିଜେପି ସରକାରଙ୍କ ବିଫଳତା ବିଷୟରେ ନାରା ବାଜି ଦିଆଯାଇଥିଲା । ବିଜେଡିର କର୍ମକର୍ତ୍ତାର୍ ମାନେ କେରମେଟି ପଞ୍ଚାୟତ କଦଳୀମୁଣ୍ଡା, କେନ୍ଦୁଗୁଡ଼ା, ଆସନା ପଞ୍ଚାୟତର ଆମ୍ବଗୁଡ଼ା, ଉଦଳଗୁଡ଼ା, ଲିମିକିଆଗୁଡ଼ା, ଘିଉରିଆଗୁଡ଼ା ଓ ଲିମା ପଞ୍ଚାୟତ ସଦର ଗାଁରେ ପଦଯାତ୍ରା କରି ଲୋକଙ୍କୁ ସଚେତନ କରିଥିବା ଦେଖିବାକୁ ମିଳିଛି।

ମାଛକୁଣ୍ଡ ଜଳବିଦ୍ୟୁତ ପ୍ରକଳ୍ପ ପ୍ରଭାବିତ ଅଞ୍ଚଳରେ ସିଏସ୍‌ଆର୍ ଅର୍ଥ ବିନିଯୋଗ ଦାବି

## 'କୋରାପୁଟ ଜିଲ୍ଲା ପ୍ରତି ସରକାରଙ୍କ ବୈମାତୃକ ମନୋଭାବ'



ନନ୍ଦପୁର,୧୪।୧୦(ସମିସ୍ ମାଛକୁଣ୍ଡ ଜଳବିଦ୍ୟୁତ ପ୍ରକଳ୍ପରେ ପ୍ରଭାବିତ ହୋଇଥିବା ନନ୍ଦପୁର ଅଞ୍ଚଳର ୧୦ଟି ଗ୍ରାମପଞ୍ଚାୟତ ଓ ଲମତାପୁଟ ବ୍ଲକର ୪ ଗୋଟି ଗ୍ରାମପଞ୍ଚାୟତର ସମସ୍ତ ବିସ୍ଥାପିତ ଅଞ୍ଚଳ ପାଇଁ ସିଏସ୍‌ଆର ଅର୍ଥ ଦାବି କରାଯାଇଛି। ଏ ସମ୍ପର୍କରେ ଓଡ଼ିଶା ହାଇଡ୍ରୋ ପାୱାର କର୍ପୋରେସନ ର ଅଧ୍ୟକ୍ଷ ଓ ବ୍ୟବସ୍ଥାପକ ନିର୍ଦ୍ଦେଶକଙ୍କୁ ସ୍ଥାନୀୟ ବିଧାୟକ ତଥା କଂଗ୍ରେସ ଦଳ ନେତା ରାମଚନ୍ଦ୍ର କାଡ଼ାମ ଏକ ପ୍ରସ୍ତାବ ପଠାଇଛନ୍ତି। ଉକ୍ତ ପ୍ରସ୍ତାବରେ ଓଡ଼ିଶା ସରକାର ଓ ଆନ୍ଧ୍ରପ୍ରଦେଶ ସରକାରଙ୍କ ଯୁକ୍ତ ସହଯୋଗ କ୍ରମେ ୧୯୫୫ ମସିହାରେ ମାଛକୁଣ୍ଡ ଜଳବିଦ୍ୟୁତ ପ୍ରକଳ୍ପ ଆରମ୍ଭ ହୋଇଥିଲା। ଯଦ୍ୱାରା ଏହି ଦୁଇ ବ୍ଲକ ର ମୋଟ ୧୪ଟି ଗ୍ରାମପଞ୍ଚାୟତର ଲୋକମାନେ ସମ୍ପୂର୍ଣ୍ଣ ଭାବେ ବିସ୍ଥାପିତ ହୋଇ ଜୀବିକା ହାରାଇଥିଲେ। ପ୍ରକଳ୍ପ ଲାଗି ଉଦ୍ଦିଷ୍ଟ ଜଳାପୁଟ ଜଳାଶୟ ଯୋଗୁଁ ସେହି ଅଞ୍ଚଳ ନିବାସୀ ନିଜ ଜମି ଓ ଚାଷକାମ ହାରାଇ ବିସ୍ଥାପିତ ଜୀବନ ଅତିବାହିତ କରିବାକୁ ବାଧ ହୋଇଛନ୍ତି। ପତ୍ରରେ ଅଭିଯୋଗ କରାଯାଇଛି ଯେ, ଏତେ ବର୍ଷ ବିତିଗଲେ ସୁଦ୍ଧା ଏହି ଅଞ୍ଚଳର ଉନ୍ନତି ପାଇଁ ସିଏସଆର୍ ଫଣ୍ଡରୁ ଗୋଟିଏ ଟଙ୍କା ମଧ୍ୟ ମିଳିନି। ସେ ଏହି ପତ୍ର ମାଧ୍ୟମରେ ବିସ୍ଥାପିତ ଗ୍ରାମଗୁଡିକୁ ସିଏସଆର୍ ଅନୁଦାନ ପ୍ରଦାନ କରି ଅଞ୍ଚଳର ଉନ୍ନତି ମୂଳକ କାର୍ଯ୍ୟ ଗୁଡ଼ିକ ସୁନିଶ୍ଚିତ କରିବାକୁ ଓଏଚପିସି ଓ ଏପିଜେନ୍କୋକୁ ଦାବି କରିଛନ୍ତି। ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ରଖି ବିଧାୟକ ଶ୍ରୀ କାଡ଼ାମ୍ କହିଛନ୍ତି ଯେ ଏ ନେଇ ସେ ବ୍ୟକ୍ତିଗତ ଭାବେ ଉପ ମୁଖ୍ୟମନ୍ତ୍ରୀଙ୍କ ଠାରୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ପର୍ଯ୍ୟନ୍ତ ସମସ୍ତଙ୍କୁ ଏହି ଭଳି ଏକ ସମ୍ବେଦନଶୀଳ ବିଷୟରେ ବାରମ୍ବାର ଚିଠି ମାଧ୍ୟମରେ ଜଣାଇବା ସତ୍ତ୍ୱେ ଅପର ପକ୍ଷରୁ କୌଣସି ଉତ୍ତର ମିଳି ପାରୁନଥିବା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ । କୋରାପୁଟ ଜିଲ୍ଲା ପ୍ରତି ସରକାରଙ୍କ ବୈମାତୃକ ମନୋଭାବ କାହିଁକି ବୋଲି ପ୍ରଶ୍ନ କରିଛନ୍ତି ୫ସି ଏଲପି ନେତା ବିଧାୟକ ଶ୍ରୀ କାଡ଼ାମ।

# ଥୁଆମୂଳରାମପୁର ବ୍ଲକ୍ ଘେରିଲା ବିଜେଡି

ଥୁଆମୂଳରାମପୁର,୧୪।୧୦(ସମିସ)

କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ବ୍ଲକ୍ ବିଜେଡି ପକ୍ଷରୁ ୧୫ ଦଫା ଦାବି ନେଇ ମଙ୍ଗଳବାର ବ୍ଲକ୍ କାର୍ଯ୍ୟାଳୟ ଘେରାଉ କରାଯିବା ସହିତ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବ୍ଲକ ବିଜେଡି ସଭାପତି କପିଳାସ ନାଏକଙ୍କ ଅଧ୍ୟକ୍ଷତାରେ ବିଶାଳ ଶୋଭାଯାତ୍ରାରେ ବାହାରି ବ୍ଲକ ପରିସରରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।




ଦାବି ଗୁଡିକ ହେଲା ବ୍ଲକ୍ କାର୍ଯ୍ୟାଳୟରେ ଅଫିସରଙ୍କ ମନମୁଖୀ କାର୍ଯ୍ୟ ବନ୍ଦକରିବା, ସରକାରୀ ନିୟମର ଉଲଙ୍ଘନ ବା ପଞ୍ଚାୟତ ରାଜ ଲୋକପ୍ରତିନିଧିଙ୍କ ବିଶ୍ୱାସକୁ ନନେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ) ସରକାରଙ୍କ ଦଲାଲ ସାଜି ଅସମ୍ମାନ କରିବା ବନ୍ଦକରିବା, ସ୍ଥାନୀୟ ବିଧାୟକ, ଜିଲ୍ଲାପରିଷଦ, ସମିତି ସଭ୍ୟ/ସଭ୍ୟା, ସରପଞ୍ଚ ଏବଂ ନିର୍ବାଚିତ ପ୍ରତିନିଧିଙ୍କୁ ଅଣଦେଖା ନ କରିବା, କାମଧନ୍ଦା ନମିଳିବାରୁ ଅନେକ ଶ୍ରମିକ ଦାଦନ ଯାଉଛନ୍ତି ତେଣୁ ଉନ୍ନୟନମୂଳକ କାର୍ଯ୍ୟ ସବୁ ଆରମ୍ଭ କରିବା, ଶ୍ରମିକଙ୍କୁ କାମଧନ୍ଦା ଯୋଗାଇ ଦେବା ଓ ବେକାରୀ ସମସ୍ୟା ଦୁର କରିବା, ୩୦% ପ୍ରତିଶତ ପିସି କାରବାର ବନ୍ଦକରିବା, ଲଘୁଚାପ କ୍ଷୟକ୍ଷତିର ଆକଳନ କରି ତୁରନ୍ତ କ୍ଷତିଗ୍ରସ୍ତ ହିତାଧିକାରୀଙ୍କୁ ଗୃହ ଯୋଗାଣ,ବାଲିଚର ଚାଷୀଙ୍କୁ କ୍ଷତିପୂରଣ ଦେବା,ଲଘୁଚାପ ଜନିତ ବର୍ଷାରେ କ୍ଷୟକ୍ଷତି ସମସ୍ତ ରାସ୍ତାର ମରାମତି ଏବଂ ବିଦ୍ୟୁତ ସଂଯୋଗ କରିବା, ଓଏମ୍‌ସିକୁ ଦିଆଯାଇଥିବା ଜମି ଗ୍ରାମବାସୀଙ୍କୁ ଅତିଶୀଘ୍ର ଫେରସ୍ତ, ସମସ୍ତ ଯୋଗ୍ୟ ହିତାଧାକାରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା ଓ ଭିନ୍ନକ୍ଷମ ଭତ୍ତା ପ୍ରଦାନ ,ଆୟୁଷ୍ମାନ ଯୋଜନା, ସିଏମ୍ କିଶାନ ଯୋଜନା, ପିଏମ୍ କିଶାନ ଯୋଜନାରେ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଯୋଡିବା, ଏମ୍‌ବିକେ, ସିଆର୍‌ପି ଓ ମିଶନଶକ୍ତି ମା'ମାନଙ୍କୁ ପୂର୍ବଭଳି ଆର୍ଥିକ ସାହାଯ୍ୟ ସୁବିଧା ଓ ସ୍ଥାୟୀ ନିଯୁକ୍ତି ଦିଆଯିବା,ବାଦ ପଡ଼ିଥିବା ସମସ୍ତ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ଅନ୍ତର୍ଭୁକ୍ତ କରିବା, ୩୦୦ ୟୁନିଟ୍ ବିଜୁଳି ମାଗଣାରେ ଯୋଗାଇଦେବା,ମନରେଗାରେ ୩୦୦ ଦିନ କାମ ଯୋଗାଇ ଦେବା ସହ ଦୈନିକ ମଞ୍ଜୁରୀ ୩୫୨ ଟଙ୍କା ଦେବା ସମେତ ୧୫ ଦଫା ଦାବି ନେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଲାଞ୍ଜିଗଡ଼ ବିଧାୟକ ତଥା ବିଜେଡି ଜିଲ୍ଲା ସଭାପତି ପ୍ରଦୀପ ଦିଶାରୀ, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ବଦ୍ରୀ ପଟ୍ଟନାୟକ, ଅନୁସୂଚିତ ଜନଜାତି ବିଭାଗର ବରିଷ୍ଠ ନେତା ପରମାନନ୍ଦ ମାଝୀ, ଜିଲ୍ଲା ଯୁବ ବିଜେଡି ସଭାପତି ତ୍ରିଲୋଚନ ପାଣିଗ୍ରାହୀ, ଜିଲ୍ଲା ପରିଷଦ ସଦସ୍ୟା ଟୁନି ଖୋସଲା, ବ୍ଲକ୍ ଉପାଧ୍ୟକ୍ଷା ଜୟନ୍ତୀ ମାଝୀ,ପୂର୍ବତନ ବ୍ଲକ୍ ଉପାଧ୍ୟକ୍ଷ ଗୋବିନ୍ଦ ପ୍ରଧାନୀ, ବିଧାୟକ ପ୍ରତିନିଧି ମାଣିକ୍ୟଚନ୍ଦ୍ର ନାଏକ,ବିଜେଡି ନେତ୍ରୀ କସ୍ତୁରୀ ପାଣିଗ୍ରାହୀ,ଯଶୋବନ୍ତି ନାଏକଙ୍କ ସମେତ ପ୍ରତ୍ୟେକ ପଞ୍ଚାୟତର ଦଳୀୟ ମୁଖ୍ୟ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ● ପଲମକୁ ନୂତନ ବ୍ଲକ୍ ଘୋଷଣା ଦାବି
# ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ




ଭବାନୀପାଟଣା,୧୪।୧୪(ସମିସ): କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ୍ ପଲମକୁ ନୂତନ ବ୍ଲକ୍ ମାନ୍ୟତା ପାଇଁ ୧୩ଟି ପଞ୍ଚାୟତ ବାସିନ୍ଦା ଦାବି କରିଛନ୍ତି। ମଙ୍ଗଳବାର କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କୁ ତାଙ୍କ ବାସ ଭବନରେ ଦାବିପତ୍ର ପ୍ରଦାନ କରିଛନ୍ତି।୧୩ଟି ପଞ୍ଚାୟତର ଜନପ୍ରତିନଧି ଶିକ୍ଷାବିତ ଓ ଜନସାଧାରଣ ଯୋଗଦେଇ ପଲମରେ ନୂତନ ବ୍ଲକ୍ ଗଠନ ପାଇଁ ସମସ୍ତ ପ୍ରକାର ଚେଷ୍ଟା କରିବା ପାଇଁ ଏକଜୁଟ ହେଇଛନ୍ତି।ଏଥିପାଇଁ ପାଇଁ ପୂର୍ବରୁ ୧୩ଟି ପଞ୍ଚାୟତକୁ ନେଇ ନୂତନ ବ୍ଲକ୍ ଗଠନ କମିଟି କରାଯାଇଛି।କମିଟିର ସଭାପତି ତୁଣ୍ଡଲା ସରପଞ୍ଚ ସରୋଜ ସେଠ, ଉପସଭାପତି ପଲମ ସରପଞ୍ଚ ହେମକିଶୋର ନାଗ, ସଂପାଦକ ଦେବରାଜ ରଣା,ସହ ସଂପାଦକ ରମେଶଚନ୍ଦ୍ର ମାଝୀ ଓ ସୁଶାନୁ ପରିଡା, କୋଷାଧ୍ୟକ୍ଷ ଭାବରେ ଇଶ୍ୱରଚନ୍ଦ୍ର ମାଝୀ ଓ ବେଣୁଧର ମାଝୀ ଓ ପ୍ରତ୍ୟେକ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ବୁଦ୍ଧିଯିବି କାର୍ଯ୍ୟକାରୀ ସଭ୍ୟ ଆର୍ତ୍ତତ୍ରାଣ ସିଂହ,ଜନ୍ମେଜୟ କର୍ମ,ଲୋକନାଥ ଦାସ,ନିଳାମ୍ବର ବେହେରା,ବୁଦ୍ଧିରାମ ସାହୁ, ଜନ୍ମେଜୟ ସାହୁ ସା,ହିରାମଣୀ ସାହୁ ,ଟୁପିଲାଲ୍ ସାହୁ, ନିରଞ୍ଜନ ନନ୍ଦ, ଜଗତରାମ ଭୋଇ, ଶରତଚନ୍ଦ୍ର ଭୋଇ,ଲକ୍ଷାପତି ସାହୁ ,ଫାଲଗୁନୀ ସାହୁ ଓ ଅନେକ ଶିକ୍ଷାବିତ୍ ଉପଦେଷ୍ଟା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।ପଲମରେ ନୂତନ ବ୍ଲକ୍ ଗଠନ ପାଇଁ ୧୯ ୯୨ ମସିହାରୁ ଦାବି ହୋଇଆସୁଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ ପଲମରେ ନୂତନ ବ୍ଲକ୍ ଗଠନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ନୂତନ ବ୍ଲକ୍ ହେବ ବୋଲି ଅଞ୍ଚଳବାସୀ ଆଶା ବାନ୍ଧିଛନ୍ତି।

## ■ ନୂଆପଡ଼ା ଉପନିର୍ବାଚନ
# ଦ୍ୱିତୀୟ ଦିନରେ ୬ଜଣ ପ୍ରାର୍ଥୀପତ୍ର ନେଲେ



ନୂଆପଡା,୧୪।୧୦(ସମିସ):ନୂଆପଡ଼ା ଉପନିର୍ବାଚନ ସକାଶେ ବିଜ୍ଞପ୍ତି ପ୍ରକାଶ ପରେ ମଙ୍ଗଳବାର ଦ୍ୱିତୀୟ ଦିନରେ ୬ ଜଣ ପ୍ରାର୍ଥୀ ପ୍ରାର୍ଥୀପତ୍ର ନେଇଥିବା ବେଳେ ସମୁଦାୟ ୯ଟି ଫାର୍ମ ବିକ୍ରି ହୋଇଥିବା ଜଣାପଡିଛି। ପ୍ରାର୍ଥୀପତ୍ର ନେଇଥିବା ପ୍ରାର୍ଥୀମାନଙ୍କ ମଧ୍ୟରେ ଖଡ଼ିଆଳର କିଶୋର ବାଗ,ବୋଡେନ ବ୍ଲକ୍ କିରକେଲାର ଦିଗପାଳ ନାଗ, ନୂଆପଡାର କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ, ସୋନପୁର ଜିଲ୍ଲା ବିର ମହାରାଜପୁରର ଆଶ୍ରୟ ମହାନନ୍ଦ, ନୂଆପଡାର ପୁନମ କୁମାର ସାହୁ, କପଲାଭଟା ବଙ୍ଗୋମୁଣ୍ଡାର କମଳ କୁମାର ଛତ୍ରିଆ ପ୍ରମୁଖ ସାମିଲ ଅଛନ୍ତି।

# ଗିରିଗୋବର୍ଦ୍ଧନ ପୂଜା ପାଇଁ ମାଟି ଅନୁକୂଳ



ସିନାପାଲି,୧୪।୧୦(ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ ଚଳନା ଠାରେ ଅନୁଷ୍ଠିତ ହେବାକୁ ଥିବା ଗିରିଗୋବର୍ଦ୍ଧନ ପୂଜା ପାଇଁ ମାଟି ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ୍ୟ ମାଟିର ଦେବୀ ପୂଜକ କମଳ ଭୋଇଙ୍କ ପୂଜା ଅର୍ଚ୍ଚନା ପରେ ପୂଜା ପରିଚାଳନା କମିଟିର କର୍ମକର୍ତ୍ତାଙ୍କ ନେତୃତ୍ୱରେ ପବିତ୍ର ମାଟି ଅନୁକୂଳ କରି ଶଙ୍ଖ ଘଣ୍ଟ ଓ ସଙ୍କୀର୍ତ୍ତନ ସହିତ ସ୍ଥାପିତ କରାଯାଇଥିଲା। ଆସନ୍ତା ୨୮ ତାରିଖ ଅଧିବାସ ହୋଇ ୨୯ରୁ ପୂଜା ଅନୁଷ୍ଠିତ ହେବାକୁ ଥିବା ବେଳେ ୩୦ ତାରିଖ ଦିନ ଉଦ୍‌ଯାପିତ ହେବ ବୋଲି ଜଣାପଡିଛି। ଏନେଇ କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। କାର୍ଯ୍ୟକ୍ରମ ପୂଜା କମିଟିର ସଭାପତି ତ୍ରିନାଥ ଛତ୍ରିଆ ଙ୍କ ନେତୃତ୍ୱରେ ଆୟୋଜନ ଚାଲିଥିବା ବେଳେ ଅନ୍ୟାନ୍ୟ ସଦସ୍ୟମାନେ ପ୍ରମୁଖ ଦାୟିତ୍ୱ ନିର୍ବାହ କରୁଛନ୍ତି।

# ପଞ୍ଚଗାଁ ଗୋଁଣ୍ଡ ସାଂସ୍କୃତିକ ସମାଜର ନୂଆଁଖାଇ ଭେଟ୍‌ଘାଟ୍

ସିନାପାଲି,୧୪।୧୦(ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ ପତିଆଲପଡା ଗ୍ରାମରେ ପଞ୍ଚଗାଁ ଗୋଁଣ୍ଡ ସାଂସ୍କୃତିକ ସମାଜ ଭରୁଆମୁଣ୍ଡା ଅଞ୍ଚଳ ତରଫରୁ ନୂଆଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭରୁଆମୁଣ୍ଡା ଆଞ୍ଚଳିକ ଗୋଣ୍ଡ ସାଂସ୍କୃତିକ ସମାଜର ଜନସାଧାରଣ ଏକତ୍ରିତ ହୋଇ ନବାନ୍ନ ଖାଇ ପରସ୍ପର ମଧ୍ୟରେ ଜୁହାର ଭେଟ୍ ହୋଇଥିଲେ। ଆରମ୍ଭରେ ସମାଜର ଇଷ୍ଟଦେବା ଦେବୀଙ୍କୁ ପୂଜାର୍ଚ୍ଚନା ପରେ ଏକତ୍ରିତ ହୋଇ ନୂଆ ଖାଇ ଭାଇଚାରା ବଜାୟ ରହିବା ସାଙ୍ଗକୁ ସମାଜର ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା। କାନ୍ତି ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିକେଶନ ମାଝି,ଜଗସନ ମାଝି,ଦୁର୍ବଳ ମାଝି, ଧନିରାମ ଧରୁଆ,ରତ୍ନାକର ମାଝି,ମନସିଂ ମାଝି,ବାଲମୁକୁନ୍ଦ ମାଝି, ହରିଶ୍ଚନ୍ଦ୍ର ମାଝି, ଯୁଗେଶ୍ୱର ମାଝି, ନୂଆପଡା ସରପଞ୍ଚ ପୁର୍ଣ୍ଣମି ମାଝି,ଡିଙ୍ଗର ମାଝି ପ୍ରମୁଖ ମଞ୍ଚାସୀନ ଥିଲେ। ଦେବରାଜ ମାଝି ମଞ୍ଚ ପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମରେ ସମାଜର ମାନ୍ୟଗଣ୍ୟ ବ୍ୟକ୍ତି ଓ ଜନସାଧାରଣ ସାମିଲ ଥିଲେ।



## ବିନା ରୟାଲଟିରେ ଶହ ଶହ ଟ୍ରିପ୍ ବାଲି ଚାଲାଣ
# କାର୍ଯ୍ୟାନୁଷ୍ଠାନ ଦାବି କଲା ବିଜେଡି



ଧର୍ମଗଡ,୧୪।୧୦(ସମିସ):ଧର୍ମଗଡ ଅଞ୍ଚଳରେ ବିଭିନ୍ନ ସ୍ଥାନରୁ ବାଲି ଚୋରା ଚାଲାଣ ହୋଉଥିବା ଅଭିଯୋଗ ହୋଉଛି। ଏହାକୁ ରୋକିବାକୁ ଧର୍ମଗଡ ବ୍ଲକ୍ ବିଜେଡି ପକ୍ଷରୁ ବ୍ଲକ୍ ସଭାପତି ଡାକେଶ୍ୱର ଲହଜଲଙ୍କ ନେତୃତ୍ୱରେ ଧର୍ମଗଡ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଧର୍ମଗଡ ବ୍ଲକ୍ ଛିଲିପା ପଞ୍ଚାୟତ ଛୀଲିପା ଓ କୁଟୁରୁଘାଟରୁ ବିନା ରୟାଲଟିରେ ଶହ ଶହ ଗାଡି ଯୋଗେ ବାଲି ଚୋରାଚାଲାଣ ହେଉଥିବା ବେଳେ ସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଉ ଥିବା ଦାବିରେ ଉଲ୍ଲେଖ କରାଯାଇଛି।ଏପରିକି ରାସ୍ତା ଗୁଡିକ ଶୋଚନୀୟ ହେବା ସାଙ୍ଗେ ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଉଛି।ଧର୍ମଗଡ ଅଞ୍ଚଳରେ ବାଲି ମାଫିଆଙ୍କ ପତିଆରା ଦିନ କୁ ଦିନ ବିସ୍ତାର ହେଉଛି। ଖୋଲମଖୋଲା ବାଲି ଚୋରା ଚାଲାଣ କରୁଥିବା ବେଳେ ପ୍ରଶାସନ ନିରବ ହୋଇ ବସିଥିବା ଜଣାପଡ଼ିଛି।ଏଥିରେ ରାଜନେତା ଓ ପ୍ରଶାସନିକ ଅଧିକାରୀଙ୍କ ସମ୍ପୃକ୍ତି ଥିବା ଆଲୋଚନା ହେଉଛି।ବାଲି ମାଫିଆମାନେ କୁଟୁରୁ ଓ ଛୀଲିପା ବାଲିଘାଟରୁ ହାଏୱ ଯୋଗେ ଦୈନନ୍ଦିନ ଶହ ଶହ ଟ୍ରିପ୍ ବାଲି ନେଉଥିବା ବେଳେ ପ୍ରଶାସନ ଜାଣି ଶୁଣି ନିରବ ସାଜିବା ନୀତିକୁ ବିଭିନ୍ନ ମହଲରୁ ତୀବ୍ର ନିନ୍ଦା କରାଯାଉଛି।ଏହି ଘାଟରୁ ନବରଙ୍ଗପୁର, ଛତିଶଗଡ଼ ସମେତ ଜିଲ୍ଲାର ବିଭିନ୍ନ ସ୍ଥାନକୁ ଚୋରାଚାଲାଣ କରାଯାଉଛି।ଏପରିକି ଅନେକ ମାଫିଆ ଘାଟରୁ ବାଲି ଟାଣି ସ୍ୱତନ୍ତ୍ର ସ୍ଥାନରେ ଗଛିତ ରଖି ଚଢା ଦରରେ ବିକ୍ରି କରୁଥିବା ଭଳି ଅଭିଯୋଗ ବହୁ ଦିନରୁ ଉଠି ଆସୁଛି।କେବଳ କୁଟୁରୁ କି ଛୀଲିପା ବାଲିଘାଟ ଛଡାପର୍ଲା ,ଘୁମର, ଚିଲିଚିଲା ଆଦି ସ୍ଥାନରୁ ମଧ୍ୟ ଚୋରାଚାଲାଣ ହେଉଥିବା ଚର୍ଚ୍ଚା ହେଉଛି।ଏହାକୁ ରୋକିବାକୁ ଧର୍ମଗଡ ବ୍ଲକ୍ ବିଜେଡି ପକ୍ଷରୁ ଧର୍ମଗଡ ଉପଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲ୍ଲାପାଳ ଶ୍ରୀକାନ୍ତ ଶତପଥୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।ଦାବିପତ୍ର ପ୍ରଦାନରେ ସନ୍ତୋଷ କୁମାର ପାଢୀ,ସୁନୀଲ ଭଇସାଲ,ଗୋବର୍ଦ୍ଧନ ଶବର,ଗୁଣ ଶବର, ରୋମାଞ୍ଚଳ ବାରିକ ମନଜିତ ଦାସ ଅରକ୍ଷିତ ଭଏସାଲ,ପ୍ରମୁଖ ଉପସ୍ଥିତ ଥିଲେ।

# ଧାନ ଚାଷ ନଷ୍ଟ କରୁଛନ୍ତି ବାର୍‌ହାପଲ
## ସରକାରୀ ସହାୟତା ପାଇଁ ଦାବି

ଗୋଲାମୁଣ୍ଡା,୧୪।୧୦(ସମିସ):କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଜଙ୍ଗଲି ବାରାହ ଉପଦ୍ରବରେ ଚାଷୀଙ୍କ ଧାନ ଚାଷ ନଷ୍ଟ ହୋଇଥିବା ଅଭିଯୋଗ ହେଉଛି।ଚଳିତ ବର୍ଷ ଧାର କରଜ କରି ବିହନ ଓ ସାର ଯୋଗାଡ଼ କରି କରିଥିଲେ ଚାଷୀ। ଏପଟେ ଅଦିନିଆ ବର୍ଷାରେ ଧାନ ଅମଳ କରି ପାରୁ ନ ଥିବା ବେଳେ ଜଙ୍ଗଲି ବାରାହ ଉପଦ୍ରବରେ ଚାଷୀଙ୍କ ପାଇଁ ବୋଝ ଉପରେ ନଳିତା ବିଡା ସାଜିଛି। ମାନଝରୀ ପଞ୍ଚାୟତ ଅନ୍ତର୍ଗତ ଗ୍ରୀଣ୍ଡୋଳ ଗ୍ରାମର ନରସିଂହ ମୁଣ୍ଡ,ଲାବାନ୍ୟ ମାଝୀ,ପରିକ୍ଷିତ ମହାନନ୍ଦ,ପାରେଶ୍ୱର ତେଜି,ହରେରାମ ତେଜି,ଡିଲେଶ୍ୱର ତେଜି,ଜୟରାମ ମାଝୀ,



ବଡ ମାଝୀ, ଅଦିତ୍ୟ ମାଝୀ, ସେଣୋ ମାଝୀ,ଟିକେ ଚନ୍ଦ୍ର ମାଝୀ,ଗୁନଶୁରିଆ ଛତ୍ରିଆ, ଦିବାକର କେତକୀ, ଭାସ୍କର କେତକୀ, ରାଜନା ମାଝୀ,ପୁସ୍ତମ ବରେଟ, ତ୍ରିନାଥ କାଣ୍ଡ, ଅଭିରାମ ମାଝୀ ,ଶଶିଧର କେତକୀ ସମସ୍ତଙ୍କ ବାରା ଯୋଗୁଁ ଧାନ ଫସଲ ନଷ୍ଟ ନେଇ ଗଣମାଧ୍ୟମ ସମ୍ମୁଖରେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ୧୨୦ ରୁ ୧୩୦ ଦିନିଆ ଧାନ ଅମଳ ସମୟ ହୋଇଥିବା ବେଳେ ବାରା ଧାନ ଫସଲ ନଷ୍ଟ କରୁଥିବା ନେଇ ଚାଷୀ ମହଲରେ ଉଦବେଗ ପ୍ରକାଶ ପାଇଛି। ଏନେଇ କେଗାଁ ବନାଞ୍ଚଳ ଅଧିକାରୀ ସ୍ଥିତି ଅନୁଧ୍ୟାନ କରି କ୍ଷୟକ୍ଷତି ଆକଳନ କରି ସରାକାରୀ ସହାୟତା ଯୋଗାଇଦେବାକୁ ଚାଷୀ ମହଲରେ ଦାବୀ ହେଉଛି।

## କ୍ଷେତ୍ର ପରିଦର୍ଶନ କଲେ ଗ୍ରାମ୍ୟ ଉନ୍ନୟନ ବିଭାଗୀୟ ଅଧିକାରୀ
# ଡିସେମ୍ବର ସୁଦ୍ଧା ପୋଲ କାମ ସାରିବାକୁ ପ୍ରତିଶ୍ରୁତି



କେସିଙ୍ଗା,୧୪।୧୦(ସମିସ) ବାରମ୍ବାର ଅଭିଯୋଗ ପରେ ଶେଷରେ ପଥର୍ଲା ଉରୁଜୋର ପୋଲ ଆପ୍ରୋଚ ରାସ୍ତା ଦେଖିବାକୁ ଆସିଲେ କେସିଙ୍ଗା ଗ୍ରାମ୍ୟଉନ୍ନୟନ ବିଭାଗୀୟ ଅଧିକାରୀ। ପ୍ରକାଶ ଥାଉକି କେସିଙ୍ଗା ବ୍ଲକ ଅଧୀନ ପଥର୍ଲା ଗାଁର ଉରୁଜୋରରେ ବହୁ ବର୍ଷ ପୂର୍ବେ ଏକ ଅସ୍ଥାୟୀ ପୋଲ ନିର୍ମାଣ ହୋଇଥିଲା ଯାହାର ଉଚ୍ଚତା କମଥିବାରୁ ବର୍ଷା ଦିନେ ପୋଲ ଉପରେ ପାଣି ପ୍ରବାହିତ ହୋଇ ରାସ୍ତା ବିଚ୍ଛିନ୍ନ ହେଉଥିଲା। ଫଳସ୍ୱରୁପ୍ ଏହି ରାସ୍ତାରେ ଉପରେ ନିର୍ଭର କରୁଥିବା ପ୍ରାୟ ପାଞ୍ଚ ଛଅ ଖଣ୍ଡ ଗ୍ରାମର ହଜାର ହଜାର ଜନସାଧାରଣ ବହୁ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଥିଲା। ଲୋକଙ୍କ ଅନେକ ଦିନର ଦାବି ପରେ ଶେଷରେ ନବୀନ ସରକାର ଅମଳରେ ପ୍ରାୟ ଦୁଇ ବର୍ଷ ତଳେ ଏକ ନୂତନ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲା। ପୋଲର କାମ ସରିଯାଇଥିଲେ ମଧ୍ୟ ପୋଲର ଉଭୟ ପାଶ୍ୱର୍ରେ ଆଜି ପର୍ଯ୍ୟନ୍ତ ଆପ୍ରୋଚ ରାସ୍ତା କାମ ହୋଇନାହିଁ। ତେଣୁ ଅଞ୍ଚଳବାସୀଙ୍କ କାମରେ ଆସୁନି ଉକ୍ତ ପୋଲ ଯାହକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅଶାନ୍ତି ଦେଖାଦେଇଛି।

ଅଞ୍ଚଳବାସୀ କେସିଙ୍ଗା ଗ୍ରାମ୍ୟ ଉନ୍ନୟନ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ ପରେ ସୋମବାର କେସିଙ୍ଗା ଗ୍ରାମ୍ୟ ଉନ୍ନୟନ ବିଭାଗୀୟ ଅଧିକରୀ କାନନ ପ୍ରଧାନ ଓ ଯନ୍ତ୍ରୀ ପଥର୍ଲା ଗାଁ ନିକଟରେ ନିର୍ମାଣ ହୋଇଥିବା ଉରୁଜୋର ପୋଲର ଆପ୍ରୋଚ ରାସ୍ତା ଦେଖିବାକୁ ଆସି ଡିସେମ୍ବର ସୁଦ୍ଧା ଆପ୍ରୋଚ ରାସ୍ତା କାମ ସମ୍ପୂର୍ଣ ହେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ● ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ
# କମ୍ପ୍ୟୁଟର ବିଜ୍ଞାନ ବିଭାଗରେ ନିମନ୍ତ୍ରିତ ଅଭିଭାଷଣ କାର୍ଯ୍ୟକ୍ରମ




ଭବାନୀପାଟଣା,୧୪।୧୦(ସମିସ): ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ବିଜ୍ଞାନ ବିଭାଗ ଓ ଆଇକ୍ୟୁଏସି ସେଲର ମିଳିତ ଉଦ୍ୟମରେ ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥଙ୍କ ଅଧ୍ୟକ୍ଷତାରେ 'ଫ୍ରମ ଡାଟା ଟୁ ଡିସିଜନ- ଆନାଲିଟିକ୍ସ ଫର୍ ମେଟରନାଲ୍ ଆଣ୍ଡ ଚାଇଲ୍ଡ ୱେଲ ବିଙ୍ଗ' ଶୀର୍ଷକରେ ନିମନ୍ତ୍ରିତ ଅଭିଭାଷଣ କାର୍ଯ୍ୟକ୍ରମ ଅନଷ୍ଠିତ ହୋଇଯାଇଛି।ଭାରପ୍ରାପ୍ତ କୁଳପତି ଅନ୍ୱେଷାର ଇତିହାସ ସଂପର୍କରେ ସ୍ୱଷ୍ଟୀକରଣ ଦେଇଥିଲେ। ଏହି ଅଭିଭାଷଣରେ କିଟ୍ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ଇଞ୍ଜିନିୟରିଂ ବିଭାଗର ସହକାରୀ ପ୍ରଫେସର ଡ.ଶୁଭଶ୍ରୀ ଦର୍ଶନ ବକ୍ତା ରୂପେ ଉପସ୍ଥିତ ହୋଇ ବିଷୟ ଆଧାରିତ ସ୍ୱାସ୍ଥ୍ୟସେବା ସୂଚନା ବିଜ୍ଞାନ, କ୍ଲିନିକାଲ ଟେକ୍ସଟ ମାଇନିଂ, ପରିବେଶଗତ ଡାଟା ମଡେଲିଂ ଓ କୃତ୍ରିମବୁଦ୍ଧିମତା ସଂପର୍କରେ ବିଶ୍ଳେଷଣ କରିଥିଲେ। ନାରୀ ଓ ଶିଶୁଙ୍କ ସ୍ୱାସ୍ଥ୍ୟବସ୍ଥାର ଉନ୍ନତି ପାଇଁ ତଥ୍ୟଗତ ବିଜ୍ଞାନକୁ କିପରି ଉପଯୋଗ କରାଯାଇପାରିବ ଆଲୋକପାତ କରିଥିଲେ। ଉକ୍ତ ଅଭିଭାଷଣରେ କମ୍ପ୍ୟୁଟର ବିଜ୍ଞାନ ବିଭାଗ ମୁଖ୍ୟ ନକୁଳ ଚରଣ ମାଝୀ ବିଷୟ ସଂପର୍କିତ ଅଭିଭାଷଣ ପ୍ରଦାନ କରିଥିଲେ। ଏଥିରେ କମ୍ପ୍ୟୁଟର ବିଜ୍ଞାନ ବିଭାଗର ଅଧ୍ୟାପିକା ନେହା ରଥ ଓ ସୁଶ୍ରୀ ପୂଜାଶ୍ରୀ ପାତ୍ର ସାହାଯ୍ୟ କରିଥିଲେ। ଅର୍ଥନୀତି ବିଭାଗର ବରିଷ୍ଠ ପ୍ରାଧ୍ୟାପକ ସୀମାଞ୍ଚଳ ମିଶ୍ର ଓ କମ୍ପ୍ୟୁଟର ସହାୟକ ଅଖିଳେଶ ଉପସ୍ଥିତ ଥିଲେ। ପ୍ରଥମ ବର୍ଷ ଛାତ୍ରୀ ସୁଶ୍ରୀ କୁଙ୍କୁମ ପଣ୍ଡା ମଞ୍ଚ ପରିଚାଳନା କରିଥିବାବେଳେ ପ୍ରଥମ ବର୍ଷ ଛାତ୍ର ଶ୍ରୀମାନ ଶୁଭମଶ୍ରୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ବକ୍ତା ଛାତ୍ରଛାତ୍ରୀଙ୍କ ମନରେ ଥିବା ଦ୍ୱନ୍ଦକୁ ଉତ୍ତର ମାଧ୍ୟମରେ ସମାଧାନ କରିଥିଲେ। କମ୍ପ୍ୟୁଟର ବିଜ୍ଞାନ ବିଭାଗର ସମସ୍ତ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ନଦୀରେ ଭାସିଯାଇ ମହିଳାଙ୍କ ମୃତ୍ୟୁ

ଥୁଆମୂଳରାମପୁର,୧୪।୧୦(ସମିସ): କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ଥାନା ଗୋପାଳପୁର ପଞ୍ଚାୟତର ଖମାରପଦର ନିକଟ ଇନ୍ଦ୍ରାବତୀ ନଦୀରେ ବାଲି କାଢୁଥିବା ସମୟରେ ଜଣେ ମହିଳା ନଦୀର ପ୍ରଖର ସ୍ରୋତରେ ଭାସିଯାଇଥିବା ବେଳେ ତାଙ୍କର ମୃତଦେହ ଉଦ୍ଧାର ହୋଇଛି। ମୃତ ମହିଳା ଜଣକ ଖମାରପଦର ଗ୍ରାମର ଲେତ୍ରା ମାଝୀଙ୍କ ସ୍ତ୍ରୀ ରୁକ୍ମଣୀ (୫୫) ବୋଲି ଜଣାପଡିଛି।ସୂଚନା ମୁତାବକ ଖମାରପଦର ଗ୍ରାମର କିଛି ମହିଳା ନଦୀରୁ ବାଲି କାଢି ତାକୁ ବିକ୍ରି କରି ଦି ପଇସା ପାଉଥିଲେ। ଯେଉଁଥିରେ ତାଙ୍କର ପରିବାର ପ୍ରତିପୋଷଣ କରୁଥିଲେ।ମଙ୍ଗଳବାର ମଧ୍ୟ ବାଲି କାଢିବାକୁ ଯାଇଥିବା ବେଳେ ନଦୀ ସ୍ରୋତରେ ଭାସିଯାଇଥିଲେ। ସୂଚନା ପାଇ ଥୁଆମୂଳରାମପୁର ଅଗ୍ନିଶମ ବିଭାଗର ହାବିଲଦାର ବନମାଳୀ ପୂଜାରୀଙ୍କ ନେତୃତ୍ୱରେ ଉଦ୍ଧାରକାରୀ ଦଳ ଘଟଣା ସ୍ଥଳରେ ପହଞ୍ଚି ନଦୀ ଗର୍ଭରେ ବୁଡିଯାଇଥିବା ରୁକ୍ମଣୀର ମୃତଦେହ ଉଦ୍ଧାର କରିଥିଲେ। ଘଟଣାସ୍ଥଳରେ ଥୁଆମୂଳରାମପୁର ପୁଲିସ ପକ୍ଷରୁ ସବ୍ ଇନ୍ସପେକ୍ଟର ଭାସ୍କର ଖୋସ୍ଲା ପହଞ୍ଚି ତଦନ୍ତ ଆରମ୍ଭ କରି ଶବବ୍ୟବଚ୍ଛେଦ ପାଇଁ ଥୁଆମୂଳରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛନ୍ତି। ଥୁଆମୂଳରାମପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହେଇଛି।

## ସ୍ୱଚ୍ଛ ଭାରତ ମିଶନ ପ୍ରହସନ
# ବର୍ଷ ବର୍ଷ ଧରି ଶୌଚାଳୟରେ ତାଲା

ଧର୍ମଗଡ,୧୪।୧୦(ସମିସ)

ସରକାର ପରିବେଶ ଓ ସୁସ୍ଥ ସମାଜ ଗଠନ ପ୍ରତି ଯତ୍ନବାନ ଜନସାଧାରଣ ସୁବିଧା ପାଇ ସ୍ଥାନେ ସ୍ଥାନେ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରିଥିଲେ।ଏଥିପାଇଁ କୋଟି କୋଟି ଟଙ୍କା ବ୍ୟୟବରାଦ ହୋଇଛି।ହେଲେ ଲୋକଙ୍କ କାମକୁ ଆସି ପାରୁ ନ ଥିବା ଭଳି ଅଭିଯୋଗ ହେଉଛି। ଗାଁ ପରିବେଶ ନିର୍ମଳ ରଖିବା ତଥା ସାଧାରଣଙ୍କ ସୁବିଧା ପାଇ ପଞ୍ଚାୟତମାନଙ୍କରେ ଗୋଷ୍ଠୀ ଶୌଚାଳୟ ନିର୍ମାଣ ହୋଇଛି।ଛକ କିମ୍ବା ଲୋକ ଗହଳି ସ୍ଥାନ ହେଉ ଅବା ପର୍ଯ୍ୟଟନ ସ୍ଥଳ ନିକଟରେ ନିର୍ମାଣ କରାଯାଇଛି ଗୋଷ୍ଠୀ ଶୌଚାଳୟ। ସାଧାରଣଙ୍କ ସୁବିଧା ମଳ ମୁକ୍ତ ପରିବେଶ ଦିଗରେ ବେଶ ଏହା ସହାୟକ ହୋଇ ପାରିବା ଆଶା କରାଯାଇଥିଲା।ହେଲେ ନିର୍ମାଣ କାମ ଶେଷ ହୋଇଥିଲେ ହିଁ ଲୋକଙ୍କ କାମକୁ ଆସି ପାରିନାହିଁ। ଜୟନ୍ତପୁର,ପର୍ଲା ପଞ୍ଚାୟତ,ଛୀଲିପା,ତମ୍ବାଛଡାରେ ଏଭଳି ଅଭିଯୋଗ ଉଠିଛି। ପର୍ଲା ମୁଖ୍ୟ ଛକ ବସ୍‌ଷ୍ଟାଣ୍ଡ ନିକଟରେ ନିର୍ମାଣ କାମ ଶେଷ ହୋଇଛି। ହେଲେ ମାସ ମାସ ଧରି ଗୋଷ୍ଠୀ ଶୌଚାଳୟରେ ତାଲା ଝୁଲୁ ଥିବା ନେଇ ଲୋକଙ୍କ ଭିତରେ ଅସନ୍ତୋଷ ଦେଖାଦେଇଛି।ବସ୍‌ଷ୍ଟାଣ୍ଡକୁ ଲାଗି ରହିଥିବା ବେଳେ ଯାତ୍ରୀମାନେ ଏଠାରେ ଅପେକ୍ଷା କରିଥାନ୍ତି।ହେଲେ କୌଣସି ଶୌଚ ପାଇଁ ସୁବିଧା ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖାଦେଇଛି।ସେଭଳି ଜୟନ୍ତପୁର ପଞ୍ଚାୟତ ଅଧୀନରେ ବୋଟକା ଜୋର ନିକଟରେ ଗୋଷ୍ଠୀ ଶୌଚାଳୟ ନିର୍ମାଣ ହୋଇଛି। ନିର୍ମାଣ ପରେ ବି ବର୍ଷ ବର୍ଷ ଧରି ତାଲା ପଡି ରହିଛି।ଯାହା ଲୋକଙ୍କ ବ୍ୟବହାରକୁ ଆସିପାରୁ ନ ଥିବା ଅଭିଯୋଗ ହେଉଛି।ସେହିପରି ଛୀଲିପା ପଞ୍ଚାୟତ ଜେନା ଡଙ୍ଗର ଓ ଗୋଳେଇ ଛକ ଠାରେ ମଧ୍ୟ ସମାନ ଅବସ୍ଥା। ତମ୍ବାଛଡା ପଞ୍ଚାୟତ ରେ ମଧ୍ୟ ସମାନ ଅବସ୍ଥା ଗୋଷ୍ଠୀ ଶୌଚାଳୟ ନିର୍ମାଣ ହୋଇ ତାଲା ଝୁଲୁଛି ଓ ସମ୍ପୃକ୍ତ ଠିକାଦାର ଜଣକ ଏକ ବ୍ୟକ୍ତିଗତ ଶୌଚାଳୟ ଟାଙ୍କିରେ ଗୋଷ୍ଠୀ ଶୌଚାଳୟର ଟାଙ୍କି ନିର୍ମାଣ ନ କରି ଉକ୍ତ ବ୍ୟକ୍ତିଗତ ଟାଙ୍କିରେ ସଂଯୋଗ କରି ଦେଇଛନ୍ତି। ଯାହାଫଳରେ ଡବଲ ଇଞ୍ଜିନ ସରକାରର ନାରା ସ୍ୱଚ୍ଛ ଭାରତ ମିଶନ ଧର୍ମଗଡ଼ ବ୍ଲକ୍‌ରେ ସମ୍ପୂର୍ଣ୍ଣ ଭୁଶୁଡି ପଡିଛି।ଏଥିପ୍ରତି ବ୍ଲକ୍ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।




# କୋକସରା ତହସିଲ ପକ୍ଷରୁ ରାଜସ୍ୱ ସେବା ଶିବିର

 କୋକସରା,୧୪।୧୦(ସମିସ): ଜମିହୀନ ହିତାଧିକାରୀ ଓ ନିଜସ୍ୱ ଜମି ନଥିବା କୋକସରା ବ୍ଲକ୍‌ର ଶିକ୍ଷାନୁଷ୍ଠାନ ଓ କିଛି ସରକାରୀ ଅନୁଷ୍ଠାନ ଜମି ଯୋଗାଇ ଦେବା ପାଇଁ ସରକାର ପାଖରେ ଆବେଦନ କରିବା ସହ ଦୀର୍ଘ ଦିନରୁ ଦାବି କରି ଆସୁଥିଲେ। କୋକସରା ତହସିଲଦାର କ୍ଷୀରୋଦ ବିହାରୀ ଭାରତ ନାଗଙ୍କ ଉଦ୍ୟମ ବଳରେ ମଙ୍ଗଳବାର କୋକସରା ବ୍ଲକ୍ ସଭାଗୃହରେ ଅନୁଷ୍ଠିତ ରାଜସ୍ୱ ସେବା ଶିବିରରେ ଧର୍ମଗଡ଼ ବିଧାୟକ ସୁଧିର ପାଟଯୋଷୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବସୁନ୍ଧରା ଯୋଜନାରେ ୨୦୫ ଜଣ ହିତାଧିକାରୀଙ୍କ ବ୍ୟତିତ ଅବକାରୀ ବିଭାଗ ଓ ୧୧ଟି ଶିକ୍ଷାନୁଷ୍ଠାନ ସମେତ ଜଙ୍ଗଲ ସୁରକ୍ଷା ଅଧିନିୟମ ବଳରେ ହିତାଧିକାରୀଙ୍କୁ ଶିରୋନାମ ପ୍ରଦାନ କରିଛନ୍ତି। ଏହି ଅବସରରେ ଧର୍ମଗଡ଼ ବିଧାୟକ ଶ୍ରୀ ପାଟଯୋଷୀ ଯେଉଁମାନେ ଏହି ଯୋଜନାରେ ଆବେଦନ କରିଛନ୍ତି ଓ ବଞ୍ଚିତ ହୋଇଛନ୍ତି ସେମାନଙ୍କୁ ସରକାର ଖୁବଶୀଘ୍ର ପଟ୍ଟା ବଣ୍ଟନ କରିବ ବୋଲି କହିଥିଲେ। ଶିଘ୍ର ଘର ଡିହ ଚିହ୍ନଟ କରିବା ପାଇଁ ତହସିଲଦାରଙ୍କୁ ଅନୁରୋଧ କରିଥିଲେ।କୋକସରା ବ୍ଲକ୍ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ,ଗୋଷ୍ଠୀ ଉନ୍ନୟନ ଅଧିକାରୀ




ଡ଼ଃ ହିମାଞ୍ଚଳ ମାଝୀ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ। କାର୍ଯ୍ୟକ୍ରମରେ କୋକସରା ବ୍ଲକ୍‌ର ବିଭିନ୍ନ ଗ୍ରାମରୁ ଜମିହୀନ ହିତାଧିକାରୀ ଯୋଗଦେଇ ଥିଲେ। ଶିବିରକୁ ଅତିରିକ୍ତ ତହସିଲଦାର ମୋହନ ଚରଣ ଜେନା ପରିଚାଳନା କରିଥିବାବେଳେ ବରିଷ୍ଠ ରାଜସ୍ୱ ସହାୟକ ରାଜିନ ନାଏକ, ପ୍ରମେଦ କୁମାର ମାଝୀ, କନିଷ୍ଠ ରାଜସ୍ୱ ସହାୟକ ଦର୍ଶନ କୁମାର ଭୋଇ, ଅଭିଳାଷ ଦାସ,ଏଫ୍‌ଆରଏ ଏମ୍‌ଆଇଏସ୍ ଆଶିଷ୍ଟାଣ୍ଟ ହିମାଂଶୁ ନାଏକ,ଅମିନ୍ ଭବାନୀ ଶଙ୍କର ମାଝୀ,ଏଆରଆଇ ପ୍ରଦ୍ୟୁମ୍ନ କୁମାର ଶବର ସମେତ ରାଜସ୍ୱ କର୍ମଚାରୀମାନେ ଉପସ୍ଥିତ ଥିଲେ।

## କବି ରାମକୃଷ୍ଣ ତ୍ରିପାଠୀଙ୍କ ମାତୃ ବିୟୋଗ



**ରାଉରକେଲା, ୧୪।୧୦(ସମିସ):** ରାଉରକେଲା ସହରର ଜଣାଶୁଣା କବି, ଆଧ୍ୟାତ୍ମିକ ପ୍ରବଚକ ଦିବ୍ୟଜୀବନ ସଂଘର ଟ୍ରଷ୍ଟି ରାମକୃଷ୍ଣ ତ୍ରିପାଠୀଙ୍କ ମାତା ବୈଦେହୀ ତ୍ରିପାଠୀଙ୍କର ୮୭ ବର୍ଷ ବୟସରେ ପରଲୋକ ହୋଇଛି। ସେ ହେଉଛନ୍ତି ନଟବର ତ୍ରିପାଠୀଙ୍କ ପତ୍ନୀ। ଅନ୍ତିମ ଶଯ୍ୟା ନିକଟରେ ତାଙ୍କ ତିନି ପୁଅ ରାଧାମୋହନ, ରାମକୃଷ୍ଣ, ଦାମୋଦର, ବୋହୂ ସାରଥୀ, କବିତା, ନାତି କୁଳଦୀପ, ଆଶାଦୀପ, ଶୁଭଦୀପ, ନାତୁଣୀ ରଚନା ଓ ମନୀଷା ଉପସ୍ଥିତ ଥିଲେ। ଯାଜପୁର ଜିଲ୍ଲା ଆଖୁଆସାହିସ୍ଥିତ ତାଙ୍କ ପୈତୃକ ଗ୍ରାମରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ରାଧାମୋହନ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗୀୟା ବୈଦେହୀ ଜଣେ ଧର୍ମପରାୟଣା ମହିଳା ଥିଲେ। ତାଙ୍କ ବିୟୋଗରେ ରାଉରକେଲା ସହରର ବିଭିନ୍ନ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି। ସମାଜସେବୀ ପ୍ରଶାନ୍ତ କୁମାର ଦାସଙ୍କ ସମେତ ଦିବ୍ୟଜୀବନ ସଂଘର ସଭାପତି ଅର୍ଦ୍ଧେନ୍ଦୁ ଶେଖର ଷଡ଼ଙ୍ଗୀ, ସମ୍ପାଦକ ତ୍ରିଲୋଚନ ପଣ୍ଡା, କୋଷାଧ୍ୟକ୍ଷ ଗିରିଧାରୀ ସ୍ୱାଇଁ, ରାମଚନ୍ଦ୍ର ସ୍ୱାଇଁ, ସୀମାଞ୍ଚଳ ଦୀକ୍ଷିତ, ସୁଜାତା ରଥ, ନୀଳିମା ଷଡ଼ଙ୍ଗୀ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିବା ସହ ତାଙ୍କ ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

# କଲେଜ ଛାତ୍ରୀଙ୍କୁ ଦୁର୍ବ୍ୟବହାର, ୨ ଗିରଫ

**ରାଉରକେଲା, ୧୪।୧୦(ସମିସ)**



ସର୍ବସମ୍ମୁଖରେ କଲେଜ ଛାତ୍ରୀଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ରଘୁନାଥପାଲି ଥାନା ପୁଲିସ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ, ଉତ୍ତରପ୍ରଦେଶ ସବଗଞ୍ଜ ଜିଲ୍ଲା ଖେଡ଼ାସର ଥାନା ଅନ୍ତର୍ଗତ ନାଭିଲ ଅଞ୍ଚଳର ଗୋବିନ୍ଦ ରାଜ ଓରଫ ରାଜଭର (୨୨) ଓ ପାନପୋଷ ଏନ୍‌ଏସି ମାର୍କେଟ ପଛ ପାର୍ଶ୍ୱର ଗୌତମ କକ୍ ଓରଫ ଡବୁ (୨୪)। ସେମାନଙ୍କ ଠାରୁ ଗୋଟିଏ ସ୍କୁଟି, ଭୁଜାଲି ଓ ନକଲି ବନ୍ଧୁକ ଜବତ କରାଯାଇଛି।

ସୂଚନା ମୁତାବକ, ଗିରଫ ଦୁଇ ଅଭିଯୁକ୍ତ ପାନପୋଷ ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଜଣେ ଛାତ୍ରୀଙ୍କୁ କଲେଜ୍ ଗେଟ୍ ସମ୍ମୁଖରେ ଗତକାଲି ଅପରାହ୍ଣ ପ୍ରାୟ ଗୋଟାଏବେଳେ ଦୁର୍ବ୍ୟବହାର କରିଥିଲେ। ବାସନ୍ତୀ କଲୋନୀ ଇଏମ୍-୩୫ କ୍ୱାର୍ଟର୍ସରେ ରହୁଥିବା ନୀରଜ୍ ଚତୁର୍ବେଦୀ ଉକ୍ତ ରାସ୍ତା ଦେଇ ବେଦବ୍ୟାସ ଆଡ଼କୁ ଯାଉଥିବା ବେଳେ ଏହି ଘଟଣାକୁ ବିରୋଧ କରି ଅସାମାଜିକ ଯୁବକ ଦ୍ୱୟଙ୍କୁ ବାରଣ କରିଥିଲେ। ହେଲେ ଅଭିଯୁକ୍ତ ଦ୍ୱୟ ଭୁଜାଲି ଓ ନକଲି ବନ୍ଧୁକ ଦେଖାଇ ତାଙ୍କୁ ଆକ୍ରମଣ କରିଥିଲେ। ଏଘଟଣାରେ ନୀରଜ ରଘୁନାଥପାଲି

**ନକଲି ବନ୍ଧୁକ, ଭୁଜାଲି ଓ ସ୍କୁଟି ଜବତ**

ଥାନାରେ ଏତଲା ଦେଇଥିଲେ। ଏହି ଘଟଣାରେ ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶକ୍ରମେ ପାନପୋଷ ଏସ୍‌ଡିପିଓ ରଶ୍ମୀରଞ୍ଜନ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ରଘୁନାଥପାଲି ଥାନା ଅଧିକାରୀ ରାଜେନ୍ଦ୍ର କୁମାର ସ୍ୱାଇଁ ଘଟଣାର ତଦନ୍ତ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

## ବ୍ରାହ୍ମଣୀରେ ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

**ବଣାଇଁ, ୧୪।୧୦(ସମିସ):** ଗତ ଦୁଇଦିନ ତଳେ ବ୍ରାହ୍ମଣୀ ନଦୀକୁ ମାଛ ଧରିବାକୁ ଯାଇ ନିଖୋଜ ହୋଇଥିବା ଜକେଇକଲା ଗ୍ରାମର ଗୁରୁଚରଣ ଶବରଙ୍କ ମୃତଦେହକୁ ଆଜି ବ୍ରାହ୍ମଣୀ ନଦୀର ଜକେଇକଲା ରଙ୍ଗ ମାଟିଆ ସାହି ଘାଟରୁ ଉଦ୍ଧାର କରାଯାଇଛି।

ବଣାଇଁ ଥାନା ଜକେଇକଲା ଗ୍ରାମର ଗୁରୁଚରଣ ଶବର (୫୫) ଶନିବାର ରାତିରେ ମାଛ ଧରିବାକୁ ନିକଟରେ ଥିବା ବ୍ରାହ୍ମଣୀ ନଦୀର ଜଲୁଆ ଘାଟକୁ ଯାଇଥିଲେ। ସେଠାରେ ସେ ମାଛ ଧରିବା ସମୟରେ ଅସାବଧାନତା ଯୋଗୁଁ ପାଣିରେ ବୁଡ଼ି ଯାଇଥଲେ। ରବିବାର ସକାଳ ପର୍ଯ୍ୟନ୍ତ ଗୁରୁ ନିଜ ଘରକୁ ଫେରି ନଥିବାରୁ ପରିବାର ଲୋକେ ବ୍ରାହ୍ମଣୀ ନଦୀକୁ ଯାଇ ବହୁ ଖୋଜାଖୋଜି କରିଥିଲେ। ଏହାସତ୍ତ୍ୱେ ତାଙ୍କର କୌଣସି ଖୋଜ ଖବର ପାଇ ନ ଥିଲେ। ଫଳରେ ବଣାଇଁ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ବଣାଇଁ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳକୁ ଯାଇ ଖୋଜାଖୋଜି କରିଥିଲେ। ତଥାପି ତାଙ୍କର କୌଣସି ସନ୍ଧାନ ପାଇ ନଥିଲେ। ଆଜି ନଦୀରେ ଏକ ଶବ ଭାସୁଥିବା ଗ୍ରାମବାସୀ ଦେଖିବା ପରେ ପୁଲିସ ଓ ଅଗ୍ନିଶମ କର୍ମଚାରୀଙ୍କୁ ଖବର ଦେଇଥିଲେ। ଖବର ପାଇ ପୁଲିସ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ଶବ ଉଦ୍ଧାର କରିବା ପରେ ଏହା ନିଖୋଜ ଗୁରୁଙ୍କ ଶବ ବୋଲି ପରିବାର ଲୋକେ ଚିହ୍ନଟ କରିଥିଲେ। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।

**ଦୁଇଦିନ ତଳେ ମାଛ ଧରିବାକୁ ଯାଇ ନିଖୋଜ ଥିଲେ**

## ଜିଲ୍ଲାସ୍ତରୀୟ ପୋଷଣ ମାସ କାର୍ଯ୍ୟକ୍ରମ



**ରାଉରକେଲା, ୧୪।୧୦(ସମିସ):** ଜିଲ୍ଲାସ୍ତରୀୟ ପୋଷଣ ମାସ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସଂସ୍କୃତି ଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଡକ୍ଟର ଶୁଭଙ୍କର ମହାପାତ୍ର, ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଞ୍ଜନ ସାହୁ, ଅତିରିକ୍ତ ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କ୍ରିଷ୍ଣା କୁମାରୀ ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥି ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ପୃଷ୍ଟିହୀନତା ଦୂରୀକରଣ ନିମନ୍ତେ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ଯେଉଁ ପଦକ୍ଷେପ ଗ୍ରହଣ କରାଯାଉଛି ତାହା ଉଚ୍ଚ ପ୍ରଶଂଶନୀୟ ବୋଲି ପ୍ରକାଶ କରିଥିଲେ। ପୋଷଣ ଅଭିଯାନକୁ ସଫଳ କରିବା ନିମନ୍ତେ ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ଅଙ୍ଗନବାଡି କର୍ମୀ ନିଜେ ସୁସ୍ଥ ରହିବା ଉପରେ ଜିଲ୍ଲାପାଳ ଡକ୍ଟର ମହାପାତ୍ର ଗୁରୁତ୍ୱାରୋପ କରିଥିଲେ। ଅନ୍ୟ ସମ୍ମାନିତ ଅତିଥିମାନେ ପୋଷଣ ଅଭିଯାନର କାର୍ଯ୍ୟକାରିତା ଉପରେ ଆଲୋକପାତ କରିବା ସହ କୁପୋଷଣ ବା ପୁଷ୍ଟିହୀନତାର ଦୂରୀକରଣ ନିମନ୍ତେ ସମସ୍ତେ ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ କରିବାକୁ ଆଗେଇ ଆସିବାକୁ ଉତ୍ସାହିତ କରିଥିଲେ। ଏହି ଅବସରରେ ପୋଷଣ ଅଭିଯାନକୁ ସଫଳ ରୂପାୟନ କରାଯିବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟକରୁଥିବା ସିଡିପିଓ, ସୁରକ୍ଷା ଅଧିକାରୀ, ବ୍ଲକ ସଂଯୋଜକମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ସିଡିପିଓ, ବ୍ଲକ ସଂଯୋଜକ, ସୁପରଭାଇଜର, ଅଙ୍ଗନବାଡ଼ି କର୍ମୀ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ଆଇସିଡିଏସ୍ ପ୍ରକଳ୍ପଗୁଡ଼ିକ ଦ୍ୱାରା ପୁଷ୍ଟିକର ଖାଦ୍ୟ ପ୍ରଦର୍ଶନ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ମହର୍ଷି ବାଲ୍ମିକୀ ଜୟନ୍ତୀ ସମାରୋହ



**ରାଉରକେଲା, ୧୪।୧୦(ସମିସ):** ଚିନ୍ମୟ ଏକାଡେମୀ, ଫର୍ଟିଲାଇଜର ଏବଂ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ସାରନଗରୀ ଶାଖାର ମିଳିତ ଆନୁକୂଲ୍ୟରେ ମାସିକ ସାହିତ୍ୟ ସମାବେଶ ସହ ମହର୍ଷି ବାଲ୍ମୀକୀ ଜୟନ୍ତୀ ଓ ରାମକଥା ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଫର୍ଟିଲାଇଜର ଆଇଡିଏଲ୍ ଲିଙ୍କ୍ ରୋଡ୍‌ରେ ଥିବା ଚିନ୍ମୟ ଏକାଡେମୀ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କବୟିତ୍ରୀ ଶୁଚିସ୍ମିତା ପଣ୍ଡା ମଞ୍ଚ ସଂଯୋଜନା କରିଥିଲେ। ଚିନ୍ମୟ ଏକାଡେମୀର ଅଧ୍ୟକ୍ଷ ତ୍ରିନାଥ ଦାଶ ମୋହନୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ବ୍ରଜେନ୍ଦ୍ର ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ 'ତ୍ୟାଗ ଓ ଆଦର୍ଶର ଶିଳ୍ପକାର: ବାଲ୍ମିକୀ ମହର୍ଷି' ସମ୍ପର୍କରେ ଆଲୋଚନା କରିଥିଲେ। ସାମ୍ପ୍ରତିକ ସ୍ଥିତିକୁ ଦେଖି ସମାଜରେ ଏଭଳି ଆଲୋଚନା ନିଶ୍ଚିତ ଫଳପ୍ରଦ ହେବ ବୋଲି ଆଶାପୋଷଣ କରିଥିଲେ। ଗାନ୍ଧୀ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଡ. ସୁରେନ୍ଦ୍ର କୁମାର ବେହେରା ବିଷୟ ବିଶେଷଜ୍ଞ ବକ୍ତା ଭାବେ ଶ୍ୱେତଲିନା ଶତପଥୀ ଯୋଗ ଦେଇଥିଲେ। ସେ କହିଲେ ଯେ ରାମ ଚରିତ୍ର ସମସ୍ତଙ୍କ ପାଇଁ ଅନୁକରଣୀୟ। ପ୍ରାରମ୍ଭରେ ସଭାପତି ଶ୍ରୀ ଦାସ ମୋହିନୀ ସଭାପତିତ୍ୱ ଅଭିଭାଷଣରେ ଏଭଳି କାର୍ଯ୍ୟକ୍ରମ ଆଗକୁ ବଜାୟ ରଖିବା ସହ ଛାତ୍ରଛାତ୍ରୀଙ୍କୁ ଏଥିରେ ସାମିଲ କରି ସେମାନଙ୍କର ନୈତିକ ମୂଲ୍ୟବୋଧକୁ ବୃଦ୍ଧି କରିବା ପାଇଁ ପରାମର୍ଶ ଦେଇଥିଲେ। ନଗର ଉପସଭାପତି ସୁବାସ ଚନ୍ଦ୍ର ପାତ୍ର କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ପ୍ରାକ୍ କଥନ ଦେଇଥିଲା ବେଳେ ମହାନଗର ସଂଗଠନ ସମ୍ପାଦକ କୁଞ୍ଜବିହାରୀ ରାଉତ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଦ୍ୱାଦଶ ଶ୍ରେଣୀର ଛାତ୍ର ସାହିଲ ପ୍ରଧାନ ଭିତ୍ତି ପ୍ରବନ୍ଧ ପାଠ କରିଥିଲେ। ଶେଷରେ ସମ୍ପାଦକ ମନୋଜ କୁମାର ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମନୋଜ କୁମାର ଚୌଧୁରୀ ଓ ସାହିଲ ପ୍ରଧାନ ପରିଷଦର ଆଜୀବନ ସଦସ୍ୟତା ପାଇଁ ପରିଷଦର ରାଉରକେଲା ମହାନଗରର ସାଧାରଣ ସମ୍ପାଦକ ଡ. ସୁଷମା ମୋଦୀ ଓ ସମ୍ପର୍କ ପ୍ରମୁଖ ଧରିତ୍ରୀ ପାଇକରାୟ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୌରାଙ୍ଗ ଦାଶ, ଅଚ୍ୟୁତ କୁମାର ଷଡ଼ଙ୍ଗୀ, ବିଜୟ ମିଶ୍ର, ହରିହର ବେହେରା, ଅଶୋକ ସାମଲ, ପ୍ରତିଭା ଦାଶ ମୋହନୀ, ସୁବର୍ଣ୍ଣ ଦତ୍ତ, ସୁବର୍ଣ୍ଣ ବେହେରା, ଲୀଳାବତୀ ମହାପାତ୍ର, ଆରତୀ ଦାଶ, ମୀନତି ପାଢ଼ୀ, କରୁଣାକର ପାଟ୍ଟଶାଣୀ, ପ୍ରମୋଦ ଜଗଦେବ ପ୍ରମୁଖ ଉପସ୍ଥିତ ଥିଲେ।

## 'ଆସ ଆମେ ନୂଆଁ ଖାଇମା' କାର୍ଯ୍ୟକ୍ରମ

**ରାଉରକେଲା, ୧୪।୧୦(ସମିସ):** ସେକ୍ଟର -୩ ରଥଖଳାଠାରେ ଆସ ଆମେ ନୂଆଁ ଖାଇମା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଳିଙ୍ଗ ସଂସଦ ପରିଷଦ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବଡ଼ କୁଣିଆ ଭାବେ ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ ସଭାପତିତ୍ୱ କରିଥିବା ବେଳେ ଶ୍ରୀ ଶ୍ରୀ ଜଗନ୍ନାଥ ଓ ବୈଦ୍ୟନାଥ ମହାପ୍ରଭୁ ମନ୍ଦିର ଟ୍ରଷ୍ଟର ସାଂସ୍କୃତିକ ସମ୍ପାଦକ ଜ୍ୟୋତିର୍ମୟ ଆଚାର୍ଯ୍ୟ ମଞ୍ଚ ପରିଚାଳନା କରିଥିଲେ। ସମ୍ପାଦକ ଶୁଭେନ୍ଦ୍ର କର ସଂଗଠନର ବିବରଣୀ ପାଠ କରିଥିଲେ। ମନ୍ଦିରର ଟ୍ରଷ୍ଟି ମିତ୍ରଭାନୁ ପଣ୍ଡା, ସୁଶାନ୍ତ ତ୍ରିପାଠୀ ଓ କାର୍ଯ୍ୟକ୍ରମ



ଯୋଗଦେଇ ମା' ସମଲେଇଙ୍କ ନିକଟରେ ନଡ଼ିଆ ଭାଙ୍ଗି ପୂଜାର୍ଚ୍ଚନା କରି ଅନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସାନ କୁଣିଆ ଭାବେ ଡ. କିଶୋରୀ ଦାସ, ଡ. ତରୁଣ ଆଦିତ୍ୟ ମିଶ୍ର, ଭଗବାନ ପତି, ପୂର୍ବତନ ପ୍ଲାନିଂ ଅଫିସର ରାମ ମୋହନ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ସଭାପତି ଗିରିଜା ଶଙ୍କର ଦ୍ୱିବେଦୀ ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଆନନ୍ଦ ସୁନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବଲପୁରର ପ୍ରସିଦ୍ଧ ଗାୟକ କଳାକାର ଯଶୋବନ୍ତ ନାଗ ଓ ତାଙ୍କ ସହ ଆସିଥିବା ସାଥୀ କଳାକାର ସମ୍ବଲପୁରୀ ଗୀତ ଗାଇ ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲେ। ପ୍ରାରମ୍ଭରେ ନୂଆଁଖାଇର ପାରମ୍ପରିକ ପୂଜା ନୃତ୍ୟ ମାଧ୍ୟମରେ କୁନି କଳାକାର ମାନେ ପରିବେଷଣ କରିଥିଲେ।

## କାର୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

**କୁତ୍ରା, ୧୪।୧୦(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବସ୍‌ଷ୍ଟାଣ୍ଡ ନିକଟ ବିଜୁ ଏକ୍ସପ୍ରେସ୍ ୱେ'ର ଚୁନିପଡ଼ା ଛକଠାରେ ଏକ କାର୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ କୁତ୍ରା ବ୍ଲକ ଅନ୍ତର୍ଗତ ଡୁନମୁରା ଅଟୋମୁଣ୍ଡାର ଗମାଇ ଲାକଡ଼ା (୬୫) ବୋଲି ଜଣାପଡ଼ିଛି। ଘଟଣାରୁ ଜଣାପଡ଼ିଛି ଯେ ଗମାଇ ମଧ୍ୟାହ୍ନରେ ଏକ ସାଇକେଲ ଯୋଗେ କୁତ୍ରା ବସ୍ତି ରାସ୍ତାରୁ ବାହାରି ଚୁନିପଡ଼ା ଛକରେ ବିଜୁ ଏକ୍ସପ୍ରେସ ୱେ ଅତିକ୍ରମ କରୁଥିବା ବେଳେ ସୁନ୍ଦରଗଡ଼ରୁ ରାଉରକେଲା ଆଡ଼କୁ ଯାଉଥିବା ଏକ କାର୍ (ଓଡି ୧୪ ଏଏ ୦୪୧୩) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ କାର୍ ଚାଳକ ଆଣିଥିଲେ। ଗୁରୁତର ହୋଇଥିବାରୁ ଏଠାରେ ପ୍ରାଥମିକ ଚିକିତ୍ସା କରାଯାଇ ଆବଶ୍ୟକ ଚିକିତ୍ସା ପାଇଁ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଉଥିବା ବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ରାଜଗାଙ୍ଗପୁର ହସ୍ପିଟାଲରେ ତାଙ୍କୁ ମୃତ ଘୋଷଣା କରଯାଇଥିଲା। ସେଠାରେ ତାଙ୍କର ଶବ ବ୍ୟବଚ୍ଛେଦ କରାଯାଇ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରଯାଇଥିଲା। ପୁଲିସ କାର୍‌କୁ ଥାନାରେ ଅଟକ ରଖିବା ସହ ଦୁର୍ଘଟଣାର ତଦନ୍ତ କରୁଛି।



# ବ୍ଲକ୍‌ସ୍ତରୀୟ ଫୁଟବଲ୍ ଓ ଖୋଖୋ ଚୟନ ଶିବିର



କୁତ୍ରା, ୧୪।୧୦(ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଡୁନମୁରାଠାରେ ଅବସ୍ଥିତ ସର୍ଗୁ କିଶାନ ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଫୁଟବଲ ଓ ଖୋଖୋ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମରେଶ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନନ୍ତ କୁମାର ନାୟକ ଯୋଗ ଦେଇ ଶାରିରୀକ ଓ ମାନସିକ ସୁସ୍ଥତା ପାଇଁ ପାଠ ପଢ଼ା ସହ କ୍ରୀଡାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିବା ସହ ଛାତ୍ରଛାତ୍ରୀଙ୍କୁ ନିଜ ନିଜ ଇଚ୍ଛା ଅନୁସାରେ ବିଭିନ୍ନ କ୍ରୀଡ଼ା ଓ ଖେଳରେ ଅଂଶ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିବା ସିମେଣ୍ଟ ସିଏସ୍‌ଆର୍ ବିଭାଗ ଅଧୀକ୍ଷକ ଅଲେଖ ଦଳାଇ, ଡୁନମୁରା ସରପଞ୍ଚ ତରଣୀସେନ ବରିହା, ଏବିଇଓ ନିରଞ୍ଜନ ରାଉଳ, ବ୍ଲକ ସ୍ପୋର୍ଟସ ଆସୋସିଏସନ୍‌ର ସଦସ୍ୟ ଗୀତାଞ୍ଜଳି ଦାସ, ସୁନିତା ସରୋନିଆ, ଲୋକନାଥ ପ୍ରଧାନ, ବିଧିଚନ୍ଦ୍ର ବିଲୁଙ୍ଗ, ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ରୋଡ଼େକ୍ସ ଏକ୍କା, ବିଦ୍ୟାଳୟ କମିଟି ସଭାପତି ଶ୍ରୀକାନ୍ତ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିରରେ କୁତ୍ରା ବ୍ଲକ ପାଇଁ ବିଭିନ୍ନ ବର୍ଗର ଫୁଟବଲ ଓ ଖୋଖୋ ଦଳ ନିମନ୍ତେ ଖେଳାଳି ଚୟନ କରାଯାଇଥିଲା। ଏହି ଚୟନ ପ୍ରକ୍ରିୟାରେ ଖେଳ ଶିକ୍ଷକ ମହେନ୍ଦ୍ର କଲସେର, ଉମାଶଙ୍କର ମଲ୍ଲିକ, ଯୁଦିତ ଆଇନ୍ଦ, ବ୍ରହ୍ମାନନ୍ଦ ମହନ୍ତ, କିରଣଶିଳା ବାର୍ଲା, ଅନୁପମା ଟପ୍ପୋ, ସରସ୍ୱତୀ ମିଞ୍ଜ, ଲବଣୀଧର ଗରଡ଼ିଆ ପ୍ରମୁଖ ସାମିଲ ହୋଇ ଖେଳାଳି ଚୟନ କରିଥିଲେ। ସଭା କାର୍ଯ୍ୟକୁ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ପାଢ଼ୀ ପରିଚାଳନା କରିଥିବାବେଳେ ଏବିଇଓ ଶ୍ରୀ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଶୋଭନୀୟ ସାଧିକା ବନଲତା ଦେବୀଙ୍କ ପରଲୋକ



**ରାଉରକେଲା, ୧୪।୧୦(ସମିସ):** ଶୋଭନୀୟ ଆନ୍ଦୋଳନର ଆଜୀବନ ସାଧିକା ତଥା ରେବାଦେବୀ ଶୋଭନୀୟ ଶିକ୍ଷାଶ୍ରମର ଅଧ୍ୟକ୍ଷା ଡକ୍ଟର ବନଲତା ଦେବୀଙ୍କ ୬୪ ବର୍ଷ ବୟସରେ ଦେହାନ୍ତ ହୋଇଯାଇଛି। ସମାଜସେବାରେ ନିଜକୁ ବ୍ରତୀ କରି ଦୀର୍ଘ ୪୦ ବର୍ଷ ଧରି ସ୍ୱର୍ଗୀୟା ବନଲତା ଦେବୀ ଶୋଭନୀୟ ଆନ୍ଦୋଳନ ଜରିଆରେ ବିଭିନ୍ନ ସମାଜସେବା କାର୍ଯ୍ୟ ଜାରି ରଖିଥିଲେ। କଟକ ବିଡାନାସୀ ସ୍ଥିତ ଶୋଭନୀୟ ଆନ୍ଦୋଳନ କାର୍ଯ୍ୟାଳୟ ପରିସରରେ ଶୋକାକୁଳ ପରିବେଶରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କ ପରଲୋକରେ ଆନ୍ଦୋଳନର ନିର୍ଦ୍ଦେଶିକା ସମ୍ପାଦିକା ଡକ୍ଟର ଅରୁନ୍ଧତୀ ଦେବୀ ଗଭୀର ଶୋକପ୍ରକାଶ କରିଛନ୍ତି। ତାଙ୍କ ବିୟୋଗ ଖବର ପାଇ ରାଉରକେଲା ଆଇଡିଏଲ ଓ ଲାଠିକଟା ଶୋଭନୀୟ ଶିକ୍ଷାଶ୍ରମରୁ ବଡ ଗୁରୁମା ଚାରୁଲତା ଦେବୀ, କାନ୍ତିଲତା ଦେବୀ ଏବଂ ଡକ୍ଟର କଳ୍ପଲତା ଦେବୀ କଟକ ଯାଇ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହାପରେ ଲାଠିକଟା ଶୋଭନୀୟ ଶିକ୍ଷାଶ୍ରମ ପରିସରରେ ବଡ଼ ଗୁରୁମା ଚାରୁଲତାଙ୍କ ଅଧ୍ୟକ୍ଷତାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରାଯାଇଥିଲା।

## ରିଟାୟର୍ଡ଼ ଏମ୍ପ୍ଲଇଜ୍ ଆସୋସିଏସନର ବନ୍ଧୁମିଳନ



**ରାଉରକେଲା, ୧୪।୧୦(ସମିସ):** ଛେଣ୍ଡ କଲୋନୀସ୍ଥିତ ରାଉରକେଲା ରିଟାୟର୍ଡ ଏମ୍ପ୍ଲଇଜ୍ ଆସୋସିଏସନ୍‌ର ବାର୍ଷିକ ବନ୍ଧୁମିଳନ ଉତ୍ସବ ଉମାଶଙ୍କର ପୀଠଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଶଙ୍କର ପ୍ରସାଦ ତ୍ରିପାଠୀଙ୍କ ନେତୃତ୍ୱରେ ସାଧାରଣ ସମ୍ପାଦକ ହରିହର ନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସଦସ୍ୟ ସଦସ୍ୟାଙ୍କ ମଧ୍ୟରେ କୁଇଜ୍, ମ୍ୟୁଜିକ୍ ଚେୟାର ପ୍ରଭୃତି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଜିତ ମୋହନ ପୂଜାରୀ, ବିଜୟ କୁମାର ନାୟକ ଏବଂ ନିର୍ମଳ କୁମାର ଆଚାର୍ଯ୍ୟ ଭଜନ ଏବଂ ଲଘୁସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ୧୦ ଜଣ ନୂତନ ସଦସ୍ୟଙ୍କୁ ପୁଷ୍ପଗୁଚ୍ଛ ଦେଇ ସଭାପତିଙ୍କ ସହ ପୂର୍ବତନ ସଭାପତି ନବଘନ ସାହୁ, ଗୁରୁ ଚରଣ ପଟ୍ଟନାୟକ, ଡାକ୍ତର ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ଉମାଚରଣ ପାତ୍ର ପ୍ରମୁଖ ସ୍ୱାଗତ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ ବିବେକାନନ୍ଦ ଜେନା, ରବିନାରାୟଣ ସିଂହ, ରମେଶ ଚନ୍ଦ୍ର ସିଂହ, ନିରଦ ଭୂଷଣ ପଟ୍ଟନାୟକ, ତ୍ରିଲୋଚନ ମିଶ୍ର, ବିଜୟ କୁମାର ବରାଳ, ରାମ ନାରାୟଣ ନାୟକ, ହରିଶ୍ଚନ୍ଦ୍ର ଭୂମିଜ, ରବୀନ୍ଦ୍ର କୁମାର ସରାଫ୍ ଏବଂ ଲକ୍ଷ୍ମଣ ନାଥ ଦାସ ପ୍ରମୁଖ ସହଯୋଗ କରିଥିଲେ। ସଭାପତି ଶଙ୍କର ପ୍ରସାଦ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଆର୍‌ଏସ୍‌ପି ମୁକ୍ତ ବିଦ୍ୟାଳୟ ଫୁଟବଲ ଟୁର୍ଣ୍ଣାମେଣ୍ଟ-୨୦୨୫ ଉଦ୍‌ଯାପିତ



**ରାଉରକେଲା, ୧୪।୧୦(ସମିସ):** ରାଉରକେଲା ଷ୍ଟିଲ ପ୍ଲାଣ୍ଟର କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ଇସ୍ପାତ ଷ୍ଟାଡିୟମଠାରେ ଆୟୋଜିତ ଆର୍‌ଏସ୍‌ପି ମୁକ୍ତ ବିଦ୍ୟାଳୟ ଫୁଟବଲ ଟୁର୍ଣ୍ଣାମେଣ୍ଟ- ୨୦୨୫ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ସହର ପ୍ରଶାସନ ଓ ସିଏସ୍‌ଆର୍ ବିଭାଗର ସିଜିଏମ୍ ଇନ୍‌ଚାର୍ଜ ଟି ଜି କାନେକର ମୁଖ୍ୟ ଅତିଥି ରୂପେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀ, କ୍ରୀଡ଼ା ବିଭାଗର କର୍ମଚାରୀ, ବିଦ୍ୟାଳୟଗୁଡ଼ିକର ପ୍ରତିନିଧି ଏବଂ ବହୁ ସଂଖ୍ୟାରେ କ୍ରୀଡ଼ାପ୍ରେମୀ ଉପସ୍ଥିତ ଥିଲେ। ସିନିୟର ବାଳକ ବର୍ଗରେ କଲ୍ୟାଣୀ ରାୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଫାଇନାଲ ମ୍ୟାଚରେ ନୀଳଶୈଳ ମହାବିଦ୍ୟାଳୟକୁ ହରାଇ ବିଜେତା ହୋଇଥିଲେ। ସେହିଭଳି ଜୁନିୟର ବାଳକ ବର୍ଗରେ ସେଣ୍ଟ ପଲ ବିଦ୍ୟାଳୟ ଫାଇନାଲରେ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ବନ୍ଧମୁଣ୍ଡାକୁ ୧-୦ ଗୋଲରେ ହରାଇ ବିଜେତା ହୋଇଥିଲେ। ବାଳିକା ବର୍ଗରେ କଲ୍ୟାଣୀ ରାୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏନ୍‌ଏସି ଏସ୍‌ଟି ହାଇସ୍କୁଲକୁ ୧-୦ରେ ପରାସ୍ତ କରି ବିଜେତା ହୋଇଥିଲା। ପ୍ରାରମ୍ଭରେ କ୍ରୀଡ଼ା ବିଭାଗର ଉପ ପ୍ରବନ୍ଧକ ରଘୁନନ୍ଦନ ପାଢ଼ୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। କ୍ରୀଡ଼ା ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ବି ସିଂହ ଧନ୍ୟବାଦ ଜ୍ଞାପନ କରିଥିଲେ। ଲୋକ ସମ୍ପର୍କ ବିଭାଗର ଉପପ୍ରବନ୍ଧକ ଶଶାଙ୍କ ଶେଖର ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ମୁଖ୍ୟ ଅତିଥି କ୍ରୀଡ଼ା ପତାକା ଅବତରଣ କରିଥିଲେ ଏବଂ ଟୁର୍ଣ୍ଣାମେଣ୍ଟ ସମାପ୍ତି ଘୋଷଣା କରିଥିଲେ। ସୂଚନାଯୋଗ୍ୟ ଯେ, ସହରାଞ୍ଚଳର ୩୭ଟି ବିଦ୍ୟାଳୟ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।

# ମରଣଯନ୍ତା ପାଲଟିଛି ଓରସ୍ ଇସ୍ପାତ କାରଖାନା ଛକ

**ବଣାଇଁ, ୧୪।୧୦(ସମିସ)**



ବଣାଇଁରୁ ଦରେଇକଳାକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାର ଓରସ୍ ଇସ୍ପାତ ସ୍ପଞ୍ଜ ଆଇରନ୍ କାରଖାନା ଛକ ନିକଟରେ ବଡ଼ ବଡ଼ ଖାଲ ହୋଇ ଯାତ୍ରୀଙ୍କ ପାଇଁ ମରଣଯନ୍ତା ପାଲଟିଛି। ପୂର୍ବରୁ ଏହି ରାସ୍ତା ଦେଇ ଲୋକେ ନିରାପଦରେ ବଣାଇଁ ଯାତାୟାତ କରୁଥିଲେ। କିନ୍ତୁ ଗତ କିଛି ମାସ ହେବ ରାସ୍ତାର ଅବସ୍ଥା ଏମିତି ହୋଇଛି ଯେ ଯାତ୍ରା ସମୟରେ ଦୁର୍ଘଟଣାର ଭୟ ରହୁଛି। ସ୍ପଞ୍ଜ ଆଇରନ୍ ବୋଝେଇ ହୋଇ ପ୍ରତ୍ୟେକ ଦିନ ସହ ସହ ସଂଖ୍ୟାରେ ଭାରିଯାନ ଯାତାୟାତ କରୁଥିବାରୁ ରାସ୍ତାସାରା ଖାଲଢ଼ିପ ହୋଇପଡ଼ିଛି। ଯେଉଁଥିରେ ଯାନବାହନ ଚଳାଇବା ଅତ୍ୟନ୍ତ ବିପଜ୍ଜନକ ହୋଇଉଠିଛି। ଏହି ରାସ୍ତା ଦେଇ ପ୍ରତିଦିନ ଶହ ଶହ ଗାଡ଼ି ଯାତାୟାତ କରୁଛି। କିନ୍ତୁ ଗାତ ଥିବା ସ୍ଥାନରେ ଗାଡ଼ି ନିୟନ୍ତ୍ରଣ ହରାଇ ଦୁର୍ଘଟଣା ଘଟୁଛି। ବିଶେଷକରି ବାଇକ୍ ଓ ସ୍କୁଟି ଚାଳକଙ୍କ ପାଇଁ ବର୍ଷା ସମୟରେ ଏହି ରାସ୍ତା ମରଣମୁହଁକୁ ଠେଲିଦେଉଛି। ଗୋଟିଏ ଗାଡ଼ି ଗଲେ ଅନ୍ୟ ପଟୁ ଆଉ ଗୋଟିଏ ଗାଡ଼ି ଆସିବା ସମ୍ଭବ ହେଉନାହିଁ। ଏହି ରାସ୍ତାକୁ ଏସ୍ ଏନ୍ ମାହାନ୍ତି, ଓରସ୍ ଇସ୍ପାତ, ମାଁ କାଳୀ, ଶିବା ସ୍ପଞ୍ଜ ଭଳି ଚାରି ଚାରୋଟି କାରଖାନା ବ୍ୟବହାର କରୁଥିଲେ ମଧ୍ୟ କେହି ହେଲେ ପାଣି ଟିକିଏ ସିଞ୍ଚନ କରୁନାହାନ୍ତି। ଯାହା ଫଳରେ ବଡ଼ ଗାଡ଼ିଟିଏ ଯିବା ଆସିବା ବେଳେ ପ୍ରବଳ ମାତ୍ରାରେ ଧୂଳି ଧୂଆଁ ଉଡୁଛି। ପଛ ପଟେ ଯାଉଥିବା ପଥଚାରୀ ଓ ବାଇକ୍ ଆରୋହୀ ଅଣନିଃଶ୍ୱାସୀ ହୋଇପଡୁଛନ୍ତି। ତେଣୁ ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଏହି ରାସ୍ତାର ମରାମତି କାମ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।



## ବଡ଼ ମେଡିକାଲରେ ରୋଗୀଙ୍କୁ ଅବହେଳା

# ଭାଇକୁ ନ ପାଇ ଫେରିଗଲେ ଛତିଶଗଡ଼ର ଯୁବକ

**କଟକ, ୧୪।୧୦(ସମିସ):** ଅସହାୟ କିମ୍ବା ଅପରିଚିତ ରୋଗୀଙ୍କ ସେବା ପ୍ରତି ଏସସିବି କର୍ତ୍ତୃପକ୍ଷଙ୍କ ବିଶେଷ ନିୟମ ଥିବା ବେଳେ ଏହାକୁ ଠିକ ଭାବେ ପାଳନ କରାଯାଉନାହିଁ। ଡେଷ୍ଟିଚ୍ୟୁଟ୍ ୱାର୍ଡର ରୋଗୀ ସୁସ୍ଥ ହେଲେ ସେମାନଙ୍କୁ ମନଇଚ୍ଛା ଛାଡି ଦିଆଯାଉଛି। ପରିବାରକୁ ଫେରିବା ପରିବର୍ତ୍ତେ ସେମାନେ ପୁଣି ସମାଜର ଅବହେଳିତ ବର୍ଗରେ ଗଣା ହେଉଛନ୍ତି। ଏଭଳି ଜଣେ ଯୁବକକୁ ଖୋଜି ତାଙ୍କ ଭାଇ ଛତିଶଗଡ଼ରୁ କଟକ ଆସି ନିରାଶ ହୋଇ ଫେରିଛନ୍ତି। ସମ୍ପୃକ୍ତ ଅସହାୟତ ରୋଗୀ ଜଣକ ଲାମା ନେଇ ୨ ଦିନ ହେଲାଣି ଚାଲି ଯାଇଛନ୍ତି ବୋଲି ମେଡିକାଲ ପକ୍ଷରୁ କୁହାଯାଇଛି। ତେବେ ଜଣେ ଅସହାୟ ରୋଗୀକୁ ଲାମା ଦ୍ୱାରା କିପରି ଛାଡ଼ି ଦିଆଗଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଘଟଣାରୁ ପ୍ରକାଶ ଯେ ଛତିଶଗଡ଼ ଦନ୍ତେୱାଡା ଅଞ୍ଚଳର ୪୫ବର୍ଷୀୟ ଲକ୍ଷ୍ମୀ ରାମ ଦେଢ଼ମାସ ତଳେ ଏସସିବି ମେଡିକାଲ ଡେଷ୍ଟିଚ୍ୟୁଟ୍ ୱାର୍ଡ଼ରେ ଭର୍ତ୍ତି ହୋଇଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ସେ ତାଙ୍କ ପରିବାର ଲୋକଙ୍କ ସଂକ୍ରାନ୍ତରେ କୌଣସି ସୂଚନା ଦେଇପାରି ନଥିଲେ। କିଛି ଦିନ ପରେ ସେ ସୁସ୍ଥ ହୋଇ ଘର ଓ ପରିବାର ଲୋକଙ୍କ କଥା କହିଥିଲେ। ତାଙ୍କ ସୂଚନା ଆଧାରରେ ପୁଲିସ ପକ୍ଷରୁ ଦନ୍ତେୱାଡା ଥାନାକୁ ସୂଚନା ଦିଆଯାଇ ପରିବାର ଲୋକଙ୍କ ସହ ଯୋଗାଯୋଗ ଲାଗି ପ୍ରୟାସ କରାଯାଇଥିଲା। ପରିବାର ଲୋକେ ଲକ୍ଷ୍ମୀ ରାମଙ୍କ ସଂକ୍ରାନ୍ତରେ ସୂଚନା ପାଇ ତାଙ୍କୁ ନେବା ପାଇଁ ମଙ୍ଗଳବାର ଛତିଶଗଡ଼ରୁ କଟକ ଆସିଥିଲେ। ମାତ୍ର ସେମାନେ ମେଡିକାଲରେ ପହଞ୍ଚିବା ପରେ ଲକ୍ଷ୍ମୀରାମ ଲାମା ନେଇ ଦୁଇ ଦିନ ତଳେ ମେଡ଼ିକାଲକୁ ପଳାଇଯାଇଥିବା ଜାଣିଥିଲେ। ତେବେ ସେ କେଉଁଆଡ଼େ ଗଲେ ତାଙ୍କ ସଂକ୍ରାନ୍ତରେ ଜାଣିବା ପାଇଁ ଲକ୍ଷ୍ମୀରାମଙ୍କ ସମ୍ପର୍କୀୟ ମେଡ଼ିକାଲରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଏ ବିଭାଗରୁ ସେ ବିଭାଗକୁ ଦୌଡ଼ି ନୟାନ୍ତ ହେଲେ ସିନା, ଶେଷରେ କୌଣସି ପତ୍ତା ନପାଇ ଘରକୁ ଫେରିଛନ୍ତି।

## ଐତିହାସିକ ବାଲିଯାତ୍ରା କଟକ-୨୦୨୫

# ତଳ ପଡ଼ିଆରେ ହେବ 'ସର୍କସ'

**କଟକ, ୧୪।୧୦(ସମିସ)**

ଐତିହାସିକ କଟକ ବାଲିଯାତ୍ରା ଦିନ ପାଖେଇ ଆସୁଛି। ନଭେମ୍ବର ୫ ତାରିଖରୁ ଆରମ୍ଭ ହେବାକୁ ଥିବା ଏହି ମୁକ୍ତାକାଶ ବାଣିଜ୍ୟ ମହାମେଳାକୁ ସୁରୁଖୁରୁରେ ଶେଷ କରିବା ପାଇଁ ଜିଲ୍ଲା ପ୍ରଶାସନ, ପୁଲିସ ଅଣ୍ଟା ଭିଡିଛନ୍ତି। ବାରମ୍ବାର ବୈଠକ ଡକାଯାଇ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଉଛି। ବ୍ୟବସାୟ ନିମନ୍ତେ ପ୍ଲଟ୍ ପଞ୍ଜୀକରଣ ପ୍ରକ୍ରିୟା ଜାରି ରହିଥିବାବେଳେ ଆସନ୍ତା ୧୨ ତାରିଖ ଯାଏ ଏହା ଚାଲିବ। ତେବେ ତଳ ପଡ଼ିଆରେ ୬୦ହଜାର ବର୍ଗଫୁଟ ଅଞ୍ଚଳରେ 'ସର୍କସ' ପଡ଼ିବ ବୋଲି ପ୍ରାଥମିକ ପର୍ଯ୍ୟାୟରେ ସ୍ଥିର କରାଯାଇଛି। ବନ୍ଦ ତମ୍ବୁ ମଧ୍ୟରେ ମିଳିବ ରୋମାଞ୍ଚକ ଅନୁଭୂତି। ହେଲେ ସର୍କସ ନିମନ୍ତେ କେଉଁ ପାର୍ଟି ନିଲାମରେ ସାମିଲ ହୋଇଛି ତାହା ସ୍ପଷ୍ଟ ହୋଇପାରିନାହିଁ।

ଦୁଇ ବର୍ଷ ପୂର୍ବେ ବାଲିଯାତ୍ରା ପଡ଼ିଆରେ ସର୍କସ ପଡ଼ିଥିଲା। କଟକିଆମାନେ ଉତ୍କଣ୍ଠା ସହ ସର୍କସ ଦେଖିବା ପାଇଁ ଭିଡ ଜମାଇଥିଲେ। ମାତ୍ର ତାହା ବାଲିଯାତ୍ରା ସମୟ ନଥିଲା। ଯାତ୍ରୀଙ୍କ ରୁଚିକୁ ପରଖି ଏବେ ବାଲିଯାତ୍ରା ତଳ ପଡ଼ିଆରେ ସର୍କସ ପକାଇବାକୁ ପ୍ରଶାସନ ନିଷ୍ପତ୍ତି ନେଇଛି। କଟକ ସହର ସହିତ ସର୍କସର ସମ୍ପର୍କ ଖୁବ୍ ପୁରୁଣା। ପୂର୍ବରୁ ଦେଶର ବଡ଼ବଡ଼ ନାମକରା ସର୍କସ ପାର୍ଟି ଏଠାରେ ସେମାନଙ୍କ କଳାକୌଶଳ ପ୍ରଦର୍ଶନ କରିଛନ୍ତି। ଏପରିକି ସର୍କସକୁ ନେଇ ଏଠାରେ ଲୋକଙ୍କ ମଧ୍ୟରେ ଅନେକ ଆଗ୍ରହ ଦେଖିବାକୁ ମିଳିଥାଏ। ଏଣୁ ଚଳିତଥର ବାଲିଯାତ୍ରାରେ ସର୍କସ ପକାଇବା ପାଇଁ ଯୋଜନା କରାଯାଉଛି। ପଶ୍ଚିମବଙ୍ଗର କେତେକ ସର୍କସ ସଂସ୍ଥା ବାଲିଯାତ୍ରାକୁ ଆସିବା ପାଇଁ ନିଲାମ ପ୍ରକ୍ରିୟାରେ ସାମିଲ ହେଉଥିବା ଆଲୋଚନା ହେଉଛି। ବାଲିଯାତ୍ରାରେ ଲକ୍ଷାଧିକ ଲୋକଙ୍କ ସମାଗମ ହେବାକୁ ଥିବା ବେଳେ ସର୍କସ ଏଥର ଅନ୍ୟତମ ପ୍ରମୁଖ ଆକର୍ଷଣ ପାଲଟିବ।

ଅନ୍ୟପକ୍ଷରେ ପ୍ରଶାସନର ଏକ ନିଷ୍ପତ୍ତିକୁ ନେଇ ଏବେ ଠାରୁ ଦ୍ୱନ୍ଦ ଉପୁଜିଛି। ତଳ ପଡ଼ିଆରେ କିଛି ନିର୍ଦ୍ଦିଷ୍ଟ ଲେନ୍‌ରେ ୧୦ ଫୁଟିଆ ରାସ୍ତା ପ୍ରସ୍ତୁତ କରାଯିବ। ଯଦ୍ୱାରା ଭିଡକୁ ନିୟନ୍ତ୍ରଣ କରିବା ସହଜ ହେବନାହିଁ ବୋଲି କୁହାଯାଉଛି। ସେହିପରି ଯୁବ ଗୋଷ୍ଠୀଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ସେହିପରି ଚକ୍ରି ଓ ଗେମିଂ ଜୋନ୍ ଉପରେ ଅଧିକ ଗୁରୁତ୍ୱ ଦେଇଛି ପ୍ରଶାସନ। ଏଥର ବାଲିଯାତ୍ରା ତଳ ପଡ଼ିଆରେ ପ୍ରାୟ ୭ଟି ସ୍ଥାନରେ ଅଲଗା ଅଲଗା ଚକ୍ରି ଓ ଗେମିଂ ଜେନ୍ ରହିଛି। ଯେଉଁଥିରେ ବହୁ ଆନ୍ତଃରାଜ୍ୟରୁ ଆସିବାକୁ ଥିବା ନୂଆ ନୂଆ ଦୋଳି ଦେଖିବାକୁ ମିଳିବ।

**ସର୍କସ ପାଇଁ ଛଡ଼ାଯାଇଛି ୬୦ହଜାର ବର୍ଗଫୁଟ**

**ଭିଡ଼ ବଢ଼ାଇପାରେ ୧୦ ଫୁଟିଆ ରାସ୍ତା**




## ଖାଉଟି ସାମଗ୍ରୀରୁ ବଞ୍ଚିତ ହେବେ ଇ-କେୱାଇସି କରି ନ ଥିବା ଜିଲ୍ଲାର ୯୦ ହଜାର ଉପଭୋକ୍ତା

**କଟକ, ୧୪।୧୦(ସମିସ):** ଜିଲ୍ଲାର ସମସ୍ତ ୧୪ଟି ଯାକ ବ୍ଲକରେ ରାସନ କାର୍ଡ ଇ-କେୱାଇସି ପ୍ରକ୍ରିୟା ୧୦ମାସ ଧରି ଚାଲିଥିବା ବେଳେ ଏବେ ବି ପ୍ରାୟ ୯୦ ହଜାର ଉପଭୋକ୍ତା ସେମାନଙ୍କର ଡିଲରଙ୍କ ମାଧ୍ୟମରେ ଇ-କେୱାଇସି ଦାଖଲ କରି ପାରିନାହାନ୍ତି। ଗୋଟିଏ ପଟରେ ନଭେମ୍ବରରୁ ଇକେୱାଇସି କରି ନ ଥିବା ଉପଭୋକ୍ତାଙ୍କୁ ଆଉ ଖାଉଟି ସାମଗ୍ରୀ ତଥା ଚାଉଳ ମିଳିବ ନାହିଁ ବୋଲି ଯୋଗାଣ ମନ୍ତ୍ରୀ ଆଜି ଘୋଷଣା କରିଛନ୍ତି। ସାରା ରାଜ୍ୟରେ ୧୫ଲକ୍ଷ ୭୩ ହଜାର ଉପଭୋକ୍ତା ଇ-କେୱାଇସି କରି ନ ଥିବା ବେଳେ ଜିଲ୍ଲାରେ ଏହା ୯୦ ହଜାର ରହିଛି। ଅନେକ ପଡ଼ିକାର୍ଡଧାରୀ ପରିବାର ସଦସ୍ୟ ବାହାରେ ରହିଥିବା ହେତୁ ସେମାନଙ୍କ ଇ-କେୱାଇସି ସମ୍ଭବ ହୋଇ ନାହିଁ। ପ୍ରଥମେ ୩ ମାସ ପରେ ୬ ମାସ ଓ ୯ ମାସ ଅବଧି ବୃଦ୍ଧି କରିଥିଲେ ହେଁ ବହୁ ହିତାଧିକାରୀ କାର୍ଡରୁ ବାଦ ପଡ଼ିଛନ୍ତି। ସୂଚନାଯୋଗ୍ୟ ଯେ ଜିଲ୍ଲାରେ ଯୋଗାଣ ବିଭାଗ ପକ୍ଷରୁ ୫ ଲକ୍ଷ ୧୧ ହଜାର ୫୫୮ ଟି ରେସନ କାର୍ଡ ଦିଆଯାଇ ୧୭ ଲକ୍ଷ ୫୩ ହଜାର ୪୯ ଜଣଙ୍କୁ ଖାଉଟି ସାମଗ୍ରୀ ଯୋଗାଇ ଦିଆଯାଉଥିଲା। ହେଲେ କାର୍ଡ ଯାଞ୍ଚ ପରେ ବହୁ ହିତାଧିକାରୀ କାର୍ଡରୁ କଟିଥିବାବେଳେ ଏବେ ସୁଦ୍ଧା ୯୩ ହଜାର ହିତାଧିକାରୀ ସେମାନଙ୍କର ଇ-କେୱାଇସି ଦାଖଲ କରି ନ ଥିବା ଜଣାପଡ଼ିଛି।







ଆସୁଛି ଦୀପାବଳି, ବଜାରରେ ଖୋଲିଲାଣି ପସରା

# ପୋଲିଓ ଟିକାକରଣ ଅଭିଯାନ

**କଟକ, ୧୪।୧୦(ସମିସ):** ମହାନଦୀ ବିହାରସ୍ଥିତ ଏମଡିଏ ଗୋଷ୍ଠୀ କେନ୍ଦ୍ରଠାରେ କଟକ ମ୍ୟୁନିସିପାଲିଟି କର୍ପୋରେସନ (ସିଏମସି) ପକ୍ଷରୁ ଆୟୋଜିତ ଜନସଚେତନତାମୂଳକ ପୋଲିଓ ଟିକାକରଣ ଅଭିଯାନ ଆରମ୍ଭ ହୋଇଯାଇଛି। ୪୮ନଂ ୱାର୍ଡ କର୍ପୋରେଟର ଇଂ ସୁବ୍ରତ ଘଡେଇଙ୍କ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ଜନ୍ମଠାରୁ ୫ ବର୍ଷ ପର୍ଯ୍ୟନ୍ତ ସମସ୍ତ ଶିଶୁଙ୍କୁ ପୋଲିଓ ବୁନ୍ଦା ପାନ କରାଯାଇଥିଲା। ସକାଳ ୮ଟାରୁ ଏହି ଅଭିଯାନରେ ବହୁ ସଂଖ୍ୟକ ଅଭିଭାବକ ନିଜ ଶିଶୁମାନଙ୍କୁ ନେଇ ଉତ୍ସାହ ପୂର୍ବକ ଅଂଶଗ୍ରହଣ କରିଥିଲେ। ଏମଡିଏ ସଭାପତି ସଞ୍ଜୟ ଜେନା, ଉପସଭାପତି ସରୋଜ ପ୍ରସାଦ ସ୍ୱାଇଁ, ସମ୍ପାଦକ ହିମାଂଶୁ ଷଡ଼ଙ୍ଗୀ, ସହସମ୍ପାଦକ ଜ୍ଞାନ ରଞ୍ଜନ ଦାସ, କୋଷାଧ୍ୟକ୍ଷ ପ୍ରଭାକର ପଣ୍ଡାଙ୍କ ସହ ପ୍ରଶାସନ ପକ୍ଷରୁ ମାମୁନି ପ୍ରିୟଦର୍ଶିନୀ ସାହୁ, ପି. ପଦ୍ମା ସାହୁ, ସୁଷମା ବେହେରା, ମୀନା ସେଠୀ ଯୋଗ ଦେଇଥିଲେ।



# ଚାନ୍ଦିନୀଚୌକ ଦରଜି ସାହି କାର୍ତ୍ତିକେଶ୍ୱର ପୂଜା କମିଟିର ନୂତନ କର୍ମକର୍ତ୍ତା



**କଟକ, ୧୪।୧୦(ସମିସ):** ଚାନ୍ଦିନୀଚୌକ ଦରଜି ସାହିସ୍ଥିତ ପଣ୍ଡୁଆ ମଠରେ ଚାନ୍ଦିନୀଚୌକ ଦରଜି ସାହି କାର୍ତ୍ତିକେଶ୍ୱର ପୂଜା କମିଟିର ସାଧାରଣ ସଭା ଆୟୋଜନ ହୋଇଥିଲା। ସଭାପତି ମାୟାଧର ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ନୂତନ ପୂର୍ଣ୍ଣାଙ୍ଗ କମିଟିର ଗଠନ କରାଯାଇଥିଲା। ଚାନ୍ଦିନୀଚୌକ ଦରଜି ସାହି କାର୍ତ୍ତିକେଶ୍ୱର ପୂଜା କମିଟିର ନୂତନ ସଭାପତି ଭାବେ କିଶୋର କୁମାର କର୍ମକାର ସାଧାରଣ ସମ୍ପାଦକ ଭାବେ ବିଜୟ କୁମାର ସିଂହ ଓ କୋଷାଧ୍ୟକ୍ଷ ଭାବେ ନୃସିଂହ ଚରଣ ସିଂହ ମନୋନୀତ ହେଇଥିଲେ। ପରେ ସଭାପତି ଓ ସମ୍ପାଦକଙ୍କ ନେତୃତ୍ୱରେ ପୂର୍ଣ୍ଣାଙ୍ଗ କମିଟି ଗଠନ କରିଥିଲେ ଉପଦେଷ୍ଟା ଭାବେ ଆଇନଜୀବୀ ବିଶ୍ୱନାଥ ଦାସ, ପ୍ରମୋଦ ଦାସ, ରବୀନ୍ଦ୍ର ମହାରଣା, ସତ୍ୟ ପ୍ରସାଦ ଦାସ, ଯତୀନ୍ଦ୍ର ଦାସ, ପ୍ରଦୀପ ସିଂହ, ମାୟାଧର ନାୟକ, ଉପସଭାପତି ଭାବେ ମନୋଜ ଦାସ, ବନ ବିହାରୀ ଦାସ, ଚନ୍ଦନ ମହାରଣା (ଚନ୍ଦନା), ପଙ୍କଜ ମହାରଣା, ଯୁଗ୍ମ ସମ୍ପାଦକ ଭାବେ ଅଶୋକ ଦାସ, ଶଙ୍କର ମହାରଣା, ଅଜୟ ମହାରଣା, ଦୀପକ ମହାରଣା, ସହସମ୍ପାଦକ ଭାବେ ରାଜେଶ ସିଂହ, ରାମକୃଷ୍ଣ ମହାରଣା, ଦେବାଶିଷ ମହାରଣା, ନିଲମ ଦାସ ସହ କୋଷାଧ୍ୟକ୍ଷ ପ୍ରତାପ ମହାରଣା, ରାଜନ ମହାରଣା, ସାଂସ୍କୃତିକ ସମ୍ପାଦକ ଭାବରେ ବିଶ୍ୱବିହାରୀ ଦାସ ଓ ସଂଗଠନ ସମ୍ପାଦକ ଭାବେ ଚନ୍ଦନ ମହାରଣା(ବାବୁ), ନିକୁଞ୍ଜ ବିହାରୀ ଦାସ କମିଟି ସଭ୍ୟ ଭାବରେ ସନ୍ତୋଷ ପ୍ରସାଦ, ଜଗନ୍ନାଥ ଦାସ, ବିଜୟ ପ୍ରସାଦ, ତରୁଣ ହାଲଦାର, ସୌମ୍ୟ ପ୍ରତାପ ସିଂହ, ରବୀନ୍ଦ୍ର ନାଥ ଦାସ, ରଶ୍ମି ରଞ୍ଜନ ଦାସ, ପାର୍ଥସାରଥି ଦାସ, ନିରଞ୍ଜନ ଦାସ, ପ୍ରଶାନ୍ତ ସିଂହ, ଦୀପକ ମହାରଣା(ସୋନା), କୁନାଲ ମହାରଣା, ଅୟଶକାନ୍ତ ମହାନ୍ତି ମନୋନୀତ ହୋଇଥିଲେ। ନିଲମ ଦାସ ଧନ୍ୟବାଦ ଦେଇଥିଲେ।

## ବିଚିତ୍ରାନନ୍ଦ କଲ୍ୟାଣ ଆଶ୍ରମ ଅନ୍ତେବାସୀଙ୍କ ସଫଳତା

**କଟକ, ୧୪।୧୦(ସମିସ):** ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ ଉତ୍ସାହ ଓ ମହକ ମହୋତ୍ସବ ଶିଶୁ ପ୍ରତିଭା ବିକାଶ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗରେ ଭାଗନେଇ ଶତାୟୁ ଶିଶୁ ଯତ୍ନ ଅନୁଷ୍ଠାନ ସ୍ୱାମୀ ବିଚିତ୍ରାନନ୍ଦ କଲ୍ୟାଣ ଆଶ୍ରମର ଅନ୍ତେବାସୀମାନେ ବିଶେଷ ସଫଳତା ପାଇ ପୁରସ୍କୃତ ହେବା ସହ ରାଜ୍ୟସ୍ତରକୁ ଉତ୍ତୀର୍ଣ୍ଣ ହେଇଛନ୍ତି। ଆଶ୍ରମ ଅନ୍ତେବାସୀ ଚତୁର୍ଥ ଶ୍ରେଣୀ ଛାତ୍ର ଲକ୍ଷ୍ମଣ ଚତାର କ୍ୟାରମ ବିଭାଗ ଓ ୧୦ମ ଶ୍ରେଣୀ ଛାତ୍ର ଚନ୍ଦ୍ରା ହେମ୍ବ୍ରମ୍ ୧୦୦ ମିଟର ଦୌଡକୁଦରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରକୁ ଉତ୍ତୀର୍ଣ୍ଣ ହେବାର ଗୌରବ ଅର୍ଜନ କରିଛନ୍ତି। ସେହିପରି ଦଳଗତ ଫୁଟବଲ୍ ପ୍ରତିଯୋଗିତାରେ ବିଚିତ୍ରାନନ୍ଦ କଲ୍ୟାଣ ଆଶ୍ରମ ଦଳଗତ ଭାବେ ଜିଲ୍ଲାସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଏହି ଦଳରୁ କୁନାଲ ସୋରେନ, ଦାସ ପୂର୍ତ୍ତି, ସୋନୁ ମୁର୍ମୁ, ରମାଇ ଟୁଡୁ, କୁନାଲ ଚାତାର ରାଜ୍ୟସ୍ତରକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ବିଭିନ୍ନ ପ୍ରତିଯୋଗିତାରେ ପୂର୍ଣ୍ଣଚନ୍ଦ୍ର ସୋରେନ, ଚନ୍ଦ୍ରା ହେମ୍ବ୍ରମ ପ୍ରମୁଖ ସଫଳତା ପାଇଛନ୍ତି। କୃତୀ ଅନ୍ତେବାସୀଙ୍କୁ ଆଶ୍ରମର ସଭାପତି ଆଇନଜୀବୀ ପ୍ରସନ୍ନ ନନ୍ଦ ଆଶ୍ରମ ପରିସରରେ ଶୁଭେଚ୍ଛା ଜଣାଇଛନ୍ତି। ଅନ୍ତେବାସୀଙ୍କ ସଫଳତା ଆଶ୍ରମ ପାଇଁ ଗୌରବ ଆଣିଛି ବୋଲି ପ୍ରକାଶ କରିଛନ୍ତି।



# ଜିଲ୍ଲାସ୍ତରୀୟ ଶିଶୁ ଉତ୍ସବ 'ଉତ୍ସାହ ଓ ମହକ ୨୦୨୫'




**କଟକ, ୧୪।୧୦(ସମିସ)**

ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି କଟକ ଜିଲ୍ଲାସ୍ତରୀୟ ଶିଶୁ ଉତ୍ସବ 'ଉତ୍ସାହ ଓ ମହକ ୨୦୨୫ '। ଏଥିରେ ସମଗ୍ର କଟକ ଜିଲ୍ଲାର ବିଭିନ୍ନ ଶିଶୁ ଥଇଥାନ କେନ୍ଦ୍ରରେ ରହୁଥିବା ପ୍ରାୟ ୨୫୦ ଜଣ ଅନ୍ତେବାସୀ ବେଶ୍ ଉତ୍ସାହ ସହକାରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଯୋଗଦେଇ ସେମାନଙ୍କୁ ଅଧାରୁ ପାଠ ନ ଛାଡ଼ିବାକୁ ଆହ୍ୱାନ ଦେଇଥିଲେ। ଏଥିସହ ପିଲାମାନେ ଏ ରାଜ୍ୟର ଭବିଷ୍ୟତ ବୋଲି କହି ସେମାନଙ୍କୁ ଉତ୍ସାହିତ କରିଥିଲେ। ପିଲାମାନଙ୍କ ମଧ୍ୟରେ ଦିବସବ୍ୟାପୀ କୁଇଜ୍, ଏକକ ସଙ୍ଗୀତ, ବକ୍ତୃତା, ଚିତ୍ରାଙ୍କନ ଓ ସମବେତ ନୃତ୍ୟ ଭଳି ବିଭିନ୍ନ ପ୍ରତିଯୋଗିତାମାନ ଆୟୋଜିତ ହୋଇଥିଲା। ଚିତ୍ରାଙ୍କନ କନିଷ୍ଠ ବର୍ଗରେ ଯଶୋଦା ସଦନର ସୁବାସିନୀ ରାଉତ ପ୍ରଥମ, ବସୁନ୍ଧରାର ସୋନାଲି ମୁର୍ମୁ ଦ୍ୱିତୀୟ ଓ ଏସଆଇଏସର ରିକା ପିଙ୍ଗୁଆ ତୃତୀୟ ଏବଂ ବରିଷ୍ଠ ବର୍ଗରେ ସ୍ୱପ୍ନେଶ୍ୱରର ବାବୁଲା ତପନ ପ୍ରଥମ, ଏସବିକେଏର ରାନାଇ ଟୁଡୁ ଦ୍ୱିତୀୟ ଓ ଏସଆଇଏସର ରଶ୍ମିରେଖା ବଦ୍ରା ତୃତୀୟ ହୋଇଥିଲେ। ସେହିପରି ବକ୍ତୃତା କନିଷ୍ଠ ବର୍ଗରେ ଉତ୍କଳ ବାଳାଶ୍ରମର ସୀମାଞ୍ଚଳ ସାହୁ ପ୍ରଥମ, ବିଶ୍ୱରଞ୍ଜନ ପ୍ରଧାନ ଦ୍ୱିତୀୟ ଓ ଯଶୋଦାର ସୁଶାନ୍ତ ପ୍ରଧାନ ତୃତୀୟ ଏବଂ ବରିଷ୍ଠ ବର୍ଗରେ ବାପୁଜୀର ଖଗେଶ୍ୱର ଦାସ ପ୍ରଥମ, ଏସଆଇଏସର ଦୀପା ପଣ୍ଡା ଦ୍ୱିତୀୟ ଓ ଆଇଆଇପିଏମର ସ୍ନିହା ମହାନ୍ତି ତୃତୀୟ ହୋଇଥିଲେ। କୁଇଜ କନିଷ୍ଠ ବର୍ଗରେ ଆଇଆଇପିଏମର ସ୍ନେହଲତା ନାୟକ ପ୍ରଥମ, ମା ବିନ୍ଧ୍ୟବାସିନୀର ମିତାଲି ସାହୁ ଦ୍ୱିତୀୟ ଓ ଯଶୋଦାର ସୁଶାନ୍ତ ପ୍ରଧାନ ତୃତୀୟ ଏବଂ ବରିଷ୍ଠ ବର୍ଗରେ ଏମବିଏସର ସ୍ଥିତପ୍ରଜ୍ଞା ପ୍ରଧାନ ପ୍ରଥମ, ସ୍ନେହଲତା ମୁଦୁଲି ଦ୍ୱିତୀୟ ଓ ଲିପ୍ସାପ୍ରଭା ଜେନା ତୃତୀୟ ହୋଇଥିଲେ। ଏକକ ସଙ୍ଗୀତ କନିଷ୍ଠ ବର୍ଗରେ ଯଶୋଦାର ବାବୁଲୁ ପ୍ରଧାନ ପ୍ରଥମ, ଏମବିଏସର ପ୍ରୀତିଛନ୍ଦା ବେହେରା ଦ୍ୱିତୀୟ ଓ ଆଇଆଇପିଏମର ସୁନିତା ବେହେରା ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ବରିଷ୍ଠ ବର୍ଗରେ ବାପୁଜୀର ବନ୍ଦନ ସାମଲ ପ୍ରଥମ, କେଜିଏନଏମ ଟ୍ରଷ୍ଟର ପୂର୍ଣ୍ଣିମା ଦୀକ୍ଷିତ ଦ୍ୱିତୀୟ ଓ ବାପୁଜୀର ଖଗେଶ୍ୱର ଦାସ ତୃତୀୟ ସ୍ଥାନ ହାସଲ କରିଥିଲେ। ଏଥିସହ ସମବେତ ନୃତ୍ୟ କନିଷ୍ଠ ବର୍ଗରେ ଆଇଆଇପିଏମ୍ ପ୍ରଥମ ହୋଇଥିବା ବେଳେ କେଜିଏନଏମ୍ ଦ୍ୱିତୀୟ ଓ ସ୍ୱପ୍ନେଶ୍ୱର ତୃତୀୟ ସ୍ଥାନ ଅଧିକାର କରିଥିଲା। ବରିଷ୍ଠ ବର୍ଗରେ କେଜିଏନଏମ୍ ପ୍ରଥମ, ବସୁନ୍ଧରା ଦ୍ୱିତୀୟ ଓ ଏସଆଇଏସ ତୃତୀୟ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ ଅତିରିକ୍ତ ଜିଲ୍ଲାପାଳ ଡ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ସମ୍ମାନିତ ଅତିଥି ଭାବରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ଏବଂ ଅତିଥି ବକ୍ତା ଭାବରେ ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ ପ୍ରମୋଦ କିଶୋର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତି ମଞ୍ଚ ପରିଚାଳନା କରିଥିବା ବେଳେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସୁରକ୍ଷାଧିକାରୀ ସୁଭାଷିନୀ କବାଟ ଧନ୍ୟବାଦ ଅର୍ପଣ କରିଥିଲେ।

- **ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଏକାଠିହେଲେ ବିଭିନ୍ନ ଶିଶୁ ଥଇଥାନ କେନ୍ଦ୍ରର ୨୫୦ ଶିଶୁ**
- **ଅଧାରୁ ପାଠ ନ ଛାଡ଼ିବାକୁ ଆହ୍ୱାନ ଦେଲେ ଜିଲ୍ଲାପାଳ**



## ପାଳନ ହେଉଛି ଆଦିବାସୀ ଦଶହରା



ବେହେଡା, ୧୪।୧୦ (ସମିସ): ନବରଙ୍ଗପୁର ଜିଲ୍ଲାର ବେହେଡା, କୋପେନା, ବୋକଦା, ଉମରଗାଁ, ହୀରାପୁର, ଜାମରୁଣ୍ଡା, ମୁର୍ତ୍ତୁମା, ଏକମ୍ବା, ତାରାଗାଁ, ତୋହରା, ସୁନାବେଡା, ପଲଟାପରା ଇଙ୍ଗିରା ଅଞ୍ଚଳରେ ସାପ୍ତାହିକ ହାଟ ଏବେ ଉତ୍ସବମୁଖର। ନୂଆଁଖାଇ ସରିଲା ପରେ ଦଶହରା ଆଦିବାସୀଙ୍କ ଏକ ପର୍ବ, ଯାହାକି ସେମାନେ ଆନନ୍ଦ ଉଲ୍ଲାସରେ ପାଳନ କରନ୍ତି। ସବୁ ଜାଗାରେ ଆଦିବାସୀ ନାଟ ସହ ଆସର ଦେଖିବାକୁ ମିଳୁଛି। କେତେକ ଜାଗାରେ ରାବଣ ପୋଡି ମଧ୍ୟ ହେଉଛି। ଲୋକଙ୍କ ଖଚାଖଚ ଭିଡ଼ ମଧ୍ୟରେ ବେପାରୀ ମାନେ ବହୁତ ଆନନ୍ଦରେ ବଜାର ଗହଳି ଚହଳିର ଫାଇଦା ଉଠାଉଛନ୍ତି। ପ୍ରତ୍ୟେକ ଗାଁ ଯେପରି ଦଶହରାର ନିଆରା ମଜାରେ ମସଗୁଲ। ସବୁ ଗାଁର ଲାଠି ଓ ପାଲିଙ୍କିରେ ମା'ଙ୍କ ପ୍ରତିଭା ଦେଖିବାକୁ ମିଳୁଛି। ଶିରା, ଭକ୍ତ ମାନେ ପୂଜା ପାଠ କରି କୃପା ଲାଭ କରୁଛନ୍ତି। ଆଜି ଘରେ ଘରେ ବନ୍ଧୁବାନ୍ଧବ, ପିଠା ପଣାର ଆସର ଜମିଥିବା ଦେଖିବାକୁ ମିଳିଛି।

## ବିଭିନ୍ନ ପଞ୍ଚାୟତରେ କ୍ଲଷ୍ଟରସ୍ତରୀୟ ସୁରଭି



ପୋଡ଼ାଗଡ଼,୧୪।୧୦ (ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମଟି ମୁଜାଙ୍ଗ ପଞ୍ଚାୟତର ରୁଞ୍ଜିଗୁଡା କ୍ଲଷ୍ଟର, ପୋଡ଼ାଗଡ କ୍ଲଷ୍ଟର, ଗାଦିଆଗୁଡା କ୍ଲଷ୍ଟର ଓ ଏ ମାଲକାନାଗିରି କ୍ଲଷ୍ଟରରେ ଅନୁଷ୍ଠିତ ହୋଇଛି। ସିଆରସିସି ମାନସ ନାୟକ ଫକୀର ବାରିକ ଏମ୍ ସୁରେଶ ରାମବ୍ରହ୍ମା, ପ୍ରିୟ ରଞ୍ଜନ ଦାଶ ପ୍ରମୁଖ କ୍ଲଷ୍ଟର ଅଧିକାରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଗୁଣାତ୍ମକ ଶିକ୍ଷା ରାମ ବ୍ରହ୍ମା ଯୋଗଦେଇ ଶୁଭ ଉଦଘାଟନ କରିଥିଲେ। ସାମ୍ମାନିତ ଅତିଥି ଭାବେ ଅଭିମନ୍ୟୁ ପାଢ଼ୀ, କୃଷ୍ଣରାୟ ବୀରେନ ଖୋସଲା ଧରଣୀଧର ରଣା, ଈଶ୍ୱର ମୁଦୁଲି ଅଭିଷେକ ପଣ୍ଡା, ମୁରଲୀଧର ପାଣିଗ୍ରାହୀ, ଗୌତମ ସାହୁ ପ୍ରମୁଖ ଯୋଗ ଦେଇଥଲେ। ଏହି କାର୍ଯ୍ୟକ୍ରମରେ ଉକ୍ତ କ୍ଲଷ୍ଟର ଅଧିନରେ ଥିବା ମୋଟ ୧୪ ଗୋଟି ବିଦ୍ୟାଳୟର ମୋଟ ୧୨୩ ଜଣ ବିଦ୍ୟାର୍ଥୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବରେ ସ୍ଥାନୀୟ ସରପଞ୍ଚ କୁମୁଟି ଜାନୀ ଯୋଗଦେଇ ପିଲାଙ୍କୁ ଉତ୍ସାହିତ କରିଥିଲେ। ଅତିଥି ମାନେ କୃତି ପ୍ରତିଯୋଗୀଙ୍କୁ ମାନପତ୍ର ସହ ପୁରସ୍କାର ବିତରଣ କରିଥିଲେ। ଏଥିରେ ଟାଙ୍ଗଣୀ ଗୁଡ଼ା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପରିଚାଳନା କରିଥିଲେ। ଏଥିସହ ଚଣାବାଡ଼ ପଞ୍ଚାୟତର ସିଆରସିସି ଦୁର୍ଯ୍ୟୋଧନ ସଗରଙ୍କ ନେତୃତ୍ୱର ମଧ ଅତି ଆଡମ୍ବରରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ଜଣାପଡିଛି।

## ଦାଣ୍ଡି ପଦଯାତ୍ରାର ପ୍ରତିମୂର୍ତ୍ତି ନିର୍ମାଣ ଶେଷ ପର୍ଯ୍ୟାୟରେ

ଜୟପୁର,୧୪ ।୧୦(ସମିସ): କୋରାପୁଟ ଜିଲ୍ଲା ଜୟପୁର ପୌରସଂସ୍ଥା ପକ୍ଷରୁ ସ୍ଥାନୀୟ ଗାନ୍ଧୀ ଛକ ମୁଖ୍ୟ କେନାଲ ରାସ୍ତା ପାଶ୍ୱର୍ରେ ଜାତୀୟ ପିତା ବାପୁଜୀ ମହାତ୍ମା ଗାନ୍ଧୀ ଏବଂ ତାଙ୍କ ସହଯୋଗୀଙ୍କ ଦାଣ୍ଡି ପଦଯାତ୍ରାର ପ୍ରତିମୂର୍ତ୍ତି ନିର୍ମାଣ କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚି। ସମୁଦାୟ ୧୫ ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳରେ ନିର୍ମାଣ ଏବଂ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ବାବଦକୁ



ଟେଣ୍ଡର ମାଧ୍ୟମରେ କାର୍ଯ୍ୟ ଚାଲିଛି। ପ୍ରତିମୂର୍ତ୍ତି ନିର୍ମାଣ ଓ ସ୍ଥାପନା ଶେଷ ହୋଇଥିବା ବେଳେ ଲାଇଟ୍ ସଂଯୋଗୀକରଣ ଶେଷ ହୋଇଛି। ବର୍ତ୍ତମାନ ପାଶ୍ୱର୍ବର୍ତ୍ତି ଅଞ୍ଚଳରେ ସୌନ୍ଦର୍ଯ୍ୟକରଣ ପାଇଁ ଫେବର ବ୍ଲକ ଇଟା ଏବଂ ଅନ୍ୟାନ୍ୟ ନିର୍ମାଣ ସହିତ ସୁନ୍ଦର ରଙ୍ଗୀନ ଲାଇଟ୍ ବ୍ୟବସ୍ଥା କରାଯିବ। ଗତ କିଛିଦିନ ହେଲା ଏହି କାର୍ଯ୍ୟ ବନ୍ଦ ରହିଥିବା ବେଳେ ଆସନ୍ତା ଦୁଇଦିନ ମଧ୍ୟରେ ଆରମ୍ଭ ହେବ ଏବଂ ଆସନ୍ତା ସପ୍ତାହ ମଧ୍ୟରେ ଶେଷ ହୋଇଯିବ ବୋଲି ପୌରଯନ୍ତ୍ରୀ ଅଜୟ କୁମାର ଜାନୀ ପ୍ରକାଶ କରିଛନ୍ତି। ଏହାର ନିର୍ମାଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଶେଷ ହେବା ପରେ ପୌର ନିର୍ବାହୀ ଅଧିକାରୀ ତଥା ଉପଜିଲ୍ଲାପାଳ ଏବଂ କାଉନ୍ସିଲ ବୈଠକରେ ଆଲୋଚନା ପରେ କେଉଁ ଦିନ ଏହାରୁ ଉଦ୍‌ଘାଟନ କରାଯିବ, ସେଥିନେଇ ନିଷ୍ପତି ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି।

### ମୁରବୀ ଖୋଜୁଛି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ

# ୬ ମାସ ହେଲା ଖାଲି ପଡ଼ିଛି କୁଳପତି ପଦବୀ

କୋରାପୁଟ,୧୪।୧୦(ସମିସ):

ଆଦିବାସୀ ଅଧ୍ୟୁଷିତ ଅବିଭକ୍ତ କୋରାପୁଟ ଜିଲ୍ଲାରେ ଉଚ୍ଚ ଶିକ୍ଷାର ବିକାଶ ନିମନ୍ତେ ୨୦୦୯ରେ ତତ୍କାଳୀନ ଉପା ସରକାର କୋରାପୁଟ ଠାରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ଉପାନ୍ତ ଅଞ୍ଚଳରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେଲେ ସେହି ଅଞ୍ଚଳର ଶହ ଶହ ଗରିବ ଛାତ୍ରଛାତ୍ରୀ ଅତି କମ୍ ଖର୍ଚ୍ଚରେ ଉଚ୍ଚ ଶିକ୍ଷା ଗ୍ରହଣ କରି ପାରିବେ ବୋଲି ସରକାରଙ୍କ ଚିନ୍ତାଧାରା ଥିଲା। ଉପା ସରକାରଙ୍କ ନିଷ୍ପତିକୁ ସ୍ୱାଗତ କରି ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ପୂର୍ବ ସରକାର କେନ୍ଦ୍ର ସରକାରଙ୍କୁ ପୂର୍ଣ୍ଣ ସହଯୋଗ କରି ବିଶ୍ୱବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସ ନିମନ୍ତେ ସଂପୂର୍ଣ୍ଣ ମାଗଣାରେ ସୁନାବେଡ଼ା ଠାରେ ୪୮୦ ଏକର ସରକାରୀ ଜମି ଯୋଗାଇ ଦେଇଥିଲେ। ବର୍ତ୍ତମାନ ସେହି ସ୍ଥାନରେ ବିଶ୍ୱବିଦ୍ୟାଳୟର ପ୍ରଶାସନିକ କୋଠା ସମେତ ସବୁ ବିଭାଗର ଶ୍ରେଣୀ ଗୃହ, କୁଳପତି, କୁଳ ସଚିବଙ୍କ ବାସଗୃହ, ହଷ୍ଟେଲ ଏବଂ ଅଧିକାରୀ, କର୍ମଚାରୀ ମାନଙ୍କ ବାସଗୃହ ନିର୍ମାଣ କାର୍ଯ୍ୟ ପ୍ରାୟତଃ ଶେଷ ପର୍ଯ୍ୟାୟରେ ପହଞ୍ଚି ସାରିଛି। ଏହା ମଧ୍ୟରେ ନୂଆ ନୂଆ ବିଷୟରେ ଶିକ୍ଷା ଦାନ ଆରମ୍ଭ ହୋଇ ଥିବା ବେଳେ ଅନେକ ଶିକ୍ଷକ ପଦବୀ ମଧ୍ୟ ପୂରଣ ହୋଇଛି। କିନ୍ତୁ ବିଡ଼ମ୍ବନାର ବିଷୟ ଗତ ୬ ମାସ ହେଲାଣି ବିଶ୍ୱବିଦ୍ୟାଳୟରେ ନିୟମିତ କୁଳପତି କେହି ନାହାନ୍ତି। ଛାତ୍ର ଛାତ୍ରୀ ଜଣେ ସ୍ଥାୟୀ ମୂରବୀ ଅପେକ୍ଷାରେ ଥିବା ବେଳେ ବର୍ତ୍ତମାନ ଭାରପ୍ରାପ୍ତଙ୍କ ଭରସାରେ ବିଶ୍ୱବିଦ୍ୟାଳୟ ପରିଚାଳିତ ହେଉଛି। କେନ୍ଦ୍ର



### ଭାରପ୍ରାପ୍ତଙ୍କ ଭରସାରେ ଛାତ୍ରଛାତ୍ରୀ

ଶିକ୍ଷା ମନ୍ତ୍ରୀ ଓଡ଼ିଶାର ହୋଇଥିଲେ ମଧ ଦୀର୍ଘ ୬ ମାସ କାଳ କୁଳପତି ପଦ ପୂରଣ ନହେବା ପରିତାପର ବିଷୟ ବୋଲି ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ବର୍ତ୍ତମାନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବାର ଏହା ମଧ୍ୟରେ ପ୍ରାୟ ୧୫ ବର୍ଷ ବିତି ଗଲାଣି। ଏଠାରେ କେବଳ ଅବିଭକ୍ତ କୋରାପୁଟ ଜିଲ୍ଲା ନୁହଁ, ରାଜ୍ୟ ଓ ରାଜ୍ୟ ବାହାରର ମଧ ଶତାଧିକ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଛନ୍ତି। ତେଣୁ ବିଶ୍ୱବିଦ୍ୟାଳୟର କଳେବର ବୃଦ୍ଧି ସହ ଦାୟିତ୍ୱ ମଧ ବଢ଼ି ଚାଲିଛି। ପୂର୍ବତନ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ବ୍ୟକ୍ତିଗତ କାରଣରୁ ଚଳିତ ବର୍ଷ ଏପ୍ରିଲ ଶେଷ ଭାଗରେ ଇସ୍ତଫା ଦେବା ପରେ ସେହିଦିନରୁ ଭାରପ୍ରାପ୍ତ କୁଳପତି ଭାବେ ପ୍ରଫେସର ନରସିଂହ ଚରଣ ପଣ୍ଡା ଦାୟିତ୍ୱ ତୁଲାଉଛନ୍ତି। ବିଶ୍ୱବିଦ୍ୟାଳୟର ସାମଗ୍ରିକ ବିକାଶ ଓ ନିର୍ମାଣ କାର୍ଯ୍ୟ ନିମନ୍ତେ ଶହ ଶହ କୋଟି ଟଙ୍କା କେନ୍ଦ୍ର ସରକାର ଦେଉଛନ୍ତି, କେବଳ ନିର୍ମାଣ କାର୍ଯ୍ୟ ନୁହଁ, ଶିକ୍ଷକ ଓ କର୍ମଚାରୀ ନିଯୁକ୍ତି ଦାୟିତ୍ୱ ମଧ୍ୟ କୁଳପତିଙ୍କ ଉପରେ ନିର୍ଭର କରୁଥିବା କାରଣରୁ ବିଶ୍ୱବିଦ୍ୟାଳୟ ପାଇଁ ଜଣେ ନିୟମିତ କୁଳପତି ନିଯୁକ୍ତ ହେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

## ବ୍ଲକ୍‌ସ୍ତରୀୟ ଖେଳ ଓ ଦୌଡ଼କୁଦ ଉଦ୍‌ଯାପିତ

ପାପଡାହାଣ୍ଡି,୧୪।୧୦ (ସମିସ): ଆଜି ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ଅନ୍ତର୍ଗତ ଲାଲ ବହାଦୁର ଉଚ୍ଚ ବିଦ୍ୟାଳୟ ଦଳେଇଗୁଡ଼ା ଖେଳ ପଡିଆ ଠାରେ ବ୍ଲକ୍‌ସ୍ତରୀୟ ଖେଳ ଓ ଦୌଡ଼କୁଦ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ବିଇଓ ସୁଦୀପ୍ତ ଦାସଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବ୍ଲକ ଉପାଧକ୍ଷ ସୁଶାନ୍ତ କୁମାର ବେହେରା, ସମ୍ମାନିତ ଅତିଥିଭାବେ ଏସଏମସି ସଭାପତି ରାଜ କିଶର ରାଓ, ଏବିଇ ବାଳକଦାସ ରନ୍ଧାରୀ , ଚୈତନ୍ୟ ହରିଜନ, ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ ବିଷୋୟୀ ପ୍ରମୁଖ ମଞ୍ଚାସୀନ ଥିଲେ। ପାପଡାହାଣ୍ଡି ବ୍ଲକର ଚାରି ଜନ ତଥା



ପାପଡାହାଣ୍ଡି, ମୈଦଳପୁର, ମୋକିୟା ଏବଂ ଚେରଚେଟା ଜନର ମୋଟ ୧୫୦ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କ୍ରୀଡା ଶିକ୍ଷକ ଏବଂ ଶିକ୍ଷୟିତ୍ରୀ ସୁରେଶ ଦାସ, ଦିଲୀପ ଭଞ୍ଜ, ପ୍ରିୟ ରଞ୍ଜନ ପ୍ରଧାନ, ପ୍ରୀତିରାଣୀ ସାବତ , ଯାଉଲ ହୁସେନ, ମଞ୍ଜୁଶ୍ରୀ କର, ସାଗରୀକା ବାରିକ, ଜୟନ୍ତୀ କର୍କରା ପ୍ରମୁଖ ୧୦୦, ୨୦୦, ୩୦୦, ୪୦୦, ୮୦୦, ୧୫୦୦,୩୦୦୦ ମିଟର ଦୌଡ, ଉଚ୍ଚ ଡିଆ, ଲମ୍ବ ଡିଆ, ଜାଭଲିନ ଥ୍ରୋ, ରିଲେ ରେସ, ଟ୍ରିପଲ ଜମ୍ପ, ଡିସ୍ କସ୍ ଥ୍ରୋ ଭଳି ୧୩ ପ୍ରକାର ଖେଳ କରାଇଥିଲେ। ଏଥିରେ ପ୍ରତ୍ୟେକ ଖେଳରେ ପ୍ରଥମ ଦ୍ୱିତୀୟ ଏବଂ ତୃତୀୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା କପ୍ ଏବଂ ପ୍ରମାନପତ୍ର ପ୍ରଦାନ କରାଯାଇଥିଲା। ଆଗାମୀ ଦିନରେ ହେବାକୁ ଥିବା ଜିଲ୍ଲା ସ୍ତରୀୟ ଖେଳ ଏବଂ ଦୌଡ଼କୁଦରେ ଏହି ବିଜେତା ଛାତ୍ରଛାତ୍ରୀ ଭାଗ ନେବେ ବୋଲି ବିଇଓ ସୂଚନା ଦେଇଛନ୍ତି।

## କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ମାଥିଲି, ୧୪ ।୧୦(ସମିସ):

ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଉଦୁଲିବେଡା ପଞ୍ଚାୟତ ପିଏମ ଶ୍ରୀ ସରକାରୀ ୟୁଜିଏଚଏସ ବିଦ୍ୟାଳୟ ଉଦୁଲିବେଡା ପରିସରରେ କ୍ଲଷ୍ଟର ସ୍ତରୀୟ ସୁରଭି ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମଟି ପି ଏମଶ୍ରୀ ସରକାରୀ ୟୁଜିଏଚଏସ ବିଦ୍ୟାଳୟ ଉଦୁଲିବେଡାର ପ୍ରଧାନ ଶିକ୍ଷକ ସଞ୍ଜୀବ କୁମାର ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଉଦୁଲିବେଡା ସରପଞ୍ଚ ଦେବାନନ୍ଦ ଖିଲ, ମୁଖ୍ୟ ବକ୍ତା ସମିତି ସଭ୍ୟ ବି.ରାମେଶ୍ୱର ରାଓ, ସମ୍ମାନିତ ଅତିଥି ଅବସରପ୍ରାପ୍ତ



ପ୍ରଧାନ ଶିକ୍ଷକ ଅନୁପ ପରିଚ୍ଛା, ପରିଚାଳନା କମିଟି ସଭାପତି ମହେନ୍ଦ୍ର ମାଝୀ ଏବଂ ସିଆରସିସି ମନୋଜ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମେ ଅତିଥି ମାନଙ୍କୁ ମଞ୍ଚକୁ ସ୍ୱାଗତ କରାଯାଇ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା । ଉଦ୍‌ଯାପନୀ ଉତ୍ସବରେ ଅତିଥି ମାନଙ୍କ ଦ୍ୱାରା କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପରେ ବ୍ଲକ ସ୍ତରୀୟକୁ ଚୟନ କରାଯାଇଥିବା ପିଲାମାନଙ୍କ ନାମ ଘୋଷଣା କରାଯାଇଥିଲା। କାର୍ଯ୍ୟକ୍ରମଟି ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅନ୍ୟ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗରେ ସଫଳ ହୋଇଥିଲା।

## ଚନ୍ଦ୍ରପଡ଼ାରେ ଜନଶୁଣାଣି ଶିବିର

ବୈପାରିଗୁଡା, ୧୪।୧୦(ସମିସ): ବୈପାରିଗୁଡା ବ୍ଲକ ଚନ୍ଦ୍ରପଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟାଳୟରେ ଆୟୋଜିତ ଶିବିରରେ ଏବିଡିଓ ନିବେଦିତା ଦଣ୍ଡସେନା ଅଧ୍ୟକ୍ଷତା କରିଥିବାବେଳେ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଗୁପ୍ତା, ଚନ୍ଦ୍ରପଡା ସରପଞ୍ଚ ବବି ମୁଦୁଲି, ସମିତି ସଭ୍ୟା ଚନ୍ଦ୍ରା ହରିଜନଙ୍କ ସମେତ ଅଙ୍ଗନବାଡ଼ି କର୍ମୀ ଓ ଆଶା କର୍ମୀ, ବିଭିନ୍ନ ବିଭାଗର ଅଧିକାରୀ, ସମସ୍ତ ୱାର୍ଡ ସଭ୍ୟସଭ୍ୟା ଉପସ୍ଥିତ ଥିଲେ। ପଞ୍ଚାୟତ ପିଇଓ ଗଣେଶ ବିଶ୍ୱାସରାୟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଲୋକ ଆସି ନିଜ ସମସ୍ୟା ଜଣାଇଥିଲେ। ମୋଟ ୧୪ଟି ଅଭିଯୋଗ ପଞ୍ଜିକରଣ ହୋଇଥିବା ବେଳେ ସେଥିରୁ ୬ଟି ସାମୁହିକ ଏବଂ ୮ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ସାମୂହିକ ଅଭିଯୋଗ ଭିତରୁ ପଞ୍ଚାୟତର ଫ୍ଲେଭର ବ୍ଲକ ରାସ୍ତା, କଲଭର୍ଟ ଏବଂ ଖେଳ ପଡିଆ ନିର୍ମାଣ। ବ୍ୟକ୍ତିଗତ ମଧ୍ୟରୁ ଆବାସ ଗୃହ ଏବଂ ମଧୁବାବୁ ପେନ୍‌ସନ ଭଳି ଅଭିଯୋଗ ଗୁଡ଼ିକର ସମାଧାନ ନିମନ୍ତେ ନିବେଦନ କରାଯାଇଥିଲା।


## ଆପଣଙ୍କ ପୁରୁଣା ବ୍ୟାଙ୍କ ଖାତାରେ ଟଙ୍କା ରଖି ଭୁଲିଯାଇଛନ୍ତି କି?



ଯାହା ଆପଣଙ୍କର ତାହାକୁ ପ୍ରାପ୍ତ କରିବାରେ ଆର୍‌ବିଆଇ ଆପଣଙ୍କୁ ସାହାଯ୍ୟ କରିବ ।

ଆପଣଙ୍କ ବ୍ୟାଙ୍କରେ ଅଚଳ ଖାତା (2 ବର୍ଷରୁ ଅଧିକ ଓ 10 ବର୍ଷ ପର୍ଯ୍ୟନ୍ତ ସମୟ ଧରି ନିଷ୍କ୍ରିୟ ଥିବା)ରେ ପଡ଼ିରହିଥିବା ଟଙ୍କା / ଦାବିହୀନ ଜମା (10 ବର୍ଷରୁ ଅଧିକ ସମୟ ଧରି)ଗୁଡ଼ିକୁ ଆର୍‌ବିଆଇର ଡିଇଏ ପାଣ୍ଠିକୁ ସ୍ଥାନାନ୍ତର କରିଦିଆଯାଇଥାଏ । ଆପଣ କିମ୍ବା ଆପଣଙ୍କର ଆଇନଗତ ଉତ୍ତରାଧିକାରୀ ତାହାକୁ ଯେକୌଣସି ସମୟରେ ଦାବି କରିପାରିବେ ।

## ନିଜ ଟଙ୍କାକୁ ଦାବି କରିବାର 3ଟି ସହଜ ସୋପାନ

1. ଆପଣଙ୍କ ବ୍ୟାଙ୍କର ଯେକୌଣସି ଶାଖା ପରିଦର୍ଶନ କରନ୍ତୁ, ତାହା ଆପଣଙ୍କ ନିୟମିତ ଶାଖା ନ ହୋଇଥିଲେ ମଧ୍ୟ କିଛି ଅସୁବିଧା ନାହିଁ
2. କେୱାଇସି ଦସ୍ତାବିଜ (ଆଧାର, ପାସ୍‌ପୋର୍ଟ, ମତଦାତା ପରିଚୟପତ୍ର କିମ୍ବା ଡ୍ରାଇଭିଂ ଲାଇସେନ୍ସ) ସହ ଏକ ଫର୍ମ ଦାଖଲ କରନ୍ତୁ
3. ଯାଞ୍ଚ ପରେ, ଯଦି ଆପଣଙ୍କର କୌଣସି ଅର୍ଥରାଶି ପ୍ରାପ୍ୟ ହୋଇଥାଏ ତେବେ ତାହାକୁ ସୁଧ ସହ ପ୍ରାପ୍ତ କରନ୍ତୁ

### ଆପଣଙ୍କର ଦାବିହୀନ ଜମାକୁ ଠାବ କରିବା ପାଇଁ

ଆପଣଙ୍କ ବ୍ୟାଙ୍କର ୱେବ୍‌ସାଇଟ୍‌ରେ ସନ୍ଧାନ କରନ୍ତୁ କିମ୍ବା ସମ୍ପ୍ରତି 30ଟି ବ୍ୟାଙ୍କକୁ ଅନ୍ତର୍ଭୁକ୍ତ କରୁଥିବା ଆର୍‌ବିଆଇର ଉଦ୍‌ଗମ ପୋର୍ଟାଲ (https://udgam.rbi.org.in) ଯାଞ୍ଚ କରନ୍ତୁ ।




ଅଧିକ ବିବରଣୀ ପାଇଁ, ପରିଦର୍ଶନ କରନ୍ତୁ: https://rbikehtahai.rbi.org.in
ମତାମତ ପାଇଁ, rbikehtahai@rbi.org.in କୁ ଲେଖନ୍ତୁ
କ୍ୟୁଆର କୋଡ୍ ସ୍କାନ୍ କରନ୍ତୁ
ଆନୁଷ୍ଠାନିକ ହ୍ୱାଟ୍ସଆପ୍ ନମ୍ବର 99990 41935
ଜନହିତରେ ଜାରି କରିଛନ୍ତି
भारतीय रिज़र्व बैंक
RESERVE BANK OF INDIA
www.rbi.org.in


### ଖୋଲିଲାନି ଇନ୍ଦ୍ରାବତୀ ବନ୍ଧ ଫାଟକ

# ରାଜସ୍ୱ ଆଶାରେ ସାମୂହିକ ସ୍ୱାର୍ଥକୁ ଜଳାଞ୍ଜଳି

ତେନ୍ତୁଳିଖୁଣ୍ଟି,୧୪।୧୦(ସମିସ)

ଚଳିତ ବର୍ଷ ଇନ୍ଦ୍ରାବତୀ ଜଳଭଣ୍ଡାର ଜଳପତ୍ତନ ୬୪୧ ମିଟର ଅତିକ୍ରମ କରିଥିଲେ ହେଁ ପ୍ରକଳ୍ପ ପ୍ରଶାସନ ଜଳଭଣ୍ଡାର ଫାଟକ ଖୋଲିବାର ନାମ ଧରୁ ନାହାଁନ୍ତି। ୨୦୧୮ ମସିହା ଅଗଷ୍ଟ ୧୫ ତାରିଖରେ ଜଳପତ୍ତନ ୬୪୦ ମିଟ ରେ ପହଞ୍ଚିବାରୁ ଇନ୍ଦ୍ରାବତୀ ଜଳଭଣ୍ଡାରର ୨ଟି ଫାଟକ ଖୋଲାଯାଇଥିଲା। ଇତି ମଧ୍ୟରେ ୭ ବର୍ଷ ଧରି ଜଳଭଣ୍ଡାର ଫାଟକ ଖୋଲାଯାଇ ନ ଥିବାରୁ ନଦୀ ଜଳ ପ୍ରଦୂଷିତ ହେଉଛି। ଶୁଷ୍କ ନଦୀ ଗର୍ଭରୁ ବ୍ୟାପକ ବାଲି ଉତ୍ତୋଳନ ହୋଇ ଅନ୍ୟତ୍ର ଚାଲାଣ ଯୋଗୁ ନଦୀ ଗର୍ଭରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ପରିବେଶ ସନ୍ତୁଳନ ରକ୍ଷା କରିବା ପାଇଁ ନଦୀ ଗର୍ଭରେ ସର୍ବଦା ୭ କ୍ୟୁମେକ୍ସ (ଘନମିଟର) ଜଳ ନିରନ୍ତର ପ୍ରବାହିତ ହେବାପାଇଁ ଓଡ଼ିଶା ଜଳବିଦ୍ୟୁତ ନିଗମ କର୍ତ୍ତୃପକ୍ଷ ରାଜ୍ୟ ସରକାରଙ୍କ ସହ ଚୁକ୍ତିନାମା କରିଥିଲେ। କିଛି ବର୍ଷ ୭ ଘନ ମିଟର ଜଳ ନଦୀ ଗର୍ଭରେ



ଛାଡ଼ିବା ପରେ ୨୦୧୮ ମସିହାରୁ ଜଳ ନିର୍ଗମନ ସମ୍ପୂର୍ଣ୍ଣ ବନ୍ଦ କରିଦେଇଛନ୍ତି । ଫଳରେ ନବରଙ୍ଗପୁର ଜିଲ୍ଲା ଦେଇ ପ୍ରବାହିତ ଇନ୍ଦ୍ରାବତୀ ନଦୀ ଶୁଷ୍କ ତଥା ଟାଙ୍ଗରା ଭୂଇଁ ପାଲଟିଛି। ପ୍ରକୃତିର ପ୍ରକଳ୍ପ ଆରମ୍ଭ ହେଲା। ପ୍ରତିବଦଳରେ ନବରଙ୍ଗପୁର ଜିଲ୍ଲାବାସୀଙ୍କୁ ଉନ୍ନତ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଗମନାଗମନ ସୁବିଧା କରି ପାରିପାଶ୍ୱର୍ିକ ବିକାଶର ସ୍ୱପ୍ନ ଦେଖାଇ କାର୍ଯ୍ୟ ହାସଲ ପରେ ହାସଲ ପରେ ଜଳବିଦ୍ୟୁତ ନିଗମ ଇନ୍ଦ୍ରାବତୀବାସୀଙ୍କ ସୁବିଧା ଏବଂ ପାରିପାଶ୍ୱର୍ିକ ବିକାଶ ପ୍ରତି ଆଖି ବୁଜି ସମସ୍ତ ଦାୟିତ୍ୱ ଓଡିଶା ଜଳ ସେଚନ ବିଭାଗକୁ ଦେଇ ଉନ୍ନୟନ କାର୍ଯ୍ୟରେ ଯେତେ ଅର୍ଥ ଜଳସେଚନ ବିଭାଗ ଖର୍ଚ୍ଚ କରିବ, ତାହାର ୫୦ ପ୍ରତିଶତ ଅର୍ଥ ଜଳ ବିଦ୍ୟୁତ ନିଗମ ବହନ କରିବା ନେଇ ବୁଝାମଣା ହୋଇଛି। ଏହି ଗଣିତ ହିସାବ ପରେ ଅଞ୍ଚଳର ବିକାଶ ଏକ ପ୍ରକାର ଠପ୍ ହୋଇଯାଇଥିବା ବେଳେ ଜଳସେଚନ ବିଭାଗ ଏବଂ ଜଳବିଦ୍ୟୁତ ନିଗମ ମଧ୍ୟରେ ସଲାସୁତୁରା ହୋଇ ଉନ୍ନୟନ ପ୍ରତି ଆଖି ବୁଜିଦେଇଥିବା

### ଟାଙ୍ଗରା ଭୂଇଁ ପାଲଟିଛି ଚିରସ୍ରୋତା ଇନ୍ଦ୍ରାବତୀ

ଗତିପଥକୁ ବଦଳାଇ ଇନ୍ଦ୍ରାବତୀ ନଦୀ ବନ୍ଧ ଯୋଜନା ମାଧ୍ୟମରେ ୧୧୦ ବର୍ଗ କିଲୋମିଟର ଜଳଭଣ୍ଡାର ନିର୍ମାଣ ହେଲା। ଫଳରେ ଇନ୍ଦ୍ରାବତୀ ନଦୀ ସମେତ ଅନ୍ୟ ତିନି ନଦୀ ଶୁଷ୍କ ଭୂମିରେ ପରିଣତ ହୋଇଛି। ନବରଙ୍ଗପୁର ଜିଲ୍ଲାବାସୀଙ୍କ ହକକୁ ଅଣଦେଖା କରି ସେସବୁ ପ୍ରତିଶ୍ରୁତି ନିରର୍ଥକ ହୋଇଛି । ପୂର୍ବରୁ ଓଡିଶା ଜଳ ବିଦ୍ୟୁତ ନିଗମ ଇନ୍ଦ୍ରାବତୀର ତମାମ ଆବଶ୍ୟକତାକୁ ଗୁରୁତ୍ୱ ପ୍ରଦାନ କରୁଥିଲା। ସେତେବେଳେ ଶିକ୍ଷା, ସ୍ୱାସ୍ଥ୍ୟ ସାଙ୍ଗକୁ ଗମନା ଗମନ କ୍ଷେତ୍ରରେ ଇନ୍ଦ୍ରାବତୀର ସ୍ୱତନ୍ତ୍ର ପରିଚୟ ରହିଥିଲା। କିନ୍ତୁ କାର୍ଯ୍ୟ ଅଭିଯୋଗ କରିଛନ୍ତି ଇନ୍ଦ୍ରାବତୀବାସୀ। ସରକାର ଏଥିପ୍ରତି ବିଶେଷ ଦୃଷ୍ଟି ଦେଇ ଇନ୍ଦ୍ରାବତୀ ବାସିଙ୍କ ମୌଳିକ ସମସ୍ୟା ସମାଧାନ ସାଙ୍ଗକୁ ନଦୀ ଜଳ ସଫେଇ ପାଇଁ କିଛି ଜଳ ଛାଡିବା ପାଇଁ ଦାବି କରିଛନ୍ତି ଖାତିଗୁଡା ଗ୍ରାମବାସୀ ଙ୍କ ସମେତ ଇନ୍ଦ୍ରାବତୀ ଅଞ୍ଚଳବାସୀ।

## ଭେଟେରାନ ସୁଟିଂ ପ୍ରତିଯୋଗୀ ଭାନୁପ୍ରତାପ ସମ୍ବର୍ଦ୍ଧିତ

**ବାରିପଦା, ୧୪।୧୦(ସମିସ):** ଦୀର୍ଘ ୩୦/୩୫ ବର୍ଷ ଧରି ରାଇଫଲ ଚାଳନା ପ୍ରତିଯୋଗିତା ପାଇଁ ଅଭ୍ୟାସ କରିବା ସହ ବିଭିନ୍ନ ସମୟରେ ବିଫଳ ହୋଇ ଶେଷରେ ସଫଳତାର ସ୍ୱାଦ ଚାଖିଲେ ଭାନୁପ୍ରତାପ ଭଞ୍ଜଦେଓ। ତାଳଚେର ଠାରେ ଅନୁଷ୍ଠିତ ଅନୁଗୁଳ ଜିଲ୍ଲା



ରାଇଫଲ ଆସୋସିଏସନ ଆନୁକୂଲ୍ୟରେ ଆୟୋଜିତ ୬୦ ତମ ବାର୍ଷିକ ସୁଟିଂ ପ୍ରତିଯୋଗିତାରେ ଭେଟେରାନ ବର୍ଗରେ ଅଂଶଗ୍ରହଣ କରି ଭାନୁପ୍ରତାପ ୬୫ ବର୍ଷ ବୟସରେ ପ୍ରଥମ ସ୍ଥାନ ଅଧିକାର କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ଖବର ପାଇ ଜିଲ୍ଲାପାଳ ହେମକାନ୍ତ ସୟ ନିଜ କାର୍ଯ୍ୟାଳୟରେ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଓ ସହ ସମ୍ପାଦକ ଅମ୍ବିକା ରାଉତ ଉପସ୍ଥିତ ଥିଲେ। ଶ୍ରୀ ଭଞ୍ଜଦେଓଙ୍କ ଏହି ସଫଳତାର କାହାଣୀ ଆଗାମୀ ଦିନରେ ଯୁବପିଢ଼ିଙ୍କୁ ରାଇଫଲ ସୁଟିଂ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଉତ୍ସାହିତ କରିବ ବୋଲି ସାଧାରଣ ସମ୍ପାଦକ ଶ୍ରୀ ଦାସ ପ୍ରକାଶ କରିଛନ୍ତି।

## ଚୋରା ଦେଶୀମଦ କାରଖାନା ଉପରେ ଚଢ଼ଉ



**ବୈଶିଙ୍ଗା, ୧୪।୧୦(ସମିସ):** ବୈଶିଙ୍ଗା ଥାନା ଅଧୀନ ବାମଡା, ଭିତରଶୋଳ ଏବଂ ଭାଲିଆଡିହି ଠାରେ ଚାଲିଥିବା ଚୋରା ଦେଶୀମଦ କାରଖାନା ଉପରେ ମଙ୍ଗଳବାର ଅପରାହ୍ନରେ ଅବକାରୀ ବିଭାଗ ପକ୍ଷରୁ ସଶସ୍ତ୍ର ପୁଲିସଫୋର୍ସ ମିଳିତ ଭାବରେ ଚଢ଼ାଉ କରଥିବା ଜଣାପଡ଼ିଛି। ଚଢ଼ଉରେ ବିପୁଳ ପରିମାଣର ମହୁଲପୋଚ, ରନ୍ଧା ମଦ ସମେତ ମଦ ପ୍ରସ୍ତୁତିରେ ବ୍ୟବହୃତ ବ୍ୟାପକ ସରଞ୍ଜାମ ଜବତ ପୂର୍ବକ ନଷ୍ଟ କରାଯାଇଛି। ଥାନା ଅଧୀନ ବାମଡା, ଭିତରଶୋଳ ଏବଂ ଭାଲିଆଡ଼ିହି ଠାରେ ଥିବା ଜଙ୍ଗଲିଆ ଅଞ୍ଚଳରେ ଚୋରଦେଶୀ ମଦ କାରଖାନା ବାବଦରେ ଖବରପାଇ ମୟୂରଭଞ୍ଜ ଜିଲ୍ଲା ଅବକାରୀ ଅଧୀକ୍ଷକ ପ୍ରଶାନ୍ତ କୁମାର କହଁରଙ୍କ ନିର୍ଦ୍ଦେଶକ୍ରମେ ବେତନଟୀ ଅବକାରୀ ଥାନା ଅଧିକାରୀ ପ୍ରଦୀପ କୁମାର ବେହେରାଙ୍କ ନେତୃତ୍ୱରେ ଉଦଳା ରେଞ୍ଜ ଇନ୍ସପେକ୍ଟର ସଞ୍ଜୟ କାଣ୍ଡିଙ୍କ ସମେତ ଉଦଳା ଟିମ ମିଳିତ ଭାବରେ ସଶସ୍ତ୍ର ପୁଲିସ ଫୋର୍ସ ସହାୟତାରେ ମଙ୍ଗଳବାର ଅପରାହ୍ନରେ ଅତର୍କିତ ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ଅବକାରୀ ବିଭାଗକୁ ଦେଖି ମଦ ମାଫିଆମାନେ ଜଙ୍ଗଲ ଭିତରେ ଚମ୍ପଟ ମାରିଥିଲା। ଅବକାରୀ ବିଭାଗ ଘଟଣାସ୍ଥଳରେ ସର୍ବମୋଟ ୧୨ହଜାର ୫ଶହ କିଲୋଗ୍ରାମ ଓଜନର ମହୁଲପୋଚ, ଚୋରା ଚାଲାଣ ନିମନ୍ତେ ପ୍ରସ୍ତୁତକରି ରଖାଯାଇଥିବା ଏକ ହଜାର ୪୦ଲିଟର ରନ୍ଧାମଦ ସମେତ ମଦ ପ୍ରସ୍ତୁତିରେ ବ୍ୟବହୃତ ବ୍ୟାପକ ସରଞ୍ଜାମ ଜବତ ପୂର୍ବକ ନଷ୍ଟ କରିଥିଲେ। ମଦ ପ୍ରସ୍ତୁତିରେ ବ୍ୟବହୃତ କିଛି ପ୍ଲାଷ୍ଟିକ ଡ୍ରମ ଓ ପ୍ଲାଷ୍ଟିକ ଜାର୍କିନ ଜବତ ପୂର୍ବକ ତଦନ୍ତ ଆରମ୍ଭ କରିଛି ଅବକାରୀ ବିଭାଗ।

## ନଭେମ୍ବରରୁ ବନ୍ଦ ହେବ ଚାଉଳ

# ମୟୂରଭଞ୍ଜରେ ୧.୨୩ ଲକ୍ଷ ରାସନ୍ କାର୍ଡଧାରୀ କରିନାହାନ୍ତି ଇ-କେୱାଇସି

**ବାରିପଦା, ୧୪।୧୦(ସମିସ)**

ରାଜ୍ୟ ସରକାରଙ୍କ ପକ୍ଷରୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଯୋଗ୍ୟ ହିତାଧିକାରୀଙ୍କ ସ୍ଥିତି ଅନୁଧ୍ୟାନ ସହ ଭୂତ ହିତାଧିକାରୀଙ୍କ ରାସନ କାର୍ଡ କାଟିବା ପାଇଁ ରାସନ୍‌କାର୍ଡ ଇ-କେୱାଇସି ଅପଡେଟ୍ କରାଯାଉଛି। ୧୫ମାସ ଧରି ଏହି କାର୍ଯ୍ୟ ଚାଲିଥିଲେ ହେଁ ତାହା ସମ୍ପୂର୍ଣ୍ଣ ହୋଇପାରୁ ନଥିବାରୁ ନଭେମ୍ବର ପାଖରୁ ରାଜ୍ୟ ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିବାକୁ ଯାଉଛନ୍ତି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସୂଚନା ଅନୁସାରେ ଇ-କେୱାଇସି କରିନଥିବା ହିତାଧିକାରୀଙ୍କୁ ନଭେମ୍ବର ମାସ ପାଖରୁ ମାଗଣା/ରିହାତି ଚାଉଳ ମିଳିବ ନାହିଁ। ବର୍ଷକ ତଳେ ଏହି ଇ-କେୱାଇସି ଅପଡେଟ କାର୍ଯ୍ୟ ଆରମ୍ଭ ହୋଇଥିଲେ ହେଁ ଇ-ପୋସ ମେସିନର ସର୍ଭର ଡାଉନ ଯୋଗୁଁ ଅପଡେଟ କରିବା ପାଇଁ ହିତାଧିକାରୀମାନେ ଘଣ୍ଟା ଘଣ୍ଟା ଧରି ଦହଗଞ୍ଜ ହେଉଥିଲେ। ଫଳରେ ବାରମ୍ବାର ଧାର୍ଯ୍ୟ ତାରିଖ ଘୁଞ୍ଚାଇବାକୁ ପଡୁଥିଲା। ପରନ୍ତୁ ଚଳିତ ମାସ ମଧ୍ୟରେ ଇ-କେୱାଇସି ନହେଲେ ଚାଉଳ ପ୍ରଦାନ ବନ୍ଦହେବ ବୋଲି ମନ୍ତ୍ରୀ ଚରମବାଣୀ ଶୁଣାଇଛନ୍ତି। ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପ୍ରଦୀପ କୁମାର ପଣ୍ଡାଙ୍କ ସୂଚନାନୁଯାୟୀ, ମୟୂରଭଞ୍ଜ ଜିଲ୍ଲାର ୨୬ଟି ବ୍ଲକ, ୪ଟି ପୌରାଞ୍ଚଳକୁ ମିଶାଇ ୬ଲକ୍ଷ ୧ହଜାର ୩୪୨ପରିବାରର ସମୁଦାୟ ୨୧ଲକ୍ଷ ୩୯ହଜାର ସଦସ୍ୟ ରାସନକାର୍ଡ ଜରିଆରେ ଯୋଗାଣ ସାମଗ୍ରୀ ଓ ଅନ୍ୟାନ ସୁବିଧା ପାଉଥିଲେ। ତେବେ ସତ୍ୟାସତ୍ୟ ଯାଞ୍ଚ ଆରମ୍ଭ ପରେ ମୃତକ, ଚାକିରିଆ ଓ ଧନୀକ ସଦସ୍ୟଙ୍କୁ ମିଶାଇ ୮୬ହଜାର ୭୧୧ଜଣ ବାଦ ପଡ଼ିବା ପରେ ୨୦ଲକ୍ଷ ୫୨ହଜାର ୨୮୯ଜଣ ହିତାଧିକାରୀ ରାସନକାର୍ଡର ଲାଭ ପାଉଛନ୍ତି। ତନ୍ମଧ୍ୟରୁ ୧୯ଲକ୍ଷ ୨୯ହଜାର ୧୭୮ ହିତାଧିକାରୀ ଇ-କେୱାଇସି କରିସାରିଛନ୍ତି।



ଏବେ ମଧ୍ୟ ୧ଲକ୍ଷ ୨୩ହଜାର ୧୧୧ଜଣ ହିତାଧିକାରୀଙ୍କ ଇ-କେୱାଇସି ହୋଇନାହିଁ। ଜିଲ୍ଲାର ୫୨୧ଟି ଖାଉଟି ଯୋଗାଣ ବିତରଣ କେନ୍ଦ୍ରରେ ୨୦୨୪ ଅଗଷ୍ଟ ୨୨ତାରିଖରୁ ହିତାଧିକାରୀଙ୍କ ସ୍ଥିତି ଅନୁଧ୍ୟାନ ପ୍ରକ୍ରିୟା ଆରମ୍ଭ ସହିତ ଇ-କେୱାଇସି କାର୍ଯ୍ୟ ଆରମ୍ଭ ହୋଇଥିଲା। ବାରିପଦା ପୌରପାଳିକାର ୫୨ହଜାର ହିତାଧିକାରୀଙ୍କ ପାଇଁ ୨୮ଟି ୱାର୍ଡରେ ଥିବା ୨୬ଟି ଯୋଗାଣ ବିତରଣ କେନ୍ଦ୍ରରେ ଅନଲାଇନରେ ହିତାଧିକାରୀଙ୍କ ଇ-ପୋସ ମେସିନ ଜରିଆରେ ଇ-କେୱାଇସି ଯାଞ୍ଚ କାର୍ଯ୍ୟ ଜାରି ରହିଛି। ଯାଞ୍ଚ ପରେ ସଂଯୋଗୀକରଣ ମୋବାଇଲକୁ ଏକ ଓଟିପି ଆସିବା ପରେ ହିତାଧିକାରୀଙ୍କ ସ୍ଥିତି ଅନୁଧ୍ୟାନ କରାଯାଉଛି। ଏହାଦ୍ୱାରା ବଞ୍ଚିତ ଥିବା ରାସନ କାର୍ଡଧାରୀଙ୍କ କାର୍ଡ ରହିବା ସହିତ ଭୂତ ହିତାଧିକାରୀଙ୍କ ରାସନ କାର୍ଡ କଟୁଛି। ଲୋକଙ୍କର କେୱାଇସି ଅପ୍‌ଡେଟ୍ ପାଇଁ ଗୋଟି ଗୋଟି କରି ନମ୍ବର ଓ ନାମ ଦେଖି କରିବାକୁ ପଡୁଥିବା ବେଳେ ସମୟ ସାପେକ୍ଷ ପାଇଁ ସରକାର ଦୀର୍ଘ ଦିନ ସୁଯୋଗ ଦେଇଥିଲେ। ୧୫ମାସ ବିତିବା ପରେ ମଧ୍ୟ ଜିଲ୍ଲାରେ ୧ଲକ୍ଷ ୨୩ହଜାର ୧୧୧ଜଣ ଇ-କେୱାଇସି ଅପଡେଟ କରିନାହାନ୍ତି। ଧାର୍ଯ୍ୟ ତାରିଖ ମଧ୍ୟରେ ସମସ୍ତ ରାସନ କାର୍ଡଧାରୀ ଇ-କେୟାଇସି ଯାଞ୍ଚ ନକରିଲେ ସରକାରୀ ଚାଉଳ ପାଇବାରୁ ମଧ୍ୟ ବଞ୍ଚିତ ହେବାକୁ ଥିବାରୁ ସମସ୍ତେ ଆପଟେଡ କରାଇନେବାକୁ ଶ୍ରୀ ପଣ୍ଡା ନିବେଦନ କରିଛନ୍ତି।

## ରାଜ୍ୟସ୍ତରୀୟ ସିପାକ ଟାକ୍ରୋ ଓ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ୩୦ଜଣ ସାମିଲ

**ବାରିପଦା, ୧୪।୧୦(ସମିସ):** ଚଳିତ ୧୬ରୁ ୧୯ ତାରିଖ ପର୍ଯ୍ୟନ୍ତ ନବରଙ୍ଗପୁର ଜିଲ୍ଲାର ଉମରକୋଟସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଓଡ଼ିଶା ରାଜ୍ୟସ୍ତରୀୟ ସିପାକ ଟାକ୍ରୋ ଓ ବ୍ୟାଡମିଣ୍ଟନ ପ୍ରତିଯୋଗିତା ହେବ। ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନରେ ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଜିଲ୍ଲାରୁ ୩୦ ଜଣ ଖେଳାଳି ଯୋଗଦେବେ। ସିପାକଟାକ୍ରୋ ବାଳକ ଟିମ ମ୍ୟାନେଜର ଭାବେ ପିଇଟି ପ୍ରଦୀପ ଚୌଧୁରୀ ଓ ବାଳିକା ଟିମ ମ୍ୟାନେଜର ଭାବେ ପିଇଟି ଜ୍ୟୋତିର୍ମୟୀ ଦାସ ମହାପାତ୍ରଙ୍କ ନେତୃତ୍ୱରେ ୧୦ ଜଣ ଯୋଗ ଦେବେ। ସେମାନେ ହେଲେ ୧୭ ବର୍ଷରୁ କମ ବାଳକ ବିଭାଗରେ ଅମିତ କୁଅଁର, ମାନସ ରଞ୍ଜନ ନାଏକ, ସାହିଲ କୁମାର ସେଠୀ, ଆକାଶ ସୋରେନ, ଅମିତ କୁମାର ନାଏକ ଓ ବାଳିକା ବିଭାଗରେ ସିନିଗ ମାଝୀ, କ୍ରିଷ୍ଣା କୁମାରୀ ମହାନ୍ତ,



ସୁଦିପ୍ତା ହାଁସଦା, ପୂଜା ହେମ୍ବ୍ରମ, ପାଏଲ ମାଝୀ। ବ୍ୟାଡ଼ମିଣ୍ଟନ ବାଳକ ଟିମ ମ୍ୟାନେଜର ଭାବେ ପିଇଟି ହେମନ୍ତ କୁମାର ଜେନା ଓ ମଧୁସ୍ମିତା ପାତ୍ରଙ୍କ ନେତୃତ୍ୱରେ ୨୦ ଜଣ କ୍ରୀଡାବିତ ଯୋଗ ଦେବେ। ସେମାନେ ହେଲେ ୧୪ ବର୍ଷରୁ ବାଳକ ବିଭାଗରେ ଜଗନ୍ନାଥ ମାଝି, ହିମାଂଶୁ ଶେଖର ଦାସ, ଜ୍ୟୋତିରଞ୍ଜନ ଗିରି, ଦେବାଶିଷ ପାତ୍ର, ଚନ୍ଦ୍ରଭାନୁ ବେହେରା ଓ ବାଳିକା ବିଭାଗରେ ହୀରାମଣି ସିଂ, ସିଲିରାଣୀ ମାରାଣ୍ଡି, ପ୍ରଗତି ସ୍ୱାଗତିକା ଦାସ, ଇପ୍ସିତା ପ୍ରଧାନ, ଦୀପ୍ତିମୟୀ ମାଲାକାର। ସେହିପରି ୧୭ ବର୍ଷରୁ କମ ବାଳକ ବିଭାଗରେ ଅରୁଶ୍ରୀ ବିଶ୍ୱାଳ, ଜୀବନ ଜ୍ୟୋତି ଦାସ, ଏମଡି ତାସିଫ ରାଜା, ଖ୍ୟାତିରଞ୍ଜନ ମହାପାତ୍ର, ଏମଡି ଅଶିପ ଅଲ୍ଲୀ ଓ ବାଳିକା ବିଭାଗରେ ପ୍ରୀତି ବିନ୍ଧାଣୀ, ମିନତୀ ସିଂ, ସବିତା ସିଂ, ଗୁଞ୍ଜନ କୁମ୍ଭାର, ଲକ୍ଷ୍ମୀପ୍ରିୟା ଗିରି। ସ୍ଥାନୀୟ ଏମକେସି ସରକାରୀ ଉଚ୍ଚ ବିଦ୍ୟାଳୟ ଏହି ଭବ୍ୟ ସମ୍ବର୍ଦ୍ଧନା ସଭାରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗୌତମ କୁମାର ପାତ୍ର ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିବା ସହିତ ରାଜ୍ୟସ୍ତରରେ ସଫଳତା କାମନା କରିଛନ୍ତି।

## ମହୁଲି ମଦ ଜବତ; ୨ ଗିରଫ

**ଠାକୁରମୁଣ୍ଡା/ମହୁଲଡିହା, ୧୪।୧୦(ସମିସ):** ଠାକୁରମୁଣ୍ଡା ଅବକାରୀ ଥାନା ପୁଲିସ ମଙ୍ଗଳବାର ସକାଳେ ଚଢ଼ଉ କରି ମୋଟ ୨୫ ଲିଟର ଚୋରା ମହୁଲି ମଦ ଜବତ କରିବା ସହ ୨ ଜଣକୁ ଗିରଫ କରିଛି। ଘଟଣାରେ ୨ ଜଣ ଚୋରା ମହୁଲି ମଦ ବ୍ୟବସାୟୀଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ବ୍ୟକ୍ତି ଜଣକ ହେଉଛନ୍ତି ଚମ୍ପାଝର ପଞ୍ଚାୟତର ସମରା ହୋ (୫୧) ବୋଲି ଜଣାପଡ଼ିଛି। ଅନ୍ୟ ଜଣକ ଜରକ ଗ୍ରାମର କନକ ହେମ୍ବ୍ରମ (୩୨)। କୌଣସି ସୂତ୍ରରୁ ଖବର ପାଇ ଠାକୁରମୁଣ୍ଡା ଅବକାରୀ ଥାନା ଅଧିକାରୀଣୀ ଭାରତୀ ନାୟକ ସମେତ ଅନ୍ୟ କର୍ମଚାରୀ ମାନେ ଚମ୍ପାଝର ଓ ଜରକ ଗ୍ରାମରେ ଚୋରା ରେ ମଦ ପ୍ରସ୍ତୁତି ହେଉଥିବା ସ୍ଥାନ ଉପରେ ଚଢ଼ାଉ କରି ମଦକୁ ଜବତ କରିଥିଲେ। ଏନେଇ ଠାକୁରମୁଣ୍ଡା ଅବକାରୀ ଥାନା ପକ୍ଷରୁ କେଶ ନମ୍ବର ୧୨୮, ୧୨୯ ରେ ଦୁଇଟି ମାମଲା ରୁଜୁ ହୋଇଛି।

## ନୂତନ ବ୍ଲକ୍ ସଭାପତିଙ୍କୁ ସମ୍ବର୍ଦ୍ଧନା



**ବାରିପଦା/ରାସଗୋବିନ୍ଦପୁର, ୧୪।୧୦(ସମିସ):** ରାସଗୋବିନ୍ଦପୁର ବ୍ଲକ ବିଜେଡିର ନବ ନିର୍ବାଚିତ ସଭାପତି ଜଗନ୍ନାଥ ଦାଶଙ୍କୁ ବିପୁଳ ସମ୍ବର୍ଦ୍ଧନା ଜଣାଯାଇଛି। ଏନେଇ ଦେବଶୋଳସ୍ଥିତ ବାବା ବୁଢେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ରାଜକିଶୋର ଦାସ, ଜୋନ ନମ୍ବର ୪୮ ଜିଲ୍ଲା ପରିଷଦ ସଭ୍ୟ ଶ୍ୟାମସୁନ୍ଦର ଡାକୁଆ, ରାସଗୋବିନ୍ଦପୁର ସରପଞ୍ଚ ସୁଧାଂଶୁ ନାୟକ, ତୁଟାପଡ଼ା ସରପଞ୍ଚ ଶମ୍ଭୁନାଥ ଦେହୁରୀ, ସାରୁମୁଲା ସରପଞ୍ଚ ମନୋରଞ୍ଜନ ସିଂ, ସାନ ମାଣିଦା ସମିତି ସଭ୍ୟ ଦୁଲରି ସରେନ୍, ବିଜେଡି ମହିଳା ସଭାପତି ଉଜ୍ଜାଇନି ବେହେରା, ପୂର୍ବତନ ବ୍ଲକ ଉପାଧ୍ୟକ୍ଷା ତିଲୋତ୍ତମା ମହାନ୍ତ, ନାରୀନେତ୍ରୀ ମଧୁସ୍ମିତା ଚୋବେ, ବରିଷ୍ଠ କର୍ମକର୍ତ୍ତା ନାରାୟଣ ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ନୂତନ ସଭାପତିଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ବିଜୁ ଜନତା ଦଳକୁ ତୃଣମୂଳ ସ୍ତରରେ ସଙ୍ଗଠିତ କରି ସୁଦୃଢ଼ କରିବା ନେଇ ମତପ୍ରକାଶ କରିଥିଲେ। ବିଜେପି ନିର୍ବାଚନ ପୂର୍ବରୁ ଦେଇଥିବା ମିଛ ପ୍ରତିଶ୍ରୁତି ପୂରଣ କରିବାରେ ବିଫଳ ହୋଇଛି। ଏନେଇ ପ୍ରତି ଲୋକଙ୍କୁ ସଚେତନ କରିବେ ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ବସନ୍ତ ପାଲ, ମୃତ୍ୟୁଞ୍ଜୟ ସେନାପତି, କୁଆଁରାୟ ମୁର୍ମୁ, ପ୍ରତାପ ପାତ୍ର, ରାମଚନ୍ଦ୍ର ଟୁଡୁ, ରବୀନ୍ଦ୍ର ନାଥ ବେହେରା, ଅଞ୍ଜନ ମହାନ୍ତି, ରାଜୀବ ଦାସ, ସ୍ୱାଗତ ଧର ମହାପାତ୍ର, ବିଶ୍ୱରଞ୍ଜନ ମହାନ୍ତ, ଝାଡେଶ୍ୱର୍ ଭଞ୍ଜ, ସପନ ଲେଙ୍କା, ଦିଲ୍ଲୀପ ରାମ ଆଦି ଉପସ୍ଥିତ ଥିଲେ। ଅଶୋକ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ।

## ଯାତ୍ରୀବାହୀ ବସ୍ ଚଳାଚଳ ପାଇଁ ଦାବି

**କରଞ୍ଜିଆ, ୧୪।୧୦(ସମିସ):** ପାଞ୍ଚପୀର ଉପଖଣ୍ଡର ସଦର ମହକୁମା କରଞ୍ଜିଆ ହେଉଛି ଉପାନ୍ତ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। କରଞ୍ଜିଆ ଏକ ବାଣିଜିକ, ସାଂସ୍କୃତିକ ସମ୍ପର୍ଣ୍ଣ ଓ କୃଷି ବହୁଳ ଅଞ୍ଚଳ ହୋଇଥିବାରୁ ଏଠାରୁ ସବୁଦିନ ରାଉରକେଲା, ସମ୍ବଲପୁର, ସୁନ୍ଦରଗଡ଼, ବଲାଙ୍ଗିରକୁ ଯିବାପାଇଁ ବସ୍ ଉପରେ ନିର୍ଭର କରିଥାନ୍ତି। ଏଠାରୁ ମାତ୍ର ଗୋଟିଏ ତଥା ଅତିବେଶୀରେ ଦୁଇଟା ବସ୍ କେବଳ ସମ୍ବଲପୁର ଓ ରାଉରକେଲାକୁ ଯାଇଥାଏ। ଏଠିକାର ବେପାରୀ, ଶ୍ରମିକ, ରୋଗୀ, କର୍ମଚାରୀ ଛାତ୍ରଛାତ୍ରୀ ପ୍ରାୟ ପ୍ରତିଦିନ ଏହି ସବୁ ସହରକୁ ବିଭିନ୍ନ କାର୍ଯ୍ୟରେ ଯିବାଆସିବା କରିଥାନ୍ତି। ବସ ନଥିବାରୁ ଯାତ୍ରୀମାନେ ବାଧ୍ୟ ହୋଇ କେନ୍ଦୁଝରକୁ ଯାଇ ଗନ୍ତବ୍ୟ ସ୍ଥଳକୁ ଯାଇଥାନ୍ତି ଏବଂ ଏଥିରେ ନାନା ସମସ୍ୟା ଦେଖାଦେଇଥାଏ। ଏବେ ସରକାରଙ୍କ ପକ୍ଷରୁ ଅନେକଗୁଡିଏ ଉନ୍ନତମାନର ସରକାରୀ ବସ ରାଜ୍ୟ ଭିତରେ ଓ ରାଜ୍ୟରୁ ଅନ୍ୟ ରାଜ୍ୟକୁ ଚଳାଚଳ କରୁଛି। ସରକାର ଆହୁରି ମଧ୍ୟ ଅନେକ ଉନ୍ନତମାନର ବସ ଚଳାଚଳ କରିବା ପାଇଁ ସିଦ୍ଧାନ୍ତ ନେଇଥିବାର ଜଣାପଡ଼ିଛି। ସେଥିମଧ୍ୟରୁ ଅନେକ ସ୍ଥାନରୁ ଏହି ବସ ଚଳାଚଳ କଲାଣି। ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଅଞ୍ଚଳରୁ ଉନ୍ନତମାନର ଭୋଲ୍‌ଭୋ ବସ୍ କରଞ୍ଜିଆରୁ ରାଉରକେଲା, ସୁନ୍ଦରଗଡ଼, ସମ୍ବଲପୁର, ବଲାଙ୍ଗୀର, ପୁରୀ, ବ୍ରହ୍ମପୁର ଆଦି ଅଞ୍ଚଳକୁ ଗମନାଗମନ କରିଲେ ଏଠିକାର ଅଞ୍ଚଳବାସୀ ଉପକୃତ ହୁଅନ୍ତେ ବୋଲି ଲୋକେ ଆଶାବାନ୍ଧି ରହିଛନ୍ତି। ବିଭିନ୍ନ ଅନୁଷ୍ଠାନ ବିଶେଷକରି ପାଞ୍ଚପୀର ପ୍ରେସ କ୍ଲବ୍ ରାଜ୍ୟ ସରକାରଙ୍କ ପରିବହନ ବିଭାଗକୁ ଏଦିଗରେ ଦୃଷ୍ଟି ଦେବାକୁ ଦାବି କରିଛି।





## ମୌଳିକ ସୁବିଧା ଦାବିରେ ପଦ୍ମପୋଖରୀ ପଞ୍ଚାୟତବାସୀଙ୍କ ବିକ୍ଷୋଭ



**ଶରତ/କପ୍ତିପଦା, ୧୪।୧୦(ସମିସ)**

କପ୍ତିପଦା ବ୍ଲକ ଅଧୀନ ପଦ୍ମପୋଖରୀ ପଞ୍ଚାୟତର ଜନଜାତିମାନେ ମୌଳିକ ସୁବିଧା ଯୋଗାଇଦେବା ପାଇଁ ବ୍ଲକ କାର୍ଯ୍ୟାଳୟ ଘେରଉ କରିବା ସହିତ ଧାରଣା ପ୍ରଦର୍ଶନ କରିଛନ୍ତି। ପରେ ୬ ଦଫା ସମ୍ବଳିତ ଦାବିପତ୍ର ବିଡିଓ ରେଶମା ଟେଟେଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ଦାବିଗୁଡିକ ମଧ୍ୟରେ ପଦ୍ମପୋଖରୀ ପଞ୍ଚାୟତ ଅଧୀନ ସାପଘର ଛକଠାରୁ ଧପଡ଼ା ପଞ୍ଚାୟତ ଲମ୍ବିଥିବା ୭ କିମି ବିଶିଷ୍ଟ ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା କିମ୍ବା ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ସାମିଲ କରି ରାସ୍ତାକୁ ପିଚୁ କରାଯିବା ଦାବି ରହିଛି। ଧନାସାହି ଗ୍ରାମରେ ଅଙ୍ଗନବାଡ଼ି କେନ୍ଦ୍ର ପ୍ରତିଷ୍ଠା ଦାବି, ବେହେରାସାହି ଠାରୁ ମହାକୁଡସାହି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରାଯିବା ଦାବି, ଧନାସାହି ଗ୍ରାମରେ ଏକ ଚେକ୍‌ଡ୍ୟାମ ନିର୍ମାଣ, ଠାକୁରାସାହି ଠାରୁ ଡୁବିଆ ଗ୍ରାମ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ, ସାପଘର ଗ୍ରାମରୁ ଧପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରାସ୍ତା ନିର୍ମାଣ, ପଦ୍ମପୋଖରୀ ପଞ୍ଚାୟତର ସମସ୍ତ ପରିବାରଙ୍କୁ ଜଙ୍ଗଲ ଜମି ଅଧିକାର ଆଇନ ୨୦୦୬ ବଳେ ଜମିପଟ୍ଟା ପ୍ରଦାନ କରାଯିବା ଆଦି ଦାବିମାନ ଅନ୍ତର୍ଭୁକ୍ତ ଥିଲା। ତେବେ ସମସ୍ତ ରାସ୍ତା ନିର୍ମାଣ ସମ୍ପର୍କିତ ସମସ୍ୟାକୁ ୧୦ ଦିନ ମଧ୍ୟରେ ସମାଧାନ କରି ରାସ୍ତା ନିର୍ମାଣ କରାଯିବା ନିମନ୍ତେ ବିଡିଓ ରେଶ୍ମା ଟେଟେ ଆନ୍ଦୋଳନକାରୀଙ୍କୁ ଆଶ୍ୱସନା ଦେଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଜିଲ୍ଲାର ଅଗ୍ରଣୀ ସାମାଜିକ ସଂଗଠନ 'ଶରତ ବିକାଶ ମଞ୍ଚ' ଏବଂ ପଦ୍ମପୋଖରୀ ପଞ୍ଚାୟତବାସୀଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଥିବା ଏହି ଗଣଧାରଣାରେ ପଦ୍ମପୋଖରୀ ପଞ୍ଚାୟତର ଯୁବ ସମାଜସେବୀ ନବୀନ ମୁଣ୍ଡୁରୀ, ଶରତ ବିକାଶ ମଞ୍ଚ ସଭାପତି ଗାମାଏ ରୀମିଲ ଗୋଇପାଇ, ସମ୍ପାଦକ କୁସୁନୁ ଗିଲୁଆ, ମହାନ୍ତି ଦେଓଗାମ, ସାମାଜିକ କର୍ମୀ ରମେଶ ବିରୁଆ, ଉମେଶ ବୁଲିଉଲି, ଶାନ୍ତି ମୁଣ୍ଡୁରୀ, ଜିଙ୍ଗୀ ଜାରିକା, ନାନ୍ଦି ହେମ୍ବ୍ରମ, ଦେହୁରୀ ହେମ୍ବ୍ରମ, ବୁଧିରାମ ବେହେରା ପ୍ରମୁଖ ନେତୃତ୍ୱ ନେଇଥିଲେ। ସମସ୍ତ ଦାବି ଆସନ୍ତା ୧୫ ଦିନ ମଧ୍ୟରେ ନ ପୂରଣ ହୋଇ ପାରିଲେ ବିଧାନସଭା ଘେରଉ କରାଯିବ ବୋଲି ପଦ୍ମପୋଖରୀ ପଞ୍ଚାୟତର ଯୁବ ସମାଜସେବୀ ଶ୍ରୀ ମୁଣ୍ଡୁରୀ ପ୍ରକାଶ କରିଛନ୍ତି।

# ଦେଶୀ ମଦ ସହ ୧୩ ଲକ୍ଷ ଟଙ୍କା ଜବତ



**କନ୍ଦରପୁର,୧୪।୧୦(ସମିସ):** ବୟାଳିଶ ମୌଜା ଅନ୍ତର୍ଗତ ଶ୍ରୀରାମ ତାଡ଼ପଡ଼ା ଗ୍ରାମର ଶରତ ଭୋଇଙ୍କ ପୁଅ ସୁମନ ଭୋଇ (୩୨) ନାମକ ଜଣେ ଅପରାଧୀଙ୍କୁ ପୁଲିସ ଗିରଫ କରିଥିବା ଜଣାପଡ଼ିଛି। ବିଶେଷ ସୂତ୍ରରୁ ଖବର ପାଇ ୧୩ ତାରିଖ ଦିନ ପୁଲିସ ସୁମନ ଭୋଇ ଘର ଉପରେ ଚଢ଼ଉ କରି ତାଙ୍କ ଘରୁ ୫୫ ବୋତଲ (୧୧ ଲିଟର) ଦେଶୀ ମଦ ଓ ୧୩ ଲକ୍ଷ ନଗଦ ଟଙ୍କା ଜବତ କରିଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି। ଉକ୍ତ ଅଭିଯୁକ୍ତ ବିରୋଧରେ ସମାନ ଅପରାଧ ପାଇଁ ପୂର୍ବରୁ ୧୪ଟି ଅବକାରୀ ମାମଲା ପଞ୍ଜୀକୃତ ହୋଇଛି।

# ସୁକରପଡ଼ା-କୁରୁଜଙ୍ଗା ଗ୍ରାମ୍ୟ ଉନ୍ନୟନ ରାସ୍ତା ବେହାଲ୍

**ନିଶ୍ଚିନ୍ତକୋଇଲି,୧୪।୧୦(ସମିସ):** ନିଶ୍ଚିନ୍ତକୋଇଲି ଗ୍ରାମ ଉନ୍ନୟନ ବିଭାଗ ଅଧୀନରେ ଥିବା ୯ନଂ କେନ୍ଦ୍ରାପଡା କେନାଲର ଦକ୍ଷିଣପାଶ୍ୱର୍ ବନ୍ଧ ଗ୍ରାମ୍ୟ ଉନ୍ନୟନ ରାସ୍ତା ଅବସ୍ଥା ଗତ କିଛି ଦିନ ହେବ ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ଗତ ୨୦୨୨-୨୩ ଆର୍ଥିକ ବର୍ଷରେ ଏହି ରାସ୍ତାଟି ୧୦ଫୁଟ ଓସାର ବିଶିଷ୍ଟ କରାଯାଇଥିଲା। ବିଗତ ୩ବର୍ଷ ହେବ ଉକ୍ତ ରାସ୍ତାକୁ ମରାମତି କରା ନ ଯିବାରୁ ଏହାର ବିଭିନ୍ନ ସ୍ଥାନରେ ବୃହତ ଖାଲମାନ ସୃଷ୍ଟି ହୋଇଥିବା ବେଳେ ଅନେକ ସ୍ଥାନରେ ଛୋଟ ଛୋଟ ଖାଲ ହୋଇଯାଇଛି। ଟିକିଏ ବର୍ଷା ହେଲେ ଏହି ଖାଲରେ ବର୍ଷା ପାଣି ଜମି ରହିଥିବାରୁ ପଥଚାରୀମାନେ ବହୁ ହୀନସ୍ତା ହେଉଛନ୍ତି। ଅନେକ ସମୟରେ ବାଇକ ଆରୋହୀମାନେ ବର୍ଷା ପାଣି ଭର୍ତ୍ତି ହୋଇଥିବା ଖାଲରେ ପଡି ଦୁର୍ଘଟଣାଗ୍ରସ୍ତ ହୋଇ ଖଣ୍ଡିଆଖାବରା ହେଉଛନ୍ତି। ଏହି ରାସ୍ତା ଉପରେ ସୁକରପଡା, କଟିକଟା, ଭଦ୍ରେଶ୍ୱର, ଗୋପାଳପୁର, କୁରୁଜଙ୍ଗା ପଞ୍ଚାୟତର ହଜାର ହଜାର ଲୋକ ଯାତାୟାତ ପାଇଁ ନିର୍ଭର କରୁଥିଲା ବେଳେ ଏହି ରାସ୍ତାଟି କେନ୍ଦ୍ରାପଡା ଜିଲ୍ଲା ଛତା ଛକଠାରେ ଜାତୀୟ ରାଜପଥ ୫(କ) କୁ ସଂଯୋଗ କରୁଥିବାରୁ ପ୍ରତ୍ୟେକ ଦିନ ଶହ ଶହ ସଂଖ୍ୟାରେ ଗାଡି ମଟର ମଧ୍ୟ ଯାତାୟାତ କରିଥାଆନ୍ତି। ଉକ୍ତ ରାସ୍ତାକୁ ଗୁରୁତ୍ୱ ଦିଆଯାଇ ଏହାକୁ ୧୭ ଫୁଟ ଓସାରର ପିଚୁ କରିବା ପାଇଁ ସରକାରଙ୍କ ପକ୍ଷରୁ ୭ କୋଟି ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଛି। ଏହି ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ହୋଇ ଠିକାଦାର ମଧ୍ୟ ଚୟନ କରାଯାଇଛି। ହେଲେ ଗ୍ରାମ ଉନ୍ନୟନ ବିଭାଗର ଦାୟିତ୍ୱହୀନତା ଓ ଖାମଖିଆଲୀ ନୀତି ପାଇଁ ରାସ୍ତା କାର୍ଯ୍ୟ ଆରମ୍ଭ କରାଯାଉ ନାହିଁ କିମ୍ବା ଉକ୍ତ ରାସ୍ତାକୁ ମରାମତି ମଧ୍ୟ କରାଯାଉ ନାହିଁ। ଫଳରେ ପ୍ରତ୍ୟେକ ଦିନ ଯାତାୟାତ ପାଇଁ ଶହ ଶହ ଲୋକମାନେ ନାହିଁ ନ ଥିବା ହଇରାଣ ହରକତ ହେଉଛନ୍ତି। ତୁରନ୍ତ ଉକ୍ତ ରାସ୍ତାକୁ ନୂତନ ଭାବେ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବା କିମ୍ବା ବର୍ତ୍ତମାନ ଏହାକୁ ଯାତାୟାତ ଉପଯୋଗୀ କରିବା ପାଇଁ ମରାମତି କାର୍ଯ୍ୟ କରାଯିବାକୁ ସାଧାରଣରେ ଗ୍ରାମ ଉନ୍ନୟନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କଠାରେ ଦାବି କରାଯାଇଛି।



# ନାବାଳିକାକୁ ପ୍ରତାରଣା; ଯୁବକ ଗିରଫ

**ସାଲେପୁର,୧୪।୧୦(ସମିସ):** ଜଣେ ନାବାଳିକାଙ୍କ ସହ ପ୍ରେମ ସଂପର୍କ ସ୍ଥାପନ କରି ବିବାହର ପ୍ରତିଶ୍ରୁତି ଦେଇ ପ୍ରାୟ ୩ ବର୍ଷ ଧରି ତା'ସହିତ ଶାରୀରିକ ସଂପର୍କ ସ୍ଥାପନ କରିବା ଓ ଶେଷରେ ପ୍ରତାରଣା କରିବା ଅଭିଯୋଗରେ ସାଲେପୁର ପୁଲିସ ପ୍ରେମିକ ଯୁବକ ବିଶ୍ୱଜିତ ବେହେରା (୨୫)କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜଗତପୁର ଥାନା ଅଞ୍ଚଳର ଓ ସାଲେପୁର ଥାନା ଅଞ୍ଚଳରେ ରହୁଥିବା ଏକ ନାବାଳିକା ସହ ମାହାଙ୍ଗା ଥାନା ମଉଦା ଗ୍ରାମର ବିଶ୍ୱଜିତ ମିଛରେ ସମ୍ପର୍କ ରଖି ଆସୁଥିଲା। ପରେ ବିଭିନ୍ନ ପ୍ରକାର ଶାରୀରିକ ଓ ମାନସିକ ନିର୍ଯାତନା ଦେଇଆସୁଥିବା ନେଇ ନାବାଳିକା ଜଣକ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଅଭିଯୋଗକୁ ଗ୍ରହଣ କରି ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଓ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରି ବିଶ୍ୱଜିତ୍‌କୁ କୋର୍ଟ ଚାଲାଣ କରିଥିବା ଆଇଆଇସି ଅନିତା ସାହୁ ପ୍ରକାଶ କରିଛନ୍ତି।

# ନରସିଂହପୁର ବ୍ଲକ୍‌ସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**ନରସିଂହପୁର,୧୪।୧୦(ସମିସ):** ନରସିଂହପୁର ବ୍ଲକ ଅନ୍ତର୍ଗତ ସମସ୍ତ ଆଞ୍ଚଳିକ ସାଧନା କେନ୍ଦ୍ରର ବିଦ୍ୟାଳୟ ପରିସରରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ନିମସାହି- ଡ଼ମକଟା ପଞ୍ଚାୟତ ବିଦ୍ୟାପୀଠରେ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ଅତିଥିଭାବେ ଯୋଗଦେଇ ସରପଞ୍ଚ ପ୍ରଭଞ୍ଜନ ସାହୁ ଆନୁଷ୍ଠାନିକ ଭାବେ ଏହାକୁ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୧ଟି ବିଦ୍ୟାଳୟର ୧୫୦ରୁ ଅଧିକ ଛାତ୍ରଛାତ୍ରୀ ୧୭ଟି ବିଭାଗ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେଥିମଧ୍ୟରୁ ୭୮ ଜଣ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସମସ୍ତ ଇଭେଣ୍ଟର ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ବ୍ଲକସ୍ତରୀୟ ସୁରଭି ପ୍ରତିଯୋଗିତାକୁ ମନୋନୀତ ହୋଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ୍ତ ସାହୁଙ୍କ ଅଧ୍ୟକ୍ଷତା ସିଆରସିସି ବିଶ୍ୱନାଥ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବ୍ଲକ ଉପାଧ୍ୟକ୍ଷ ନାରାୟଣ ନାୟକ ମୋ ସ୍କୁଲ ଅଭିଯାନର ସଭାପତି ତଥା ପ୍ରାକ୍ତନ ବ୍ଲକ ଉପାଧ୍ୟକ୍ଷ ଦୁର୍ଗା ପ୍ରସାଦ ମିଶ୍ର, ନରସିଂହପୁର ସ୍ଥିତ କଟକ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ବରିଷ୍ଠ ଶିକ୍ଷୟିତ୍ରୀ ମନସ୍ୱନୀ ବିଶୋଇ, ପ୍ରାକ୍ତନ ସରପଞ୍ଚ ରାଜକିଶୋର ସାହୁ, ବ୍ଲକ ସହକାରୀ ଶିକ୍ଷା ଅଧିକାରୀ ଲକ୍ଷ୍ମୀଧର ବେହେରା ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ।




ଶିକ୍ଷକ ସୁଗମ ପ୍ରସାଦ ଡ଼ାଲୁଆ ସ୍ୱାଗତ ଅଭିଭାଷଣ ଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅଭିମନ୍ୟୁ ଚମ୍ପତିରାୟ, ସୁବାସ ଚନ୍ଦ୍ର ପ୍ରଧାନ, କୁମୁଦିନୀ ସାହୁ, ବିଜୟଲକ୍ଷ୍ମୀ ସାହୁ, ବିପିନ ବେହେରା, ଦ୍ୱିତୀକୃଷ୍ଣ ଭଞ୍ଜ, ଧରାଶ୍ରୀ ପଣ୍ଡା, ସୁଶ୍ରୀ ସଙ୍ଗୀତା ସାହୁ, ଦିଲ୍ଲୀପ ବେହେରା, କୃଷ୍ଣପ୍ରିୟା ଦାସ, ନିବେଦିତା ବେହେରା, ଶ୍ରୀଧର ସାହୁ, ଉଦ୍ଧବ ନାୟକ, ବିଶ୍ୱରଞ୍ଜନ ଦଳେଇ, ଶ୍ରୀକାନ୍ତ ନାୟକ ସହଯୋଗ କରିଥିଲେ।

# ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ତିଗିରିଆ,୧୪।୧୦(ସମିସ):** ଆଦର୍ଶ ଶିକ୍ଷକ ଭାବେ ତିଗିରିଆ ବ୍ଲକରେ ପରିଚୟ ସୃଷ୍ଟି କରିଥିବା ଶିକ୍ଷକ କାର୍ତ୍ତିକଚନ୍ଦ୍ର ସାହୁଙ୍କୁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଞ୍ଚଗାଁରୁ ଅବସର ନେଲା ପରେ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରଧାନଶିକ୍ଷକ ରମେଶ ରାଉତଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ଉତ୍ସବରେ ବ୍ଲକ୍ ଶିକ୍ଷାଧିକାରୀ ଅମର ମହାରଣା ମୁଖ୍ୟଅତିଥି, ସମ୍ମାନୀତ ଅତିଥି ଭାବେ ସହ ଶିକ୍ଷା ଅଧିକାରୀ ମାଧବଚନ୍ଦ୍ର ଦେଉରୀ, ସୌଦାମିନୀ ମିଶ୍ର, ସରୋଜ ଦାଶ, ସାଂସଦଙ୍କ ପ୍ରତିନିଧି ସୂର୍ଯ୍ୟକୁମାର ଧଳ ପରିଚାଳନା କମିଟି ସଭାପତି ଓ ସମସ୍ତ ସଭ୍ୟସଭ୍ୟା ଯୋଗଦେଇଥିଲେ। ସଂଯୋଜକ ପ୍ରଶାନ୍ତ ଘଡ଼ାଇ, ବିଶ୍ୱ ରଞ୍ଜନ ଜେନା, ଚନ୍ଦ୍ରମଣୀ ସ୍ୱାଇଁ, ଉମାଶଙ୍କର ରାଉତ, ମହେଶ୍ୱର ସେଠୀ, ନିଶାକର ଖଟୁଆଙ୍କ ସେମତ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ବାରିଦ ବରଣ ମହାପାତ୍ର, ମାୟାଧର ସାହୁ ଏନପିଏସ ଜିଲ୍ଲା ସଂଘ ସଂପାଦକ ଚାରୁ ଚନ୍ଦ୍ର ବେହେରା, ଉପସଭାପତି କର୍ଣ୍ଣାର୍ଜୁଣ ସାହୁ, କାର୍ଯ୍ୟକାରୀ ସଭାପତି ଚନ୍ଦ୍ରକାନ୍ତ ମିଶ୍ର, ବ୍ଲକ ସଂଘ ପକ୍ଷରୁ ପ୍ରମୋଦ ଗୋଛି, ପ୍ରଭାତ ପଣ୍ଡା, ସମୀର ବେହେରା, ଶ୍ରୀଧର ସାହୁଙ୍କ ସହିତ ବ୍ଲକ ଓ କ୍ଲଷ୍ଟର ପ୍ରଧାନଶିକ୍ଷକ ବହୁ ଶିକ୍ଷକ ଶିକ୍ଷିକା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ରାଜେଶ ପଣ୍ଡା ସଂଯୋଜନା କରିଥିଲେ।

# ୧୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଅଳଙ୍କାର ଲୁଟ୍

**କଣ୍ଟାପଡ଼ା,୧୪।୧୦(ସମିସ):** ପୁଲିସ ଡାଳେ ଡାଳେ ଗଲେ ଚୋର ପତ୍ରେ ପତ୍ରେ ଯାଉଛି। ପୁଲିସ ରାତିରେ ପାଟ୍ରୋଲିଙ୍ଗ କରୁଛି ଚୋର ସମାନ ସମୟରେ ଚୋରି କରୁଛି। ଗତକାଲି ବିଳମ୍ବିତ ରାତିରେ ଓଲଟପୁର ପୁଲିସ ପାଟ୍ରୋଲିଂ କରୁଥିବା ସମୟରେ ଏହି ଥାନାର ଗରଗରା ଗ୍ରାମର ବିଷ୍ଣୁ ଚରଣ ସାହୁଙ୍କ ଘରୁ ବଡ ଧରଣର ଚୋରି ହୋଇଛି। ବିଷ୍ଣୁଙ୍କ ପରିବାର ରାତ୍ରି ଭୋଜନ ପରେ ଶୋଇଗଲା ପରେ ଚୋରମାନେ ରାତି ୧୨ଟା ପରେ ପାଚେରି ଡେଇଁ ଘର ଅଗଣା ଭିତରକୁ ପ୍ରବେଶ କରିବା ପରେ ପରିବାର ସଦସ୍ୟ ଶୋଇଥିବା ଘର ବାହାର ପଟୁ ବନ୍ଦ କରି ଆଲମିରା ଥିବା ଘର ଭିତରେ ପ୍ରବେଶ କରି ୨ଟି ସୁନାହାର, ୫ଟି ସୁନା ଚେନ, ୨ ହଳ ସୁନା କାନ ପେଣ୍ଡି ଫୁଲ, ୨ ହଳ ସୁନା ବାହୁଟି, ୮ଟି ସୁନା ମୁଦି ଓ ରୁପାରେ ନିର୍ମିତ ଗହଣା ଯାହାର ଆନୁମାନିକ ମୂଲ୍ୟ ୧୫ ଲକ୍ଷରୁ ଉର୍ଦ୍ଧ୍ୱ ହେବ ଏହା ସହିତ ନଗଦ ୪୦ ହଜାର ଟଙ୍କା ଚୋରି କରି ନେଇଛନ୍ତି। ଉପର ମହଲାରେ ଶୋଇଥିବା ପରିବାର ସଦସ୍ୟ ଚୋରି ହୋଇଥିବା ଜାଣି ରାତିରେ ଓଲଟପୁର ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳ ଏବଂ ଆଖପାଖ ଅଞ୍ଚଳ ଖାନତଲାସ କରିଥିଲେ ମଧ୍ୟ ଚୋରଙ୍କ ପତ୍ତା ପାଇ ନ ଥିଲା। ଆଜି ପୁଲିସ ସାଇଣ୍ଟିଫିକ୍ ଟିମ୍ ଓ ଅନୁସନ୍ଧାନକାରୀ କୁକୁର ସାହାଯ୍ୟରେ ତଦନ୍ତ କରି ଫେରିଯାଇଛି।

# ବାଦୁଡ଼ି ମାରିଥିବା ୧୧ ଅଭିଯୁକ୍ତ ଗିରଫ




**ତିଗିରିଆ/ଆଠଗଡ,୧୪।୧୦(ସମିସ):** ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ କପୁରସିଂ ଠାରେ ବନ୍ଦ ହୋଇ ପରିତ୍ୟକ୍ତ ଅବସ୍ଥାରେ ଥିବା ଏକ ବନସ୍ପତି କାରଖାନା ଭିତରୁ ବାଦୁଡି ଓ ଚେମେଣି ପକ୍ଷୀ ମାରୁଥିବା ବେଳେ ସୋମବାର ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀଙ୍କ ଦ୍ୱାର ଅଟକ ଥିବା ୧୨ ଜଣ ପକ୍ଷୀ ଶିକାରୀଙ୍କ ମଧ୍ୟରୁ ୧୧ ଜଣଙ୍କୁ ଆଜି ଆଠଗଡ ବନବିଭାଗ ପକ୍ଷରୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗିରଫ ବ୍ୟକ୍ତିମାନେ ହେଲେ ରାମ ଶବର, ଶେଖର ଶବର, ସୂର୍ଯ୍ୟ ଶବର, ବାପି ଶବର, ଦୀପକ ଶବର, ଅଭୟ ଶବର, ଅଜୟ ଶବର, ରଞ୍ଜନ ଶବର, ପପୁ ଶବର, ଅଶୋକ ଶବର, ବାବୁଲି ନାୟକ, ଗୌତମ ଶବର ବୋଲି ଆଠଗଡ ବନାଞ୍ଚଳ ଅଧିକାରୀ ନୀଳମାଧବ ସାହୁ ପ୍ରକାଶ କରିଛନ୍ତି। ଗିରଫ ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ୧୧ ଜଣଙ୍କ ମଧ୍ୟରୁ ୧୦ ଜଣଙ୍କ ଘର ଭୁବନେଶ୍ୱର ସାଲିଆସାହି ଓ ଜଣେ ଶହିଦ ନଗର ଅଞ୍ଚଳର ବୋଲି ଜଣାପଡିଛି। ଗିରଫ ହୋଇଥିବା ୧୧ଜଣଙ୍କୁ ଚୌଦ୍ୱାର ଜେଲ ଓ ଜଣେ ନାବାଳକକୁ ବାଳ ଅପରାଧି ସୁଧାର ଗୃହକୁ ପଠାଯାଇଛି।

## ବିସ୍ଫୋରଣ ପରେ ଚେତିଲା ପ୍ରଶାସନ

# ଲକ୍ଷାଧିକ ଟଙ୍କାର ବାଣ ଜବତ; ୯ ଅଟକ, ୨ ଗିରଫ



**ତିଗିରିଆ/ଆଠଗଡ଼,୧୪।୧୦(ସମିସ):** ତିଗିରିଆ ଥାନା ଅଧୀନ ପୁରୁଣା ତିଗିରିଆ ଗ୍ରାମରେ ବାଣ ବିସ୍ଫୋରଣ ପରେ ଉଭୟ ଆଠଗଡ଼ ଓ ତିଗିରିଆ ପୁଲିସ ଏଠାରେ ବେଆଇନ ଭାବେ ଚାଲିଥିବା ବାଣ ବ୍ୟବସାୟୀଙ୍କୁ ଦମନ କରିବାକୁ ନିଜ ପଟୁ ତତ୍ପରତା ଦେଖାଇଛି। କହିବାକୁ ଗଲେ ଆଜି ଉଭୟ ଆଠଗଡ ଓ ତିଗିରିଆ ପୁଲିସ ନିଦରୁ ଉଠିଛି। ଆଜି ମଧ୍ୟାହ୍ନରେ ଆଠଗଡ ଏସଡିପିଓ ବିଶ୍ୱଜିତ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ତିଗିରିଆ ଥାନା ପକ୍ଷରୁ ପୁରୁଣା ତିଗିରିଆ ଗ୍ରାମରେ ଚଢଉ କରାଯାଇ ଲକ୍ଷାଧିକ ଟଙ୍କାର ବାଣ ଜବତ କରାଯିବା ସହ ୯ ଜଣଙ୍କୁ ଅଟକ ରଖାଯାଇଛି। ସେହିପରି ଆଠଗଡ ଥାନା ପକ୍ଷରୁ ଆଜି ଖୁଣ୍ଟକଟା ତାରିଣୀ ଛକ ନିକଟରୁ ଲକ୍ଷାଧିକ ଟଙ୍କାର ବାଣ ଜବତ କରାଯିବା ସହିତ ଦୁଇ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ କଟକ ପୁରୀଘାଟ ଥାନା ଅନ୍ତର୍ଗତ ତେଲେଙ୍ଗା ବଜାରର ବୃନ୍ଦାବନ ପ୍ରସାଦଙ୍କ ପୁଅ ମିଟୁ ପ୍ରସାଦ (୪୧) ଏବଂ ମର୍କତନଗର ଥାନା ଅନ୍ତର୍ଗତ ସିଡିଏ-୭ ଅଞ୍ଚଳର ବାଦଲ କୁମାର ସାହୁ (୩୦)। ଉଭୟ ଏକ ପିକ ଅପ୍ ଭ୍ୟାନ ନଂ ଓଡି -୦୫-ବିଏ-୪୯୨୧ରେ ପୁରୁଣା ତିଗିରିଆରୁ ଏହି ବାଣ ନେଇ ଆସୁଥିବା ବେଳେ ପୁଲିସ ମାଡି ବସିଥିଲା। ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସୁମତି ମହାନ୍ତି ସୂଚନା ଦେଇଛନ୍ତି।

# ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷଙ୍କ ପରଲୋକ



**ବଡମ୍ବା,୧୪।୧୦(ସମିସ):** ବଡମ୍ବା ମୋହନ ସୁବୁଦ୍ଧି ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ କୁମାରେଶ ରଥ (୬୩)ଙ୍କ ସୋମବାର ବିଳମ୍ବିତ ରାତ୍ରିରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ଶ୍ରୀ ରଥ କିଛିଦିନ ହେବ ଅସୁସ୍ଥତା କାରଣରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହେବା ପରେ ମରଶରୀରକୁ ସ୍ୱବାସଭବନ ବଡ଼ମ୍ବା ସୁନାପାଳକୁ ଅଣାଯାଇଥିଲା। ମଙ୍ଗଳବାର ତାଙ୍କ ମରଶରୀର ବଡମ୍ବା ସୁନାପାଳସ୍ଥିତ ବାସଭବନରେ ପହଞ୍ଚିବା ପରେ ମୋହନ ସୁବୁଦ୍ଧି ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ବିନୟକୃଷ୍ଣ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ରବୀନ୍ଦ୍ର ସାହୁ, ପଞ୍ଚାୟତ ସମିତି ପ୍ରାକ୍ତନ ଅଧ୍ୟକ୍ଷ ବିଭୁଦତ୍ତ ପଟ୍ଟନାୟକ, ପ୍ରାକ୍ତନ ଉପାଧ୍ୟକ୍ଷ ସଦାନନ୍ଦ ସ୍ୱାଇଁ, ସାମାଜିକ କର୍ମୀ ଚିନ୍ମୟ ପଟ୍ଟନାୟକ, ହାଟ ବଣିକ ସଂଘର ସଭାପତି ଶିବ ନାରାୟଣ ମିଶ୍ରଙ୍କ ସମେତ ସ୍ଥାନୀୟ ଜନପ୍ରତିନିଧି, ସାମ୍ବାଦିକ ପ୍ରମୁଖ ସ୍ୱର୍ଗତ ସୁନାପାଳ ସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ବିଧାୟକ ବିଜୟ କୁମାର ଦଳବେହେରା, ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି, ପୂର୍ବତନ ବିଧାୟକ ଦେବୀ ପ୍ରସାଦ ମିଶ୍ର ସ୍ୱର୍ଗତ ଶ୍ରୀ ରଥ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି। ପରେ ତାଙ୍କ ମରଶରୀର ମୋହନ ସୁବୁଦ୍ଧି ମହାବିଦ୍ୟାଳୟ ପରିସରକୁ ଅଣାଯାଇ ସେଠାରେ କଲେଜର ଅଧ୍ୟକ୍ଷଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଉପସ୍ଥିତ ରହି ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। କଲେଜ ପକ୍ଷରୁ ସ୍ୱର୍ଗତ ଶ୍ରୀ ରଥଙ୍କ ଉଦ୍ଦେଶ୍ୟରେ ଏକ ଶୋକସଭା ଆୟୋଜିତ କରାଯାଇଥିଲା। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ବଡ଼ ଝିଅ ଦେବସ୍ୱିନୀ ରଥ ମୁଖାଗ୍ନି ଦେଇଥିଲେ।

# ହାତୀ ପାଇଁ ଚିନ୍ତାରେ ଚାଷୀ

**ଆଠଗଡ଼,୧୪।୧୦(ସମିସ):** ସୋମବାର ବିଳମ୍ବିତ ରାତିରେ ଆଠଗଡ଼ ବନଖଣ୍ଡକୁ ହାତୀଙ୍କ ଲେଉଟାଣି ହୋଇଛି। ଚନ୍ଦକା ଅଭୟାରଣ୍ୟରୁ ଗୋଟିଏ ୨୧ ଟିକିଆ ହାତୀ ପଲ ମହାନଦୀ ପାର ହୋଇ ସୁକାସନ ସଂରକ୍ଷିତ ଜଙ୍ଗଲରେ ପ୍ରବେଶ କରିଛନ୍ତି। ସେମାନଙ୍କ ମଧ୍ୟରୁ ଦୁଇଟି ହାତୀ ଆଠଗଡ଼ ବ୍ଲକ ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଦ୍ୱାରାବତୀପୁରର ଗୋଟିଏ ଧାନ ବିଲରେ ପଶି ଉତ୍ପାତ କରିଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ଧାନ ଥୋଡ ଧରୁଥିବା ବେଳେ ହାତୀ ଦୁଇଟି ସେହି ଅଞ୍ଚଳର ବ୍ୟାପକ ଫସଲ ନଷ୍ଟ କରିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଖବର ପାଇ ଆଠଗଡ଼ ବନବିଭାଗ ପକ୍ଷରୁ ହାତୀ ଜଗୁଆଳିଙ୍କ ସହିତ ଅନ୍ୟାନ୍ୟ ବିଭାଗୀୟ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିବା ଜଣାପଡିଛି। ଆଠଗଡ ମୁଣ୍ଡଳୀ ରାସ୍ତା ଉପରେ ହାତୀ ପଲ ଯୋଗୁଁ ଅପରାହ୍ନରେ ଯାତାୟତ ବାଧାପ୍ରାପ୍ତ ହୋଇଥିବା ଦେଖିବାକୁ ମିଳିଥିଲା। ହାତୀ ପଲ ରାସ୍ତା ପାର ହେଉଥିବା ବେଳେ ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ିମଟର ଅଟକି ରହିଥିଲା। ଗତ କିଛିଦିନ ହେଲା ହାତୀ ପଲ ଆଠଗଡ଼ ବନଖଣ୍ଡରୁ ଚନ୍ଦକା ଅଭୟାରଣ୍ୟକୁ ମହାନଦୀରେ ପାର ହେଉଥିବା ବେଳେ ନଦୀ ଭିତରେ ଅଟକି ରହିଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା।



# ନିଖୋଜ ନାବାଳକଙ୍କ ମୃତଦେହ ଉଦ୍ଧାର

**କନ୍ଦରପୁର,୧୪।୧୦(ସମିସ):** କଟକ ସଦର ବୟାଳିଶ ମୌଜା ଥାନା ଅନ୍ତର୍ଗତ ବସନ୍ତ କୁଣ୍ଡଳ ଗ୍ରାମର ସାଇ ଶୁଭମ ବାରିକ (୧୪) ରବିବାର ଗାଧୋଇବା ବେଳେ ସିଡୁଆ ନଦୀରେ ଭାସି ଯାଇଥିଲେ। ୪୮ ଘଣ୍ଟା ପରେ ତାଙ୍କର ଗଳିତ ମୃତଦେହ ଜଗତସିଂହପୁର ଜିଲ୍ଲା ମାଛଗାଁ ନିକଟ ଦେବୀ ନଦୀରୁ ଉଦ୍ଧାର କରାଯାଇଛି। ଖବରପାଇ ପରିବାର ଲୋକେ ଘଟଣାସ୍ଥଳକୁ ଯାଇ ମୃତଦେହକୁ ଚିହ୍ନଟ କରିଥିଲେ। ୧୨ ତାରିଖ ରବିବାର ପୂର୍ବାହ୍ନରେ ସିଡୁଆ ନଦୀରେ ବାଳକ ଗୁରୁପ୍ରସାଦ ନାୟକ (୧୪) ଓ ସାଇ ଶୁଭମ ବାରିକ ନଦୀରେ ଗାଧୋଇବା ସମୟରେ ପାଣିରେ ଭାସି ଯାଇଥିବା ବେଳେ ସ୍ଥାନୀୟ ଲୋକେ ଗୁରୁପ୍ରସାଦଙ୍କୁ ଉଦ୍ଧାର କରି କଟକ ବଡ ଡାକ୍ତରଖାନାକୁ ନେଇଥିଲେ କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସାଇଶୁଭମକୁ ଅଗ୍ନିଶମ ବାହିନୀ ନଦୀରେ ବହୁତ୍ ଖୋଜାଖୋଜି କରିଥିଲେ ମଧ୍ୟ ପତ୍ତା ପାଇ ନ ଥିଲେ।

# ସୋସାଇଟି ଡାଟା ଅପରେଟର୍‌ଙ୍କ ବିରୋଧରେ ସାର କଳାବଜାରୀ ଅଭିଯୋଗ

**ସାଲେପୁର,୧୪।୧୦(ସମିସ):** ସମବାୟ ସମିତିର ସଂପାଦକଙ୍କ ଦେହ ଅସୁସ୍ଥ ଥିବାରୁ ଏହାର ସୁଯୋଗ ନେଇ ସମବାୟ ସମିତିର ଡାଟା ଏଣ୍ଟ୍ରି ଅପରେଟର ନିଜକୁ ଅତିରିକ୍ତ ସଂପାଦକ ବୋଲି ପରିଚୟ ଦେଇ ଚାଷୀମାନଙ୍କ ପାଇଁ ଆସୁଥିବା ସାରଠାରୁ ଆରମ୍ଭ କରି ବିଭିନ୍ନ ସରକାରୀ ଯୋଜନାକୁ ହେରଫେର କରୁଥିବା ନେଇ ଏହି ଅଞ୍ଚଳର ଚାଷୀମାନେ କଟକ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗରୁ ପ୍ରକାଶ ଯେ ସାଲେପୁର ବ୍ଲକ୍ ଅନ୍ତର୍ଗତ ସଉରୀ ପଞ୍ଚାୟତର ଚାଟେଶ୍ୱର ସେବା ସମବାୟ ସମିତି ୨୦୨୩ ମସିହାରୁ ଏହି ଅଞ୍ଚଳର ଚାଷୀମାନଙ୍କ ଉନ୍ନତି ପାଇଁ ଗଠନ କରାଯାଇଛି। ଏହି ସମିତିର ସଂପାଦକ ଭାବେ ଜିତେନ୍ଦ୍ର କୁମାର ନାୟକଙ୍କୁ ନିଯୁକ୍ତି ଦିଆଯାଇଥିଲା। କିନ୍ତୁ ସେ ରୋଗାଗ୍ରସ୍ତ ପାଇଁ ଅନୁପସ୍ଥିତ ରହୁଥିବାରୁ ତାଙ୍କ ସ୍ଥାନରେ ଏହି ସୋସାଇଟିର ଡାଟା ଅପରେଟର ଚନ୍ଦନ କୁମାର ବେହେରା ଉକ୍ତ ସୋସାଇଟିର ସମସ୍ତ କାର୍ଯ୍ୟ ପରିଚାଳନା କରି ଆସୁଛନ୍ତି। କିନ୍ତୁ ସଂପୃକ୍ତ ଡାଟା ଅପରେଟର ଜଣକ ବିଭିନ୍ନ କାର୍ଯ୍ୟ ଆଳରେ ଏହି ଅଞ୍ଚଳର ଚାଷୀମାନଙ୍କୁ ଶୋଷଣ କରୁଛନ୍ତି।

ଚଳିତ ବର୍ଷ ଏହି ଅଞ୍ଚଳର ଚାଷୀମାନଙ୍କ ପାଇଁ ଆସୁଥିବା ସାର ବସ୍ତାଗୁଡିକୁ ସୋସାଇଟି ଗୃହରେ ନ ରଖି ଅନ୍ୟ ଏକ ସ୍ଥାନରେ ରଖି ସୋସାଇଟିକୁ ସାର ଯୋଗାଣ ହେଉ ନ ଥିବାର ଦର୍ଶାଇ ସ୍ଥାନୀୟ ଚାଷୀମାନଙ୍କୁ ସାର ନ ଯୋଗାଇ ଉକ୍ତ ସାରକୁ ଚୋରାରେ ଅଧିକ ଦାମରେ ଅନ୍ୟତ୍ର ବିକ୍ରି କରୁଛନ୍ତି। ସେହିପରି ପ୍ରଥମ ପର୍ଯ୍ୟାୟରେ ଏହି ସୋସାଇଟିକୁ ୧୦୯ବସ୍ତା ସାର ଆସିଥିବାବେଳେ ଏହାର ବଣ୍ଟନ ବାବଦରେ ଠିକ୍‌ରେ ତଥ୍ୟ ଓ ପ୍ରମାଣ ଦେବାରେ ଅସମର୍ଥ ଓ ଖାତାରେ ମାତ୍ର ୨୦ଜଣ ସାର ନେଇଥିବା ଚାଷୀଙ୍କ ସ୍ୱାକ୍ଷର ଦର୍ଶାଇ ଅବଶିଷ୍ଟ ସାର କଳାବଜାରରେ ବିକ୍ରୟ କରିଛନ୍ତି ବୋଲି ଅଭିଯୋଗ ହୋଇଛି। ସେହିପରି ପୂର୍ବରୁ ଚାଷୀମାନେ ସୋସାଇଟିକୁ କୃଷିକାର୍ଯ୍ୟ ପାଇଁ ଋଣ ଆବେଦନ କରିଥିଲେ ହେଁ ଉକ୍ତ ଚାଷୀଙ୍କୁ ଋଣ କରାଇଦେବା ନାମରେ ସେମାନଙ୍କ ଠାରୁ ଜୋର ଜବରଦସ୍ତ ଟଙ୍କା ନେବା ସହ ରାଜନୈତିକ ଚାପ ପକାଇ ଦୀର୍ଘ ଦିନ ଧରି ଏହି ସୋସାଇଟିରେ ରହିଆସିବା ସହ ବ୍ୟାପକ ଅର୍ଥ ହେରଫେର କରୁଥିବା ନେଇ ସ୍ଥାନୀୟ ଅଞ୍ଚଳର ଚାଷୀମାନେ କଟକ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି।

# ଭାଙ୍ଗିଲା ପରମ୍ପରା — ବିଳମ୍ବ ହେଲା କେନ୍ଦ୍ରାପଡ଼ା ଗଜଲକ୍ଷ୍ମୀ ଭସାଣି

- ପ୍ରଥମ ଦିନରେ ବିସର୍ଜିତ ହୋଇପାରିଲେନି ସବୁ ମେଢ଼
- ତ୍ରୁଟି ହୋଇଥିବା ସ୍ୱୀକାର କଲେ ଏସ୍‌ପି






**କେନ୍ଦ୍ରାପଡ଼ା, ୧୪।୧୦(ସମିସ)**

ଭାଙ୍ଗିଲା ବର୍ଷ ବର୍ଷର ପରମ୍ପରା। ୫ ଘଣ୍ଟାରୁ ଉର୍ଦ୍ଧ୍ୱ ବିଳମ୍ବ ଯୋଗୁଁ ମେଲଣ ପଡ଼ିଆରେ ମା'ଙ୍କ ନିକଟରେ ଭୋଗ ଲାଗି ହୋଇପାରିଲାନାହିଁ ନିଜେ ଏସ୍‌ପି ସିଦ୍ଧାର୍ଥ କଟାରିଆ ତ୍ରୁଟି ହୋଇଥିବା ସ୍ୱୀକାର କରିଛନ୍ତି। ଗଜଲକ୍ଷ୍ମୀ ପୂଜା ମେଲଣ ସୋମବାର ଆରମ୍ଭ ହୋଇଥିବାବେଳେ ମଙ୍ଗଳବାର ଭସାଣି ଉତ୍ସବ ଆରମ୍ଭ ହୋଇଛି। ରାତି ସୁଦ୍ଧା କେତେକ ମେଢ଼ ପାଣିରେ ବିସର୍ଜିତ ହୋଇଥିବାବେଳେ ବାକି ଅନେକ ମେଢ଼ ରାସ୍ତାରେ ଅଟକି ରହିଛନ୍ତି। ପ୍ରଶାସନିକ ନିଷ୍ପତ୍ତି ଅନୁଯାୟୀ ଦୁଇ ଦିନରେ ମେଲଣ ଓ ଭସାଣି ଉତ୍ସବ ଶେଷ ହେବା ପରିବର୍ତ୍ତେ ଏହା ତୃତୀୟ ଦିନକୁ ଗଡ଼ିଯିବା ନେଇ ଅନୁମାନ କରାଯାଉଛି।

ସୋମବାର ରାଜ୍ୟର ଅନନ୍ୟ ଗଜଲକ୍ଷ୍ମୀ ପୂଜା ମେଲଣ ଉତ୍ସବ ଆରମ୍ଭ ହୋଇଥିଲା। ୪୮ଟି ମେଢ଼ ଏହି ଉତ୍ସବରେ ସାମିଲ ହୋଇଥିଲେ। ସୋମବାର ରାତି ସୁଦ୍ଧା ସମସ୍ତ ମେଢ଼ ପୁରୁଣା ବସଷ୍ଟାଣ୍ଡରେ ପହଞ୍ଚିବା କଥା। ମଙ୍ଗଳବାର ଭୋର ସମୟରେ ମେଲଣ ପଡ଼ିଆରେ ଭୋଗ ଲାଗିବା ପରେ ମେଢ଼ ବିସର୍ଜନ ଘାଟ ଅଭିମୁଖେ ବାହାରିଥାନ୍ତେ। କେତେକ ପୂଜା କମିଟି ନିୟମ ଭୁଲିଯାଇ ମେଲଣ ପଡ଼ିଆରେ ପହଞ୍ଚିବାକୁ ବହୁ ବିଳମ୍ବ କରିଥିଲେ। ଫଳରେ ମାତ୍ର ୮ଟି ମେଢ଼ ରାତି ୧୨ଟା ସୁଦ୍ଧା ମେଲଣ ପଡ଼ିଆରେ ପହଞ୍ଚିଥିଲେ। ଉଚ୍ଚ ଶବ୍ଦ କରୁଥିବା ବୈଦ୍ୟୁତିକ ବାଦ୍ୟଯନ୍ତ୍ର ବନ୍ଦ ହୋଇଯିବା ଫଳରେ ରାସ୍ତାରେ ଥିବା ଅନ୍ୟ ମେଢ଼ ଆଗକୁ ବଢ଼ି ନ ଥିଲେ। ଭୋର ସୁଦ୍ଧା ୨୭ଟି ମେଢ଼ ପଡ଼ିଆରେ ପହଞ୍ଚିଥିଲେ। ଅନ୍ୟ ୨୨ଟି ମେଢ଼ ପଡ଼ିଆର ପୂର୍ବ ଓ ପଶ୍ଚିମ ଦିଗ ରାସ୍ତାରେ ଅଟକି ରହିଥିଲେ। ପ୍ରଶାସନିକ ଚାପରେ ରାସ୍ତାରେ ଥିବା ମେଢ଼ ଆଗକୁ ଚାଲିବା ପରେ ଶୋଭାଯାତ୍ରା କରି ମେଲଣ ପଡ଼ିଆକୁ ଆଗମନ କରିଥିଲେ। ସମସ୍ତ ମେଢ଼ ମେଲଣ ପଡ଼ିଆରେ ପହଞ୍ଚିବାରେ ବିଳମ୍ବ ହୋଇଥିଲା। ତେଣୁ ଠାକୁରଙ୍କ ଭୋଗ ଖାଇବା ସମୟ ଅପରାହ୍ନ ୪ଟା ହୋଇଯାଇଥିଲା। ପରେ ନୂଆ ବସଷ୍ଟାଣ୍ଡ ଆଗପଟ ଛାଡି ନୂଆ ବସଷ୍ଟାଣ୍ଡ ବିସର୍ଜନ ଘାଟରେ ଆସି ବସିଥିଲେ। ପରେ କାକଟ ଗଙ୍ଗଳା ଓ ଅର୍ଦ୍ଧଙ୍ଗୁଳା ଅନୁଯାୟୀ ଗୋଟିଏ ପରେ ଗୋଟିଏ ଅନ୍ୟ ମେଢ଼ ଶୋଭାଯାତ୍ରାରେ ବିସର୍ଜନ ଘାଟ ଅଭିମୁଖେ ଯାତ୍ରା କରିଥିଲେ। ମେଲଣ ପଡ଼ିଆରେ ଥିବା କେତେକ ମେଢ଼ ବିଳମ୍ବ ଯୋଗୁଁ ଅନ୍ୟ ରାସ୍ତା ଦେଇ ବିସର୍ଜନ ଘାଟକୁ ଆସିବାକୁ ବାଧ୍ୟ ହୋଇଥିଲେ। ଏହାଦ୍ୱାରା ପରମ୍ପରା ଭଙ୍ଗ ହୋଇଥିଲା ବୋଲି ଆଲୋଚନା ହୋଇଥିଲା। କାହିଁକି ପରମ୍ପରା ଭଙ୍ଗ ହେଲା ଓ ଏଥିପାଇଁ କିଏ ଦାୟୀ ବୋଲି କେତେକ ପୂଜା କମିଟି ସଦସ୍ୟ ପ୍ରଶ୍ନ କରିଛନ୍ତି। ମଙ୍ଗଳବାର ରାତି ୭ଟା ସୁଦ୍ଧା ୨୧ଟି ମେଢ଼ ଗୋବରୀ ନଦୀ ଓ ଅନ୍ୟ ଜଳାଶୟ ବିସର୍ଜନ ଘାଟରେ ବିସର୍ଜିତ ହେବାର ସମ୍ଭାବନା ରହିଛି। ବାକି ମେଢ଼ ବୁଧବାର ବିସର୍ଜିତ ହେବେ ବୋଲି ପ୍ରଶାସନ ପକ୍ଷରୁ ଅନୁମାନ କରାଯାଉଛି।

## ନିମ୍ନମାନର ଖାଦ୍ୟ ବିକ୍ରି, ହେଲାନି ଯାଞ୍ଚ



ଗଜଲକ୍ଷ୍ମୀ ଭସାଣିରେ ଖଚାଖଚ ଭିଡ଼। ମିଳିଲା ବାସୀ ଓ ନିମ୍ନମାନର ଖାଦ୍ୟ। ହେଲାନି ଖାଦ୍ୟ ଯାଞ୍ଚ। ନାହିଁରେ ତେଲ ଦେଇ ଶୋଇଛି ଖାଦ୍ୟ ନିରାପତ୍ତା ବିଭାଗ। ଗଜଲକ୍ଷ୍ମୀ ପୂଜା ଅବସରରେ ଅନେକ ଖାଦ୍ୟ ଷ୍ଟଲ ଓ ଫାଷ୍ଟଫୁଡ୍ ସେଣ୍ଟରରେ ଭିଡ଼ ଦେଖିବାକୁ ମିଳିଥିଲା। ଦୁର୍ଗାଘାଟର ବିଷୟ ଷ୍ଟଲରେ ଖାଦ୍ୟ ନିରାପତ୍ତା ଅଧିକାରୀଙ୍କ ନିରୀକ୍ଷଣ ଦେଖିବାକୁ ମିଳିଲା ନାହିଁ। ସୁଯୋଗରେ ବ୍ୟବସାୟୀ ବାସି ଓ ନିମ୍ନମାନର ଗୁପଚୁପ, ଚାଉମିନ ଓ ଫାଷ୍ଟଫୁଡ୍ ଜନସାଧାରଣଙ୍କୁ ବିକ୍ରି କରିଛନ୍ତି। ଏହା ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଇପାରେ ବୋଲି ମତ ପ୍ରକାଶ ପାଉଛି।

## ରାସ୍ତା ଜାମ୍; ନିୟନ୍ତ୍ରଣରେ ପୁଲିସ ଫେଲ୍



ଗଜଲକ୍ଷ୍ମୀ ଭସାଣି ଅବସରରେ କେନ୍ଦ୍ରାପଡ଼ା ସହରର ରାସ୍ତା ଜାମ୍ ହୋଇଯାଇଥିଲା। ସନ୍ଧ୍ୟାରୁ ଲୋକଙ୍କ ଭିଡ଼ ବଢ଼ିଯିବାରୁ ଗାଡ଼ି ଚଳାଚଳ ପ୍ରାୟ ବନ୍ଦ ହୋଇଯାଇଥିଲା। ସହରର ପ୍ରମୁଖ ରାସ୍ତା ବାଇପାସ, ହାଇସ୍କୁଲ ଛକ, ମେଡ଼ିକାଲ ରୋଡ୍, ବଡ଼ହାଟରୁ ତିନିମୁହାଣି, ଜିଲ୍ଲାପାଳ କାର୍ଯ୍ୟାଳୟରୁ ଗରାପୁର, ବଡ଼ହାଟରୁ ସାନ୍ତସାହି ଭଳି ବଜାର ଅଞ୍ଚଳ ଓ ମୁଖ୍ୟ ରାସ୍ତାରେ ଦୀର୍ଘ ସମୟ ଯାନବାହନ ଅଟକି ଯାଇଥିଲା। ଟ୍ରାଫିକ ନିୟନ୍ତ୍ରଣ ପାଇଁ ପୁଲିସ ପକ୍ଷରୁ ପ୍ରୟାସ ହୋଇଥିଲେ ମଧ୍ୟ ଭିଡ଼ ନିୟନ୍ତ୍ରଣ କରିବା ଅସମ୍ଭବ ହୋଇପଡ଼ିଥିଲା। ଏ ନେଇ ସ୍ଥାନୀୟ ଲୋକ, ଦେଖଣାହାରୀ ଦୁଃଖ ପ୍ରକାଶ କରିଛନ୍ତି। ପ୍ରତିବର୍ଷ ଏଭଳି ସମସ୍ୟା ହେଉଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପୂର୍ବ ଯୋଜନା ହେଉ ନ ଥିବା ଅଭିଯୋଗ କରିଛନ୍ତି।

## ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ



**ଗୋବିନ୍ଦପୁର, ୧୪।୧୦(ସମିସ):** ବାଙ୍ଗରା ନୋଡାଲ ଓ କୃପାସିନ୍ଧୁ ଉଚ୍ଚ ବିଦ୍ୟାଳୟରେ ଜରିବାଙ୍କ କ୍ଲଷ୍ଟର ପକ୍ଷରୁ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଛି। ଅତିଥି ଭାବେ ଶିକ୍ଷାବିତ ଗଗନ ଧଳ, ସରପଞ୍ଚ ଜ୍ଞାନରଞ୍ଜନ ଜେନା, କୃପାସିନ୍ଧୁ ବ ି ବିଦ୍ୟାଳୟ ସଭାପତି ଗୁରୁଚରଣ ଥାଟୋଇ, ବାଙ୍ଗରା ନୋଡାଲ ସଭାପତି କୃତ୍ତିବାସ ମଲ୍ଲିକ, ସିଆରସିସି ବିଜୟ ମଲ୍ଲିକ, ରାଜକିଶୋର ନାୟକ, ବଙ୍ଗରା ନୋଡାଲ ପ୍ରଧାନଶିକ୍ଷକ ମୁକ୍ତେଶ୍ୱର ଜେନା, କୃପାସିନ୍ଧୁ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ଧୀରେନ୍ଦ୍ର ଦାସ, ଶିକ୍ଷକ ନେତା ରଞ୍ଜନ ଧଳ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ଦିଲ୍ଲୀପ ଦାଶ, ରତ୍ନାକର ସାହୁ ମଞ୍ଚ ପରିଚାଳନା କରିଥିଲେ। କୃତି ପ୍ରତିଯୋଗୀକୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ସାମାଜିକ କର୍ମୀଙ୍କ ଶେଷକୃତ୍ୟ ସମ୍ପନ୍ନ



**ମହାକାଳପଡ଼ା, ୧୪।୧୦(ସମିସ):** ରାମନଗର ପଞ୍ଚାୟତର ସାମାଜିକ କର୍ମୀ ବିଷ୍ଣୁ ରାୟ (୫୦)ଙ୍କ ଅକାଳ ବିୟୋଗ ଘଟିଛି। ମଙ୍ଗଳବାର କେନ୍ଦ୍ରାପଡ଼ା ଜିଲ୍ଲା ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ରାମନଗର ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କ ମୃତଦେହକୁ ବିରାଟ ଶୋଭାଯାତ୍ରାରେ ରାମନଗର ପଞ୍ଚାୟତ ପରିକ୍ରମା କରାଯାଇଥିଲା। ମହାକାଳପଡ଼ା ନିର୍ବାଚନମଣ୍ଡଳୀ କଂଗ୍ରେସ ନେତା ବିଭ୍ରାଂଶୁ ଶେଖର ଲେଙ୍କା ଶବାଧାରରେ ଯୋଗଦେଇଥିଲେ। ମହାକାଳପଡ଼ା ବ୍ଲକ କଂଗ୍ରେସର ପୂର୍ବତନ ସଭାପତି କବିନ୍ଦ୍ର ସାମଲ, ସରପଞ୍ଚ ରଞ୍ଜନ ରାଉତ, ରାମନଗର ପଞ୍ଚାୟତ କଂଗ୍ରେସ ନେତା ଉପାନନ୍ଦ ଚକ୍ରବର୍ତ୍ତୀ, ରଞ୍ଜନ ରାଉଳ, ମାର୍ଶାଘାଇ କଂଗ୍ରେସର ଆଗଧାଡିର କର୍ମୀ ରଶ୍ମିରଞ୍ଜନ ମଲ୍ଲିକ, ପ୍ରଭାସ ଦାସ ପ୍ରମୁଖ ଯୋଗ ଦେଇଥିଲେ।

## ଶତାୟୁଙ୍କ ପରଲୋକ

**ପଟ୍ଟାମୁଣ୍ଡାଇ, ୧୪।୧୦(ସମିସ):** ଖଣତା ପଞ୍ଚାୟତ ରେସୋ ଗ୍ରାମର ଶତାୟୁ ବ୍ୟକ୍ତି କୃଷ୍ଣଚନ୍ଦ୍ର ବେହେରାଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୧୦୦ ବର୍ଷ ବୟସ ହୋଇଥିଲା। ସେ ଜଣେ ଧର୍ମପ୍ରାଣ, ପରୋପକାରୀ ବ୍ୟକ୍ତି ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଜ୍ୟେଷ୍ଠ ପୁତ୍ର ବସନ୍ତ ବେହେରା ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ପଟ୍ଟାମୁଣ୍ଡାଇରେ ଗଜଲକ୍ଷ୍ମୀ ଭସାଣି ଉତ୍ସବ



**ପଟ୍ଟାମୁଣ୍ଡାଇ, ୧୪।୧୦(ସମିସ):** ଶାରଦୀୟ ଦୁର୍ଗାପୂଜା ପରେ ମା' ଧନଦାତ୍ରୀଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଗୋଗୁଆ ବଜାରରେ ୪ଟି ଗଜଲକ୍ଷ୍ମୀ ମୂର୍ତ୍ତି ପୂଜା ପାଇଥିବାବେଳେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ବକ୍ତାରପୁର ଓ ବାଲିପଡ଼ାରେ ଗୋଟିଏ ଗୋଟିଏ ପୂଜା ପାଇଥିଲେ। ଏସବୁ ମେଢ଼ର ଭସାଣି ଉତ୍ସବ ଆୟୋଜିତ ହୋଇଯାଇଛି। ବକ୍ତାରପୁର ଓ ବାଲିପଡ଼ାରେ ପାରମ୍ପରିକ ରୀତିନୀତି ଅନୁଯାୟୀ ମା' ଗଜଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ପ୍ରତ୍ୟେକ ସନ୍ଧ୍ୟାରେ ବିଭିନ୍ନ ଗଜଲକ୍ଷ୍ମୀ ମେଢ଼ ନିକଟରେ ଭଜନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିସହ ପ୍ରକୃତିପଲ୍ଲୀ ଶ୍ରୀରାମପୁର ପାଳପାଟଣାଠାରେ ଧନଦାତ୍ରୀ ମା' ଗଜଲକ୍ଷ୍ମୀଙ୍କ ପୂଜା ହୋଇଥିଲା। ଗଜଲକ୍ଷ୍ମୀ ପୂଜା ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହିତ ପାଳନ କରିବା ପାଇଁ ପଟ୍ଟାମୁଣ୍ଡାଇ ଏସଡିପିଓ କ୍ଷମାସାଗର ପଣ୍ଡା, ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ଓ ଗ୍ରାମାଞ୍ଚଳ ଥାନା ଆଇଆଇସି ଶ୍ରୀକାନ୍ତ ବାରିକ ବ୍ୟାପକ ବ୍ୟବସ୍ଥା କରିଥିଲେ। ଶାରଦୀୟ ଦୁର୍ଗାପୂଜା ପରେ ମା' ଧନଦାତ୍ରୀ ଗଜଲକ୍ଷ୍ମୀ ପୂଜା ଯୋଗୁଁ ସମଗ୍ର ପଟ୍ଟାମୁଣ୍ଡାଇ ସହର ଓ ଗ୍ରାମାଞ୍ଚଳର ମାହୋଲ ବଦଳି ଯାଇଥିଲା। ଭସାଣି ଉତ୍ସବରେ ପାରମ୍ପରିକ ଓ ଆଧୁନିକ ବାଜ୍ୟ ମା'ଙ୍କୁ ବିଦାୟ ଦିଆଯାଇଥିଲା।

## ପଟ୍ଟାମୁଣ୍ଡାଇ ପ୍ରାଥମିକ କୃଷି ସମବାୟ ସମିତି ପୁନଃକାର୍ଯ୍ୟକ୍ଷମ ଦାବି

**ପଟ୍ଟାମୁଣ୍ଡାଇ, ୧୪।୧୦(ସମିସ):** ପାଞ୍ଚବର୍ଷ ଧରି ଅଚଳ ହୋଇପଡ଼ିଥିବା ପଟ୍ଟାମୁଣ୍ଡାଇ ପ୍ରାଥମିକ କୃଷି ସମବାୟ ସମିତିକୁ ପୁନଃକାର୍ଯ୍ୟକ୍ଷମ ଦାବି କରାଯାଇଛି। ଏହା କରା ନ ଗଲେ ଆନ୍ଦୋଳନ କରିବାକୁ ଧମକ ଦେଇଛି ପଟ୍ଟାମୁଣ୍ଡାଇ ସମବାୟ ସୁରକ୍ଷା ମଞ୍ଚ। ପ୍ରଶାସନର ଦାୟିତ୍ୱହୀନତା ଓ ଦୂରଦୃଷ୍ଟି ଅଭାବରୁ ପାଞ୍ଚବର୍ଷ ଧରି କୃଷି ସମବାୟ ସମିତି ଚାଲିପାରୁନାହିଁ। ଫଳରେ ଶହ ଶହ ଚାଷୀ ସରକାରୀ ସୁବିଧା ପାଇବାରୁ ବଞ୍ଚିତ ହୋଇଛନ୍ତି। ଋଣ ଗ୍ରହୀତା ଚାଷୀ ସରକାରୀ ସୁବିଧାରୁ ବଞ୍ଚିତ ହେବା ସହିତ ଋଣ ଖିଲାପକାରୀ ତାଲିକାଭୁକ୍ତ ହୋଇ ଶତକଡା ୧୩.୭୫ ବର୍ଦ୍ଧିତ ହାରରେ ସୁଧ ଦେବାକୁ ବାଧ୍ୟ ହେଉଛନ୍ତି। ଏହି ସମବାୟ ସମିତି ନିର୍ବାଚନକୁ ନେଇ ଦ୍ୱନ୍ଦ୍ୱ ଉପୁଜିବା ପରେ ଏହା ସ୍ଥାଣୁ ଅବସ୍ଥାରେ ରହିଛି। ସମବାୟ ସମିତିରେ ସ୍ଥାୟୀ ସମ୍ପାଦକ ନିଯୁକ୍ତି କରା ନ ଯିବା କାରଣରୁ ଏହା ସଠିକ ଢ଼ଙ୍ଗରେ ଚାଲିପାରୁନାହିଁ। ପଟ୍ଟାମୁଣ୍ଡାଇ ସମବାୟ ସମିତିକୁ ରାଜ୍ୟ ସରକାରଙ୍କ ସମବାୟ ବିଭାଗ ଦେବାଳିଆ ଘୋଷଣା କରି ଏହାକୁ ଲିକ୍ୟୁଡେସନ କରି ଋଣୀ ସଭ୍ୟଙ୍କ ଋଣ ଛାଡ଼ କରିବା ପାଇଁ ଦାବି କରିଛି ସମବାୟ ସୁରକ୍ଷା ମଞ୍ଚ। ଏ ନେଇ ମଞ୍ଚ ପକ୍ଷରୁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ସମବାୟ ମନ୍ତ୍ରୀ, ସମବାୟ ବିଭାଗ ସଚିବଙ୍କ ସମେତ ରାଜ୍ୟ ସମବାୟ ସମିତି ନିବନ୍ଧକ, ସମବାୟ ସମିତି ପରିଚାଳନା ନିର୍ଦ୍ଦେଶକ, ପରିଚାଳନା ସମିତି ଅଡିଟର ଜେନେରାଲ, ଓଡ଼ିଶା ସର୍କଲର ନାବାର୍ଡ ସିଜିଏମ, କେନ୍ଦ୍ରାପଡ଼ା ଜିଲ୍ଲାପାଳ, ଉପଜିଲ୍ଲାପାଳ, ସମବାୟ ସମିତି ଉପନିବନ୍ଧକ, ସହକାରୀ ନିବନ୍ଧକ, କଟକ କେନ୍ଦ୍ର ସମବାୟ ସମିତି ବ୍ୟାଙ୍କ ସମ୍ପାଦକ, ପଟ୍ଟାମୁଣ୍ଡାଇ ତହସିଲଦାର ଓ କଟକ କେନ୍ଦ୍ର ସମବାୟ ସମିତି ବ୍ୟାଙ୍କ ପଟ୍ଟାମୁଣ୍ଡାଇ ଶାଖା ପରିଚାଳକଙ୍କୁ ସମବାୟ ସୁରକ୍ଷା ମଞ୍ଚ ସଭାପତି ବ୍ରଜବନ୍ଧୁ ଦାସ ଚିଠି ଲେଖିବା ସହିତ ପଟ୍ଟାମୁଣ୍ଡାଇ ପ୍ରାଥମିକ କୃଷି ସମବାୟ ସମିତିକୁ ପୁନଃ କାର୍ଯ୍ୟକ୍ଷମ କରା ନ ଗଲେ ବ୍ୟାପକ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି।

## ଧର୍ମପ୍ରାଣାଙ୍କ ପରଲୋକ

**ଡେରାବିଶ, ୧୪।୧୦(ସମିସ):** ଇନ୍ଦାଲୋ ପଞ୍ଚାୟତ ଅନ୍ତର୍ଗତ ଛକନା ଗ୍ରାମର ସଚିକଳା ମହାନ୍ତି (୮୩)ଙ୍କର ପରଲୋକ ହୋଇଯାଇଛି। ସେ ବୃକକ୍ ଓ ରକ୍ତ ସଂକ୍ରମଣ ରୋଗରେ ପୀଡ଼ିତ ହୋଇ କଟକର ଏକ ଘରୋଇ ନର୍ସିଂହୋମ୍‌ରେ ଚିକିତ୍ସିତ ହେଉଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ସେ ଜଣେ ଧର୍ମପ୍ରାଣ ମହିଳା ଥିଲେ। ସରପଞ୍ଚ ଜ୍ୟୋସ୍ନାମୟୀ ବେହେରା, ପୂର୍ବତନ ସରପଞ୍ଚ ଅଶ୍ୱିନୀ ମହାନ୍ତି, ସମାଜସେବୀ ଶିଶିର ରାଉତରାୟ, ଗନ୍ଧର୍ବ ବେହେରା ପ୍ରମୁଖ ଶେଷ ଦର୍ଶନ କରିଥିଲେ। ସଚିକଳା ଛକନା ଗ୍ରାମର ୱାର୍ଡ଼ ସଭ୍ୟ ଥିଲେ।



## ଶିକ୍ଷାବିତ୍ କୃଷ୍ଣମୋହନ ରାଉତଙ୍କ ଶ୍ରଦ୍ଧାଞ୍ଜଳି ସଭା

**ପଟ୍ଟାମୁଣ୍ଡାଇ, ୧୪।୧୦(ସମିସ):** ପଟ୍ଟାମୁଣ୍ଡାଇ ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ ସାମ୍ୟବାଦୀ ନେତା କୃଷ୍ଣମୋହନ ରାଉତଙ୍କ ଏକାଦଶାହରେ ଓଉପଦାଠାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଧ୍ରୁବ-ଅନ୍ନପୂର୍ଣ୍ଣା କଳା ପରିଷଦ ସଭାପତି ନଳିନୀକାନ୍ତ ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ରାଜନଗର ପୂର୍ବତନ ବିଧାୟକ ଅଲେଖ ଜେନା, ରାଜନଗର ମେଡିକାଲ ଅଫିସର ଡା. ରଶ୍ମିରଞ୍ଜନ ମହାନ୍ତି, ବରିଷ୍ଠ କଂଗ୍ରେସ ନେତା ଅଶୋକ ପ୍ରତିହାରୀ, ବରିଷ୍ଠ ସିପିଆଇ ନେତା ବାବାଜୀ ଧଳ, ସିପିଏମ ନେତା ସର୍ବେଶ୍ୱର ବାରିକ ଓ ସଲିଳେନ୍ଦୁ ମହାନ୍ତି, ପୂର୍ବତନ ସରପଞ୍ଚ ବିଜେଡି ନେତା ସୁବାସ ଦାଶ, ଯୁବନେତା ତ୍ରିଲୋଚନ ସ୍ୱାଇଁ, ପ୍ରାକ୍ତନ ପ୍ରଶାସକ କୁଶାସନ ମଲ୍ଲିକ, ଶିକ୍ଷାବିତ କିଶୋର ସେନ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଧ୍ରୁବ-ଅନ୍ନପୂର୍ଣ୍ଣା କଳା ପରିଷଦର କଳାକାର ଭଜନ ପରିବେଷଣ କରିଥିଲେ। ଅଧ୍ୟାପିକା ପ୍ରତିମା ରାଉତ ଧନ୍ୟବାଦ ଦେଇଥିଲେ। ସୌରଭ ରାଉତ, ଶୁଭମ ରାଉତ, ନବୀନ ରାଉତ, ଅମୀୟ ରାଉତ, ଅର୍ପଣ ରାଉତ, ଅରୂପ ରାଉତ, ଅସିତ ରାଉତ ପ୍ରମୁଖ ପରିଚାଳନା କରିଥିଲେ।

## ୧୯ ବର୍ଷରୁ କମ୍ ରାଜ୍ୟ ମହିଳା କ୍ରିକେଟ୍ ଦଳରେ ଶୀତଲ



**ଆଳି, ୧୪।୧୦(ସମିସ):** ୧୯ ବର୍ଷରୁ କମ୍ ଓଡ଼ିଶା ମହିଳା କ୍ରିକେଟ୍ ଦଳରେ କୋଳିଡିହ ପଞ୍ଚାୟତ ଚନ୍ଦନନଗରର ଚିନ୍ମୟ ରାଉତ ଓ ମମତା ରାଉତଙ୍କ ଝିଅ ଶୀତଲ ସ୍ଥାନ ପାଇ ଆଳି ପାଇଁ ଗୌରବ ଆଣିଛନ୍ତି। ଶୀତଲ ୨୦୨୩ରେ ବରୋଦାରେ ଆୟୋଜିତ ୧୪ ବର୍ଷରୁ କମ୍ କ୍ରିକେଟ୍‌ରେ ଖେଳି ୫ଟି ମ୍ୟାଚରୁ ୪ଟିରେ ଖେଳିବା ସୁଯୋଗ ପାଇଥିଲେ। ପରେ ସେ ୧୯ ବର୍ଷରୁ କମ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଖେଳି ଜିଲ୍ଲା ସ୍ତରରୁ ମନୋନୀତ ହୋଇ ରାଜ୍ୟ ମହିଳା ୧୯ ବର୍ଷରୁ କମ କ୍ରିକେଟ ଶିବିରରେ ଯୋଗ ଦେଇଥିଲେ। ଆସନ୍ତା ୨୬ରୁ ଆରମ୍ଭ ହେଉଥିବା ୧୯ ବର୍ଷରୁ କମ୍ ମହିଳା ଟି-୨୦ ପାଇଁ ଘୋଷିତ ରାଜ୍ୟ ଦଳରେ ଶୀତଲ ସ୍ଥାନ ପାଇଛନ୍ତି। ଏ ନେଇ ତାଙ୍କ ଜନ୍ମସ୍ଥାନ କୋଳିଡିହ ସହିତ ସମଗ୍ର ଆଳି ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି।

## ଆର୍‌ଏସ୍‌ଏସ୍ ପକ୍ଷରୁ ହଂସୁଆ ସେତୁ ସଫେଇ

**ରାଜନଗର, ୧୪।୧୦(ସମିସ):** ରାଜନଗର ବ୍ଲକ ହଂସୁଆ ସେତୁକୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ସଫା କରାଯାଇଛି। ରାଜନଗର ଖଣ୍ଡ ବିବେକାନନ୍ଦ ସ୍ୱୟଂ ଶାଖାର ପ୍ରାୟ ୨୫ ଜଣ ସ୍ୱୟଂସେବକ ଏହି ସଫେଇରେ ସାମିଲ ହୋଇଥିଲେ। ଏହି ସଫେଇ ସମୟରେ ରାଜନଗର ବିଡିଓ ଅନିରୁଦ୍ଧ ବେହେରା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ରଶ୍ମିରଞ୍ଜନ ମହାନ୍ତି ସଫେଇରେ ସାମିଲ ହୋଇଥିଲେ।



## ଓଳାଭର କଲେଜ ସ୍ୱାଗତ ତୋରଣ ରାସ୍ତା ବେହାଲ

**ରାଜକନିକା, ୧୪।୧୦(ସମିସ):** ଓଳାଭର କଲେଜ ସ୍ୱାଗତ ତୋରଣ ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତା ଖାଲଖମାରେ ପରିପୂର୍ଣ୍ଣ ହୋଇଥିବାବେଳେ ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରିଛି। ବ୍ଲକ ପ୍ରଶାସନ ପକ୍ଷରୁ ଏହାର ନିରାକରଣ କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

ଆଗକୁ କାଳୀପୂଜା ଥିବାବେଳେ ଏହି ବାଟ ଦେଇ କଲେଜ ପଡ଼ିଆକୁ ହଜାର ହଜାର ଯାତ୍ରୀ ଯାତାୟାତ କରିବେ। ବର୍ଷ ତମାମ ଏହି କଲେଜ ପଡ଼ିଆ ପାଣି ଏହି ସ୍ୱାଗତ ତୋରଣ ରାସ୍ତାର ସଂଲଗ୍ନ ରାସ୍ତା ଦେଇ ଯିବା ଆସିବା କରିବା ବାଟ ବନ୍ଦ ହେବା ଦ୍ୱାରା ପାଣି ଓ କାଦୁଅ ପଚ ପଚ ହୋଇ ରହିଆସିଛି। ଆଗକୁ ଯାତ୍ରା ଓ ଉତ୍ସବ ଥିବାରୁ କାମ ଚଳାଇବା ଢଙ୍ଗରେ ଯୁବକ ସଂଘ ନବନିର୍ମିତ ମା' କାଳୀ ରୋଷେଇ ଘରୁ ବାହାରିଥିବା ଇଟା ଖଣ୍ଡ ତାରିଣୀ ଛକ ନିକଟ ଏହି ରାସ୍ତାରେ ପକାଯାଇଥିବାରୁ ରାସ୍ତାକୁ ସାମାନ୍ୟ ସୁଧାର ଆସିଛି। ଏ ଅଞ୍ଚଳରେ କାଳୀପୂଜା ଗଣପର୍ବ ମାନ୍ୟତା ପାଇଥିବାବେଳେ ବ୍ଲକ ପ୍ରଶାସନ ଆଦୌ ଗୁରୁତ୍ୱ ଦିଆଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଯୁବକ ସଂଘ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବାରୁ ରାସ୍ତା ଗମନାଗମନ ଉପଯୋଗୀ ହୋଇଛି। ଯାହାକି କାଳୀପୂଜା ସମୟରେ ସହାୟକ ହେବ। ତେବେ ପ୍ରଶାସନ ପକ୍ଷରୁ ସ୍ଥାୟୀ ପଦକ୍ଷେପ ଗ୍ରହଣ କରାଯିବାକୁ ସାଧାରଣରେ ଦାବି ହେଉଛି।



## ଲକ୍ଷ୍ମୀନାରାୟଣପୁର-ବେଲାରପୁର ମୁଖ୍ୟ ରାସ୍ତା ମରଣଯନ୍ତା

**ପଞ୍ଚୁପାଣ୍ଡବ, ୧୪।୧୦(ସମିସ)**



ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ଭୂଜୁବଳ ଗ୍ରାମ ଦେଇ ଯାଇଥିବା ଲକ୍ଷ୍ମୀନାରାୟଣରୁ ବେଲାରପୁର ଛକ ମଧ୍ୟ ରାସ୍ତା ମରଣଯନ୍ତା ପାଲଟିଛି। ଏହି ରାସ୍ତାରେ ବଡ଼ ବଡ଼ ଖାଲ ହୋଇଛି। ଫଳରେ ପ୍ରତିଦିନ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି। ଏହି ରାସ୍ତା ପାର୍ଶ୍ୱରେ ଆର୍‌ଡବ୍ଲୁଏସଏସ ପକ୍ଷରୁ ଏକ ପାଣି ଟାଙ୍କି ତିଆରି ହୋଇଛି। ଟାଙ୍କି ନିର୍ମାଣ ସମୟରେ ବିଭିନ୍ନ ପ୍ରକାରର ମେସିନ ଯାତାୟାତ କରିବା ସହ ପାଣି ପାଇପ ବିଛାଇବା ପାଇଁ ଏହି ରାସ୍ତାକୁ ଠିକାଦାର ଖୋଳି ଦେଇଥିବା ଅଞ୍ଚଳବାସୀ କହିଛନ୍ତି। ସେହି ଦିନଠୁ ଖାଲ ମରାମତି ହୋଇ ନ ଥିବାରୁ ରାସ୍ତା ମରଣଯନ୍ତା ପାଲଟିଛି।

ଆରଡି ବିଭାଗ ପକ୍ଷରୁ କିଛିମାସ ପୂର୍ବରୁ ନୂତନ ପିଚୁ ରାସ୍ତା ହୋଇଥିଲା। ଲକ୍ଷ୍ମୀନାରାୟଣପୁର ପଞ୍ଚାୟତର ତରଜଙ୍ଗା ଗ୍ରାମରେ ଓଭର୍‌ହେଡ ପାଣି ଟାଙ୍କି ହୋଇଥିବାବେଳେ ଠିକାଦାରଙ୍କ ମନମାନି ପାଇଁ ଲୋକେ ହଇରାଣ ହେଉଥିବା ଅଭିଯୋଗ ହେଉଛି। ରାସ୍ତାରେ ପ୍ରତିଦିନ ହଜାର ହଜାର ସଂଖ୍ୟକ ଲୋକ ଓ ଯାନବାହନ ଯାତାୟାତ କରୁଛି। ବେଣୀପୁର, ମଙ୍ଗଳପୁର, ଛୋଟି, ରଘୁଦେଇପୁର, କୁରୁଜଙ୍ଗା ଓ ନହଙ୍ଗ ପଞ୍ଚାୟତର ଲୋକେ ଚାଟରାଚକଡା ପଞ୍ଚାୟତ ଛତାରେ ଥିବା ଡେରାବିଶ ତହସିଲ ଅଫିସ, ଡେରାବିଶ ସ୍ୱାସ୍ଥ୍ୟକେନ୍ଦ୍ର ଓ ଛାତ୍ରଛାତ୍ରୀ ବିଭିନ୍ନ ସ୍କୁଲ କଲେଜକୁ ଯାତାୟାତ କରୁଛନ୍ତି। ରାସ୍ତାରେ ଖାଲ ଯୋଗୁଁ ସମସ୍ୟା ଭୋଗ କରୁଛନ୍ତି। ଏହି ରାସ୍ତାରେ ପ୍ରଶାସନିକ ଅଧିକାରୀ ଯିବା ଆସିବା କରୁଥିବାବେଳେ କାହାରି ଦୃଷ୍ଟିରେ ଏହା ପଡୁନି। ଏ ସମ୍ପର୍କରେ ଆର୍‌ଡବ୍ଲୁଏସଏସ ଜେଇଙ୍କୁ ପଚାରିବାରୁ ନ ଜାଣିଲା ଭଳି ଫୋନ ଉଠାଇ ପୁଣି କାଟି ଦେଇଥିଲେ।

## ଦେଓଗାଁରେ ରାଷ୍ଟ୍ରୀୟ ପୋଷଣ ମାସ ପାଳନ

ଦେଓଗାଁ, ୧୪ ।୧୦(ସମିସ): ଦେଓଗାଁ ପଞ୍ଚାୟତ ସମିତି ହାଇସ୍କୁଲରେ ମଙ୍ଗଳବାର ରାଷ୍ଟ୍ରୀୟ ପୋଷଣ ମାସ ପାଳିତ ହୋଇଛି । ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ମିନତୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ହାଇସ୍କୁଲର ପ୍ରଧାନ ଶିକ୍ଷକ ଅମ୍ବରିଶ ଭୋଇ, ସମ୍ମାନୀତ ଭାବେ ସୁପରଭାଇଜର ଅନିତା ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ, ଚିତ୍ରାଙ୍କନ ଓ ସାଧାରଣଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ପ୍ରୋଗ୍ରାମ ସଂଯୋଜକ ନେପାଲ ଭୋଇ, ପ୍ରତାପ ମିଶ୍ର, ରାଜକୁମାର ବେରିଆ, ପଞ୍ଚମନ ସାହୁ, ହରିପ୍ରିୟା ଧରୁଆ, ମିନତି ସରଭଙ୍ଗ, ରଶ୍ମିତା ସା ପ୍ରମୁଖ ସହଯୋଗ କରିଥିଲେ ।

## ସ୍ମାଇଲ ଡେଣ୍ଟାଲ ଚେକଅପ୍ ଏବଂ ସଚେତନତା ଶିବିର




ଭବାନୀପାଟଣା, ୧୪ ।୧୦(ସମିସ): ଦୁଇ ଦିନ ଧରି କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ଲକ୍ଷ୍ମୀ ବିକାଶ ଆବାସିକ ବିଦ୍ୟାଳୟ, ଭବାନୀପାଟଣା ଉଇସଡମ ପାର୍କ ଠାରେ ଜେସିଆଇ କେସିଙ୍ଗା ଦ୍ୱାରା ସ୍ମାଇଲ ଡେଣ୍ଟାଲ ଚେକଅପ୍ ଏବଂ ଓରାଲ ହାଇଜିନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସମାରୋହରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଅଧ୍ୟକ୍ଷ ସୁଶ୍ରୀ ଆରତୀ ମିଶ୍ର । ଲକ୍ଷ୍ମୀ ବିକାଶ ବିଦ୍ୟାଳୟ ସମୂହର ନିର୍ଦ୍ଦେଶକ ଡ଼ି. ଶ୍ୟାମ, ଡି. ରାମକୁମାର, ଶିକ୍ଷା ପ୍ରଭାରୀ ଡ଼ି.ବିଜୟା, ପରିଚାଳନା ମଣ୍ଡଳୀ ସଦସ୍ୟା ଡି. ପଦ୍ମିନୀ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଯୁବରାଜ ନାୟକ, ଆବାସିକ ବିଦ୍ୟାଳୟ ଉପାଧ୍ୟକ୍ଷ ନାରାୟଣ ମହାନ୍ତି, ପ୍ରବନ୍ଧକ ଗୁପ୍ତେଶ୍ୱର ଖୁଣ୍ଟିଆ ଉପସ୍ଥିତ ଥିଲେ । ଉକ୍ତ ଶିବିରରେ ପ୍ରଥମ ଦିନ ପ୍ରାଥମିକ ବିଭାଗର ଛାତ୍ରଛାତ୍ରୀଙ୍କ ଦାନ୍ତ ପରୀକ୍ଷ କରାଯାଇଥିଲା । ଦ୍ୱିତୀୟ ଦିନରେ ଡ଼.ରୋନକ ଜେନଙ୍କ ନେତୃତ୍ୱରେ ଜାଗୃତି ସେସନ କରାଗଲା । ଏହି କାର୍ଯ୍ୟକ୍ରମରେ ଛାତ୍ରମାନେ ଦାନ୍ତର ସୁରକ୍ଷା ଦୃଷ୍ଟିରୁ କିଛି ପ୍ରଶ୍ନ ପଚାରିଥିଲେ । ଜେସିଆଇ ଅଧ୍ୟକ୍ଷ ଜେ ସି.ଆନନ୍ଦ ଜେନ କ୍ୟାମ୍ପର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ । ପରେ ଉଚ୍ଚ ମାଧ୍ୟମିକ ଛାତ୍ର ମାନଙ୍କର ଦାନ୍ତ ପରୀକ୍ଷା କରାଗଲା । ଶେଷରେ ଜେସିଆଇର କାର୍ଯ୍ୟକର୍ତ୍ତାଙ୍କୁ ଉପଢୌକନ ପ୍ରଦାନ କରାଯାଇଥିଲା ।

## ଭିଜିଲାନ୍ସ ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି

କଣ୍ଟାବାଞ୍ଜି, ୧୪ ।୧୦(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସହରର ନୂଆପଡ଼ା ଲକ୍ଷେଘର ଗଣ୍ଡା ସମାଜ ପକ୍ଷରୁ କଟକ ଭିଜିଲାନ୍ସ ବିଭାଗ ଏସ୍‌ପି ସତ୍ୟବାନ ମହାନନ୍ଦଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ମଙ୍ଗଳବାର ସନ୍ଧ୍ୟାରେ ମଙ୍ଗଳ ଭବନଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସଭାପତି ଦୁଃଖିଶ୍ୟାମ ରାଏ ସଭାପତିତ୍ୱ କରିଥିଲେ । ଏହି ଶୋକସଭାରେ ଅମୂଲ୍ୟ ନାଗ, ରାଜେନ୍ଦ୍ର ଜାଲ, ସତ୍ୟନାରାୟଣ ରାଏ, ଅମରେନ ତାଣ୍ଡି, କୃଷିକ ଜାଲ, ଲଳିତ ନାଗ, ରତନ ବାଗଙ୍କ ସହ ସମାଜର ସମସ୍ତ ସଭ୍ୟ ଉପସ୍ଥିତ ରହି ସ୍ୱର୍ଗତ ମହାନନ୍ଦଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଳି ଜଣାଇଥିଲେ ।

## ପ୍ଲାଷ୍ଟିକ ମୁକ୍ତ ପରିବେଶ ପାଇଁ ସଚେତନତା



କେସିଙ୍ଗା, ୧୪ ।୧୦(ସମିସ): ପ୍ଲାଷ୍ଟିକର ଉଦ୍ଭାବନ ଓ ବ୍ୟବହାର ବିଜ୍ଞାନ ଏକ ଅନୁପମ ଉପହାର ହେଲେ ମଧ୍ୟ ତା'ର ସୁସଂହତ ଓ ଯୌକ୍ତିକ ବ୍ୟବହାର ବିନା ଆମେ ପ୍ରଦୂଷଣମୁକ୍ତ ଧାରଣୀୟ ବିକାଶ ହାସଲ କରାଯାଇପାରିବ ନାହିଁ।ଏହାକୁ ଲକ୍ଷ୍ୟରେ ରଖି ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କେସିଙ୍ଗାରେ ପରିବେଶ ଶିକ୍ଷା ବିଦ୍ୟାଳୟ କାର୍ଯ୍ୟକ୍ରମ ଅନ୍ତର୍ଗତ ଏକକ ବ୍ୟବହୃତ ପ୍ଲାଷ୍ଟିକ ମୁକ୍ତ ସଚେତନତା ଅଭିଯାନ ଓଡ଼ିଶା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ତତ୍ତ୍ୱାବଧାନରେ ଆୟୋଜିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ସମୀର କୁମାର ବେହେରା ସଭାପତିତ୍ୱ, ଓଡ଼ିଶା କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଡଃ ରାଜେଶ ମହାନ୍ତ ମୁଖ୍ୟଅତିଥି ଏବଂ ପ୍ରକଳ୍ପ ଯନ୍ତ୍ରୀଦ୍ୱୟ ସୁଶାନ୍ତ ଲେଙ୍କା, ସତ୍ୟ ରଞ୍ଜନ ଦାଶ ଓ ବିଦ୍ୟାଳୟ ପରିଚାଳନା ସଭାପତି ଶିବପ୍ରସାଦ ସାହୁ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ । ପ୍ରାରମ୍ଭିକ ପର୍ଯ୍ୟାୟରେ ସଚେତନତା ଶୋଭାଯାତ୍ରାରେ ବିଦ୍ୟାଳୟର ଛାତ୍ରୀ ତଥା ଶିକ୍ଷକଶିକ୍ଷୟିତ୍ରୀ ସହର ପରିକ୍ରମା କରି ଲୋକମାନଙ୍କୁ ଏକକ-ବ୍ୟବହୃତ ପ୍ଲାଷ୍ଟିକ ବସ୍ତୁ ବ୍ୟବହାରରୁ ନିବୃତ୍ତ ରହିବା ସହ ସୁସ୍ଥ ସନ୍ତୁଳିତ ପରିବେଶ ଗଠନରେ ପ୍ରଚେଷ୍ଟା କରିବା ଲାଗି ପ୍ରବର୍ତ୍ତାଇ ଥିଲେ । ଏହି ଅବସରରେ ଆୟୋଜିତ ହୋଇଥିବା ଚିତ୍ରାଙ୍କନ ଓ ରଚନା ଲିଖନର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ବିଦ୍ୟାଳୟର ଇକୋ କ୍ଲବ୍‌ର ପ୍ରାଧିକୃତ ଶିକ୍ଷକ ଆର୍ତ୍ତତ୍ରାଣ ଷଡ଼ଙ୍ଗୀ ଏହାର ତଦାରଖ କରିଥିବା ବେଳେ ଶିକ୍ଷକ ସୁଶାନ୍ତ କୁମାର ମେହେର ସଂଯୋଜନା କରିଥିଲେ ।

## ମୁସିଗୁଡ଼ା ପ୍ରାଥମିକ ବିଦ୍ୟାଳୟ
# ସ୍କୁଲ ଗେଟ୍ ନିକଟରେ ପାଠପଢ଼ା

ଭବାନୀପାଟଣା, ୧୪ ।୧୦(ସମିସ)



ସଦର ବ୍ଲକ ଅନ୍ତର୍ଗତ ମୁସିଗୁଡ଼ା ପ୍ରାଥମିକ ବିଦ୍ୟାଳୟ ଶୋଚନୀୟ ଅବସ୍ଥାରେ ଗତିକରୁଛି । ଶ୍ରେଣୀଗୃହ ଭୁଶୁଡିବା ସ୍ଥିତିରେ ପହଁଛି ସାରିଛି । ସେହିଭଳି ରୋଷେଇ ଗୃହ ଅବସ୍ଥା ଅତି କଦର୍ଯ୍ୟ ପରିସ୍ଥିତିରେ ନାମକୁମାତ୍ର ରହିଥିବା ଦେଖିବାକୁ ମିଳିଛି । ଛାତ୍ର/ଛାତ୍ରୀ ମୋଟ ୭୩ ଜଣ ଥିବା ବେଳେ ପାଠ ପଢ଼ିବା ପାଇଁ ଶ୍ରେଣି ଗୃହ ନାହିଁ। ଗ୍ରାମବାସୀ ଅନେକ ଥର ବିଧାୟକ ଓ ଜିଲ୍ଲା ପ୍ରଶାସନର ସମସ୍ତ ଉଚ୍ଚ ଅଧିକାରୀଙ୍କୁ ଜଣାଇବା ସହ ଜିଲ୍ଲାପାଳଙ୍କୁ ମଧ୍ୟ ଦାବିପତ୍ର ଦେଇ ଦୃଷ୍ଟି ଆକର୍ଷଣ କରିଛନ୍ତି । କିନ୍ତୁ କୌଣସି ସୁଫଳ ଏଯାଏଁ ମିଳିବା ଦେଖା ଯାଉନାହିଁ। ସୂଚାନା ଯୋଗ୍ୟ ଯେ ୧୯୬୪ ମସିହାରେ ସ୍ଥାପିତ ମୁସିଗୁଡ଼ା ପ୍ରାଥମିକ ବିଦ୍ୟାଳୟ ପ୍ରଥମ ଶ୍ରେଣୀରୁ ପଞ୍ଚମ ଯାଏଁ ରହିଛି । ଶ୍ରେଣୀ ଗୃହ ମଧ୍ୟ ଥିଲା ତେବେ ୫ ବର୍ଷ ହେବ ଅଚଳ ଅବସ୍ଥାରେ ରହିଛି କେତେବେଳେ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିବ ତାହା ଆକଳନ କରିବା ମୁସ୍କିଲ।ଏବେ ଜୀବନ

### ପୁରୁଣା ଶ୍ରେଣୀଗୃହ କାମରେ ଆସୁନି

ଭୟରେ ଛାତ୍ରଛାତ୍ରୀମାନେ ଶ୍ରେଣୀଗୃହରେ ପାଠ ନ ପଢ଼ି ସ୍କୁଲ ଗେଟ ମୁହଁରେ ପାଞ୍ଚ ବର୍ଷ ହେବ ପାଠ ପଢ଼ି ଆସୁ ଥିବା ବେଳେ ନୂତନ ଶ୍ରେଣୀଗୃହ ନିର୍ମାଣ ଦିଗରେ କାହାର ଚେତା ପଶୁନି । ଶିକ୍ଷା ବିଭାଗ ଯନ୍ତ୍ରୀ ଅନୁଧ୍ୟାନ କରି ଫେରିଥିବା ସତ୍ତ୍ୱେ ଚୁପ ରହିଛନ୍ତି । ସ୍କୁଲ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀଙ୍କ ସହିତ ଆଲୋଚନା କରିବାରେ ସେ କହିଛନ୍ତି ଯେ ବହୁ ପୁରୁଣା ସ୍କୁଲ ଆଉ ଶ୍ରେଣୀ ଗୃହ ବାସ୍ତବିକ ବିପଦ ସଂକୁଳ ଅବସ୍ଥାରେ ଅଛି । ଶ୍ରେଣୀଗୃହ ଅଭାବରୁ ସମସ୍ୟା ସୃଷ୍ଟି ହେଉଥିବା କଥା ନିଜେ ସ୍ୱୀକାର କରିଛନ୍ତି । ଆସନ୍ତାକାଲି ମୁଁ ଉକ୍ତ ସ୍କୁଲକୁ ଯାଇ ପରିସ୍ଥିତିକୁ ଦେଖିଆସିବି ବୋଲି ପ୍ରକାଶ କରିଥିଲେ । ଶିକ୍ଷା ବିଭାଗ ଏବଂ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ ନକଲେ ଆଗାମୀ ଦିନରେ କଳାହାଣ୍ଡି ୨୬ନମ୍ବର ଜାତୀୟ ରାଜପଥ ଅବରୋଧ କରିବା ପାଇଁ ମୁସିଗୁଡ଼ା ଗ୍ରାମବାସୀ ନିଷ୍ପତ୍ତି ନେଇଛନ୍ତି ।

## ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ପୋଷଣ ମାସ ପାଳିତ

ଭବାନୀପାଟଣା, ୧୪ ।୧୦(ସମିସ): କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହରେ ଚଳିତ ବର୍ଷର ତଥା ପୋଷଣ ଅଭିଯାନର ଜିଲ୍ଲାସ୍ତରୀୟ ଜାତୀୟ ପୋଷଣ ମାସ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ପାଳିତ ହୋଇଯାଇଛି ।ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ ।ସହ ଜିଲ୍ଲା ଶିକ୍ଷା ଅଧିକାରୀ ଶୁଭଲକ୍ଷ୍ମୀ ନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମୁଜିବୁନ୍ ନିଶା, ଜିଲ୍ଲା ମିଲେଟ୍ ମିସନରୁ



ଜିଲ୍ଲା ପ୍ରକଳ୍ପ ସଂରର୍ଯୋଜକ ଅକ୍ଷୟ ପାତ୍ର, ଏନଏଚ୍‌ଏମରୁ ଆର୍‌ବିଏସ୍‌କେ ମେନେଜର କୃଷ୍ଣଚନ୍ଦ୍ର ପ୍ରଧାନ, ମିଶନ ଶକ୍ତି ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜିକା ସୁମନ ଦ୍ୱିବେଦୀ, ଓଡ଼ିଶା ଜୀବିକା ମିଶନ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ଡ. ଚନ୍ଦନ ବେହେରା ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଅତିଥି ଭାବରେ ଯୋଗଦେଇଥିଲେ । ଏଥିରେ ଆଇସିଡିଏସର ପ୍ରୋଗ୍ରାମ୍ ଅଫିସର ନମିତାରାଣୀ ପଲ୍, ଭବାନୀପାଟଣା ଉପଖଣ୍ଡସ୍ତରୀୟ ପ୍ରୋଗ୍ରାମ୍ ଅଫିସର ସୁଶ୍ରୀ ଆଶାରାଣୀ ସାହୁ ଓ ଧର୍ମଗଡ଼ ଉପଖଣ୍ଡ ସ୍ତରୀୟ ପ୍ରୋଗ୍ରାମ୍ ଅଫିସର ଫୁଲଝେସିଆ ସୋରେନ୍, ପୋଷଣ କାର୍ଯ୍ୟକ୍ରମ ଅଧୀନର କାର୍ଯ୍ୟରତ ଜିଲ୍ଲା ସଂଯୋଜକ ଅଜୟ ବିହାର ଓ ଜିଲ୍ଲା ପୋଷଣ କାର୍ଯ୍ୟ ସହାୟିକା ପ୍ରଜ୍ଞା ମହାପାତ୍ର, ଓମେନ୍ ହବ୍‌ର ଜିଲ୍ଲା ସଂଯୋଜକ ଯୁଗେସ୍ୱର ବୁଦ୍ଧିଆ ବିବାହ ସୁରକ୍ଷା କାର୍ଯ୍ୟକ୍ରମ ଅଧୀନରର ଥିବା ଜିଲ୍ଲା ପରାମର୍ଶଦାତା ଦିବ୍ୟ ରଞ୍ଜନ ଯୋଶୀ, ମମତା କାର୍ଯ୍ୟକ୍ରମ ଅଧୀନରେ ଥିବା ଜିଲ୍ଲା ପ୍ରକଳ୍ପ ସଂଯୋଜକ ରେଣୁକା ବଗର୍ତ୍ତୀ, ଜିଲ୍ଲାର ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ, ଆଇସିଡିଏସର ମହିଳା ପରିଦର୍ଶିକା, ପୋଷଣ କାର୍ଯ୍ୟକ୍ରମ ଅଧୀନରର କାର୍ଯ୍ୟରତ ସମସ୍ତ ବ୍ଲକ ସଂଯୋଜକ, ଅଙ୍ଗନୱାଡି କର୍ମୀ ଓ ସ୍ୱୟଂ ସହାୟକର ଗୋଷ୍ଠୀର ସଭ୍ୟା ମାନେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମର ଆରମ୍ଭରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମୁଜିବୁନ୍ ନିଶା ସ୍ୱାଗତ ଜଣାଇବା ସହିତ ପୋଷଣ ମାସ ପାଳନର ଉଦ୍ଦେଶ୍ୟ ଓ ବିଭାଗର ନିୟମାବଳୀ ଅନୁଯାୟୀ ଜିଲ୍ଲାରେ କରାଯାଇଥିବା କାର୍ଯ୍ୟକ୍ରମ ଗୁଡିକୁ ଉପସ୍ଥାପନ କରିଥିଲେ । ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ଉତ୍ତମ ପୋଷଣ ସକାସେ ସ୍ଥାନୀୟ ଖାଦ୍ୟର ଗୁରୁତ୍ୱ, ଜଂକ ଫୁଡ୍ ବଦଳରେ ଘର ତିଆରି ଖାଦ୍ୟ ତଥା ପରିଷ୍କାର ପରିଚ୍ଛନ୍ନତା ଉପରେ ମନ୍ତବ୍ୟ ରଖିଥିଲେ । ଅଙ୍ଗନବାଡି ତାଲିମ୍ କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ବିଶ୍ୱନାଥ ଦାଶ ପୋଷଣ ଅଭିଯାନ ଆନୁକୂଲ୍ୟରେ ପାଳିତ ହୋଇଥିବା ଜାତୀୟ ପୋଷଣ ମାସର ଆଭିମୁଖ୍ୟ, କାର୍ଯ୍ୟାବଳି ଓ ଜିଲ୍ଲାରେ ପାଳିତ ହୋଇଥିବା ମୁଖ୍ୟ ମୁଖ୍ୟ କାର୍ଯ୍ୟକ୍ରମ ଗୁଡିକୁ ପାୱାର ପଏଣ୍ଟ ମଧ୍ୟମରେ ଉପସ୍ଥାପନ କରିଥିଲେ । ଜିଲ୍ଲା ମିଲେଟ୍ସ ମିସନରୁ ଜିଲ୍ଲା ପ୍ରକଳ୍ପ ସଂଯୋଜକ କ୍ଷୁର ଶସ୍ୟ ଉପକାରିତା ବିଷୟରେ ବୁଝାଇଥିଲେ । କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଭବାନୀପାଟଣା ସହରାଞ୍ଚଳର ଅଙ୍ଗନୱାଡି କର୍ମୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାଙ୍କ ଦ୍ୱାରା ପ୍ରସ୍ତୁତ ପୁଷ୍ଟିକର ଖାଦ୍ୟ ପ୍ରଦର୍ଶନୀ, ମା ପାଇଁ ଗଛଟିଏ ତଥା ଚଳିତ ପୋଷଣ ମାସର ବିଷୟବସ୍ତୁ ଅଧାରିତ ବାର୍ତ୍ତାଗୁଡିକୁ ପ୍ରଦର୍ଶିତ କରିଥିଲେ । ପୋଷଣ ମାସ ଅବସରରେ ଆୟୋଜିତ ରଚନା, ସାଧାରଣ ଜ୍ଞାନ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ପ୍ରୋଗ୍ରାମ୍ ଅଫିସର ନମିତାରାଣୀ ପଲ୍ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲ୍ଲାସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର



ବଲାଙ୍ଗିର, ୧୪ ।୧୦(ସମିସ): ପିପି ଏକାଡେମୀ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରୀନା କୁମାରୀ ବେହେରା ଓ ସେବାଶ୍ରୀ ଭୋଇ ଏହି ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିଥିଲେ । ଜିଲ୍ଲା ବିଜ୍ଞାନ ତତ୍ତ୍ୱାବଧାରକ ନବଘନ ସାହୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ୧୪ଟି ବ୍ଲକରେ ପୂର୍ବରୁ ଆୟୋଜିତ ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ଏହି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ତୁରେକେଲା ବ୍ଲକ ଝରଣୀ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ରୁଦ୍ରାଂଶ ମିଶ୍ର ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ । ପଥରଚେପା ଓଏଭିର ନବମ ଶ୍ରେଣୀ ଛାତ୍ର ଦୁର୍ଲଭ ପୁହାଣ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ଟିଟିଲାଗଡ଼ ବ୍ଲକ ଧବଳେଶ୍ୱର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ରଶ୍ମିତା ବାରିକ ତୃତୀୟ ସ୍ଥାନ ଅଧିକାର କରିଥିଲେ । ବିଚାରକ ଭାବେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ବିଜ୍ଞାନ ବିଭାଗର ବିଭଗୀୟ ମୁଖ୍ୟ ଦେବବ୍ରତ ଦଣ୍ଡସେନା ଓ ପଦାର୍ଥ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଜିତେନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ । ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗ, ପ୍ରବୀର ପଣ୍ଡା, ସଦର ବ୍ଲକ ବିଇଓ ନୀଳମଣି ପଟେଲ ପ୍ରମୁଖ ଯୋଗ ଦେଇଥିଲେ । ସରୋଜ ନାୟକ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ଦ୍ୱିତୀରଞ୍ଜନ ମହାଲିଙ୍ଗ ଧନ୍ୟବାଦ ଦେଇଥିଲେ ।

## ● ଏକକ ବ୍ୟବହୃତ ପ୍ଲାଷ୍ଟିକ ବର୍ଜନ ପାଇଁ ପ୍ରଶାସନର ଉଦ୍ୟମ
## ସହରର ବିଭିନ୍ନ ଦୋକାନ, ବଜାର ବୁଲି ସଚେତନତା

ସିନାପାଲି, ୧୪ ।୧୦ (ସମିସ): ନୂଆପଡ଼ା ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାକୁ ଏକକ ବ୍ୟବହୃତ ପ୍ଲାଷ୍ଟିକ ମୁକ୍ତ କରିବା ଆହ୍ୱାନ ଜାରି ରଖିଥିବା ବେଳେ ସିନାପାଲି ବ୍ଲକ ପ୍ରଶାସନ ତରଫରୁ ଉଦ୍ୟମ ଅବ୍ୟାହତ ଜାରି ରହିଛି । ବ୍ଲକ ପ୍ରଶାସନ ତରଫରୁ ଦୋକାନୀଙ୍କୁ ସଚେତନ କରାଯିବା ସହ ବିଭିନ୍ନ ଉଠା ଦୋକାନୀଙ୍କୁ ମଧ୍ୟ ଅବଗତ କରାଇ ଯେଉଁ ଦୋକାନୀ ପାଖରେ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ସାମଗ୍ରୀ ଦେଖାଗଲେ ଜବତ ହେବା ସାଙ୍ଗରେ ଫାଇନ୍ ମଧ୍ୟ ଆଦାୟ କରାଯିବ ବୋଲି ପ୍ରଶାସନ ଚେତାବନୀ ଦିଆଯାଇଛି । ବ୍ଲକ ପ୍ରଶାସନ ପକ୍ଷରୁ ସହରର ବିଭିନ୍ନ ଛକ, ହୋଟେଲ, ଦୋକାନ, ପନିପରିବା ଦୋକାନ, ଜଳଖିଆ ଦୋକାନ ସମେତ ଚା ଦୋକାନ ଗୁଡ଼ିକରେ ସଚେତନ କରାଯାଉଛି । ବିଭିନ୍ନ ଗାଁରେ ଥିବା ଦୋକାନ ବଜାରରେ ମଧ୍ୟ ସଚେତନ ସାଙ୍ଗକୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ଜଣାପଡ଼ିଛି । ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ ଜିଲ୍ଲାକୁ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ମୁକ୍ତ ଜିଲ୍ଲା ଭାବରେ ରାଜ୍ୟରେ ପ୍ରଥମ ସ୍ଥାନର ଆଖ୍ୟା ଦେଇଥିବା ବେଳେ ଜିଲ୍ଲାପାଳଙ୍କ ପଦକ୍ଷେପ ଆମ ସମସ୍ତଙ୍କର ହିତ ତଥା ପରିବେଶ ସୁରକ୍ଷା ଓ ସୁସ୍ଥ ସମାଜ ପାଇଁ ଉପଯୋଗୀ ଏପରିକି ଜିଲ୍ଲାପାଳଙ୍କ ଏହି ପଦକ୍ଷେପକୁ ସ୍ୱାଗତ ଜଣାଇ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ସାମଗ୍ରୀକୁ ପ୍ରତ୍ୟାହାର କଲେ ନିଶ୍ଚିତ ଭାବରେ ଆମ ଜିଲ୍ଲା ତଥା ଆମ ପରିବେଶ ସ୍ୱଚ୍ଛ, ସୁନ୍ଦର, ନିର୍ମଳ ସ୍ୱାସ୍ଥ୍ୟ ସମାଜ ଗଠନ କରି ପାରିବ । ଯଦି ଆମେ ସଚେତନ ହେବୁ ନିହାତି ଭାବରେ ଆମେ ଏକ ସ୍ୱଚ୍ଛ ନିର୍ମଳ ଗ୍ରାମ, ଉନ୍ନତ ଜିଲ୍ଲା ତଥା ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବୁ ବୋଲି ସିନାପାଲି ବିଡ଼ିଓ କାର୍ମୀ ଓରାମ କହିଛନ୍ତି । ୩ ମାସ ହେଲା ଏହା ଉପରେ ସମଗ୍ର ଜିଲ୍ଲା ସାରା ସଚେତନ ବାର୍ତ୍ତା ଦେବା ସଙ୍ଗେ ଜିଲ୍ଲା ପ୍ରଶାସନ ପ୍ରତ୍ୟେକ ଶନିବାର ଦିନ ଗାଁ ଗାଁ ବୁଲି ଲୋକଙ୍କୁ ବୁଝାଉଛନ୍ତି । ସିନାପାଲି ବିଡ଼ିଓ କାର୍ମୀ ଓରାମ ସହିତ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ, ସ୍ଥାନୀୟ ସରପଞ୍ଚ, ବୁଦ୍ଧିଜୀବୀ ସମେତ ଅନେକ କର୍ମଚାରୀ ବୁଲି ସଚେତନ ସୃଷ୍ଟି କରିଛନ୍ତି । ସେହିଭଳି ସମସ୍ତ ବିଭାଗର ଅଧିକାରୀ କର୍ମଚାରୀବୁଦ୍ଧିଜୀବୀ ସାମିଲ ହୋଇ ସିନାପାଲି ବ୍ଲକକୁ ଏକକ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ନିବେଦନ ଓରାମ ନିବେଦନ କରିଛନ୍ତି ।

## ଆଧୁନିକ ସାହିତ୍ୟରେ ଶିଶୁ ମନସ୍ତତ୍ତ୍ୱ ସମ୍ପର୍କିତ ଆଲୋଚନା

ରାଉରକେଲା, ୧୪।୧୦(ସମିସ): ସୁନ୍ଦରଗଡ଼ ଲେଖକ ସାମ୍ମୁଖ୍ୟ ଓ ମଧୁସୂଦନ ପାଠାଗାରର ମିଳିତ ଆନୁକୂଲ୍ୟରେ 'ଆଧୁନିକ ସାହିତ୍ୟରେ ଶିଶୁ ମନସ୍ତତ୍ତ୍ୱ' ଶୀର୍ଷକ ଏକ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା । ସୁନ୍ଦରଗଡ଼ ଲେଖକ ସାମ୍ମୁଖ୍ୟର ସଭାପତି ବିଶିଷ୍ଟ ସ୍ତମ୍ଭକାର ଭୂପେନ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଶିଶୁ ସାହିତ୍ୟିକ ତ୍ରିଲୋଚନ ମଥାନ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଶିଶୁମାନଙ୍କ ମନସ୍ତତ୍ତ୍ୱ ଉପରେ ଏକ ତୁଳନାତକ ଚିତ୍ର, ଆଧୁନିକ ସାହିତ୍ୟ ଓ ଶିଶୁ ସାହିତ୍ୟ ଉପରେ ଆଲୋଚନା କରିଥିଲେ । ବିଶିଷ୍ଟ ଶିଶୁ ସାହିତ୍ୟିକ ହରମୋହନ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ ଶିଶୁ ହସିଲେ ଦେଶର ଭବିଷ୍ୟତ ହସିବ । ସାମ୍ପ୍ରତିକ ସାହିତ୍ୟ ସୃଷ୍ଟି ଶିଶୁମନସ୍କ ହେବା ଉଚିତ୍ ବୋଲି ସେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ସମ୍ମାନିତ ଅତିଥି ଭାବେ ସମାଜସେବୀ ଇଂ ଅଭୟଦାସ, ବିଶିଷ୍ଟ କବୟିତ୍ରୀ ଶିକ୍ଷାବିତ୍ ରଶ୍ମୀବାଳା ରାଉତରାୟ ଯୋଗଦେଇ ଭବିଷ୍ୟତର ମଙ୍ଗୁଆଳ ଶିଶୁମାନଙ୍କର ପ୍ରତି ସାମାଜିକ କର୍ତ୍ତବ୍ୟବୋଧତା ଉପରେ ବିସ୍ତୃତ ଆଲୋଚନା କରିଥିଲେ । ଏହାପରେ ଗଳ୍ପ ପଠନ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ତ୍ରୈମାସିକ ପତ୍ରିକା 'ନାଗରା'ର ପୂଜା ସଂଖ୍ୟା ଏବଂ ଡକ୍ଟର ସ୍ୱର୍ଣ୍ଣ ଦେବୀଙ୍କ ରଚିତ ଉପନ୍ୟାସ 'ଦୂରାନ୍ତର ପକ୍ଷୀ' କୁ ଅତିଥିମାନେ ଉନ୍ମୋଚନ କରିଥିଲେ । କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ନିରୁପମା ପତି ପରିଚାଳନା କରିଥିବା ବେଳେ ଉପଦେଷ୍ଟା ପଶୁପତିନାଥ ଚାଟାର୍ଜୀ ଧନ୍ୟବାଦ ଜ୍ଞାପନ କରିଥିଲେ ।

ଦ୍ୱିତୀୟ ପର୍ଯ୍ୟାୟରେ ଅନୁଷ୍ଠିତ ଗଳ୍ପ ପଠନ କାର୍ଯ୍ୟକ୍ରମରେ ଗାଳ୍ପିକ ସଞ୍ଜୀବ ଭୋଇ ଗଳ୍ପ ପାଠ କରିଥିଲେ । ଶିକ୍ଷାବିତ୍ ଶଙ୍କର ପ୍ରସାଦ



ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କବିତା ପାଠୋତ୍ସବ ପର୍ଯ୍ୟାୟରେ କବି ଗୀତାରାଣୀ ବେହେରା ଓ କବି ପ୍ରତାପ କୁମାର ପଣ୍ଡା କବିତାଗୁଡ଼ିକୁ ସଂଯୋଜନା କରିଥିଲେ । ଏହି ଅବସରରେ ସୁନୀଲ ମହାନ୍ତି, ନିରୁପମା ପତି, ଗୀତାଞ୍ଜଳି ପତ୍ରୀ, ଗୀତାରାଣୀ ବେହେରା, ରୁଦ୍ର ତ୍ରିପାଠୀ, ଶ୍ରୀଧର ସୁନା, ବଳରାମ ଦାସ, ଗଦାଧର ରଥ, ସାଗର ମହାନ୍ତି, ବ୍ରହ୍ମାନନ୍ଦ ପାଢ଼ୀ, ପ୍ରତାପ ପଣ୍ଡା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ସୂର୍ଯ୍ୟ ନାରାୟଣ ପଣ୍ଡା, ଗୋକୁଳାନନ୍ଦ ସାହୁ, ଡାକ୍ତର ଗୀତାଞ୍ଜଳି ପତ୍ରୀ, କାଶୀନାଥ ନନ୍ଦୀ ଅଂଶୁମାନ ପତି ଇତ୍ୟାଦି ଉପସ୍ଥିତ ଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ଗୀତାରାଣୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଉତ୍ସବମୁଖର କରିଛି 'ସୁରଭି'




ବଲାଙ୍ଗିର, ୧୪ ।୧୦(ସମିସ)

ବିଦ୍ୟାଳୟଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ବିଶେଷଗୁଣର ବିକାଶ ଲାଗି ବିଭିନ୍ନ ସ୍ଥାନରେ 'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଏଥିରେ ଛାତ୍ରଛାତ୍ରୀ ସାମିଲ ହୋଇ ନିଜ ପ୍ରତିଭା ପ୍ରଦର୍ଶନ କରୁଛନ୍ତି । ଏହିକ୍ରମରେ ପୁରୁଣାପାଣି ସୁଲିଆ କନ୍ଧ ବିଦ୍ୟାପୀଠରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ-୨୦୨୫ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଚକ୍ରଧର ମଲ୍ଲିକ ଉଦ୍‌ଘାଟନ କରିଥିଲେ । ଏଥିରେ ମୁକୁନ୍ଦପୁର ସରପଞ୍ଚ ଜାନକୀ ସାହୁ, ଦେଓଗାଁ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ଉପାଧ୍ୟକ୍ଷା ସୂର୍ଯ୍ୟକାନ୍ତି ଛତ୍ରିଆ, ମୁକୁନ୍ଦପୁର ସମିତି ସଭ୍ୟ ଅଭିମନ୍ୟୁ ମାଝି, ସ୍କୁଲ ପ୍ରତିଷ୍ଠାତା ମୟ ପ୍ରଧାନୀ, ସିଆରସିସି ବିରେନ୍ଦ୍ର ପଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଧାନ ଶିକ୍ଷକ କଳ୍ପ ସାହୁ ସଭାପତିତ୍ୱ କରିଥିଲେ । ହିଲ୍ଲିମାଲ ସ୍କୁଲର ସହକାରୀ ଶିକ୍ଷକ ସୌମେନ୍ଦ୍ର ପଟ୍ଟନାୟକ ସଭା ପରିଚାଳନା କରିଥିବା ବେଳେ ନିରୋଜ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ । ମୁକୁନ୍ଦପୁର ଆଞ୍ଚଳିକ ସାଧନ କେନ୍ଦ୍ରର ୧୧ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଦିଲ୍ଲୀପ ତ୍ରିପାଠୀ, ଅଶୋକ ସେଠ, ଶ୍ରୀଧର କର୍ମୀ, କବିତା ମାହାରୀ, ଦୀପ୍ତିପାଣି ସାହୁ, ଆସ୍ଥା ସାହୁ, ସୁରମା ଭୋଇ, ଉମାକାନ୍ତ ସାହୁ, ପ୍ରମୋଦ ପଟେଲ, ଦିଲୀପ କଲତା, ରାଜେଶ ପଟେଲ, ବୈଲୋଚନ ପଧାନ, ବିଭୁତି ଭୂଷଣ ପଟେଲ, ଜୟଦେବ ବିଶି, ପୁଷ୍ପିରାଜ ସୁନା, ପରମେଶ୍ୱର ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

ଦେଓଗାଁ: ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଅର୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ ମଙ୍ଗଳବାର ରତନପୁର କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର କର୍ତ୍ତଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଏବିଇଓ କବିରାଜ ମାଝୀ, ସମ୍ମାନୀତ ଅତିଥି ଭାବେ ପଦ୍ମଲୋଚନ ସୁନା, ଓଡ଼ିଶା ସାମ୍ବାଦିକ ସଂଘ ଜିଲ୍ଲା ସମ୍ପାଦକ କୃଷ୍ଣପ୍ରସାଦ ପାଣିଗ୍ରାହୀ, ପରିଚାଳନା କମିଟି ସଭାପତି ଛବିଳ ମାଝୀ, ଉପସଭାପତି କୌଶଲ୍ୟା ସାମଲ ପ୍ରମୁଖ ଯୋଗ ଦେଇଥିଲେ । ଛାତ୍ରୀଛାତ୍ରଙ୍କ ଲୁକାୟିତ ପ୍ରତିଭାକୁ ପ୍ରସ୍ଫୁଟିତ କରିବାରେ 'ସୁରଭି' ର ଏକ ମାଧ୍ୟମ ବୋଲି ଅତିଥିଗଣ ମତବ୍ୟକ୍ତ କରିଥିଲେ । ଏହି ଅବସରରେ କ୍ଲଷ୍ଟରର ଅର୍ଡା, ଜଳିଆ, ଗଡ଼ଦ୍ୱାର, ରତନପୁର, ଗାଇବାହାଲ, ଘୁଚିପାଲି, ରାଏପାଲି, ବାଞ୍ଜିପାଲି, ସାଗରରପାଲି ଓ ପୋନ୍ନିସୁଗର କଲୋନୀ ଆଦି ୧୦ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗ ନେଇଥିଲେ । ସେମାନଙ୍କ ଭିତରେ ବକ୍ତୃତା, ରଚନା, ସୃଜନାତ୍ମକ ଲିଖନ, ଶିଳ୍ପକଳା, ଚିତ୍ରକଳା, ଗଣିତ, ସାହିତ୍ୟ, ଗଳ୍ପକଥନ, ଦୌଡ ଆଦି ପ୍ରତିଯୋଗିତା ହୋଇଥିଲା । ସିଆରସିସି ସଞ୍ଜୀବ ଷଡଙ୍ଗୀଙ୍କ ସଂଯୋଜନାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦଳଗତ, ଏକକ ନୃତ୍ୟ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତିପ୍ରତିଯୋଗୀ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ । କାର୍ଯ୍ୟକ୍ରମକୁ ଶିକ୍ଷକ ପ୍ରଫୁଲ୍ଲ ପୋଢ଼, ପର୍ଶୁରାମ ବାରିକ, ଶିକ୍ଷୟିତ୍ରୀ ସୂର୍ଯ୍ୟକାନ୍ତୀ ମିର୍ଦ୍ଧା, ଶୁଭ୍ରତା ଷାଣ୍ଢଙ୍କ ସମେତ କ୍ଲଷ୍ଟରର ସମସ୍ତ ଶିକ୍ଷୟତ୍ରୀ, ଶିକ୍ଷକ ସହଯୋଗ କରିଥିଲେ ।

## କାଳୀ ମନ୍ଦିରରେ ଚାରାରୋପଣ ସହ ସଫେଇ କାର୍ଯ୍ୟକ୍ରମ

କେସିଙ୍ଗା, ୧୪ ।୧୦(ସମିସ): ଜଙ୍ଗଲ, ପରିବେଶ ତଥା ପାଣିପାଗ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ ପରିବେଶ ଅଧ୍ୟୟନ କେନ୍ଦ୍ର କାର୍ଯ୍ୟକ୍ରମ ମୁତାବକ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କେସିଙ୍ଗା ଦ୍ୱାରା କେସିଙ୍ଗା ମା'କାଳୀ ମନ୍ଦିର ପରିସରର ବିକାଶ ଅଭିଯାନ ସଫଳତାର ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ରବୀନ୍ଦ୍ର କୁମାର ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପୋଲିସ ହାଇସ୍କୁଲ ଭବାନୀପାଟଣା ଓ ଦେବାନନ୍ଦ ବାଗ ଯୋଗଦାନ କରି ମନ୍ଦିରର ଦୀର୍ଘ ମିଆଦୀ ସୁସ୍ଥ ତଥା ପରିବେଶ ଅନୁକୂଳ ବାତାବରଣ ସୃଷ୍ଟି କରିବାରେ ସୁଚିନ୍ତିତ ପରାମର୍ଶ ଓ ଦିଗଦର୍ଶନ ପ୍ରଦାନ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସମୀର କୁମାର ବେହେରା ଅଭିଯାନର ସଭାପତି ଏବଂ ୟୁଥ୍ ଏବଂ ୟୁକୋ କ୍ଲବର ସଂଯୋଜକ ଶିକ୍ଷକ ଆର୍ତ୍ତତ୍ରାଣ ଷଡଙ୍ଗୀ ପରିଚାଳନା ଦାୟିତ୍ୱ ନିର୍ବାହ କରିଥିଲେ । ପୂର୍ବାହ୍ନରେ ଇକୋ କ୍ଲବ ଓ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ବାଳିକାମାନେ ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଶୋଭାଯାତ୍ରାରେ ବାହାରି କାଳୀ ମନ୍ଦିରରେ ପହଞ୍ଚି ପୁରୋହିତ ଉମାକାନ୍ତ ଦାଶ ଓ କାଳୀ ମନ୍ଦିର ପୂଜକ ପ୍ରସନ୍ନ ମିଶ୍ର, ମନ୍ଦିର ପରିଚାଳନା କମିଟିର ସଦସ୍ୟମାନେ ତଥା ସ୍ଥାନୀୟ ପରିବେଶ ପ୍ରେମୀମାନେ ଅଂଶଗ୍ରହଣ କରି ଚରାରୋପଣ କରି ସଫେଇ କାର୍ଯ୍ୟ ସମ୍ପାଦନ କରାଯିବା ସହ ୩୪ ପ୍ରକାରର ବିଭିନ୍ନ ଫୁଲ ଗଛ ରୋପଣ କରାଯାଇଥିଲା ।ଏହାର ରକ୍ଷଣାବେକ୍ଷଣ ଓ ସୁରକ୍ଷା ପଦକ୍ଷେପ ସ୍ୱରୂପ ଆର୍ବଜନା କୁଣ୍ଡ, ଜଳ ସିଞ୍ଚନ ପାଇପ୍ ଓ ତାର ବାଡ ଉପକରଣ ମଧ୍ୟ ମନ୍ଦିରକୁ ପ୍ରଦାନ କରାଯାଇଥିଲା ।



## ଧରାକୋଟ ଥାନା ଏସ୍ଆଇଙ୍କ ପଦୋନ୍ନତି



ଧରାକୋଟ, ୧୪ ।୧୦(ସମିସ): ଧରାକୋଟ ଥାନାରେ କାର୍ଯ୍ୟରତ ଏସ୍ଆଇ ବାଲ୍ମୀକି ପ୍ରଧାନ ଇନ୍ସପେକ୍ଟର ଭାବେ ପଦୋନ୍ନତି ପାଇଛନ୍ତି। ସେ କୋରାପୁଟ ଜିଲ୍ଲାରୁ ଆସି ୨୦୨୧ରେ ଧରାକୋଟ ଥାନାରେ ଯୋଗଦେଇଥିଲେ। ଧରାକୋଟ ଥାନାରେ କାର୍ଯ୍ୟରତ ଥିବା ବେଳେ ତାଙ୍କର ପଦୋନ୍ନତି ହୋଇଥିବାରୁ ତାଙ୍କୁ ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁ, ଏସଆଇ ସସ୍ମିତା ପଣ୍ଡା, ଏଏସଆଇ ରାଜେନ୍ଦ୍ର ରାଉତ, ମୁରଲୀଧର ରାଓ, ଅନିଲ ଶବର, ହାବିଲଦାର ମନୋଜ ନାୟକଙ୍କ ସମେତ ସମସ୍ତ କର୍ମଚାରୀ ଶୁଭେଚ୍ଛା ଜଣାଇଛନ୍ତି।

## ବିଡିଓଙ୍କ ଦାୟିତ୍ୱ ଗ୍ରହଣ

ଧରାକୋଟ, ୧୪ ।୧୦(ସମିସ): ଦୀର୍ଘଦିନ ଧରି ଖାଲି ପଡ଼ିଥିବା ଧରାକୋଟ ବ୍ଲକର ବିଡିଓ ପଦବୀ ପୂରଣ ହୋଇଛି। ସୁବର୍ଣ୍ଣପୁର ଡେପୁଟି କଲେକ୍ଟର ସଂଗ୍ରାମ କେଶରୀ ଜେନା ନୂଆ ବିଡିଓ ଭାବେ ଯୋଗ ଦେଇଛନ୍ତି। ବ୍ଲକ କାର୍ଯ୍ୟାଳୟରେ ତାଙ୍କୁ ଏବିଡିଓ ସୁଶିଲ ପଟନାୟକ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ଏହି ଅବସରରେ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ପାଣିଗ୍ରାହୀ, ଯୋଗାଣ ନୀରିକ୍ଷକ ସଞ୍ଜୟ ମଲିକ, ଆରଡବ୍ଲୁଏସଏସ ବିଭାଗ ସହକାରୀ ଯନ୍ତ୍ରୀ ଚିନ୍ମୟୀ ରାଉତ, ପଞ୍ଚାୟତ ଅଧିକାରୀ ଦେବରାଜ ନାୟକ, ଗ୍ରାମ୍ୟ ଗୃହ ନିର୍ମାଣ ବିଭାଗର କୃଷ୍ଣକାନ୍ତ ପଣ୍ଡା, ସମସ୍ତ କନିଷ୍ଠ ଯନ୍ତ୍ରୀ, ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ, ସମସ୍ତ ଯୋଗାଣ ସହାୟକ, ମିଶନ ଶକ୍ତି ବିଭାଗର ପ୍ରତାପ ସ୍ୱାଇଁ, ସୁଶାନ୍ତ ନାୟକ, ବିଏସଏସଓ ସଚିନ ପାତ୍ର, ଏପିଓ ନନ୍ଦିନୀ ଦାସ, ସିଡିପିଓ ସୁନୀଲ ପ୍ରଭା ରଥଙ୍କ ସମେତ ବିଭିନ୍ନ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ଓ ବିଭିନ୍ନ ରାଜନୈତିକ ଦଳର ପ୍ରମୁଖ କର୍ମକର୍ତ୍ତା ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ଅନ୍ତୋଦୟ ଗୃହ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ

କୋଦଳା, ୧୪ ।୧୦(ସମିସ): ମଙ୍ଗଳବାର ବେଗୁନିଆପଡ଼ା ବ୍ଲକ ପରିସରରେ ନୂତନଯୋଗ୍ୟ ହିତାଧିକାରୀଙ୍କୁ ରାସନକାର୍ଡ ବଣ୍ଟନ ସହିତ, ଅନ୍ତୋଦୟ ଗୃହ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ଗୃହନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ। ବେଗୁନିଆପଡ଼ା ବ୍ଲକ ସଭାଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ସମୟସୀମା ଭିତରେ ଗୃହ ନିର୍ମାଣ କାର୍ଯ୍ୟ ସାରି ସରକାରଙ୍କ ଅତିରିକ୍ତ ପ୍ରୋତ୍ସାହନ ରାଶିର ସୁବିଧା ପାଇବା ପାଇଁ କହିଥିଲେ। ଏଥିସହ ୪୫୫ ଜଣ ଅନ୍ତୋଦୟ ଗୃହ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଓ ୪୪୦ ଜଣଙ୍କୁ ରାସନକାର୍ଡ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ କୋଦଳା ଏନ୍ଏସି ଅଧ୍ୟକ୍ଷ ସୂର୍ଯ୍ୟନାରାୟଣ ନାୟକ, ବ୍ଲକ ଅଧ୍ୟକ୍ଷା ପ୍ରତିନିଧି ଦୁର୍ଯ୍ୟୋଧନ ଗୌଡ଼, ଉପାଧ୍ୟକ୍ଷ ସୁଧାକର ପ୍ରଧାନ, ସାଂସଦ ପ୍ରତିନିଧି ଆଲୋକ କୁମାର ଶତପଥି, ଏବିଡିଓ ନିରଞ୍ଜନ ବେହେରା, ବିପିସି ବୃନ୍ଦାବନ ସାହୁ, ଯୋଗାଣ ଅଧିକାରୀ ବାଦଲ କୁମାର ବେହେରା ଉପସ୍ଥିତ ଥିଲେ।

## ବନ ଉନ୍ନୟନ ପ୍ରକଳ୍ପର ସମୀକ୍ଷା

ସୋରଡ଼ା, ୧୪ ।୧୦(ସମିସ): ସୋରଡ଼ା ନିକଟସ୍ଥ ଖାରୀଗୁଡା ନର୍ସରୀ ପରିସରରେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ବାର୍ଷିକ ସମୀକ୍ଷା ଅନୁଷ୍ଠିତ ହୋଇଯାଇଛି। ବନଜାତ ଦ୍ରବ୍ୟ ସହିତ ବିକ୍ରିରେ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଙ୍କୁ ବନସୁରକ୍ଷା ନିମିତ୍ତ ସଚେତନ କରାଯାଇଥିଲା। ଗଞ୍ଜାମ ଜିଲ୍ଲାର ବିଭିନ୍ନ ରେଞ୍ଜରୁ ମହିଳାମାନେ ବନ ବିଭାଗ ତରଫରୁ ପାଇଥିବା ସୁବିଧା ସୁଯୋଗ ନିଜର ବ୍ୟବସାୟ କରି ଆର୍ଥିକ ସ୍ତରରେ ବହୁ ବିକାଶ କରିଥିବା କହିଥିଲେ। ଏହି ରେଞ୍ଜ ଅନ୍ତର୍ଗତ ସାପୁଆର ସାଇବାବା ମହିଳା ଗୋଷ୍ଠୀ ସଦସ୍ୟ ସଫଳତା ପାଇଥିବା ବେଳେ ବନପାଳ ଅର୍ଜୁନ ଜାନୀଙ୍କୁ ଭଲ କାର୍ଯ୍ୟ କରୁଥିବା ବନ କର୍ମଚାରଙ୍କୁ ସମ୍ମାନୀତ କରାଯାଇଛି। ଏହାକୁ ସ୍ଥାନୀୟ ବିଧାୟକ ନୀଳମଣି ବିଷୋୟୀ ଓ ଆରସିସିଏଫ ବିଶ୍ୱନର ନିଲାମ୍ବର, ବିଶ୍ୱଜିତ ସାହୁ, ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଦୀପ କୁମାର ପଟ୍ଟନାୟକ, ଦକ୍ଷିଣ ଘୁମୁସର ବନ ଖଣ୍ଡ ଅଧିକାରୀ ବିପାସା ପାରୁଲ, ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି, ଅତିରିକ୍ତ ବନଖଣ୍ଡ ଅଧିକାରୀ ପ୍ରଦୀପ କୁମାର ବେହେରା, ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ସତ୍ୟ ବିକ୍ରମ ତରାଇ, ବୁଗୁଡା ଥାନାଧିକାରୀ ସିତାଂସୁ ଶେଖର ମହାପାତ୍ର, ଓମ୍ ପ୍ରକାଶ ପଟ୍ଟନାୟକ, ଲିପିକା ଏନଜିଓ ଡିରେକ୍ଟର ରଞ୍ଜିତା ଦାସ ପ୍ରମୁଖ ମଞ୍ଚାସିନ ହୋଇଥିବା ବେଳେ ବଡ଼ଗଡ଼ ବନାଞ୍ଚଳ ଅଧିକାରୀ ଅଞ୍ଜନ କୁମାର ନାୟକ, ସୋରଡ଼ା ବନାଞ୍ଚଳ ଅଧିକାରୀ ନିହାର ରଞ୍ଜନ ମଲ୍ଲିକ ଆଦିଙ୍କ ତତ୍ତ୍ୱାବଧାନ ସହିତ କାର୍ଯ୍ୟରତ ଫରେଷ୍ଟର, ବନପାଳ, ବନରକ୍ଷୀ ସହଯୋଗ କରିଥିଲେ। ସ୍ଥାନୀୟ ଆଦର୍ଶ ବିଦ୍ୟାଳୟ ଓ ଅଞ୍ଚଳର କିଛି ସରକାରୀ ବିଦ୍ୟାଳୟର ଛାତ୍ରଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଶୁଭକାନ୍ତ ମିଶ୍ରଙ୍କ ସଂଯୋଜନା ମଞ୍ଚ ବେଶ ଆକର୍ଷଣୀୟ ହୋଇଥିଲା। ସୁଭମ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ସମାଜସେବୀଙ୍କ ସ୍ମୃତିଚାରଣ ସଭା

ରମ୍ଭା, ୧୪ ।୧୦(ସମିସ): ସ୍ଥାନୀୟ କଲେଜ ଛକ ବଡ଼ସାହି ପରିସରରେ ସମାଜସେବୀ ତଥା ଆଧ୍ୟାତ୍ମିକବାଦୀ ମହିଳା ବି. ବୁଢ଼ୀ ଆମ୍ମା ପାତ୍ରଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ କାଉନସିଲର ଡମ୍ବରୁ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବୁଢ଼ୀ ଆମ୍ମାଙ୍କ ଗୁଣଗାନ କରିଥିଲେ ଉପସ୍ଥିତ ବକ୍ତା। ସୋମନାଥ ରେଡ଼ି, ଜେ ଗଙ୍ଗା ପାତ୍ର, ବି. ସନ୍ୟାସୀ ପାତ୍ର, ବି. କାଳିଆ, ବି ଲାଛମେୟା, ବି. କାଙ୍ଗାଳି, ଜେ. ସୁଭଦ୍ରା, ଜେ ସମ୍ବାରୀ, ବି. ବନମାଳୀ, ବି. ବିଶ୍ୱଜିତ, ବି ଚକ୍ରପାଣି, ବି. ସନ୍ତୋଷ, ବି. ରବୀନ୍ଦ୍ର, ଜେ. ଭାସ୍କର ପାତ୍ର, ଏମ ଜଗନ୍ନାଥ, ଜେ. ରାମଚନ୍ଦ୍ର ପାତ୍ର, ନାତି ଓ ନାତୁଣୀ, ଆତ୍ମୀୟ ସ୍ୱଜନ, ଗ୍ରାମବାସୀ ଓ ଶୋକ ସନ୍ତପ୍ତ ପରିବାର ଉପସ୍ଥିତ ରହିଥିଲେ।

## ଚାଷୀଙ୍କ ପିଛା ଛାଡୁନି ବିପଦ

# ସାର ସଂକଟ ପରେ ଚକଡ଼ା ଚଡ଼କ

ଭଞ୍ଜନଗର, ୧୪ ।୧୦(ସମିସ)



ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଉପଖଣ୍ଡ ଚାଷୀଙ୍କୁ ବିପଦ ପିଛା ଛାଡୁନି। ପ୍ରଥମେ ସାର ସଂକଟ ଦେଖାଦେଇଥିବାବେଳେ ଏବେ ଚକଡ଼ା ପୋକ ମାଡ଼ି ଚାଲିଛି। ଉପଖଣ୍ଡର ଶହ ଶହ ହେକ୍ଟର ଜମିରେ ଚକଡ଼ା ଲାଗିଥିବା ଯୋଗୁଁ ଚାଷୀ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଚାଷ ଜମିରେ ଚକଡ଼ା ପୋକ ଲାଗି ଧାନଗଛ ଶୁଖି ହଳଦିଆ ପଡ଼ିଯିବା ସହ କିଛିଦିନ ପରେ ମରିଯାଉଛି। କୃଷି କର୍ମଚାରୀ ଗାଁକୁ ଗାଁ ବୁଲି ଚାଷୀଙ୍କୁ ପରାମର୍ଶ ଦେବା ସହ ସଚେତନ କରୁଛନ୍ତି। ହେଲେ କୀଟନାଶକ ସିଞ୍ଚନ କଲେ ମଧ୍ୟ ପୋକ କମିବାର ନାଁ ଧରୁନି। ସରକାରୀ ତଥ୍ୟ ଅନୁଯାୟୀ, ଚଳିତ ଖରିଫ୍ ଋତୁରେ ଭଞ୍ଜନଗର ଉପଖଣ୍ଡର ୫୦ ହଜାର ହେକ୍ଟରରୁ ଉର୍ଦ୍ଧ୍ୱ ଜମିରେ ଧାନ ଚାଷ ହୋଇଛି। ଖରିଫ୍ ଚାଷ ଆରମ୍ଭରୁ ସଅଳ ବର୍ଷା ଯୋଗୁଁ ଚାଷୀ ଚାଷ କାମକୁ ଆଗେଇ ନେଇଥିଲା। ଠିକ୍ ସମୟରେ ଆବଶ୍ୟକ ବର୍ଷା ହେବାରୁ ଧାନ ଫସଲ ଭଲ ହୋଇଥିଲା। ହେଲେ ଅମଳ ସମୟରେ ଚକଡ଼ା ପୋକ ଚାଷୀଙ୍କ ଚିନ୍ତା ବଢ଼ାଇଛି। ବିଶେଷକରି ଭଞ୍ଜନଗର ବ୍ଲକ ଗାଲେରୀ ଓ ଯୋଗିମାରୀ ଅଞ୍ଚଳର ଏହି ରୋଗ ଅଧିକ ହୋଇଛି। ହେକ୍ଟର ହେକ୍ଟର ଜମିରେ ଧାନ ଗଛ ଶୁଖି ମରିଗଲାଣି। ମା' କାଳୀ କୃଷକ ସଂଘ ସଭାପତି ରବୀନ୍ଦ୍ର ଶତପଥିଙ୍କ କହିବା କଥା ଧାନଗଛ ମୂଳରୁ ଟିକିଏ ଉପର ଅଂଶରେ ମାଟିଆ ରଙ୍ଗର ଚକଡ଼ା ପୋକ ଜମା ହୋଇ ଗଛର ସବୁଜ ଅଂଶକୁ ଶୋଷଣ କରୁଛନ୍ତି। ଫଳରେ ଗଛ ମାଟିରୁ ଖାଦ୍ୟ ସାର ନପାଇ ଶୁଖି ହଳଦିଆ ପଡ଼ିଯାଉଛି। କିଛିଦିନ ପରେ ଧାନଗଛ ସବୁ ମରିଯାଉଛି। ଧାନ ଗଛରେ କ୍ଷୀର ଧରିବା ସମୟରେ ରୋଗପୋକ ଲାଗିଥିବା ଯୋଗୁଁ ଚାଷୀ ଚିନ୍ତାରେ ପଡ଼ିଛି। ଭଞ୍ଜନଗର ବ୍ଲକ ଗାଲେରୀ ଗ୍ରାମର ରବୀନ୍ଦ୍ର ଶତପଥି, ରବୀନ୍ଦ୍ର ପଟ୍ଟନାୟକ, ରଞ୍ଜନ କୁମାର ଦାସ, ଭିକାରୀ ଦଳବେହେରା, ଦୈତାରୀ ପଟ୍ଟନାୟକ, ଗଣେଶ ଦଳବେହେରା, ଗଜାନନ ରଣା, ଟୁନା ପଟ୍ଟନାୟକ, କାଳୀ ଚରଣ ଗୌଡ଼, ବସନ୍ତ ପଟ୍ଟନାୟକଙ୍କ ସମେତ ଉପଖଣ୍ଡର ବିଭିନ୍ନ ବ୍ଲକର ଧାନ ଫସଲରେ ଚକଡା ପୋକ ଲାଗିଥିବାରୁ ଉପଖଣ୍ଡର ଚାଷୀ ଆତଙ୍କିତ ହୋଇପଡ଼ିଛନ୍ତି। ଅନ୍ୟପଟେ ଆତଙ୍କିତ ନହୋଇ କ୍ଷେତରେ ସଠିକ ସମୟରେ ଜଳ ପରିଚାଳନା କରିବା ସହ କୃଷି ଅଧିକାରୀଙ୍କ ପରାମର୍ଶକ୍ରମେ କ୍ଷେତରେ ନିୟମିତ ଔଷଧ ପକାଇବାକୁ ଭଞ୍ଜନଗର କୃଷି ଜିଲ୍ଲା ଅଧିକାରୀ ବ୍ୟୋମୋକେଶ ମିଶ୍ର ଚାଷୀଙ୍କୁ ପରାମର୍ଶ ଦେଇଛନ୍ତି।

● ବିଡ଼ିଓ ଓ ବସ୍ ମାଲିକଙ୍କ ବୈଠକ

## ଖୁବ୍ଶୀଘ୍ର ବସ୍ଷ୍ଟାଣ୍ଡରୁ ଗଡ଼ିବ ଘରୋଇ ବସ୍



ଶେରଗଡ଼, ୧୪ ।୧୦(ସମିସ): ଅଞ୍ଚଳବାସୀଙ୍କ ଯୋଗାଯୋଗକୁ ସୁରକ୍ଷିତ କରିବା ଲାଗି ପୂର୍ବତନ ମୂଖ୍ୟମନ୍ତ୍ରୀ ତଥା ବର୍ତ୍ତମାନର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ୨୦୨୩ରେ ବସଷ୍ଟାଣ୍ଡର ଉଦଘାଟନ କରିଥିଲେ। କିନ୍ତୁ ବସଷ୍ଟାଣ୍ଡ ପରିସରକୁ ମୋ ବସ ବ୍ୟତୀତ ବେସରକାରୀ ବସ ପ୍ରବେଶ କରୁନଥିଲା। ଏଭଳି ପରିସ୍ଥିତି ଦୁଇ ବର୍ଷ ଲାଗି ରହିଥିଲା। ମଙ୍ଗଳବାର ଶେରଗଡ଼ ବ୍ଲକ ସମ୍ମିଳନୀ କକ୍ଷରେ ସ୍ଥାନୀୟ ବିଡିଓ ତୃପ୍ତିମୟୀ ଜେନାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଗଞ୍ଜାମ ଜିଲ୍ଲା ଆରଟିଓ ଭାଗିରଥି ନାୟକ, ଓଏସଆରଟିସି ଗଞ୍ଜାମ ଜିଲ୍ଲା ଅଧିକାରୀ ବିଶ୍ୱ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଶେରଗଡ଼ ବସ ମାଲିକ ସଂଘଙ୍କ ସହିତ ବେସରକାରୀ ବସ କେମିତି ସୁରୁଖୁରୁରେ ବସଷ୍ଟାଣ୍ଡକୁ ଯିବା ଆସିବା କରିବ, ସେନେଇ ଆଲୋଚନା କରାଯାଇଥିଲା ଏବଂ ବେସରକାରୀ ବସ ଖୁବ କମ ଦିନ ମଧ୍ୟରେ ବସଷ୍ଟାଣ୍ଡ କୁ ପ୍ରବେଶ କରିବ ବୋଲି ଆଲୋଚନାରୁ ଜଣାପଡ଼ିଛି। ଏଭଳି ହେଲେ ଶେରଗଡ଼ ବଜାରରେ ଉପୁଜୁଥିବା ଟ୍ରାଫିକ ସମସ୍ୟା ବହୁଳ ମାତ୍ରାରେ ସୁଧାର ହୋଇପାରିବ। ଅନ୍ୟ ମାନଙ୍କ ମଧ୍ୟରେ ଶେରଗଡ଼ ଘରୋଇ ବସ ମାଲିକ ସଂଘ ସଭାପତି ହରେକୃଷ୍ଣ ପ୍ରଧାନ, ସମ୍ପାଦକ ବୁଲୁ ପୋଲେଇ, ଉପସଭାପତି ଜିତୁ ଗୌଡ, କୋଷାଧ୍ୟକ୍ଷ ରଞ୍ଜନ ପାତ୍ର, ଷ୍ଟାଣ୍ଡ ସେକ୍ରେଟାରୀ ମିଥୁନ ଗୌଡ଼ଙ୍କ ସହ ବସ ମାଲିକ ସଂଘର ସମସ୍ତ ସଦସ୍ୟ, ଓଏସଆରଟିସି ଶେରଗଡ଼ ଶାଖାର ପରିଚାଳକ ଜଗନ୍ନାଥ ନାୟକ ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ପାଇଁ ପ୍ରସ୍ତୁତି ବୈଠକ



ପାରଳାଖେମୁଣ୍ଡି, ୧୪।୧୦(ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ହାଇଟେକ୍ ପ୍ଲାଜାରେ ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ୭୯ତମ ଜନ୍ମଦିନ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ନବୀନ ପଟ୍ଟନାୟକଙ୍କ ଜନ୍ମଦିନରେ ପାରଳାଖେମୁଣ୍ଡି ସହରରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ବୈଠକରେ ଗୁମ୍ମା, ଗୋଷାଣି, କାଶୀନଗର ବ୍ଲକର ସମସ୍ତ ଜନପ୍ରତିନିଧିଙ୍କ ସମେତ ଜିଲ୍ଲା ବିଜେଡି ସଭାପତି ପ୍ରଦୀପ ନାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ, ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳା ସେଠୀ, ଉପାଧ୍ୟକ୍ଷ ଲେଙ୍କା ଉପସ୍ଥିତ ଥିଲେ।

## କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ

ଜଗନ୍ନାଥପ୍ରସାଦ, ୧୪ ।୧୦(ସମିସ): ଜଗନ୍ନାଥପ୍ରସାଦ ଗୋଷ୍ଠୀ ଶିକ୍ଷାଧିକାରୀ ଅଧୀନ ଅଳସୁଗୁମ୍ମା ଆଞ୍ଚଳିକ ସାଧନ କେନ୍ଦ୍ର ଆନୁକୂଲ୍ୟରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସାଧନ କେନ୍ଦ୍ର ସିଆରସିସି ସରୋଜ କୁମାର ବେହେରାଙ୍କ ସଂଯୋଜକରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସହ ଗୋଷ୍ଠୀ ଶିକ୍ଷାଧିକାରୀ ସୀମାଞ୍ଚଳ ଯାନୀ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ



ନର୍ମଦା ନାଇକ, ସମିତି ମେମ୍ବର ରଶ୍ମିତା ସେଠୀ, ଅବସରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ପ୍ରଧାନ, ପ୍ରଧାନ ଶିକ୍ଷକ ବାଇରୀ ବେହେରା, ଜୟନ୍ତୀ ଦେବୀ, ବିଦ୍ୟାଳୟ ପରିଚାଳନା କମିଟି କୃଷ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ମଞ୍ଚାସିନ ରହିଥିଲେ। କ୍ଲଷ୍ଟର ଅଧୀନ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ବକ୍ତୃତା, ଚିତ୍ରାଙ୍କନ, (ପିଏମପୋଷଣ) ଶିଳ୍ପୀକଳା ଓ ଚିତ୍ରକଳା, ସୃଜନଶୀଳ ଲେଖନୀ ପରୀକ୍ଷାରେ ଭାଗ ନେଇଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଶ୍ରୀଧର ଆଚାର୍ଯ୍ୟ କାର୍ଯ୍ୟକ୍ରମକୁ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଶିକ୍ଷକ କମଳ ଲୋଚନ ତ୍ରିପାଠୀ, ଗୋପାଳକୃଷ୍ଣ ନାୟକ, ଗଣେଶ୍ୱର ପ୍ରଧାନ, ଖଦାଳ ପ୍ରଧାନ ଓ ସମସ୍ତ ଶିକ୍ଷକ ସହଯୋଗ କରିଥିଲେ।

## ବେକାର ଯୁବକଯୁବତୀଙ୍କ ପାଇଁ ବୁଝାମଣାପତ୍ର ସ୍ୱାକ୍ଷର



ଫୁଲବାଣୀ, ୧୪।୧୦(ସମିସ): ସ୍ଥାନୀୟ ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୁକ୍ତି କାର୍ଯ୍ୟାଳୟଠାରେ ଜିଲ୍ଲା ଦକ୍ଷତା ବିକାଶ ଏବଂ ନିଯୁକ୍ତି ଅଧିକାରୀ ପୁରୁଷୋତ୍ତମ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ବୁଝାମଣାପତ୍ର ସ୍ୱାକ୍ଷର ସମାରୋହ ଆୟୋଜନ କରାଯାଇଥିଲା। ଜିଲ୍ଲାର ବେକାର ଯୁବକ ଯୁବତୀମାନଙ୍କ ପାଇଁ ପ୍ଲେସମେଣ୍ଟ ଲିଙ୍କଡ ସ୍କିଲ୍ ଡେଭଲପମେଣ୍ଟ ଟ୍ରେନିଂ କାର୍ଯ୍ୟକ୍ରମ ହାତକୁ ନେବାକୁ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ଟ୍ରେନିଂ ପାର୍ଟନର ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। ଗାୟତ୍ରୀ ଚାରିଟେବଲ୍ ଟ୍ରଷ୍ଟ, ଡାଟାପ୍ରୋ କମ୍ପ୍ୟୁଟର, ଗାଲାକ୍ସି କମ୍ପ୍ୟୁଟର, ବିଜ୍ଞାନ ଭାରତୀ ଚାରିଟେବଲ୍ ଟ୍ରଷ୍ଟ, ଉପାସନା ଏଜୁକେସନ୍ ଟ୍ରଷ୍ଟ, ବ୍ୟାଙ୍କିଙ୍ଗ୍ ଆଣ୍ଡ ଫାଇନାନ୍ସିଆଲ୍ ସେକ୍ଟର୍ ସ୍କିଲ୍ କାଉନସିଲ୍ ଓ ଭିକ୍ଟସ୍ ଡାଇଙ୍ଗ୍ରର ଅଧିକାରୀଙ୍କ ସମେତ ଜିଲ୍ଲା ସଂସ୍କୃତି ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅକ୍ଷୟ କୁମାର ସେଠୀ, ଫୁଲବାଣୀ ଆଇଟିଆଇ ଅଧ୍ୟକ୍ଷ ଅଂଶଗ୍ରହଣ କରିଥିଲେ।

# ପ୍ରଶାସନ ପହଞ୍ଚି ପାରିଲାନି, ପହଞ୍ଚିଲେ ବିଧାୟକ

ପାରଳାଖେମୁଣ୍ଡି, ୧୪।୧୦(ସମିସ): ଗଜପତି ଜିଲ୍ଲା କାଶୀନଗର ବ୍ଲକ ପାର୍ତ୍ତଡା ପଞ୍ଚାୟତର ଆରିମ୍ବା ଗ୍ରାମବାସୀଙ୍କ ଦୁଃଖ ବୁଝିଲେ ପାରଳାଖେମୁଣ୍ଡି ବିଧାୟକ ଇଂ.ରୁପେଶ ପାଣୀଗ୍ରାହୀ। ପ୍ରାକୃତିକ ବିପର୍ଯ୍ୟୟ କ୍ଷୟକ୍ଷତି ଅଞ୍ଚଳରେ ଆଜି ପ୍ରସାଶନ ପୂର୍ବରୁ ବିଧାୟକ ପହଞ୍ଚିଛନ୍ତି। ଏପରି ଏକ ଘଟଣା ଦେଖିବାକୁ ମିଳିଛି ଆରିମ୍ବା ଗ୍ରାମରେ। ନିକଟ ଅତୀତରେ ହୋଇଥିବା ଲଘୁଚାପ ଜନିତ ଲଗାଣ ବର୍ଷାରେ ଜିଲ୍ଲାରେ ଅନେକ କ୍ଷୟକ୍ଷତି ହୋଇଥିବା ବେଳେ ଝାମୀ ଗ୍ରାମରୁ ଆରିମ୍ବା ୭ କିମି ରାସ୍ତା ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହୋଇଛି। ପୂର୍ବରୁ ଭଲ ରାସ୍ତା ନଥିଲା। ବର୍ତ୍ତମାନର ଲଗାଣ ବର୍ଷା ବୋଝ ଉପରେ ନଳିତା ବିଡା ସାଦୃଶ୍ୟ ହୋଇଛି। ଏଥିଯୋଗୁଁ ୫୦୦ରୁ ଅଧିକ ପରିବାର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ଜୀବନଜୀବିକା ସହ ଉକ୍ତ ଖରାପ ରାସ୍ତା ଦେଇ ଯାତାୟତ କରୁଛନ୍ତି। କ୍ଷୟକ୍ଷତି ଆକଳନ ଜିଲ୍ଲା ପ୍ରଶାସନ ଦ୍ୱାରା ଚାଲିଛି। ଏହି ଘଟଣା ଉପରେ ପ୍ରଶାସନର ନଜର ପଡ଼ିବା ଦୂରର କଥା ତୃଣମୂଳସ୍ତରର ସରକାରୀ କର୍ମଚାରୀଙ୍କର ପାଦ ପଡ଼ି ନାହିଁ ଗ୍ରାମରେ। ଯାହାକୁ ନେଇ ଆଜି ଶତାଧିକ ଗ୍ରାମବାସୀ ନିଜ ପାଖରେ ବିଧାୟକ ଶ୍ରୀ ପାଣିଗ୍ରାହୀଙ୍କୁ ପାଇ ଖୁସି ପ୍ରକଟ କରିବା ସହ ସମସ୍ୟା ଜଣାଇଥିଲେ। ସେପଟେ ଉକ୍ତ ରାସ୍ତା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଡିପିଆର୍ ପ୍ରସ୍ତୁତ ହୋଇସାରିଛି। ନୂଆ ବର୍ଷରୁ କାର୍ଯ୍ୟ ଆରମ୍ଭ ହେବ ବୋଲି ଯେଉଁ ପ୍ରତିଶ୍ରୁତି ମିଳିଛି ତାହା ଉପରେ ନା ଗ୍ରାମବାସୀଙ୍କର ବିଶ୍ୱାସ ଅଛି ନା ସମ୍ଭାବନା ଦେଖାଯାଉଛି ବୋଲି ବିଧାୟକ ଶ୍ରୀ ପାଣିଗ୍ରାହୀ କହିବା ସହ ତୁରନ୍ତ ସମସ୍ୟାର ସମାଧାନ ଦିଗରେ ପ୍ରଶାସନ କାର୍ଯ୍ୟ କରିବାକୁ ଅନୁରୋଧ କରିଛନ୍ତି।



# ସରକାରୀ ଜମି ବିକିଥିଲେ ଶିକ୍ଷକ; ଉଚ୍ଛେଦ କଲା ପ୍ରଶାସନ

ଫୁଲବାଣୀ, ୧୪।୧୦(ସମିସ)



ଜଣେ ସରକାରୀ ଶିକ୍ଷକ ସରକାରୀ ଜମି ଜବରଦଖଲ କରି ଏହାକୁ ଅନ୍ୟମାନଙ୍କୁ ବିକ୍ରି କରିଥିଲେ। ସେଠାରେ ଘର ମଧ୍ୟ ନିର୍ମାଣ ସରିଥିଲା। ଏ ନେଇ ବହୁ ଦିନରୁ ଅଭିଯୋଗ ହୋଇ ଆସୁଥିଲା। ଶେଷରେ ମଙ୍ଗଳବାର ଫୁଲବାଣୀ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପୁଲିସ ଫୋର୍ସ ସହ ପହଞ୍ଚି ଜେସିବି ଲଗାଇ ଜବରଦଖଲ ଉଚ୍ଛେଦ କରିଛନ୍ତି। ଉଚ୍ଛେଦ ସମୟରେ କିଛି ରାଜନୈତିକ ବ୍ୟକ୍ତି ପହଞ୍ଚି ହସ୍ତକ୍ଷେପ କରିଥିଲେ ମଧ୍ୟ ପ୍ରଶାସନ ଶୁଣିନଥିଲା। ଅପରପକ୍ଷରେ ଶିକ୍ଷକ ଜଣକ ନିଜେ ରହୁଥିବା ନିଜସ୍ୱ ଗୃହ ଭାଙ୍ଗିବା ଲାଗି ୧୭ ତାରିଖକୁ ଦିନ ଧାର୍ଯ୍ୟ ହୋଇଥିବା ତହସିଲଦାର ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଫୁଲବାଣୀ ସହର ନାରାୟଣୀ ମନ୍ଦିର ନିକଟସ୍ଥ କେନ୍ଦ୍ରୀୟ ବିଦ୍ୟାଳୟ ରାସ୍ତାରେ ସରକାରୀ ଜମିରେ ପୂର୍ବରୁ ବନ ବିଭାଗ ପକ୍ଷରୁ ଚନ୍ଦନ ଚାରାରୋପଣ କରାଯାଇଥିଲା। ଏଠାରେ ସରକାରୀ ବୋର୍ଡ ଲାଗିଥିବା ସତ୍ତ୍ୱେ ସମ୍ପୃକ୍ତ ଶିକ୍ଷକ ଜଣକ ଚନ୍ଦନ ଗଛ କାଟି ଜବରଦଖଲ କରିବା ସହିତ ସେଠାରେ ଘର ନିର୍ମାଣ କରିଥିଲେ। ଏପରିକି କିଛି ଅଂଶକୁ ଅନ୍ୟମାନଙ୍କୁ ଲକ୍ଷ ଲକ୍ଷ ଟଙ୍କାରେ ବିକ୍ରି କରିଥିଲେ। ପୂର୍ବତନ ତହସିଲଦାର ଏହାର ତଦନ୍ତ କରି ନିର୍ମାଣ କାର୍ଯ୍ୟ ବନ୍ଦ କରିବା ସହିତ ସେଠାରେ ପୁଣି ସରକାରୀ ଫଳକ ଲଗାଇଥିଲେ। ତେବେ ତାଙ୍କର ବଦଳି ପରେ ସମ୍ପୃକ୍ତ ଶିକ୍ଷକ ଜଣକ ସେହି ଜାଗାରେ ପୁଣି କୋଠା ନିର୍ମାଣ କାମ ଆରମ୍ଭ କରି ଦେଇଥିଲେ। ପ୍ରଶାସନ ପକ୍ଷରୁ ଉଚ୍ଛେଦ ପାଇଁ ପ୍ରକ୍ରିୟା ଆରମ୍ଭ ହେବା ପରେ ସମ୍ପୃକ୍ତ ଶିକ୍ଷକ ଜଣକ ରାଜନୈତିକ ଚାପ ପକାଇଥିଲେ। ତେବେ ଇତି ମଧ୍ୟରେ ତହସିଲଦାର ଉଚ୍ଛେଦ ପାଇଁ ନୋଟିସ ଜାରି କରିଥିଲେ। ସମ୍ପୃକ୍ତ ଶିକ୍ଷକ କୋର୍ଟକୁ ଯାଇଥିଲେ ହେଁ, କୋର୍ଟ ଏହାକୁ ଆଗ୍ରାହ୍ୟ କରି ଦେଇଥିଲେ। ଶେଷରେ ଆଜି ତହସିଲଦାର ନିଜେ ଉପସ୍ଥିତ ରହି ଘରକୁ ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ଜବରଦଖଲ ଉଚ୍ଛେଦ କରିଛନ୍ତି।

## ବିଭିନ୍ନ ଦାବି ନେଇ କଳାକାର ସଙ୍ଘର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର




ଫୁଲବାଣୀ, ୧୪।୧୦(ସମିସ): କଳାର ରାଜ୍ୟ ଉତ୍କଳରେ କଳାକାରଙ୍କ ପ୍ରତି ଅବିଚାର କରାଯାଉଛି। ଏହାର ପ୍ରତିବାଦରେ ଆଜି ଜିଲ୍ଲା ବରିଷ୍ଠ କଳାକାର ସଙ୍ଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ରାମନାଟକ, ଘୁଡୁକି, ଦଣକୋଇଲା ଭଳି ଲୁପ୍ତପ୍ରାୟ କଳାର ପୁନରୁଦ୍ଧାର, କେନ୍ଦ୍ର ସରକାରଙ୍କ ବରିଷ୍ଠ କଳାକାର ପେନସନ ତାଲିକା ଶୀଘ୍ର ପ୍ରକାଶ କରିବା, କଳାକାର ଭତ୍ତା ଶୀଘ୍ର ପ୍ରଦାନ କରିବା, ଦୁଇ ବର୍ଷ ହେଲା ପଡ଼ି ରହିଥିବା ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାର ଚୟନ ପ୍ରକ୍ରିୟା ତ୍ୱରାନ୍ୱିତ କରିବା, କେନ୍ଦ୍ର ସରକାରଙ୍କ କଳାକାର ଭତ୍ତା ୧୦ ହଜାର ଟଙ୍କାକୁ ଓ ରାଜ୍ୟ ସରକାରଙ୍କ ଭତ୍ତା ୫ ହଜାର ଟଙ୍କାକୁ ବୃଦ୍ଧି କରିବା ଏବଂ ବ୍ଲକ ସ୍ତରରେ କଳା ପ୍ରଦର୍ଶନ କେନ୍ଦ୍ର ସ୍ଥାପନ କରିବା ପାଇଁ ଦାବି କରାଯାଇଛି। ସଙ୍ଘ ସଭାପତି ତ୍ରିନାଥ ପଣ୍ଡା ଓ ସମ୍ପାଦକ ନିରାକାର ପୂଜାରୀଙ୍କ ନେତୃତ୍ୱରେ ଶତାଧିକ ପୁରୁଷ ଓ ମହିଳା କଳାକାର ଆଜି ପାରମ୍ପରିକ ବେଶଭୂଷାରେ ସଜ୍ଜିତ ହୋଇ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଜିଲାପାଳ ବେଦଭୂଷଣଙ୍କୁ ଏହି ଦାବିପତ୍ର ପ୍ରଦାନ କରିଛନ୍ତି।

### ସ୍କୁଲ ଗାଡ଼ି ଓ ଟ୍ରାକ୍ଟର ମୁହାଁମୁହିଁ ଧକ୍କା

## ଅଳ୍ପକେ ବର୍ତ୍ତିଲେ ଛାତ୍ରୀଛାତ୍ର

**ଯାଜପୁର, ୧୪।୧୦(ସମିସ) :** ସ୍କୁଲ ଗାଡ଼ି ଓ ଟ୍ରାକ୍ଟର ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଅଳ୍ପକେ ବର୍ତ୍ତି ଯାଇଥିଲେ ଛାତ୍ରୀଛାତ୍ର ଓ ଗାଡ଼ି ଚାଳକ। ଘଟଣାରୁ ପ୍ରକାଶ ମଙ୍ଗଳବାର ଅପରାହ୍ଣରେ ଏକ ଟାଟା ମ୍ୟାଜିକ ଗାଡ଼ି ଯାଜପୁର କେନ୍ଦ୍ରୀୟ ବିଦ୍ୟାଳୟରୁ ୧୦/୧୨ଜଣ ଛାତ୍ରୀଛାତ୍ରଙ୍କୁ ନେଇ ଫେରୁଥିବା ବେଳେ ଦେବୀଦ୍ୱାର ମହାବୀର ଜିମ୍ନାସିୟମ ନିକଟରେ ବିପରୀତ ଦିଗରୁ ଓଡି-୨୨ଟି-୯୭୨୭ ନମ୍ବରର ଏକ ବାଲି ବୋଝେଇ ଟ୍ରାକ୍ଟର ଗାଡ଼ି ଧକ୍କା ଦେଇ ଏକ ଇଲେକ୍ଟ୍ରି ଖୁଣ୍ଟରେ ନେଇ ପିଟି ଦେଇଥିଲା। ଭାଗ୍ୟ ବଶତଃ ଘଟଣାସ୍ଥଳରେ ଅଳ୍ପକେ ବର୍ତ୍ତି ଯାଇଥିଲେ ସ୍କୁଲର ଛାତ୍ରୀଛାତ୍ର ଓ ସମ୍ପୃକ୍ତ ଗାଡ଼ି ଚାଳକ। ତେବେ ଟ୍ରାକ୍ଟର ଚାଳକଙ୍କ ମଧ୍ୟ କିଛି କ୍ଷତି ହୋଇନଥିବା ଜଣାପଡ଼ିଛି। ଖବର ପାଇ ଯାଜପୁର ଟାଉନ ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ସହିତ ଟ୍ରାକ୍ଟର ଚାଳକ ମଦ୍ୟ ପାନ କରି ଗାଡ଼ି ଚଳାଇ ଦୁର୍ଘଟଣା ଘଟାଇଥିବା ଜାଣିବାକୁ ପାଇବା ସହ ସମ୍ପୃକ୍ତ ଟ୍ରାକ୍ଟର ଚାଳକକୁ ଥାନାରେ ଅଟକ ରଖି ପଚରାଉଚରା କରିଥିବା ଜଣାପଡ଼ିଛି।



## ଜିଲ୍ଲାସ୍ତରୀୟ ନାଟ୍ୟ ପରିବେଷଣ ପ୍ରତିଯୋଗିତା

**ଯାଜପୁର, ୧୪।୧୦(ସମିସ):** ଯାଜପୁର ମ୍ୟୁନିସିପାଲ ସରକାରୀ ଉଚ୍ଚ ବିଦ୍ୟାଳୟ, ବାହାବାଳପୁର ପରିସରରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଯାଜପୁର ତରଫରୁ ଜିଲ୍ଲାସ୍ତରୀୟ ନାଟ୍ୟ ପରିବେଷଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୪ଟି ହାଇସ୍କୁଲରୁ ୬୪ ଜଣ ପ୍ରତଯୋଗୀ ଓ ସେମାନଙ୍କର ଗାଇଡ୍ ଶିକ୍ଷକମାନେ ଅଂଶଗ୍ରହଣ କରିଥିଲେ। ଇଣ୍ଟରନେଟ ସୁରକ୍ଷା, ମାନସିକ ସ୍ୱାସ୍ଥ୍ୟ, ବାଳିକାମାନଙ୍କ ସାମାଜିକ ସୁରକ୍ଷା ଆଦି ବିଷୟ ବସ୍ତୁକୁ ନେଇ ଛାତ୍ରଛାତ୍ରୀ ଦଳୀୟ ଭାବେ ସେମାନଙ୍କର ନାଟ୍ୟ ପରିବେଷଣ କରିଥିଲେ। ବିଚାରକ ରୂପେ ଯାଜପୁର ନାଟ୍ୟ ସଂସଦର ସଭ୍ୟ ସୁବାସ ଚନ୍ଦ୍ର ମହାପାତ୍ର, କଳାକାର ଭାବଗ୍ରାହୀ ମିଶ୍ର ଓ ଅମୂଲ୍ୟ କୁମାର ଜେନା ସହଯୋଗ କରିଥିଲେ। ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ସେଠିଙ୍କ ସଭାପତିତ୍ୱରେ ଏକ ଉଦଘାଟନୀ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ଯାଜପୁର ତରଫରୁ ମୁଖ୍ୟ ଅତିଥି ରୂପେ ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁ ଯୋଗଦାନ କରି ଛାତ୍ରଛାତ୍ରୀ ମାନଙ୍କୁ ଉଦବୋଧନ ଦେଇଥିଲେ। ଏହି ପ୍ରତିଯୋଗିତାରେ ଦଶରଥପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ପ୍ରଥମ, ଓଏଭି ରସୁଲପୁର ଦ୍ୱିତୀୟ ଏବଂ ଓଏଭି ବଡ଼ଚଣା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଅପରାହ୍ନରେ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇ ବିଜେତାମାନଙ୍କୁ ଟ୍ରଫି ସହ, ମେଡାଲ ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଫଳତାର ସହ ସମାପନ କରିବାରେ ଉକ୍ତ ବିଦ୍ୟାଳୟର ଶିକ୍ଷୟତ୍ରୀ ଇପ୍ସିତା ସାହୁଙ୍କ ସହ ଅନ୍ୟ ଶିକ୍ଷକ ଓ କର୍ମଚାରୀ ମାନେ ସହଯୋଗ କରିଥିଲେ। ଏହି ପ୍ରତିଯୋଗିତାର ପ୍ରଥମ ବିଜେତା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ମନୋନୀତ ହୋଇଥିଲେ।



## ମଙ୍ଗଳପୁର ପୁଲିସର ଯାଞ୍ଚ କଡ଼ାକଡ଼ି

**କୟାଁଗୋଲା, ୧୪।୧୦(ସମିସ):** ଯାଜପୁର ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶକ କ୍ରମେ ବିଭିନ୍ନ ସ୍ଥାନରେ ମଙ୍ଗଳପୁର ପୁଲିସ ଜୋରଦାର ଯାଞ୍ଚ ଦେଖିବାକୁ ମିଳିଛି। ବାଇକ ଚାଳକ, କାର ଚାଳକଙ୍କ ଗାଡ଼ି ଅଟକା ଯାଇ ଯାଞ୍ଚ କରାଯାଉଛି। ଯାଜପୁର ଜିଲ୍ଲା ଗତ କିଛି ଦିନ ହେବ ପାଣିକୋଇଲି ଛକ ଠାରେ ଅଳଙ୍କାର ଦୋକାନ ଲୁଟ ଘଟଣାର ଠାରୁ ତତ୍ପରତ ହେଇ ପୁଲିସ କର୍ମଚାରୀ ଆଜି ସନ୍ଧ୍ୟାରେ ବୈଲାଙ୍ଗ, ଥାଳକୁଡ଼ି, କଁୟାଗୋଲା, ଦୁବକଣ, ବିରିପଟା ଆଦି ଛକ ମାନଙ୍କରେ ଗାଡ଼ି ଚେକିଂ ସହ ନମ୍ବର ବିହୀନ ଗାଡ଼ି ଜବତ କରିଥିଲେ। ମଦ୍ୟପାନ କରି ଗାଡ଼ି ଚାଲୁଥିବା ବାଇକ୍ ଚାଳକ ମଧ୍ୟ ପୁଲିସ ଚେକିଂ କରିବା ଦେଖିବାକୁ ମିଳିଛି। ମଙ୍ଗଳପୁର ଥାନା ଏସଆଇ ଅନିତା ପ୍ରଧାନ, ଏଏସଆଇ ଘନଶ୍ୟାମ ନାୟକ ଏହି ଯାଞ୍ଚରେ ସାମିଲ ହୋଇଥିଲେ।

# କବାଟବନ୍ଧ ମେଡ଼ିକାଲ ଦଳଗାଁ ରାସ୍ତା ଶୋଚନୀୟ

**କବାଟବନ୍ଧ, ୧୪।୧୦(ସମିସ)**

ସରକାର ପରିବର୍ତ୍ତନ ହେଲା ମାତ୍ର ସରକାରୀ ଅଧିକାରୀଙ୍କର ମାନସିକତାରେ ପରିବର୍ତ୍ତନ ହୋଇପାରିଲା ନାହିଁ। ବିଶେଷ କରି ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀମାନେ କାର୍ଯ୍ୟରେ ଅବହେଳା କରୁଥିବା ଅଭିଯୋଗ ହେଉଛି। ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ଅଞ୍ଚଳକୁ ସଂଯୋଗ କରୁଥିବା ରାସ୍ତା ତଥା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ଗୁରୁତ୍ୱପୂର୍ଣ୍ଣ ରାସ୍ତା ଗୁଡ଼ିକ ମରାମତି ଅଭାବରୁ ଶୋଚନୀୟ ହୋଇ ପଡ଼ିଛି। ହେଲେ ଗ୍ରାମ୍ୟ ଉନ୍ନୟନ ବିଭାଗ ପାଖରେ ଏପ୍ରକାର କୌଣସି ଖବର ନଥିବା ମନେ ହେଉଛି। ଯାହା ଦ୍ୱାରା ପ୍ରବଳ ଜନଅସନ୍ତୋଷ ବୃଦ୍ଧି ପାଇବା ସହିତ ଧନଜୀବନ ଅସୁରକ୍ଷିତ ହୋଇ ପଡ଼ିଛି। ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧିନ କବାଟବନ୍ଧ- ଦଳଗାଁ ରାସ୍ତା ଏହାର ସଦ୍ୟ ଉଦାହରଣ ସାଜିଛି। ଗ୍ରାମ୍ୟ ଉନ୍ନୟନ ଜାରକା ଅଧିନରେ ରହିଥିବା ଏହି ରାସ୍ତା ପୂର୍ବ ସରକାର ସମୟରେ ମରାମତି କରାଯାଇଥିଲା। ହେଲେ ଦୀର୍ଘ ଦିନ ଧରି ଏହାର ରକ୍ଷଣାବେକ୍ଷଣ ଅଭାବରୁ ଏହା ଗମନାଗମନ ଅନୁପଯୋଗୀ ହୋଇଛି। ଯାହା ଫଳରେ ହଜାର ହଜାର ଜନସାଧାରଣ ଯିବା ଆସିବା ପାଇଁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ବିଭିନ୍ନ ଆଳ ଦେଖାଇ ସମୟ ଗଡ଼ାଇ ଚାଲିଛି। ଉକ୍ତ ରାସ୍ତାଟି ସ୍ଥାନୀୟ ଅଞ୍ଚଳର ଏକ ମୁଖ୍ୟ ସଡ଼କ ଅଟେ। କବାଟବନ୍ଧ ମେଡ଼ିକାଲ ଠାରୁ ୫୩ ନମ୍ବର ଜାତୀୟ ରାଜପଥକୁ ସିଧାସଳଖ ସଂଯୋଗ କରୁଥିବା ଏହି ରାସ୍ତାରେ ଅନେକ ଗ୍ରାମର ଲୋକ ନିତିଦିନ ନିର୍ଭର କରି ଥାଆନ୍ତି। ରାସ୍ତାରେ ଖାଲ ସୃଷ୍ଟି ହୋଇ ବଡ଼ ବଡ଼ ପଥର ସବୁ ଦେଖା ଯାଉଛି। ରାସ୍ତା ଦେଇ ତାଳଜଙ୍ଗ, ଅଞ୍ଜିରା, ଚକ୍ରଧରପୁର, ନୂଆଗଡ଼, ବଳରାମପୁର ଉପରଗଡ଼, କୁସୁନପୁର, ବାଉଁଶଡୋଳ, ବଲାଙ୍ଗିଆ, ବାଲିସାହି ଆଦି ଅନେକ ଗାଁର ଶହ ଶହ ରୋଗୀ ଏହି ରାସ୍ତା ଦେଇ କବାଟବନ୍ଧ ମେଡ଼ିକାଲକୁ ଯିବାଆସିବା କରନ୍ତି। ଜାତୀୟ ରାଜପଥରେ କୌଣସି ଦୁର୍ଘଟଣା ଏ ହେଲେ ଜରୁରୀ ସ୍ୱାସ୍ଥ୍ୟସେବା ପାଇଁ ଏହି ରାସ୍ତା ହିଁ ମୁଖ୍ୟ ଅଟେ। ଦୈନିକ ହଜାର ହଜାର ଲୋକ ଏବଂ ଶହ ଶହ ଗାଡ଼ି ମୋଟର ଏହି ରାସ୍ତା ଉପରେ ଚଳାଚଳ କରନ୍ତି। କବାଟବନ୍ଧ ମେଡ଼ିକାଲ, ବ୍ୟାଙ୍କ, କବାଟବନ୍ଧ ବଜାର, ସାପ୍ତାହିକ ହାଟ ସହିତ ସ୍କୁଲ କଲେଜ ଛାତ୍ରଛାତ୍ରୀ ଏହି ରାସ୍ତା ଦେଇ ଯିବା ଆସିବା କରୁଛନ୍ତି। ଦୀର୍ଘ ଦିନ ହେବ ଏହି ରାସ୍ତା ରେ ଅନେକ ସ୍ଥାନରେ ଖାଲ ସୃଷ୍ଟି ହୋଇଥିଲେ ମଧ୍ୟ ଏହାର ମରାମତି ତଥା ଜନ ସାଧାରଣଙ୍କ ସୁରକ୍ଷା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ପୂର୍ବରୁ ଏହି ରାସ୍ତା ଉପରେ ରହିଥିବା ମାଛ ଡଙ୍ଗା ପୋଲ ମଧ୍ୟ ଅସୁରକ୍ଷିତ ଅବସ୍ଥାରେ ରହିଥିବା ଖବର ପ୍ରକାଶ ପାଇବା ପରେ ତରବରିଆ ଭାବରେ ରାତି ଅଧିଆ ମୋରମ ପକାଇ କାମ ଚଳିବା ଭଳି ମରାମତି କରାଯାଇଛି। ତେବେ ବିଭାଗୀୟ ଅଧିକାରୀ ଏହି ରାସ୍ତା ପ୍ରତି କାହିଁକି ଦୃଷ୍ଟି ଦେଉ ନାହାଁନ୍ତି ତାହାକୁ ନେଇ ବିଭିନ୍ନ ପ୍ରଶ୍ନ କରିଛନ୍ତି ଜନସାଧାରଣ। ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଏହି ରାସ୍ତାର ଦୈର୍ଘ୍ୟ ପ୍ରାୟ ୨ କିଲୋମିଟର ରୁ କମ ହେବା ଅନୁମାନ କରାଯାଉଛି। ତେବେ ସ୍ଥାନୀୟ ଜନସାଧାରଣଙ୍କ ଗମନାଗମନ ଏବଂ ସୁରକ୍ଷାକୁ ଗୁରୁତ୍ୱ ଦେଇ ଉକ୍ତ ରାସ୍ତାକୁ ମରାମତି କରିବା ପାଇଁ କେବେ ବିଭାଗୀୟ ଅଧିକାରୀ ତତ୍ପରତା ପ୍ରକାଶ କରିବେ ତାହାକୁ ଅପେକ୍ଷା କରିଛନ୍ତି ଅଞ୍ଚଳବାସୀ। ଏ ସଂକ୍ରାନ୍ତରେ ବିଭାଗୀୟ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବା ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ମୋବାଇଲ ସ୍ୱିଚ ଅଫ ଥିବା ଜଣାପଡ଼ିଥିଲା



## ନାବାଳିକାକୁ ଅପହରଣ ଅଭିଯୋଗ

**ଦଶରଥପୁର, ୧୪।୧୦(ସମିସ):** ଦୁର୍ଗାପୂଜାରେ ମାମୁଁ ଘରକୁ ବୁଲିବାକୁ ଆସିଥିବା ଜନୈକା ନାବାଳିକାକୁ ଅପହରଣ କରାଯାଇଥିବା ନାବାଳିକା ପରିବାର ପକ୍ଷରୁ ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ଧାମନଗର ଥାନାଞ୍ଚଳର ଜନୈକା ୧୬ ବର୍ଷୀୟା ନାବାଳିକା ଦୁର୍ଗାପୂଜା ଦେଖିବାକୁ ମଙ୍ଗଳପୁର ଥାନାଞ୍ଚଳରେ ଥିବା ମାମୁଁ ଘରକୁ ଆସିଥିଲେ। ଚଳିତ ମାସ ୧ତାରିଖ ରାତି ପ୍ରାୟ ୮ ଘଟିକା ସମୟରେ ସମ୍ପୃକ୍ତ ନାବାଳିକା ମଙ୍ଗଳପୁର ବଜାରରେ ପଡ଼ିଥିବା ମୀନାବଜାର ବୁଲି ଦେଖୁଥିବା ବେଳେ ଧାମନଗର ଥାନା ସୋହଡା ଅଞ୍ଚଳର ମାଧବାନନ୍ଦ ଯେନା ନାମକ ଜଣେ ଯୁବକ ତାର କିଛି ସହଯୋଗୀଙ୍କ ସହାୟତାରେ ଝିଅକୁ ବଳପୂର୍ବକ ଗାଡ଼ିରେ ନେଇଯାଇଥିବା ନାବାଳିକାଙ୍କ ମାଆ ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ କରି ନାବାଳିକାକୁ ସୁରକ୍ଷିତ ଫେରାଇ ଆଣିବାକୁ ଦାବି କରିଥିବା ଜଣାଯାଇଛି।

## ସମସ୍ୟା ଘେରରେ କାଏମା ଶିଶୁ ବିଦ୍ୟାମନ୍ଦିର



**ଧର୍ମଶାଳା, ୧୪।୧୦(ସମିସ):** ଧର୍ମଶାଳା ବ୍ଲକ କାଏମାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବିଭିନ୍ନ ସମସ୍ୟାରେ ଗତିକରୁଛି। ଯାହାଦ୍ୱାରା ଏଠାରେ ପାଠ ପଢୁଥିବା ଛାତ୍ରଛାତ୍ରୀ ନାନାଦି ଅସୁବିଧା ଭୋଗୁଥିବା ନେଇ ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏହି ଶିଶୁ ମନ୍ଦିରଟି ୨୦୦୪ ମସିହାରେ କାଏମାସ୍ଥିତ କେଲୁଅ ନଦୀ ସେତୁ ନିକଟରେ ସ୍ଥାପନ କରାଯାଇଥିଲା। ଆଜବେଷ୍ଟ ଘରେ ପିଲା ପାଠ ପଢ଼ା ଆରମ୍ଭ କରିଥିଲେ। ସମୟ କ୍ରମେ ଉତ୍ତମମାନର ଶିକ୍ଷା ପ୍ରଦାନ ହେଉଥିବା କାରଣରୁ ପ୍ରତ୍ୟେକ ବର୍ଷ ଏଠାରେ ଶିକ୍ଷାର୍ଥୀଙ୍କ ସଂଖ୍ୟା ବୃଦ୍ଧି ପାଇଥିଲା। ସମୟକ୍ରମେ ଏଠାରେ ଶିକ୍ଷାର୍ଥୀଙ୍କ ସଂଖ୍ୟା ବୃଦ୍ଧି ପାଇବାରୁ ଶିଶୁ ବିଦ୍ୟାମନ୍ଦିର କମିଟିର ନିଷ୍ପତି କ୍ରମେ ଡିଗିରିପଡ଼ିଆ ଗାଁ ନିକଟ କେଲୁଅ ନଦୀର ପାର୍ଶ୍ୱରେ ଶିଶୁ ବିଦ୍ୟାମନ୍ଦିର ନିଜସ୍ୱ ଟଙ୍କାରେ ସ୍ଥାୟୀ ପକ୍କା ଘର ନିର୍ମାଣ କରାଯାଇଥିଲା। ବର୍ତ୍ତମାନ ପୁରୁଣା କୋଠାରେ 'ଅରୁଣ, ଉଦୟ ଏବଂ ପ୍ରଭାତ ଠାରୁ ଆରମ୍ଭ କରି ଅଷ୍ଟମ ଶ୍ରେଣୀ ଯାଏଁ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ପ୍ରଦାନ କରାଯାଉଛି। ଏବେ ଏହି ଶିଶୁ ବିଦ୍ୟାମନ୍ଦିରରେ ୫ ୮୦ଜଣ ଛାତ୍ରଛାତ୍ରୀ ଶିକ୍ଷାଗ୍ରହଣ କରୁଛନ୍ତି। ତେବେ ଏହି ଶିଶୁମନ୍ଦିରକୁ ଯିବାଲାଗି ଏକ ଭଲ ରାସ୍ତାଟିଏ ନଥିବା ବେଳେ ପିଇବା ପାଣି ସମସ୍ୟା ରହିଛି। ଏହି ଶିଶୁମନ୍ଦିରଟି କେଲୁଅ ନଦୀ ବନ୍ଧ ପାର୍ଶ୍ୱର୍ରେ ହୋଇଥିବାରୁ ପିଲାମାନଙ୍କୁ ବନ୍ଧରୁ ବିଦ୍ୟାଳୟକୁ ଯିବା ପାଇଁ ଭଲ ରାସ୍ତାଟିଏ ନାହିଁ। ଏମିତି କି ପିଲାଙ୍କୁ ନେଇ ଆସୁଥିବ ଗାଡ଼ି ଗୁଡ଼ିକ ବନ୍ଧ ଉପରେ ରହେ। ସେଠାରୁ ପିଲାମାନେ ଚାଲି ବିଦ୍ୟାଳୟ ଯାଇଥାନ୍ତି। ସେହିପରି ବିଦ୍ୟାଳୟରେ ଏକ କୂଅ ଖୋଳା ଯାଇଛି। ସେହି କୂଅର ଖୋଳା ପାଣିକୁ ପିଲା, ଶିକ୍ଷକ ଶିକ୍ଷୟିତ୍ରୀ ମାନେ ବ୍ୟବହାର କରୁଛନ୍ତି। ଆଉ ଏଠାରେ ଏକ ନଳକୂପ ରହିଥିବା ବେଳେ ସେଥିରୁ ଆଇରନ ପାଣି ବାହାରୁଥିବାରୁ ତାହା ବ୍ୟବହାର ଉପଯୋଗୀ ହୋଇପାରୁନାହିଁ। ଭଲରାସ୍ତାଟିଏ ନଥିବାରୁ ବର୍ଷା ଦିନେ ଶିଶୁ ବିଦ୍ୟାମନ୍ଦିର ଚାରି ପଟେ ଥିବା ଖାଲଗୁଡ଼ିକରେ ପାଣି ଜମି ରହିଥାଏ। ଯାହାଦ୍ୱାରା ଅପରିଷ୍କାର ପରିବେଶ ସହ ସାପ ଭଳି ବିଷାକ୍ତ ଜୀବଜନ୍ତୁମାନଙ୍କୁ ଭୟ ରହିଥାଏ। ସେହିପରି ଖରା ଦିନେ ପାଣି ମଧ୍ୟ ମିଳୁନଥିବା ଶିକ୍ଷକ ଶିକ୍ଷୟିତ୍ରୀ କହିଛନ୍ତି। ଶିଶୁ ବିଦ୍ୟାମନ୍ଦିରର ସମସ୍ୟା ଉପରେ ଦୃଷ୍ଟି ଦେବା ସହ ଏହାର ସମାଧାନ କରିବାକୁ ଅଭିଭାବକମାନେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଏବଂ ଯାଜପୁର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରାଙ୍କୁ ନିବେଦନ କରିଛନ୍ତି। ବିଦ୍ୟାମନ୍ଦିର ସମସ୍ୟା ସମ୍ପର୍କରେ ବିଧାୟକ ଏବଂ ସାଂସଦଙ୍କୁ ଅବଗତ କରାଯାଇଛି ବୋଲି ପ୍ରଧାନ ଆଚାର୍ଯ୍ୟ ରିତାରାଣୀ ସ୍ୱାଇଁ କହିଛନ୍ତି।

## ପାରିବାରିକ କଳହରୁ ଆତ୍ମହତ୍ୟା

**ଯାଜପୁର, ୧୪।୧୦(ସମିସ):** ଯାଜପୁର ପୌରାଞ୍ଚଳ ୧ନଂ. ୱାର୍ଡ ବରାହନାଥ ଗ୍ରାମରେ ଜଣେ ବ୍ୟକ୍ତି ପାରିବାରିକ କନ୍ଦଳ ଯୋଗୁଁ ନିଜ ଘରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଘଟଣାରୁ ପ୍ରକାଶ ଯାଜପୁର ଟାଉନ ଥାନା ବରାହନାଥ ଗ୍ରାମର ଗଣେଶ ଚନ୍ଦ୍ର ଦୀକ୍ଷିତ୍ (୫୮) ନିଜ ଶୋଇବା ଘରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଗ୍ରାମବାସୀଙ୍କ କହିବାନୁଯାୟୀ ମୃତ ଗଣେଶଙ୍କ ଘରେ କିଛି ଦିନ ହେବ ପାରିବାରିକ କଳହ ଲାଗି ରହିଥିଲା। ସୋମବାର ରାତିରେ ଗଣେଶ ଘରେ କିଛି ଦରକାରୀ କାଗଜପତ୍ର ବାହାରେ ଆଣି ପୋଡ଼ିଦେଇଥିଲେ। ଗ୍ରାମବାସୀ ପଚାରିବାରୁ ଏହି କାଗଜ କିଛି କାମରେ ଆସିବ ନାହିଁ ବୋଲି ଗଣେଶ କହିଥିଲେ। ମଙ୍ଗଳବାର ସକାଳେ ଘର ଲୋକେ କବାଟ ଖୋଲିବାରୁ ଗଣେଶ ଫ୍ୟାନରେ ରଶି ଝିାହତ୍ୟା କରିଥିବା ଦେଖିବାକୁ ପାଇଥିଲେ। ଖବର ପାଇ ଯାଜପୁର ଟାଉନ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ କରିବା ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟରେ ପଠାଇବା ସହ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

# ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'



**ବାଲିଚନ୍ଦ୍ରପୁର, ୧୪।୧୦(ସମିସ)**

ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ରଇପୁର ସାଧନ କେନ୍ଦ୍ର ତରଫରୁ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କୋଲଣଗିରି - ନାନକାରସ୍ଥିତ ବୌଦ୍ଧବିହାର ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଅଛି। ଏହି କାର୍ଯ୍ୟକ୍ରମକୁ କୋଲଣଗିରି ସରପଞ୍ଚ ଜ୍ଞାନରଞ୍ଜନ ସାହୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ନିଝୁମ୍ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ ସାହିତ୍ୟିକ ଡ. ବସନ୍ତ କିଶୋର ସାହୁ, ମୁଖ୍ୟବକ୍ତା ଭାବେ ବଡ଼ଚଣାର ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ରତିକାନ୍ତ ସାମଲ, ସମ୍ମାନିତ ଅତିଥି ଭାବେ କୋଲଣଗିରି ପଞ୍ଚାୟତର ସମିତିସଭ୍ୟ ନିରଞ୍ଜନ ମହାନ୍ତି, ସ୍ୱତନ୍ତ୍ର ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପୁଷ୍ପଲତା ମହାନ୍ତି ଯୋଗଦେଇଥିଲେ। ସିଆର୍‌ସିସି ହିମାଂଶୁ ଭୂଷଣ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱ।ବଧାନରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା କୃତି ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ଅତିଥିମାନେ ପ୍ରଦାନ କରିଥିଲେ। ଅତିଥି ପରିଚୟ ପ୍ରଧାନ ଶିକ୍ଷକ ନିର୍ମଳ କୁମାର ଦଳାଇ ଦେଇଥିବା ବେଳେ ସ୍ୱାଗତ ଭାଷଣ ଦେଇଥିଲେ ପ୍ରଧାନ ଶିକ୍ଷକ ଦେବାଶିଷ ମଲ୍ଲିକ। ଧନ୍ୟବାଦ ଅର୍ପଣ କରିଥିଲେ କ୍ରୀଡ଼ା ଶିକ୍ଷକ ମୀନକେତନ ସାହୁ। ଏହି କାର୍ଯ୍ୟକ୍ରମରେ ସାଧନ କେନ୍ଦ୍ର ଅଧିନସ୍ଥ ଉପସ୍ଥିତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ପରିଚାଳନା କମିଟି ସଭ୍ୟ ସଭ୍ୟା ଓ ଗ୍ରାମବାସୀ ସହଯୋଗ କରିଥିଲେ।

**ମଇଁଦା:** କ୍ଲଷ୍ଟରସ୍ତରୀୟ ଶିଶୁମହୋତ୍ସବ ସୁରଭି ସ୍ଥାନୀୟ କନ୍ୟା ବିଦ୍ୟାଶ୍ରମ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅଜୟ କୁମାର ମଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ସତ୍ୟବ୍ରତ ମିଶ୍ର ଯୋଗଦାନ



କରିଥିଲେ। ସମ୍ମାନିତ ଅତିଥି ଭାବେ ବାବୁଗୋସ୍ୱାମୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହବିବୁଲ ମୋହିନି, ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ବିଦ୍ୟାସାଗର ବେହେରା ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ୧୫ଟି ବିଦ୍ୟାଳୟର ୧୫୦ଜଣ ଛାତ୍ରଛାତ୍ରୀ ତର୍କ, ରଚନା, ପ୍ରବନ୍ଧ, ବିତର୍କ, ଚିତ୍ରାଙ୍କନ, ହସ୍ତଶିଳ୍ପ, ନୃତ୍ୟ ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବିଚାରକ ଭାବେ ନୃତ୍ୟ ଗୁରୁ ତପସ୍ୱିନୀ ମଲିକ, ସଙ୍ଗୀତ ନିର୍ଦ୍ଦେଶକ ମାଧବାନନ୍ଦ ଦାସ ସମେତ ବିଭିନ୍ନ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ। ବିଦ୍ୟାଳୟ ତରଫରୁ ବୃନ୍ଦାବନ ଯେନା, ବିଶ୍ୱଜିତ ଦାଶ, ବିପିନ ବିହାରୀ ସାହୁ, ସୁମିତ୍ରା ରଣା, କବିତା ସାହୁ, ସସ୍ମିତା ସାହୁ, ପ୍ରିୟରଞ୍ଜନ ବେହେରା, ରୋଜାଲିନ ବେହେରା, ଅରୁଣ କୁମାର ସାମଲ, ଅଞ୍ଜଳି ବାରିକ, ସସ୍ମିତା ରାଉଳ, ମୋନଲିସା ସାମଲ, ରଞ୍ଜିତା ଦାସ, ବନିତା ଦାସ, ସୌଦାମିନୀ ଜେନା, ଅବଦୁଲ୍ଲା ଆଲାମ ଖାନ, ପବିତ୍ର ମୋହନ ଦାଶ, ଏସ କେ ଏମ୍‌ଡି ସାହାୟୁଦିନ ଅକତର, ରାଜୁ ସାର୍, ବିଶ୍ୱଜିତ ରଥ, ଲିଷ୍ପାଲିନ ଦାସ, ମୋନାଲିସା ସ୍ୱାଇଁ, ଲିପିକା ପ୍ରିୟଦର୍ଶିନୀ ଦାସ, ପ୍ରଜ୍ଞାପରମିତା ପଣ୍ଡା, ଅକ୍ଷୟ କୁମାର ସାହୁ, ପ୍ରଫୁଲ୍ଲ କୁମାର କଣ୍ଡ ସହଯୋଗ କରିଥିଲେ।

**ମଙ୍ଗଳପୁର:** ଦଶରଥପୁର ବ୍ଲକ ମଧୁପୁର ଆଞ୍ଚଳିକ ସାଧନ କେନ୍ଦ୍ରର କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଆଜି କନିକାପଡ଼ା ଉଚ୍ଚ ବିଦ୍ୟାଳୟରେ ସଂଯୋଜକ ଅଶୋକ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅନିଲ କୁମାର ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥ ô ଭାବେ ଦଶରଥପୁର ବ୍ଲକ ମଣ୍ଡଳ ଶିକ୍ଷା ଅଧିକାରୀ ଶାନ୍ତନୁ କୁମାର ମଲ୍ଲିକ, ମୁଖ୍ୟବକ୍ତା ଭାବେ ଅବସର ପ୍ରାପ୍ତ ଦଶରଥପୁର ବିଇଓ ଅର୍ଣ୍ଣଦା ପ୍ରସାଦ ରଣା, ସମ୍ମାନିତ ଅତିଥି ରୂପେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରିଣୀ ଡ. ଅମ୍ରିତା ପ୍ରିତମ ମଲ୍ଲ, ଅହିୟାସ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ. ରାଜେନ୍ଦ୍ର କୁମାର ପୃଷ୍ଟି, ମଙ୍ଗଳପୁର ଥାନା ଅଧିକାରୀ ଜଗଦୀଶ କୁମାର କର, କନିକାପଡ଼ା ପଞ୍ଚାୟତ ସରପଞ୍ଚ ପ୍ରଦୀପ କୁମାର ଯେନା, ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରିଣୀ ସାବିତ୍ରୀ ସେଠୀ, ନୃସିଂହ ଚରଣ ମହାନ୍ତି, ଗୋକୁଳାନନ୍ଦ ମହାନ୍ତି, ଅବସରପ୍ରାପ୍ତ ଶିକ୍ଷକ କଳ୍ପତରୁ ସାମଲ, ଅବସରପ୍ରାପ୍ତ ବିଆରସିସି ଅଜିତ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ। ବିଚାରକ ରୂପେ ବିଜୟ କୁମାର ନାୟକ, ସାରଦା



କାନ୍ତ ମହାପାତ୍ର, ଜୟନ୍ତ କୁମାର ନାୟକ, ଦୀପକ ଦେବତା, ପ୍ରିୟବ୍ରତ ଧଳ, ପ୍ରିୟରଞ୍ଜନ ଦାସ, ଅମରେନ୍ଦ୍ର ବେହେରା, ଅଶୋକ କୁମାର ପତି ପ୍ରମୁଖ ଯୋଗ ଦେଇଥିଲେ। ୧୭ଟି ବିଦ୍ୟାଳୟରୁ ପ୍ରାୟ ୧୦୦ ଜଣରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ୧୬ଟି ପ୍ରତିଯୋଗିତାରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମଟିକୁ ସୁବ୍ରତ କୁମାର ବେହେରା, ସୁମନ୍ତ ମହାପାତ୍ର, ସୁବାସ ଚନ୍ଦ୍ର ମଲ୍ଲିକ, କପିଳ ଚରଣ ଦାସ, ଚିତ୍ତରଞ୍ଜନ ଦାସ, ସୁବ୍ରତ ନାୟକ, ନାଲି ଶୁକଦେବ, ସୋନୁ କମଲ, ସୁଧାଂଶୁ ଯେନା, ରବିନାରାୟଣ ମଲ୍ଲିକ, ଦେବେନ୍ଦ୍ର କୁମାର ନାୟକ ପ୍ରମୁଖ ପରିଚାଳନା କରିବାରେ ସହଯୋଗ କରିଥିଲେ। କ୍ଲଷ୍ଟର ସ୍ତରୀୟ କୃତି ପ୍ରତିଯୋଗୀ ମାନେ ମଣ୍ଡଳ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ ବୋଲି ଅଶୋକ କୁମାର ସାହୁ ସୂଚନା ଦେଇଛନ୍ତି।

**ବ୍ରହ୍ମବରଦା:** ରସଲପୁର ବ୍ଲକ ଅର୍ନ୍ତଗତ ବ୍ରହ୍ମବରଦା ପଞ୍ଚାୟତ ସ୍ଥିତ ବ୍ରହ୍ମବରଦା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ଠାରେ ବନ୍ଧଡ଼ିହ ଆଞ୍ଚଳିକ ସାଧନକେନ୍ଦ୍ର ସ୍ତରୀୟ ଶିଶୁମହୋତ୍ସବ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନାରାୟଣ ଆଇଚଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ରହ୍ମବରଦା ସରପଞ୍ଚ ମମତା ଶୁଭଦର୍ଶିନୀ ଦେଓ, ମୁଖ୍ୟବକ୍ତା ଭାବେ ଶ୍ରମିକନେତା ପ୍ରଦୀପ ଦାସ, ସମ୍ମାନିତ ଅତିଥି ଭାବେ ହାଜିରହିମିଆଁ



ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋରଞ୍ଜନ ବିଶ୍ୱାଳ, ଶିଶୁ ସରକ୍ଷା କର୍ମୀ ମଣ୍ଟୁ ଦାସ, ଜାତୀୟ ସ୍ଥରୀୟ ପୁରସ୍କାର ପ୍ରାପ୍ତ ବିଦ୍ୟାଙ୍ଗ ନୃତ୍ୟଶିଳ୍ପୀ ସତ୍ୟବ୍ରତ ସାହୁ, ସମାଜସେବୀ ଅମୂଲ୍ୟ ରାଉତ ପ୍ରମୁଖ ଯୋଗଦେଇଥିଲେ। କନିଷ୍ଠ ଏବଂ ବରିଷ୍ଠ ବିଭାଗରେ ନୃତ୍ୟ, ଗୀତ, ସାଧାରଣ ଜ୍ଞାନ, ଚିତ୍ରଙ୍କନ ଓ ବକ୍ତୃତା ବିଭାଗରେ ପ୍ରାୟ ୨୦୦ରୁ ଉର୍ଦ୍ଧ ପ୍ରତିଯୋଗୀ ଭାଗନେଇଥିବା ବେଳେ କୃତିପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାରା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ବିରେଶ କୁମାର ମହାନ୍ତି, ସୁଧାଂଶୁ ସାହୁ, ଜିତେନ୍ଦ୍ର କୁମାର ସାହୁ, ଅଚ୍ଛୁତା ପାଢ଼ୀ, ଦିବାକର ସେଠୀ, ରାମେଶ୍ୱରୀ ସେଠୀ, ଉର୍ମିଳା ସାହୁ, ଦିପିକା ଓ ଚିତରଞ୍ଜନ ଓଝ ପ୍ରମୁଖ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ କାର୍ଯ୍ୟକ୍ରମରେ ସାହଯ୍ୟ ଓ ସହଯୋଗ କରିଥିଲେ। ସଭା ଶେଷରେ ବିଦ୍ୟାଳୟର ସଭାପତି ଜୁଲଫିକର ଅଲ୍ଲି ଖାଁ ଧନ୍ୟବାଦ ଅର୍ପଣ କରିଥିଲେ।

**ଯାଜପୁର:** ଯାଜପୁର ବ୍ଲକ ଜାଲପୁର- 'ବି' କ୍ଲଷ୍ଟର ଅଧୀନସ୍ଥ ଜଗବନ୍ଧୁ ରାଉଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିଶୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।



କାର୍ଯ୍ୟକ୍ରମକୁ ଯାଜପୁର ବ୍ଲକର ସହ ଶିକ୍ଷା ମଣ୍ଡଳାଧିକାରୀ ମନୋଜ ଜେନା ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଶିକ୍ଷକ ବୃନ୍ଦାବନ ରାଉଳ ଛାତ୍ରୀଛାତ୍ରଙ୍କୁ ଅନ୍ତର୍ନିହିତ ପ୍ରତିଭା ସମ୍ପର୍କରେ ଦିଗ୍‌ଦର୍ଶନ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଜିତେନ୍ଦ୍ରୀୟ ପଣ୍ଡା ସଭା କାର୍ଯ୍ୟ ପରିଚାଳନା କରିଥିଲେ। ବିଭିନ୍ନ ବର୍ଗରେ ଅନୁଷ୍ଠିତ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ନିର୍ମଳ ଚନ୍ଦ୍ର ସେଠୀ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ନିକଟବର୍ତ୍ତୀ ବହୁ ବିଦ୍ୟାଳୟର ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମକୁ ଜଗବନ୍ଧୁ ରାଉଳ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ଆଇଆଇଏମ୍ ସମ୍ବଲପୁର ପକ୍ଷରୁ ଦିଲ୍ଲୀ ଚାପ୍ଟର ଅଫ୍ ଆଇ-ହବ୍ ଫାଉଣ୍ଡେସନ ଘୋଷଣା

ସମ୍ବଲପୁର,୧୪।୧୦(ସମିସ)

ଆଇଆଇଏମ ସମ୍ବଲପୁର ବିକଶିତ ଭାରତ ୨୦୪୭ ପାଇଁ ଭାରତର ଦୃଷ୍ଟିକୋଣ ସହିତ ସମନ୍ୱିତ ହୋଇ ଏହାର ନୂତନ ଉଦ୍ୟୋଗ କେନ୍ଦ୍ର ଆଇ-ହବ୍ ଫାଉଣ୍ଡେସନର ଦିଲ୍ଲୀ ଚାପ୍ଟର ଆରମ୍ଭ କରିବାକୁ ଘୋଷଣା କରିଛି। ଆଇଆଇଏମ ସମ୍ବଲପୁର ଦ୍ୱାରା ସ୍ଥାପିତ ଆଇ-ହବ୍ ଫାଉଣ୍ଡେସନର ଲକ୍ଷ୍ୟ ହେଉଛି ଉଦ୍ୟୋଗୀ, ଆଲୁମିନି ଏବଂ ଶିଳ୍ପ ଅଂଶୀଦାରମାନଙ୍କୁ ଯୋଡ଼ିବା। ଏହା ନୀତିନିର୍ମାତା, ନିବେଶକ ଏବଂ କର୍ପୋରେଟ ଲିଡରମାନଙ୍କ ପାଇଁ ନୂତନତ୍ୱ, ଇନକ୍ୟୁବେସନ ଏବଂ ନିବେଶ ସୁଯୋଗ ବୃଦ୍ଧି କରି ଉଦ୍ୟୋଗୀ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦେବ। ଏହି ଉଦ୍‌ଘାଟନ ଆଇଆଇଏମ ସମ୍ବଲପୁରର ଦିଲ୍ଲୀ କ୍ୟାମ୍ପସରେ ଆୟୋଜିତ ବାର୍ଷିକ ବ୍ୟବସାୟ ସମ୍ମିଳନୀ ମର୍ମଗ୍ୟା ୧୦.୦ର ଲୋକାର୍ପଣ ସମାରୋହରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଏନଜିସିର ଭାରପ୍ରାପ୍ତ ସିଇଓ ଓ ସିଏଫଓ ବିଭୋର ଜୈନ, ସମ୍ମାନିତ ଅତିଥି ଭାବେ ଆଇଟିସିର ମାନବସମ୍ବଳ ମୁଖ୍ୟ ଅଲତାଫ ହୁସେନ ଓ ମୁଖ୍ୟବକ୍ତା ଭାବେ ମାଇକ୍ରୋସଫ୍ଟ ଏସିଆର ବରିଷ୍ଠ ନିର୍ଦ୍ଦେଶକ



(କଷ୍ଟମ କନସଲଟିଂ) ଫରହାନା ହକ୍ ଉପସ୍ଥିତ ଥିଲେ।

ଆଇଆଇଏମ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ କହିଛନ୍ତି ଯେ, ଆଇ-ହବ୍ ଫାଉଣ୍ଡେସନର ଦିଲ୍ଲୀ ଚାପ୍ଟର ନୂତନତ୍ୱ ପାଇଁ ଏକ ସଂଯୁକ୍ତ, ସହଯୋଗୀ ବ୍ୟବସ୍ଥା ସୃଷ୍ଟି କରିବା ଦିଗରେ ଆମ ଯାତ୍ରାରେ ଏକ ନୂଆ ଅଧ୍ୟାୟ। ଉଦ୍ୟମିତା ଆଇଆଇଏମ ସମ୍ବଲପୁରର ମିଶନରେ ମୂଳ ସ୍ଥାନ ରହିଛି ଏବଂ ଏହି ବିସ୍ତାର ଆମ ଆଲୁମିନି ଓ ନୂତନତ୍ୱ ସୃଷ୍ଟିକାରୀମାନଙ୍କୁ ବିକଶିତ ଭାରତ ୨୦୪୭ର ଆତ୍ମା ସହିତ ଜାତୀୟ ପ୍ରଗତିରେ ଯୋଗଦାନ କରିବାକୁ ସଶକ୍ତ କରୁଛି। ଆଇ-ହବ୍ ଫାଉଣ୍ଡେସନ, ଆଇଆଇଏମ ସମ୍ବଲପୁରର ସିଇଓ-ଇନ-ଚାର୍ଜ ପ୍ରଫେସର ଅତୁଲ ପ୍ରସାର କହିଛନ୍ତି ଯେ, ଆଲୁମିନି ଇନକ୍ୟୁବେସନ ସ୍କିମ ଏକ ପ୍ଲାଟଫର୍ମରୁ ଅଧିକ। ଏହା ଧାରଣାଗୁଡ଼ିକୁ ପ୍ରଭାବରେ ପରିଣତ କରିବା ପାଇଁ ଏକ ପ୍ରତିବଦ୍ଧତା। ଆମ ଉଦ୍ୟୋଗୀମାନଙ୍କୁ ସଠିକ ମେଣ୍ଟର ଏବଂ ନିବେଶକମାନଙ୍କ ସହ ସଂଯୋଗ କରି ଆମେ ଆଇଆଇଏମ ସମ୍ବଲପୁର ସମୁଦାୟରୁ ସ୍ଥାୟୀ, ଉଦ୍ଦେଶ୍ୟ ଦ୍ୱାରା ପରିଚାଳିତ ଷ୍ଟାର୍ଟଅପମାନଙ୍କ ଏକ ନୂଆ ତରଙ୍ଗକୁ ସକ୍ଷମ କରୁଛୁ।

ଆଇ-ହବ୍ ଫାଉଣ୍ଡେସନ ପ୍ରଥମ ଉଦ୍ୟୋଗ ଭାବେ ଆଲୁମିନି ଇନକ୍ୟୁବେସନ ସ୍କିମ ଘୋଷଣା କରିଛି ଯାହା ଆଇଆଇଏମ ସମ୍ବଲପୁର ଆଲୁମିନିଙ୍କ ଦ୍ୱାରା ପ୍ରତିଷ୍ଠିତ ଷ୍ଟାର୍ଟଅପମାନଙ୍କୁ ପ୍ରୋତ୍ସାହନ ଦେବା ପାଇଁ ଏକ ନିର୍ଦ୍ଦିଷ୍ଟ ପ୍ଲାଟଫର୍ମ। ଏହି ଯୋଜନା ଆତ୍ମନିର୍ଭର ଭାରତ ପାଇଁ ଉଦ୍ୟୋଗୀ ନେତୃତ୍ୱର ପଥ ପ୍ରଶସ୍ତ କରିବ, ମେଣ୍ଟରସିପ, ଫଣ୍ଡିଂ ନେଟୱାର୍କ ଏବଂ ନିବେଶକ ଅଂଶୀଦାରୀ ମାଧ୍ୟମରେ ଉଦୀୟମାନ ବ୍ୟବସାୟୀ ମାନଙ୍କୁ ସହାୟତା ପ୍ରଦାନ କରିବ।

## କାର୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

କୁଚିଣ୍ଡା,୧୪।୧୦(ସମିସ): କୁଚିଣ୍ଡା ଥାନା ଅଧିନସ୍ଥ ଆଖଡ଼ାଦାଣ୍ଡ ଗ୍ରାମର ସୁରସିଂ କୁମୁରା(୬୫) ପୂର୍ବାହ୍ନ ୧୧ଟା ସମୟର ବିଞ୍ଜିପାଲି ଗ୍ରାମର ସୌଭାଗ୍ୟ ତ୍ରିପାଠୀଙ୍କ ଘରକୁ ଧାନକୁ ପେଶାଇବା ପାଇଁ ଯାଇଥିଲେ। ତାଙ୍କ ଦୋକାନରୁ କିଛି କିଣି ଫେରୁଥିବା ବେଳେ ସୌଭାଗ୍ୟ ତ୍ରିପାଠୀ ନୂତନ ଭାବେ ମାରୁତି କାର୍ ନଂ ଓଡ଼ି୧୫ଏଡି ୨୧୧୭ କିଣି ଶିଖୁଥିବା ବେଳେ ଘର ଆଗରେ ବୃଦ୍ଧସୁରସିଂ କୁମୁରାଙ୍କୁ ଧକ୍କା ଦେବା ଫଳରେ ସେହି ସ୍ଥାନରେ ତାଙ୍କର ମୃତ୍ୟୁ ଘଟିଯାଇଥିବା। ଦୁର୍ଘଟଣାକୁ ଏଡ଼ାଇବା ପାଇଁ ସୌଭାଗ୍ୟ କରି ମୃତ ସୁରସିଂଙ୍କୁ ତୁରନ୍ତ ଲଇଡା ଡାକ୍ତରଖାନାକୁ ନେଇ ସେଠାରେ ମୃତକଙ୍କ ପରିବାର ଲୋକଙ୍କୁ ଡକାଇ ପୁଲିସକୁ ନ ଜଣାଇ ଘଟଣାକୁ ଚପାଇ ଦେବାର ଯୋଜନା ଚଳାଇଥିଲେ। ଦୁର୍ଘଟଣା ଖବର ଜାଣି ଲଇଡ଼ା ଡାକ୍ତରଖାନା ପକ୍ଷରୁ ସ୍ଥାନୀୟ ପୁଲିସକୁ ଖବର ଦେଇଥିଲେ। ସ୍ଥାନୀୟ ପୁଲିସ ତୁରନ୍ତ ଶବ ବ୍ୟବଚ୍ଛେଦ କଥା ଜାଣିବା ପରେ କୁଚିଣ୍ଡା ପୁଲିସକୁ ଖବର ଦେଇଥିଲା। କୁଚିଣ୍ଡା ପୁଲିସ ପହଞ୍ଚି ଶବ ଜବତ କରିବା ସହ ତୁରନ୍ତ ବ୍ୟବଚ୍ଛେଦ ପାଇଁ କୁଚିଣ୍ଡା ଡାକ୍ତରଖାନାକୁ ପଠାଇ ଥିଲେ। ଅଧିକ ତଥ୍ୟ ସଂଗ୍ରହ ପାଇଁ କୁଚିଣ୍ଡା ପୁଲିସ ବିଂଜିପାଲି ଗ୍ରାମକୁ ଯାଇ ଦୁର୍ଘଟଣାସ୍ଥଳ ପରିଦର୍ଶନ କରିବା ସହ ଦୁର୍ଘଟଣା ଘଟାଇ ଥିବା ଗାଡ଼ିକୁ ଜବତ କରି କୁଚିଣ୍ଡା ଥାନାକୁ ଆଣିଥିଲା। କିନ୍ତୁ ଶିଖୁଥିବା ଗାଡ଼ି ମାଲିକ ସୌଭାଗ୍ୟ ତ୍ରିପାଠୀଙ୍କ ବିରୋଧରେ ଏଯାଏଁ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା ଜଣାପଡିଛି। ଜଣେ ବ୍ୟକ୍ତିଙ୍କୁ ଦୁର୍ଘଟଣା ଘଟାଇ ମାରି ଦିଆଗଲା ହେଲେ ଉକ୍ତ ଚାଳକ ପ୍ରତି କୌଣସି ସେମିତି ଆଖି ଦୃଶିଆ ପଦକ୍ଷେପ ଗ୍ରହଣ କରାନଯିବାରୁ ପୁଲିସ କାର୍ଯ୍ୟକଳାପକୁ ନେଇ ନାନା ସନ୍ଦେହ ସୃଷ୍ଟି ହେବାର ଲାଗିଛି। ଏନେଇ କୁଚିଣ୍ଡା ଥାନା କେସ ନଂ ୨୮୭/୨୫ରେ ମାମଲା ରୁଜୁ କରି କୁଚିଣ୍ଡା ଡାକ୍ତରଖାନାରେ ଶବବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

● ବେଆଇନ ମାଟି ଚୋରାଚାଲାଣ

## ଜେସିବି ଓ ହାଇୱା ଜବତ, ଜଣେ ଅଟକ

ସମ୍ବଲପୁର, ୧୪।୧୦(ସମିସ): ଅଇଁଠାପାଲି ଥାନା ଅନ୍ତର୍ଗତ ସମ୍ବଲପୁର ସିଟି ଷ୍ଟେସନ ନିକଟରେ ଏକ ସରକାରୀ ଜାଗାରୁ ବେଆଇନ ଭାବେ ମାଟି ଚୋରାଚାଲାଣ ହେଉଥିବାବେଳେ ରାଜସ୍ୱ ବିଭାଗ ଓ ପୁଲିସ ଚଢ଼ଉ କରିଛି। ମଙ୍ଗଳବାର ରାତିରେ ସିଟି ଷ୍ଟେସନ ପଛପଟେ ଥିବା ସରକାରୀ ଜମିରେ ବେଆଇନ ଭାବରେ ମାଟି ଖନନ ସହ ଚାଲାଣ ହେଉଥିବା ନେଇ ଖବର ମିଳିଥିଲା। ସଦର ତହସିଲଦାର ଓ ଅଇଁଠାପାଲି ପୁଲିସ ସେହି ସ୍ଥାନକୁ ଯାଇଥିଲେ। ଚଢ଼ଉ ସମୟରେ ପୁଲିସ ଘଟଣାସ୍ଥଳରୁ ଦୁଇଟି ହାଇୱା ସହ ଏକ ଜେସିବି ମେସିନ ଜବତ କରିଛି। ସଦର ତହସିଲଦାର ଅଭିଜିତ ମହନ୍ତ କହିଛନ୍ତି ଯେ, ସିଟି ଷ୍ଟେସନ ପଛପାଖରେ ନାଳପାଶ୍ୱର ଜମିରୁ ମାଟି ଖୋଳି ଚାଲାଣ ହେଉଥିବା ନେଇ ଖବର ମିଳିଥିଲା।

ଏହାପରେ ପୁଲିସ ସହ ଚଢ଼ଉ କରାଯାଇଥିଲା। ଦୁଇଟି ହାଇୱା ଓ ଗୋଟିଏ ଜେସିବି ଜବତ ହୋଇଥିବାବେଳେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ତାହାକୁ ଖଣି ବିଭାଗକୁ ହସ୍ତାନ୍ତର କରଯାଇଥିବା ତହସିଲଦାର ଶ୍ରୀ ମହନ୍ତ ସୂଚନା ଦେଇଛନ୍ତି। ସଦର ଏସଡିପିଓ ତୋଫାନ ବାଗ କହିଛନ୍ତି ଯେ, ଗତରାତିରେ ମାଟିଖୋଳି ଚୋରାଚାଲାଣ ଖବର ପାଇବାପରେ ଅଇଁଠାପାଲି, ଧନୁପାଲି ଓ ସଦର ପୁଲିସର ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାରୁ ୨ଟି ହାଇୱା ଓ ଗୋଟିଏ ଜେସିବି ଜବତ କରାଯାଇଛି। ସୋନାପାଲି ଅଞ୍ଚଳର ଏଥିରେ ସମ୍ପୃକ୍ତ ଜଣେ ବ୍ୟକ୍ତିଙ୍କୁ ପୁଲିସ ଅଟକ ରଖି ପଚରାଉଚୁରା କରାଯାଉଛି। ତହସିଲଦାର ଓ ଖଣି ବିଭାଗକୁ ସୂଚନା ଦିଆଯାଇଛି ସେମାନେ ଆଇନଗତ ବ୍ୟବସ୍ଥା ଅନୁଯାୟୀ ଜୋରିମାନା କରିବେ ବୋଲି ସେ କହିଛନ୍ତି।

## 'ଲକ୍ଷ୍ମୀନାଥ ବେଜବରୁଆ ଓ ସମ୍ବଲପୁର' ପୁସ୍ତକ ଉନ୍ମୋଚିତ



ସମ୍ବଲପୁର, ୧୪।୧୦(ସମିସ): ସାହିତ୍ୟରଥୀ ଲକ୍ଷ୍ମୀନାଥ ବେଜବରୁଆଙ୍କ ୧୬୧ତମ ଜୟନ୍ତୀ ଅବସରରେ ଆଜି ସାଧନା ଗୃହରେ ଅନୁଷ୍ଠିତ ସଭାରେ ନ୍ୟାସନାଲ ବୁକ୍ ଟ୍ରଷ୍ଟ ଦ୍ୱାରା ପ୍ରକାଶିତ ଦୀପକ କୁମାର ପଣ୍ଡାଙ୍କ 'ଲକ୍ଷ୍ମୀନାଥ ବେଜବରୁଆ ଓ ସମ୍ବଲପୁର' ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ବେଜବରୁଆ ସ୍ମୃତି ରକ୍ଷା କମିଟି ସଦସ୍ୟ ସୂର୍ଯ୍ୟ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ କବି ସୌଭାଗ୍ୟବନ୍ତ ମହାରଣା ମୁଖ୍ୟଅତିଥି, ସାମ୍ବାଦିକ କିଶୋର ସାହୁ ମୁଖ୍ୟବକ୍ତା ଏବଂ ଡଃ ପ୍ରଦୀପ ପଣ୍ଡା, ଡଃ ସତ୍ୟନାରାୟଣ ଠାକୁର, ପ୍ରଶାନ୍ତ ମାଝୀ, ପ୍ରଦୀପ ପାଣିଗ୍ରାହୀ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଲେଖକ ଶ୍ରୀ ପଣ୍ଡା କହିଥିଲେ ଯେ, ଏହି ପୁସ୍ତକରେ ସମ୍ବଲପୁରରେ ବେଜବରୁଆଙ୍କ ସାହିତ୍ୟିକ ଓ ସାମାଜିକ ଜୀବନ ଉପରେ ଆଲୋକପାତ କରାଯାଇଛି। ସମ୍ବଲପୁର ମ୍ୟୁନିସିପାଲିଟିର ଜଣେ କାଉନସିଲର, ଜଣେ ନାଟ୍ୟ ଅଭିନେତା ଓ ଜଣେ ଅଗ୍ରଣୀ ଲେଖକ ଭାବରେ ସମ୍ବଲପୁରରେ ତାଙ୍କ ଜୀବନର ଗତିବିଧିର ଚର୍ଚ୍ଚା କରାଯାଇଛି। ବେଜବରୁଆଙ୍କ ରଚିତ ଗଳ୍ପ ଗୁଡ଼ିକରେ ସମ୍ବଲପୁର ଅଞ୍ଚଳର ସାମାଜିକ ଜୀବନ ପ୍ରତିଫଳନ ହେବା ଉଲ୍ଲେଖନୀୟ ବୋଲି ଅତିଥିମାନେ ମତ ରଖିଥିଲେ। ଶେଷରେ କମଳ ଲୋଚନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## କୌଶଳ ବିକାଶ ଯାତ୍ରା ଏବଂ ଏଆଇ ସାକ୍ଷରତା ମିଶନ



ସମ୍ବଲପୁର, ୧୪।୧୦ (ସମିସ): ଆଇସେକ୍ଟ ଓଡ଼ିଶା ଶାଖା ଓ ଏନ୍‌ଏସ୍‌ସିବି ମହାବିଦ୍ୟାଳୟର ମିଳିତ ଉଦ୍ୟମରେ କୌଶଳ ବିକାଶ ଯାତ୍ରା ଏବଂ ଏଆଇ ସାକ୍ଷରତା ମିଶନ ଆୟୋଜିତ ହୋଇଯାଇଛି। ଏଥିରେ ମାଗଣା ଏଆଇ ସେମିନାର, କର୍ମଶାଳା, କ୍ୟାରିଅର ପରାମର୍ଶ ଅଧିବେଶନ ଏବଂ ବୈଷୟିକ ପ୍ରଦର୍ଶନ ଆୟୋଜନ କରାଯାଇଥିଲା। ଆଇସେକ୍ଟ ମୁଖପାତ୍ର ସନ୍ତୋଷ ଚୋବେ କହିଛନ୍ତି, ଦକ୍ଷତା ବିକାଶ ଯାତ୍ରା ୨୦୨୫ କେବଳ ଏକ ଶିକ୍ଷାଗତ ଅଭିଯାନ ନୁହେଁ, ବରଂ ଯୁବପିଢ଼ିଙ୍କୁ ଭବିଷ୍ୟତର ପ୍ରଯୁକ୍ତିବିଦ୍ୟା ସହିତ ସଂଯୋଗ କରିବା, ନିଯୁକ୍ତି-ମୁଖୀ ଶିକ୍ଷା ପ୍ରଦାନ କରିବା ଏବଂ ଭାରତକୁ ଏକ ବିକଶିତ ରାଷ୍ଟ୍ର କରିବା ପାଇଁ ଏକ ପଦକ୍ଷେପ। କାର୍ଯ୍ୟକ୍ରମରେ ଏନ୍‌ଏସସିବି କଲେଜ ଅଧ୍ୟକ୍ଷ ଡଃ ପ୍ରଦୀପ ହରପାଲ ଓ ଆଇସେକ୍ଟ ସମ୍ବଲପୁର ଅଧ୍ୟକ୍ଷ ପ୍ରଶାନ୍ତ ମିଶ୍ର ଉପସ୍ଥିତ ଥିଲେ। ଆଇସେକ୍ଟ ଓଡ଼ିଶା କ୍ଷେତ୍ରୀୟ ସଂଯୋଜକ ରଞ୍ଜିତ ସାହୁ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଏଆଇର ଭବିଷ୍ୟତ ଆବଶ୍ୟକତା ଉପରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ମାନେ ଯୋଗ ଦେଇଥିଲେ।

## କୃତ୍ରିମ ଗହଣା ତିଆରି ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ



ସମ୍ବଲପୁର, ୧୪।୧୦(ସମିସ): ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ କଟାପାଲିଠାରେ କୃତ୍ରିମ ଗହଣା ତିଆରି ପ୍ରଶିକ୍ଷଣ କେନ୍ଦ୍ର ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଦ୍ୱାରା ଆଜି ଉଦ୍‌ଘାଟିତ ହୋଇଯାଇଛି। ଏହାର ଉଦ୍ଦେଶ୍ୟ ସ୍ୱୟଂ ସହାୟତା ଗୋଷ୍ଠୀ (ଏସ୍‌ଏଚ୍‌ଜି) ସଦସ୍ୟାଙ୍କୁ ବ୍ୟବସାୟିକ କୌଶଳ ଦ୍ୱାରା ସଶକ୍ତ କରିବା। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମିଶନ ଶକ୍ତି ଏବଂ ଜେମ୍ ଆଣ୍ଡ ଜ୍ୱେଲେରୀ ସେକ୍ଟର ସ୍କିଲ୍ କାଉନସିଲ ମିଳିତ ସହଯୋଗରେ ପରିଚାଳିତ ହେବ। ପ୍ରତ୍ୟେକ ବ୍ୟାଚ୍‌ରେ ପ୍ରାୟ ୬୦ ଜଣ ପ୍ରଶିକ୍ଷାର୍ଥୀ ଅଂଶଗ୍ରହଣ କରିପାରିବେ। ଉଦଘାଟନୀ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ବୋନ୍ଦର ପ୍ରଶିକ୍ଷଣର ଗୁରୁତ୍ୱ ବିଷୟରେ ଜୋର୍ ଦେଇ ମହିଳା ସଶକ୍ତିକରଣ ଓ ଆର୍ଥିକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବାକୁ ପ୍ରକଳ୍ପର ଭୂମିକା ବିଷୟରେ ଉଲ୍ଲେଖ କରିଥିଲେ।

## କ୍ଲଷ୍ଟରସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ





ଜମନକିରା,୧୪।୧୦(ସମିସ): ବଡ଼ମାଲ ଆଞ୍ଚଳିକ ପଞ୍ଚାୟତ ଆବାସିକ ଉଚ୍ଚ ବିଦ୍ୟାଳୟ, ଟାଙ୍ଗରାଣୀଠାରେ ଭୋଜପୁର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୫ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସାଧନ କେନ୍ଦ୍ର ଭୋଜପୁର (ସିଆରସିସି) ସୁଧାଂଶୁ ନାଏକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କ୍ଲଷ୍ଟରର ୯ଟି ସ୍କୁଲ କଲେଜର ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଟାଙ୍ଗରାଣୀ ହାଇସ୍କୁଲ ପ୍ରଧାନ ଶିକ୍ଷକ ବୀରେନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ପୂର୍ବତନ ବିଧାୟକ ତଥା ହାଇସ୍କୁଲର ପ୍ରତିଷ୍ଠାତା ବୃନ୍ଦାବନ ମାଝି, ମୁଖ୍ୟବକ୍ତା ଭାବରେ ଭୋଜପୁର ଏସଏସଡି ହାଇସ୍କୁଲର ପ୍ରଧାନ ଶିକ୍ଷକ ନିକୁଞ୍ଜ ରଣା, ବିଆରଜି ଅଧ୍ୟକ୍ଷ ପ୍ରତାପ ମହାକୁଲ, ସମ୍ମାନିତ ଅତିଥି ଭାବେ ଭୋଜପୁର ପୂର୍ବତନ ସରପଞ୍ଚ ଟିକେଶ୍ୱର ପାତ୍ର, ବଡମାଲ ପଞ୍ଚାୟତ ଆବାସିକ ଉଚ୍ଚ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ହୃଦାନନ୍ଦ ନାଏକ, ସହକାରୀ ଶିକ୍ଷକ ମାନସ ପଟେଲ, ହରେକୃଷ୍ଣ ନାଏକ, ବିରେନ୍ଦ୍ର କୁମାର ଦାସ, ଅଧ୍ୟାପକ ତପନ ଜୟପୁରିଆ, ଟାଙ୍ଗରାଣୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପରିଚାଳନା କମିଟି ଚେୟାରମେନ ସୁମନ୍ତ ପଟେଲ, ପ୍ରଧାନ ଶିକ୍ଷୟିତ୍ରୀ ପ୍ରମୁଖ ଯୋଗ ଦେଇଥିଲେ।

ସେହିପରି ବିଶ୍ୱସେବା ସରକାରୀ ଉଚ୍ଚ ବିଦ୍ୟାଳୟ କୁଲୁଣ୍ଡିଠାରେ କୁଲୁଣ୍ଡି କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୫ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବ୍ରଜକିଶୋର ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କୁଲୁଣ୍ଡି ପଞ୍ଚାୟତର ସରପଞ୍ଚ ପଙ୍କଜିନୀ କୁମୁରା ମୁଖ୍ୟଅତିଥି ଭାବରେ ଯୋଗଦାନ କରି କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। କୁଲୁଣ୍ଡି ଉଚ୍ଚ ବିଦ୍ୟାଳୟର ସୁଶାନ୍ତ କୁଜୁର, ପ୍ରଶାନ୍ତ କୁଜୁର, ରାଜା ନାୟକ, ଆଶିଷ କୁଲୁ ଏବଂ କୁଲୁଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଲିପୁନ ଭୁଏଁଙ୍କୁ ଖୋ ଖୋ ଖେଳରେ ରାଜ୍ୟସ୍ତରକୁ ମନୋନୀତ ହୋଇଥିବାରୁ କ୍ଲଷ୍ଟର ତରଫରୁ ସମ୍ମାନୀତ କରାଗଲା। ଖେଳ ଶିକ୍ଷକ ଶିଶିଲିଆ ତିର୍କୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଗଲା। ଉଦ୍‌ଘାଟନୀ ସଭାରେ ସମ୍ମାନୀତ ଅତିଥି ଭାବେ ପ୍ରଧାନ ଶିକ୍ଷକ ପଦ୍ମିନୀ ପଟେଲ, ଆଶିଷ ସୁନାନି, ସଞ୍ଜୟ ଝାଙ୍କର, ଜଗଦୀଶ ପାଣିଗ୍ରାହୀ, ବନିତା ସୋହେଲା, ଅନୁପମା ବେହେରା, ଲକ୍ଷ୍ମୀକାନ୍ତ ଉଗର ପ୍ରମୁଖ ଯୋଗଦାନ କରିଥିଲେ। ଶିକ୍ଷୟିତ୍ରୀ ନିହାରିକା ମାଝୀ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷକ ସମୀର ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ କୁଲୁଣ୍ଡି କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟରୁ ୧୭୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ୩୩ଜଣ ବ୍ଲକ୍‌ସ୍ତରୀୟ ସୁରଭି ନିମନ୍ତେ ଚୟନ ହୋଇଛନ୍ତି। ପରିଚାଳନା ସମିତି ସଦସ୍ୟ ସୁଦାମ ପଧାନ ପୁରସ୍କାର ପ୍ରଦାନରେ ସହଯୋଗ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ମୁକ୍ତା ରାଣୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାସ୍ତରୀୟ କଳା ଉତ୍ସବ

ସମ୍ବଲପୁର,୧୪।୧୦(ସମିସ): ସ୍ଥାନୀୟ ବୁଢ଼ାରଜା ଉଚ୍ଚ ବିଦ୍ୟାଳୟରେ ବିକଶିତ ଭାରତ କାର୍ଯ୍ୟକ୍ରମ ଅନ୍ତର୍ଗତ ଜିଲ୍ଲାସ୍ତରୀୟ କଳା ଉତ୍ସବ ଅନୁଷ୍ଠିତ ହେଇଯାଇଛି। ସମଗ୍ର ଶିକ୍ଷା ସମ୍ବଲପୁର ଦ୍ୱାରା ଆୟୋଜିତ ଏହି ଉତ୍ସବକୁ ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ ଦୀପ



ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ସମଗ୍ର ଶିକ୍ଷା ସଂଯୋଜକ ଅରୁଣ ଦାସ ଉତ୍ସବର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁମିତା ପତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ୧୨ଟି ବିଭାଗ ସଙ୍ଗୀତ, ବାଦ୍ୟ ସଙ୍ଗୀତ, ନାଟକ, ନୃତ୍ୟ, ଚିତ୍ରକଳା, ହସ୍ତକଳା ତଥା ପାରମ୍ପରିକ ଗଳ୍ପ କଥନରେ ଏକକ ଓ ଗ୍ରୁପ ଆଧାରରେ ପ୍ରତିଯୋଗିତାମାନ ଆୟୋଜିତ ହେଇଥିଲା। ବିଚାରକ ଭାବେ ନୃତ୍ୟ ବିଶାରଦ ରଞ୍ଜନ ସାହୁ, ସୁରେନ୍ଦ୍ର ବାଗ, ମିତା ପ୍ରଧାନ, ଦେବାଶିଷ ପ୍ରଧାନ, ମମତା ସାହୁ, ରତନ ପୂଜାହାରୀ, ଅଭିନନ୍ଦନ ତ୍ରିପାଠୀ, ସଞ୍ଜୟ ସାହୁ, ସତ୍ୟନାରାୟଣ ବେହେରା, ଶଙ୍କର ପ୍ରଧାନ, ମାନସ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଉଜାଗର ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଡଃ ଶ୍ୟାମ ସୁନ୍ଦର ଧର ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ୧୨ଟି ପ୍ରତିଯୋଗିତାର ପ୍ରଥମ ସ୍ଥାନ ଅଧିକାର କରିଥିବା ମାନେଶ୍ୱର ମାନ୍ଧାତା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବିଦ୍ୟା ବିକାଶ କନସେପ୍ଟ ସ୍କୁଲ, ମାନେଶ୍ୱର ହାଇସ୍କୁଲ, ପୁରୁଣା ବଲାରଙ୍ଗା ହାଇସ୍କୁଲ, ଆଦର୍ଶ ବିଦ୍ୟାଳୟ ବାମରା ତଥା ଏକକ ବିଭାଗରେ ଦିବ୍ୟା ରଣା, ରାଧେଶ୍ୟାମ ଜୟପୁରିଆ, ସାନୁ କାକ୍, ଇପସିତା ପ୍ରିୟଦର୍ଶିନୀ, ଶ୍ରେୟାଂଶୀ ପୁରୋହିତ, ପ୍ରିୟମ ବେହେରା ପ୍ରମୁଖ ଜୋନାଲସ୍ତର ସକାଶେ ଯୋଗ୍ୟ ବିବେଚିତ ହେଇଛନ୍ତି। ଏହି ଉତ୍ସବରେ ୯ଟି ବ୍ଲକର ବିଭିନ୍ନ ହାଇସ୍କୁଲ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗୁଡ଼ିକର ୨୨୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅସୀମ ପ୍ରଧାନ ଓ ଦେବସ୍ମିତା ରାଉତ ସଭାମଞ୍ଚ ସଂଚାଳନ କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସତ୍ୟବ୍ରତ ସାହୁ, ଗୋଷ୍ଠୀ ଶିକ୍ଷାଧିକାରୀ କରଣ ଶର୍ମା, ଲୋକିତା ଦାଶ, ସପ୍ତଶ୍ରୀ ମହାପାତ୍ର, ସମଗ୍ର ଶିକ୍ଷା ସଂଯୋଜକ ଅବିନାଶ ସାହୁ, ପ୍ରଧାନ ଶିକ୍ଷୟିତ୍ରୀ ଦୀପାଳୀ ଚୌଧୁରୀ, ଶିକ୍ଷୟିତ୍ରୀ ମାଧୁରିମା ପାଣିଗ୍ରାହୀ, ବନବାସ ପ୍ରଧାନ, ସନ୍ଦୀପ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ମହିଳା ମହାବିଦ୍ୟାଳୟରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ



ସମ୍ବଲପୁର,୧୪।୧୦(ସମିସ): ସରକାରୀ ମହିଳା ମହାବିଦ୍ୟାଳୟ ମନୋବିଜ୍ଞାନ ବିଭାଗ ଦ୍ୱାରା ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଆଲୋଚକ ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ନିଶାମୁକ୍ତି କ୍ଲିନିକର ମନୋଚିକିତ୍ସକ ଡା. ସୁନୀତା ମିଶ୍ର ଯୋଗ ଦେଇଥିଲେ। ଆଲୋଚିକା ଡ. ମିଶ୍ର ବକ୍ତବ୍ୟରେ ଜରୁରୀ ପରିସ୍ଥିତିରେ ମାନସିକ ସେବାର ଆବଶ୍ୟକତା ଉପରେ ଆଲୋଚନା କରି କହିଥିଲେ ଯେ ଗୁରୁତର ରୋଗୀଙ୍କୁ ପାଇଁ ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ସମୟରେ ସେମାନଙ୍କୁ ମାନସିକସ୍ତରରେ ଦୃଢ଼ତା ଆଣିବା ପାଇଁ ଆଶୁ ମାନସିକ ସ୍ୱାସ୍ଥ୍ୟ ସେବାର ଆବଶ୍ୟକତା ରହିଛି। ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଅବସରରେ ମାନସିକ ସ୍ୱାସ୍ଥ୍ୟସେବାରୁ କେହି ବଞ୍ଚିତ ନ ହେବା ପାଇଁ ସରକାରୀସ୍ତରରେ ବ୍ୟାପକ ପଦକ୍ଷେପ ନିଆଯାଇଛି ବୋଲି ସେ ସୂଚନା ଦେଇଥିଲେ। ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମହାବିଦ୍ୟାଳୟ ସ୍ନାତକୋତ୍ତର ମନୋବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ସମିତା ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶେଷରେ ପ୍ରଫେସର ବେଣୀ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ। ବିଭାଗର ଛାତ୍ରୀମାନେ ମାନସିକ ସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ ଏକ ନାଟକ ପ୍ରଦର୍ଶନ କରିଥିଲେ।

# ବର୍ଷକ ପରେ ବସିଲା ସଡ଼କ ସୁରକ୍ଷା ବୈଠକ

ସମ୍ବଲପୁର, ୧୪।୧୦ (ସମିସ): ସମ୍ବଲପୁର ଜିଲ୍ଲାରେ ସଡ଼କର ଦୟନୀୟ ସ୍ଥିତି ଏବଂ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା ଉଦ୍‌ବେଗଜନକ ଥିବାବେଳେ ପ୍ରତିମାସରେ ଜିଲ୍ଲା ସଡ଼କ ସୁରକ୍ଷା ବୈଠକ ବସୁନାହିଁ। ବର୍ଷ ବର୍ଷ ଧରି ପ୍ରତି ମାସରେ ସଡ଼କ ସୁରକ୍ଷା ବୈଠକ ବସି ଦୁର୍ଘଟଣା, ମୃତାହତ ସଂଖ୍ୟା, ରାସ୍ତାଘାଟ ସ୍ଥିତି, ଧୂଳି ଉଡ଼ି ପ୍ରଦୂଷଣ ସମସ୍ୟା ଆଦି ସମୀକ୍ଷା କରିବା ସହ ପଦକ୍ଷେପ ନେବାସକାଶେ ନିଷ୍ପତ୍ତି ନିଆଯାଉଥିଲା। ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ବୈଠକର ପ୍ରସ୍ତାବକୁ କାର୍ଯ୍ୟକାରୀ ମଧ୍ୟ କରୁଥିଲା। ତେବେ, ଗତବର୍ଷ ୨୦୨୪ ଜୁଲାଇ ମାସ ପରେ ସମ୍ବଲପୁର ଜିଲ୍ଲାରେ ଆଉ ସଡ଼କ ସୁରକ୍ଷା ବୈଠକ ବସିନାହିଁ। ଏନେଇ ଆଞ୍ଚଳିକ ପରିବହନ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ଉଦାସୀନ ରହିଥିବା ସାଧାରଣରେ ଅଭିଯୋଗ ହେଉଛି।

ପ୍ରାୟ ଏକ ବର୍ଷରୁ ଅଧିକ ସମୟ ପରେ ଆଜି କଲେକ୍ଟୋରେଟ୍ ସମ୍ମିଳନୀ କକ୍ଷରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି।



ବୈଠକରେ ଆରକ୍ଷୀ ଅଧିକ୍ଷକ ମୁକେଶ କୁମାର ଭାମୁ, ଡିଏଫ୍‌ଓ ଜାଧବ ସୁଦର୍ଶନ ଗୋପୀନାଥ, ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ, ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ଡଃ ସତ୍ୟନାରାୟଣ ନନ୍ଦ, ଭାରତୀୟ ପ୍ରଶାସନିକ ସେବା ଶିକ୍ଷାନବିସ ଶୁଭ୍ରା ପଣ୍ଡା, ଆଞ୍ଚଳିକ ପରିବହନ ଅଧିକାରୀ ରାମଦାସ ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ। ୨୦୨୪ ଓ ୨୦୨୫ ମସିହାରେ ଜାନୁଆରୀରୁ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ଘଟିଥିବା ଦୁର୍ଘଟଣା ତଥ୍ୟ, ଦୁର୍ଘଟଣାର କାରଣ, ଏନ୍‌ଫୋର୍ସମେଣ୍ଟ ଆଦି ବିଷୟରେ ଆଲୋଚନା ହୋଇଥିଲା। ତଥ୍ୟ ଅନୁସାରେ ୨୦୨୪ ମସିହା (ଜାନୁଆରୀ-ସେପ୍ଟେମ୍ବର) ରେ ମୋଟ ୪୦୩ଟି ଦୁର୍ଘଟଣା ଘଟିଥିଲା, ଯେଉଁଥିରୁ ୧୮୨ ଜଣ ମୃତ୍ୟୁବରଣ କରିଥିବାବେଳେ ୧୪୦ ଜଣ ଗୁରୁତର ଆହତ ହୋଇଥିଲେ। ୨୦୨୫ ମସିହାରେ ସେହି ୯ ମାସ ମଧ୍ୟରେ ୩୪୩ଟି ଦୁର୍ଘଟଣା ହୋଇଛି, ଯେଉଁଥିରେ ୧୬୫ ଜଣ ମୃତ୍ୟୁବରଣ କରିଥିବାବେଳେ ୧୧୭ ଜଣ ଗୁରୁତର ଆହତ ହୋଇଛନ୍ତି। ସମଗ୍ର ତଥ୍ୟ ଅନୁସାରେ ୨୦୨୪ ତୁଳନାରେ ଚଳିତବର୍ଷ ଦୁର୍ଘଟଣା ସଂଖ୍ୟାରେ ହ୍ରାସ ଦେଖାଯାଇଛି। ବୈଠକରେ ଉଭୟ ଜାତୀୟ ରାଜପଥ ଓ ରାଜ୍ୟ ରାଜପଥର ମରାମତି, ପାର୍କିଂ ସମସ୍ୟା, ଉପଯୁକ୍ତ ସଙ୍କେତର ବ୍ୟବହାର, ସର୍ଭିସ୍ ରୋଡ୍‌ରେ ପାର୍କିଂ ସମସ୍ୟା ଆଦି ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଜିଲ୍ଲାପାଳ ଶ୍ରୀ ବୋନ୍ଦର ଏହିସବୁ ସମସ୍ୟାର ମୁକାବିଲା ପାଇଁ ଅଧିକ ସଂଖ୍ୟାର ଦୁର୍ଘଟଣାପ୍ରବଣ ସ୍ଥାନ (ବ୍ଲାକ୍ ସ୍ପଟ୍) ଚିହ୍ନଟ କରି ସେଠାରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଶିଳ୍ପାନୁଷ୍ଠାନ ପକ୍ଷରୁ ଶିଳ୍ପ କ୍ଷେତ୍ର ପରିସର ସଫା ସୁତୁରା ରଖିବା, ରୋଡ୍ ସାଇନେଜ୍ ଲଗେଇବା, ଧୂଳି ହଟାଇବା ପାଇଁ ଫଗ୍ ସ୍ପ୍ରେ କରିବା, ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା କରିବା ଓ ସଡ଼କ ସୁରକ୍ଷା ନିୟମ ଅନୁସରଣ କରିବା ଆଦି ସକାଶେ ଦାୟିତ୍ୱ ଗ୍ରହଣ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ।

# ୯ ଦିନ ବିତିଲା, ପୀତବାସ ହତ୍ୟାକାରୀଙ୍କ ଟେର୍ ପାଉନି ପୁଲିସ



ବ୍ରହ୍ମପୁର,୧୪ ।୧୦(ସମିସ)

ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ବିଭିନ୍ନ ସମ୍ଭାବ୍ୟ ଦିଗରୁ ପୁଲିସର ତଦନ୍ତ ଜାରି ରହିଛି । ପୀତବାସଙ୍କ ରାଜନୈତିକ, ବ୍ୟବସାୟୀକ, ବୃତ୍ତିଗତ ଓ ବ୍ୟକ୍ତିଗତ ଆଦି ଦିଗକୁ ତଦନ୍ତ ପରିସରଭୁକ୍ତ କରାଯାଇଛି । କିଏ ଏବଂ କାହିଁକି ପୀତବାସଙ୍କୁ ହତ୍ୟା କଲା, ଏଥିପୂର୍ବରୁ କିଛି ଘଟଣା ଘଟିଥିଲା କି ଅଥବା ପୂର୍ବଶତ୍ରୁତା ଏଭଳି ବିଭିନ୍ନ ପ୍ରଶ୍ନର ଉତ୍ତର ଖୋଜୁଛି ପୁଲିସ ।

ହତ୍ୟାକାଣ୍ଡକୁ ବିତିଯାଇଛି ଦୀର୍ଘ ୯ ଦିନ । ତଥାପି ପୁଲିସର ହାତ ଖାଲି । ତେବେ ଘଟଣା ଦିନର ଏକ ବୟାନକୁ ନେଇ ବର୍ତ୍ତମାନ ଚର୍ଚ୍ଚା ଜୋର ଧରିଛି । କେବଳ ସାଧାରଣରେ ନୁହେଁ ବରଂ ଖୋଦ୍ ପୀତବାସଙ୍କ ସାନଭାଇ ପୂର୍ଣ୍ଣଚନ୍ଦ୍ର ମଧ୍ୟ ସନ୍ଦେହ କରିଛନ୍ତି । ଗୁଳିକାଣ୍ଡ ପୂର୍ବରୁ ପୀତବାସ ନିଜ ଚାମ୍ବରରୁ ଘରକୁ ଫେରିବା ପୂର୍ବରୁ ଚାମ୍ବର ନିକଟରେ ତାଙ୍କର ଦୁଇ ଜଣ ସହଯୋଗୀ କୁଆଡ଼େ ତାଙ୍କୁ ଘରେ ଛାଡ଼ିଦେବୁ କି ଭାଇନା ବୋଲି ପଚାରିଥିଲେ । ଯାହାର ଉତ୍ତର ଦେଇ ପୀତବାସ ମୁରୁକି ହସି କହିଥିଲେ ମୁଁ ଏମ୍ଏଲ୍ଏ ନା ଏମ୍ପି ଯେ' ମୋତେ କେହି ମାରିଦେବ । ଏହା କହି ସେ ନିଜେ ଏକୁଟିଆ ସ୍କୁଟି ଧରି ଘରକୁ ଫେରିବା ବାଟରେ ହିଁ ତାଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା । ଏଭଳି ବାର୍ତ୍ତାଳପ ସହିତ ପୀତବାସଙ୍କ ହତ୍ୟା ଘଟଣାର କିଛି ସଂଯୋଗ ଥାଉ ଅଥବା ନଥାଉ ଏନେଇ ଦ୍ୱନ୍ଦରେ ପଡିଛନ୍ତି ମୃତ ପୀତବାସଙ୍କ ସାନଭାଇ ପୂର୍ଣ୍ଣଚନ୍ଦ୍ର । ଘଟଣା ପୂର୍ବରୁ ଭାଇଙ୍କୁ ଏଭଳି କାହିଁକି ଓ କେଉଁ ପରିସ୍ଥିତିରେ ସହାୟତା କରିବାକୁ ଆଗକୁ ଆସିଥିଲେ ସମ୍ପୃକ୍ତ ବ୍ୟକ୍ତି । ସେଭଳି କିଛି କାରଣରୁ କାହା ସହିତ ଯୁକ୍ତିତର୍କ ହୋଇଥିଲା ନା କେହି ଧମକ ଦେଇଥିଲା । ଏଭଳି ନାନା ପ୍ରଶ୍ନ ପୂର୍ଣ୍ଣଙ୍କ ମନରେ ଆସିଛି । ଏଣୁ ଏହାକୁ ତଦନ୍ତ ପରିସରଭୁକ୍ତ କରି ଏଦିଗରେ ପୁଙ୍ଖାନୁପୁଙ୍ଖ ତଦନ୍ତ ଜରୁରୀ ବୋଲି ସେ ବ୍ରହ୍ମପୁର ଏସ୍ପି ଓ ତତ୍କାଳୀନ ଅତିରିକ୍ତ ଏସ୍ପି ସୀମା ସ୍ୱାଇଁଙ୍କୁ ନିବେଦନ କରିଥିବା କହିଛନ୍ତି । ଏଭଳି ଘଟଣାକୁ ମଧ୍ୟ ପୁଲିସ ଗୁରୁତର ସହ ନେଇ ସମ୍ପୃକ୍ତ ଦୁଇ ସହଯୋଗୀଙ୍କୁ ବାରମ୍ବାର ଥାନାକୁ ଡାକି ପଚରାଉଚରା କରିଥିବା ବେଳେ ସେମାନଙ୍କ ଗତିବିଧି ଉପରେ ନଜର ରଖାଯାଇଥିବା ସୂଚନା ମିଳିଛି । ସେପଟେ ପୀତବାସଙ୍କ ହତ୍ୟାର କାରଣକୁ ନେଇ ଭିନ୍ନଭିନ୍ନ ଆଲୋଚନା ହେଉଥିବା ବେଳେ ପୁଲିସର ତଦନ୍ତ କୁଆଡ଼େ ଯାଉଛି ତାହା ସବୁଠାରୁ ବଡ଼ ପ୍ରଶ୍ନ । ପୁଲିସକୁ ବିଭ୍ରାନ୍ତ କରିବାକୁ ବା ତଦନ୍ତକୁ ଦିଗହରା କରିବାକୁ ମଧ୍ୟ ସାମାଜିକ ଗଣମାଧ୍ୟମରେ ଉଦ୍ୟମ ଚାଲିଥିବା ବିଭିନ୍ନ ମହଲରେ ଆଲୋଚନା ହେଉଛି । ଏଭଳି ସ୍ଥିତିରେ ଏକ ବିବାଦୀୟ ଜମିର ସମାଧାନ ପାଇଁ ୧୨କୋଟି ଟଙ୍କାର ଡିଲ୍ ହିଁ ପୀତବାସଙ୍କ ମୃତ୍ୟୁର କାରଣ ବୋଲି ସନ୍ଦେହ ଘନୀଭୂତ ହୋଇଛି । ଯାହାକୁ ନେଇ ମଧ୍ୟ ପ୍ରଶ୍ନ କରିଛନ୍ତି ଖୋଦ୍ ପୀତବାସଙ୍କ ଭାଇ ପୂର୍ଣ୍ଣଚନ୍ଦ୍ର ।

- ଚର୍ଚ୍ଚାରେ 'ଭାଇନା' ଆମେ ଘରେ ଛାଡ଼ିଦେବୁ କି? ପ୍ରସଙ୍ଗକୁ ହାଲୁକା ଭାବେ ନେଇନି ପୁଲିସ
- ପୀତବାସଙ୍କୁ କାହିଁକି ଏଭଳି ପଚାରିଥିଲେ ନିକଟତମ ସହଯୋଗୀ
- ୧୨ କୋଟି ଟଙ୍କାର ଏକ ଜମି ଡିଲ୍କୁ ନେଇ ବଢ଼ିଛି ସସ୍ପେନ୍ସ

## ସମବେଦନା ଜଣାଇଲେ ପୂର୍ବତନ ସାଂସଦ ଓ ଜିଲ୍ଲା ବିଜେଡି ସଭାପତି

ବ୍ରହ୍ମପୁର,୧୪ ।୧୦(ସମିସ): ମଙ୍ଗଳବାର ଅପରାହ୍ଣରେ ବ୍ରହ୍ମପୁରର ପୂର୍ବତନ ସାଂସଦ ତଥା ବିଜେଡି ବରିଷ୍ଠ ନେତା ଚନ୍ଦ୍ରଶେଖର ସାହୁ ଓ ପୂର୍ବତନ ବିଧାୟକ ତଥା ବର୍ତ୍ତମାନର ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ବିକ୍ରମ କୁମାର ପଣ୍ଡା ବୈକୁଣ୍ଠନଗରସ୍ଥିତ ପୀତବାସଙ୍କ ଘରେ ପହଞ୍ଚି ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ ।



ପୀତବାସଙ୍କ ଭଳି ଜଣେ ବରିଷ୍ଠ ଆଇନଜୀବୀଙ୍କୁ ବିଚ୍ ରାସ୍ତାରେ ଗୁଳି କରି ହତ୍ୟା କରିବା ସହରର ଆଇନଶୃଙ୍ଖଳା ପରିସ୍ଥିତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ନେଇ ବିଜେଡି ବାରମ୍ବାର ରାଜ୍ୟ ସରକାରଙ୍କୁ ଅବଗତ କରାଇଥିଲେ ସୁଦ୍ଧା ତାହାକୁ ସୁଧାରିବାରେ ସରକାର ବିଫଳ ବୋଲି ଉଭୟ ନେତା ଅଭିଯୋଗ କରିଥିଲେ । ପୀତବାସଙ୍କ ହତ୍ୟା ପାଇଁ ସେମାନେ ସରକାରଙ୍କ ଅପାରଗତାକୁ ସିଧାସଳଖ ଦାୟୀ କରିଛନ୍ତି । ଦିନ ଥିଲା, ଅପରାଧୀ ଅପରାଧ ଘଟାଇବାକୁ ସାହାସ କରୁନଥିଲେ । କିନ୍ତୁ, ବର୍ତ୍ତମାନ ନୂଆ ସରକାରରେ ଅପରାଧୀ ନିର୍ଭୟରେ ନିୟମିତ ଅପରାଧ ଘଟାଇ ଚାଲିଛନ୍ତି । ପୁଲିସ ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରି ହତ୍ୟାର କାରଣ ସ୍ପଷ୍ଟ କରିବା ଉଚିତ ବୋଲି ବ୍ରହ୍ମପୁରର ପୂର୍ବତନ ସାଂସଦ ଓ ବିଧାୟକ ଦାବି କରିଛନ୍ତି । ଏହି ଅବସରରେ ମହାନଗର ଯୁବ ବିଜେଡି ସଭାପତି ଅଜିତ ପଣ୍ଡା ଓ ବ୍ରହ୍ମପୁର ଜୋନ ସଭାପତି ଜ୍ୟୋତି ରଞ୍ଜନ ସାହୁ ଉପସ୍ଥିତ ଥିଲେ । ସେପଟେ ପୀତବାସଙ୍କ ସାନଭାଇ ପୂର୍ଣ୍ଣଚନ୍ଦ୍ର ପଣ୍ଡା ପୁଣିଥରେ ମୁଖ୍ୟମନ୍ତ୍ରୀ ଓ ପୁଲିସକୁ ନିବେଦନ କରିଛନ୍ତି ଯେ ହତ୍ୟାକାରୀଙ୍କ ସମେତ ମାଷ୍ଟରମାଇଣ୍ଡକୁ ଯଥାଶୀଘ୍ର ଠାବ କରି ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ।

## ପ୍ରଭୁ ଉପହାର ରିଟ୍ରିଟ୍ ସେଣ୍ଟରରେ ହେବ ଶ୍ରୀମଦ୍ ଭଗବଦ୍ ଗୀତା ପ୍ରବଚନ

ବ୍ରହ୍ମପୁର,୧୪ ।୧୦(ସମିସ): ଗିରି ରୋଡ଼ସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାନ୍ତିକୁଣ୍ଡ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସୋମବାର ରାମଚନ୍ଦ୍ରପୁରସ୍ଥ ପ୍ରଭୁ ଉପହାର ରିଟ୍ରିଟ ସେଣ୍ଟରଠାରେ ଉଦ୍ଘାଟିତ ହେବାକୁ ଥିବା ଶ୍ରୀମଦ୍ ଭଗବଦ୍ ଗୀତା ପ୍ରବଚନ ସମ୍ପର୍କରେ କୁହାଯାଇଥିଲା । ବର୍ତ୍ତମାନର ଚରମ ଧର୍ମଗ୍ଲାନି ସମୟରେ ଜୀବନର ପଥ ପ୍ରଦର୍ଶକ ରୂପେ ଶ୍ରୀମଦ୍ ଭଗବଦ୍ ଗୀତା ଉପଦେଶ ସମସ୍ତ ମାନବ ସମାଜ ପାଇଁ ନିତାନ୍ତ ଆବଶ୍ୟକ । ଗୀତାଜ୍ଞାନ ବର୍ଣ୍ଣିତ ଅର୍ଜୁନ ହେଉଛନ୍ତି ପ୍ରତ୍ୟେକ ମାନବ ଯେଉଁମାନେ କି ପ୍ରତି ମୁହୂର୍ତ୍ତରେ ବିଷାଦ ଗ୍ରସ୍ତ, ବିଘ୍ନ ଓ ସମସ୍ୟାଯୁକ୍ତ ତଥା ଅନ୍ୟମାନଙ୍କର ନକାରାତ୍ମକ ଓ ଘୃଣାତ୍ମକ ବ୍ୟବହାରରେ ଅତିଷ୍ଠ ହୋଇପଡୁଛନ୍ତି ବୋଲି ଅନ୍ତଃରାଷ୍ଟ୍ରୀୟ ମୁଖ୍ୟାଳୟ ମାଉଣ୍ଟ ଆବୁସ୍ଥ ରାଜଯୋଗିନୀ ବ୍ରହ୍ମାକୁମାରୀ ଡା. ଉଷାଦିଦିଜୀ କହିଥିଲେ । ସାମ୍ବାଦିକ ସମ୍ମିଳନୀରେ ବ୍ରହ୍ମପୁର ସବ୍‌ଜୋନ ସଞ୍ଚାଳିକା ବ୍ରହ୍ମାକୁମାରୀ ଭଗିନୀ ମାଳା ଉପସ୍ଥିତ ରହି ତ୍ରିଦିବସୀୟ ଭଗବଦ୍ ଗୀତା ପ୍ରବଚନ ମାଳା ସମ୍ପର୍କରେ ସମ୍ୟକ୍ ଜ୍ଞାନ ପ୍ରଦାନ କରିଥିଲେ । ଉକ୍ତ ସମ୍ମିଳନୀରେ ଅନ୍ତଃରାଷ୍ଟ୍ରୀୟ ମୁଖ୍ୟାଳୟ ମାଉଣ୍ଟ ଆବୁସ୍ଥ ଇଲେକଟ୍ରିକ ବିଭାଗର ବିଭାଗୀୟ ମୁଖ୍ୟ ବ୍ରହ୍ମାକୁମାର ସୁଧୀର ଭାଇ ଏବଂ ଜାମସେଦପୁର ସେବାକେନ୍ଦ୍ର ସଞ୍ଚାଳିକା ବ୍ରହ୍ମାକୁମାରୀ ଅଞ୍ଜୁ ଦିଦି ମଞ୍ଚାସୀନ ଥିଲେ ।



## ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ବ୍ରହ୍ମପୁର,୧୪ ।୧୦(ସମିସ): ଉତ୍କଳ ସିନେମା ହଲ୍ ଛକ ନିକଟରୁ ଦୁଇଦିନ ପୂର୍ବେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି ବଡ଼ ବଜାର ଥାନା ପୁଲିସ । ମୃତକଙ୍କ ବୟସ ପାଖାପାଖି ୫୦ ହେବ । ଏଯାବତ୍ ତାଙ୍କ ପରିଚୟ ସ୍ପଷ୍ଟ ହୋଇପାରିନି । ଏମକେସିଜି ମେଡ଼ିକାଲର ବ୍ୟବଚ୍ଛେଦ ଗୃହରେ ଶବ ରଖାଯାଇଛି । କୌଣସି ବ୍ୟକ୍ତି ତାଙ୍କ ପରିଚୟ ପାଇଲେ ବଡ଼ ବଜାର ଥାନାକୁ ଜଣାଇବାକୁ ପୁଲିସ କହିଛି । ସୂଚନା ପ୍ରକାରେ, ଗତ ୧୨ ତାରିଖରେ ଉତ୍କଳ ସିନେମା ହଲ୍ ଛକ ନିକଟରେ ଏକ ଅଜଣା ବ୍ୟକ୍ତିଙ୍କ ମୃତଦେହ ଲୋକେ ଦେଖି ୧୦୮କୁ ଜଣାଇଥିଲେ । ଘଟଣାସ୍ଥଳରେ ୧୦୮ ଓ ବଡ଼ବଜାର ଥାନା ପୁଲିସ ଏସ୍ଆଇ ପଞ୍ଚାନନ ଶତପଥୀ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ରହ୍ମପୁର ମେଡ଼ିକାଲ ନେଇଥିଲେ । ଏକ ଅପମୃତ ମାମଲା ରୁଜୁ କରି ଆଜି ଶବ ବ୍ୟବଚ୍ଛେଦ ହୋଇଛି । ପରିଚୟ ସ୍ପଷ୍ଟ ପାଇଁ ମେଡ଼ିକାଲର ଶବ ବ୍ୟବଚ୍ଛେଦ ଗୃହରେ ରଖାଯାଇଛି । ସେପଟେ ପୁଲିସ ତଦନ୍ତ ବେଳେ ଜଣାପଡିଛି କି ସମ୍ପୃକ୍ତ ଅଜଣା ବ୍ୟକ୍ତି ଜଣକ ଆଜକୁ ୬ମାସ ହେବ ଉତ୍କଳ ସିନେମା ହଲ୍ ଛକ ନିକଟରେ ମାଗିକରି ଖାଇବା ସହ ସେଠାରେ ରହି ଆସୁଥିଲେ ।



## ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପ୍ରତିବାଦରେ କଂଗ୍ରେସର ଧାରଣା

ବ୍ରହ୍ମପୁର,୧୪ ।୧୦(ସମିସ): ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ବିରୋଧରେ ୧୦ଦଫା ଦାବି ନେଇ କଂଗ୍ରେସ ପକ୍ଷରୁ ଗାନ୍ଧୀନଗର ଛକ ସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଧାରଣା ଦିଆଯାଇଛି । ଗଞ୍ଜାମ ଜିଲ୍ଲା(ପୂର୍ବ) କଂଗ୍ରେସ ପକ୍ଷରୁ 'ଗାନ୍ଧୀ ପଥେ ଓଡ଼ିଶା' କାର୍ଯ୍ୟକ୍ରମ ଜରିଆରେ କର୍ମୀ ଓ ନେତା କଳାବ୍ୟାଜ୍ ପରିଧାନ କରିବା ସହ ଦଳୀୟ ପତାକା ଧରି ଧାରଣା ଦେଇଥିଲେ । ବିଜେପି ଶାସନ ସମୟରେ ଆଇନଶୃଙ୍ଖଳା ସ୍ଥିତି ଉଦ୍‌ବେଗଜନକ ହୋଇଥିବା ନେଇ ଲୋକଙ୍କୁ ସଚେତନ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ରଶ୍ମିରଞ୍ଜନ ପଟ୍ଟନାୟକଙ୍କ ସମେତ ପୂର୍ବତନ ବିଧାୟକ ଡ. ତ୍ରିନାଥ ବେହେରା, ପିସିସି ଉପସଭାପତି ଲଲାଟେନ୍ଦୁ ମହାପାତ୍ର, ଜିଲ୍ଲା ଯୁବ କଂଗ୍ରେସ ସଭାପତି ବିକାଶ ନାୟକ, ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ବନଜା ପଣ୍ଡା, ତତସତ୍ ସୁବୁଦ୍ଧି, ସୁବାଷିନୀ ପଟ୍ଟନାୟକ, ଶିବରାମ ପାତ୍ର, ପ୍ରବୀର ସାବତଙ୍କ ସମେତ ବହୁ ଯୁବ, ଛାତ୍ରୀ ଓ ମହିଳା କର୍ମକର୍ତ୍ତା ଧାରଣାରେ ସାମିଲ ହୋଇଥିଲେ ।



- ପିଏମ୍ ଆବାସ ପାଇବା ଲୋଭରେ ଫସିଲେ ମହିଳା

## ସାଇବର ଠକ ନେଇଗଲେ ୩ ଲକ୍ଷ ୯୦ ହଜାର

ବ୍ରହ୍ମପୁର,୧୪।୧୦(ସମିସ): ନିଜ ମୋବାଇଲରେ ପିଏମ୍ ଆବାସ ଯୋଜନା ଆପ୍ ନାମକ ଏକ ଏପିକେ ଫାଇଲ୍ ଡାଉନଲୋଡ୍ କରି ଜଣେ ମହିଳା ୩ ଲକ୍ଷ ୯୦ ହଜାରରୁ ଅଧିକ ଟଙ୍କା ହରାଇଛନ୍ତି । ସାଇବର ଠକମାନେ ତାଙ୍କ ବ୍ୟାଙ୍କ ଆକାଉଣ୍ଟର ସବିଶେଷ ତଥ୍ୟ ହାସଲ କରି ଆଖି ପିଛୁଳାକେ ଟଙ୍କା ଠକି ନେଇଛନ୍ତି । ମହିଳା ଜଣଙ୍କ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

ସୂଚନାପ୍ରକାରେ, ବ୍ରହ୍ମପୁର ଅରବିନ୍ଦନଗର ଦ୍ୱିତୀୟ ଲାଇନ୍‌ରେ ରହୁଥିବା ଜଣେ ୫୨ ବର୍ଷୀୟ ମହିଳାଙ୍କ ହ୍ୱାଟ୍ସଆପକୁ ଏକ ଅଜଣା ନମ୍ବରରୁ ଏକ ଏପିକେ ଫାଇଲ୍ ଆସିଥିଲା । ସେହି ଫାଇଲରେ ପିଏମ୍ ଆବାସ ଯୋଜନା ଲେଖା ହୋଇଥିଲା । ମହିଳା ଆବାସ ପାଇବା ଆଶାରେ ଉକ୍ତ ଫାଇଲ ଉପରେ କ୍ଲିକ କରିବା ସହ ଏହାକୁ ଡାଉନ୍‌ଲୋଡ୍ କରି ଦେଇଥିଲେ । ଫାଇଲ ଡାଉନ୍‌ଲୋଡ ପରେ ଇନ୍‌ଷ୍ଟଲ ପାଇଁ ଅନୁମତି ମାଗିଥିଲା । ମହିଳା ଜଣଙ୍କ ଓକେ କରିବା କିଛି ସମୟ ପରେ ଆକାଉଣ୍ଟରୁ ପର୍ଯ୍ୟାୟକ୍ରମରେ ୩ ଲକ୍ଷ ୯୦ ହଜାର ୫୯୨ ଟଙ୍କା କଟି ଯାଇଥିଲା ।

## ରଘୁନାଥ ପଣ୍ଡାଙ୍କ ସ୍ମରଣରେ ସ୍ମୃତିସଭା




ବ୍ରହ୍ମପୁର,୧୪ ।୧୦(ସମିସ)

ସ୍ଥାନୀୟ ଗିରିରୋଡ ସ୍ଥିତ ଏକ କଲ୍ୟାଣ ମଣ୍ଡପରେ ସ୍ୱାଧୀନତା ସଂଗ୍ରାମୀ କବିରାଜ ରଘୁନାଥ ପଣ୍ଡାଙ୍କ ୧୮ତମ ତିରୋଧାନ ଦିବସରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଅଲ୍ ଇଣ୍ଡିଆ କ୍ଷେତ ମଜଦୂର କିଷାନ ସଭାର ଜିଲ୍ଲା ସଭାପତି ଆଇନଜୀବୀ ଅବନୀ ଗୟାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଓକିଲ ସଂଘର ପୂର୍ବତନ ସଭାପତି ବରିଷ୍ଠ ଆଇନଜୀବୀ ଭଗବାନ ସାହୁ ଯୋଗ ଦେଇ ସ୍ୱର୍ଗତ ରଘୁନାଥ ପଣ୍ଡାଙ୍କ ସ୍ମୃତିଚାରଣ କରି ବର୍ତ୍ତମାନର ରାଜନୈତିକ ସ୍ଥିତି ଉପରେ ଆଲୋକପାତ କରିଥିଲେ । ଏ ଅବସରରେ ବାସନ୍ତୀ ପାଢ଼ୀ, କୁନି ପାଢ଼ୀ ଏବଂ ପ୍ରଫୁଲ୍ଲ କୁମାର ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା । ସୁରେନ୍ଦ୍ର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସୁରେନ୍ଦ୍ର ନାଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ରାଘବ ପରିଡ଼ା, ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ପୂର୍ବତନ ଜିଲ୍ଲା ସମ୍ପାଦକ ପ୍ରକାଶ ଚନ୍ଦ୍ର ପାତ୍ର, ମାର୍କସବାଦୀ କମ୍ୟୁନିଷ୍ଟ ପାର୍ଟିର ଗୋପାଳ କୃଷ୍ଣ ପାଣିଗ୍ରାହୀ, ଶିକ୍ଷାବିତ୍ ଦେବୀ ପ୍ରସାଦ ସାହୁ, ସେବା ନିବୃତ୍ତ ଶିକ୍ଷକ ସଂଘର ନେତା ଶ୍ୟାମ ସୁନ୍ଦର ଖାଡଙ୍ଗା, ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘ ଉପସଭାପତି ସୀମାଞ୍ଚଳ ପ୍ରସାଦ ବିଷୋୟୀ, ମାନବ ଅଧିକାର ସୁରକ୍ଷା ମଞ୍ଚର ସଭାପତି ଗଗନ ଚନ୍ଦ୍ର ମଲ୍ଲିକ, ଓଡ଼ିଶା ମନରେଗା ଶ୍ରମିକ ସଂଘର ଜିଲ୍ଲା ସଭାନେତ୍ରୀ ପି.ପାର୍ବତୀ, କବି ପ୍ରଫୁଲ୍ଲ କୁମାର ମହାପାତ୍ର, ଦେବରାଜ ଦାଶ, ଶିକ୍ଷକ ନେତା ପୀତବାସ ମହାପାତ୍ର, ଇ. ପ୍ରଫୁଲ୍ଲ କୁମାର ତ୍ରିପାଠୀ, ବାସୁଦେବ ରଥ, ଆଦିତ୍ୟ ରଥ, ବଂଶୀଧର ସେଠୀ, ବରିଷ୍ଠ ଆଇନଜୀବି ଅରୁଣ ପଣ୍ଡା, ବିଦେଶୀ ନାହାକ ଓ ସୀମାଞ୍ଚଳ ପ୍ରଧାନ ପ୍ରମୁଖ ସ୍ମୃତି ଚାରଣ କରିଥିଲେ ।




## ହତ୍ୟା ଉଦ୍ୟମ ମାମଲା: ପୂର୍ବତନ ବିଧାୟକଙ୍କ ସମେତ ୧୦ ନିର୍ଦ୍ଦୋଷରେ ଖଲାସ

ବ୍ରହ୍ମପୁର,୧୪ ।୧୦(ସମିସ)



ଦୀର୍ଘ ୧୬ବର୍ଷର ବିଚାରଣା ପରେ ଏକ ହତ୍ୟା ଉଦ୍ୟମ ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି । ମଙ୍ଗଳବାର ଅତିରିକ୍ତ ଜିଲ୍ଲା ଜଜ୍ ତୃତୀୟ ବିବସ୍ୱତ ଗୌତମ ଉକ୍ତ ମାମଲାର ବିଚାରଣା କରି ପ୍ରମାଣ ଅଭାବରୁ ପୂର୍ବତନ ବିଧାୟକଙ୍କ ସମେତ ୧୦ଜଣଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି । ସେମାନେ ହେଲେ ସୋରଡ଼ାର ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଯୋଗେନ୍ଦ୍ର ବେହେରା, ଉମେଶ ପଣ୍ଡା, ଅମୂଲ୍ୟ ଗୌଡ଼, ବିଦ୍ୟାଧର ବିଷୋୟୀ, ଏସ. ରାମେଶ୍ୱର ପାତ୍ର, ଦିଲ୍ଲୀପ ରଣା, ସୀମାଞ୍ଚଳ ରାଉତ, ସଂଗ୍ରାମ କେଶରୀ ଗୁରୁ, ମାଗତା ଦଳବେହେରା । ଏହି ମାମଲାର ବିଚାରଣ ବେଳେ କୋକ ମହାନ୍ତିଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କୁ ଏହି ମାମଲାରୁ ବାଦ ଦିଆଯାଇଛି ।

ସୂଚନାଯୋଗ୍ୟ ଯେ, ୨୦୦୯ ଏପ୍ରିଲ ୫ ଦିନ ବର୍ତ୍ତମାନର ସୋରଡ଼ା ବିଧାୟକ ନୀଳମଣୀ ବିଷୋୟୀଙ୍କ ସହଯୋଗୀ ସୁରେନ୍ଦ୍ର ଡ଼ାକୁଆ ଓ ସୂର୍ଯ୍ୟ ରାଉତଙ୍କୁ ଗାଙ୍ଗପୁର ଥାନା ଅନ୍ତର୍ଗତ ପାଲକାଟ ଗ୍ରାମ ନିକଟରେ ମରଣାନ୍ତକ ଆକ୍ରମଣ ହୋଇଥିଲା । ନିର୍ବାଚନ କାର୍ଯ୍ୟରେ ଯିବା ସମୟରେ ନୀଳମଣୀ ବିଷୋୟୀ ଏହା ଦେଖିଥିଲେ । ଗୁରୁତର ଅବସ୍ଥାରେ ସୂର୍ଯ୍ୟ ଓ ସୁରେନ୍ଦ୍ରଙ୍କୁ ଉଦ୍ଧାର କରି ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା । ପରେ ଘଟଣାକୁ ନେଇ ଉପରୋକ୍ତ ବ୍ୟକ୍ତିଙ୍କ ନାମରେ ଗାଙ୍ଗପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା । ଘଟଣାରେ ସମ୍ପୃକ୍ତ ଥିବା ଉପରୋକ୍ତ ବ୍ୟକ୍ତିମାନେ ହାଇକୋର୍ଟରୁ ଆଗୁଆ ଜାମିନ ଆଣିଥିଲେ । ଫଳରେ ପୁଲିସ କାହାକୁ ମଧ୍ୟ ଗିରଫ କରିନଥିଲା । ଏହି ମାମଲାର ବିଚାରଣା ବେଳେ ବିଧାୟକ ନୀଳମଣି ବିଷୋୟୀଙ୍କ ସମେତ ୧୧ଜଣ ସାକ୍ଷୀଙ୍କ ବୟାନ ରେକଡର୍ ହୋଇଥିଲା । ମଙ୍ଗଳବାର ଏହି ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ବେଳେ ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ସମେତ ଅନ୍ୟମାନେ କୋର୍ଟରେ ହାଜର ହୋଇଥିଲେ । ଉପଯୁକ୍ତ ସାକ୍ଷ୍ୟ ଓ ପ୍ରମାଣ ଅଭାବରୁ କୋର୍ଟ ଉକ୍ତ ରାୟ ପ୍ରକାଶ କରିଛନ୍ତି । ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ଅକ୍ଷୟ କୁମାର ପଟ୍ଟନାୟକ, ବାପୁଜୀ କୁମାର ରଣା ଓ ବରୁଣ ଗୌଡ଼ ମାମଲା ପରିଚାଳନା କରୁଥିଲେ ।

୧୪/୧୦/୨୦୨୫ (ମଙ୍ଗଳବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୧୨,୧୩,୧୫୪/- ସୁନା: ୦୨.୩୫୦ ଗ୍ରାମ୍ ରୁପା: ୦୯.୩୦୦ ଗ୍ରାମ୍



**ଶ୍ରୀମନ୍ଦିରରେ ଦିବା ପହୁଡ଼**

## ଦୁଇ ଘଣ୍ଟା ଶୋଇଲେ ଠାକୁର



ପୁରୀ,୧୪।୧୦(ସମିସ): ଶ୍ରୀମନ୍ଦିରରେ ମଙ୍ଗଳବାର ଦିବା ପହୁଡ଼ ନୀତି ସମ୍ପନ୍ନ ହୋଇଛି। ଅପରାହ୍ଣ ସାଢ଼େ ୪ଟାରେ ପହୁଡ଼ ହୋଇ ସନ୍ଧ୍ୟା ସାଢ଼େ ୬ଟାରେ ଦ୍ୱାର ଫିଟାଯାଇଥିଲା। ଫଳରେ ମହାପ୍ରଭୁ ଦିନରେ ୨ ଘଣ୍ଟା ଶୋଇଥିଲେ। ଏହି ସମୟରେ ଦର୍ଶନ ବନ୍ଦ ରହିଥିଲା। ପହୁଡ଼ ଖୋଲିବା ପରେ ପୁନଶ୍ଚ ଦର୍ଶନ ସ୍ୱାଭାବିକ ହୋଇଥିଲା। ଶ୍ରୀମନ୍ଦିରରେ ଠାକୁରଙ୍କ ଦିବା ପହୁଡ଼ ନୀତି ରହିଛି। କିନ୍ତୁ କୌଣସି କାରଣକୁ ନେଇ ଯଦି ନୀତିକାନ୍ତି ବିଳମ୍ବ ହୁଏ କିମ୍ବା ଭକ୍ତଙ୍କ ଅଧିକ ଗହଳି ଥାଏ ତେବେ ଦିବା ପହୁଡ଼ ହୋଇ ନ ଥାଏ। ପରମ୍ପରା ମୁତାବକ, କାର୍ତ୍ତିକ ମାସ ଓ ପହଲି ଭୋଗ ମାସରେ ଏହି ନୀତି ହେବା କଥା। ତେବେ ମଙ୍ଗଳବାର ନୀତି ସବୁ ଶୃଙ୍ଖଳିତ ହୋଇଥିଲା। ସୋମବାର ରାତି ୧୨ଟା ୩୦ରେ ରାତ୍ର ପହୁଡ଼ ହୋଇ ଭୋର୍ ୪ଟା ୪୦ରେ ଦ୍ୱାରଫିଟା ହୋଇଥିଲା। ମଙ୍ଗଳବାର ସକାଳ ୫ଟା ୧୫ରେ ମଙ୍ଗଳ ଆଳତି, ୬ଟା ୪୦ରେ ଅବକାଶ ନୀତି ବଢ଼ିଥିଲା। ଅନ୍ୟାନ୍ୟ ନୀତିକାନ୍ତି ସରି ଅପରାହ୍ଣ ୩ଟା ୫୦ରେ ଦ୍ୱିତୀୟ ଭୋଗମଣ୍ଡପ ସରିଥିଲା। ମଇଲମ ଓ ବେଶ ପରେ ଅପରାହ୍ଣ ସାଢ଼େ ୪ଟାରେ ଦିବା ପହୁଡ଼ କରାଯାଇଥିଲା।

## ଆଜି ବନକଲାଗି; ୪ ଘଣ୍ଟା ବନ୍ଦ ରହିବ ଦର୍ଶନ

ପୁରୀ,୧୪।୧୦(ସମିସ): ଶ୍ରୀମନ୍ଦିରରେ ବୁଧବାର କାର୍ତ୍ତିକ କୃଷ୍ଣ ନବମୀ ତିଥିରେ ମହାପ୍ରଭୁଙ୍କ ବନକଲାଗି ବା ଶ୍ରୀମୁଖ ଶୃଙ୍ଗାର ନୀତି ଅନୁଷ୍ଠିତ ହେବ। ଏଥିପାଇଁ ଦ୍ୱିତୀୟ ଭୋଗମଣ୍ଡପ ଶେଷ ହେବା ପରେ ଆପାତତଃ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବନକଲାଗି ହେଉଛି ମହାପ୍ରଭୁଙ୍କର ଏକ ଗୁପ୍ତ ନୀତି। ଏହି ନୀତି ପାଇଁ ଜୟବିଜୟ ଦ୍ୱାର ବନ୍ଦ ରହିବ। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ। ଏଥିପାଇଁ ଦତ୍ତମହାପାତ୍ର ସେବକ ପ୍ରାକୃତିକ ରଙ୍ଗ ପ୍ରସ୍ତୁତ କରିଥା'ନ୍ତି।

**ଶ୍ରୀମନ୍ଦିର ପ୍ରକଳ୍ପ ସାଂସ୍କୃତିକ ଏବଂ ପ୍ରକଳ୍ପ ବୈଷୟିକ ଯୁଗ୍ମ କମିଟି ବୈଠକ**

# ତିଆରି ହେବ ନୂଆ ଭକ୍ତ ନିବାସ

ପୁରୀ,୧୪।୧୦(ସମିସ)



- ଶ୍ରୀମନ୍ଦିର ପରିସରରୁ ଲୁହା ବ୍ୟାରିକେଡ୍ ହଟି ପିତ୍ତଳ ବ୍ୟାରିକେଡ୍ ଲାଗିବ
- ଡିସେମ୍ବର ଶେଷ ସୁଦ୍ଧା ସରିବ ପିଲିଗ୍ରିମ୍ ସେଣ୍ଟର କାମ
- ଆନନ୍ଦ ବଜାରରେ ପଲିଥିନ୍ ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ ହେବ

ନୀଳାଦ୍ରି ଭକ୍ତନିବାସ ପରିସରରେ ମଙ୍ଗଳବାର ଶ୍ରୀମନ୍ଦିର ପ୍ରକଳ୍ପ ସାଂସ୍କୃତିକ ଏବଂ ପ୍ରକଳ୍ପ ବୈଷୟିକ ଯୁଗ୍ମ କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଛି। ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶ୍ରୀମନ୍ଦିର, ଶ୍ରୀଗୁଣ୍ଡିଚା ମନ୍ଦିର ପାଇଁ ଅନେକ ନିଷ୍ପତ୍ତି ନିଆଯାଇଥିବାବେଳେ ସେବାୟତ, ଭକ୍ତଙ୍କ ସୁବିଧା ନିମନ୍ତେ ବିସ୍ତୃତ ଭାବେ ଆଲୋଚନା କରାଯାଇ କିଛି ନିଷ୍ପତ୍ତିରେ ମୋହର ବାଜିଛି। ପ୍ରାୟ ୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଅନୁଷ୍ଠିତ ବୈଠକ ଶେଷରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ବିସ୍ତୃତ ଭାବେ ସୂଚନା ଦେଇଥିଲେ। ସେ କହିଥିଲେ, ଶ୍ରୀଜଗନ୍ନାଥ ଧାମକୁ ଏକ ଶ୍ରେଷ୍ଠ ଧାର୍ମିକ ଏବଂ ସାଂସ୍କୃତିକ ସ୍ଥଳରେ ପରିଣତ କରିବା ପାଇଁ ଆଲୋଚନା ହୋଇଥିଲା। ବିଭିନ୍ନ ପ୍ରକଳ୍ପକୁ ନେଇ ସାଂସ୍କୃତିକ ଏବଂ ବୈଷୟିକ ଦିଗ ପ୍ରତି ଆଲୋଚନା କରାଯାଇଥିଲା। ଶ୍ରୀଜଗନ୍ନାଥ ବଲ୍ଲଭ ପ୍ରମୋଦ ଉଦ୍ୟାନର ଉନ୍ନତୀକରଣ, ଶ୍ରୀମାର୍ଗର ଉନ୍ନତୀକରଣ ଓବିସିସି ଦ୍ୱାରା କରାଯିବ। ଶ୍ରୀଜଗନ୍ନାଥ ବଲ୍ଲଭ ପିଲିଗ୍ରିମ୍ ସେଣ୍ଟର ରକ୍ଷଣାବେକ୍ଷଣ, ଗୁଣ୍ଡିଚା ମନ୍ଦିର ଉନ୍ନତୀକରଣ, ଶ୍ରୀମନ୍ଦିର ଆଦର୍ଶ ଗୁରୁକୁଳ ନିର୍ମାଣ, ଶ୍ରୀମନ୍ଦିର ଅଭ୍ୟର୍ଥନା କେନ୍ଦ୍ର ନିର୍ମାଣ, ଶ୍ରୀମନ୍ଦିର ସାଂସ୍କୃତିକ କେନ୍ଦ୍ର ଓ ରଘୁନନ୍ଦନ ପାଠାଗାର ନିର୍ମାଣ, ଶ୍ରୀମନ୍ଦିର ନୂତନ କାର୍ଯ୍ୟାଳୟ ନିର୍ମାଣ, ଶ୍ରୀମନ୍ଦିର ସେବକ ବାସଗୃହ ପ୍ରକଳ୍ପ, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସମ୍ପୂର୍ଣ୍ଣ ଓ ଏହାର ରକ୍ଷଣାବେକ୍ଷଣ, ବଡ଼ଦାଣ୍ଡ ଉନ୍ନତୀକରଣ, ଶ୍ରୀମନ୍ଦିର ୭୫ ମିଟର ଜୋନ୍ ବାହାରେ ଅନ୍ନ କ୍ଷେତ୍ର ନିର୍ମାଣ, ହୋମଯଜ୍ଞ ପ୍ରକଳ୍ପ, ଶ୍ରୀମନ୍ଦିର ନାମଯଜ୍ଞ ପ୍ରକଳ୍ପ ସହିତ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଆସନ୍ତା ଡିସେମ୍ବର ଶେଷ ସୁଦ୍ଧା ସରିବ ଶ୍ରୀଜଗନ୍ନାଥ ବଲ୍ଲଭ ପିଲିଗ୍ରିମ୍ ସେଣ୍ଟର କାର୍ଯ୍ୟ।

ଶ୍ରୀଗୁଣ୍ଡିଚା ମନ୍ଦିରର ସମ୍ମୁଖ ଭାଗ ସୌନ୍ଦର୍ଯ୍ୟକରଣ କରାଯାଇଛି। ଏହାର ଚତୁଃପାର୍ଶ୍ୱର ଉନ୍ନତୀକରଣ ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ନିଷ୍ପତ୍ତି ହୋଇଛି। ୨୦୨୬ ରଥଯାତ୍ରା ପୂର୍ବରୁ ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ଶେଷ ହେବ। ରଥଯାତ୍ରା ପରେ ପ୍ରକଳ୍ପର ବଳକା କାମ କରାଯିବ। ସେହିପରି ସେବକମାନଙ୍କ ପିଲାଙ୍କୁ ଉତ୍ତମ ଶିକ୍ଷା ପ୍ରଦାନ ନିମନ୍ତେ ମାଟିତୋଟାରେ ଆଦର୍ଶ ଗୁରୁକୁଳ ନିର୍ମାଣ ହେବ। ସେବାୟତଙ୍କ ପାଇଁ ବାସଗୃହ ନିର୍ମାଣ ହେବ। ହରଚଣ୍ଡୀ ସାହିରେ ଚିହ୍ନଟ ଜମିକୁ ନେଇ ଆଇନଗତ ବିବାଦ ରହିଛି। ଏହାର ସମାଧାନ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଉକ୍ତ ଦୁଇ ପ୍ରକଳ୍ପ ନେଇ ଥିବା ଜମିଜମା ବିବାଦର ସମାଧାନ ଜିଲ୍ଲାପାଳ କରିବେ। ଶ୍ରୀମନ୍ଦିର ଐତିହ୍ୟ ଆଲୋକୀକରଣ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ଏଏସ୍ଆଇ ସହିତ ଆଲୋଚନା କରାଯାଇ ମୁଖ୍ୟ ମନ୍ଦିରକୁ ଛାଡ଼ି ମେଘନାଦ ପାଚେରି ଏବଂ ଅନ୍ୟାନ୍ୟ ପାର୍ଶ୍ୱ ଦେବଦେବୀଙ୍କ ମନ୍ଦିର ଆଲୋକୀକରଣ କରାଯିବ। ଶ୍ରୀମନ୍ଦିର ନାଟମଣ୍ଡପକୁ ଶୀତତାପ ନିୟନ୍ତ୍ରିତ କରାଯିବାକୁ ଥିବାବେଳେ ଏ ନେଇ ଟେଣ୍ଡର ପ୍ରକ୍ରିୟା ସରିଛି। ଶ୍ରୀମନ୍ଦିର ଭିତରେ ଥିବା ଲୁହା ବ୍ୟାରିକେଡ୍‌ଗୁଡ଼ିକ ଅପସରଣ କରାଯାଇ ପିତ୍ତଳ ବ୍ୟାରିକେଡ୍ ସ୍ଥାପନା କାର୍ଯ୍ୟ ଜାରି ରହିଛି। ନୀଳାଦ୍ରି ଭକ୍ତ ନିବାସ ପଛରେ ଥିବା ସ୍ଥାନରେ ଏକ ନୂଆ ଭକ୍ତ ନିବାସ ସ୍ଥାପନା ହେବ। ଶ୍ରୀମନ୍ଦିର ଭିତରେ ପଲିଥିନ୍ ବ୍ୟବହାର ବନ୍ଦ କରିବା ପାଇଁ ପଦକ୍ଷେପ ନିଆଯାଉଛି। ଏହା ବଦଳରେ ପରିବେଶ ଅନୁକୂଳ ବ୍ୟାଗ୍ ବ୍ୟବହାର କରାଯିବ। ମନ୍ଦିର ଭିତରେ ପୁଲିସ, ଶ୍ରୀମନ୍ଦିର କର୍ମଚାରୀ ଓ ସେବାୟତଙ୍କ ପାଇଁ ମୋବାଇଲ୍ ବ୍ୟବହାର ଉପରେ କଡ଼ା କଟକଣା ରହିବ। ନୀତି ସହିତ ସମ୍ପୃକ୍ତ ଥିବା ସେବାୟତମାନେ କେବଳ ଗାରଦ ଏବଂ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ବ୍ୟବହାର କରିପାରିବେ। ସାର୍ବଜନୀନ ସ୍ଥାନରେ ମୋବାଇଲ୍ ଫୋନ୍ ବ୍ୟବହାର କରିପାରିବେ ନାହିଁ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା କମିଟି ସଦସ୍ୟ ଡ. ଗିରିଶ ଚନ୍ଦ୍ର ମୁର୍ମୁ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ସମେତ ସେବାୟତ ପ୍ରତିନିଧି, ପ୍ରକଳ୍ପ ସହିତ ଜଡ଼ିତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଏବଂ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିସହ କମିଟିର ୧୫ ଜଣ ସଦସ୍ୟ ମଧ୍ୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଖୁବ୍‌ଶୀଘ୍ର ଖୋଲିବ ଗୁଣ୍ଡିଚା ମନ୍ଦିର

ପୁରୀ,୧୪।୧୦(ସମିସ): ପ୍ରାୟ ୫ ବର୍ଷରୁ ଊର୍ଦ୍ଧ୍ୱ ହେବ ଭକ୍ତଙ୍କ ଗୁଣ୍ଡିଚା ମନ୍ଦିର ପ୍ରବେଶ ଉପରେ କଟକଣା ରହିଛି। କେବଳ ରଥଯାତ୍ରା ସମୟରେ ଶ୍ରଦ୍ଧାଳୁ ଗୁଣ୍ଡିଚା ମନ୍ଦିରକୁ ପ୍ରବେଶ କରୁଛନ୍ତି। ବାହୁଡ଼ା ଯାତ୍ରାରେ ମହାପ୍ରଭୁ ବାହୁଡ଼ିଯିବା ପରେ ପୁଣି ଭକ୍ତଙ୍କ ପାଇଁ ବନ୍ଦ ହୋଇଯାଉଛି ଶ୍ରୀଗୁଣ୍ଡିଚା ମନ୍ଦିର ଦ୍ୱାର। ତେବେ ଏହାକୁ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ରହିଥିବାବେଳେ ବାହାରୁ ଆସୁଥିବା ଭକ୍ତ, ପର୍ଯ୍ୟଟକ ଏଥିପାଇଁ ଶୋଷଣର ଶିକାର ହେଉଛନ୍ତି। ସେମାନେ ମନ୍ଦିର ବନ୍ଦ ଥିବା ଜାଣିପାରୁ ନ ଥିବାରୁ ଗାଡ଼ି ଭଡ଼ା କରି ଆସି ଫେରିଯାଉଛନ୍ତି। ଅଟୋଚାଳକମାନେ ମନ୍ଦିର ବନ୍ଦ ଥିବା ଜାଣିଥିଲେ ମଧ୍ୟ ସେମାନଙ୍କୁ କିଛି ନ କହି ଗୁଣ୍ଡିଚା ମନ୍ଦିର ପାଖରେ ପହଞ୍ଚାଇ ଭଡ଼ା ବାବଦରେ ଟଙ୍କା ନେଇ ଏକପ୍ରକାର ଶୋଷଣ କରୁଛନ୍ତି। ଭକ୍ତଙ୍କ ପାଇଁ ଗୁଣ୍ଡିଚା ମନ୍ଦିର ଖୋଲିବା ଲାଗି ବିଭିନ୍ନ ସଂଗଠନ ଏବଂ ସ୍ୱେଚ୍ଛାସେବୀ ଦାବି କରିଆସୁଥିବାବେଳେ ଖୁବ୍‌ଶୀଘ୍ର ଏହା ଖୋଲିବାକୁ ଯାଉଛି ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ। ତେବେ ପୂର୍ବପରି ଏହା କାହାକୁ ଟେଣ୍ଡର ଦିଆଯିବ ନାହିଁ। ଶ୍ରୀମନ୍ଦିର ପ୍ରଶାସନ ନିଜେ ଏହାକୁ ପରିଚାଳନା କରିବ। ଭକ୍ତମାନେ ଟିକଟ୍ କାଟି ଦର୍ଶନ କରିପାରିବେ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି। କିନ୍ତୁ କେବେ ଖୋଲିବ ସେ ନେଇ ନିର୍ଦ୍ଦିଷ୍ଟ ତାରିଖ କହିହେବ ନାହିଁ, କିନ୍ତୁ ଖୁବ୍‌ଶୀଘ୍ର ଖୋଲିବ ବୋଲି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଥିଲେ।

## ଦୁର୍ଘଟଣାରେ ଅଟୋଚାଳକ ମୃତ

ପୁରୀ,୧୪।୧୦(ସମିସ): ବଳିଆପଣ୍ଡା ଲାଇଟ୍ ହାଉସ୍ ଛକ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଅଟୋଚାଳକଙ୍କ ମୃତ୍ୟୁ ହୋଇଛି। ଏହି ଦୁର୍ଘଟଣାର ଦୃଶ୍ୟ ସିସିଟିଭି ଫୁଟେଜ୍‌ରେ କଏଦ ହୋଇଛି। ସମ୍ପୃକ୍ତ ଅଟୋଚାଳକ ହେଉଛନ୍ତି ବଳିଆପଣ୍ଡାର ବଳରାମ ବିଶ୍ୱାସ। ବଳରାମ ମଙ୍ଗଳବାର ଭଡ଼ା କରିବା ପାଇଁ ଲାଇଟ୍ ହାଉସ୍ ଛକ ନିକଟରେ ଅଟୋ ସହ ଠିଆ ହୋଇଥିବା ବେଳେ ଦ୍ରୁତଗତିରେ ଚାରିଚକିଆ ଯାନ ତାଙ୍କ ଅଟୋକୁ ପଛପଟୁ ଧକ୍କା ଦେବାରୁ ଅଟୋ ସହ ବଳରାମ କିଛି ବାଟ ଦୂରକୁ ଘୋଷାଡ଼ି ହୋଇଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଦୁର୍ଘଟଣାକୁ ନେଇ ବଳିଆପଣ୍ଡା ଥାନାରେ ଏକ ମାମଲା ରୁଜୁ ହୋଇଛି।

## ଶ୍ରୀମନ୍ଦିର ଆଇନ ସଂଶୋଧନ ପାଇଁ ହେଉ ଗଣଭୋଟ୍

ପୁରୀ,୧୪।୧୦(ସମିସ): ଜଗନ୍ନାଥ ବିଶ୍ୱଦେବତା। ବିଧର୍ମୀଙ୍କ କବଳରୁ ଠାକୁରଙ୍କୁ ବାରମ୍ବାର ରକ୍ଷା କରିଥିଲେ ସେବାୟତ ଓ ପୁରୀର ସ୍ଥାନୀୟ ଅଧିବାସୀ। ଆଜି ଠାକୁର ଓ ମନ୍ଦିର ପ୍ରତି ଘୋର୍ ବିପଦ। ଏଣୁ ସେବାୟତ ଓ ସ୍ଥାନୀୟ ବାସିନ୍ଦା, ଠାକୁର ଓ ମନ୍ଦିରର ସୁରକ୍ଷା ପାଇଁ ବ୍ୟକ୍ତିଗତ ସ୍ୱାର୍ଥରୁ ଊର୍ଦ୍ଧ୍ୱରେ ରହିବା ବଡ଼ ଆବଶ୍ୟକତା ବୋଲି କହିଛନ୍ତି ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଂଗଠନର ରାଜ୍ୟ ସଭାପତି ବଦ୍ରି ମିଶ୍ର। ଶ୍ରୀମନ୍ଦିରରେ ମୋବାଇଲ୍, କ୍ୟାମେରା ଓ ସ୍ମାଇ ଚଷମା ପ୍ରବେଶ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଦାସିନତା, ନୀରବତା ଓ ଇଚ୍ଛାଶକ୍ତିର ଅଭାବ ବୋଲି ଦର୍ଶାଇବା ସହ ସଂଗଠନ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହି ପ୍ରସ୍ତାବରେ ଭକ୍ତଙ୍କ ପରି ଶ୍ରୀମନ୍ଦିର କର୍ମଚାରୀ, ପୁଲିସ, ସେବାୟତ ଓ ଅଣସେବାୟତଙ୍କ ମୋବାଇଲ୍ ସମ୍ପୂର୍ଣ୍ଣ ନିଷିଦ୍ଧ, କେବଳ ପାଳିଆ ସେବାୟତଙ୍କ ମୋବାଇଲ୍‌କୁ ଗାରଦ ଯାଏ ଅନୁମତି, ସେବାୟତଙ୍କ ଜରୁରୀ ଆବଶ୍ୟକତା ଦୃଷ୍ଟିରୁ ମନ୍ଦିର ଚାରିଦୁଆରେ ଜେଟିପି ନିଯୁକ୍ତି ସହ ଚାରୋଟି ସ୍ୱତନ୍ତ୍ର ଗୃହ ନିର୍ମାଣ, ନିଷିଦ୍ଧ ଦ୍ରବ୍ୟ ନେଇଥିବା ବ୍ୟକ୍ତିଙ୍କୁ ତୁରନ୍ତ ଗିରଫ, ଏ ଦିଗରେ ସହଯୋଗ କରିଥିବା ବ୍ୟକ୍ତି ଓ କର୍ମଚାରୀଙ୍କୁ କାର୍ଯ୍ୟରୁ ନିଲମ୍ବନ ସହ ଗିରଫ, ଡ୍ରୋନ୍ ଉଡ଼ାଉଥିବା ବ୍ୟକ୍ତି ଓ ସହଯୋଗୀଙ୍କୁ ତୁରନ୍ତ ଗିରଫ, ଠାକୁରଙ୍କ ନାମ, ଧାମ ଓ ସଂସ୍କୃତିକୁ ନେଇ ଅରୁଚିକର ଚିତ୍ର, ଦ୍ରବ୍ୟ, ସାହିତ୍ୟ, ପ୍ରବଚନ, ପ୍ରସାରଣ, ନୃତ୍ୟ ଓ ସଙ୍ଗୀତ ବିଶେଷକରି ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଦେଇଥିବା ପ୍ରସ୍ତାବ ଉପରେ ଶ୍ରୀଜଗନ୍ନାଥ ମନ୍ଦିର ଆଇନ ସଂଶୋଧନ ପୂର୍ବରୁ ଏହା ଉପରେ ଗଣଭୋଟ୍ କରିବାକୁ ଦାବି ରଖାଯାଇଛି।

## କ୍ଷେତ୍ର ପରିଦର୍ଶନ କଲେ ସୁରକ୍ଷା ସବ୍ କମିଟି ଅଧ୍ୟକ୍ଷ



ପୁରୀ,୧୪।୧୦(ସମିସ)

ଶ୍ରୀମନ୍ଦିରକୁ ଆସୁଥିବ ଭକ୍ତମାନେ ଯେପରି ସୁରକ୍ଷିତ ଭାବେ ମହାପ୍ରଭୁଙ୍କୁ ଦର୍ଶନ କରି ସୁଖଦ ଅନୁଭୂତି ନେଇ ଫେରିବେ ତା' ଉପରେ ଗୁରୁତ୍ୱ ଦେଉଛି ଶ୍ରୀମନ୍ଦିର ପ୍ରଶାସନ। ଏଥିପାଇଁ ଗଠନ କରାଯାଇଛି ଶ୍ରୀମନ୍ଦିର ସୁରକ୍ଷା ସବ୍ କମିଟି। ଏହି କମିଟିର ଅଧ୍ୟକ୍ଷ ରହିଛନ୍ତି ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ତଥା ପୂର୍ବତନ ସିଏଜି ଗିରୀଶ ଚନ୍ଦ୍ର ମୁର୍ମୁ। ମଙ୍ଗଳବାର ତାଙ୍କ ଅଧ୍ୟକ୍ଷତାରେ ସବ୍ କମିଟି ବୈଠକ ବସି ସୁରକ୍ଷା ପ୍ରସଙ୍ଗରେ ବିସ୍ତୃତ ଭାବେ ଆଲୋଚନା କରାଯାଇ କେତେକ ପ୍ରସ୍ତାବ ଆଗତ ହୋଇଥିବାବେଳେ କିଛି ନିଷ୍ପତ୍ତି ମଧ୍ୟ ନିଆଯାଇଛି। ବୈଠକ ପରେ ଅଧ୍ୟକ୍ଷ ଶ୍ରୀ ମୁର୍ମୁ ଭକ୍ତଙ୍କ ସୁରକ୍ଷା ସହ ଜଡ଼ିତ କ୍ଷେତ୍ର ପରିଦର୍ଶନ କରିଛନ୍ତି। ତେବେ ବୈଠକରେ ଶ୍ରୀମନ୍ଦିର ଦୋଳବେଦୀଠାରେ ଅବାଧ ପାର୍କିଂ ହଟାଯିବ, ସିଂହଦ୍ୱାର ଥାନା ନବୀକରଣ ସମେତ ଆଉଟ୍ ପୋଷ୍ଟ ନିର୍ମାଣ ତଥା ଅତ୍ୟାଧୁନିକ ଲଗେଜ୍ ସ୍କାନର, ମେଟାଲ ଡିଟେକ୍ଟର ସ୍ଥାପନ ଓ ଡିଜିଟାଲ ଡିସ୍‌ପ୍ଲେ ବୋର୍ଡ ଲଗାଯିବାକୁ ପ୍ରସ୍ତାବ ଆସିଥିଲା। ଶେଷରେ ଅଧ୍ୟକ୍ଷ ଶ୍ରୀ ମୁର୍ମୁ ସିଂହଦ୍ୱାର ଥାନା ପରିଦର୍ଶନ କରିଥିଲେ। ଏତଦ୍‌ବ୍ୟତୀତ ସେ ଜଗନ୍ନାଥ ବଲ୍ଲଭ ପାର୍କିଂ ନିକଟକୁ ଯାଇ ଅନୁଧ୍ୟାନ କରିଥିଲେ। ପାର୍କିଂ ବ୍ୟବସ୍ଥାଠାରୁ ଆରମ୍ଭ କରି ସିସିଟିଭି ଓ ମାର୍କେଟ୍ କମ୍ପ୍ଲେକ୍ସର କାର୍ଯ୍ୟକୁ କିପରି ଅଗ୍ରଗତି କରାଯିବ ସେ ନେଇ ବିଶେଷ ଆଲୋଚନା କରାଯାଇଥିଲା। ଜେବିପିସିରେ ହେବାକୁ ଥିବା କଣ୍ଟ୍ରୋଲ ରୁମ୍ ମଧ୍ୟ ଅନୁଧ୍ୟାନ କରିଥିଲେ।


# ଆପଣଙ୍କ ପୁରୁଣା ବ୍ୟାଙ୍କ ଖାତାରେ ଟଙ୍କା ରଖି ଭୁଲିଯାଇଛନ୍ତି କି?



ଯାହା ଆପଣଙ୍କର ତାହାକୁ ପ୍ରାପ୍ତ କରିବାରେ ଆର୍‌ବିଆଇ ଆପଣଙ୍କୁ ସାହାଯ୍ୟ କରିବ ।


ଆପଣଙ୍କ ବ୍ୟାଙ୍କରେ ଅଚଳ ଖାତା (2 ବର୍ଷରୁ ଅଧିକ ଓ 10 ବର୍ଷ ପର୍ଯ୍ୟନ୍ତ ସମୟ ଧରି ନିଷ୍କ୍ରିୟ ଥିବା)ରେ ପଡ଼ିରହିଥିବା ଟଙ୍କା / ଦାବିହୀନ ଜମା (10 ବର୍ଷରୁ ଅଧିକ ସମୟ ଧରି)ଗୁଡ଼ିକୁ ଆର୍‌ବିଆଇର ଡିଇଏ ପାଣ୍ଠିକୁ ସ୍ଥାନାନ୍ତର କରିଦିଆଯାଇଥାଏ । ଆପଣ କିମ୍ବା ଆପଣଙ୍କର ଆଇନଗତ ଉତ୍ତରାଧିକାରୀ ତାହାକୁ ଯେକୌଣସି ସମୟରେ ଦାବି କରିପାରିବେ ।

## ନିଜ ଟଙ୍କାକୁ ଦାବି କରିବାର 3ଟି ସହଜ ସୋପାନ

1. ଆପଣଙ୍କ ବ୍ୟାଙ୍କର ଯେକୌଣସି ଶାଖା ପରିଦର୍ଶନ କରନ୍ତୁ, ତାହା ଆପଣଙ୍କ ନିୟମିତ ଶାଖା ନ ହୋଇଥିଲେ ମଧ୍ୟ କିଛି ଅସୁବିଧା ନାହିଁ
2. କେୱାଇସି ଦସ୍ତାବିଜ (ଆଧାର, ପାସ୍‌ପୋର୍ଟ, ମତଦାତା ପରିଚୟପତ୍ର କିମ୍ବା ଡ୍ରାଇଭିଂ ଲାଇସେନ୍ସ) ସହ ଏକ ଫର୍ମ ଦାଖଲ କରନ୍ତୁ
3. ଯାଞ୍ଚ ପରେ, ଯଦି ଆପଣଙ୍କର କୌଣସି ଅର୍ଥରାଶି ପ୍ରାପ୍ୟ ହୋଇଥାଏ ତେବେ ତାହାକୁ ସୁଧ ସହ ପ୍ରାପ୍ତ କରନ୍ତୁ

## ଆପଣଙ୍କର ଦାବିହୀନ ଜମାକୁ ଠାବ କରିବା ପାଇଁ

ଆପଣଙ୍କ ବ୍ୟାଙ୍କର ୱେବ୍‌ସାଇଟ୍‌ରେ ସନ୍ଧାନ କରନ୍ତୁ କିମ୍ବା ସମ୍ପ୍ରତି 30ଟି ବ୍ୟାଙ୍କକୁ ଅନ୍ତର୍ଭୁକ୍ତ କରୁଥିବା ଆର୍‌ବିଆଇର ଉଦ୍‌ଗମ ପୋର୍ଟାଲ (https://udgam.rbi.org.in) ଯାଞ୍ଚ କରନ୍ତୁ ।




ଅଧିକ ବିବରଣୀ ପାଇଁ, ପରିଦର୍ଶନ କରନ୍ତୁ: https://rbikehtahai.rbi.org.in
ମତାମତ ପାଇଁ, rbikehtahai@rbi.org.in କୁ ଲେଖନ୍ତୁ
କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ
ଆନୁଷ୍ଠାନିକ ହ୍ୱାଟ୍ସଆପ୍ ନମ୍ବର 99990 41935

ଜନହିତରେ ଜାରି କରିଛନ୍ତି
भारतीय रिज़र्व बैंक
RESERVE BANK OF INDIA
www.rbi.org.in


# ଏସ୍‌ସିଏସ୍‌ରେ ଅନ୍ତଃରାଷ୍ଟ୍ରୀୟ ଆଲୋଚନାଚକ୍ର

ପୁରୀ,୧୪।୧୦(ସମିସ)

ସ୍ଥାନୀୟ ସାମନ୍ତ ଚନ୍ଦ୍ର ଶେଖର(ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟରେ ଇଂରାଜୀ ସ୍ନାତକୋତ୍ତର ବିଭାଗ ପକ୍ଷରୁ ମଙ୍ଗଳବାର ଏକ ଅନ୍ତଃରାଷ୍ଟ୍ରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଛି। 'ଆର୍ଟ, ଅର୍କିଟେକ୍‌ଚର୍ ଅଫ୍ ଓଡ଼ିଶା: ବ୍ରିଜିଂ ଟ୍ରାଡିସନ ଆଣ୍ଡ ଗ୍ଲୋବାଲ ନ୍ୟାରେଟିଭ୍‌ସ' ଶୀର୍ଷକ ଏହି ସମ୍ମିଳନୀରେ ସଭାପତିତ୍ୱ କରିଥିଲେ କଲେଜ ଅଧ୍ୟକ୍ଷ ପ୍ରଫେସର ଚିତ୍ତରଞ୍ଜନ ଦ୍ୱିବେଦୀ। ମୁଖ୍ୟବକ୍ତା ଭାବେ ସଭାମଣ୍ଡନ କରିଥିଲେ ପ୍ରଫେସର ଶ୍ରୁତି ଦାସ। ସମ୍ମାନିତ ବକ୍ତା ଭାବେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ପ୍ରଫେସର ଶରିଫ୍ ଅତିକୁଜମାନ, ସୁବକ୍ତା ଭାବେ ଯୋଗଦେଇଥିଲେ ଇଂରାଜୀ ବିଭାଗ ମୁଖ୍ୟ ପ୍ରଫେସର ସସ୍ମିତା ପ୍ରାମାଣିକ, ପୂର୍ବତନ ବିଭାଗ ମୁଖ୍ୟ ପ୍ରଫେସର ଭୀମ ଚରଣ ନାୟକ, ପ୍ରଫେସର ଚିତ୍ତରଞ୍ଜନ ମିଶ୍ର ଯୋଗଦେଇଥିଲେ। ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ, ଉତ୍କଳ ବିଶ୍ୱବିଦ୍ୟାଳୟ ଇଂରାଜୀ ବିଭାଗର ପ୍ରଫେସର ଅସୀମ ରଞ୍ଜନ ପାଢ଼ୀ। ଇଂରାଜୀ ବିଭାଗର ବରିଷ୍ଠ ଅଧ୍ୟାପକ ତଥା ଏହି ସମ୍ମିଳନୀର ଆବାହକ ଡ. ରବିନ୍ଦ୍ର କୁମାର ପ୍ରଧାନ ତାଙ୍କର ବକ୍ତବ୍ୟ ରଖିଥିଲେ।



ଓଡ଼ିଶାର ସଂସ୍କୃତି, ଐତିହ୍ୟ, ପରମ୍ପରା, କଳା, ସ୍ଥାପତ୍ୟ, ଭାସ୍କର୍ଯ୍ୟ ଉପରେ ଆଧାରିତ ଏଭଳି ଏକ ଉଚ୍ଚକୋଟୀର ଆଲୋଚନାଚକ୍ରକୁ ସମସ୍ତ ବିଜ୍ଞ ଅତିଥି ନିଜର ଅନୁଭୂତି ଏବଂ ଜ୍ଞାନପୂର୍ଣ୍ଣ ଅଭିଭାଷଣ ଦ୍ୱାରା ଅଭିଭୂତ କରିଥିଲେ। ସଭାରେ ଆଲୋଚନାଚକ୍ରର ସଂକ୍ଷିପ୍ତସାର ପୁସ୍ତିକା ସହ ଆଉ ୨ଟି ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଏହି ପୁସ୍ତକଦ୍ୱୟ ହେଉଛି ପ୍ରଫେସର ସସ୍ମିତା ପ୍ରାମାଣିକଙ୍କ କବିତା ସଙ୍କଳନ "ଅଫ୍ ଥର୍ଣ୍ଣସ ଆଣ୍ଡ ପେଟାଲ୍‌ସ' ଏବଂ ପ୍ରଫେସର ଦୀପଶିଖା ରାଉତରାୟଙ୍କ ରଚିତ "ନ୍ୟାରେଟିଂ ଦ ଅନ୍‌ସିନ୍ ଟ୍ରମା'। ଏହି ସଭାକୁ ପ୍ରଫେସର ଦୀପଶିଖା ରାଉତରାୟ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ସନ୍ଦୀପ କୁମାର ଚାନ୍ଦ, ବିଭିନ୍ନ ସ୍ନାତକ ତଥା ସ୍ନାତକୋତ୍ତର ବିଭାଗର ମୁଖ୍ୟ ତଥା ଅଧ୍ୟାପକବୃନ୍ଦ, ଇଂରାଜୀ ବିଭାଗର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଏବଂ ଇଂରାଜୀ ସ୍ନାତକ ତଥା ସ୍ନାତକୋତ୍ତର ଶ୍ରେଣୀର ଛାତ୍ରଛାତ୍ରୀ ସଭା ପରିଚାଳନା କରିଥିଲେ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ପ୍ରଫେସର ଉପମା ବେହେରା। ବୁଧବାର ମଧ୍ୟ ଅନ୍ୟୁନ ୫୦ ଜଣ ଅଧ୍ୟାପିକ-ଅଧ୍ୟାପିକା ସେମାନଙ୍କର ପେପରପାଠ କରିବେ।



# ଭୁବନେଶ୍ୱର ସିଟି

# ଟେରାକୋଟା ପ୍ରଦର୍ଶନୀ 'ମୃତ୍ତିକା'ରେ ଜମୁଛି ଭିଡ଼

## ଦୀପ ସାଙ୍ଗକୁ ମାଟି ନିର୍ମିତ ଘରକରଣା ସାମଗ୍ରୀର ବଢୁଛି ଚାହିଦା



ଭୁବନେଶ୍ୱର, ୧୪।୧୦(ସମିସ): ସ୍ଥାନୀୟ ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ହେଉଥିବା ବାର୍ଷିକ ଟେରାକୋଟା ପ୍ରଦର୍ଶନୀ 'ମୃତ୍ତିକା-୨୦୨୫' ଦ୍ୱିତୀୟ ଦିନରେ ଲୋକଙ୍କ ପ୍ରବଳ ଭିଡ଼ ଜମୁଛି। ଦୀପ ସାଙ୍ଗକୁ ମାଟିରେ ତିଆରି ହାଣ୍ଡି, କେଡ଼େଇ, ପ୍ରେସରକୁକର୍ ଆଦି ଘରକରଣା ସାମଗ୍ରୀ କିଣିବାକୁ ମହିଳାମାନଙ୍କ ଭିଡ଼ ଜମୁଛି। ଆଲୋକର ପର୍ବ ଦିପାବଳୀକୁ ପାଳନ କରିବାକୁ ରଙ୍ଗବେରଙ୍ଗର ଦୀପ, କଳସ ସାଙ୍ଗକୁ ମାଟିରେ ତିଆରି ଫୁଲଦାନୀରେ ଘର ସଜାଇବାକୁ ମନ ପସନ୍ଦର ଡିଜାଇନ୍ ଦୀପ କିଣିବାକୁ ପ୍ରାୟ ସବୁ ଷ୍ଟଲରେ ଭିଡ଼ ଜମିଛି। ଏଠାରେ ଦୀପ ବିକ୍ରି ସାଙ୍ଗକୁ ଲାଇଭ୍ ଡେମୋନଷ୍ଟ୍ରେସନ୍ ଦେଖିବାକୁ ମଧ୍ୟ ଅନେକ ଭିଡ଼ ଜମାଉଛନ୍ତି। ଏହି ଦୀପଗୁଡ଼ିକର ଦାମ୍ ୧ ଟଙ୍କାରୁ ଆରମ୍ଭ ହୋଇ ୫ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିପରି ଦୀପ କିଣିବା ସାଙ୍ଗକୁ ପ୍ରଦର୍ଶନୀ ପରିସରରେ ରହିଥିବା ଫୁଡ ଷ୍ଟଲରେ ମଧ୍ୟ ପ୍ରବଳ ଗହଳି ଜମିଥିଲା। କିଣାକିଣି ସାଙ୍ଗକୁ ବିଭିନ୍ନ ପ୍ରକାର ଚଟପଟା ଖାଦ୍ୟର ମଜା ନେଉଛନ୍ତି ଗ୍ରାହକ। ଏହି ମେଳା ଅକ୍ଟୋବର ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ।

### ମାଟି ରଥରେ ନବକଳେବର କାହାଣୀ

ରଥରେ ପ୍ରଦର୍ଶିତ ହୋଇଛି ନବକଳେବରର ସମ୍ପୂର୍ଣ୍ଣ ଯାତ୍ରା। ୪ଫୁଟ ଉଚ୍ଚତାର ନନ୍ଦିଘୋଷ ରଥରେ ନବକେଳବର ସମୟରେ ହେଉଥିବା ସମସ୍ତ ନିତୀକାନ୍ତିକୁ ଗୋଟି ଗୋଟି କରି ବଖାଣିଛନ୍ତି ଶିଳ୍ପୀ ସରୋଜ କୁମାର ରାଉତ। ରଥଟିକୁ ଦେଖିଲେ ଯେ କେହି ମହାପ୍ରଭୁଙ୍କ ସମସ୍ତ ନିତୀକାନ୍ତିକୁ ବୁଝିବା ସହ ନବକଳେବର ସମୟରେ ହୋଇଥିବା ନନ୍ଦିଘୋଷ ରଥର ଦୃଶ୍ୟକୁ ଅନୁଭବ କରିପାରିବ। ମାଟିରେ ନିର୍ମିତ ଏହି ରଥକୁ ତିଆରି କରିବାକୁ ୬ମାସ ସମୟ ଲାଗିଥିବା ବେଳେ ଏହାର ଦାମ୍ ରହିଛି ଅଢ଼େଇ ଲକ୍ଷ ଟଙ୍କା।

### ବିଜୟସ୍ତମ୍ଭରେ ରାମାୟଣ କାଣ୍ଡ

ସେହିପରି ମାଟିରେ ନିର୍ମିତ ବିଜୟ ସ୍ତମ୍ଭକୁ ଦେଖିବାକୁ ଦର୍ଶକଙ୍କ ଭିଡ଼ ଜମୁଛି। ମେଳା ପରିପରିସରରେ ପ୍ରମୁଖ ଆକର୍ଷଣ ପାଲଟିଥିବା ୮ଫୁଟ ଉଚ୍ଚତାର ବିଜୟ ସ୍ତମ୍ଭରେ ପ୍ରଦର୍ଶିତ ହୋଇଛି ରାମାୟଣର ବିଭିନ୍ନ କାଣ୍ଡ। କେନ୍ଦ୍ରାପଡ଼ାର ସରୋଜ ରାଉତଙ୍କ ଦ୍ୱାରା ନିର୍ମିତ ଏହି ବିଜୟ ସ୍ତମ୍ଭରେ ରହିଛି ଲଙ୍କାରେ ରାବଣ ବଧ, ପ୍ରଭୁ ରାମଚନ୍ଦ୍ର ଓ ସୀତା ଅଯୋଧ୍ୟା ଫେରିବା ପରେ ଆଲୋକରେ ବିଜୟ ଉତ୍ସବ ପାଳନର ଦୃଶ୍ୟ।

ସେହିପରି ସୀତା ବିବାହ ଠାରୁ ଆରମ୍ଭ କରି, ବନବାସ, ଅଗ୍ନି ପରୀକ୍ଷା, ଲବକୁଶ ଜନ୍ମ, ସେମାନଙ୍କର ପିଲାଦିନ, ବାଲ୍ମିକୀଙ୍କ ରାମାୟଣ ଲେଖା ଆଦିକୁ ସୂକ୍ଷ୍ମଭାବେ ଥାକ ଥାକ କରି ନିର୍ମିତ କରାଯାଇଛି। ପ୍ରତି ଥାକରେ ରହିଛି ଦୀପ। ଏହି ଦୀପ ଜଳିବା ସମୟରେ ରାମାୟଣରେ ଲିଖିତ ଅଯୋଧ୍ୟାର ସେଦିନର ଦୃଶ୍ୟକୁ ସମସ୍ତେ ଅନୁଭବ କରିପାରିବେ ବୋଲି ଶିଳ୍ପୀ କହିଛନ୍ତି। ଏହାକୁ ନିର୍ମାଣ କରିବାକୁ ୮ମାସ ସମୟ ଲାଗିଥିବା ବେଳେ ଏହାର ଦାମ୍ ୩ଲକ୍ଷ ଟଙ୍କା ରହିଛି। ସରୋଜଙ୍କ ନିଆରା ପ୍ରୟାସକୁ ପ୍ରଦର୍ଶନୀକୁ ଆସୁଥିବା ପ୍ରତ୍ୟେକ ବ୍ୟକ୍ତି ବେଶ୍ ପ୍ରଶଂସା କରିଛନ୍ତି।

# ବାଜପେୟୀଙ୍କ ଜନ୍ମଦିବସ ଅବସରରେ ବୃକ୍ଷରୋପଣ



ଭୁବନେଶ୍ୱର, ୧୪।୧୦(ସମିସ): ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୦ତମ ଜନ୍ମଦିବସ ଅବସରରେ ନୃତ୍ୟଧାମ ଭୁବନେଶ୍ୱର ପକ୍ଷରୁ ସାକ୍ଷୀଗୋପାଳ ବମାଦେଇପୁରସ୍ଥିତ ଜ୍ଞାନ ମନ୍ଦିର ଇଂଲିଶ ମିଡିୟମ ସ୍କୁଲରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୃତ୍ୟଧାମ ସେକ୍ରେଟାରୀ ଡା.ଶୁଭଶ୍ରୀ ପଟ୍ଟନାୟକ, ଜ୍ଞାନ ମନ୍ଦିର ଇଂଲିଶ ମିଡିୟମ ସ୍କୁଲର ପ୍ରତିଷ୍ଠାତା ଇଞ୍ଜିନିୟର ବ୍ରଜେନ୍ଦ୍ର କୁମାର ମିଶ୍ର ଏବଂ ଗ୍ରାମ ମୁରବୀ ପ୍ରକାଶ ଚନ୍ଦ୍ର ମିଶ୍ର, ବିଦ୍ୟାଳୟର ଶିକ୍ଷକ ଉପସ୍ଥିତ ରହିଥିଲେ। ଏହି ଅବସରରେ ୧୦ ଅକ୍ଟୋବରରୁ ୧୪ ଅକ୍ଟୋବର ପର୍ଯ୍ୟନ୍ତ ବିଭିନ୍ନ ବିଦ୍ୟାଳୟଗୁଡ଼ିକରେ ପିଲାମାନଙ୍କ ମଧ୍ୟରେ ରଚନା, କୁଇଜ, ଚିତ୍ର, ନୃତ୍ୟ, ସଙ୍ଗୀତ ଏବଂ ମାରାଥନ ଭଳି ଅନେକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ ହୋଇଥିଲା। ଅଟଳ ବିହାରୀ ବାଜପେୟୀଙ୍କ ଏହି ୧୦୦ତମ ଜୟନ୍ତୀ ପାଳନ ଅବସରରେ ବିଦ୍ୟାଳୟ ପରିସରରେଏହି ବୃକ୍ଷରୋପଣ କାର୍ଯ୍ୟକ୍ରମର ଆୟୋଜନ ପାଇଁ ସ୍କୁଲର ପ୍ରତିଷ୍ଠାତା ଇଞ୍ଜିନିୟର ବ୍ରଜେନ୍ଦ୍ର କୁମାର ମିଶ ନୃତ୍ୟଧାମ ଭୁବନେଶ୍ୱରକୁ ଧନ୍ୟବାଦ ଜଣାଇଛନ୍ତି।

# ଅଖିଳ ଭାରତୀୟ ଗ୍ରାହକ କଲ୍ୟାଣ ପରିଷଦର ଜାତୀୟ ସମ୍ମିଳନୀ




ଭୁବନେଶ୍ୱର, ୧୪।୧୦(ସମିସ): ଅଖିଳ ଭାରତୀୟ ଗ୍ରାହକ କଲ୍ୟାଣ ପରିଷଦ ପକ୍ଷରୁ ଅଲ୍ ଇଣ୍ଡିଆ ରେଡିଓ ପ୍ରସାର ଭାରତୀ (ଏନଏବିଏମ) ପ୍ରତିଷ୍ଠାନର କନଫରେନ୍ସ ହଲରେ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରାହକ ଓ ଦୋକାନୀ ଠକାମୀର ଶିକାର କିପରି ନ ହେବେ ସେନେଇ ଆଲୋଚନା କରାଯାଇଥିଲା।

ଏଥିରେ ଭାରତର ପ୍ରତ୍ୟେକ ରାଜ୍ୟର ଉପଭୋକ୍ତା ଆକ୍ଟିଭିଷ୍ଟ ମାନେ ଯୋଗଦେଇ ଥିଲେ। ଜାତୀୟ ମୁଖପାତ୍ର ତଥା ରାଜ୍ୟ ସମ୍ପାଦକ ଆଡଭୋକେଟ ଡଃ ସୁନାକର ବେହେରାଙ୍କ ମଞ୍ଚ ସଞ୍ଚାଳନ କରିବା ବେଳେ ଏଆଇସିଡବ୍ଲୁସିର ଜାତୀୟ ମୁଖ୍ୟ ଭିକ୍ଷାତ ସେନାଇଁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଉପଭୋକ୍ତା ରେଡ୍ରେସାଲ ଫୋରମର ରାଜ୍ୟ ଅଧ୍ୟକ୍ଷ ଜଷ୍ଟିସ ଦିଲ୍ଲୀପ କୁମାର ମହାପାତ୍ର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସରକାରଙ୍କ ଲିଗାଲମେଟ୍ରୋଲଜି କଣ୍ଟ୍ରୋଲର ତଥା ସ୍ୱତନ୍ତ୍ର ସଚିବ ବିଶିକେସନ ଦେହୁରୀ, ଓଡ଼ିଶା ଉଚ୍ଚ ନ୍ୟାୟାଳୟ ବରିଷ୍ଠ ଆଇନଜୀବୀ ସୁବ୍ରତ କୁମାର ନନ୍ଦ, କେନ୍ଦ୍ର ସରକାରଙ୍କ ଏମଏସଏମଇର ରାଜ୍ୟ ଉପାଧ୍ୟକ୍ଷ ପ୍ରସନ୍ନ କୁମାର ପରିଡ଼ା, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଅଭିନନ୍ଦନ ଦାସ, ଏଆଇସିଡବ୍ଲୁସିର ଜାତୀୟ ମୁଖ୍ୟ ମାନଙ୍କ ମଧ୍ୟରେ ଜେନେରାଲ ପ୍ରିନ୍ସପାଲ ସେକ୍ରେଟାରୀ ଦେବେନ୍ଦ୍ର ତିୱାରୀ, ଜାତୀୟ ଉପାଧ୍ୟକ୍ଷ ତେରସମ ଭାରତୀ, ସୀତା ନାନକ, କାର୍ଯ୍ୟକାରୀ ସଭାପତି ବିଜୟ କୁମାର ମହାନ୍ତି, ରାଜ୍ୟ ସଭାପତି ଆଡଭୋକେଟ ଜଗବନ୍ଧୁ ସରାଫ, ରାଜ୍ୟ ମହିଳା ସଭାପତି ସ୍ନେହମୟୀ ଆଚାର୍ଯ୍ୟ, ରାଜ୍ୟ ସଂଯୋଜକ ବିବେକାନନ୍ଦ ହୋତା, ରାଜ୍ୟ କାର୍ଯ୍ୟକାରୀ ସଭାପତି ବିଜୟ କୁମାର ବିଶ୍ୱାଳ ଉପସ୍ଥିତ ଥିଲେ।

# ଜଟଣୀରେ ପଞ୍ଚାୟତସ୍ତରୀୟ ମିଳିତ ଜନଶୁଣାଣି



ଯାଁଳା, ୧୪।୧୦(ସମିସ): ଜଟଣୀ ବ୍ଲକ ଅନ୍ତର୍ଗତ ଛତାବର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ଗ୍ରାମ ପଞ୍ଚାୟତସ୍ତରୀୟ ପ୍ରତ୍ୟକ୍ଷ ମିଳିତ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଜଣାଶୁଣାଣିରେ ୯୮ଟି ଆପତ୍ତି ଅଭିଯୋଗ ଦାଖଲ ହୋଇଥିଲା। ସେଥିମଧ୍ୟରୁ ୭୯ଟି ଅଭିଯୋଗ ବ୍ୟକ୍ତିଗତ ଥିବାବେଳେ ୧୯ଟି ଗୋଷ୍ଠୀଗତ ଅଭିଯୋଗ ଥିଲା। ସେଥିମଧ୍ୟରୁ ୧୭ଟି ଅଭିଯୋଗକୁ ତୁରନ୍ତ ସମାଧାନ କରାଯାଇଥିଲା। ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୨ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଉପ ଜିଲ୍ଲାପାଳ ଡଃ ମନୋରଞ୍ଜନ ସାହୁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ବିଡିଓ ବସନ୍ତ କୁମାର ହାତୀ, ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ର, ଜିଲ୍ଲା ସାଧାରଣ ଅଭିଯୋଗ ଆସିଷ୍ଟାଣ୍ଟ କଲେକ୍ଟର ଭୁବନେଶ୍ୱରୀ କହଁର ଉପସ୍ଥିତ ଥିଲେ।

# ପରିବେଶ ସୁରକ୍ଷା ଓ ସଚେତନତା ହେଉଛି ଶୁଭ ସମାଜ ଗଢ଼ିବାର ଆଧାର



ଭୁବନେଶ୍ୱର, ୧୪।୧୦(ସମିସ): ଅର୍ନ୍ତଜାତୀୟ ବର୍ଜ୍ୟ ବସ୍ତୁ ଦିବସ ଅବସରରେ ଗୀତାଞ୍ଜଳି ଫାଉଣ୍ଡେସନ୍ ଓ ଇକୋଏକ୍ସ ଫାଉଣ୍ଡେସନ୍, ଦିଲ୍ଲୀ ସହଯୋଗରେ 'ଘନ ତ୍ରାସ୍ତ ପରିଚାଳନା ଓ ଶିକ୍ଷା ସଚେତନତା କାର୍ଯ୍ୟକ୍ରମ' ଡୁମୁଡୁମା ସ୍ଥିତ ରଘୁନାଥ ନଗର ଆଦର୍ଶ ବିଦ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଦର୍ଶ ଶିଶୁ ବିଦ୍ୟା ମନ୍ଦିରର ଅଧ୍ୟକ୍ଷ ତନ୍ମୟ କୁମାର ସାହୁ ଯୋଗଦେଇଥିଲେ। ଗୀତାଞ୍ଜଳି ଫାଉଣ୍ଡେସନ୍‌ର ଟ୍ରଷ୍ଟି ଅମିତ୍ ଦାସ ଓ ଅଧ୍ୟକ୍ଷା ଗୀତାଞ୍ଜଳି ଦାସ ଉପସ୍ଥିତ ରହିଥିଲେ। ପରିବେଶ ସୁରକ୍ଷା ଓ ସଚେତନତା ହେଉଛି ଏକ ଶୁଭ ସମାଜ ଗଢ଼ିବାର ଆଧାର। ଯୁବପିଢ଼ି ହେଉଛନ୍ତି ଆମର ପରିବର୍ତ୍ତନର ଶକ୍ତି ବୋଲି ଗୀତାଞ୍ଜଳି ଫାଉଣ୍ଡେସନର ଅଧ୍ୟକ୍ଷା ମତବ୍ୟକ୍ତ କରିଥିଲେ। ଏହି ଅବସରରେ ୨୦୦ରୁ ଅଧିକ ଛାତ୍ର, ଶିକ୍ଷକ ଓ ଅଭିଭାବକ ଯୋଗଦେଇଥିଲେ। ଛାତ୍ରମାନଙ୍କ ମଧ୍ୟରେ ପରିବେଶ ସଚେତନତା ବଢ଼ିବା ପାଇଁ ଚିତ୍ରାଙ୍କନ, ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସାମାଜିକ କର୍ମୀ ଡ଼. ପ୍ରସାନ୍ତ କୁମାର ସୁଆର, ସଫ୍ଟୱେରେ ଇଂଜିନୀର କ୍ଷୀତିଶ ରଞ୍ଜନ ରାଉତରାୟ, ମନସ ରଞ୍ଜନ ସାହୁ, ସହଦେବ ମହାରଣା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ରାଜ୍ୟସ୍ତରୀୟ ଭାଗବତ ମହୋତ୍ସବ ଉଦ୍‌ଘାଟିତ

ଭୁବନେଶ୍ୱର, ୧୪।୧୦(ସମିସ): ନିଖିଳ ଉତ୍କଳ ପ୍ରବକ୍ତା ପରିଷଦ, ଓଡ଼ିଶା ଦ୍ୱାରା ୟୁନିଟ ୩, ପ୍ରେସ କଲୋନୀସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସରରେ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ସାପ୍ତାହିକ ଶ୍ରୀମଦ ଭାଗବତ ମହୋତ୍ସବ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ପରମ ପୂଜ୍ୟ ସ୍ୱାମୀ ଅଭିରାମ ସରସ୍ୱତୀ ଜୀ ମହାରାଜ ପ୍ରଦୀପ ପ୍ରଜ୍ୱଳନ କରି ଏହି ଆଧ୍ୟାନିକ କାର୍ଯ୍ୟକ୍ରମର ଶୁଭାରମ୍ଭ କରି ଘରେ ଘରେ ଭାଗବତ ପଠନ ହେଉ ବୋଲି ପରାମର୍ଶ ଦେଇଥିଲେ। ପରିଷଦର ସମ୍ପାଦକ ପଣ୍ଡିତ ପ୍ରମୋଦ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ଏହି ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ବିଧାୟକ ଅନନ୍ତ ନାରାୟଣ ଜେନା, ମୁଖ୍ୟବକ୍ତା ଭାବେ ଆଧ୍ୟାତ୍ମିକ ପତ୍ରିକା 'ଦିବ୍ୟାଲୋକ ସନ୍ଧାନେ' ର ସମ୍ପାଦକ ତଥା ଆଧ୍ୟାତ୍ମିକ ସ୍ତମ୍ଭକାର ଶ୍ରୀସନ୍ନ୍ୟାସୀ ଜୀ, ଶ୍ରୀଜଗନ୍ନାଥ ପରିଚାଳନା କମିଟିର ସଦସ୍ୟ ପଣ୍ଡିତ ମହେଶ ସାହୁ, ସନ୍ଧ୍ୟାତାରା ଯୁବକ ସଂଘର ଉପଦେଷ୍ଟା ଚିତ୍ତରଞ୍ଜନ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭାଗବତ ପଢ଼ିଲେ ବିମଳ ଆନନ୍ଦ ମିଳି ପାରିବ ବୋଲି ମତ ଦେଇଥିଲେ। ପ୍ରାରମ୍ଭରେ ପରିଷଦର କାର୍ଯ୍ୟକାରୀ ଅଧ୍ୟକ୍ଷ ପଣ୍ଡିତ ବିଜୟ କୁମାର ଦେବତା ସ୍ୱାଗତ ଭାଷଣ ଦେଇଥିବା ବେଳେ କୋଷାଧ୍ୟକ୍ଷ ପଣ୍ଡିତ ଅର୍ଜୁନ କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଖୋର୍ଦ୍ଧା ଜିଲ୍ଲା ପ୍ରବକ୍ତା ସମ୍ପାଦକ ପଣ୍ଡିତ କମଳେଶ ମହାରଣା ସଭା ସଞ୍ଚାଳନ କରିଥିଲେ। ଶେଷରେ ପଣ୍ଡିତ ବିଶ୍ୱନାଥ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଡିଓ ଦାୟିତ୍ୱରୁ ହଟିଲେ ତହସିଲ୍‌ଦାର୍; ଆସିଲେ ନୂଆ ବିଡିଓ



ବାଲିପାଟଣା, ୧୪।୧୦(ସମିସ): ବାଲିପାଟଣା ବିଡିଓ ଭାବେ ଯୋଗ ଦେଲେ ଶୁଭ୍ରାଂଶୁ ପାଢ଼ୀ। ଫଳରେ ଏଠାରେ ବିଡିଓ ଦାୟିତ୍ୱରେ ଥିବା ତହସିଲଦାରଙ୍କଠାରୁ ଦାୟିତ୍ୱ ହଟାଇ ଦିଆଯାଇଛି। ବହୁଦିନ ଧରି ଖାଲି ପଡ଼ିଥିବା ବାଲିପାଟଣା ବ୍ଲକରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାବରେ ପ୍ରଶାସନିକ ଅଧିକାରୀ ଶ୍ରୀ ପାଢ଼ୀ ଯୋଗ ଦେଇଛନ୍ତି। ଜଣେ ଯୁବ ଓ ଦକ୍ଷ ପ୍ରଶାସନିକ ଅଧିକାରୀ ଭାବରେ ସେ ପୁରୀ ଜିଲ୍ଲାରେ କାର୍ଯ୍ୟରତ ଥିଲେ। ସ୍ଥାନୀୟ ସାମ୍ବାଦିକମାନଙ୍କୁ ଏକ ସୌଜନ୍ୟମୂଳକ ସାକ୍ଷାତ ଆଲୋଚନା ବେଳେ ସେ ଏହି ଅଞ୍ଚଳର ବିକାଶରେ ସମସ୍ତଙ୍କ ସହଯୋଗ କାମନା କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ସେ କାର୍ଯ୍ୟ ଆରମ୍ଭ କରିଛନ୍ତି ଏବଂ ସେ ପ୍ରଥମେ ଆସି ବାଲିପାଟଣାର ୧୭ଟି ପଞ୍ଚାୟତ ଓ କିଛି ଗ୍ରାମ ବୁଲି ଆବଶ୍ୟକୀୟ ପଦକ୍ଷେପ ନେବାକୁ ସ୍ଥିର କରି କାର୍ଯ୍ୟ ଆରମ୍ଭ କରିଛନ୍ତି। ବାଲିପାଟଣା ବ୍ଲକସ୍ତରୀୟ ସମସ୍ତ ଅସୁବିଧାକୁ ଦୂର କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରକାଶ ଥାଉ କି ବିଡିଓ ଭାବେ ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନୀଙ୍କ ହଠାତ୍ ବଦଳି ପରେ କିଛିଦିନ ହେଲା ତହସିଲଦାର କଳ୍ପନା ଦାସ ଦାୟିତ୍ୱରେ ଥିଲେ। ଏବେ ବାଲିଅନ୍ତା ବ୍ଲକରେ ନିଯୁକ୍ତ ବିଡିଓ ମଧ୍ୟ ଏଠାକାର ଦାୟିତ୍ୱରେ ରହି କାର୍ଯ୍ୟ କରୁଥିବାରୁ ପ୍ରଶାସନିକ ବ୍ୟବସ୍ଥା ପ୍ରାୟ ଅଚଳ ହୋଇ ପଡ଼ିଥିଲା।

# ଭିନ୍ନକ୍ଷମ ଚଳଚ୍ଚିତ୍ର ଉତ୍ସବ ଧ୍ୱନି-୨୦୨୫ ଉଦ୍‌ଘାଟିତ

ଭୁବନେଶ୍ୱର, ୧୪।୧୦(ସମିସ): ଭିନ୍ନକ୍ଷମ ଭିନ୍ନ ନୁହଁନ୍ତି। ସେମାନଙ୍କ ଭିତରେ ଥିବା ଅନ୍ତର୍ନିହିତ ସାମର୍ଥ୍ୟର ବିକାଶ ପାଇଁ ସମାଜର ପ୍ରମୁଖ ଦାୟିତ୍ୱ ରହିଛି ବୋଲି ଆଜି ସ୍ଥାନୀୟ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣାକେନ୍ଦ୍ର ଠାରେ ଦ୍ୱି-ଦିବସୀୟ ଧ୍ୱନି ଫିଲ୍ମୋତ୍ସବ-୨୦୨୫ର ଉଦ୍‌ଘାଟନୀ ଦିବସ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ରାଜ୍ୟ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓ ସ୍ୱେଚ୍ଛାସେବୀ ସଙ୍ଗଠନ 'ଆଇନା'ର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ଯୋଗଦେଇ ସମ୍ବିଧାନର ମୌଳିକ କର୍ତ୍ତବ୍ୟ ହିସାବରେ ଭିନ୍ନକ୍ଷମମାନେ ସମସ୍ତ ସୁବିଧା ପାଇବା ହକ୍‌ଦାର ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟର ବିଶିଷ୍ଟ ନାଟ୍ୟକାର ଅନନ୍ତ ମହାପାତ୍ର, ଓଡ଼ିଶା ପର୍ଯ୍ୟଟନ ନିଗମର ପୂର୍ବତନ ଅଧ୍ୟକ୍ଷ ଡ. ଲେନିନ୍ ମହାନ୍ତି, ଆସାମର ପ୍ରସିଦ୍ଧ ଫିଲ୍ମ ନିର୍ମାତା ଓ ନିର୍ଦ୍ଦେଶକ ମଞ୍ଜୁ ବୋରା, ପୂର୍ବତନ ଭିନ୍ନକ୍ଷମ ଆୟୋଗର ଅଧ୍ୟକ୍ଷା କସ୍ତୁରୀ ମହାପାତ୍ର, ଉତ୍ସବ କମିଟିର ଅଧ୍ୟକ୍ଷ ଜିତେନ୍ଦ୍ର ବିଶ୍ୱାଳ, ପ୍ରମୁଖ ଯୋଗଦେଇ ଭିନ୍ନକ୍ଷମଙ୍କ ଦୃଢ଼ ମାନସିକତା କିପରି ସେମାନଙ୍କୁ ଦୃଢ଼ପରିକର କରାଇଥାଏ ସେ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ସିନେ ନିର୍ଦ୍ଦେଶକ ସ୍ନେହାଶିଷ ଦାସଙ୍କ ଆବାହକତ୍ୱରେ ପ୍ରଫେସର ମୃଣାଳ ଚାଟାର୍ଜୀ, ମଞ୍ଜୁ ବୋରା, ପାର୍ଥସାରଥୀ ରାୟ, କୌଶିକ ମହାପାତ୍ର, ଉଷସୀ ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ପ୍ରତିଯୋଗିତାଭିତ୍ତିକ ଏକ ମିନିଟ୍, ୫ମିନିଟ୍ ଓ ୩୦ମିନିଟ୍ ଚଳଚ୍ଚିତ୍ର ବର୍ଗରେ ୩୭ଟି ସୁନିର୍ବାଚିତ ଚଳଚ୍ଚିତ୍ରର ସ୍କ୍ରିନିଂ ହୋଇଥିଲା। ଏହା ସହ 'ଭିନ୍ନକ୍ଷମ ଓ ବିବିଧତା ଓ ଅନ୍ତର୍ଭୁକ୍ତି' ଶୀର୍ଷକ ମହାବିଦ୍ୟାଳୟସ୍ତରୀୟ ପୋଷ୍ଟର ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଆସନ୍ତାକାଲି ପୁରସ୍କାର ବିତରଣ ସମାରୋହ ସହ ବିଜେତାଙ୍କୁ ନଗଦ ଅର୍ଥରାଶି ପ୍ରଦାନ କରାଯିବ। ପ୍ରାରମ୍ଭରେ ଆଇନାର ସଭାପତି ଲଳିତା ମିଶାଲ ସ୍ୱାଗତ ଭାଷଣ ଦେଇଥିବା ବେଳେ ଆଇନା କାର୍ଯ୍ୟନିର୍ବାହୀ ସଦସ୍ୟା ତଥା କୋଷାଧ୍ୟକ୍ଷ ଡ. ଗାୟତ୍ରୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



**ଭିନ୍ନକ୍ଷମମାନେ ମାନସିକ ସ୍ତରରେ ସମ୍ପୂର୍ଣ୍ଣ ସାମର୍ଥ୍ୟ**

# ଆଜି ଆଞ୍ଚଳିକ ରାଜ୍ୟସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର

ଭୁବନେଶ୍ୱର, ୧୪।୧୦(ସମିସ): ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଜ୍ଞାନ ପରୀକ୍ଷା କରିବା ଲକ୍ଷ୍ୟରେ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ପରିସରରେ ଆସନ୍ତା କାଲି ରାଷ୍ଟ୍ରୀୟ ବିଜ୍ଞାନ ସଂଗ୍ରହାଳୟ ପରିଷଦ ପକ୍ଷରୁ 'କ୍ୱାଣ୍ଟମ୍ ଯୁଗର ଆରମ୍ଭ: ସମ୍ଭାବନା ଏବଂ ଆହ୍ୱାନ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହେବାକୁ ଯାଉଛି। ଯେଉଁଠି ଓଡ଼ିଶାର ୩୦ଟି ଜିଲ୍ଲାକୁ ପ୍ରତିନିଧିତ୍ୱ କରୁଥିବା ମୋଟ ୩୦ ଜଣ ମନୋନୀତ ବିଦ୍ୟାଳୟ ଛାତ୍ରଛାତ୍ରୀ ଉପରୋକ୍ତ ବିଷୟ ଉପରେ ସେମାନଙ୍କର ମତାମତ ଉପସ୍ଥାପନ କରିବେ। ସେମିନାରର ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ମାନିତ କରାଯିବ।

# ନେଇଗଲେ ଅଢ଼େଇ ଲକ୍ଷ ଟଙ୍କାର ସୁନାଚେନ୍

ବାଲିଅନ୍ତା, ୧୪।୧୦(ସମିସ): ବାଲକାଟି-ପୁରୁଣା ଜଗନ୍ନାଥ ପୂର୍ତ୍ତ ବିଭାଗ ରାସ୍ତାର ଗଡ଼କଣ୍ଟୁଣିଆ ନିକଟରେ ମଙ୍ଗଳବାର ପୂର୍ବାହ୍ଣରେ ୨ ଜଣ ଦୁର୍ବୃତ୍ତ କେଟିଏମ ବାଇକରେ ଆସି ଜଣେ ଯୁବକଙ୍କ ବେକରୁ ଅଢ଼େଇ ଭରିର ସୁନାଚେନ ଝାମ୍ପି ନେଇଛନ୍ତି। ଲୁଟ୍ ସୁନା ଚେନ୍‌ର ମୂଲ୍ୟ ଅଢ଼େଇ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଅନୁମାନ କରାଯାଉଛି। ଲୁଟର ଶିକାର ଯୁବକ ହେଲେ ବାଲକାଟି ଫାଣ୍ଡି ଅଧୀନ ନନ୍ଦିସାହିର ପିତବାସ ସାହୁ। ଏ ସମ୍ପର୍କରେ ପିତବାସ ବାଲକାଟି ଫାଣ୍ଡିରେ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ ଆଜି ପିତବାସ ବାଇକରେ ପୁଅକୁ ନେଇ ବିଜେଇଏମ ସ୍କୁଲକୁ ଯାଉଥିଲେ। ୨ ଜଣ ଯୁବକ କେଟିଏମ ବାଇକରେ ପିଛା କରି ବେକରୁ ଚେନ ଝାମ୍ପି ନେଇଥିଲେ।

# ତିନିଟି ପୁସ୍ତକ ଲୋକାର୍ପଣ ଉତ୍ସବ

ଭୁବନେଶ୍ୱର, ୧୪।୧୦(ସମିସ): କୋଠଘର ଆମ ସାହିତ୍ୟ ପରିବାର ଆନୁକୂଲ୍ୟରେ, କୋଠଘର ପ୍ରକାଶନୀରେ କବି ଅରୁଣା କରଙ୍କର ୩ ଟି କବିତା ପୁସ୍ତକ 'କାଳିଆ ପାଇଁ ଭକ୍ତି ନୈବେଦ୍ୟ', 'ପ୍ରିୟତମ ତୁମ ପାଇଁ', 'ଶବ୍ଦମଗ୍ନା' ଏବଂ ପ୍ରବନ୍ଧ ପୁସ୍ତକ 'ସ୍ମୃତି ଅନୁଭୂତି' ଗୀତ ଗୋବିନ୍ଦ ସଦନଠାରେ ଲୋକାର୍ପଣ ହୋଇଛି। ପ୍ରତିଷ୍ଠାତା ସମ୍ପାଦିକା ପ୍ରକାଶିକା ଅମ୍ବିକା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏବଂ ଭାଷା ବିଜ୍ଞାନୀ ଡ. ଦେବାଶିଷ ମହାପାତ୍ରଙ୍କ ଉପସ୍ଥାପନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଦୀପ୍ତ କୁମାର ସାହୁଙ୍କ ସଭାପତିତ୍ୱରେ କବିତା ପାଠ ଉତ୍ସବରେ ସାହିତ୍ୟିକ କାହ୍ନୁଚରଣ ପାଣିଗ୍ରାହୀ, କବି ଡ. ପ୍ରତାପ ରଞ୍ଜନ ମହାନ୍ତି, ନିନାଦିନୀ ମହାନ୍ତି, ଆଶାଲତା ଦୀକ୍ଷିତ, ରବି ମହାପାତ୍ର, ଶ୍ରୀରାମ ପରିଡ଼ା କବିତା ପାଠ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଭାଷାବିତ୍ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟାୟକଙ୍କ ଏବଂ କବି ଡ. ପ୍ରସନ୍ନ ପାଟଶାଣୀ, ସାହିତ୍ୟିକା ଡ. ପ୍ରତିଭା ମହାରଥୀ, ସମୀକ୍ଷକ ହିମାଂଶୁ ପରିଡ଼ା ଯୋଗ ଦେଇଥିଲେ।

● ଭାରତନାଟ୍ୟମ୍‌ର ନୀରବ ସାଧିକା

# ଓଡ଼ିଶାରେ ୨୦୦ ଶିଳ୍ପୀଙ୍କ ଗୁରୁ ସୁଚିସ୍ମିତା



ଭୁବନେଶ୍ୱର, ୧୪।୧୦(ସମିସ): ସିଏ ଇସ୍ପାତ ନଗରୀର ନୃତ୍ୟ ସାଧିକା। ଯଦିଓ ପଶ୍ଚିମବଙ୍ଗର କୋଲକତାରେ ତାଙ୍କର ଜନ୍ମ ହେଲେ କର୍ମଭୂମି ପାଲଟିଛି ଓଡ଼ିଶା। ଭାରତନାଟ୍ୟମ୍, କୁଚିପୁଡ଼ି ନୃତ୍ୟର ପ୍ରଶିକ୍ଷଣ ଦେଇ ଚାଲିଛନ୍ତି ସିଏ। ଭଞ୍ଜକଳା ମଣ୍ଡପଠାରେ ଆୟୋଜିତ ଆନ୍ତର୍ଜାତିକ ନୃତ୍ୟ ମହୋତ୍ସବ ଅବସରରେ ଏଭଳି ଜଣେ ବ୍ୟକ୍ତିତ୍ୱଙ୍କୁ ଭେଟିଥିଲୁ, ସିଏ ହେଉଛନ୍ତି ସୁଚିସ୍ମିତା ସେନ ବିଶ୍ୱାସ। ଯିଏକି ଓଡ଼ିଶାରେ ପକାଇଛନ୍ତି ଭାରତନାଟ୍ୟମ୍‌ର ମୂଳଦୁଆ। ଦୀର୍ଘ ବର୍ଷ ଧରି ଭାରତନାଟ୍ୟର ପ୍ରଚାରପ୍ରସାର ଦିଗରେ ନିଜକୁ ସମର୍ପି, ନୂଆ ନୂଆ ନୃତ୍ୟଶିଳ୍ପୀ ଗଢି ଚାଲିଛନ୍ତି।

ପଶଚିମବଙ୍ଗରେ ଜନ୍ମିତ ସୁଚିସ୍ମିତା ପିଲାବେଳୁ ନୃତ୍ୟ ପ୍ରତି ତାଙ୍କ ଆଗ୍ରହ ଦେଖି ପରିବାର ଲୋକ ତାଙ୍କୁ ଶା।ସ୍ତ୍ରୀୟ ନୃତ୍ୟର ପ୍ରଶିକ୍ଷଣ ଦେଲେ। ଯେଉଁଠି କଥକକଲି, ମଣିପୁରୀ, ଭାରତନାଟ୍ୟମ୍, କଥକର ସେ ପ୍ରଶିକ୍ଷଣ ନେଲେ। ହେଲେ ସମୟସହ ସେ ଭାରତନାଟ୍ୟମ୍‌କୁ ଆପଣେଇ ନିଜ ଅଭ୍ୟାସ ଜାରି ରଖିଲେ। ଗୁରୁ ଥାଙ୍କମଣି କୁଟ୍ଟିଙ୍କ ଦ୍ୱାରା ସେ ପ୍ରଶିକ୍ଷଣ ନେଇଥିଲେ। ମାତ୍ର ୨୦ ବର୍ଷ ବୟସରେ ଦୂରଦର୍ଶନ ପାଇଁ ଇ-ଗ୍ରେଡ୍ ଭାରତନାଟ୍ୟମ୍ ନୃତ୍ୟଶିଳ୍ପୀ ଭାବରେ ତାଲିକାଭୁକ୍ତ ହୋଇଥିବାବେଳେ ୧୯୮୪ରେ ଏହି ନୃତ୍ୟ ପାଇଁ ତାଙ୍କୁ 'କଳାମଣ୍ଡଳମ୍ ନୃତ୍ୟ ଲିଙ୍ଗ ଟ୍ରଫି' ମିଳିଥିଲା। ବିବାହ ପରେ ତାଙ୍କୁ ୧୯୯୧ ରାଉଲକେଲା ସ୍ଥାନାନ୍ତରିତ ହେବାକୁ ପଡ଼ିଲା। ଏଠାରେ ସେ ଅନୁଭବ କଲେ ଓଡ଼ିଶାରେ ଭାରତନାଟ୍ୟମ୍‌ର କୌଣସି ପ୍ରଶିକ୍ଷକ ନାହାନ୍ତି। ସେବେଠାରୁ ତାଙ୍କ ଦ୍ୱାରା ଓଡ଼ିଶାରେ ଭାରତନାଟ୍ୟମ୍‌ର ମୂଳଦୁଆ ପଡ଼ିବା ଆରମ୍ଭ ହେଲା। ବର୍ତ୍ତମାନ ସୁଦ୍ଧା ସେ ୨ ଶହରୁ ଅଧିକ ଭାରତନାଟ୍ୟମ୍ ନୃତ୍ୟଶିଳ୍ପୀଙ୍କୁ ଗଢି ସାରିଲେଣି। ଯେଉଁମାନେ ଆଜି ଦେଶବିଦେଶରେ ନିଜ କଳାକୁ ପ୍ରଦର୍ଶନ କରୁଛନ୍ତି। ଭାରତନାଟ୍ୟମ୍ ବ୍ୟତୀତ ତାଙ୍କ ଦ୍ୱାରା ପ୍ରତିଷ୍ଠିତ କଳାଭୂମି ବାର୍ଷିକ କର୍ମଶାଳା ମାଧ୍ୟମରେ ଓଡ଼ିଶାରେ ଆଉ ଦୁଇଟି ଭାରତୀୟ ଶାସ୍ତ୍ରୀୟ ନୃତ୍ୟ ପରମ୍ପରା କୁଚିପୁଡ଼ି ଏବଂ ମୋହିନୀଆଟ୍ଟମ୍‌ରେ ସେ ଶିକ୍ଷା ପ୍ରଦାନ କରୁଛନ୍ତି।

ଭାରତନାଟ୍ୟମ୍ ନୃତ୍ୟ ବିଷୟରେ ସେ କୁହନ୍ତି, ଜଣେ ନୃତ୍ୟଶିଳ୍ପୀ ଭାବେ ପ୍ରତିଦିନ ୩ ଘଣ୍ଟା ସମୟ ଦେବାକୁ ପଡ଼ିଥାଏ। ଅପରପକ୍ଷେ ଏହି ନୃତ୍ୟ ପାଇଁ ଥିବା ପୋଷାକ ମଧ୍ୟ ଏଠାରେ ମିଳେ ନାହିଁ, କେରଳ କିମ୍ବା ଚେନ୍ନାଇରୁ କପଡ଼ା ମଗାଇ ଦିଲ୍ଲୀକୁ ତିଆରି ପଠାଯାଇଥାଏ। ଯାହାର ମୂଲ୍ୟ ଦେଢ଼ରୁ ଦୁଇ ହଜାର ଟଙ୍କା ପର୍ଯ୍ୟନ୍ତ ରହିଥାଏ। ହେଲେ ଏହି ନୃତ୍ୟ ପାଇଁ ମ୍ୟୁଜିସିଆନ ମିଳନ୍ତି ନାହିଁ। ତେଣୁ ରେକର୍ଡିଂ କିଣିବାକୁ ପଡେ ବୋଲି ସେ କହିଥିଲେ।



## ସରକନ୍ତରା ହତ୍ୟା ଘଟଣା

# ଚାରି ଗିରଫ; ମୁଖ୍ୟ ଅଭିଯୁକ୍ତ ଫେରାର୍

ଭୁବନେଶ୍ୱର, ୧୪।୧୦(ସମିସ): ସରକନ୍ତରା ସୁଧାଂଶୁ ଖୁଣ୍ଟିଆ ଓରଫ ରବି ହତ୍ୟାକାଣ୍ଡ ମାମଲାରେ ଖଣ୍ଡଗିରି ପୁଲିସ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ସୁକାନ୍ତ ପ୍ରଧାନ, ଶୁଭେନ୍ଦୁ ପ୍ରଧାନ, ରାକେଶ ଖୁଣ୍ଟିଆ ଓ ସୁବ୍ରତ ସାହୁ ଓରଫ କାହ୍ନା। ସେମାନଙ୍କଠାରୁ ପୁଲିସ ବନ୍ଧୁକ ଏବଂ ମୋବାଇଲ୍ ଫୋନ୍ ଜବତ କରିଛି। ଏନେଇ ଏସିପି ଜୋନ୍-୩ ତାପସ ଚନ୍ଦ୍ର ପ୍ରଧାନ କହିଛନ୍ତି,

**ଘରେ ବନ୍ଧୁକ ରଖି ଫସିଗଲା କାହ୍ନା**

**ବନ୍ଧୁକ, ମୋବାଇଲ୍ ଜବତ କଲା ପୁଲିସ**

ଗିରଫ ୪ ଜଣ ଅଭିଯୁକ୍ତଙ୍କୁ ପୁଲିସ କୋର୍ଟ ଚାଲାଣ କରିଛି। ହତ୍ୟାରେ ବ୍ୟବହୃତ ବନ୍ଧୁକ ଜବତ କରିଛି। ଜମିଜମା ବିବାଦକୁ କେନ୍ଦ୍ର କରି ହତ୍ୟା ହୋଇଥିଲା।

ପୁଲିସ ସୂଚନା ଅନୁଯାୟୀ, ପୂର୍ବ ଯୋଜନା ମୁତାବକ ଏମସ ଯିବା ରାସ୍ତାରେ ସୁଧାଂଶୁ ଖୁଣ୍ଟିଆକୁ ହତ୍ୟା କାରାଯାଇଥିଲା। ସୁଧାଂଶୁଙ୍କୁ ଚିହ୍ନି ଥିଲେ ରାକେଶ ଖୁଣ୍ଟିଆ। କାରଣ ରାକେଶ ଏବଂ ମୃତ ସୁଧାଂଶୁ ଏମ୍ସରେ କାମ କରୁଥିଲେ। ହତ୍ୟା ପୂର୍ବ ରାତିରେ ରାକେଶ ଏମ୍ସରେ ନାଇଟ୍ ଡ୍ୟୁଟି କରିଥିଲେ। ଆଉ ଯୋଜନା ଅନୁସାରେ ସବୁ କିଛି କରିଥିଲା ରାକେଶ। କାରଣ ସୁଧାଂଶୁ କେତେବେଳେ ଡ୍ୟୁଟି ଯିବ ଏବଂ ଆସିବ ସବୁ କିଛି ଜାଣିଥିଲା ରାକେଶ। ଶିବାକୁ ଚିହ୍ନେଇବା ପରେ ସେ ସେଠାରୁ ପଳାଇଥିଲା। ଶିବା ପ୍ରଥମେ ସୁଧାଂଶୁ ଉପରକୁ ଗୁଳି ମାଡ଼ କରିଥିଲା। ହେଲେ ପ୍ରଥମ ଗୁଳି ସୁଧାଂଶୁର ବାମ ହାତରେ ବାଜିଥିଲା। ପରେ ପୁଣି ଆଉ ରାଉଣ୍ଡ ଗୁଳି ମାରିବା ପରେ ତାହା



ଗୋଡରେ ବାଜିଥିଲା। ସୁଧାଂଶୁ ପଡ଼ିଯିବା ପରେ ସେ ତାର ଛାତିକୁ ଗୁଳି କରି ହତ୍ୟା କରିଥିଲା। ହତ୍ୟା କରିବା ପରେ ଶିବା ସ୍କୁଟି ଧରି ରାକେଶଙ୍କ ଘରକୁ ଯାଇଥିଲା। ହେଲେ ସେଠାରେ ସେ ନଥିବା ଦେଖି ସ୍କୁଟି ନିଜ ଘରେ ଥୋଇ ଛକକୁ ଖୋଜିବାକୁ ଯାଇଥିଲେ। ଏହା ପରେ ସ୍କୁଟି ନେଇ ଶିବାର ବାପା ସୁକାନ୍ତ ପ୍ରଧାନ ଘଟଣା ସ୍ଥଳକୁ ଯାଇ ସୁଧାଂଶୁ ବଞ୍ଚିଚି କି ନାହିଁ ଦେଖିବାକୁ ଯାଇଥିଲେ। ଏହାପରେ ଛକରୁ ଶିବା ଏବଂ ରାକେଶ ମିଶି ଦୁହେଁ ଘରକୁ ଆସିଥିଲେ। ହେଲେ ଶିବାର ରାକେଶକୁ ବନ୍ଧୁକ ଲୁଚାଇବାକୁ ଯାଇଥିଲେ। ରାକେଶ ଏହି ବନ୍ଧୁକ ନେଇ କାହ୍ନାକୁ ଦେଇଥିଲେ। ଏପରିକି ଶିବା ଏଭଳି ଗୁଳି କରି ହତ୍ୟା କରିଛି, ତା ନିକଟରେ ଏକ ବନ୍ଧୁକ ରହିଛି। ତେଣୁ ଶିବା ଏବଂ ରାକେଶର ଘର ପାଖାପାଖି ହୋଇଥିବାରୁ ପୁଲିସ ଚଢଉ କରି ତାଙ୍କ ଘର ସର୍ଚ୍ଚ କରିବ। ତେଣୁ ତୁ ବନ୍ଧୁକ ଲୁଚାଇ ରଖିଦେ କହି କାହ୍ନାକୁ ଦେଇଥିଲେ। କିନ୍ତୁ କାହ୍ନା ଜାଣିନଥିଲା ଯେ ଏହି ବନ୍ଧୁକରେ ସୁଧାଂଶୁକୁ ହତ୍ୟା କରଯାଇଛି। ଯେଉଁଥି ପାଇଁ ବନ୍ଧୁକ ଲୁଚାଇ ଫଶିଛି କାହ୍ନା। ଗୁଣ୍ଠେ ଜମି ପାଇଁ ଏହି ହତ୍ୟକାଣ୍ଡ ଘଟିଥିବା ଏସିପି କହିଛନ୍ତି। ସୁକାନ୍ତ ଏବଂ ଶୁଭେନ୍ଦୁ, ଶିବା ଏବଂ ରାକେଶ ମିଶି ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର କରିଥିଲେ ବୋଲି ଏସିପି କହିଛନ୍ତି। ଶିବ ପ୍ରଧାନ ମୁଖ୍ୟ ଅଭିଯୁକ୍ତ ଏବେବି ଫେରାର ଅଛି। ତାକୁ ଧରିବାକୁ ପୁଲିସର ଏକ ୩ଟି ସ୍ପେଶାଲ ଟିମ୍ ବିଭିନ୍ନ ସ୍ଥାନରେ ଚଢଉ ଜାରି ରଖିଛି। ସୂଚନାଯୋଗ୍ୟ, ଗତକାଲି ପୂର୍ବାହ୍ଣ ପ୍ରାୟ ୯ ଟାରେ ଏମ୍ସରେ କାର୍ଯ୍ୟରତ ଲ୍ୟାବ୍ ଆସିଷ୍ଟାଣ୍ଟ ସୁଧାଂଶୁ ଖୁଣ୍ଟିଆଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ସକାଳୁ ସକାଳୁ ଘଟିଥିବା ଏହି ହତ୍ୟାକାଣ୍ଡ ରାଜଧାନୀରେ ଚାଞ୍ଚଲ୍ୟ ଖେଳାଇ ଦେଇଥିଲା। ସାମାନ୍ୟ କଥାକୁ ନେଇ ସୁଧାଂଶୁଙ୍କ ନିଜ କକା ପୁଅ ଶିବା ଏହି ଅଭାବନୀୟ କାଣ୍ଡ ଘଟାଇଥିଲା। ସୁଧାଂଶୁଙ୍କ କକା ସୁକାନ୍ତ ଗାଁରେ ବାହା ହେବା ପରେ ଅଲଗା ରହୁଥିଲେ। ଶଶୁର ଘର ସମ୍ପତ୍ତିରେ ସେ ଭଲରେ ଚଳୁଥିଲେ। ଏପଟେ ସୁଧାଂଶୁଙ୍କ ବାପା ପଠାଣିଙ୍କ ପାଖରେ ପୈତୃକ ସମ୍ପତ୍ତି ହିସାବରେ କେବଳ ଛୋଟ ଘରଡିହ ଖଣ୍ଡେ ଥିଲା। ଜମିବାଡ଼ି କିଛି ନଥିଲା। ପଠାଣିଙ୍କ ମାଆ ନାତି ସୁଧାଂଶୁ ନାଁରେ ଘରଡିହ କରିଦେଲେ। ଏହାକୁ ନେଇ ସୁକାନ୍ତ ଅସନ୍ତୁଷ୍ଟ ଥିଲେ ଏବଂ ସେ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ନିଜେ ଭଲରେ ଚଳୁଥିବା ସୁକାନ୍ତ, ବଡ଼ଭାଇ ପଠାଣିଙ୍କଠାରୁ ଛୋଟ ଘରଡିହ ଖଣ୍ଡିକରୁ ଭାଗ ନେବା ପାଇଁ କୋର୍ଟରେ ପହଞ୍ଚିଥିଲେ। ମାତ୍ର କୋର୍ଟଙ୍କ ରାୟ ସୁଧାଂଶୁଙ୍କ ପକ୍ଷରେ ଯାଇଥିଲା। ଏଥିରେ ସୁକାନ୍ତର ପୁଅ ଶିବା ମୁଣ୍ଡକୁ ପିତ୍ତ ଚଢିଯାଇଥିଲା। ପୈତୃକ ସମ୍ପତ୍ତିରୁ ଭାଗ ନପାଇବା ରାଗରେ ସେ ଜଳୁଥିଲା। ଦଶହରା ଦିନ ସେ ଗାଁ ଦାଣ୍ଡରେ ଖଣ୍ଡା ବୁଲାଇ ସୁଧାଂଶୁଙ୍କୁ ହତ୍ୟା କରିବ ବୋଲି ଖୋଲା ଧମକ ଦେଇଥିଲା। ମାତ୍ର ଦୁର୍ଭାଗ୍ୟର କଥା ସୁଧାଂଶୁ ଏହାକୁ ଗୁରୁତ୍ୱର ସହ ନେଇ ନ ଥିଲେ। ଶିବା ଯେ ସତକୁ ସତ ତାଙ୍କୁ ମାରିବ ବୋଲି ଯୋଜନା କରୁଛି, ତାହା ସୁଧାଂଶୁଙ୍କ କଳ୍ପନା ବାହାରେ ଥିଲା। କିନ୍ତୁ ଆଜି ଶିବା ସତକୁ ସତ ସୁଧାଂଶୁଙ୍କୁ ଗାଁ ଦାଣ୍ଡରେ ଗୁଳିକରିଥିଲା।

# ପୁନଃଶ୍ଚ ଆଗେଇବ ଏକାମ୍ର ପ୍ରକଳ୍ପ

ଭୁବନେଶ୍ୱର, ୧୪।୧୦(ସମିସ): ଭୁବନେଶ୍ୱର ମହାନଗର ନିଗମର କମିସନର ତଥା ଏକାମ୍ର ପ୍ରକଳ୍ପର ନୋଡାଲ ଅଫିସର ଚଞ୍ଚଳ ରାଣାଙ୍କ ଅଧକ୍ଷତାରେ ମଙ୍ଗଳବାର ଏକାମ୍ର ପ୍ରକଳ୍ପ ଅଗ୍ରଗତି ସଂକ୍ରାନ୍ତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଏମ୍ସି ମୁଖ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ ପାର୍କିଂ, ରାସ୍ତାଘାଟ, ଷ୍ଟ୍ରିଟ୍ ଲାଇଟ୍, ଜମି ଅଧିଗ୍ରହଣ ଏବଂ ପ୍ରକଳ୍ପର ଅନ୍ୟାନ୍ୟ ଦିଗ ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା।

- **ବିଏମ୍ସି କମିସନର୍ଙ୍କ ସମୀକ୍ଷା**
- **ବିଶ୍ୱ ଐତିହ୍ୟ ମାନ୍ୟତା ଲକ୍ଷ୍ୟ**

ଏହି ବୈଠକରେ ବିଏମ୍ସିର ଅତିରିକ୍ତ କମିସନର, ଭୁବନେଶ୍ୱର ଉପଜିଲ୍ଲାପାଳ, ଓବିସିସି ମୁଖ୍ୟଯନ୍ତ୍ରୀ ଓ ସାଧାରଣ ପରିଚାଳକ, ଲିଙ୍ଗରାଜ ମନ୍ଦିର ପ୍ରଶାସନର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ଏଏସ୍ଆଇର ପ୍ରତିନିଧି, ବିଏମ୍ସିର ଭୂ-ଅଧିକାରୀ ପ୍ରମୁଖ ଏହି ବୈଠକରେ ଯୋଗଦେଇଥିଲେ। ୧୧ ଶହ ଶତାବ୍ଦୀର ଐତିହାସିକ ଲିଙ୍ଗରାଜ ମନ୍ଦିରର ଆଖପାଖ ଅଞ୍ଚଳକୁ ପୁନର୍ଜୀବିତ କରିବା ସହ ଏକାମ୍ର କ୍ଷେତ୍ରର ସ୍ମାରକୀ ପୁନରୁଦ୍ଧାର କାର୍ଯ୍ୟ ଯୋଜନା ବଦ୍ଧଭାବେ କରିବା ଏବଂ ଭୁବନେଶ୍ୱର ଐତିହ୍ୟର ସଂରକ୍ଷଣ ଓ ସହରାଞ୍ଚଳ ବିକାଶ ପାଇଁ ପଦେକ୍ଷେପ ନେବା ହେଉଛି ଏହି ପ୍ରକଳ୍ପର ଉଦେଶ୍ୟ। ଚାରୁଖଚିତ ସ୍ଥାପତ୍ୟ ଏବଂ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ, ତୀର୍ଥଯାତ୍ରୀଙ୍କ ସୁବିଧାରେ ଉନ୍ନତି ଆଣିବା, ଏକାମ୍ର ପରିସରରେ ଟ୍ରାଫିକ ବ୍ୟବସ୍ଥା କରିବା, ପୁରାତନ ମନ୍ଦିର ଏବଂ ଜଳାଶୟଗୁଡିକର ପୁନରୁଦ୍ଧାର, ପାଦଚଲା ରାସ୍ତାର ବିକାଶ, ପାର୍କ ଓ ସମାବେଶ ସ୍ଥଳ ସୃଷ୍ଟି କରିବା ଏବଂ ଏହି ଅଞ୍ଚଳକୁ ୟୁନିସ୍କୋରେ ବିଶ୍ୱ ଐତିହ୍ୟ ସ୍ଥଳର ମାନ୍ୟତା ପାଇଁ ସ୍ଥାନିତ କରିବା। ବିନ୍ଦୁ ସାଗର ପୁଷ୍କରିଣୀ ଚାରିପାଖରେ ଉତ୍ସର୍ଗୀକୃତ ପାଦଚଲା ରାସ୍ତାର ବିକାଶ କରିବା ସର୍ବୋପରି ମନ୍ଦିର ଚତୁଃପାର୍ଶ୍ୱରେ ସୌନ୍ଦର୍ଯ୍ୟମୟ ପରିବେଶ ସୃଷ୍ଟି କରିବା। କେବଳ ସେତିକି ନୁହେଁ, ମନ୍ଦିର ପରିସର ସହିତ ଜଡିତ ଜୀବନ୍ତ ପରମ୍ପରା ଓ ସାଂସ୍କୃତିକ ଅଭ୍ୟାସକୁ ବୃଦ୍ଧି କରିବା ମଧ୍ୟ ଏହାର ଅନ୍ୟତମ ଲକ୍ଷ୍ୟ ରହିଛି। ପ୍ରାୟ ୭ ଏକର ଘରୋଇ ଜମି ଅଧିଗ୍ରହଣ ସହ ବିକାଶ କାର୍ଯ୍ୟକୁ ତ୍ୱରାନିତ କରିବା ପାଇଁ ରାଜ୍ୟ ସରକାର ଗୁରୁତ୍ୱାରୋପ କରିଛନ୍ତି। ଜମି ଅଧିଗ୍ରହଣ ପାଇଁ ବିଏମ୍ସି ଖୁବ୍ ଶୀଘ୍ର ଓବିସିସି ସହିତ ଆଲୋନଚା କରିବା ପରେ ଏ ସମ୍ପର୍କିତ ଯୋଜନାର ରୂପରେଖ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ପ୍ରଦାନ କରିବେ। ସମ୍ପୃକ୍ତ ଅଞ୍ଚଳରେ ସ୍ୱରେଜ ବ୍ୟବସ୍ଥା ସଠିକ ଭାବେ କାର୍ଯ୍ୟକାରୀ କରିବା ପାଇଁ ୱାଟକୋକୁ ନିର୍ଦ୍ଦେଶ ଦିଆଯାଇଛି। ଲିଙ୍ଗରାଜ ମହାପ୍ରଭୁଙ୍କର ଜାଗର ଯାତ୍ରାକୁ ଦୃଷ୍ଟିରେ ରଖି ସମସ୍ତ ବିଭାଗ ନିଜ ନିଜର କାର୍ଯ୍ୟ ଏବେଠାରୁ ତ୍ୱରାନ୍ୱିତ କରିବା ପାଇଁ କଡାକଡି ନିର୍ଦ୍ଦେଶ ଦିଆଯାଇଛି।

## ● ସାଲିଆସାହିରେ ଚଢ଼ଉ

# ପୁଣି ସିକ୍ରେଟ୍ ଚାମ୍ବରରୁ ବାହାରିଲା ମଦ

ଭୁବନେଶ୍ୱର, ୧୪।୧୦(ସମିସ): ଅବକାରୀ ବିଭାଗ ପକ୍ଷରୁ ସାଲିଆସାହି ବୀର ବାସା ବସ୍ତିରେ ଥିବା ଏକ ଘରର ସିକ୍ରେଟ୍ ଚ୍ୟାମ୍ବରର ଚଢ଼ଉ କରି ବିପୁଳ ପରିମାଣର ମଦ ଏବଂ ମଦ ତିଆରି ସାମଗ୍ରୀ ଜବତ କରାଯାଇଛି। ଚଢଉ କରିଛି। ବସ୍ତିର ଏକ ଘର କାନ୍ଥର ଘାସ ଗାଲିଚା, ଆଉ ତା ଭିତରେ ଲୁଚି ରହିଛି ଏକ ସିକ୍ରେଟ ବାଟ। ତାରି ଭିତରେ ଚାଲିଥିଲା ଦେଶୀ ମଦ ଭାଟି। ଭୁବନେଶ୍ୱର ସାଲିଆସାହିରେ ଦୀର୍ଘ ଦିନ ଧରି ପୁଲିସ ଓ ଅବକାରୀ ବିଭାଗକୁ ଚକମା ଦେଇ ଚାଲିଥିଲା ଏ ବେଆଇନ କାରବାର। ଚଢଉ ବେଳେ ୨୦୦ ଲିଟର ଦେଶୀ ମଦ ଓ ପୋଚ ନଷ୍ଟ କରାଯିବା ସହ ଜଣଙ୍କୁ ଗିରଫ କରିଛି ଅବକାରୀ ବିଭାଗ। ଏ କେବଳ ଗୋଟିଏ ଘର ନୁହେଁ, ରାଜଧାନୀରେ ବିଭିନ୍ନ ସ୍ଥାନରେ ଏଭଳି ଚୋରା ମଦଭାଟି କରି ବେଧଡ଼କ ନିଶା କାରବାର ଚଳାଇଛନ୍ତି ମଦ ମାଫିଆ। ପୂର୍ବରୁ ଅନେକ ଥର ମଦ ମାଫିଆଙ୍କ ଘରେ ବୁଲଡୋଜର ଚଢିଥିଲେ ବି ଥମୁନି ବେଆଇନ କାରବାର। ଆଗକୁ କଡ଼ା ଆକ୍ସନ ହେବ ବୋଲି ରୋକଠୋକ୍ ଶୁଣାଇଛନ୍ତି ଅବକାରୀ ଅଧିକାରୀ। ଆଗକୁ ଦୀପାବଳି ଓ କାଳୀପୂଜା ଥିବାରୁ ପାର୍ବଣରେ ସକ୍ରିୟ ହେବେ ନିଶା ବେପାରୀ।

# ଅପହରଣ ଉଦ୍ୟମ ବେଳେ ଘେରିଲେ ଲୋକେ

ଝାଁଳା, ୧୪।୧୦(ସମିସ): ଇନଫୋଭ୍ୟାଲି ଥାନା ୧୬ ନମ୍ବର ଜାତୀୟ ରାଜପଥ ଝାଁଳା ଠାରେ ଜଣେ ଯୁବକ ଓ ଯୁବତୀଙ୍କୁ କାରରେ ଛଡାଇନେବା ଉଠାଇ ନେବାକୁ ଉଦ୍ୟମ ବେଳେ ସ୍ଥାନୀୟ ଲୋକ ଘେରିବାରୁ ଦୁର୍ବୃତ୍ତମାନେ ଚମ୍ପଟ ମାରିଛନ୍ତି। ଏନେଇ ଇନଫୋଭ୍ୟାଲି ଥାନାରେ ଅଭିଯୋଗ ହୋଇଛି। ଆକ୍ରମଣ ଓ ଲୁଟର ଶୀକାର ହୋଇଥିବା ଯୁବକ ଓ ଯୁବତୀ ହେଲେ ଖୋର୍ଦ୍ଧା ବଡ଼ତୋଟା ଅଞ୍ଚଳର ସୌମିତ୍ରୀ ନାଏକ ଓ ପିପିଲି ଜଗନ୍ନାଥପୁର ଅଞ୍ଚଳର ଶୁଭ୍ରଜିତ ବରାଳ। ଖବର ପାଇ ଇନଫୋଭ୍ୟାଲି ଥାନା ପିସିଆର ଆସି ଦୁଇ ଜଣଙ୍କୁ ଉଦ୍ଧାର କରି ଛାଡିଥିଲେ।

ମିଳିଥିବା ସୂଚନା ଅନୁସାରେ ସୌମିତ୍ରୀ ଓ ଶୁଭ୍ରଜିତ ଏକ ଘରୋଇ ସଂସ୍ଥାରେ କାମ କରନ୍ତି। ଗତକାଲି ଏକ ସ୍କୁଟି ଯୋଗେ ଶୁଭ୍ରଜିତ ଓ ସୌମିତ୍ରୀ ଭୁବନେଶ୍ୱରରୁ ଖୋର୍ଦ୍ଧା ଅଭିମୁଖେ ଫେରୁଥିଲେ। ତାଙ୍କ ପଛେ ପଛେ ୫ ଜଣ ଦୁର୍ବୃତ୍ତ ଏକ କାର ଯୋଗେ ଆସିଥିଲେ। ଝାଁଳା ଠାରେ କାରକୁ ଆଗକୁ ନେଇ ତାଙ୍କ ସ୍କୁଟି ଆଗରେ ରଖି ଆକ୍ରମଣ କରି ସେମାନଙ୍କୁ ଉଠାଇ ନେବାକୁ ଚେଷ୍ଟା କରିଥିଲେ। ସେହି ସମୟରେ କିଛି ସ୍ଥାନୀୟ ଲୋକ ପହଁଚି ଯିବାରୁ ଦୁର୍ବୃତ୍ତ ମାନେ ଘଟଣାସ୍ଥଳରୁ ଖସି ପଳାଇଯାଇଥିଲେ। ଖବର ପାଇ ଇନଫୋଭ୍ୟାଲି ଥାନା ପିସିଆର ଘଟଣା ସ୍ଥଳରେ ପହଁଚି ଦୁଇ ଜଣଙ୍କୁ ଉଦ୍ଧାର କରି ଥାନାକୁ ନେଇଥିଲେ। ସୌମିତ୍ରୀ ୫ ଜଣ ଦୁର୍ବୃତ୍ତ ମାନଙ୍କ ମଧ୍ୟରୁ ୩ ଜଣଙ୍କୁ ଚିହ୍ନିଥିବା କହିଛନ୍ତି। ଏନେଇ ଇନଫୋଭ୍ୟାଲି ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି।

# ବୋମାମାଡ଼ ଘଟଣାରେ ୨ ଗିରଫ

ଭୁବନେଶ୍ୱର, ୧୪।୧୦(ସମିସ): ଜଣେ ବ୍ୟକ୍ତିଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ବୋମା ମାଡ଼ କରିବା ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଲେ ନିଗମାନନ୍ଦ ନାହାକ ଏବଂ ଏମ୍. ପ୍ରତାପ ରେଡ୍ଡୀ। ଏନେଇ ଥାନାରେ ପ୍ରତୀକ ପ୍ରସାଦ ମେହେଡୋଙ୍କ ଲିଖିତ ରିପୋର୍ଟ ଆଧାରରେ ପୁଲିସ ମାମଲା ରୁଜୁକରି ତଦନ୍ତ କରିଥିଲା।

ସୂଚନାଯୋଗ୍ୟ ଯେ, ପ୍ରତୀକ ଲକ୍ଷ୍ମୀସାଗରସ୍ଥିତ ବୁଦ୍ଧନଗର ବସ୍ତି, ରେ‡ୀ ସାହିରେ ରୁହନ୍ତି। ଆଜି ସେ ନିଜ ଜେଜେବାପାଙ୍କୁ ନେଇ ଚିକିତ୍ସା ଲାଗି କ୍ୟାପିଟାଲ ହସ୍ପିଟାଲ ଯାଇଥିବା ବେଳେ, ପ୍ରାୟ ୧.୫୫ ସମୟରେ, ମୋଚି ସାହିର ଉଦୟଙ୍କ ଠାରୁ ସେ ଏକ ଫୋନ୍ କଲ୍ ପାଇଥିଲେ। ଫୋନ୍ କଲରେ, ସେ ତାଙ୍କୁ ଧମକପୂର୍ଣ୍ଣ ସ୍ୱରରେ କେଉଁଠି ଅଛନ୍ତି ବୋଲି ପଚାରିବା ସହ ତାଙ୍କୁ ଭଲରେ ଘରକୁ ଫେରିବାକୁ ଦିଆଯିବ ନାହିଁ ବୋଲି କହିଥିଲେ। ସେ ଆହୁରି ମଧ୍ୟ ତାଙ୍କୁ ହତ୍ୟା ଧମକ ଦେଇଥିଲେ, ଯାହା ଫଳରେ ସେ ଭୟଭୀତ ହୋଇଯାଇଥିଲେ। ପରବର୍ତ୍ତୀ ସମୟରେ, ସେ ଘରକୁ ଫେରିବା ସମୟରେ ଉପାସନା ହୋଟେଲ ନିକଟରେ ଉଦୟ ତାଙ୍କ ସହଯୋଗୀ ମାନଙ୍କ ସହ ଆସି ତାଙ୍କ ଉପରକୁ ବିସ୍ଫୋରକ ସାମଗ୍ରୀ ଫୋପାଡି ଥିଲେ। ଯଦିଓ ସେ ଅଳ୍ପକେ ରକ୍ଷା ପାଇଯାଇଥିଲେ କିନ୍ତୁ ବିସ୍ଫୋରଣ ଫଳରେ ତାଙ୍କ ଗାଡ଼ି କ୍ଷତିଗ୍ରସ୍ତ ହୋଇଥିଲା। ଏଣୁ ସେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିଥିଲେ।

# ଦୁଇ ବାଇକ୍ ଚୋରଙ୍କୁ ଜେଲ୍‌ଦଣ୍ଡ

ଭୁବନେଶ୍ୱର, ୧୪।୧୦(ସମିସ): ଦୁଇଟି ପୃଥକ ମାମଲାରେ କୋର୍ଟ ଦୁଇ ବାଇକ୍ ଚୋରଙ୍କୁ ଜେଲଦଣ୍ଡ ଶୁଣାଇଛନ୍ତି। ଭୁବନେଶ୍ୱର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ନିକୁ ଜେନାଙ୍କୁ ୬ ମାସ ଜେଲଦଣ୍ଡ ଶୁଣାଇଥିବା ବେଳେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ-୧ ଅଭିଯୁକ୍ତ ଚିନ୍ମୟ ସାମନ୍ତରାୟଙ୍କୁ ୫ ମାସ ଜେଲ ଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି।

ଅଭିଯୋଗକାରୀ ପ୍ରୀତମ ଦାଶଙ୍କ ବରମୁଣ୍ଡା ପୁରୁଣା ବସଷ୍ଟାଣ୍ଡ ଅଞ୍ଚଳରେ ଏକ ହୋଟେଲ ଅଛି। ଅଭିଯୁକ୍ତ ନିକୁ ଜେନା ଉକ୍ତ ହୋଟେଲରେ କାମ କରୁଥିଲେ। ପ୍ରୀତମ ନିଜ ମୋଟରସାଇକେଲକୁ ହୋଟେଲ ସମ୍ମୁଖରେ ପାର୍କିଂ କରି ଭିତରେ କାମ କରୁଥିଲେ। ଏହି ସମୟରେ ନିକୁ ଡୁପ୍ଲିକେଟ ଚାବି ସାହାଯ୍ୟରେ ତାଙ୍କ ମୋଟରସାଇକେଲକୁ ସେଠାରୁ ଚୋରିକରି ନେଇଯାଇଥିଲେ। ଏନେଇ ଭରତପୁର ଥାନାରେ ମାମଲା ରୁଜୁ ହେବା ସହ ଅଭିଯୁକ୍ତକୁ ଗିରଫ କରାଯାଇଥିଲା। ସେହିପରି ତମାଣ୍ଡୋ ଥାନା ମାମଲାରେ ଚିନ୍ମୟଙ୍କୁ ସଜା ହୋଇଛି। ଅଭିଯୋଗକାରୀ ପ୍ରଣବ ବାରିକ ସପରିବାରେ ବରମୁଣ୍ଡା ବିଡିଏ କଲୋନୀ ଅଞ୍ଚଳରେ ରୁହନ୍ତି। ଗତ ୨୦୨୫ ମାର୍ଚ୍ଚ ୧୪ ଅପରାହ୍ନରେ ସେ ନିଜ ମୋଟରସାଇକେଲକୁ ଡିଏନ ରେଗାଲିଆ ମଲ୍ ସମ୍ମୁଖରେ ପାର୍କିଂ କରି ଭିତରକୁ ସପିଙ୍ଗ କରିବା ଉଦ୍ଦେଶ୍ୟରେ ଯାଇଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତ ଚିନ୍ମୟ ସାମନ୍ତରାୟ ଓରଫ ଚାଇନା ଘଟଣା ସ୍ଥଳରୁ ଅଭିଯୋଗକାରୀଙ୍କ ମୋଟରସାଇକେଲକୁ ଡୁପ୍ଲିକେଟ ଚାବି ବ୍ୟବହାର କରି କୌଶଳ କ୍ରମେ ଚୋରି କରି ନେଇଯାଇଥିଲେ।

# କେ-୪ ମନ୍ଦିର ଛକ ରାସ୍ତା ପାଲଟିଛି ମରଣଯନ୍ତା

ଭୁବନେଶ୍ୱର, ୧୪।୧୦(ସମିସ): ଆଜକୁ ଏକ ବର୍ଷ ହେବ ଟ୍ରାଫିକ ପୋଷ୍ଟ ପାଇଁ ଡିସିପି ଅଫିସକୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାଁନ୍ତି। ଡି ଏନ୍ ରେଗାଲିଆ କଳିଙ୍ଗ ବିହାର ଛକ ଠାରୁ ସମ ହସପିଟାଲ, ଘାଟିକିଆ ରୁ ବରମୁଣ୍ଡା ବସଷ୍ଟାଣ୍ଡ ଏହି ରାସ୍ତା ଲାଗିଛି। ଏହି ଛକ ଦେଇ ଦୈନିକ ଆମ ବସ, ଆମ୍ବୁଲାନ୍ସ, ଅନ୍ୟାନ୍ୟ ଚାରିଚକିଆ ଯାନ, ମୋଟରସାଇକେଲ ସହ ସାଧାରଣ ଲୋକମାନେ ଯାତାୟତ କରୁଛନ୍ତି। ଏଥିସହିତ ଏଠାରେ ଥିବା ଜଗନ୍ନାଥ ମନ୍ଦିର ପାଖରେ ବୁଧବାର ଓ ରବିବାର ହାଟ ବସୁଥିବାରୁ ରାସ୍ତା ବହୁତ ଜାମ ରହୁଛି। ହେଲେ ଏଠାରେ ଏକ ଟ୍ରାଫିକ୍ ପୋଷ୍ଟ ନାହିଁ। ଯେଉଁଥିପାଇଁ ପ୍ରତିଦିନି ଏହି ଛକରେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏ ବିଷୟରେ ଟ୍ରାଫିକର ଉଚ୍ଚପଦସ୍ଥ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରି ମଧ୍ୟ କିଛି ସୁଫଳ ମିଳିନାହିଁ ବୋଲି କେ-୪ କଳିଙ୍ଗବିହାରର ସ୍ଥାନୀୟ ଲୋକମାନେ କହିଛନ୍ତି।

# ଡିସେମ୍ବର ୧୯ ରୁ ଜାତୀୟସ୍ତରୀୟ ଖାଦ୍ୟମେଳା



ଭୁବନେଶ୍ୱର, ୧୪।୧୦(ସମିସ): ଆଗାମୀ ଡିସେମ୍ବର ୧୯ ରୁ ୨୫ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ଠାରେ ବିଶ୍ୱ ଓଡ଼ିଆ ପରିବାର ପକ୍ଷରୁ ଜାତୀୟସ୍ତରୀୟ ବୃହତ ଖାଦ୍ୟ ମେଳା ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଅନୁଷ୍ଠାନର ଭୁବନେଶ୍ୱର ନୟାପଲ୍ଲୀ ସ୍ଥିତ ମୁଖ୍ୟ କାର୍ଯ୍ୟାଳୟ ରେ ଗତ କାଲି ଦ୍ୱିତୀୟ ପ୍ରସ୍ତୁତି ବୈଠକ ହୋଇଥିଲା। ଏଥର ୧୩ ଟି ଜିଲ୍ଲାର ପ୍ରତିନିଧି ଯୋଗ ଦେଇ ଖାଦ୍ୟ ମେଳାର ସଫଳତା ଦିଗରେ ଆଲୋଚନା କରିଥିଲେ। ବିଶ୍ୱ ଓଡ଼ିଆ ପରିବାରର ଅଧକ୍ଷ ସଜ୍ଜନ ଶର୍ମା ମେଳା ବିଭିନ୍ନ ଦିଗ ଓ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ।

# ୟୁନିଟ୍-୨ ସରକାରୀ କ୍ୱାର୍ଟର୍ସରୁ ହଟିଲା ଜବରଦଖଲ

ଭୁବନେଶ୍ୱର, ୧୪।୧୦(ସମିସ): ରାଜଧାନୀରେ ପୁଣି ସରକାରୀ କ୍ୱାର୍ଟର୍ସରେ ବର୍ଷବର୍ଷ ଧରି ରହିଥିବା ଗୋଟିଏ କି ଦୁଇଟି ନୁହେଁ, ପୁରା ୨୩ଟି କ୍ୱାର୍ଟର୍ସ ତାଲା ଭାଙ୍ଗି କ୍ୱାର୍ଟର୍ସ ଆଲଟମେଣ୍ଟ ହୋଇ ନଥିବା ବେଳେ କିଛି ବ୍ୟକ୍ତି ଜୋର ଜବରଦସ୍ତ ରହିଥିଲେ। ସାଧାରଣ ପ୍ରଶାସନ ବିଭାଗ ଏ ସମ୍ପର୍କରେ ଜାଣିବା ପରେ ମଙ୍ଗଳବାର ବିଡିଏ ଏନ୍ଫୋର୍ସମେଣ୍ଟ ସହାୟତାରେ ଅବୈଧ ରହିଥିବା ବ୍ୟକ୍ତିମାନଙ୍କୁ ବାହାର କରାଯାଇଥିଲା। ବିଡିଏ ଏନ୍ଫୋର୍ସମେଣ୍ଟ ଟିମ୍ ଏବଂ ସାଧାରଣ ପ୍ରଶାସନ ବିଭାଗର ଅଧିକାରୀମାନେ ବେଆଇନ ଜବରଦଖଲକାରୀଙ୍କୁ ବାହାର କରିବା ସହ କ୍ୱାର୍ଟର୍ସରୁ ଆସବାବପତ୍ର କାଢ଼ି ଦେଇଥିଲେ। ଦିନକରେ ୨୧ଟି କ୍ୱାର୍ଟର୍ସ ଖାଲି କରାଯାଇଥିଲାବେଳେ ବାକି ଦୁଇଟି କ୍ୱାର୍ଟର୍ସକୁ ଆସନ୍ତାକାଲି ଖାଲି କରାଯିବ ବୋଲି ସୂଚନା ମିଳିଛି। ଏହିପରି ଚନ୍ଦ୍ରଶେଖରପୁରସ୍ଥିତ ଓଡ଼ିଶା ହାଉସିଂ ବୋର୍ଡ଼ ସ୍କିମ୍ ଅନ୍ତର୍ଗତ କାନନବିହାର ଫେଜ୍୧ରେ ବିଡ଼ିଏ ପକ୍ଷରୁ ଜବରଦଖଲକୁ ଉଚ୍ଛେଦ କରାଯାଇଛି। ଏହି ଉଚ୍ଛେଦରେ ୧୧ଟି କ୍ୟାବିନ୍, ୩ଟି ଟିଣ ନିର୍ମିତ ଦୋକାନ, ୩ଟି ଆଜବେଷ୍ଟସ୍ ଘର ଏବଂ ଦୁଇଟି ହୋଟେଲକୁ ଭଙ୍ଗାଯାଇଛି। ପ୍ରାୟ ୨୦୦ ଡେସିମିଲ ହାଉସିଂବୋର୍ଡ଼ ଜମିକୁ ଜବରଦଖଲ ମୁକ୍ତ ହୋଇଛି। ଉଚ୍ଛେଦ ସମୟରେ ବିଡିଏ ଏନ୍ଫୋର୍ସମେଣ୍ଟ ଅଫିସର ଓଏସ୍ଡି ଦେବରାଜ ସେଠୀ ଓ ବିଡିଏ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି, ରାଜ୍ୟ ଗୃହ ନିର୍ମାଣ ନିଗମର ବିବେକାନନ୍ଦ ମହାଲି, ଚନ୍ଦ୍ର ଶେଖର ପୁର ଥାନା ଅଧିକାରୀ ସୁଶ୍ରୀ ଶର୍ମିଷ୍ଠା ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ୧ ପ୍ଲାଟୁନ ରିଜର୍ଭ ପୋଲିସ ଓ ଗୋଟିଏ ସେକ୍ସନ ମହିଳା ପୋଲିସ ମୁତୟନ କରାଯାଇଥିଲା।

**ଦିନକରେ ୨୧ ଘର ଖାଲି, ଆଜି ଆଉ ୨ ଘର ଖାଲି ହେବ**

**ଜବରଦଖଲ ମୁକ୍ତ ହେଲା ହାଉସିଂବୋର୍ଡ଼ ଜମି**

## ବିନା ଦୋଷରେ ଗିରଫ କରାଯାଇଥିବା ଅଭିଯୋଗ

# କ୍ୟାପିଟାଲ୍ ଥାନା ଘେରିଲେ ଅଟୋଚାଳକ



**ରାଜମହଲରୁ ଏଜି ରାସ୍ତା ଘଣ୍ଟାଏ ଜାମ**

ଭୁବନେଶ୍ୱର, ୧୪।୯(ସମିସ): ଜଣେ ନିର୍ଦ୍ଦୋଷକୁ ଗିରଫ କରାଯାଇଥିବା ଅଭିଯୋଗରେ କ୍ୟାପିଟାଲ ଥାନା ଘେରାଉ କରିଥିଲେ ସ୍ମାର୍ଟସିଟି ଅନ୍‌ଲାଇନ ଅଟୋ ଚାଳକ ସଂଘ। ଫଳରେ ରାଜଧାନୀରେ ଅନଲାଇନ ଅଟୋ ସେବା ପୂରା ଠପ ହୋଇଯାଇଥିଲା। ଯେଉଁଥି ପାଇଁ ଯାତ୍ରୀ ହନ୍ତସନ୍ତ ହୋଇଥିଲେ। ସଂଘ ପକ୍ଷରୁ ସବୁ ଅଟୋ ନେଇ କ୍ୟାପିଟାଲ ଥାନା ଆଗରେ ଲମ୍ବା ଲାଇନରେ ଛିଡା କରି ପ୍ରତିବାଦ କରିଥିଲେ। ଫଳରେ ରାଜମହଲରୁ ଏଜି ଛକ ପର୍ଯ୍ୟନ୍ତ ଏକ ଘଣ୍ଟା ଧରି ଟ୍ରାଫିକ୍ ଜାମ୍ ହୋଇଥିଲା।

ଗତ କୁମାର ପୂର୍ଣ୍ଣିମା ରାତିରେ ଅନ୍‌ଲାଇନ ସ୍ମାର୍ଟସିଟି ଅନଲାଇନ ଅଟୋଚାଳକ ସଙ୍ଘର ଜଣେ ଚାଳକକୁ ଷ୍ଟେସନ ଅଟୋଚାଳକ ସଙ୍ଘର କିଛି ପିଲା ମାଡ଼ ମାରିଥିବାର ଥାନାରେ ଅଭିଯୋଗ ହୋଇଥିଲା। ଗତକାଲି ଉଭୟ ଗୋଷ୍ଠୀର ପିଲାଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଆଜି ସ୍ମାର୍ଟ ସିଟି ଅନଲାଇନ ଅଟୋଚାଳକ ସଙ୍ଘ କ୍ୟାପିଟାଲ ଥାନା ଘେରାଉ କରିଥିଲେ। ଦୋଷୀକୁ ପୁଲିସ ଗିରଫ ନକରି ନିର୍ଦ୍ଦୋଷକୁ ଗିରଫ କରିଥିବାର ଅଭିଯୋଗରେ କ୍ୟାପିଟାଲ ଥାନାକୁ ସ୍ମାର୍ଟସିଟି ଅଟୋ ଚାଳକ ସଙ୍ଘ ଘେରାଉ କରିଛି। ପୁଲିସ ପ୍ରଶାସନ ଓ ଅଫଲାଇନ ଅଟୋଚଳକଙ୍କ ସହ ମିଳିତ ଆଲୋଚନା ପରେ ସ୍ୱାଭାବିକ ହୋଇଥିଲା ସେବା।

# ଷ୍ଟୋନ୍ ମ୍ୟାନ୍‌କୁ ଖୋଜୁଛି ପୁଲିସ

- **ମୃତକଙ୍କ ପରିଚୟ ଦେଲେ ମିଳିବ ୨୫ ହଜାର**
- **ଯୁବକଙ୍କ ଛାତିରେ ଜି, ଏନ୍ ଲେଖା**
- **ପ୍ରତିଶୋଧ ନେବା ପାଇଁ ବାରମ୍ବାର ପଥରରେ ଛେଚିଥିବା ସନ୍ଦେହ**


ଭୁବନେଶ୍ୱର, ୧୪।୧୦(ସମିସ): ଚନ୍ଦ୍ରଶେଖରପୁର ଥାନା ଚୂନକୋଳି ବସ୍ତି ଓଇଆରସିରେ ଘଟିଥିବା ହତ୍ୟାକାଣ୍ଡ ମାମଲାରେ ପୁଲିସ ମୃତକଙ୍କ ପରିଚୟ ଖୋଜିବାରେ ବିଫଳ ହୋଇଛି। ପୁଲିସ ସ୍ଥାନୀୟ ଲୋକ, ବସ୍ ଡ୍ରାଇଭର ଏବଂ ଶ୍ରମିକଙ୍କ ପଚରାଉଚରା କରିଥିଲେ ମଧ୍ୟ ମିଳିପାରିଲାନି ପରିଚୟ। ତେଣୁ ପୁଲିସ ଶେଷରେ ପୁରସ୍କାର ରାଶି ଉପରେ ଭରସା କରିଛି। ଯେଉଁ ବ୍ୟକ୍ତି ମୃତକଙ୍କ ପରିଚୟ ଦେବ ତାଙ୍କୁ ୨୫ହଜାର ଟଙ୍କା ଅର୍ଥରାଶୀ ପୁରସ୍କାର ଆକାରରେ ଦିଆଯିବ। ଏପରିକି ପୁଲିସ ଉକ୍ତ ବ୍ୟକ୍ତିର ପରିଚୟ ପାଇଁ ବିଭିନ୍ନ ଜନଗହଳି ସ୍ଥାନରେ ପୋଷ୍ଟର ମାରିବ। ମୃତ ଯୁବକଙ୍କ ଠାରୁ କିଛି ମିଳିନଥିବା ବେଳେ ତାର ଡାହାଣ ଛାତିରେ ଜି ଲେଖାଯାଇଥିବା ବେଳେ ବାମ ପଟ ଛାତିରେ ଏନ୍ ଲେଖାଯାଇଛି। ଯୁବକର ଉଚ୍ଚତା ୫ଫୁଟ ୫ ଇଞ୍ଚ ହୋଇଥିବା ବେଳେ ଏକ ଫ୍ୟାନ୍, ଗୋଟିଏ ଗେଞ୍ଜି ଏବଂ ଏକ ଟି-ସାର୍ଟ ଜବତ ହୋଇଛି। ପୁଲିସ ମୃତ ବ୍ୟକ୍ତିଙ୍କ ପରିଚୟ ପାଇଁ ୪ଦିନ ମୃତଦେହ କ୍ୟାପିଟାଲ ଶବ ସଂରକ୍ଷଣ ଗୃହରେ ରଖିବ। ପରିବାର ଲୋକ ଆସିଲେ ବ୍ୟବଚ୍ଛେଦ କରାଯାଇ ହସ୍ତାନ୍ତର କରାଯିବ। ଯଦି ପରିବାର ଲୋକ ଆସନ୍ତି ନାହିଁ ପୁଲିସ ଶେଷରେ ମୃତଦେହକୁ ନିଜେ ସତ୍କାର କରିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛି।



ପୁଲିସ ଷ୍ଟୋନ୍‌ମ୍ୟାନ୍‌କୁ ଧରିବା ପାଇଁ ତାର ତଦନ୍ତକୁ ଭିନ୍ନ ଦିଶା ଦେଇଛି। ଯୁବକ ଜଣଙ୍କ ଓଡ଼ିଶାର ହୋଇ ନ ଥିବା ପୁଲିସ ତାର ଚେହେରାରୁ ଜାଣିବାକୁ ପାଇଛି। କାରଣ ଯୁବକଙ୍କ ଘର ଆନ୍ଧ୍ରପ୍ରଦେଶ କିମ୍ବା ବିହାର ହୋଇଥିବା ସନ୍ଦେହ କରାଯାଉଛି। ନହେଲେ ରାଜଧାନୀରେ ବିଭିନ୍ନ ବ୍ରିଜ୍ ତଳେ ରହୁଥିବା ବଞ୍ଜାର ଗ୍ରୁପ୍‌ର ହୋଇଥିବା ସନ୍ଦେହ କରାଯାଉଛି। ତେଣୁ ରାଜଧାନୀରେ ବଞ୍ଜାର ଗ୍ରୁପ୍‌ର ସଦସ୍ୟଙ୍କୁ ଡାକି ପୁଲିସ ପଚରାଉଚରା କରିବ ବୋଲି ଜଣାପଡ଼ିଛି। ଯୁବକଙ୍କ ମୃତଦେହକୁ ଦେଖି ଜଣେ ବ୍ୟକ୍ତି ପ୍ରତିଶୋଧ ନେବା ପାଇଁ ହତ୍ୟା କରିଛି। କାରଣ ଯୁବକଙ୍କ ମୃତ୍ୟୁ ଘଟିଥିଲେ ମଧ୍ୟ ଏକାଧିକ ବାର ତାର ମୁଣ୍ଡ ଏବଂ ମୁହଁକୁ ପଥରରେ ଛେଚିଛନ୍ତି ଅଭିଯୁକ୍ତ। ଏହା ପରେ କୌଣସି ମହିଳା କିମ୍ବା ଅର୍ଥ କାରବାର ନେଇ ସନ୍ଦେହ କରାଯାଉଛି। ପୁଲିସ ସବୁ ଦିଗକୁ ନେଇ ତଦନ୍ତ ଚଳାଇଛି।

ପୂର୍ବରୁ ମଧ୍ୟ ମଞ୍ଚେଶ୍ୱର ଥାନା ରେଳବାଇ ପଡ଼ିଆରେ ଥିବା ଏକ ଶୌଚାଳୟ ପଛରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ମିଳିଥିଲା। ଉକ୍ତ ଯୁବକଙ୍କ ମୁଣ୍ଡକୁ ମଧ୍ୟ ଏଭଳି ଭାବେ ଛେଚି ହତ୍ୟା କରାଯାଇଥିଲା। ପୁଲିସ ହତ୍ୟା ମାମଲା ରୁଜୁ କରିଥିଲେ ମଧ୍ୟ ଅଭିଯୁକ୍ତକୁ ଧରିବା ତ ଦୂରର କଥା ଯୁବକଙ୍କ ପରିଚୟ ପାଇ ପାରିନି। ପୁଲିସ ପରଚୟ ପାଇବା ପାଇଁ ମଧ୍ୟ ଏଭଳି ଭାବେ ପୁରସ୍କାର ଘୋଷଣା କରିଥିଲା। ହେଲେ କିଛିବି ପୁଲିସକୁ ସଫଳତା ମିଳିନଥିଲା।

## ଛତୁ ଚାଷ ପାଇଁ ସ୍ୱରୋଜଗାର ତାଲିମ




ମହୁଲଡିହା,୧୪।୧୦(ସମିସ): ଗ୍ରାମୀଣ ସ୍ୱରୋଜଗାର ତାଲିମ କେନ୍ଦ୍ର ପକ୍ଷରୁ ଖଣ୍ଡବନ୍ଧ ଗ୍ରାମରେ ୧୦ ଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ବାରିପଦାସ୍ଥିତ ଆରସେଟି ପକ୍ଷରୁ ଏହି ତାଲିମ ଶିବିରରେ ପ୍ରଶିକ୍ଷକମାନେ ରହି ତାଲିମ ପ୍ରଦାନ କରିଥିଲେ। ଖଣ୍ଡବନ୍ଧ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆୟୋଜିତ ତାଲିମ ଶିବିରରେ ଅନ୍ତର୍ଯ୍ୟାମୀ ମହାନ୍ତ ତାଲିମଦାତା ଭାବେ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ୩୦ ଜଣ ମହିଳା ନିୟମିତ ତାଲିମ ଗ୍ରହଣ କରି ଛତୁ ଉତ୍ପାଦନ, ସଂରକ୍ଷଣ ଓ ଛତୁରୁ ବିଭିନ୍ନ ଖାଦ୍ୟ ସାମଗ୍ରୀ ତିଆରି କରିବା ପ୍ରଣାଳି ପ୍ରଶିକ୍ଷଣ ନେଇଥିଲେ। ଆରସେଟିର ନିର୍ଦ୍ଦେଶକ ହେମନ୍ତ କୁମାର ଦାଶ, ଜିଲ୍ଲା ପରିଷଦ ଜୀବିକା ପ୍ରୋଗ୍ରାମ ମ୍ୟାନେଜର ମଧୁସ୍ମିତା ଭୂୟାଁ, କାର୍ଯ୍ୟକ୍ରମ ଅଧିକାରୀ (ଗୃହ) କନ୍ୟାକୁମାରୀ ମିଶ୍ର, ଠାକୁରମୁଣ୍ଡା ପ୍ରେସ କ୍ଲବ ସଭାପତି ଶରତ କୁମାର ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ତାଲିମର ପ୍ରୟୋଗ ଏବଂ ରୋଜଗାର ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ ଲକ୍ଷ୍ମୀଧର ହାଁସଦା ହାଁସଦା ଓ ଭାଗ୍ୟବତୀ ଓଝା ତାଲିମ ପରୀକ୍ଷକ ଭାବେ ଯୋଗଦେଇ ତାଲିମାର୍ଥୀଙ୍କୁ ମୂଲ୍ୟାୟନ କରିଥିଲେ। ପ୍ରଶିକ୍ଷାର୍ଥୀଙ୍କୁ ଆରସେଟି ପକ୍ଷରୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଶେଷରେ ଅନ୍ତର୍ଯ୍ୟାମୀ ମହାନ୍ତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ବେସରକାରୀ ବିଏଡ୍ କୋର୍ସ ଖୋଲିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ମମତାଙ୍କ ପ୍ରସ୍ତାବ

ବାରିପଦା,୧୪।୧୦(ସମିସ): ରାଜ୍ୟରେ ବିଏଡ୍ ଶିକ୍ଷା ପ୍ରତି ଛାତ୍ରଛାତ୍ରୀଙ୍କ ଆଗ୍ରହ ବଢ଼ୁଥିବା ବେଳେ ଅଧିକା ସଂଖ୍ୟାରେ ବିଏଡ୍ କଲେଜ ଖୋଲୁନାହିଁ। ସରକାରୀ ସ୍ତରରେ ଯେତିକି ବିଏଡ୍ ସିଟ୍ ଅଛି ତାହା ପର୍ଯ୍ୟାପ୍ତ ନୁହେଁ। ତେଣୁ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଆନ୍ଧ୍ର ତଥା ଅନ୍ୟ ରାଜ୍ୟରେ ଲକ୍ଷାଧିକ ଟଙ୍କା ଦେଇ ପାଠପଢୁଛନ୍ତି ଏବଂ ପାସ୍‌କରି ଓଡ଼ିଶାରେ ସରକାରୀ ଚାକିରି କରୁଛନ୍ତି। ପ୍ରତିବର୍ଷ ଲକ୍ଷାଧିକ ଛାତ୍ରଛାତ୍ରୀ ଆନ୍ଧ୍ର ମୁହାଁ ହେଉଛନ୍ତି। ଯାହାଫଳରେ କୋଟିକୋଟି ଟଙ୍କା ଓଡ଼ିଶାରୁ ବାହାର ରାଜ୍ୟକୁ ଯାଉଛି। ଯାହାକି ଅର୍ଥନୈତିକ ଦୃଷ୍ଟିରୁ ମଧ୍ୟ ଆମ ରାଜ୍ୟ ଓଡ଼ିଶା ନିମ୍ନଗାମୀ ହେଉଛି। ତା ସହିତ ରାଜ୍ୟରେ ବିଏଡ୍ କୋର୍ସ କମ୍ ଥିବାରୁ ବହୁ ଛାତ୍ରଛାତ୍ରୀ ଏମ୍‌ଏଡ୍ କୋର୍ସ କରି ମଧ୍ୟ କୌଣସି ନିଯୁକ୍ତିର ସୁଯୋଗ ପାଇ ପାରୁନାହାନ୍ତି। ଯଦି ରାଜ୍ୟ ସରକାର ବେସରକାରୀ ମହାବିଦ୍ୟାଳୟମାନଙ୍କରେ ବିଏଡ୍ କୋର୍ସ ଖୋଲିବାକୁ ଅନୁମତି ଦେଇଥାନ୍ତେ, ତେବେ ଆମ ରାଜ୍ୟର ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଓ ଗରିବ ଶ୍ରେଣୀର ଛାତ୍ରଛାତ୍ରୀ ମଧ୍ୟ ସୁଯୋଗ ପାଇଥାନ୍ତେ। ଏବଂ ଏମ୍‌ଏଡ୍ ପାସ୍ କରିଥିବା ଛାତ୍ରଛାତ୍ରୀ ନିଯୁକ୍ତି ମଧ୍ୟ ପାଇଥାନ୍ତେ। ଏସବୁ ସମସ୍ୟାକୁ ଆଖି ଆଗରେ ରଖି ଶିକ୍ଷା ବର୍ଷ ୨୦୨୩-୨୪ ମସିହାରେ ସମନ୍ୱିତ ବିଏ ବିଏଡ୍ ଓ ବିଏସସି ବିଏଡ୍ ଖୋଲିବା ନିମନ୍ତେ ଉଚ୍ଚ ଶିକ୍ଷା ବିଭାଗ ଏଚପିସି ପୋର୍ଟାଲରେ ସୁଯୋଗ ଦେଇଥିଲେ ଓ ବହୁ ବେସରକାରୀ ଅନୁଷ୍ଠାନ ବା ମହାବିଦ୍ୟାଳୟ ଗୁଡ଼ିକ ବିଏଡ୍ କୋର୍ସ ଖୋଲିବା ପାଇଁ ଆବେଦନ ମଧ୍ୟ କରିଥିଲେ। ମାତ୍ର ଏଯାବତ୍ ଆଶାୟୀ ଛାତ୍ରଛାତ୍ରୀମାନେ ଅପେକ୍ଷାରତ। ଛାତ୍ରଛାତ୍ରୀଙ୍କ ସମସ୍ୟାକୁ ହୃଦବୋଧ କରି ରାଜ୍ୟସଭା ସାଂସଦ ମମତା ମହାନ୍ତ ପତ୍ର ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଉପରୋକ୍ତ ସମସ୍ୟାଗୁଡ଼ିକ ସମ୍ବନ୍ଧରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରି ରାଜ୍ୟର ବିଭିନ୍ନ ବେସରକାରୀ ଅନୁଷ୍ଠାନ ଗୁଡ଼ିକରେ ବିଏଡ୍ କୋର୍ସ ଖୋଲିବା ପାଇଁ ଅନୁମତି ଦେବାକୁ ପ୍ରସ୍ତାବ ଦେଇଛନ୍ତି। ତତ୍‌ସହିତ ରାଜ୍ୟରେ ସରକାରୀ ସ୍ତରରେ ବିଏଡ୍ କଲେଜ କମ୍ ଥିବାରୁ ମୁଖ୍ୟମନ୍ତ୍ରୀଙ୍କ ସହିତ, ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ଓ ଉଚ୍ଚଶିକ୍ଷା ଶାସନ ସଚିବଙ୍କୁ ବେସରକାରୀ ସ୍ତରରେ ବିଏଡ୍ ଖୋଲିବା ନିମନ୍ତେ ବିଶେଷ ଅନୁରୋଧ ମଧ୍ୟ କରିଛନ୍ତି। ମୟୂରଭଞ୍ଜ ଭଳି ଆଦିବାସୀ ବହୁଳ ଜିଲ୍ଲାରେ ବିଏଡ୍ କୋର୍ସ ଖୋଲିବାର ଆବଶ୍ୟକତା ରହିଛି ବୋଲି ଶ୍ରୀମତୀ ମହାନ୍ତ ମୟୂରଭଞ୍ଜ ଜିଲ୍ଲା ପ୍ରତି ବିଶେଷ ଦୃଷ୍ଟି ଦେବାକୁ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିଛନ୍ତି।

### ଗମ୍ଭାରିଆ ସେତୁ ନିକଟରେ ଡକାୟତି ଯୋଜନା ପଣ୍ଡ

## ଅସ୍ତ୍ରଶସ୍ତ୍ର ସହ କାର୍ ଜବତ; ୪ ଅଭିଯୁକ୍ତ ଗିରଫ

ରାଇରଙ୍ଗପୁର/ବହଳଦା,୧୪।୧୦ (ସମିସ):





ମୟୂରଭଞ୍ଜ ଜିଲ୍ଲା ବହଳଦା ଥାନା ଅଞ୍ଚଳରେ ଗତକାଲି ରାତିରେ ପୁଲିସ ଏକ ବଡ଼ଧରଣର ଡକାୟତି ଯୋଜନା ପଣ୍ଡ କରିଛି। ଡକାୟତି ଘଟଣାରେ ବହଳଦା ଥାନା ଭାରପ୍ରାପ୍ତ ଇନ୍ସପେକ୍ଟର ଭାସ୍କର ପ୍ରଧାନଙ୍କ ନେତୃତ୍ୱରେ ପୁଲିସ ଟିମ୍ ଗମ୍ଭାରିଆ ନଦୀ ସେତୁ ନିକଟରୁ ଅସ୍ତ୍ରଶସ୍ତ୍ରସହ କାର୍ ଜବତ କରିଥିବା ବେଳେ ୪ ଅଭିଯୁକ୍ତଙ୍କୁ ଗିରିଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଥାନା ଅଧୀନ ଉରଣା ଗ୍ରାମର ମନୋଜ କୁମାର ପାତ୍ର ଓରଫ ମୋତିଲାଲ(୩୫), ଘୋଡାସାହି ଗ୍ରାମର ବନ୍ଦନ କୁମାର ପଣ୍ଡା (୨୨), ଯାଜପୁର ଜିଲ୍ଲାର ଯାଜପୁର ରୋଡ ଥାନା ଅଧୀନ ମାରାମଛାଇ ଗ୍ରାମର କୁନା ସୁଣ୍ଡି ଓରଫ ନବଘନ ସୁଣ୍ଡି (୨୬), ଯାଜପୁର ରୋଡ ଥାନା ଅଧୀନ ଧବଳଗିରି ଗ୍ରାମର ରାଜେଶ ଡାଙ୍ଗା ଓରଫ ମିଣ୍ଟୁ (୨୭)। ସୂଚନାନୁଯାୟୀ, ଗତ ସୋମବାର ରାତି ପ୍ରାୟ ୧୧ଟା ସମୟରେ ପୁଲିସକୁ ସୂଚନା ମିଳିଥିଲା ଯେ କିଛି ଅଜ୍ଞାତ ବ୍ୟକ୍ତି ଗମ୍ଭାରିଆ ନଦୀ ସେତୁ ନିକଟରେ ଏକତ୍ରିତ ହୋଇ ସ୍ଥାନୀୟ ବଜାର ଅଞ୍ଚଳରେ ଡକାୟତି ଯୋଜନା କରୁଛନ୍ତି। ସୂଚନା ପାଇ ଇନ୍ସପେକ୍ଟର ଭାସ୍କର ପ୍ରଧାନ ତାଙ୍କ ଦଳ ସହିତ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ୪ ଅପରାଧୀଙ୍କୁ ଗିରଫ କରିଥିଲେ। ପୁଲିସ ସେମାନଙ୍କୁ ଗିରଫ କରିଥିବା ବେଳେ ଘଟଣାସ୍ଥଳରୁ ଏକ ୭.୬୫ ମିମି ପିସ୍ତଲ ସହ ୧୦ଟି ଜୀବନ୍ତ ଗୁଳି ଭର୍ତ୍ତି ମାଗାଜିନ୍, ଓଡି ୦୨ସିଡବ୍ଲୁ ୩୯୭୬ ନଂ ବିଶିଷ୍ଟ ଏକ କାର, ୩ଟି ମୋବାଇଲ୍ ଫୋନ୍, ତିନିଟି ଲୁହା ଖଣ୍ଡା, ଏକ କାଠବାଡି, ଏକ ଛୁରୀ, ଦୁଇ ପ୍ୟାକେଟ ଲଙ୍କା ଗୁଣ୍ଡ ପାଉଡର ଓ ଏକ କଳା ମାଙ୍କଡି ଟୋପି ଜବତ କରାଯାଇଥିଲା। ପୁଲିସ୍ ତଦନ୍ତରୁ ଜଣାପଡିଛି ଯେ ଏହି ଅପରାଧୀମାନେ ଅକ୍ଟୋବର ୧୨ ତାରିଖ ସନ୍ଧ୍ୟାରେ ବିସୋଇ ଥାନା ଅଧୀନ ବାଡୁଣିଆ ଗ୍ରାମର ପ୍ରକାଶ ସୋରେନଙ୍କ ଘରୁ ଡକାୟତି କରିବାକୁ ଉଦ୍ୟମ କରିଥିଲେ। ରାଇରଙ୍ଗପୁର, କରଞ୍ଜିଆ, ଯଶିପୁର ଇତ୍ୟାଦି ଅଞ୍ଚଳରେ ଆହୁରି ଡକାୟତି କରିବାକୁ ଯୋଜନା ମଧ୍ୟ କରୁଥିଲେ। ପୁଲିସ ତଦନ୍ତରୁ ଜଣାପଡିଛି ଯେ ମୁଖ୍ୟ ଅଭିଯୁକ୍ତ କୁନା ସୁଣ୍ଡି ଜଣେ ଅଭ୍ୟାସଗତ ଅପରାଧୀ। ଯାଜପୁର ରୋଡ୍, କୋରାଇ ଏବଂ କଳିଙ୍ଗ ନଗର ଥାନାରେ ୧୯ରୁ ଅଧିକ ମାମଲାରେ ସେ ଜଡିତ। ଚୋରି, ଅସ୍ତ୍ରଶସ୍ତ୍ର ଆଇନ ଏବଂ ଡକାୟତି ଷଡ଼ଯନ୍ତ୍ର ସହିତ ଜଡିତ ଅନେକ ଗୁରୁତର ମାମଲା ତା ନାମରେ ରହିଛି। ଏନେଇ ବହଳଦା ଥାନାରେ ମାମଲା ରୁଜୁ ହୋଇଥିବା ବେଳେ ଭାରତୀୟ ଦଣ୍ଡ ସଂହିତା (ଆଇପିସି)ର ଧାରା ୩୧୦(୪)/୩୧୦(୫) ଏବଂ ଅସ୍ତ୍ରଶସ୍ତ୍ର ଆଇନ, ୧୯୫୯ର ୨୫/୨୭ ଅନୁଯାୟୀ ଗିରଫ ଅପରାଧୀଙ୍କ ବିରୁଦ୍ଧରେ ମାମଲା ରୁଜୁ କରାଯାଇଛି। ଇନ୍ସପେକ୍ଟର ଭାସ୍କର ପ୍ରଧାନଙ୍କ ଅନୁସାରେ ପୁଲିସର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଫଳରେ ବଡ଼ ଧରଣର ଘଟଣା ଏଡାଇ ଦିଆଯାଇଛି। ସମସ୍ତ ଗିରଫ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିବା ବେଳେ ପୁଲିସ୍ ପ୍ରଶାସନ ପକ୍ଷରୁ ଘଟଣାର ଅଧିକ ତଦନ୍ତ ଜାରି ରହିଛି।

## ଅସଦାଚରଣ କରି ଯୁବକ ଗିରଫ

କୁଆଁମରା,୧୪।୧୦(ସମିସ): କୁଆଁମରା ଫାଣ୍ଡି ଅଞ୍ଚଳର ଜଣେ ବିବାହିତା ମହିଳାଙ୍କୁ ଅସଦାଚରଣ ଉଦ୍ୟମ କରିଥିବା ଅଭିଯୋଗରେ ଜଣେ ଯୁବକଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ଜଣଙ୍କ ହେଲେ ରାଜା ସିଂ (୨୨)। ପୁଲିସ ମାମଲା ରୁଜୁ କରିଥିବାର କୁଆଁମରା ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି କହିଛନ୍ତି।

## ଭ୍ୟାନ୍ ଜବତ; ସନ୍ଦିଗ୍ଧ ଫେରାର

କୁଆଁମରା,୧୪।୧୦(ସମିସ): ଏକ ସନ୍ଦେହ ପୂର୍ଣ୍ଣ ନାଲି ରଙ୍ଗର ଭ୍ୟାନକୁ ସୋମବାର ବିଳମ୍ବିତ ରାତିରେ ଜବତ କରିଛି ପୁଲିସ। ଜୟପୁର-ବାଲେଶ୍ୱର ରାସ୍ତାରେ ମୟୂରଭଞ୍ଜ-ବାଲେଶ୍ୱର ସୀମାନ୍ତ ଖୁଣ୍ଟା ଥାନା ଅଧୀନ କଣ୍ଟିସାହି ଛକଠାରେ ପ୍ରାୟ ରାତି ୨ଟାରେ ଜେଏଚ୍ ୦୬ ଏ - ୭୮୪୯ ନମ୍ବର ବିଶିଷ୍ଟ ଏକ ଭ୍ୟାନ୍ ପହଞ୍ଚି କିଛି ସମୟ ଅଟକି ରହିଥିଲା। ତେବେ ଦୋକାନମାନଙ୍କରେ ଜଗୁଥିବା କେତେକ ଦୋକାନୀ ପରସ୍ପର ଡକାଡକି ହୋଇ ଗାଡ଼ି ନିକଟରେ ପହଞ୍ଚିବା ବେଳକୁ ଭିତରେ ବସିଥିବା କେତେକ ବ୍ୟକ୍ତି ଦୌଡି ପଳାଇଥିଲେ। ସେମାନଙ୍କୁ ଠାବ କରିବା ସମ୍ଭବ ହୋଇ ପାରି ନଥିଲା, ଫଳରେ ପୁଲିସକୁ ଖବର ଦେଇଥିଲେ। ଖୁଣ୍ଟା ଥାନା ଓ କୁଆଁମରା ଫାଣ୍ଡି ପୁଲିସ ପହଞ୍ଚି ସଂପୃକ୍ତ ଗାଡିଟିକୁ ଜବତ କରି ଅଟକ ରଖିଛନ୍ତି। ତେବେ ଚୋରି କରିବା ଉଦ୍ଦେଶ୍ୟ ନା ଆଉ କିଛି ତାହା ଜଣାପଡି ନାହିଁ। ଗାଡିଟି ଅତି ପୁରୁଣା ହୋଇଥିବା ବେଳେ ନମ୍ବର ପ୍ଲେଟ୍ ଉପରେ ମଧ୍ୟ ପୁଲିସର ସନ୍ଦେହ ଜାତ ହୋଇଛି। ତେବେ ଆଜି ସନ୍ଧ୍ୟା ସୁଦ୍ଧା ଜବତ ହୋଇଥିବା ଗାଡ଼ିର କେହି ଦାବି ଦାର ଆସି ନଥିବା ବେଳେ ପୁଲିସ ତଦନ୍ତ ଚଳାଇଛି।

## ମାଟି କାନ୍ଥ ପଡି ୨ଜଣ ଗୁରୁତର, ହସ୍ପିଟାଲରେ ଭର୍ତ୍ତି

ବାରିପଦା,୧୪।୧୦(ସମିସ): ଚାନ୍ଦୁଆ ଥାନା ଅନ୍ତର୍ଗତ ଦେଉଳି ପଞ୍ଚାୟତର ଖଡିଆଶୋଳ ଗ୍ରାମରେ ମାଟି କାନ୍ଥ ପଡି ୨ଜଣ ଗୁରୁତ୍ୱର ହୋଇଛନ୍ତି। ନଣଦେଇ ଚକ୍ରଧର ରାଜ ଓ ଭାଉଜ ସୁକାନ୍ତି ଧଳ ନିଜର ପୁରୁଣା ରୋଷେଇ ଘର ପାଖରେ ସଫେଇ କାର୍ଯ୍ୟ କରୁଥିବା ବେଳେ ଅଘଟଣ ଘଟିଥିଲା। ହଠାତ୍ ରୋଷେଇ ଘର ମାଟି କାନ୍ଥଟି ଉଭୟଙ୍କ ଉପରେ ଧସି ପଡିଥିଲା। ଫଳରେ ଦୁହେଁ ଗୁରୁତର ହୋଇଥିଲେ। ପ୍ରାଥମିକ ଚିକିତ୍ସା କରି ଦୁହିଁଙ୍କୁ ଗୁରୁତର ଅବସ୍ଥାରେ ବାରିପଦା ସ୍ଥିତ ପିଆରଏମ ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ଆଣି ଭର୍ତ୍ତି କରାଯାଇଛି। ନଣଦେଇ ଚକ୍ରଧର ରାଜଙ୍କ ଛାତି ଓ ଅଣ୍ଟାରେ ମାଡ ହୋଇଥିବା ବେଳେ ଭାଉଜ ସୁକାନ୍ତି ଧଳଙ୍କ ବାମ ପାଶ୍ୱର୍ ଆଣ୍ଠୁ ମାଡ଼ ହୋଇଥିବାର ଜଣାପଡିଛି।

## ଛାତ୍ରଛାତ୍ରୀଙ୍କୁ ବାର୍ଷିକ ପରୀକ୍ଷା ପ୍ରମାଣପତ୍ର ବିତରଣ



ଠାକୁରଟୋଟା,୧୪।୧୦(ସମିସ): ରଘୁପୁର ପଞ୍ଚାୟତ ଅଧୀନସ୍ଥ ଠାକୁରଟୋଟା ପ୍ରାଥମିକ ବିଦ୍ୟାଳୟରେ ମୁଣ୍ଡାରୀ ଭାଷା ସମନ୍ୱୟ କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ମୁଣ୍ଡାରୀ ଭାଷା ଆନ୍ଦୋଳନ ସଚେତନତା କାର୍ଯ୍ୟକ୍ରମରେ ଗତ ଜୁନ୍ ୮ ତାରିଖରେ ଆୟୋଜିତ ମୁଣ୍ଡାରୀ ଭାଷା ବାର୍ଷିକ ପରୀକ୍ଷାର କୃତୀ ପରୀକ୍ଷାର୍ଥୀଙ୍କୁ 'ମୁଣ୍ଡାରୀ ଭାଷା ଶିକ୍ଷା' ପ୍ରମାଣପତ୍ର ପ୍ରଦାନ କରାଯାଇଛି। ମୁଣ୍ଡାରୀ ଭାଷା ସମନ୍ୱୟ କମିଟି ତରଫରୁ ତୃଣମୂଳ ସ୍ତରରେ ଥିବା ମୁଣ୍ଡାରୀ ଭାଷାଭାଷୀ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ମୁଣ୍ଡାରୀ ଭାଷା ଆନ୍ଦୋଳନ ଆରମ୍ଭ ହୋଇଛି। ଭାଷା ଆନ୍ଦୋଳନ ଆଗାମୀ ଦିନରେ ସବୁ ମୁଣ୍ଡାରୀ ଭାଷାଭାଷୀ ଅଧ୍ୟୁଷିତ ଗ୍ରାମଗୁଡିକରେ ବ୍ୟାପକ ଭାବେ ଦେଖିବାକୁ ମିଳିବ ବୋଲି ବକ୍ତାମାନେ ବକ୍ତବ୍ୟ ଦେଇଥିଲେ। ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର କେନ୍ଦ୍ରୀୟ ଆବାହକ ବିରବଲ ସିଂ, ସାଧାରଣ ସମ୍ପାଦକ ଇଂ ସୁନାରାମ ସିଂ, ମୁଣ୍ଡାରୀ ଶିକ୍ଷା ପରିଷଦ ସମ୍ପାଦକ ବୁଧିଆ ସିଂ, ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର ବେତନଟୀ ବ୍ଲକ ଆବାହକ ତପନ ସିଂ ଆଦି ବକ୍ତା ଭାବରେ ଉପସ୍ଥିତ ଥିଲେ। ମୁଣ୍ଡାରୀ ଭାଷାର ସାମାଜିକ ଏବଂ ସାମ୍ବିଧାନିକ ସ୍ୱୀକୃତି ହାସଲ ଓ ତା'ର ସମ୍ମାନର ସୁରକ୍ଷା ହେଉଛି ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର ମୁଖ୍ୟ ଲକ୍ଷ୍ୟ। ମୁଣ୍ଡାରୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସ୍ୱୀକୃତି ଦେବା ଦାବିରେ ଆଗାମୀ ଶୀତକାଳୀନ ଅଧିବେଶନରେ ଦିଲ୍ଲୀ ଯିବା ନିମନ୍ତେ କମିଟି ତରଫରୁ ନିଷ୍ପତ୍ତି ନିଆଯାଇଛି। ଠାକୁରଟୋଟା ଗ୍ରାମରେ ପ୍ରତ୍ୟେକ ରବିବାର ମୁଣ୍ଡାରୀ ଭାଷା ଶିକ୍ଷା ନିମନ୍ତେ ଥିବା ବିଦ୍ୟାଳୟରେ ସମସ୍ତଙ୍କ ପାଇଁ ଶିକ୍ଷା ଗ୍ରହଣର ସୁବିଧା କରାଯିବା ପାଇଁ ଆହ୍ୱାନ ଦିଆଯାଇଥିଲା। କମିଟିର ସଦସ୍ୟତା ଅଭିଯାନକୁ ଲୋକାଭିମୁଖୀ କରିବାକୁ ନୂତନ ସଦସ୍ୟଙ୍କୁ ବାର୍ଷିକ ପଞ୍ଜୀକରଣ କରିବାକୁ ଆହ୍ୱାନ ଦିଆଯାଇଥିଲା। ଉପସ୍ଥିତ ବକ୍ତାଗଣ ମୁଣ୍ଡାରୀ ଭାଷା ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ ପ୍ରେରଣା ଦେଇଥିଲେ। ମୁଣ୍ଡାରୀ ଭାଷାର ସାମ୍ବିଧାନିକ ସ୍ୱୀକୃତି ନିମନ୍ତେ ଗ୍ରାମବାସୀଙ୍କ ସ୍ୱାକ୍ଷରିତ ଦାବିପତ୍ର ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି, ଗୃହମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଯାଇଛି। ବେତନଟୀ ବ୍ଲକ ଆବାହକ ତପନ ସିଂ ସଭା ପରିଚାଳନା କରିଥିଲାବେଳେ ମୁଣ୍ଡାରୀ ବିଦ୍ୟାଳୟର ସହଶିକ୍ଷୟିତ୍ରୀ ପାର୍ବତୀ ସିଂ ଅତିଥି ପରିଚୟ ଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ସବିତା ସିଂ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ସମିତିସଭ୍ୟ ସଂଘର ଦାବିପତ୍ର

କେନ୍ଦୁଝର ୧୪।୧୦(ସମିସ): ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥାର ଅନ୍ୟତମ ପ୍ରମୁଖ ନିର୍ବାଚିତ ପ୍ରତିନିଧି ସମିତିସଭ୍ୟଙ୍କର ବିଭିନ୍ନ ସୁବିଧା ସୁଯୋଗ ପାଇଁ ମଙ୍ଗଳବାର କେନ୍ଦୁଝର ଜିଲ୍ଲା ସମିତି ସଭ୍ୟ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ସଙ୍ଘର ସଭାପତି ବସନ୍ତ ସାହୁଙ୍କ ନେତୃତ୍ୱରେ ଜିଲ୍ଲାର ୨୯୭ଟି ପଞ୍ଚାୟତର ସମିତିସଭ୍ୟ ଏକତ୍ରିତ ହୋଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୭ ଦଫା ସମ୍ବଳିତ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ଜିଲ୍ଲା ସଦର ମହକୁମାରେ ଏକ ଅତିଥିଶାଳା ନିର୍ମାଣ, ସଭ୍ୟସଭ୍ୟାଙ୍କ ମାସିକ ସିଟିଂ ଆଲାଉନ୍ସ ପ୍ରଦାନ, ପଞ୍ଚାୟତର



ଉନ୍ନତିମୂଳକ କାର୍ଯ୍ୟରେ ସମିତିସଭ୍ୟ ଓ ସଭ୍ୟାଙ୍କୁ ସାମିଲ କରିବା, ପ୍ରତ୍ୟେକ ପଞ୍ଚାୟତକୁ ଡିଏମଏଫ ପାଣ୍ଠିରୁ ୩୦ ଶତକଡ଼ା ଅନୁଦାନ ପ୍ରଦାନ ସହ ପ୍ରକଳ୍ପ ଚୟନ ଓ କାର୍ଯ୍ୟକାରିତା କ୍ଷେତ୍ରରେ ସମିତି ସଭ୍ୟଙ୍କୁ ଅଗ୍ରାଧିକାର, ବିକଶିତ ଗାଁ ବିକଶିତ ଓଡିଶା ପ୍ରକଳ୍ପ ଚୟନ ଓ କାର୍ଯ୍ୟ କାରିତା କ୍ଷେତ୍ରରେ ସମିତି ସଭ୍ୟଙ୍କୁ ବାଧ୍ୟତାମୂଳକ ଅଗ୍ରାଧିକାର, କାର୍ଯ୍ୟକାଳ ମଧ୍ୟରେ ମୃତ୍ୟୁ ଘଟିଲେ ଡିଏମଏଫରୁ ଏକ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ପ୍ରଦାନ ଓ ନିୟମିତ ପଞ୍ଚାୟତ ସମିତି ସଭ୍ୟମାନଙ୍କ ବୈଠକର ଆୟୋଜନ ଆଦି ୭ ଦଫା ସମ୍ବଳିତ ଦାବିପତ୍ରକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ବିଶାଳ ସିଂଙ୍କୁ ପ୍ରଦାନ କରିଛନ୍ତି। କେନ୍ଦୁଝର ଜିଲ୍ଲା ସମିତିସଭ୍ୟସଭ୍ୟା ସଂଘର ସମ୍ପାଦକ ବିରଞ୍ଚି ନାରାୟଣ ବେହେରାଙ୍କ ସମେତ ସଭ୍ୟସଭ୍ୟା ପଦ୍ମିନୀ ରାୟ, କବିତା ନାଏକ, ମାନସରଞ୍ଜନ ନାଏକ, ମମତାବାଳା ତ୍ରିପାଠୀ, ଶୁଭ୍ରଜିତ ଅମାନ୍ତ ଆଦି ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇବା ସହ ଏହାର ସମାଧାନ ଦିଗରେ ପଦକ୍ଷେପ ନେବେ ବୋଲି ଜିଲ୍ଲାପାଳ କହିଥିବା ସଂଘର ସଭାପତି ପ୍ରକାଶ କରିଛନ୍ତି।

## ଏକଦିବସୀୟ ଗଣିତ ଓ ବିଜ୍ଞାନ ପ୍ରଶିକ୍ଷଣ ଶିବିର

ବଡସାହି,୧୪।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ବାରିପଦା ଓ ବଡ଼ସାହି ବ୍ଲକ ଶିକ୍ଷା କାର୍ଯ୍ୟାଳୟ ବିଭାଗର ମିଳିତ ଆନୁକୂଲ୍ୟରେ ଓଏଭି, ବଡ଼ସାହି ଓ ଦଧିବାମାନଜୀଉ ସରକାରୀ ଉଚ୍ଚ ବିଦ୍ୟାଳୟ, ପ୍ରତାପପୁରରେ ବିଭିନ୍ନ ବିଦ୍ୟାଳୟର ଗଣିତ ଓ ବିଜ୍ଞାନ ଶିକ୍ଷକମାନଙ୍କୁ ନେଇ ବଡ଼ସାହି ବ୍ଲକସ୍ତରୀୟ ଏକ ଦିବସୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଖାନ ଏକାଡେମୀ ପକ୍ଷରୁ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ନିମନ୍ତେ ଅନଲାଇନ ମାଧ୍ୟମରେ କିଭଳି ଭାବେ ଗଣିତ ଓ ବିଜ୍ଞାନ ବିଷୟରେ ଦକ୍ଷତା ବୃଦ୍ଧି କରାଯିବ ସେ ନେଇ ପ୍ରଶିକ୍ଷଣ ଦିଆଯାଇଥିଲା। ଶିବିରରେ ବଡ଼ସାହି ବ୍ଲକର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ଗଣିତ ଏବଂ ବିଜ୍ଞାନ ଶିକ୍ଷକଶିକ୍ଷୟିତ୍ରୀମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଗଣିତ ଓ ବିଜ୍ଞାନ ପ୍ରଶିକ୍ଷକ ଭାବରେ ଅନିଲ କୁମାର ମହାପାତ୍ର, ସୁବୋଧ କୁମାର ସାହୁ, ଚନ୍ଦନ ଦାସ, ତପନ ଓଝା, ମନୋରଞ୍ଜନ ସାହୁ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶିବିର ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ବ୍ଲକ୍‌ରେ ଅନୁଷ୍ଠିତ ହେବାକୁ ଯାଉଛି।

## ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନକୁ ଚେମଣା ଉଚ୍ଚବିଦ୍ୟାଳୟ ଛାତ୍ର ମନୋନୀତ



ତୁରୁମୁଙ୍ଗା, ୧୪।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ତୁରୁମୁଙ୍ଗା କ୍ଲଷ୍ଟର ଅନ୍ତର୍ଗତ ଗ୍ରାମପଞ୍ଚାୟତ ନୋଡାଲ ଉଚ୍ଚବିଦ୍ୟାଳୟ ଚେମେଣାର ୮ମ ଶ୍ରେଣୀ ଛାତ୍ର ତାରାରଞ୍ଜନ ମହାନ୍ତ ନବରଙ୍ଗପୁର ଜିଲ୍ଲାର ଉମରକୋଟ ବାଳିକା ଉଚ୍ଚବିଦ୍ୟାଳୟଠାରେ ଗୁରୁବାର ରାଜ୍ୟସ୍ତରୀୟ ୧୪ ବର୍ଷରୁ କମ ବାଳକ ବିଭାଗର ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହୋଇଛନ୍ତି। ଏଥିପାଇଁ ତାଙ୍କୁ ବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧିତ କରାଯାଇଛି। କେନ୍ଦୁଝର ଶଙ୍କରପୁର ଷ୍ଟାଡିୟମରେ ହୋଇଥିବା ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଉନ୍ନୀତ ହୋଇ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନରେ ଭାଗ ନେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଆସନ୍ତା ଗୁରୁବାର ଖେଳରେ ଭାଗ ନେବାକୁ ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷୟିତ୍ରୀ ତୃପ୍ତିମୟୀ ବାରିକ ଏବଂ ଛାତ୍ର ତାରାରଞ୍ଜନ ମହାନ୍ତ ଯୋଗଦେବାକୁ ଯାଉଥିବାରୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ବାର୍ତ୍ତା ଛୁଟି ଚାଲିଛି। ପାଟଣା ଗୋଷ୍ଠୀ ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାତ, ପ୍ରଧାନଶିକ୍ଷୟିତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ ଶୁଭ କାମନା କରିଛନ୍ତି।

## ଟ୍ରେନ୍ ଧକ୍କାରେ ଅଜଣା ମହିଳା ମୃତ

ରାଇରଙ୍ଗପୁର,୧୪।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ବହଳଦା ରୋଡ ରେଳ ଷ୍ଟେସନ ଓ ଅଁଳାଯୋଡି ଷ୍ଟେସନ ମଧ୍ୟବର୍ତ୍ତି ନିକଟସ୍ଥ ଛେଞ୍ଚଳା ଗ୍ରାମ ନିକଟରେ ଟାଟା ବାଦାମପାହାଡ ପାସେଞ୍ଜର ଟ୍ରେନ୍ ଧକ୍କାରେ ଜନୈକ ଅପରିଚିତ ମହିଳାଙ୍କ ମୃତ୍ୟୁ ଘଟିଛି। ଖବର ପାଇ ବାଲେଶ୍ୱର ରେଳବାଇ ପୁଲିସ ମୃତଦେହ ଉଦ୍ଧାର କରି ରାଇରଙ୍ଗପୁର ଡାକ୍ତରଖାନାକୁ ପଠାଇଛନ୍ତି। ରେଳବାଇ ପୁଲିସ ଅପମୃତ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମୃତ ମହିଳା ଜଣଙ୍କ ଚିହ୍ନଟ ନିମନ୍ତେ ପାଖାପାଖି ୯୬ ଘଣ୍ଟା ପର୍ଯ୍ୟନ୍ତ ପୁଲିସ ହେପାଜତରେ ରହିବ ବୋଲି ନିରୀକ୍ଷଣ ରେଳବାଇ ପୁଲିସ ଗଣେଶ ରାମ ସା ପ୍ରକାଶ କରିଛନ୍ତି।

### ବାରିପଦା ମେଡିକାଲ ହେଲ୍ପଲାଇନ ଅଟୋ ସେବା ଆରମ୍ଭ

## ଦିବ୍ୟାଙ୍ଗ ଓ ହସ୍ପିଟାଲ ଯାଉଥିବା ରୋଗୀଙ୍କୁ ନିଶୁଳ୍କ ସେବା

ବାରିପଦା,୧୪।୧୦(ସମିସ):

ଓଡ଼ିଶା ଡ୍ରାଇଭର ମହାସଂଘର ବାରିପଦା ଶାଖା ସଭାପତି ବିନୋଦ ଲୋହାରଙ୍କ ବଦାନ୍ୟତା କାର୍ଯ୍ୟ ଖୁବ୍ ପ୍ରଶଂସା ସାଉଁଟିବାରେ ଲାଗିଛି। ବାରିପଦା ମେଡିକାଲ ହେଲ୍ପଲାଇନ ଅଟୋ ସେବା ଆରମ୍ଭ କରି ଦିବ୍ୟାଙ୍ଗ ଓ ରୋଗୀଙ୍କୁ ନିଶୁଳ୍କ ସେବା ଯୋଗାଉଛନ୍ତି। ବାରିପଦା ବସଷ୍ଟାଣ୍ଡଠାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତଥା ପିଆରଏମ୍ ହସ୍ପିଟାଲକୁ ଯାଉଥିବା ରୋଗୀ ଓ ତାଙ୍କ ପରିବାର ଲୋକଙ୍କୁ ମାଗଣାରେ ନେଇ ଯାଉଛନ୍ତି। ବିନୋଦ ଡ୍ରାଇଭର ମହାସଂଘର ସଭାପତି ଥିବା ବେଳେ ବିଭିନ୍ନ ସାମାଜିକ କାର୍ଯ୍ୟରେ ଜଡ଼ିତ ରହିଥାନ୍ତି। ନିଜର ଅଟୋ ଚାଳନା କରି ପରିବାର ପ୍ରତିପୋଷଣ କରିଥାନ୍ତି। ଦିବ୍ୟାଙ୍ଗ ଓ ରୋଗୀମାନଙ୍କୁ ସେବା ଯୋଗାଇବା ନିମନ୍ତେ ତାଙ୍କ ମନରେ ଇଚ୍ଛା ସୃଷ୍ଟି ହୋଇଥିଲା। ଯାହାକୁ ନେଇ ସେ ଉକ୍ତ ନିଆରା ପ୍ରୟାସ ଆରମ୍ଭ କରିଛନ୍ତି। ଅଟୋକୁ ସଜାଇ ରୋଗୀ ଓ ଦିବ୍ୟାଙ୍ଗମାନଙ୍କ ସୁବିଧାଜନକ ବାରିପଦା ମେଡ଼ିକାଲ ହେଲ୍ପଲାଇନ ସେବା ଆରମ୍ଭ କରିଛନ୍ତି। ପ୍ରତିଦିନ ପୂର୍ବାହ୍ନ ୧୧ରୁ ଅପରାହ୍ଣ ୧ପର୍ଯ୍ୟନ୍ତ ବାରିପଦା ବସଷ୍ଟାଣ୍ଡରୁ ପିଆରଏମ ହସ୍ପିଟାଲ ପର୍ଯ୍ୟନ୍ତ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କୁ ମାଗଣା ସେବା ଯୋଗାଇଥାନ୍ତି।

### ଡ୍ରାଇଭର ମହାସଂଘର ମହାନତା

ପିଆରଏମ ହସ୍ପିଟାଲ ଉପରେ ମୟୂରଭଞ୍ଜ ଜିଲ୍ଲା ସମେତ ପଡୋଶୀ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ଲୋକେ ମଧ୍ୟ ନିର୍ଭରଶୀଳ ଅଟନ୍ତି। ତେଣୁକରି ସେମାନେ ନିୟମିତ ଭାବେ ବସ୍ ଯୋଗେ ବସ୍‌ଷ୍ଟାଣ୍ଡରେ ପହଞ୍ଚି ହସ୍ପିଟାଲକୁ ଯାଇଥାନ୍ତି। କିନ୍ତୁ ବସଷ୍ଟାଣ୍ଡରୁ ହସ୍ପିଟାଲକୁ ଦୂରତା ଅଧିକ ପାଇଁ ସେମାଙ୍କୁ ଅଟୋ ଭଡ଼ାକରି ଯିବାକୁ ପଡେ, ଏଣୁ ଖର୍ଚ୍ଚାନ୍ତ ହୋଇଥାନ୍ତି। ଚିକିତ୍ସା ପାଇଁ ଆସୁଥିବା ଲୋକଙ୍କ ନିକଟରେ ଅର୍ଥାଭାବ ଦେଖିବାକୁ




ମିଳିଥାଏ। ତେଣୁକରି ଏହିପରି ପରିସ୍ଥିତିରେ ସହାୟତା ଯୋଗାଇବା ପାଇଁ ନିଆରା ପ୍ରୟାସ କରିଛନ୍ତି। ପୂର୍ବରୁ ସେ ଦିବ୍ୟାଙ୍ଗମାନଙ୍କୁ ୨୪ଘଣ୍ଟିଆ ସମ୍ପୂର୍ଣ୍ଣ ଭାବେ ମାଗଣା ସେବା ଯୋଗାଇଦେଇଥାନ୍ତି। ବିନୋଦ ଲୋହାର ଓ ତାଙ୍କ ସଂଘର ବାରିପଦା ସହରରେ ନିଶୁଳ୍କ ମେଡିକାଲ ହେଲ୍ପଲାଇନ ସେବା ଖୁବ ପ୍ରଶଂସିତ ହେଉଛି। ବିନୋଦଙ୍କ କହିବାନୁଯାୟୀ, ତାଙ୍କ ଜମା ପୁଞ୍ଜି ଲଗାଇ ଅଟୋକୁ ସୁନ୍ଦର ଭାବେ ସଜାଇଛନ୍ତି। ଲୋକଙ୍କୁ ନେବା ଆଣିବା କରି ଯାହା ଯେତିକି ଭଡ଼ା ମିଳୁଛି। ସେଥିରେ ସେ ପରିବାର ପ୍ରତିପୋଷଣ କରୁଛନ୍ତି। ଏହାପରେ ଜନସେବାକୁ ଗୁରୁତ୍ୱ ଦେଇଛନ୍ତି। ଓଡିଶା ଡ୍ରାଇଭର ମହାସଂଘ ସଦା ଲୋକଙ୍କ ସେବା ନିମନ୍ତେ ଚେଷ୍ଟାରତ ରହିବା ନେଇ ରାଜ୍ୟ ସଭାପତି ପ୍ରଶାନ୍ତ ମେଣ୍ଡୁଲିଙ୍କ ଆହ୍ୱାନକ୍ରମେ ସେ ସେବା ଯୋଗାଇ ଚାଲିଛନ୍ତି। ବିନୋଦଙ୍କ ହେଲ୍ପଲାଇନ ସେବା ବାରିପଦା ସହରରେ ଚର୍ଚ୍ଚିତ ଥିବା ବେଳେ ଜନାଦୃତ ମଧ୍ୟ ହେଉଛି।

## ବନବିଭାଗ ପକ୍ଷରୁ ଶାଗୁଆନ ଗଣ୍ଡି ଜବତ

କରଞ୍ଜିଆ,୧୪।୧୦(ସମିସ): କରଞ୍ଜିଆ ବନଖଣ୍ଡ ଦୁଧିଆଣି ବନାଞ୍ଚଳ ଅଧୀନ ଟଙ୍ଗାବିଲ୍ଲାରୁ ଝାଡ଼ଖଣ୍ଡ ଅଞ୍ଚଳକୁ ଭ୍ୟାନ ଯୋଗେ ଚୋରାରେ ଶାଗୁଆନ ଗଣ୍ଡି ଚାଲାଣ ବେଳେ ବନବିଭାଗ ପକ୍ଷରୁ ଜବତ ହୋଇଥିବା ଜଣାଯାଇଛି। ମଙ୍ଗଳବାର ଦୁଧିଆଣି ବନାଞ୍ଚଳ ଅଧିକାରୀ ମହାବୀର ସିଂ ମୁର୍ମୁ ସଦଳବଳେ ରାତ୍ରିକାଳୀନ ପଇଁତରା କରୁଥିବା ବେଳେ ଚୋରା ଚାଲାଣ ସମ୍ବନ୍ଧରେ ଖବର ପାଇ ଟଙ୍ଗାବିଲ୍ଲା-ଶୁକୁଳି ରାସ୍ତାରେ ଛକି ରହିଥିଲେ। ଗାଡ଼ିନମ୍ବର ଜେଏଚ-୦୬ଏଚ-୭୪୦୯ ଯୋଗେ



୧୩ଗୋଟି ଶାଗୁଆନ ଗଣ୍ଡି ଲୋଡ୍ ହୋଇ ରାସ୍ତାରେ ଯିବା ବେଳେ ବନବିଭାଗ କର୍ମଚାରୀମାନେ ଅଟକାଇଥିଲେ। ଘଟଣାସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ବନାଞ୍ଚଳ ଅଧିକାରୀ କାଠ ସମେତ ଗାଡିକୁ ଜବତ କରି ଦୁଧିଆଣି କାର୍ଯ୍ୟାଳୟକୁ ଆଣିଥିଲେ। ଗାଡ଼ିରେ ୩୦.୦୮ ସିଫ୍ଟ ଶାଗୁଆନ କାଠ ଥିବା ଏବଂ ଆନୁମାନିକ ମୂଲ୍ୟ ୭୫ହଜାର ଟଙ୍କା ବୋଲି ଜଣାପଡିଥିଲା। ଏବାବଦରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରଖିଥିବା ନେଇ ଅଧିକାରୀ ପ୍ରକାଶ କରିଛନ୍ତି।

# ଜିଲ୍ଲାସ୍ତରୀୟ ପୋଷଣ ମାସ ପାଳିତ



ଦେବଗଡ଼,୧୪।୧୦(ସମିସ): ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ପୋଷଣ ମାସ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୧୬ ପର୍ଯ୍ୟନ୍ତ ପାଳନ କରାଯାଉଛି। ଏହି କ୍ରମରେ ଆଜି ଜିଲ୍ଲା ସ୍ତରୀୟ ପୋଷଣ ମାସ ପାଳନ ଅବସରରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଣୀ ସୁରତୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ବଂଶୀଧର ପାତ୍ର, ଆସିଷ୍ଟାଣ୍ଟ ମ୍ୟାନେଜର ଆର୍‌ବିଏସ୍‌କେ ମୁକେଶ ଭୋଇ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଶିଶୁଙ୍କୁ ପୁଷ୍ଟିକର ତଥା ପୋଷଣ ଯୁକ୍ତ ଖାଦ୍ୟ ଯୋଗାଇଦେବା, ଶିଶୁର ଜନ୍ମଠାରୁ ଏକ ହଜାର ଦିନର ଗୁରୁତ୍ୱ, ପଞ୍ଜୀକୃତ ହିତାଧିକାରୀ ପଞ୍ଜୀକୃତଙ୍କୁ ପୋଷଣ ଟ୍ରାକରେ ସାମିଲ କରିବା, ଶିଶୁଙ୍କ ବିକାଶ ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାକୁ ଲୋକାଭିମୁଖୀ କରିବା ଏବଂ ଶିଶୁକୁ କିପରି ସୁସ୍ଥ ଜୀବନ ଶୈଳୀ ଦିଆଯାଇପାରିବ ତାହା ଉପରେ ଆଲୋକପାତ କରିଥିଲେ। ପୋଷଣ ବିଷୟ ବସ୍ତୁକୁ ନେଇ ପୂର୍ବରୁ ଆୟୋଜିତ ହୋଇଥିବା ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଚିତ୍ରାଙ୍କନ, ଜଣା ଅଜଣା, ଓଡ଼ିଆ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ ମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ ପୂର୍ବକ ପୁରସ୍କୃତ କରଯାଇଥିଲା। ଏହି ଅବସରରେ ତିନି ବ୍ଲକ୍‌ର ପୁରୁଷ ଯତ୍ନ ପ୍ରଦାନକାରୀ ବାରକୋଟ ବ୍ଲକ୍‌ର ଭେସେଜ୍ ଧଳ, ତିଳେଇବଣି ବ୍ଲକ୍‌ର ଜୟ ଧାଙ୍ଗର, ରିଆମାଳ ବ୍ଲକ୍‌ର ଦୂର୍ବାଦଳ ପ୍ରଧାନଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ସେହିପରି ବିଭିନ୍ନ ପ୍ରକାର ପୋଷଣ ଖାଦ୍ୟର ପ୍ରଦର୍ଶନୀ ଷ୍ଟଲ ଖୋଲାଯାଇଥିଲା। ବୈଠକରେ ଆଶା, ଏସଏଚଜି, ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଡିପିସି ମମତା ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଓ ସୁପରଭାଇଜର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକୁ ପୋଷଣ ଜିଲ୍ଲା ସଂଯୋଜକ ମନୋଜ ଆଚାର୍ଯ୍ୟ ସଂଯୋଜନା କରିଥିଲେ।

# ବ୍ରଜରାଜନଗର ମହାବିଦ୍ୟାଳୟ ଇତିହାସ ବିଭାଗର ଆଲୋଚନାଚକ୍ର

ଝାରସୁଗୁଡ଼ା,୧୪।୧୦(ସମିସ): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜ ନଗର ମହାବିଦ୍ୟାଳୟର ଇତିହାସ ବିଭାଗ ଆନୁକୂଲ୍ୟରେ ମଙ୍ଗଳବାର ବିଭାଗ ମୁଖ୍ୟ ଡ.ଋତୁପର୍ଣ୍ଣା ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ 'ଫରାସୀ ରାଷ୍ଟ୍ର ବିପ୍ଳବ ଏକ ଯୁଗାନ୍ତକାରୀ ଘାଟଣା' ବିଷୟରେ ଆଲୋଚନାଚକ୍ର ମହାବିଦ୍ୟାଳୟର ପ୍ରେକ୍ଷାଳୟରେ ଆୟୋଜିତ ହୋଇଛି। ଆଲୋଚନାଚକ୍ରରେ ଅଧ୍ୟକ୍ଷ ବିଜୟ ସାହୁ ମୁଖ୍ୟ ଅତିଥି ଓ ସୁରଜ ମଲ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ସୁଜିତ୍ ସେନ୍ ମୁଖ୍ୟ ବକ୍ତା ରୂପେ ଯୋଗ ଦେଇ ଫରାସୀ ରାଷ୍ଟ୍ର ବିପ୍ଳବକୁ କାଳଜୟୀ ବୈଶ୍ୱିକ ଘଟଣା ବୋଲି ଅଭିହିତ କରିଥିଲେ। ବିଭାଗ ମୁଖ୍ୟା ଡ.ଋତୁପର୍ଣ୍ଣା ମହାନ୍ତି ଅତିଥି ପରିଚୟ ପ୍ରଦାନ ପୂର୍ବକ ସ୍ୱାଗତ ଅଭିଭାଷଣ ରଖିଥିଲେ। ଆଲୋଚନାଚକ୍ରରେ ୫ ଜଣ ଛାତ୍ରୀ ଭାରତୀ ହାତୀ, ପୂଜା ଠାକୁର, ସ୍ନେହା, ସୋନିଆ ଗିରି ଏବଂ ବନ୍ଦନା ଯାଦବ ପ୍ରବନ୍ଧ ପାଠ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପିକା ସଙ୍ଗୀତା ସାହୁ ସଂଯୋଜନା କରିଥିବା ବେଳେ ଅଧ୍ୟାପକ ସୁମିତ ତିର୍କି ଫରାସୀ ରାଷ୍ଟ୍ର ବିପ୍ଳବ ଉପରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପକ ବିକ୍ରମ ପ୍ରଧାନ, ଶ୍ରୀକର ଭୋଇ, ଶିବା ତ୍ରିବେଦୀ, ସୌମ୍ୟରଞ୍ଜନ ସାହୁ, ଅଧ୍ୟାପିକା ଲଳିତା ପ୍ରଧାନ, ପଦ୍ମାବତୀ ମହାପାତ୍ର, ଡ.ପୁଷ୍ପାଞ୍ଜଳି ସାହୁ, ସସ୍ମିତା ତ୍ରିପାଠୀ, କବିତା ସାହୁ, ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଅଣଶୈକ୍ଷିକ କର୍ମଚାରୀ ମଞ୍ଜୁ ଦୋରା ଓ ସୁବ୍ରତ ଭୋଇ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ। ଯୁକ୍ତ ତିନି ପ୍ରଥମ ବର୍ଷ ଇତିହାସ ବିଭାଗର ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ଉତ୍ସବ ପାଳନ କରାଯାଇଥିଲା।

# ଲକ୍ଷାଧିକ ଟଙ୍କାର ଟାୟାର ଚୋରି, ୪ ଆନ୍ତଃଜିଲ୍ଲା ଲୁଟେରା ଗିରଫ

ଝାରସୁଗୁଡ଼ା,୧୪।୧୦(ସମିସ)



ଝାରସୁଗୁଡ଼ା ଜିଲ୍ଲା ବଡମାଲ ଥାନା ଅଧୀନ ବଡ଼ମାଲ ସ୍ଥିତ ମୁଦ୍ରା ଟାୟାର ଦୋକାନରୁ ଲକ୍ଷାଧିକ ଟଙ୍କାର ଟାୟାର ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ଘଟଣାରେ ୪ ଜଣ ଆନ୍ତଃ ଜିଲ୍ଲା ଲୁଟେରାଙ୍କୁ ଝାରସୁଗୁଡ଼ା ପୁଲିସ ଗିରଫ କରିଛି। ଏନେଇ ମଙ୍ଗଳବାର ଝାରସୁଗୁଡ଼ା ଆରକ୍ଷୀ ଅଧିକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି। ଗତ ଅକ୍ଟୋବର ୮ ବିଳମ୍ବିତ ରାତ୍ରିରେ ବଡମାଲ ବିଜୁ ଏକ୍ସପ୍ରେସ ୱେରେ ଥିବା ମୁଦ୍ରା ଟାୟାର ଦୋକାନରୁ ଲକ୍ଷାଧିକ ଟଙ୍କାର ଟାୟାର ଚୋରି ହୋଇଥିଲା। ଦୋକାନ ମାଲିକ ନୀଲେଶ ମୁଦ୍ରା ବଡମାଲ ଥାନାରେ ଅକ୍ଟୋବର ୯ ରେ ଏତଲା ଦେଇଥିଲେ। ଅଭିଯୋଗକୁ ଭିତ୍ତିକରି ଝାରସୁଗୁଡ଼ା ଏସ୍‌ପିଙ୍କ ତତ୍ତ୍ୱାବଧାନରେ ଟିମ ଗଠନ କରାଯାଇ ତଦନ୍ତ କରାଯାଇଥିଲା। ତଦନ୍ତରେ ଝାରସୁଗୁଡ଼ା ପୁଲିସ ଅପରାଧୀ ମାନଙ୍କୁ ଅନୁଗୋଳରେ ଠାବ କରି ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି। ଗିରଫ ଅଭିଯୁକ୍ତ ମାନେ ହେଲେ ଅନୁଗୁଳ ଜିଲ୍ଲା ବନାରପାଳ ଥାନାର ଗଣେଶ କେତନ ସାହୁ (୩୭), ବିହାର ମୁଜାଫରପୁର ଜିଲ୍ଲା କାନ୍ତି ଥାନାର ଏମଡି ୱାସିମ (୨୯), ବିହାର ସମସ୍ତିପୁର ଜିଲ୍ଲାର ସାପୁର ଥାନାର ଚାନ ଅଲ୍ଲୀ (୪୨), ବିହାର ବାଉଳି ଜିଲ୍ଲାର ପାଟିପୁର ଥାନାର ଏମ୍‌ଡି ରସିଦ (୪୩) ବୋଲି ସୂଚନା ଦିଆଯାଇଛି।



ଏସପିଙ୍କ ସୂଚନା ମୁତାବକ ଅପରାଧୀ ମାନେ ପୂର୍ବ ଯୋଜନା ଅନୁଯାୟୀ ଅକ୍ଟୋବର ୬ ଓ ୭ ତାରିଖରେ ଏକ ବୋଲେରୋ ପିକଅପ ଏବଂ ଅଶୋକ ଲେଲ୍ୟାଣ୍ଡ ଟ୍ରକରେ ଝାରସୁଗୁଡ଼ା ପହଞ୍ଚି ଚୋରି କରିବା ସ୍ଥାନ ପରିଦର୍ଶନ କରିଥିଲେ। ଯୋଜନା ଅନୁସାରେ ଅକ୍ଟୋବର ୮ ତାରିଖ ବିଳମ୍ବିତ ରାତ୍ରିରେ ବଡମାଲ ବିଜୁ ଏକ୍ସପ୍ରେସ ୱେ ନିକଟରେ ଥିବା ମୁଦ୍ରା ଟାୟାର ଦୋକାନର ପଛ ପଟ ଝରକାକୁ ତାଡି ବିଭିନ୍ନ କମ୍ପାନୀର ଟାୟାର ଓ ବ୍ୟାଟେରୀ ପିକଅପ ସହାୟତାରେ ନେଇ କିଛି ଦୂରରେ ଥିବା ଟ୍ରକରେ ଲୋଡିଂ କରି ଫେରାର ମାରିଥିଲେ। ଅଭିଯୁକ୍ତ ମାନଙ୍କୁ ଝାରସୁଗୁଡ଼ା ପୁଲିସ ଅନୁଗୁଳ ଠାରେ ଗିରଫ କରିଥିଲା। ଝାରସୁଗୁଡ଼ା ପୁଲିସ ମାମଲା ରୁଜୁ କରି ୪ ଜଣ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତଙ୍କ ଠାରୁ ୫୬ଟି ନୂଆ ଟାୟାର, ୨୫ଟି ପୁରୁଣା ଟାୟାର, ୨ଟି ବ୍ୟାଟେରୀ, ଏକ ଅଶୋକ ଲେଲ୍ୟାଣ୍ଡ ଟ୍ରକ୍, ଏକ ବୋଲେରୋ ପିକଅପ, ୪ଟି ମୋବାଇଲ ଫୋନ ଜବତ କରାଯାଇଥିବା ଏସପି ସୂଚନା ଦେଇଛନ୍ତି।

# ଦେବଗଡ଼ରେ 'ଆସ ସ୍କୁଲ ଯିବା' ପଦଯାତ୍ରା




ଦେବଗଡ଼,୧୪।୧୦(ସମିସ): ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ଓ ସମଗ୍ର ଶିକ୍ଷା ଦେବଗଡ଼ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ନେଇ ଆସ ସ୍କୁଲ ଯିବା ଓ ଶିକ୍ଷା ସଚେତନତା ପଦଯାତ୍ରା ସ୍ଥାନୀୟ ସରକାରୀ ବାଳକ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର ଏହାର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଜିଲ୍ଲାପାଳ କବିନ୍ଦ୍ର ସାହୁ, ବରେଣ୍ୟ ଅତିଥି ଭାରପ୍ରାପ୍ତ ପୌରପରିଷଦ ଅଧ୍ୟକ୍ଷ ପ୍ରଜିତ ଭୋଜ୍ ଓ ଅତିରିକ୍ତ ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେ ପ୍ରମୁଖ ପଦଯାତ୍ରାକୁ ପତକା ଦେଖାଇ ଶୁଭାରମ୍ଭ କରିଥିଲେ। ଶିକ୍ଷା ଅଧିକାର ଆଇନ ୨୦୦୯ ଅନୁଯାୟୀ ପ୍ରତ୍ୟେକ ପିଲାଙ୍କର ବିଦ୍ୟାଳୟରେ ପାଠ ପଢ଼ିବାର ଅଧିକାର ଅଛି। ଅଧାରୁ ପାଠ ଛାଡିଥିବା, ଆଦୌ ନାମ ଲେଖାଇ ନ ଥିବା ଏବଂ ବିଦ୍ୟାଳୟ ବାହାରେ ଥିବା ପିଲାମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ୍ କରିବା ପାଇଁ ରାଜ୍ୟ ବ୍ୟାପୀ ଅଭିଯାନ କ୍ରମରେ ଏହାର ଆୟୋଜନ କରାଯାଇଛି।

ରାଜ୍ୟ ସରକାରଙ୍କ ବିକଶିତ ଭାରତ ଓ ବିକଶିତ ଓଡ଼ିଶା ଗଠନ ଦିଗରେ ବିଦ୍ୟାଳୟର ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଜନ୍ମରୁ ୧୮ ବର୍ଷ ବୟସର ସମସ୍ତ ପିଲାଙ୍କର ଘର ଘର ବୁଲି ଏକ ସର୍ବେକ୍ଷଣ କରାଯାଇଛି। ସମଗ୍ର ଶିକ୍ଷା ଯୋଜନା ଓ ଶୈକ୍ଷିକ ତତ୍ତ୍ୱ ସଂଯୋଜକ ତପନ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପଦଯାତ୍ରାରେ ଜିଲ୍ଲାର ସମସ୍ତ ସିଆରସିସି, ବିଦ୍ୟାଳୟର ଛାତ୍ରଛାତ୍ରୀ, ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସୁଗୁଡା ସିଆରସିସି ପ୍ରାଣବନ୍ଧୁ ଘଡେଇ ସଂଯୋଜନା କରିଥିଲେ।

# ହକି ଷ୍ଟାଡିୟମର ଟର୍ଫ କାର୍ଯ୍ୟ ଆରମ୍ଭ



ଝାରସୁଗୁଡ଼ା,୧୪।୧୦(ସମିସ): ଝାରସୁଗୁଡ଼ା ହକି ଷ୍ଟାଡିୟମ ଭିତ୍ତିଭୂମିର ବିକାଶ ପାଇଁ ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ହକି ଆସୋସିଏସନର ଉଦ୍ୟମ କ୍ରମେ ଝାରସୁଗୁଡ଼ା ହଂସାମୁରା କଟାପାଲି ସ୍ଥିତ ହକି ଷ୍ଟାଡିୟମରେ ବହୁ ପ୍ରତୀକ୍ଷିତ ଟର୍ଫ କାମ ଆରମ୍ଭ ହୋଇଛି। ୨୦୨୩ରେ ଡିଏମଏଫ୍ ବୈଠକରେ ପୂର୍ବତନ ସାଂସଦ ସୁରେଶ ପୂଜାରୀ ଓ ଝାରସୁଗୁଡ଼ାର ପୂର୍ବତନ ବିଧାୟକ ସ୍ୱର୍ଗତ ନବକିଶୋର ଦାସଙ୍କ ଦ୍ୱାରା ହକି ପଡିଆ ନିର୍ମାଣ ପାଇଁ ୧୦ କୋଟି ଟଙ୍କା ଅନୁମୋଦନ କରାଯାଇ ଥିଲା। ତତ୍କାଳୀନ ଜିଲ୍ଲାପାଳ ସରୋଜ ସାମାଲ ହକି ପଡିଆର କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ୨୦୨୫ ମସିହାରେ ପୂର୍ବତନ ଜିଲ୍ଲାପାଳ ଆବୋଲି ସୁନିଲ ନରୱଣେ ଠିକା କାର୍ଯ୍ୟ ପ୍ରସ୍ତୁତ କରିଥିଲେ। ଜିଲ୍ଲା ଖଣିଜ ପାଣ୍ଠିରୁ ୮ କୋଟି ୫୮ ଲକ୍ଷ ଟଙ୍କାରେ କେବଳ ଟର୍ଫ କାମ କରାଯିବାକୁ ପୂର୍ତ୍ତବିଭାଗ ଦ୍ୱାରା ଟେଣ୍ଡର କରାଯିବା ପରେ ଏକ ସଂସ୍ଥାକୁ ଏହାର ନିର୍ମାଣ ପାଇଁ ଦାୟିତ୍ୱ ପ୍ରଦାନ କରାଯାଇଛି। ଜିଲ୍ଲାରେ ବାଳକ, ବାଳିକାଙ୍କ ମଧ୍ୟରେ ହକି ଖେଳ ପ୍ରତି ଆଗ୍ରହକୁ ଦେଖି ଜିଲ୍ଲାର ୧୫ଟି ସ୍କୁଲକୁ ହକି ଷ୍ଟିକ୍ ଓ ଅନ୍ୟାନ୍ୟ ହକି ସରଞ୍ଜାମ ପ୍ରଦାନ କରାଯାଇଛି। ଲଇକେରା ବ୍ଲକ୍ ଗଞ୍ଜୁଡିହି ଠାରେ ମଧ୍ୟ ଏକ ହକି ଗ୍ରାସ ଷ୍ଟାଡିୟମ ନିର୍ମାଣ ଲାଗି ଶୁଭ ଦିଆଯାଇଛି। ଏବେ ସୁଦ୍ଧା ଜିଲ୍ଲାର ୪୮୦ ଜଣ ହକି ଖେଳାଳି ଜିଲ୍ଲାସ୍ତରୀୟ ହକି ପ୍ରତିଯୋଗିତାରେ ଭାଗ ନେଇ ସାରିଛନ୍ତି। ଜିଲ୍ଲାରୁ ୪୦ଟି ସ୍କୁଲ ଓ କଲେଜରୁ ୬ଟି ବିଭାଗରେ ଜିଲ୍ଲା ସ୍ତରୀୟ ହକି ପ୍ରତିଯୋଗିତାରେ ଭାଗ ନେଉଛନ୍ତି। ଜିଲ୍ଲାରେ ସ୍ଥାୟୀ ହକି ପ୍ରଶିକ୍ଷକ ନିଯୁକ୍ତି କରାଯିବା ପାଇଁ ଦାବି ହେଉଥିବା ବେଳେ ଏ ଦିଗରେ ଏଯାଏଁ କୌଣସି ଶିଳ୍ପ ସଂସ୍ଥା ଆଗେଇ ଆସି ନାହାନ୍ତି। ପୂର୍ବତନ ଜିଲ୍ଲାପାଳ ସରୋଜ ସାମଲଙ୍କ ଚେଷ୍ଟାରେ ଓ ହକି ଆସୋସିଏସନ ଉଦ୍ୟମରେ ତିନି ଜଣ ଦକ୍ଷ ପ୍ରଶିକ୍ଷକଙ୍କୁ ଅସ୍ଥାୟୀ ନିଯୁକ୍ତି କରାଯାଇଥିବା ଜଣାପଡିଛି। କିର୍ମିରା ବ୍ଲକ୍‌ରେ ମଧ୍ୟ ଟର୍ଫ ହକି ପଡିଆ ନିର୍ମାଣ ଲାଗି ଦାବି କରାଯାଇଛି। ଖେଲୋ ଇଣ୍ଡିଆର ଝାରସୁଗୁଡ଼ା ଠାରେ ଏକ ହକି କେନ୍ଦ୍ର ପ୍ରତିଷ୍ଠା ଲାଗି ବର୍ତ୍ତମାନର ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କର ଉଦ୍ୟମ ଆରମ୍ଭ ହୋଇଛି।

# ନୂଆ ବସଷ୍ଟାଣ୍ଡ କାର୍ଯ୍ୟକ୍ଷମ ପାଇଁ ସମୀକ୍ଷା

ଦେବଗଡ଼,୧୪।୧୦(ସମିସ): ଦେବଗଡ଼ ବାଲିରୋଇ ଠାରେ ନିର୍ମାଣ ହୋଇଥିବା ନୂତନ ବସଷ୍ଟାଣ୍ଡ କାର୍ଯ୍ୟକ୍ଷମ ପାଇଁ ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କ ଆଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବସ୍ ଟର୍ମିନାଲରୁ ଏନଏଚ ୪୯କୁ ବସ ଚଳାଚଳ କରିବା ସହିତ ସଡକ ସୁରକ୍ଷାକୁ ଦୃଷ୍ଟିରେ ରଖି ଟ୍ରାଫିକ ନିୟନ୍ତ୍ରଣ, ପୁଲିସ୍ କର୍ମଚାରୀଙ୍କ ଦ୍ୱାରା ଟ୍ରାଫିକ ବ୍ୟବସ୍ଥା, ଷ୍ଟ୍ରିଟ ଲାଇଟ୍ ସ୍ଥାପନ, ସିଗନାଲ୍ ସ୍ଥାପନ, ଟ୍ରାଫିକ ସାଇନେଜ୍ ସ୍ଥାପନ, ଜନସାଧାରଣଙ୍କ ପରିବହନ ପାଇଁ ଅଟୋ ଚଳାଚଳ, ଦୋକାନ ଗୃହ, ପାନୀୟ ଜଳ ସୁବିଧା ଓ ବସ୍‌ଷ୍ଟାଣ୍ଡକୁ ପରିଷ୍କାର ପରିଚ୍ଛନ୍ନ ରଖିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଧିରଜ ଚୋପଦାର, ଭାରପ୍ରାପ୍ତ ପୌରପରିଷଦ ଅଧ୍ୟକ୍ଷ ପ୍ରଜିତ ଭୋଜ, ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାଏକ, ଘରୋଇ ବସ ମାଲିକ ସଂଘ ସଭାପତି ରାଜକିଶୋର ଦାସ ଓ ସମ୍ପାଦକ ପୂର୍ଣ୍ଣନାନନ୍ଦ ପାଣି, ଘରୋଇ ବସ୍ ସଦସ୍ୟ ସୁବାସ ପୃଷ୍ଟି, ରାସ୍ତା ଓ ଗୃହ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଅଭିଷେକ ଓଝା, ଟିପିଡବ୍ଲ୍ୟୁଓଡିଏଲ ଅଧିକ୍ଷଣ ଯନ୍ତ୍ରୀ ରାଜୁ ସାହା, ପୌରପରିଷଦ ନିର୍ବାହୀ ଅଧିକାରୀ କୃପାସିନ୍ଧୁ ସ୍ୱାଇଁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ଏକାଙ୍କିକା ନାଟକ ପ୍ରତିଯୋଗିତା



ଦେବଗଡ,୧୪।୧୦(ସମିସ): ଜିଲ୍ଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ମଙ୍ଗଳବାର ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଦେବଗଡ଼ ପରିସରରେ ଜିଲ୍ଲା ସ୍ତରୀୟ ଏକାଙ୍କିକା ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ବିଜ୍ଞାନ ନିରୀକ୍ଷିକା ଇସ୍ମିତା ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ମହିମା ହେମ୍ବ୍ରମ ମଞ୍ଚାସୀନ ଥିଲେ। ପ୍ରତିଯୋଗିତାରେ ୩ଟି ବ୍ଲକ୍ ଚୟନ ହୋଇ ଆସିଥିବାରୁ ମୋଟ ୧୨ଟି ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ବିଚାରକ ଭାବେ ଦେବଗଡ଼ ମହିଳା ମହାବିଦ୍ୟାଳୟ ଅଧ୍ୟାପକ ଚିତ୍ତରଞ୍ଜନ ଦାସ, ନାଟ୍ୟ ଅଭିନେତା ପ୍ରଦୀପ ଅମାନ୍ତ, ରାକେଶ ଶତପଥୀ ପ୍ରମୁଖ ଦାୟିତ୍ୱ ବହନ କରିଥିଲେ। ପ୍ରତିଯୋଗିତାରେ ରାଜବାସୁଦେବ ଉଚ୍ଚ ବିଦ୍ୟାଳୟ ଛାତ୍ର ମାନଙ୍କ ଦ୍ୱାରା ପ୍ରସ୍ତୁତ ଏକାଙ୍କିକା ନାଟକ ପ୍ରଥମ, ଅପୂର୍ବ ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ନାଟକ ଦ୍ୱିତୀୟ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ମାନଙ୍କ ଦ୍ୱାରା ପ୍ରସ୍ତୁତ ନାଟକ ତୃତୀୟ ସ୍ଥାନ ଅଧିକାର କରିଥିଲା। ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ଇସ୍ମିତା ପଟ୍ଟନାୟକଙ୍କ ସଭାପତିତ୍ୱରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁଶାନ୍ତ ଘୁଟା, ସ୍ଥାନୀୟ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ମହିମା ହେମ୍ବ୍ରମ ଯୋଗ ଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କାର୍ଯ୍ୟାଳୟ ସହାୟକ ଗୌର ଚରଣ ସାହୁଙ୍କ ସମେତ ସ୍ଥାନୀୟ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ବେଲପାହାଡ଼ ଫାଟକରୁ ଜବରଦଖଲ ଉଚ୍ଛେଦ

ଝାରସୁଗୁଡ଼ା,୧୪।୧୦(ସମିସ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ପୌରପରିଷଦ ବେଲପାହାଡ଼ ଫାଟକ ନିକଟରେ ପୌରପ୍ରଶାସନ ରାସ୍ତାକଡ଼ ଦୋକାନ ଉଚ୍ଛେଦ ଆରମ୍ଭ କରିଛି। ମଙ୍ଗଳବାର ସକାଳୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ତେବେ ଦୋକାନୀ ଏବଂ ସ୍ଥାନୀୟଲୋକେ ଏହାର ତୀବ୍ର ବିରୋଧ କରିଛନ୍ତି। ଜେସିବି ଲଗାଇ ଜବରଦଖଲ କରି ନିର୍ମାଣ ହୋଇଥିବା ଦୋକାନ ଗୁଡିକୁ ଭଙ୍ଗାଯାଉଛି। ଫଳରେ ଘଟଣାସ୍ଥଳରେ ଚାପା ଉତ୍ତେଜନା ଦେଖାଦେଇଥିଲା। ପ୍ରଥମେ





ଭେଣ୍ଡିଂ ଜୋନ ଦେଇ ଦୋକାନୀଙ୍କୁ ଥଇଥାନ କରାଯାଉ ତା'ପରେ ଉଚ୍ଛେଦ କରାଯାଉ ବୋଲି ଦୋକାନୀ ମାନେ ଦାବି କରିଛନ୍ତି। ଏଥିପାଇଁ ସେମାନେ ଦୋକାନ ସମ୍ମୁଖରେ ବସି ପ୍ରତିବାଦ କରି ଦାବି ଜଣାଇଥିଲେ। ଅନ୍ୟପଟେ ପୂର୍ବରୁ ନୋଟିସ ଦିଆଯାଇଥିବା ସତ୍ତ୍ୱେ ଦୋକାନୀ ମାନେ ସ୍ଥାନ ଖାଲି କରି ନଥିଲେ। ସେଥିପାଇଁ ପୂର୍ବ ନିର୍ଦ୍ଧାରିତ ଦିନ ଅନୁସାରେ ଆଜି ଉଚ୍ଛେଦ କରାଯାଉଥିବା ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ଲଖନପୁର ସନ୍ତୋଷ ନାଏକ କହିଛନ୍ତି। ଏହି ଜବରଦଖଲ ଉଚ୍ଛେଦ ସମୟରେ ଲଖନପୁର ଅତିରିକ୍ତ ତହସିଲଦାର, ବେଲପାହାଡ କାର୍ଯ୍ୟନିର୍ବାହୀ ଅଧିକାରୀ, ବ୍ରଜରାଜନଗର ଏସଡିପିଓ, ବେଲପାହାଡ ଥାନା ଅଧିକାରୀ, ପୁଲିସ ଫୋର୍ସ ଉପସ୍ଥିତ ଥିଲେ।

# ପୁରୁଣା ଚିକିତ୍ସାଳୟରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଦାବି

ଦେବଗଡ଼,୧୪।୧୦(ସମିସ)



ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠା ସ୍ଥାନାନ୍ତର ପରଠାରୁ ଜିଲ୍ଲାରେ ଦେଖା ଦେଇଥିବା ଜନ ଅସନ୍ତୋଷ ଦିନକୁ ଦିନ ବଢ଼ିବାରେ ଲାଗିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନୁଆଁବାଲିରୋଇକୁ ସ୍ଥାନାନ୍ତର ପରଠାରୁ ଜନ ସାଧାରଣ ସ୍ୱାସ୍ଥ୍ୟ ସେବା ପାଇଁ ନାନା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏନେଇ ଜିଲ୍ଲା ଯୁବ ଏକତା ମଞ୍ଚ ପକ୍ଷରୁ ଗତ କିଛି ମାସ ଠାରୁ ପୁରୁଣା ଚିକିତ୍ସାଳୟ କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇବା ନେଇ ଜିଲ୍ଲା ପ୍ରଶାସନ ଠାରୁ ରାଜ୍ୟ ସରକାରଙ୍କ ଠାରେ ଦାବି ହୋଇଆସୁଛି। ମାତ୍ର ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ କେବଳ ଦିନ ଗଡ଼ାଇ ଚାଲିଥିବାରୁ ଜନ ଅସନ୍ତୋଷ ଦିନକୁ ଦିନ ଜନଆନ୍ଦୋଳନ ପାଇଁ ବଳଗୋଟାଉଛି। ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇବା ଦାବି ନେଇ ଜିଲ୍ଲା ଯୁବ ଏକତା ମଞ୍ଚ ପକ୍ଷରୁ ଦେବଗଡ ବନ୍ଦ ଆନ୍ଦୋଳନ ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ମାସ ମଧ୍ୟରେ ଏହାର ସମାଧାନ ପାଇଁ ଆନ୍ଦୋଳନକାରୀ ମାନଙ୍କୁ ପ୍ରତିଶ୍ରୁତି ଦେଇ ଆନ୍ଦୋଳକୁ ସ୍ଥଗିତ ରଖିବାରେ ସଫଳ ହୋଇଥିଲେ ମଧ୍ୟ ବାସ୍ତବିକ ଏହା କାର୍ଯ୍ୟକାରୀ ନ ହେବାରୁ ମଞ୍ଚ ପକ୍ଷରୁ ପୁନର୍ବାର ଆନ୍ଦୋଳନ ପାଇଁ ସଜବାଜ ଆରମ୍ଭ ହୋଇଛି। ଏହି କ୍ରମରେ ଆଜି ଅପରାହ୍ନରେ ଜିଲ୍ଲା ଯୁବ ଏକତା ମଞ୍ଚ ପକ୍ଷରୁ ସୁରଞ୍ଜିତ ମହାପାତ୍ରଙ୍କ ଆବାହକତ୍ୱରେ ସ୍ଥାନୀୟ ଗୋପାଳ ଜୀଉ ମନ୍ଦିର ପ୍ରାଙ୍ଗଣରେ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ବିଭିନ୍ନ ରାଜନୈତିକ ନେତୃ ବୃନ୍ଦ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟ, ବୁଦ୍ଧିଜୀବୀ ଓ ସାଧାରଣ ଜନତା ଯୋଗ ଦେଇଥିଲେ। ଆସନ୍ତାକାଲି ପୂର୍ବାହ୍ନରେ ଏକ ପ୍ରତିବାଦ ଶୋଭାଯାତ୍ରାରେ ସରକାର ଓ ଜିଲ୍ଲା ପ୍ରଶାସନକୁ ପୁଣିଥରେ କିଛି ଦିନର ମହଲତ ଦେବା ସହ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରି ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ପୁନର୍ବାର ଏକ ଦାବିପତ୍ର ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ମହଲତ ସମୟ ମଧ୍ୟରେ ଦାବି କାର୍ଯ୍ୟକାରୀ ନ ହେଲେ ଆଗାମୀ ଦିନରେ ଚରମ ଆନ୍ଦୋଳନ ପାଇଁ ଜିଲ୍ଲାବାସୀ ପ୍ରସ୍ତୁତ ଥିବା ମଞ୍ଚ ପକ୍ଷରୁ କୁହାଯାଇଛି। ଆଜିର ସଭାରେ କାଉନସିଲର ଧର୍ମେନ୍ଦ୍ର ଦେବତା, ବରିଷ୍ଠ ନାଗରିକ ସଙ୍ଘ ସମ୍ପାଦକ ଗୌରହରି ଷଡଙ୍ଗୀ, ଜିଲ୍ଲା ନାଗରିକ କମିଟି ସମ୍ପାଦକ ସୁଧୀର କପର୍ଦାରଙ୍କ ସମେତ ଜିଲ୍ଲା ଯୁବ ଏକତା ମଞ୍ଚର ସଦସ୍ୟ ଓ ବହୁ ଜନସାଧାରଣ ଉପସ୍ଥିତ ଥିଲେ।

**ଆଜି ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିବ ଜିଲ୍ଲା ଯୁବ ଏକତା ମଞ୍ଚ**

# ଯବାନ ଅନିଲ ବିଶିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଝାରସୁଗୁଡ଼ା,୧୪।୧୦(ସମିସ): ଆସାମ ରାଇଫଲରେ କାର୍ଯ୍ୟରତ କିରିତମାଲ ଗାଁର ଅନଲି ବିଶି ମିଲିଟାରୀ ପ୍ରଶିକ୍ଷଣ ପରେ ଗାଁକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ତାଙ୍କ ଆଗମନରେ ଗ୍ରାମବାସୀ ଭବ୍ୟ ସ୍ୱାଗତ କରିଥିଲେ। ଗାଁର କିଛି ଯୁବକ ତାଙ୍କୁ ଗାଁକୁ ଆଣିବା ପରେ ଗାଁରେ ତାଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରି ଗ୍ରାମବାସୀ ଗାଁ ପରିକ୍ରମା କରିଥିଲେ। ଅନିଲଙ୍କ ତାଲିମ ସମୟରେ ତାଙ୍କ ପିତା ବିଶିଷ୍ଟ ମୃଦଙ୍ଗ ବାଦକ ବିଧାନ ବିଶିଙ୍କ ଦେହାନ୍ତ ହୋଇ ଯାଇଥିଲା। ଏପରିକି କଠିନ ତାଲିମରେ ବ୍ୟସ୍ତତା କାରଣରୁ ତାଙ୍କ ପିତାଙ୍କ ଅନ୍ତିମ ଦର୍ଶନ ମଧ୍ୟ କରି ପାରି ନ ଥିଲେ। ତେବେ



ଦେଶ ସେବା ପ୍ରତି ତାଙ୍କ ସମର୍ପଣ ମନୋଭାବ ପାଇଁ ଗାଁ ଗର୍ବିତ ବୋଲି କିଛି ଯୁବକ ଓ ଗାଁବାସୀ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଗାଁର ରମେଶ ପଧାନ, ଭ୍ରମର ଦାସ, ସନ୍ୟାସୀ ପଧାନଙ୍କ ସହ ଗାଁର ଯୁବକ ପ୍ରଶାନ୍ତ ସାହୁ, ସୁରେଶ ବିଶି, ନିତ୍ୟାନନ୍ଦ ପ୍ରଧାନ, ଗୌରହରି ରାଉତ, ନିତିଶି ପ୍ରଧାନ, ଦିନେଶ ଦାସ, ତପନ ସା, ସୁବନ୍ତ ପ୍ରଧାନ, ମୁକେଶ ବୁଡେ, ରୋହିତ ବୁଡେ, ପପୁ ବାରିକ, ଶିବ ପ୍ରଧାନ ପ୍ରମୁଖ ସ୍ୱାଗତ କରିଥିଲେ।

# 'ସୁରଭି' ଶିଶୁଙ୍କ ଅନ୍ତର୍ନିହିତ ସୌରଭ ପ୍ରକାଶନର ମଞ୍ଚ


ବରଗଡ଼ ବାଳକ ୟୁପି ସ୍କୁଲ୍


ଖୁଣ୍ଟପାଲି ୟୁପି ସ୍କୁଲ୍


ରାଜବୋଡ଼ାସମ୍ବର ଉଚ୍ଚବିଦ୍ୟାଳୟ


ଗୌଡ଼ମାଳ ଅଞ୍ଚଳ ହାଇସ୍କୁଲ୍


ପଲସଦା ଉଚ୍ଚ ବିଦ୍ୟାଳୟ


ଲୋହରାକୋଟ ୟୁପି ସ୍କୁଲ୍

ବରଗଡ଼,୧୪।୧୦(ସମିସ): ସ୍ଥାନୀୟ ଓଡ଼ିଆ ବାଳକ ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ଶିଶୁ ପ୍ରତିଭା ଉତ୍ସବ ସୁରଭି ୨୦୨୫ ଓଡ଼ିଆ ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଉଦ୍‌ଯାପିତ ହୋଇଯାଇଛି। ବରଗଡ଼ ବିଇଓ ଡ.ସୁରେନ୍ଦ୍ର ସାହୁ ମୁଖ୍ୟ ଅତିଥି ଭାବେ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଶିଶୁ ପ୍ରତିଭା କାର୍ଯ୍ୟକ୍ରମ ସୁରଭି ଶିଶୁ ମାନଙ୍କ ଅନ୍ତର୍ନିହିତ ପ୍ରତିଭାର ସୌରଭ ପ୍ରକାଶିତ ହେବାର ପ୍ରକୃଷ୍ଟ ମଞ୍ଚ ବୋଲି ଉଲ୍ଲେଖ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଗ୍ରୀବର ବିଶି, ଏବିଇଓ ଦିଲ୍ଲୀପ ମେହେର, ଆଇନଜୀବୀ ଈଶ୍ୱର ବାଗ ପ୍ରମୁଖ ଯୋଗ ଦେଇଥିଲେ। ଅର୍ଚ୍ଚିତା ପାଣିଗ୍ରାହୀ ଓ ତେଜରାଜ ହୋତାଙ୍କ ସଂଯୋଜନାରେ କାର୍ଯ୍ୟକ୍ରମରେ ଏହି କ୍ଲଷ୍ଟରର ୧୧ ସ୍କୁଲରୁ ଶତାଧିକ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ନୃତ୍ୟ ଗୁରୁ ଶଙ୍କର ପଟ୍ଟନାୟକ, ମୁଗ୍ଧା ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଦୀପ ଶତପଥୀ, ମନୋଜ ଦାସ, ବିଶିଷ୍ଟ ଖମାରୀ, ହିମାଂଶୁ ପଣ୍ଡା ସନ୍ଧ୍ୟାରାଣୀ ଆଚାର୍ଯ୍ୟ, ଆଶୁତୋଷ ଛତର, ମନୋଜ ଜେନା, ଅନିତା ସାହୁ, ଭଗ୍ୟବନ୍ତି ବିଶ୍ୱାଳ ସୁନୀତା ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ନୃତ୍ୟ ପ୍ରତିଯୋଗିତାରେ ହାଟପଦା ପ୍ରାଥମିକ ବିଦ୍ୟାଳୟ ପ୍ରଥମ, ସମଲେଶ୍ୱରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଦ୍ୱିତୀୟ ଓ ସମଲେଶ୍ୱରୀ ଉଚ୍ଚ ବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ।

## ଖୁଣ୍ଟପାଲି ସରକାରୀ ଉପ୍ରା ବିଦ୍ୟାଳୟ

ବରଗଡ଼: ଆଞ୍ଚଳିକ ସାଧନ କେନ୍ଦ୍ର ଖୁଣ୍ଟପାଲି ଅଧୀନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କେ.ତୁରୁଙ୍ଗାରେ ମଙ୍ଗଳବାର ସୁରଭି ୨୦୨୫ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାଧନକେନ୍ଦ୍ର ଅଧୀନ ୧୨ଟି ବିଦ୍ୟାଳୟର ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସିଆରସିସି ନାରାୟଣ ନାଗଙ୍କ ସଭାପତିତ୍ୱରେ ଅବସରପ୍ରାପ୍ତ ଶିକ୍ଷକ ଧର୍ମରାଜ ସାହୁ ଓ ବଳିଷ୍ଠ ସାହୁ ତଥା ସମାଜସେବୀ ସୂର୍ଯ୍ୟ ପଣ୍ଡା ଅତିଥି ଭାବେ ଯୋଗ ଦେଇଥିଲେ। ଆଦିତ୍ୟ ସାହୁ ଓ ସହଦେବ ପାଧାନ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ବିଜୟ ମିଶ୍ର ଏବଂ ନମିତା ସ୍ୱାଇଁ ମଞ୍ଚ ପରିଚାଳନା କରିଥିବା ବେଳେ ଫଗୁ ଚରଣ ମହାନ୍ତି, ସଚ୍ଚିକାନ୍ତରଏ, ମୁରଲୀ ପଧାନ, ଧନଞ୍ଜୟ ତାଣ୍ଡି, ଟୁନି ସେଟ୍ ତଥା ସମସ୍ତ ଶିକ୍ଷକ ସହଯୋଗ କରିଥିଲେ।

## ରାଜବୋଡ଼ାସମ୍ବର ଉଚ୍ଚବିଦ୍ୟାଳୟ

ପଦ୍ମପୁର: ରାଜବୋଡାସମ୍ବର ଉଚ୍ଚ ବିଦ୍ୟାଳୟରେ କ୍ଲଷ୍ଟର୍ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ନିରାଳମ୍ବ ପ୍ରସାଦ ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ପଦ୍ମିନୀ ଦାଶ, ସମ୍ମାନିତ ଅତିଥି ଭାବେ ଟାଉନ୍ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ତରଣୀସେନ ସାହୁ ଏବଂ ରାଜବୋଡାସମ୍ବର କ୍ଲଷ୍ଟରର ସିଆର୍‌ସିସି ସୁରେଶ ଚୌହାନ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ପ୍ରୀତିରଶ୍ମି ସେଠ୍ ଅତିଥି ପରିଚୟ ପ୍ରଦାନ କରିଥିଲେ। ୧୦ଟି ବିଭାଗରେ ବିଭିନ୍ନ ପ୍ରତିଯୋଗିତାରେ କ୍ଲଷ୍ଟରର ମୋଟ ୧୫୦ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜବୋଡାସମ୍ବର ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ଜୟ ସାହୁ ଯୋଗ ଦେଇଥିଲେ। ଅତିଥିଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରେ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଭାସିନୀ ସା, ରବିନା ପଧାନ, ଅଜିତ ପାତ୍ର, ଚନ୍ଦନ ନାୟକ, ଶେଷଦେବ ସାହୁ, ସୁନୀତା ଖମାରୀ, ହରେକୃଷ୍ଣ ମେହେର, ପ୍ରିତିରସ୍ମି ସେଠ୍, ରୁଦ୍ରାଙ୍ଗଦ ବାରିକ, ସ୍ୱର୍ଣକାନ୍ତି ପତି, ଅମୃତା ବାରିକ, ସଂଗ୍ରାମ କେଶରୀ ଦୀପ, ମମତା ମିଶ୍ର, ପ୍ରହଲ୍ଲାଦ ମହାନନ୍ଦ, ସୁଶିଲ ମେହେର, ଅମ୍ବିକା ରଥ, ମଧୁସ୍ମିତା ବର୍ଗେ, ରଞ୍ଜୁଲତା ମିଶ୍ର, ଭଗବତୀ ଦେ ପ୍ରମୁଖ ବିଚାରକ ଦାୟିତ୍ୱ ତୁଲାଇଥିଲେ। ଶେଷରେ ପ୍ରଭାସିନୀ ସା ଧନ୍ୟବାଦ ଅର୍ପଣ କରିଥିଲେ।

## ପଲସଦା ଉଚ୍ଚବିଦ୍ୟାଳୟ

ପାଇକମାଳ: ପାଇକମାଳ ବ୍ଲକ୍ ଅଧୀନ ପଲସଦା ଉଚ୍ଚ ବିଦ୍ୟାଳୟ ପରିସରରେ ସାଧନକେନ୍ଦ୍ର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାଧନକେନ୍ଦ୍ର ସଂଯୋଜକ ଚକ୍ରଧର ଅଜଗରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପଦ୍ମଲୋଚନ ପୋଢ଼ କାର୍ଯ୍ୟକ୍ରମର ସଭାପତିତ୍ୱ କରିଥିଲେ। ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟ ଅତିଥି ଭାବେ ପାଇକମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଦନ ସୁନା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ପାଣିଗ୍ରାହୀ, ପିତାମ୍ବର ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମହେନ୍ଦ୍ର ସିଂ ବରିହା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଅବସରରେ ସାଧାରଣ ଜ୍ଞାନ, ଶ୍ରୁତଲିଖନ, ସଙ୍ଗୀତ, ନୃତ୍ୟ, ଚିତ୍ରାଙ୍କନ, ବକ୍ତୃତା ଭଳି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲ।। ସେହିଭଳି ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲ। ଶେଷରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

## ଗୌଡ଼ମାଳ ସରକାରୀ ଉଚ୍ଚବିଦ୍ୟାଳୟ

ପଦ୍ମପୁର: ଗୌଡମାଳ ଅଞ୍ଚଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ସୋମବାର କ୍ଲଷ୍ଟରସ୍ତରୀୟ ସୁରଭି ୨୦୨୫ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଦେବରାଜ ପ୍ରଧାନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତା ଦିବ୍ୟ କିଶୋର ପଣ୍ଡା, ସମ୍ମାନିତ ଅତିଥି ପ୍ରମୋଦ ପ୍ରଧାନ, ମୀନାକ୍ଷୀ ଭୋଇ, ସ୍ୱଦେଶ ପ୍ରଧାନ, ଅରୁଣ ବାଗ, ବିବେକାନନ୍ଦ ପଶାୟତ ଓ ସଂଯୋଜକ ପୁରନ୍ଧର କୁମ୍ଭାର ପ୍ରମୁଖ ମଞ୍ଚାସୀନ ଥିଲେ। ଅଞ୍ଚଳ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚନ୍ଦକାନ୍ତ ମେହେର କାର୍ଯ୍ୟକ୍ରମରେ ସଭାପତିତ୍ୱ କରିବା ସହିତ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସିଆରସିସି ପୁରନ୍ଧର କୁମ୍ଭାର ବିବରଣୀ ପଠନ କରିଥିଲେ। କୁର୍ମା ବିଦ୍ୟାଳୟର ପ୍ରଧାନଶିକ୍ଷକ ଶରତ ପ୍ରଧାନ ସ୍ୱାଗତ ଭାଷଣ ଦେବା ସହିତ ମଞ୍ଚ ପରିଚାଳନା କରିଥିଲେ। ଅଶୋକ ନେଟୀ, ଭୁବନେଶ୍ୱର ପ୍ରଧାନ, ତ୍ରିନାଥ ସେଠ, ସୁମନ୍ତ ବରିହା, ଗୋକୁଳାନନ୍ଦ ସାହୁ, ଭୁବନ ବାଗ, ହୃଷିକେଶ ଭୋଇ, ପ୍ରକାର ଚନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ପ୍ରଧାନଶିକ୍ଷକ ଶ୍ରୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ଲଖମରା ଓ ବାଦୀକଟା କ୍ଲଷ୍ଟର

ପଦ୍ମପୁର: ପଦ୍ମପୁର ଉପଖଣ୍ଡ ଲଖମରା କ୍ଲଷ୍ଟର ଅଧୀନସ୍ତ ଲୋହରାକୋଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟର ସ୍ତରୀୟ ସୁରଭି ୨୦୨୫ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ସଦସ୍ୟା ବାସନ୍ତୀ ବାଲାମ ମୁଖ୍ୟ ଅତିଥି ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସିଆର୍‌ସିସି ବାବୁଲାଲ ସାହୁ, ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ହୋତା, ସ୍କୁଲ ପରିଚାଳନା କମିଟି ସଭାପତି ପ୍ରଶାନ୍ତ ସାହୁ, ଗୌନ୍ତିଆ ଅରକ୍ଷିତ ପ୍ରଧାନ, ସମିତି ସଭ୍ୟ ଅଶୋକ ପ୍ରଧାନ, ସିଆରସିସି ବୈଷ୍ଣବ ପଣ୍ଡା, ବିଦ୍ୟାଳୟ ପ୍ରଧାନଶିକ୍ଷକ କୈଳାସ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଲଖମରା କ୍ଲଷ୍ଟର ଅଧୀନ ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ମାନଙ୍କରେ ଭାଗ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ପାଇକମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଦନ ସୁନା ମୁଖ୍ୟ ଅତିଥି, ଅବସରପ୍ରାପ୍ତ ଏବିଇଓ ଧଳେନ୍ଦ୍ର ବାରିକ, ପାଇକମାଳ ସିଆରସିସି ରଞ୍ଜନ ବାଗ, ସନ୍ତୋଷ ମେହେର ପ୍ରମୁଖ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। କୃତୀ ଛାତ୍ରଛାତ୍ରୀ ବ୍ଲକ୍‌ସ୍ତରୀୟ ସୁରଭି ୨୦୨୫ କାର୍ଯ୍ୟକ୍ରମରେ ଭାଗ ନେବେ। କ୍ଲଷ୍ଟରର ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଭାନୁପ୍ରିୟା ମହାରଣା ଏବଂ କୁଲାଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଅଜୟ ସାହୁ ଏବଂ ଶ୍ରେଷ୍ଠ ବିଦ୍ୟାଳୟ ପରିଚାଳନା ସଭାପତି ଭାବେ ଲୋହରାକୋଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସଭାପତି ପ୍ରଶାନ୍ତ ସାହୁଙ୍କୁ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ବ୍ରଜକିଶୋର ଭୀଲ ମଞ୍ଚ ପରିଚାଳନା କରିଥିଲେ। ସେହିପରି ବାଦୀକଟା କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ସମ୍ବଲପୁରୀରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପାଇକମାଳ ବ୍ଲକ୍ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚକାମନ ସୁନା, ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରେମାନନ୍ଦ ବାରିକ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ସଭାପତି ଲଳିତ ପ୍ରଧାନ, ଶିକ୍ଷାବିଦ ମୁକୁନ୍ଦ ଦେବ ସାହୁ, ଠାକୁର ପ୍ରସାଦ ବେହେରା, ସରପଞ୍ଚ ଉପେନ୍ଦ୍ର ପଟେଲ, ଅବସରପ୍ରାପ୍ତ ଶିକ୍ଷକ ଗୋଲକ ପ୍ରଧାନ, ଗାୟତ୍ରୀ ଉଚ୍ଚ ବିଦ୍ୟାଳୟ ସାପଲହର ନିରୋଜ ପଟ୍ଟନାୟକ ଯୋଗ ଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥି ଗଣ ପୁରସ୍କୃତ କରିଥିବା ବେଳେ ସିଆରସିସି ରୁଷଭ ସାହୁ ଉଦ୍ଦେଶ୍ୟ ଜ୍ଞାପନ, ନିରାକାର ପ୍ରଧାନ ଅତିଥି ପରିଚୟ ଏବଂ ପୁରୁଷୋତ୍ତମ ରାଉତ ମଞ୍ଚ ପରିଚାଳନା କରିଥିଲେ।

## ସିଂହପାଲି କ୍ଲଷ୍ଟର

ଅତାବିରା: ଅତାବିରା ବ୍ଲକ୍ ଅଧୀନ ସିଂହପାଲି କ୍ଲଷ୍ଟରର ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ମଙ୍ଗଳବାର ପରମାଣପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। କେନ୍ଦ୍ର ସାଧନ ସଂଯୋଜକ କୃତାର୍ଥ ଚନ୍ଦ୍ର ଭୁଏଙ୍କ ତତ୍ତ୍ୱାବଧାନ ତଥା ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିରେନ ଭୋଇଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଉଦ୍‌ଘାଟନୀ ସମାରୋହରେ ସଭାପତି ବିରେନ୍ ଭୋଇ, ମୁଖ୍ୟ ଅତିଥି ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁବ୍ରତ ବେହେରା, ସମ୍ମାନିତ ଅତିଥି ଭାବେ ଦେବରାଜ ବେହେରା, ମୋତିଲାଲ ଦେବତା, ସୁରେନ୍ଦ୍ର ମଲ୍ଲିକ, ରବି ପ୍ରଧାନ, ପ୍ରଶାନ୍ତ ପ୍ରଧାନ, ଶକୁନ୍ତଳା ମିଶ୍ର, ଲଳିତା ପ୍ରଧାନ, ଲକ୍ଷ୍ମଣ ସାହୁ, ରବି ବନଛୋର, ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷକ ମନୋରଞ୍ଜନ ମିଶ୍ର ଅତିଥି ପରିଚୟ ତଥା ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ଗୋକୁଳାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ କ୍ଲଷ୍ଟରର ୧୬୫ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ବ୍ଲକ୍‌ର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ତ୍ତିକ ବାଗ ଯୋଗ ଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ଲଳିତ ଭୋଇ ଓ ସୁମନ୍ତ ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ସୁଶାନ୍ତ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସିଂହପାଲିର ଛାତ୍ରଛାତ୍ରୀ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏଥିରେ କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ତଥା ପରମାଣପୁରର ଗ୍ରାମବାସୀ ସହଯୋଗ କରିଥିଲେ।

# ଷ୍ଟେଟ୍ ଫରେଷ୍ଟ ସ୍ପୋର୍ଟସ ମିଟରେ ବରଗଡ଼ ବନଖଣ୍ଡର କୃତିତ୍ୱ

## ରଞ୍ଜିତ ସିଂ ବାବୁ ଏବଂ ଲିଜି ମହାପାତ୍ରଙ୍କୁ ସ୍ୱର୍ଣ୍ଣ ପଦକ



ବରଗଡ଼,୧୪।୧୦(ସମିସ): ଭୁବନେଶ୍ୱର ସ୍ଥିତ କିଟ ୟୁନିଭର୍ସିଟି ଗ୍ରାଉଣ୍ଡରେ ୨ ଦିନ ଧରି ଚାଲିଥିବା ରାଜ୍ୟସ୍ତରୀୟ ଫରେଷ୍ଟ ସ୍ପୋର୍ଟସ୍ ମିଟର ଚେସ୍ ପ୍ରତିଯୋଗିତାର ୟୁନିଅର ଭେଟେରିଆନ ବିଭାଗରେ ଯୋଗଦେଇ ପଦ୍ମପୁର ବନାଞ୍ଚଳ ଅଧିକାରୀ ରଞ୍ଜିତ ସିଂ ବାବୁ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ବନରକ୍ଷୀ ଲିଜି ମହାପାତ୍ର ଡିସକସ୍-ଥ୍ରୋ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ମହିଳା ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ବରଗଡ଼ ଜିଲ୍ଲା ଗାଇସିଲାଟ ବ୍ଲକ୍ ଅଧୀନ ଗୁଦେରପାଲି ଗାଁର ଦେବତା ପରିବାରର ବୋହୂ ତଥା ସାମ୍ବାଦିକ ରିଙ୍କୁ ଦେବତାଙ୍କ ପତ୍ନୀ ହେଉଛନ୍ତି ବନରକ୍ଷୀ ଲିଜି ମହାପାତ୍ର। ବର୍ତ୍ତମାନ ସେ ପଦ୍ମପୁର ବନାଞ୍ଚଳରେ କାର୍ଯ୍ୟରତ ଅଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଭଟଲି ବନାଞ୍ଚଳର ବନରକ୍ଷୀ ସୁପ୍ରିୟା ଭୋଇ ଦୌଡ ପ୍ରତିଯୋଗିତାରେ ତୃତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ପାଇଛନ୍ତି। ଏହି କ୍ରୀଡା ପ୍ରତିଯୋଗିତାରେ ରାଜ୍ୟର ମୋଟ ୧୨୩ଟି ବନଖଣ୍ଡ ଓ ଜଙ୍ଗଲ ପ୍ରତିଷ୍ଠାନର ୩୭୭ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବରଗଡ଼ ବନଖଣ୍ଡର ସମସ୍ତ ଖେଳାଳି ମାନେ ବିଗତ ଦିନରେ ରାଉରକେଲା ସ୍ଥିତ ବିର୍ସାମୁଣ୍ଡା ଷ୍ଟାଡିୟମରେ ହୋଇଥିବା ଜୋନାଲ ଫରେଷ୍ଟ ସ୍ପୋର୍ଟସ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ଜୋନାଲରୁ ରାଜ୍ୟସ୍ତରୀୟ କ୍ରୀଡା ପ୍ରତିଯୋଗିତାକୁ ମନୋନୀତ ହୋଇଥିଲେ। ତାଙ୍କର ଏହି କୃତିତ୍ୱ ପରେ ବରଗଡ଼ ଡିଏଫଓ ସରୋଜ ପଣ୍ଡାଙ୍କ ସମେତ ସମସ୍ତ ଅଧିକାରୀ ଏବଂ କର୍ମଚାରୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ବଳାତ୍କାରୀକୁ ଆଜୀବନ ଜେଲ୍

ପଦ୍ମପୁର,୧୪।୧୦(ସମିସ): ପାଇକମାଳ ଥାନା ଅଧୀନ ସାଲେପାଲି ଗାଁରେ ଘରେ ଏକୁଟିଆ ଥିବା ଦିବ୍ୟାଙ୍ଗ ପୀଡିତାଙ୍କୁ ୨୦୨୨ରେ ନିଜ ଗାଁର ଅଭିଯୁକ୍ତ ଆସାମୀ ତିହାରୁ ଭୁଏ ଧର୍ଷଣ କରିଥିବା ପୀଡିତାଙ୍କ ପରିବାର ଅଭିଯୋଗ କରିଥିଲେ। ପାଇକମାଳ ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ମାମଲାର କୋର୍ଟରେ ବିଚାର କରି ଅତିରିକ୍ତ ଜିଲ୍ଲା ସେସନ ବିଚାରପତି ପଦ୍ମପୁର ସୂର୍ଯ୍ୟନାରାୟଣ ଦ୍ୱିବେଦୀ ୨୨ ଜଣ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତିକରି ବିଭିନ୍ନ ଦଫା ନେ ବଳାତ୍କାରୀକୁ ଆଜୀବନ କଠୋର କାରାଦଣ୍ଡ ଏବଂ ୨୫ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ସହିତ ଅଧିକ ୭ ବର୍ଷର କଠୋର କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି। ମାମଲାକୁ ଜିଲ୍ଲା ଡେପୁଟି ଡାଇରେକ୍ଟର ବେଣୁଲାଲ ପ୍ରଧାନ ତଦାରଖ କରୁଥିବା ବେଳେ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ହରେଶ ସୁନାନୀ ପରିଚାଳନା କରୁଥିଲେ।


## ଆପଣଙ୍କ ପୁରୁଣା ବ୍ୟାଙ୍କ ଖାତାରେ ଟଙ୍କା ରଖି ଭୁଲିଯାଇଛନ୍ତି କି?



ଯାହା ଆପଣଙ୍କର ତାହାକୁ ପ୍ରାପ୍ତ କରିବାରେ ଆର୍‌ବିଆଇ ଆପଣଙ୍କୁ ସାହାଯ୍ୟ କରିବ ।

ଆପଣଙ୍କ ବ୍ୟାଙ୍କରେ ଅଚଳ ଖାତା (2 ବର୍ଷରୁ ଅଧିକ ଓ 10 ବର୍ଷ ପର୍ଯ୍ୟନ୍ତ ସମୟ ଧରି ନିଷ୍କ୍ରିୟ ଥିବା)ରେ ପଡ଼ିରହିଥିବା ଟଙ୍କା / ଦାବିହୀନ ଜମା (10 ବର୍ଷରୁ ଅଧିକ ସମୟ ଧରି)ଗୁଡ଼ିକୁ ଆର୍‌ବିଆଇର ଡିଇଏ ପାଣ୍ଠିକୁ ସ୍ଥାନାନ୍ତର କରିଦିଆଯାଇଥାଏ । ଆପଣ କିମ୍ବା ଆପଣଙ୍କର ଆଇନଗତ ଉତ୍ତରାଧିକାରୀ ତାହାକୁ ଯେକୌଣସି ସମୟରେ ଦାବି କରିପାରିବେ ।


### ନିଜ ଟଙ୍କାକୁ ଦାବି କରିବାର 3ଟି ସହଜ ସୋପାନ

1. ଆପଣଙ୍କ ବ୍ୟାଙ୍କର ଯେକୌଣସି ଶାଖା ପରିଦର୍ଶନ କରନ୍ତୁ, ତାହା ଆପଣଙ୍କ ନିୟମିତ ଶାଖା ନ ହୋଇଥିଲେ ମଧ୍ୟ କିଛି ଅସୁବିଧା ନାହିଁ
2. କେୱାଇସି ଦସ୍ତାବିଜ (ଆଧାର, ପାସ୍‌ପୋର୍ଟ, ମତଦାତା ପରିଚୟପତ୍ର କିମ୍ବା ଡ୍ରାଇଭିଂ ଲାଇସେନ୍ସ) ସହ ଏକ ଫର୍ମ ଦାଖଲ କରନ୍ତୁ
3. ଯାଞ୍ଚ ପରେ, ଯଦି ଆପଣଙ୍କର କୌଣସି ଅର୍ଥରାଶି ପ୍ରାପ୍ୟ ହୋଇଥାଏ ତେବେ ତାହାକୁ ସୁଧ ସହ ପ୍ରାପ୍ତ କରନ୍ତୁ

ଅକ୍ଟୋବରରୁ ଡିସେମ୍ବର 2025 ମଧ୍ୟରେ ସାରାଦେଶରେ ସମସ୍ତ ଜିଲ୍ଲାରେ ଆୟୋଜିତ ହେଉଥିବା ସ୍ୱତନ୍ତ୍ର ଦାବିହୀନ ପରିସମ୍ପତ୍ତି ଶିବିର ପରିଦର୍ଶନ କରନ୍ତୁ

### ଆପଣଙ୍କର ଦାବିହୀନ ଜମାକୁ ଠାବ କରିବା ପାଇଁ

ଆପଣଙ୍କ ବ୍ୟାଙ୍କର ୱେବ୍‌ସାଇଟ୍‌ରେ ସନ୍ଧାନ କରନ୍ତୁ କିମ୍ବା ସମ୍ପ୍ରତି 30ଟି ବ୍ୟାଙ୍କକୁ ଅନ୍ତର୍ଭୁକ୍ତ କରୁଥିବା ଆର୍‌ବିଆଇର ଉଦ୍‌ଗମ ପୋର୍ଟାଲ (https://udgam.rbi.org.in) ଯାଞ୍ଚ କରନ୍ତୁ ।




ଅଧିକ ବିବରଣୀ ପାଇଁ, ପରିଦର୍ଶନ କରନ୍ତୁ: https://rbikehtahai.rbi.org.in
ମତାମତ ପାଇଁ, rbikehtahai@rbi.org.in କୁ ଲେଖନ୍ତୁ
କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ
ଆନୁଷ୍ଠାନିକ ହ୍ୱାଟ୍ସଆପ୍ ନମ୍ବର 99990 41935

ଜନହିତରେ ଜାରି କରିଛନ୍ତି
भारतीय रिज़र्व बैंक
RESERVE BANK OF INDIA
www.rbi.org.in

● ଭୁଲ ଇଞ୍ଜେକ୍ସନରୁ ରୋଗୀ ମୃତ୍ୟୁ ଅଭିଯୋଗ

# ସିଡିଏମଓଙ୍କୁ ଘେରିଲେ ଅଭିଯୋଗକାରୀ



**ଭଣ୍ଡାରିପୋଖରୀ, ୧୪।୧୦(ସମିସ):** ଭଣ୍ଡାରିପୋଖରୀ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଭୁଲ ଇଞ୍ଜେକ୍ସନରୁ ରୋଗୀ ମୃତ୍ୟୁ ହୋଇଥିବା ଅଭିଯୋଗର ତଦନ୍ତ ବାଟବଣା ହୋଇଛି। ଜିଲ୍ଲାପାଳଙ୍କ ଜନଶୁଣାଣି ପ୍ରକୋଷ୍ଠରେ ଗତ ସେପ୍ଟେମ୍ବର ୧୫ ତାରିଖରେ ଏ ସମ୍ପର୍କରେ ହୋଇଥିବା ଅଭିଯୋଗ ଉପରେ ତଦନ୍ତ ରିପୋର୍ଟ ୩ ଦିନ ମଧ୍ୟରେ ଦେବାକୁ ସିଡିଏମଓଙ୍କୁ ନିର୍ଦ୍ଦେଶ ହୋଇଥିଲା। ମାତ୍ର ତଦନ୍ତକୁ ଗଡାଇ ଦିଆଯାଉଛି ବୋଲି ଗତ ସୋମବାର ଅପରାହ୍ନରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅଧିକ୍ଷକଙ୍କ ବିରୋଧରେ ଅନୁଷ୍ଠିତ ପ୍ରଶାସନିକ ତଦନ୍ତ ସମୟରେ ଅଭିଯୋଗକାରୀମାନେ ସିଡିଏମଓଙ୍କୁ ଘେରିଥିବା ଜଣାଯାଇଛି। ଗତ ଅଗଷ୍ଟ ୧୩ ତାରିଖ ସନ୍ଧ୍ୟା ୬.୨୦ମି. ରେ ଘଟିଥିବା ରୋଗୀମୃତ୍ୟୁ ଦିନ ଅଧିକ୍ଷକ ଡା. କମଳାକାନ୍ତ ସ୍ୱାଇଁ ଅନୁପସ୍ଥିତ ଥିଲେ ଓ ଡା. ସରୋଜ କୁମାର ରାଉଳ ଦାୟିତ୍ୱରେ ଥିଲେ ବୋଲି ସେହି ଦିନ ସଫେଇ ଦିଆଯାଇଥିଲା। ଏହା ତୃଟିପୂର୍ଣ୍ଣ ଥିଲା ବୋଲି ସିଡିଏମଓଙ୍କୁ ଅଭିଯୋଗକାରୀ ପ୍ରଶ୍ନ କରିବା ସହ ଏହାର ଉତ୍ତର ଲୋଡିଥିଲେ। ଅଧୀକ୍ଷକ ଡା. ସ୍ୱାଇଁ ବାସ୍ତବରେ ସେଦିନ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ନଥିଲେ। ମାତ୍ର ଦୈନିକ ଉପସ୍ଥାନ ଖାତାରେ ଅଧିକ୍ଷକ ଡା. ସ୍ୱାଇଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଗଷ୍ଟ ୧୩ ତାରିଖରେ ଉପସ୍ଥିତ ଥିଲେ ବୋଲି ସ୍ୱାକ୍ଷର କରିଥିବା ଅଭିଯୋଗକାରୀ ଦର୍ଶାଇଥିଲେ। ପୁନଶ୍ଚ ସେହିଦିନ ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ ଡାକ୍ତରଙ୍କୁ ଡା ସ୍ୱାଇଁ ଦାୟିତ୍ୱ ଦେଇଥିଲେ। ଏହା ଦାୟିତ୍ୱ ହସ୍ତାନ୍ତର ଖାତାରୁ ସ୍ପଷ୍ଟ ହୋଇଛି ବୋଲି ମଧ୍ୟ ସେମାନେ ପ୍ରମାଣିକ ଭାବେ ପ୍ରକାଶ କରିଥିଲେ। ଅଧୀକ୍ଷକ ଡା. ସ୍ୱାଇଁଙ୍କ ଏଭଳି ଦୁଃସାହସିକ କାର୍ଯ୍ୟ ପଛରେ ଖୋଦ ସିଡିଏମଓ ଅଛନ୍ତି ବୋଲି ପୁରିପଡା ଗ୍ରାମର ଅଭିଯୋଗକାରୀ ଅଶୋକ ରାଉତ ଓ ସେମାନଙ୍କ ବହୁ ସମର୍ଥକ ଦୋଷାରୋପ କରିବା ସହ ତିରସ୍କାର କରିଥିଲେ। ସୋମବାର ଅନୁଷ୍ଠିତ ତଦନ୍ତ କମିଟି ମୁଖ୍ୟ ତଥା ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ ଏଭଳି କାର୍ଯ୍ୟ ଇଚ୍ଛାକୃତ ଓ କୁପରିଚାଳନା ଗତ ବୋଲି ମତ ଦେଇଥିଲେ। ତଦନ୍ତ ଶିଘ୍ର ସମାପ୍ତ ହେବ ବୋଲି ଭାରପ୍ରାପ୍ତ ସିଡିଏମଓ ସୁଧିରଞ୍ଜନ ନାୟକ ପ୍ରତିଶ୍ରୁତି ଦେଇଥିଲେ ଏଠାରେ ପ୍ରକାଶ ଯୋଗ୍ୟ ଯେ ଡାହାଲା ଗ୍ରାମର ବିନୋଦିନୀ(୨୯)ଙ୍କୁ ପେଟକାଟିବା ରୋଗର ଚିକିତ୍ସା ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡ୍ୟୁଟିରେ ଥିବା ଡାକ୍ତର ଚିକିତ୍ସା ପରେ ରୋଗୀର ବାନ୍ତି ହୋଇଥିଲା। ଅବସ୍ଥାକୁ ଦେଖିô ଡାକ୍ତର ତାଙ୍କୁ ଯାଜପୁର ମେଡିକାଲ କଲେଜକୁ ରେଫର କରିଦେଇଥିଲେ। ସେଠାରେ ଡାକ୍ତର ରୋଗୀକୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ମୃତକଙ୍କ ସ୍ୱାମୀ ଅଶୋକ ଥାନାରେ ଅଭିଯୋଗ କରିଥିଲେ। ଅଗଷ୍ଟ ୧୪ ତାରିଖରେ ବ୍ୟବଚ୍ଛେଦ ପରେ ଶବକୁ ଧରି ସମ୍ପର୍କୀୟମାନେ ମେଡିକାଲରେ ଧାରଣା ଦେଇ ଭୁଲ ଇଞ୍ଜେକ୍ସନ ଦେଇଥିବା ଡାକ୍ତରଙ୍କୁ ଗିରଫ କରାଯିବା ଓ ମୃତକଙ୍କ ପୁତ୍ର ଥଇଥାନ ପାଇଁ ପ୍ରଶାସନିକ ସହଯୋଗ ଦାବି କରିଥିଲେ।

# ସୋସିଆଲ ମିଡିଆରେ ମିଛ ଅପପ୍ରଚାର ନେଇ ଥାନାରେ ଅଭିଯୋଗ



**ଧାମନଗର,୧୪।୧୦(ସମିସ):** ଧାମନଗର ଏନଏସି ହବିବନଗରର ସମାଜସେବୀ ସେକ ହମିଦଙ୍କ ନାମରେ ସୋସିଆଲ ମିଡିଆରେ ମିଛ ଅପପ୍ରଚାରକୁ ନେଇ ଥାନାରେ ଅଭିଯୋଗ ସହ ମିନି ଷ୍ଟାଡିୟମରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ୪ଦିନ ତଳେ ରାତ୍ର ସମୟରେ ଧାମନଗରରୁ ଭାୟା ମଙ୍ଗଳପୁର ହୋଇ ଭଦ୍ରକ ଅଭିମୁଖେ ଏକ ସ୍କର୍ପିଓ ଗାଡ଼ିରେ ଗୁରୁ ବୁଝେଇ ହୋଇ ଯାଉଥିଲା। ଏନେଇ କିଛି ହିନ୍ଦୁବାଦି ପିଲା ଗାଡ଼ିଟିର ପିଛା କରି ଭଦ୍ରକ ନିକଟରେ ଧରିଥିଲେ। ଏଥିରୁ ଚାଳକ ଜଣକ ଫେରାର ହୋଇଯାଇଥିଲେ। ପରେ ଏନେଇ ସୋସିଆଲ ମିଡିଆରେ ସକେ ହମିଦଙ୍କ ସ୍କର୍ପିଓ ଗାଡିରେ ନିଜେ ଗୁରୁ ଚାଲାଣ କରୁଥିବା ସୋସିଆଲ ମିଡିଆରେ ପୋଷ୍ଟ ହୋଇଥିଲା। ଯାହାକୁ ନେଇ ଆତ୍ମ ସମ୍ମାନ ସହ ମାନସିକ ଯନ୍ତ୍ରଣାରେ ହମିଦ ଭାଙ୍ଗି ପଡିଛନ୍ତି। ଏନେଇ ଆଜି ଏକ ସାମ୍ବାଦିକ ସମ୍ମିଳନୀ କରି ହମିଦ ସଫେଇ ଦେଇଛନ୍ତି ସେ ଗାଡ଼ି ତାଙ୍କର ନୁହଁ କି ସେ ଗୁରୁ ବେପାରରେ ସଂପୃକ୍ତ ନୁହନ୍ତି। ସେଦିନ ସେ ଟ୍ରେନ ଯୋଗେ କଲିକତା ଯାଇଥିଲେ। ସେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ହୋଇଥିବାରୁ ତାଙ୍କୁ ବଦନାମ କରିବାକୁ ଚକ୍ରାନ୍ତ କରାଯାଉଛି ବୋଲି ଅଭିଯୋଗ କରିଛନ୍ତି। ଏନେଇ ହମିଦ ସୋସିଆଲ ମିଡିଆରେ ଦେଖିବା ପରେ ଧାମନଗର ଥାନାରେ ସେହି ବ୍ୟକ୍ତିଙ୍କ ନାମରେ ଲିଖିତ ଅଭିଯୋଗ କରିଥିବା ସାମ୍ବାଦିକ ସମ୍ମିଳନୀରେ ତାଙ୍କ ପ୍ରତିକ୍ରିୟା କହିଛନ୍ତି।

ପଞ୍ଚାୟତ ସ୍ତରରେ ମହାଦୁର୍ନୀତି

# ସରପଞ୍ଚ ଓ ପିଇଓଙ୍କ ଅଳିଆ ଉଠା ଟଙ୍କା ହଡ଼ପ ଅଭିଯୋଗ

ଦୋବଲ,୧୪।୧୦(ସମିସ)

ଧାମନଗର ବ୍ଲକର ବିଭିନ୍ନ ପଞ୍ଚାୟତରେ ପଞ୍ଚଦଶ ଅର୍ଥ ଆୟୋଗ ଅନୁଦାନ ଟଙ୍କାର ଆତ୍ମସାତ କରାଯାଇଥିବା ଦେଖିବାକୁ ମିଳିଛି। ଯୋଜନାରେ ବ୍ଲକର ୩୧ ପଞ୍ଚାୟତକୁ କୋଟି କୋଟି ଟଙ୍କା ଆସିଥିବାବେଳେ ଏହାକୁ ମନଇଚ୍ଛା ଖର୍ଚ୍ଚ କରାଯାଇଛି। ବିଶେଷ କରି ବାହ୍ୟ ମଳମୁକ୍ତ ଅଞ୍ଚଳ ଘୋଷଣା, ସ୍ୱଚ୍ଛତା, ପରିମଳ ଓ ପାନୀୟଜଳ ସୁବିଧା ବାବଦରେ ଏ ଟଙ୍କା ଖର୍ଚ୍ଚ କରାଯିବାର ଥିଲା। ଏଣୁ ପଞ୍ଚାୟତ ପକ୍ଷରୁ ଏହାକୁ ସେହି ଉଦ୍ଦେଶ୍ୟ ଖର୍ଚ୍ଚ କରାଯାଇଥିବା ଦର୍ଶାଇ ବିଲ୍ କରି ନେଇଥିବା ଜଣାପଡ଼ିଛି। ଇ-ଗ୍ରାମ ସ୍ୱରାଜ ୱେବସାଇଟର ତଥ୍ୟ ଅନୁସାରେ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ସରପଞ୍ଚ ପଞ୍ଚଦଶ ଅର୍ଥ ଆୟୋଗ ଟଙ୍କା ଖର୍ଚ୍ଚ କରି ବିଲ୍ କରିଛନ୍ତି। ଗୋଟିଏ ଗୋଟିଏ ପଞ୍ଚାୟତ ଲକ୍ଷ ଲକ୍ଷ ଟଙ୍କା ଉଠାଇଛନ୍ତି। ହେଲେ ସେସବୁ କାମ ବାସ୍ତବରେ ହୋଇନାହିଁ। ଆନନ୍ଦପୁର ପଞ୍ଚାୟତରେ ଲୋକଙ୍କ ଘରୁ ଅଳିଆ ସଂଗ୍ରହ କରାଯାଇଥିବା ଦର୍ଶାଇ ଗତ ଅଗଷ୍ଟ ମାସରେ ୮୦ ହଜାର ଟଙ୍କା ବିଲ୍ ହୋଇଛି। ଏହାସହ ଘରଘର ବୁଲି ଅଳିଆ ସଂଗ୍ରହ ପାଇଁ ୧୬ ହଜାର ଟଙ୍କାରେ ଗୋଟିଏ ଟ୍ରଲି କିଣାଯାଇଥିବା ମଧ୍ୟ ଉଲ୍ଲେଖ କରାଯାଇଛି। ତା ସହିତ ଗାଁରେ ସଫେଇ ତଥା ସ୍ୱଚ୍ଛତା ଅଭିଯାନ ନାଁରେ ୩୦ ହଜାର ଟଙ୍କା ଖର୍ଚ୍ଚର ବିଲ୍ ମଧ୍ୟ ହୋଇଛି। ହେଲେ ଗାଁର ମନୋଜ ଦାସ, ସରୋଜ ଖୁଟିଂଆଙ୍କ କହିବା ଅନୁସାରେ ସେମାନଙ୍କ ଗାଁରେ କୌଣସି ଗୋଟିଏ ଦିନ ବି କାହା ଘରୁ ଅଳିଆ ସଂଗ୍ରହ କରାଯାଇନାହିଁ। ବରଂ ଅଳିଆ ବୁହା ଟ୍ରଲିଟି ଦୁଇ ତିନି ବର୍ଷ ହେଲା ପଂଚାୟତ ଅଫିସର ପାଖରେ ପଡ଼ି ପଡ଼ି ନଷ୍ଟ ହୋଇଥିବା ସେ କହିଛନ୍ତି। ସେହିପରି ଅର୍ଜୁନପୁର ପଞ୍ଚାୟତର ପିଇଓ ନିରଞ୍ଜନ ଶଙ୍ଖୁଆ ଘରୁ ଘରୁ ଅଳିଆ ସଂଗ୍ରହ ନାଁରେ ଅଗଷ୍ଟ ୨୫ରେ ୨୭ ହଜାର ଟଙ୍କା, ସାନିଟାରି କଂପ୍ଲେକ୍ସ ମରାମତି ନାଁରେ ୨୭ ହଜାର, ସ୍ୱଚ୍ଛତା ଅଭିଯାନ ନାଁରେ ଏପ୍ରିଲ ୨୫ରେ ୧ ଲକ୍ଷ ଟଙ୍କା, ଘରୁ ଘରୁ ଅଳିଆ ସଂଗ୍ରହ ବାବଦରେ ସେପଟେମ୍ବର ୫ରେ ୩୦୦୦ ଟଙ୍କାର ବିଲ୍ କରାଇଛନ୍ତି। ସେହିପରି ସେପଟେମ୍ବର ରେ ଅଳିଆ ବୁହା ଗାଡ଼ି କିଣିବା ନାଁରେ ୧୮ ହଜାର ଟଙ୍କାର ବିଲ୍ କରିନେଇଛନ୍ତି ପିଇଓ ନିରଞ୍ଜନ ଶଙ୍ଖୁଆ। ପାଳସାହି ପଞ୍ଚାୟତରେ ମଧ ଲୋକଙ୍କ ଘରୁ ଅଳିଆ ସଂଗ୍ରହ ନାଁରେ ଟଙ୍କା ଆତ୍ମସାତ କରାଯାଇଥିବା ଦେଖାଯାଇଛି। ଏ ବାବଦରେ ଚଳିତ ବର୍ଷ ମେ ୯ ତାରିଖରେ ୨ ଲକ୍ଷ ୪ ହଜାର ଟଙ୍କାର ବିଲ୍ କରାଇ ନେଇଛନ୍ତି ପିଇଓ ଅନିଲ ସେଠୀ। ସେହି ଅଳିଆ ସଂଗ୍ରହ ପାଇଁ ମାର୍ଚ୍ଚ ୪ ତାରିଖରେ ସ୍ଥାନୀୟ ମା' ଗାୟତ୍ରୀ ସ୍ୱୟଂ ସହାୟକ ଗୋଷ୍ଠୀକୁ ୨ ଲକ୍ଷ ୨୨ ହଜାର ଟଙ୍କା ପ୍ରଦାନ କରାଯାଇଛି। ଆଉ ଚଳିତ ବର୍ଷ ଜଳଛତ୍ର ବାବଦରେ ପଂଚାୟତ ୫୦. ୬୭୨ଟଙ୍କା ଖର୍ଚ୍ଚ କରାଯାଇଛି। ହେଲେ ପଞ୍ଚାୟତରେ କୌଣସି ଦିନ ଥରୁଟିଏ ପାଇଁ ଅଳିଆ ସଂଗ୍ରହ କରାଯାଇ ନାହିଁ। ଭଟ୍ଟସାହି ଓ ଦଳାଙ୍ଗ ପଂଚାୟତରେ ବି ଘରୁ ଘରୁ ଅଳିଆ ସଂଗ୍ରହ ନ କରି ଲକ୍ଷ ଲକ୍ଷ ଟଙ୍କା ସଂଗ୍ରହ କରିଥିବା ଦର୍ଶାଯାଇଛି। ଭଟ୍ଟସାହି ପଞ୍ଚାୟତ ତରଫରୁ ଅଗଷ୍ଟ ୭ରେ ଶ୍ରୀ ନୃସିଂହ ନାରାୟଣ ସ୍ୱୟଂସହାୟକ ଗୋଷ୍ଠୀକୁ ଘରୁ ଘରୁ ଅଳିଆ ସଂଗ୍ରହ କରିବାକୁ ୩୮ ହଜାର ଟଙ୍କା ଦିଆଯାଇଛି। ଖାଲି ଏତିକି ନୁହେଁ, ଆବର୍ଜନା ପୃଥକୀକରଣ ପାଇଁ ପିଇଓ ଅଚ୍ୟୁତ ବାରିକ ଜୁଲାଇ ୧୮ରେ ୨୭ହଜାର ଟଙ୍କାର ବିଲ୍ କରିଛନ୍ତି। ଆଉ ଘରୁ ଅଳିଆ ସଂଗ୍ରହ ବାବଦରେ ୪୯ ହଜାର ଟଙ୍କା ମେ ୨୭,୨୦୨୫ରେ ବିଲ୍ ହୋଇଛି। ଦଳାଙ୍ଗରେ ସ୍ୱଚ୍ଛତା ଅଭିଯାନ ପାଇଁ ସେପଟେମ୍ବର ୨୫ରେ ୧ ଲକ୍ଷ ୮୦ ହଜାର, ଅଳିଆ ସଂଗ୍ରହ ପାଇଁ ସେପଟେମ୍ବର ୨୫ରେ ଥରେ ୪୫ ହଜାର ଓ ଆଉଥରେ ୩୭ ହଜାର ଟଙ୍କା ବିଲ୍ କରାଯାଇଛି। ଆଉ ସ୍ୱଚ୍ଛତା ଅଭିଯାନ ପାଇଁ ୧ ଲକ୍ଷ ୪୦ ହଜାର ଟଙ୍କାର ବିଲ୍ କରାଯାଇଛି। ସେପଟେ ବୁଡ଼ାକୁଟିରେ ଜଳଛତ୍ର ପାଇଁ ଜୁଲାଇ ୨୦ରେ ୫୫ ହଜାର ଓ ସ୍ୱଚ୍ଛତା ଅଭିଯାନ ପାଇଁ ୧୩ ହଜାର ୭୦୦ ଟଙ୍କାର ବିଲ୍ ହୋଇଛି। ଅନୁରୂପ ଭାବେ ହସନାବାଦରେ ସ୍ୱଚ୍ଛତା ପାଇଁ ୪୮ ହଜାର ଟଙ୍କାର ବିଲ୍ କରାଯାଇଛି। ଚଚଳିତ ବର୍ଷ ଜାନୁଆରିରେ ସ୍ୱଚ୍ଛତା ଅଭିଯାନ ପାଇଁ ୪୮ ହଜାର ଓ ଅଳିଆ ସଂଗ୍ରହ ବାବଦରେ ୫୩ ହଜାର ୯୦୦ ଟଙ୍କାର ବିଲ୍ କରିଛନ୍ତି ପିଇଓ ରଘୁନାଥ ମାଝି। ଏସବୁ ପଂଚାୟତରେ କେବଳ ଗୋଟିଏ ଗୋଟିଏ ଟ୍ରଲି କିଣିଛନ୍ତି। ହେଲେ କେହି କେବେ ଘରୁ ଅଳିଆ ସଂଗ୍ରହ କରିନାହାନ୍ତି। ଏହାର ତଦନ୍ତ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଆମେ ପ୍ରତ୍ୟେକ ପଞ୍ଚାୟତର ପିଇଓଙ୍କୁ ଯୋଗାଯୋଗ କରିଥିଲୁ। ଅଧିକାଂଶଙ୍କ ମତ ଯେ ଲୋକଙ୍କ ଘରୁ ଅଳିଆ ସଂଗ୍ରହ କରାଯାଇଛି। କେତେକ ପଞ୍ଚାୟତରେ ଏନେଇ କାମ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଦିଆଯାଇଥିଲା। ସେମାନେ ମଧ୍ୟ କାମ କରି ପାରିଶ୍ରମିକ ନେଇଛନ୍ତି। ତେବେ ଯଦି କୌଣସି ଦୁର୍ନୀତି ଅଭିଯୋଗ ଆସେ, ତାହାର ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଡିଓ ବନବିହାରୀ ଦିନ୍ଦା କହିଛନ୍ତି।

ଏଣେ ଖତ ଖାଉଛି ଅଳିଆ ବୁହା ଟ୍ରଲି



ସ୍ୱପ୍ନ ପାଲଟିଛି ସମୁଦ୍ର ଇଲିସି

# ଆର୍ଥିକ ଅନଟନରେ ମତ୍ସ୍ୟଜୀବୀ ପରିବାର

**ବାସୁଦେବପୁର, ୧୪।୧୦(ସମିସ):** କଥାରେ ଅଛି ସମୁଦ୍ର କୂଳ ହେଉ କି ପାହାଡ ମୂଳ ସବୁ କିଛି ସେଇଠି। ତେବେ ଏହି ଉକ୍ତିର ଅର୍ଥ ସବୁ କିଛି ଲୋପ ପାଇବାକୁ ବସିଛି। ପ୍ରତିକୂଳ ପାଗ ଆଉ ଠିକଠାକ ନାହିଁ। ଯାହାର ସିଧା ପ୍ରଭାବ ସମୁଦ୍ରକୂଳିଆଙ୍କୁ ବେଶ୍ ପ୍ରଭାବିତ କରି ସାରିଲାଣି। ଦିନ ଥିଲା ସେ ଧାନ ହେଉ କି ମୀନ ବର୍ଷ ତମାମ ବାସୁଦେବପୁର ଅଞ୍ଚଳ ଚଳଚଞ୍ଚଳ ହେଉଥିଲା। ଆଉ ସମୁଦ୍ରର ଏହି ଏହି ମୀନ ପାଇଁ ଲୋକମାନଙ୍କ ଆର୍ଥିକ ସ୍ଥିତି ବେଶ ମଜବୁତ ରହୁଥିଲା। ଏହି ଧାନ ଓ ମୀନ ପାଇଁ ସହର ବଜାର ଗଢି ଉଠିଥିଲା। ବର୍ଷା ଋତୁ ଆସିଲେ ଯେମିତି ଧାନ ଚାଷ ପାଇଁ ଲୋକମାନେ ଅଣ୍ଟା ଭିଡି ଚାଷବାସରେ ଲାଗି ପଡୁଥିଲେ। ସେମିତି ସମୁଦ୍ରକୁ ମାଛ ମାରିବାକୁ ଡଙ୍ଗା ଓ ଜାଲ ଧରି ବାହାରି ପଡୁଥିଲେ। ସମୁଦ୍ରରୁ ମାଛ ମାରି ବାହାର ରାଜ୍ୟକୁ ଚାଲାଣ କରି ଆହାର ଦେବା ସାଙ୍ଗକୁ ନିଜର ଆର୍ଥିକ ଅଭିବୃଦ୍ଧି କରୁଥିଲେ। ତେବେ ଆଉ ସେ ଦିନ ଦେଖିବାକୁ ମିଳୁ ନଥିବା ବେଳେ ସ୍ଥାନୀୟ ସମୁଦ୍ର କୂଳିଆ ଓ ମତ୍ସ୍ୟଜୀବୀଙ୍କ ସଙ୍ଗିନ ପରିସ୍ଥିତି ସୃଷ୍ଟି ହୋଇଛି। ଏହାର ସିଧା ପ୍ରଭାବ ବି ଲୋକମାନଙ୍କ ଉପରେ ପଡିଛି। ସମୁଦ୍ରରେ ଆଗ ଭଳି ଆଉ ଇଲିସ ଜାଲରେ ପଡୁନି କି ଘେର ଘେର ଇଲିସି ଭଜାର ବାସ୍ନା ନାକରେ ବାଜୁନି। ପ୍ରତି ବର୍ଷ ଆସାଢ ଓ ଶ୍ରାବଣ ମାସ ଆସିଲେ ସଭିଙ୍କ ଘେର ଇଲିସ ତରକାରୀର ବାସ୍ନାର ମହକିଥାଏ ସାରା ଅଞ୍ଚଳ। ବାସୁଦେବପୁର ବ୍ଲକର ବିସ୍ତୀର୍ଣ୍ଣ ସମୁଦ୍ର ଅଞ୍ଚଳ ଲାଗି ରହିଥିବା ବେଳେ ସମୁଦ୍ର ମୁହାଁଣର ପଡୁଆଁଠାରୁ ଆରମ୍ଭ କରି ଚୂଡାମଣି, କଶିଆ ଓ ସୁନାମୁହିଁ ଆଦି ସ୍ଥାନରେ ଜେଠି ଅବସ୍ଥିତି ରହିଛି। ଏହିସବୁ ମୁହାଁଣରୁ ଶହ ସହ ସଂଖ୍ୟେର ବୋଟ ସମୁଦ୍ରକୁ ମାଛ ମାରିବାକୁ ବାହାରିଥାନ୍ତି। ବିଶେଷ ଭାବେ ଚୂଡାମଣୀ ଇଲିସିର ବେଶ ଚାହିଦା ଦେଶ ବିଦେଶରେ ରହିଥିଲା। ଆଉ ଟନ ଟନ ମାଛ ମାରି ବୋଟମାଲିକ ଯେମିତି ଲାଭବାନ ହେଉଥିଲା ସେମିତି ମସ୍ୟଜୀବୀ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ବେପାର ବଣିଜର ମଧ ଉନ୍ନତି ହେଉଥିଲା। ଆଉ ଲୋକମାନେ ବି ଇଲିସି ଖାଇବାର ସୁଯୋଗ ମିଳୁଥିଲା। ସମୟକ୍ରମେ ଚୂଡାମଣୀ ମୁହାଁଣର ସେ ଇଲିସି ସେତ ଯେମିତି ଉଭାନ ହୋଇଗଲା। ଚୂଡାମଣୀ ମୁହାଁଣ ଉପେର ନିର୍ଭର କରୁଥିବା ବୋଟମାଲିକ ଓ ମତ୍ସ୍ୟଜୀବିଙ୍କ ଆର୍ଥିକ ଅବସ୍ଥା ସଙ୍କଟାପନ୍ନ ପାଲଟିଲା। ମାଛ ମାରିବୋର ବିପର୍ଯ୍ୟୟ ପାଇଁ ବହୁ ବୋଟମାଲିକ ଲୋନ କରଜରୁ ମୁକ୍ତି ପାଇଁ ଜମିବାଡି ହରାଇ ଦୁର୍ଦ୍ଦିନ ମଧ୍ୟରେ ରହିବାକୁ ପଡିଲା। ପରେ ପରେ କଶିଆ ସମୁଦ୍ର ମୁହାଁଣର ଚାହିଦା ବଢବୋର ଲାଗିଲା। ଏହି ମୁହାଁଣରେ କିଛିବର୍ଷ ଧରି ଗଭୀର ସମୁଦ୍ରେର ମାଛ ମାରିବା ପାଇଁ ବଡ ବଡ ବୋଟ ନିର୍ମାଣ କରାଯିବା ସହିତ ସାହସୀ ଚାଳକଙ୍କୁ ନିୟୋଜିତ କରି ଆଗ ଭଳି କ୍ୱିଟାଂଲ କ୍ୱିଟାଂଲ ମାଛ ମାରିବୋର ସକ୍ଷମ ହେଲା। ବେଶ କିଛି ବର୍ଷ ବ୍ୟବଧାନରେ ସମୁଦ୍ରରେ ମାଛ ମାରିବୋର ବିଫଳତାରେ ଘାଣ୍ଟି ହେଲେ ବୋଟ ମାଲିକମମାନେ। ମାଛ ବର୍ଷ ବର୍ଷର ଉପେକ୍ଷା ସହିତ ବୋଟମାଲିକ ଓ ମତ୍ସ୍ୟଜୀବୀମାନେ ମାଛ ନପାଇ ଧାର କରଜରେ ବୁଡ଼ିହେଲେ। ପ୍ରଜନନ ସମୟ ବୈଶାଖ ଓ ଜ୍ୟୋଷ୍ଠ ମାସକୁ ଧାର୍ଯ୍ୟ କରି ଏହି ସମୟରେ ସମୁଦ୍ର ଯିବାରେ ବୋଟଗୁଡ଼ିକୁ ନିଷିଦ୍ଧ ଘୋଷଣା କରାଗଲା। ଆଷାଢ ଆରମ୍ଭରେ ମତ୍ସଜୀବୀମାନେ ସଜବାଜ ହୋଇ ସମୁଦ୍ରରୁ ପୂର୍ବ ଭଳି ବିଫଳତାର ସାମନା କରିବାକୁ ପଡିଲା। ଇଲିସି ତ ଦୂରର କଥା ସେତ ଯେପରି ମାଛ ଏକପ୍ରକାର ସମୁଦ୍ରରୁ ଉଭାନ ହୋଇ ଯାଇଛନ୍ତି ବୋଲି ମତ୍ସଜୀବୀଙ୍କଠାରୁ ଶୁଣିବାକୁ ମିଳିଛି। ଯେଉଁ କିଛି ମାରି ବୋଟ କୂଳକୁ ଫେରୁଛନ୍ତି ତାହାର ଯିବା ଆସିବା ଖର୍ଚ୍ଚକୁ ବି ନିଅଣ୍ଟ ହେଉଛି। ଧିରେ ଧିରେ ମାଛ ଜାଲେର ପଡିବା ସ୍ୱପ୍ନ ପାଲଟିବା ଭିତେର ବୋଟ ମାଲିକମାେନ ଦୁର୍ଦ୍ଦିନ ମଧ୍ୟେର ରହିବାକୁ ପଡିଲା। ପ୍ରତିବର୍ଷ ସେହି ବର୍ଷା ଋତୁକୁ ଚାହିଁ ଲକ୍ଷ ଲକ୍ଷ ଟଙ୍କା ମାଛ ମାରିବରେ ବିନିଯୋଗ କରି ଧାର କରଜେର ବୁଡିରହିଲେ ହେଲେ ଆଉ ସମୁଦ୍ରର ମୀନ ସେମାନଙ୍କ ପାଇଁ ସ୍ୱପ୍ନ ପାଲଟିଯାଇଛି।



# ରାଜ୍ୟସ୍ତରୀୟ ଭଲିବଲ: କେନ୍ଦ୍ରାପଡ଼ା ଚାମ୍ପିଅନ






**ଭଦ୍ରକ, ୧୪।୧୦(ସମିସ):** ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ ଓଡିଶା ରାଜ୍ୟ ବିଦ୍ୟାଳୟ ସମୂହ ୬୯ତମ ଭଲିବଲ ପ୍ରତିଯୋଗିତାରେ ୧୪ ବର୍ଷରୁ କମ ବାଳକ ବିଭାଗରେ କେନ୍ଦ୍ରାପଡ଼ା ଚାମ୍ପିଅନ ହୋଇଥିବା ବେଳେ ରନର୍ସ ଅପ୍ ଢେଙ୍କାନାଳ ହୋଇଛି। ସେହିଭଳି ବାଳିକା ବିଭାଗରେ ଭୁବନେଶ୍ୱର ଚମ୍ପିୟନ ହୋଇଥିବା ବେଳେ ରନର୍ସ ଢେଙ୍କାନାଳ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ୧୭ବର୍ଷରୁ କମ ବାଳକ ବିଭାଗରେ କେନ୍ଦ୍ରାପଡା ଚମ୍ପିୟନ ହୋଇଥିବା ବେଳେ ରନର୍ସ ପୁରୀ ଚମ୍ପିୟାନ ହୋଇଛି। ଆଜି ଏହି ଟୁର୍ଣ୍ଣାମେଣ୍ଟ ଉଦଯାପନୀ ଉତ୍ସବରେ ବିଜେତା ଖେଳାଳୀମାନେ ମୁଖ୍ୟଅତିଥି ଉଚ୍ଚ ଶିକ୍ଷା, କ୍ରୀଡା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କଠାରୁ ଟ୍ରଫି ଗ୍ରହଣ କରିଥିଲେ। ରାଜ୍ୟସ୍ତରୀୟ ଭଲିବଲ ଟୁର୍ନାମେଣ୍ଟରେ କେନ୍ଦ୍ରାପଡ଼ା ଚାମ୍ପିଅନ ହୋଇଥିଲା ଏଥିରୁ ଚୟନ ହୋଇଥିବା ୪୮ ଜଣ ପ୍ରତିଯୋଗୀ ଜାତୀୟ ସ୍ତରକୁ ଖେଳିବାପାଇଁ ମନୋନୀତ ହୋଇଥିବାରୁ ସେମାନଙ୍କୁ ମନ୍ତ୍ରୀ ଶ୍ରୀ ସୁରଜ ଶୁଭେଚ୍ଛା ଜଣାଇଥଲେ। ଏହି ଅବସରରେ ଜିଲ୍ଲା ଶିକ୍ଷାଧିକାରୀ ଡ. ଜଗବନ୍ଧୁ ସାହୁ ଙ୍କ ସଭାପତିତ୍ୱରେ ଆୟୋଜିତ ସଭରେ ମୁଖ୍ୟ ଅତିଥି ଉଚ୍ଚଶିକ୍ଷା, କ୍ରୀଡା ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ସୁରଜ ଉଦଘାଟନ କରିଥିବା ବେଳେ ଚରମ୍ପା ଆରସିବିଏଲ ହାଇସ୍କୁଲର ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ। ଆୟୋଜିତ ଉଦଯାପନୀ ଉତ୍ସବରେ ସମସ୍ତ ଖେଳାଳିଙ୍କୁ ଏକ ସ୍ପୋର୍ଟ୍ସମ୍ୟାନ ସ୍ପିରିଟରେ ଖେଳିଥିବାରୁ ମଂଚରେ ଉପସ୍ଥିତ ବରେଣ୍ୟ ଅତିଥି ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଦିଲୀପ ରାଉତରାଏ, ଜ୍ୟୋତିପ୍ରକାଶ ପରିଡା, ସପନ କୁମାର ଯେନା ଭାଗିରଥୀ ମଲ୍ଲିକ, ରାଜେନ୍ଦ୍ର ବିଶ୍ୱାଳ ପ୍ରମୁଖ ଅତିଥିମାନେ ବକ୍ତବ୍ୟରେ ଛାତ୍ର ଛାତ୍ରୀ ମାନଙ୍କର ପ୍ରତିଯୋଗିତା ମନୋଭାବକୁ ଭୁରି ଭୁରି ପ୍ରଶଂସା କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଡ. ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଇଓ ଚକ୍ରଧର ମଲ୍ଲିକ, କ୍ରୀଡା ଶିକ୍ଷକ ପ୍ରଭାତ କୁମାର ଜେନା, ରଞ୍ଜନ କୁମାର ବେହେରା, ଜଗନ୍ନାଥ ଦ୍ୱିବେଦୀ, ଲଳିତ କୁମାର ନାୟକ, ରବିନାରାୟଣ ସାହୁ, ମିତାଲି ମଧୁସ୍ମିତା ବାରିକ, ମାନସୀ ପ୍ରଧାନ, ରିମା ନାୟକ, ସୁମନ୍ତ ମହାକୁଡ଼, ସୁବ୍ରତ ସାହୁ, କିଶୋର କୁମାର ନାୟକ, ତନ୍ମୟ ବେହେରା, ଅରୁଣ ପାଣିଗ୍ରାହୀ, ସଚିକାନ୍ତ ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିବା ବେଳେ ପ୍ରଧାନ ଶିକ୍ଷକ ନରେନ୍ଦ୍ର ପ୍ରସାଦ ସାହୁ, ପ୍ରଦୀପ ମହାପାତ୍ର, ସରୋଜ ପ୍ରଧାନ, ଅକ୍ଷୟ ହୋତା, ଉମେଶ ମାଝୀ, ତରଣୀସେନ ଜେନା, ଲିଜ୍ଞା ଦାସ, ଦିପ୍ତିମୟୀ ଭଞ୍ଜଳ ଦାସ, ରବିନା ଖାତୁନ, ଅରୁଣ ବାରିକ, ଧର୍ମେନ, ଅକ୍ଷୟ ହୋତା, ଅଜୟ ନନ୍ଦ, ବିଜୟ କୁମାର ମିଶ୍ର, ଭୀମସେନ ପରିଡା, ସତ୍ୟସୁନ୍ଦର ପାଣି, ଜିତେନ୍ଦ୍ର ନାୟକ, ଶଶିଶେଖର କରଶର୍ମା, ଅନିଲ ମିଶ୍ର ପ୍ରମୁଖ ସହଯୋଗ କରିଛନ୍ତି।

# ରାଜେନ୍ଦ୍ରପୁର ବିଦ୍ୟାଳୟରେ ସୁରଭି

**ବାରିକପୁର/ମଞ୍ଜୁରୀ ରୋଡ, ୧୪।୧୦(ସମିସ):** ଭଣ୍ଡାରିପୋଖରୀ ବ୍ଲକ ରାଜେନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ପ୍ରଧାନଶିକ୍ଷକ ରବୀନ୍ଦ୍ର ନାଥଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଅବସରପ୍ରାପ୍ତ ବିଆରସିସି ଅକ୍ଷୟ କୁମାର ଜେନା, ସିଆରସିସି ଜ୍ୟୋତ୍ସ୍ନା କୁମାରୀ ବାରିକ, ସମିତିସଭ୍ୟ ସନ୍ତୋଷ ମହାପାତ୍ର, ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷାଧିକାରୀ ପଦ୍ମଲୋଚନ ଦାସ, ଶିକ୍ଷାବିତ କିଶୋରଚନ୍ଦ୍ର ଦାସ, ସମାଜସେବୀ ଗୌରାଙ୍ଗ ସାହୁ, ମାଧବୀଲତା ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ, କୁଇଜ, ନୃତ୍ୟ, ସୁଲିଖନ, ପିଏମ ପୋଷଣ, କଳା ଓ ହସ୍ତ କଳା ଏବଂ ମୌଳିକ ସ୍ୱାକ୍ଷରତା ଓ ସଂଖ୍ୟାଜ୍ଞାନରେ ଗଳ୍ପ କଥନ, ଗଣିତ କୁଇଜ, ଗଣିତ ଦୌଡ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ବିଦ୍ୟାର୍ଥୀଙ୍କୁ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ମାଝୀ ଓ ପ୍ରାକ୍ତନ ସିଆରସିସି କୈଳାସ ସାମଲ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷୟିତ୍ରୀ ମନସ୍ମିତା ବିଶ୍ୱାଳ ସ୍ୱାଗତଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟତ୍ରୀ ରୀନାରାଣୀ ମାଝୀ ଧନ୍ୟବାଦ ଦେଇଥିଲେ।

# ବିଭିନ୍ନ କ୍ଲଷ୍ଟର୍‌ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

ବନ୍ତ/ଆଗରପଡ଼ା/ଅସୁରାଳି, ୧୪।୧୦(ସମିସ)

ବନ୍ତ ବ୍ଲକ ଗଣିଜାଙ୍ଗ ଆଞ୍ଚଳିକ ସାଧନକେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୫ ଓ ପ୍ରତିଯୋଗିତା କାର୍ଯ୍ୟକ୍ରମ ତୁଣ୍ଡା ସରକାରୀ ଉନ୍ନୀତ ମଧ ଇଂରାଜୀ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରଫୁଲ୍ଲ ଦାସଙ୍କ ତତ୍ତ୍ୱାବଧାନ ଓ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶିବାନନ୍ଦ ନାୟକଙ୍କଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସୁରଭି କାର୍ଯ୍ୟକ୍ରମରେ ସିଆରସିସି ପ୍ରଫୁଲ୍ଲ କୁମାର ଦାସ, ପ୍ରତିମା ଭୂୟାଁ, ଜୋସ୍ନାରାଣୀ ଜେନା, ଅହଲ୍ୟା ସିଂ, କରୁଣାକର ନାୟକ, ଗଗନ ବିହାରୀ ଦାଶ, ଅନାଦି ନାୟକ, ରଞ୍ଜନ କୁମାର ମୁଣ୍ଡା, ସତ୍ୟବ୍ରତ ଦେହୁରୀ, ଉର୍ମିଳା ପଣ୍ଡା, ଗଗନ ଦାସ ପ୍ରମୁଖ ଅତିଥି ଯୋଗ ଦେଇଥିଲେ। ପ୍ରମୋଦ ରାଉତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରତାପ ମହାପାତ୍ର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ୧୩ଟି ବିଦ୍ୟାଳୟର ପ୍ରାୟ ୧୫୦ ପ୍ରାଥମିକ ସ୍ତର, ସିନିୟର ଓ ଜୁନିୟର ବିଭାଗର ଛାତ୍ରଛାତ୍ରୀ ୩୦ଟି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଟୁଟୁ କୁମାର ପାଳ, ରମାକାନ୍ତ ବେହେରା, ଆଶିଷ କୁମାର ଜେନା, ନିତୁସ୍ମିତା ଗିରି, ତନୁଜା ବାଳା ଜେନା, ମମତା ମହାନ୍ତି, ପ୍ରଣତି ନାୟକ, କଳ୍ପନା ଦାଶ, ଡଳିରାଣୀ ଦାସ ପ୍ରମୁଖ ବିଚାରକ ଥିଲେ। କୃତୀ ଛାତ୍ରଛାତ୍ରୀ ବ୍ଲକସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ। ରବୀନ୍ଦ୍ର ଜେନା, କଳ୍ପନା ରାଉଳ, ଅଶୋକ କୁମାର ଗିରି, ସୁଧାମଣୀ ଜେନା, ନୀଳମାଧବ ଦାସ, ମଧୁସ୍ମିତା ରାଉତ, ପ୍ରଫୁଲ୍ଲ ନାୟକ, ବିଜୟଲକ୍ଷ୍ମୀ ଦାସ ସମେତ ସମସ୍ତ ଶିକ୍ଷକଶିକ୍ଷୟତ୍ରୀ, କମିଟିର ସଦସ୍ୟସଦସ୍ୟା ଓ କର୍ମଚାରୀ ସହଯୋଗ କରିଥିଲେ।

ସେହିପରି ଧାମନଗର ବ୍ଲକ କୋରୁଆ ଆଞ୍ଚଳିକ ସାଧନକେନ୍ଦ୍ରସ୍ତରୀୟ ସୁରଭି କାର୍ଯ୍ୟକ୍ରମ କୋରୁଆ ନୋଡାଲ୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଳିତ ହୋଇଯାଇଛି। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ନୃସିଂହ ଚରଣ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ପ୍ରଧାନଶିକ୍ଷକ ଉଦୟକର ଦାସ ସଭାପତିତ୍ୱ କରିଥିଲେ। ଉକ୍ତ ଉତ୍ସବରେ ଆଗରପଡା ଡାଏଟର ପ୍ରଶିକ୍ଷକ ନିର୍ମଳଚନ୍ଦ୍ର ସେଠୀ ମୂଖ୍ୟ ଅତିଥି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିଧିରାମ ଦତ ମୁଖ୍ୟବକ୍ତା, ସମ୍ମାନିତ ଅତିଥିଭାବେ ପୂର୍ବତନ ସମିତିସଭ୍ୟ ଶ୍ରୀକାନ୍ତ ନାୟକ, ସରପଂଚ ମାଳତୀ ସାହୁ, ସମିତିସଭ୍ୟ ପ୍ରତିନିଧି ରାକେଶ ପତି, ଧୂଷୁରୀ ପ୍ରେସ ୟୁନିଅନ ସଭାପତି ସନ୍ତୋଷ ଦାସ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗଦାଧର ବିଶ୍ୱାଳ, ସୋରିଷଡିହ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରେମାନନ୍ଦ ଯେନା, ଶିକ୍ଷକ ଭାବଗ୍ରାହୀ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ସୁବାସଚନ୍ଦ୍ର ନାୟକ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ ଓ ଶିକ୍ଷୟିତ୍ରୀ ଚମ୍ପାଲତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ବିଦ୍ୟାଳୟରୁ ଶିକ୍ଷକଶିକ୍ଷୟିତ୍ରୀମାନେ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ଗ୍ରାମ୍ୟ କୃଷି କର୍ମଚାରୀ ସମ୍ବର୍ଦ୍ଧିତ



**ବାରିକପୁର,୧୪।୧୦(ସମିସ):** ଭଣ୍ଡାରିପୋଖରୀ ବ୍ଲକ ମାଳଦା ଗଜଲକ୍ଷ୍ମୀ ପୂଜା ଓ ବୈତରଣୀ ମହୋତ୍ସବର ଉଦଯାପନୀ ଉତ୍ସବରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମହୋତ୍ସବ କମିଟି ସଭାପତି ରବିନାରାୟଣ ଖିଲାର ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଯୋଗ ଦେଇ ଗ୍ରାମ୍ୟ କୃଷି କର୍ମଚାରୀ ନିରୁପମା ନାୟକଙ୍କୁ ମାନପତ୍ର ଓ ଉପଢ଼ୌøକନ ଦେଇ ସମ୍ମାନିତ କରିଥିଲେ। ସେହିଭଳି ଶିକ୍ଷାବିତ ଦେବେନ୍ଦ୍ର ମହାନ୍ତି, ଅନୀତା ଅଧିକାରୀ, କବୟିତ୍ରୀ ପ୍ରବୀଣା ରଥ, ଚିତ୍ରଶିଳ୍ପୀ କ୍ରତିକ୍ରିଷ୍ଣା ପଣ୍ଡା, ସାମ୍ବାଦିକ ପ୍ରିୟଦର୍ଶନ ବୋଇତି, ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଜ୍ଞା ଶ୍ରୀ ନାୟକ, ଯୁବ ଉଦ୍ୟୋଗୀ ସତ୍ୟଜିତ ସାମଲ, ପବିତ୍ର ସାମଲଙ୍କୁ ମଧ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ମହୋତ୍ସବ କମିଟି ସଂଯୋଜକ ଉତ୍କଳ କେଶରୀ ମହାନ୍ତି, ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ଜିଲ୍ଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ସରପଂଚ ମିନତୀ ପରିଡା, ସମିତିସଭ୍ୟା ରୀତାଞ୍ଜଳୀ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ବଜାର କମିଟି ସଭାପତି ଚନ୍ଦ୍ରଶେଖର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ରାଜେନ୍ଦ୍ର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ବର୍ଦ୍ଧନା କାର୍ଯ୍ୟକ୍ରକୁ ଯୁବ ସଙ୍ଗଠକ ପ୍ରତ୍ୟୁଷ ସାମଲ, ଭାଗିରଥି ପରିଡା, ଦୁର୍ଯ୍ୟୋଧନ ଲେଙ୍କା, ପବିତ୍ର ପାଣିଗ୍ରାହୀ ପ୍ରମୁଖ ପରିଚାଳନା କରିଥିଲେ।

### ପ୍ରଶାସନର ଇଚ୍ଛାଶକ୍ତିର ଅଭାବ

# ଦେଉଳା ଆଶ୍ରମ ସ୍କୁଲରେ ନାହିଁ ପରିଚାଳନା କମିଟି

ବାଲିଆପାଳ, ୧୪।୧୦ (ସମିସ)




ବାଲିଆପାଳ ବ୍ଲକ ଦେଉଳା ଆଶ୍ରମ ସ୍କୁଲରେ ଦୀର୍ଘଦିନ ଧରି ପରିଚାଳନା କମିଟି ନ ଥିବାରୁ ପ୍ରଧାନଶିକ୍ଷକ ଓ ବ୍ଲକ ସମାଜ ମଙ୍ଗଳ ଅଧିକାରୀଙ୍କ ମଧ୍ୟରେ ସଲାସୁତୁରା ଯୋଗୁଁ ସେଠାରେ ସରକାରୀ ଅର୍ଥରେ ବ୍ୟାପକ ଅନିୟମିତତା ହେଉଥିବାର ଅଭିଯୋଗ ହେଉଛି। ଗୁରୁତ୍ୱପୂର୍ଣ୍ଣ କଥା ସ୍କୁଲରେ ଛଅ ଜଣ ସିନିୟର ଶିକ୍ଷକ, ଶିକ୍ଷୟିତ୍ରୀ ଥିବାବେଳେ ଜଣେ ନୂଆ କରି ସ୍କୁଲକୁ ଆସିଥିବା ଜୁନିୟର ଶିକ୍ଷକଙ୍କୁ ପ୍ରଧାନଶିକ୍ଷକ ଓ ହଷ୍ଟେଲ ଦାୟିତ୍ୱ ଦିଆଯାଇଛି କିପରି?

ଦେଉଳା ଆଶ୍ରମ ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ୨୯୩ ଛାତ୍ର ଛାତ୍ରୀ ପଢୁଥିବା ବେଳେ ସେଥିମଧ୍ୟରୁ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାରୁ ୨୬୪ ଓ ସ୍ଥାନୀୟ ୨୯ ଛାତ୍ରଛାତ୍ରୀ ରହିଛନ୍ତି। ହଷ୍ଟେଲରେ ରହୁଥିବା ସମସ୍ତ ପିଲାଙ୍କ ପାଇଁ ଶୋଇବା ଖଟର ସୁବିଧା ନ ଥିବାରୁ ଅଧିକାଂଶ ପିଲା ତଳେ ଶୋଉଛନ୍ତି। ପିଲାଙ୍କ ପାଇଁ ଲାଟିନ ଓ ବାଥରୁମର ବିଶେଷ ସୁବିଧା ନ ଥିବାରୁ ଛୋଟ ଛୋଟ ପିଲାମାନେ ଅଧିକାଂଶ ସମୟରେ ଥଣ୍ଡା, କାଶ ଓ ଜ୍ୱରରେ ଆକ୍ରାନ୍ତ ହୋଇ ମେଡିକାଲର ଭର୍ତ୍ତି ହେଉଛନ୍ତି। ଖାଦ୍ୟରେ ପିଲାଙ୍କ ପେଟ ପୁରୁନାହିଁ। ପିଲାମାନେ ଅଧିକାଂଶ ସମୟରେ ଭୋକିଲା ରହୁଛନ୍ତି। ପିଲାଙ୍କୁ ତେଲ, ସାବୁନ ଓ କପଡା ସଫା କରିବା ସାବୁନ ଦେବାରେ ମଧ୍ୟ କଟକଣା। ସେହିପରି ବିଦ୍ୟାଳୟରେ ଖେଳ ଶିକ୍ଷକ ଥିଲେ ହେଁ ପ୍ରତ୍ୟେକ ଦିନ ପିଲାଙ୍କୁ ଖେଳ ସମ୍ବନ୍ଧରେ କିଛି ଶିକ୍ଷା ଦିଆଯାଉନାହିଁ। ସ୍କୁଲରେ ପିଲାଙ୍କ ପାଇଁ ଖେଳ ଉପକରଣ ଅଛି କି ନାହିଁ ତାହା ମଧ୍ୟ ସନ୍ଦେହ। ଏଠାରେ ସ୍ଥାନୀୟ ପିଲାଙ୍କୁ ଛାଡି ଦେଲେ ହଷ୍ଟେଲରେ ୨୫୦/୨୬୦ ପିଲା ରହୁଥିବାବେଳେ ବାକି ପିଲା ଘରୁ ଯିବାଆସିବା କରୁଥିବା କଥା ପ୍ରଧାନଶିକ୍ଷକ ମୁରଲୀ ମୋହନ ଜେନା କହିଛନ୍ତି। ମାସରେ ପ୍ରତ୍ୟେକ ପିଲାଙ୍କୁ ୧୦ଟା ଅଣ୍ଡା ,୪ଥର ମାଛ, ଓ ୨ଥର ମାଂସ ଦିଆଯାଉଛି। କିନ୍ତୁ ଦୁଃଖର କଥା ସ୍କୁଲରେ ରେକର୍ଡ ମୁତାବକ ପିଲା ନ ଥିବାବେଳେ ପ୍ରତ୍ୟେକ ଦିନ ୬୦/୭୦ ପିଲାର ମିଛ ଉପସ୍ଥାପନ ପକାଇ ପ୍ରଧାନଶିକ୍ଷକ ଅର୍ଥ ଆତ୍ମସାତ କରୁଥିବାର ଚର୍ଚ୍ଚା ହେଉଛି। ଜଳେଶ୍ୱର ବ୍ଲକ ସର୍ଦାରବନ୍ଧ ସେବାଶ୍ରମ ସ୍କୁଲର ଶିକ୍ଷକ ମୁରଲୀ ମୋହନ ଜେନା ଦେଉଳା ଆଶ୍ରମ ସ୍କୁଲରେ ପ୍ରଧାନଶିକ୍ଷକ ଦାୟିତ୍ୱରେ ଗତ କିଛି ମାସ ରହିଥିବାବେଳେ ତାଙ୍କ ଘର ବାଲିଆପାଳ ବ୍ଲକରେ। କିନ୍ତୁ ସ୍କୁଲରେ ସିନିୟର ଶିକ୍ଷକ ଅଜୟ କୁମାର ବରଙ୍କ ଚାକିରୀ କାଳ ଆଉ ଦୁଇବର୍ଷ ରହିଥିବାବେଳେ ତାଙ୍କୁ ପ୍ରଧାନଶିକ୍ଷକ ଦାୟିତ୍ୱ ଦିଆ ନ ଯାଇ ଜଣେ ନୂଆକରି ଆସିଥିବା ଜୁନିୟର ଶିକ୍ଷକ ଶ୍ରୀ ଜେନାଙ୍କୁ ପ୍ରଧାନଶିକ୍ଷକ ଓ ହଷ୍ଟେଲ ଦାୟିତ୍ୱ ଦିଆଯିବାକୁ ନେଇ ଅନେକ କଥା ଶୁଣିବାକୁ ମିଳୁଛି। ଏ ଦିଗରେ ବାଲେଶ୍ୱର ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ମ୍ୟୁନିସିପାଲିଟି ସୀମା ନିର୍ଦ୍ଧାରଣ ସମ୍ପର୍କିତ ସମୀକ୍ଷା ବୈଠକ

ବାଲେଶ୍ୱର, ୧୪।୧୦ (ସମିସ): ଜିଲ୍ଲାପାଳଙ୍କ କନଫରେନ୍ସ ହଲ୍‌ରେ ବାଲେଶ୍ୱର ମ୍ୟୁନିସିପାଲିଟି ସୀମା ନିର୍ଦ୍ଧାରଣ ସମ୍ପର୍କିତ ବିଷୟରେ ଏକ ସମୀକ୍ଷା ବୈଠକ ପିଡି ଡିଆରଡିଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରେମୁଣା ଓ ସଦର ବିଧାୟକଙ୍କ ସହ ପୌରପରିଷଦ ଅଧ୍ୟକ୍ଷ, ଉପାଧ୍ୟକ୍ଷ, କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ସମ୍ବନ୍ଧିତ ଗ୍ରାମପଞ୍ଚାୟତ ଗୁଡ଼ିକର ସରପଞ୍ଚମାନେ ଉପସ୍ଥିତ ଥିଲେ। ପୂର୍ବ ପ୍ରସ୍ତାବ ଅନୁସାରେ ବାଲେଶ୍ୱର ବ୍ଲକର ୨ଟି ଗ୍ରାମପଞ୍ଚାୟତ ଓ ରେମୁଣା ବ୍ଲକର ୭ଟି ଗ୍ରାମପଞ୍ଚାୟତକୁ ବାଲେଶ୍ୱର ମ୍ୟୁନିସିପାଲିଟି ସୀମା ଭିତରେ ଅନ୍ତର୍ଭୁକ୍ତ କରିବା ପାଇଁ ଆଲୋଚନା କରାଯାଇଥିଲା। ସଭାରେ ଅଧିକ ଗ୍ରାମପଞ୍ଚାୟତ ଓ ଅଞ୍ଚଳଗୁଡ଼ିକୁ ବାଲେଶ୍ୱର ମ୍ୟୁନିସିପାଲିଟି ସହ ଅନ୍ତର୍ଭୁକ୍ତ କରିବା ସମ୍ଭାବନା ବିଷୟରେ ଆଲୋଚନା କରାଗଲା। ଏହା ଅନୁସାରେ ସଦର ବ୍ଲକର ପତ୍ରପଡା, ସରଗାଁ, ରେମୁଣା ବ୍ଲକର ହରିପୁର, ବାଲିଆ, ଭିମପୁରା, କରଞ୍ଜିଆ, କୁରୁଡା, ସରସ୍ୱତୀପୁର, ଦହାପଡା, ଅତିରିକ୍ତ ଆଲୋଚିତ ଅଞ୍ଚଳଗୁଡ଼ିକ: ସମଗ୍ର ରେମୁଣା ଏନଏସି, ଆଳୁପୁର ଗ୍ରାମପଞ୍ଚାୟତ, ନାଗରାମ ଗ୍ରାମପଞ୍ଚାୟତ, ଗେଙ୍ଗୁଟି ଗ୍ରାମପଞ୍ଚାୟତ (ଅଂଶ), ହିଡିଗାଁ ଗ୍ରାମପଞ୍ଚାୟତ (ଅଂଶ) ଓ ରଣସାହି ଗ୍ରାମପଞ୍ଚାୟତ (ଅଂଶ) ଅଞ୍ଚଳଗୁଡ଼ିକ ଉପରେ ଆଲୋଚନା ହେଇଥିଲା। ନୂତନ ପ୍ରସ୍ତାବ ତିଆରି ପୂର୍ବରୁ ସମ୍ପୂର୍ଣ୍ଣ ସର୍ଭେ ଓ ତଦନ୍ତ କରି ବିସ୍ତୃତ ତଥ୍ୟ ସଂଗ୍ରହ କରିବାକୁ ନିଷ୍ପତ୍ତି ନିଆଯାଇଛି। ସଭାରେ ସମସ୍ତ ଅଧିକାରୀ ଓ ଜନପ୍ରତିନିଧିମାନେ ଗୁରୁତ୍ୱପୂର୍ଣ୍ଣ ମତାମତ ରଖିଥିଲେ ଏବଂ ସୀମା ନିର୍ଦ୍ଧାରଣ ପ୍ରକ୍ରିୟାକୁ ଅଧିକ ସୁସଂଗଠିତ ଭାବେ ଆଗେଇ ନେବାକୁ ନିଷ୍ପତ୍ତି ନିଆଯାଇଛି।

# ଜଗନ୍ନାଥପୁର ପ୍ରାଥମିକ ବିଦ୍ୟାଳୟକୁ ୯ .୫ ଲକ୍ଷର ଅନୁଦାନ ମଞ୍ଜୁର



ଭୋଗରାଇ, ୧୪।୧୦(ସମିସ) : ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଜଗନ୍ନାଥପୁର ପ୍ରାଥମିକ ବିଦ୍ୟାଳୟକୁ ବିଧାୟକ ଗୌତମବୁଦ୍ଧ ଦାସ ପରିଦର୍ଶନରେ ଯାଇଥିଲେ। ଶୈକ୍ଷିକ ପରିବେଶ, ବାହ୍ୟ ପରିବେଶ ସହିତ ପିଲାଙ୍କ କୃତିତ୍ୱ ପାଇଁ ୧୪୦ ବର୍ଷର ଏହି ପୁରାତନ ୟୁଜିୟୁପି ସ୍କୁଲ ସ୍ଥାନୀୟ ଅଞ୍ଚଳର ଏକ ଆଦର୍ଶ ବିଦ୍ୟାଳୟ ଭାବେ ଖ୍ୟାତିଲାଭ କରିଛି। ସ୍କୁଲରେ ପ୍ରାୟ ୨୫୦ ପିଲା ପାଠ ପଢୁଥିବାବେଳେ ଶ୍ରେଣୀଗୃହର ଅଭାବ ଥିବାରୁ ନିକଟରେ ଏହି ସ୍କୁଲକୁ ଦୁଇଟି ପର୍ଯ୍ୟାୟରେ ୯ ଲକ୍ଷ ୫୦ ହଜାର ଟଙ୍କାର ଅନୁଦାନ ମଞ୍ଜୁର ହୋଇଥିବା ବିଧାୟକ ସୂଚନା ପ୍ରଦାନ କରିଛନ୍ତି। ଆଗାମୀ ଦିନରେ ଏହାକୁ ଏକ ହାଇସ୍କୁଲରେ ପରିଣତ କରିବାର ଯୋଜନା ସହ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ଭାବେ ଅନୁମୋଦନ ପାଇଁ ସେ ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ପରିଦର୍ଶନ ସମୟରେ ଶିକ୍ଷାବିତ ଡ. ସନ୍ତୋଷ ପାତ୍ର, ସରପଞ୍ଚ ଅଶୋକ ସାସମଲ, ସମିତି ସଦସ୍ୟଙ୍କ ପ୍ରତିନିଧି ଶ୍ରୀକାନ୍ତ ପ୍ରଧାନ, ପରିଚାଳନା କମିଟିର ସଭାପତି ସୁବ୍ରତ ଗିରି, ପ୍ରାକ୍ତନ ସିଆରସିସି ଲମ୍ବୋଦର ଜେନା, ସଞ୍ଜୟ ପଣ୍ଡା, ପ୍ରଧାନଶିକ୍ଷକ ଜଳେନ୍ଦ୍ର ସାହୁ, ଶିକ୍ଷକ, ଅଭିଭାବକ ଓ ପଞ୍ଚାୟତର ଜନପ୍ରତିନିଧିମାନଙ୍କ ସହ ଆଲୋଚନା କରିଛନ୍ତି।

# ନାବାଳକ ନିଖୋଜ ଅଭିଯୋଗ

ରୂପସା/ରାଜଘାଟ, ୧୪।୧୦ (ସମିସ): ବସ୍ତା ଥାନା ନିମା ଗ୍ରାମର ଜୈନିକ ନାବାଳକ ୨୫ଦିନ ଧରି ନିଖୋଜ ଥିବା ନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ଗ୍ରାମର ଧନୁର୍ଦ୍ଧର ସିଂଙ୍କ ପୁଅ ପବିତ୍ର(୧୫) ଭଉଣୀ ଘରକୁ ଯିବ କହି ପାଖା ପାଖି ୨୫ଦିନ ପୂର୍ବେ ଘରୁ ବାହାରିଯାଇଥିଲା। ମାତ୍ର ପବିତ୍ର ଭଉଣୀ ଘରୁ ନଫେରିବାରୁ ପରିବାର ଲୋକଙ୍କର ସନ୍ଦେହ ବଢିବାରେ ଲାଗିଥିଲା। ଫଳରେ ଧନୁର୍ଦ୍ଧର ଝିଅ ଏବଂ ବନ୍ଧୁବାନ୍ଧବଙ୍କୁ ପବିତ୍ରଙ୍କ ବାବଦରେ ପଚାରି ବୁଝିଥିଲେ। ମାତ୍ର କୌଣସି ପତ୍ତା ନ ମିଳିବାରୁ ଧନୁର୍ଦ୍ଧର ପୁଅ ନିଖୋଜ ହୋଇଥିବା ନେଇ ବସ୍ତା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

# ମାନସିକ ସ୍ୱାସ୍ଥ୍ୟ ସଚେତନ ସପ୍ତାହରେ ପାଠଚକ୍ର




ନୀଳଗିରି, ୧୪।୧୦ (ସମିସ): ମିତ୍ରପୁର ଅଧିନସ୍ଥ ସ୍ୱର୍ଣ୍ଣଚୂଡ଼ ମହାବିଦ୍ୟାଳୟ ସଭାଗୃହରେ ଲାୟନ୍ସ କ୍ଲବ, ମିତ୍ରପୁର, ଆସ୍ଥା ଚାରିଟେବୁଲ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ମାନସିକ ସ୍ୱାସ୍ଥ୍ୟ ସଚେତନ ସପ୍ତାହର ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷା ଜ୍ୟୋତ୍ସ୍ନାରାଣୀ ଦାସଙ୍କ ଅନୁମତି କ୍ରମେ ପାଠଚକ୍ର ଆୟୋଜିତ ହୋଇଥିଲା। ଉକ୍ତ ପାଠଚକ୍ରରେ ୱାଇଆରସିର କାଉନସିଲର ଡ. ନବନିତା ଦାସ ସଭା ପରିଚାଳନା କରିଥିବାବେଳେ ଅଧ୍ୟାପିକା ଉତ୍କର୍ଷା ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବରେ ଫକୀର ମୋହନ କଲେଜ ଆଣ୍ଡ ହସ୍ପିଟାଲ, ବାଲେଶ୍ୱରର ମନସ୍ତତ୍ତ୍ୱ ବିଶେଷଜ୍ଞ ଡା. ପ୍ରଦୀପ କୁମାର ନାୟକ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ବହୁମୂଲ୍ୟ ବକ୍ତବ୍ୟ ରଖିଥିଲେ । ବକ୍ତବ୍ୟରେ ଜଗତ, ଜୀବନ ଓ ଜୀବନ ଭିତରେ ଥିବା ଜଞ୍ଜାଳ ମଧ୍ୟରେ ମଣିଷ କିପରି ପ୍ରଭାବିତ ହେଉଛି? ତାର କାରଣ ନିରାକରଣକୁ ଦର୍ଶାଇ ଥିଲେ। ସୁସ୍ଥ ମାନସିକ ସ୍ୱାସ୍ଥ୍ୟ ଗଠନରେ ନିର୍ମଳ ମନର ଭୂମିକାକୁ ଗୁରୁତ୍ୱ ଦେବା ପାଇଁ ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିଲେ। ଆସ୍ଥା ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷ ବଟକୃଷ୍ଣ ଘୋଷ ମାନସିକ ଦୂରୀକରଣ ପାଇଁ ଆଗକୁ ଏହିଭଳି କାର୍ଯ୍ୟପନ୍ଥା ଗ୍ରହଣ କରିବେ ବୋଲି ଦୃଢ଼ ସଂକଳ୍ପ ନେଇଛନ୍ତି। ଲାୟନ୍ସ କ୍ଲବର ଉପସଭାପତି ପ୍ରକାଶ କୁମାର ମହାପାତ୍ର ପୁଷ୍ଟିକର ଖାଦ୍ୟ ଗ୍ରହଣ, ଖାଦ୍ୟ ହଜମ ଏବଂ ବ୍ୟାୟାମ ସମ୍ପର୍କରେ ପିଲାମାନଙ୍କ ଉଦ୍ଦେଶ୍ୟରେ ମତ ରଖିଥିଲେ। ଲାୟନ୍ସ କ୍ଲବର ସଭାପତି ଜ୍ୟୋତିରଞ୍ଜନ ପ୍ରଧାନ, ଗୋପାଳ ଚନ୍ଦ୍ର ମହାପାତ୍ର, ବିଦ୍ୟାଧର ନାୟକ, ସନ୍ଧ୍ୟାରାଣୀ ମହାପାତ୍ର ନିଜର ମତାମତ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରଛାତ୍ରୀ ଏବଂ ଅଧ୍ୟାପକ ଅଧ୍ୟାପିକାମାନେ ଅଂଶଗ୍ରହଣ କରିଥିଲେ। ପ୍ରାଧ୍ୟାପକ ଅମିତ ସାହୁ ବଳିଷ୍ଠ ସହଯୋଗରେ ଏହି କାର୍ଯ୍ୟପନ୍ଥା କାର୍ଯ୍ୟକାରୀ ହୋଇଥିଲା।

# ନୂଆଗାଁରେ କବାଡି ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ବାଲିଆପାଳ, ୧୪।୧୦ (ସମିସ): ଶାରଦୀୟ ଦୁର୍ଗାପୂଜା ଅବସରରେ ବାଲିଆପାଳ ବ୍ଲକ ନୂଆଗାଁ ପଞ୍ଚାୟତ ଅଧିନସ୍ଥ ନୂଆଗାଁ ଦୁର୍ଗାପୂଜା କମିଟି ଆନୁକୂଲ୍ୟରେ ସ୍ୱର୍ଗତଃ ଦିବାକର ପାତ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ କବାଡି ଟୁର୍ଣ୍ଣାମେଣ୍ଟ ସୋମବାର ଉଦଯାପିତ ହୋଇଯାଇଛି। ୭ ଦିନ ଧରି ଅନୁଷ୍ଠିତ ଏହି କବାଡି ଟୁର୍ଣ୍ଣାମେଣ୍ଟରେ ଦୀଘା (ପଶ୍ଚିମବଙ୍ଗ), ପାକମୁଣ୍ଡି, ବାଲିଆପାଳ, ଚାନ୍ଦମଣୀ, ବିଷ୍ଣୁପୁର, ଭୋଗରାଇ, ଚଉମୁଖ, ବାରିପଦା (ମୟୂରଭଞ୍ଜ) ପ୍ରମୁଖ ୮ଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ଖେଳରେ ବାରିପଦା ଦଳକୁ ହରାଇ ବିଷ୍ଣୁପୁର ଦଳ ଚାମ୍ପିଅନ ହୋଇଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗ ଦେ ଫାଇନାଲ ଖେଳକୁ ଉଦଘାଟନ କରି ଖେଳାଳୀଙ୍କୁ ଉତ୍ସାହିତ କରିଥଲେ। ଅନ୍ୟମାନଙ୍କ ମଧ୍ୟରେ ଚକ୍ରଧର ଗିରି, ଦୁର୍ଗାପୂଜା କମିଟି ସଭାପତି ବରେନ୍ଦ୍ର ରାଉତ, ଗଙ୍ଗାଧର ପଡ଼ିଆରୀ, ଅଂଜନ କୁମାର ଦେବନାଥ, ଲକ୍ଷ୍ମୀକାନ୍ତ ଗିରି, ଅଂଜନ କୁମାର ବେହେରା, ସୁଧାଂଶୁ ରାଉତ, ବରେନ୍ଦ୍ର ଦଳାଇ, ମନ୍ମଥ ଚକ୍ରବର୍ତ୍ତୀ,ତପନ କୁମାର ପାତ୍ର, ଅନୀଲ ଦେବନାଥ, ପଦ୍ମ ଲୋଚନ ବିଶ୍ୱାଳ ପ୍ରମୁଖ ବହୁ ବ୍ୟକ୍ତି ଯୋଗ ଦେଇଥିଲେ। ହେମନ୍ତ ପରିଡ଼ା, ରଂଜନ କୁମାର ସାହୁ, ରାଜୀବ ଲୋଚନ ସାହୁ, ସୁଭଦ୍ରା ଶାସମଲ ପ୍ରମୁଖ ରାଜ୍ୟସ୍ତରୀୟ ରେଫରି ଖେଳକୁ ପରିଚାଳନା କରିଥିଲେ। ବିଜୟୀ ଏବଂ ରନର୍ସ ଅପ ଦଳକୁ କମିଟି ପକ୍ଷରୁ ଟ୍ରଫି ଏବଂ ନଗଦ ଅର୍ଥ ପ୍ରଦାନ କରାଯାଇଥିଲା । ନୂଆଗାଁ ଦୁର୍ଗାପୂଜା କମିଟିର ସମସ୍ତ ସଦସ୍ୟ କବାଡି ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ। କବାଡି ଖେଳକୁ ଉପଭୋଗ କରିବାକୁ ବହୁ ଭିଡ଼ ଦେଖିବାକୁ ମିଳିଥିଲା।

# ରେଳ ଷ୍ଟେସନରୁ ନାବାଳିକା ଉଦ୍ଧାର

ସୋର, ୧୪।୧୦(ସମିସ): ସୋର ରେଳ ଷ୍ଟେସନରୁ ଜଣେ ନାବାଳିକାକୁ ଉଦ୍ଧାର କରି ସୋର ପୁଲିସ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଚରମ୍ପା ଅଞ୍ଚଳର ଜଣେ ନାବାଳିକାକୁ କେହି ଅପହରଣ କରି ନେଇ ଯାଉଥିବା ବେଳେ ନାବାଳିକା ଜଣକ ସୋର ରେଳ ଷ୍ଟେସନରେ ଓହ୍ଲାଇ ପଡ଼ିଥିଲେ। ଏହି ସମୟରେ ଆଦର୍ଶ ଯୁବ ପରିଷଦର କର୍ମକର୍ତ୍ତା ହରେକୃଷ୍ଣ ଶିଅଳ ରେଳ ଷ୍ଟେସନରେ ଥିବା ବେଳେ ଏହା ଦେଖି ନାବାଳିକାଙ୍କୁ ପଚରା ଉଚରା କରିଥିଲେ। ପରେ ଭଦ୍ରକ ଟାଉନ ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ର ଚରମ୍ପା ଅଞ୍ଚଳର ଉକ୍ତ ନାବାଳିକା ନିଖୋଜ ଥିବା ନେଇ ଆଦର୍ଶ ଯୁବ ପରିଷଦର ସଭାପତି ପୃଥିବୀ ବେହେରାଙ୍କ ସହିତ ଯୋଗାଯୋଗ କରିଥିଲେ। ଫଳରେ ପରିଷଦର କର୍ମକର୍ତ୍ତା ମାନେ ଆରପିଏଫ ସହ ଯୋଗାଯୋଗ କରିଥିଲେ। କିନ୍ତୁ ତାଙ୍କର କେହି ମହିଳା କର୍ମଚାରୀ ନ ଥିବାରୁ ସେମାନେ ଅସହାୟତା ପ୍ରକାଶ କରିଥିଲେ। ତେଣୁ ସଦସ୍ୟ ମାନେ ସୋର ପୁଲିସକୁ ଖବର ଦେଇଥିଲେ। ଖବର ପାଇ ସୋର ପୁଲିସ ରେଳ ଷ୍ଟେସନରେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରି ସୋର ଥାନାକୁ ଆଣିବା ସହିତ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଖବର ପାଇ ତାଙ୍କ ପରିବାର ଲୋକେ ସୋର ଥାନାରେ ପହଞ୍ଚି ନାବାଳିକା ଜଣଙ୍କୁ ତାଙ୍କ ଜିମାରେ ନେଇଯାଇଥିବା ଜଣାପଡିଛି। ନାବାଳିକାଙ୍କୁ କେହି ସନ୍ଦିଗ୍ଧ ବ୍ୟକ୍ତି ଅପହରଣ କରି ଆଣିଥିବା ସନ୍ଦେହ କରାଯାଉଛି।

# ପାଖର କ୍ଲଷ୍ଟରରେ ସୁରଭି କାର୍ଯ୍ୟକ୍ରମ



ସୋର, ୧୪।୧୦(ସମିସ): ଶ୍ୟାମସୁନ୍ଦର ସରକାରୀ ଉଚ୍ଚ ବିଦ୍ୟାପୀଠ ପାଖରରେ କ୍ଲଷ୍ଟର ସ୍ତରୀୟ ସୁରଭି -୨୦୨୫ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ମୋ ସ୍ୱପ୍ନର ଓଡ଼ିଶା -୨୦୩୬ ବିଭିନ୍ନ ବିଭାଗରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ୧୦ଟି ପ୍ରାଥମିକ ବିଦ୍ୟାଳୟ,୨ଟି ଉଚ୍ଚ ବିଦ୍ୟାଳୟ ଓ ୧ଟି ଉଚ୍ଚମାଧ୍ୟମିକ ବିଦ୍ୟାଳୟର ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଅପରାହ୍ନ ୨ଟାରେ ପୁରସ୍କାର ବିତରଣ ସଭା କରାଯାଇ କୃତି ପ୍ରତିଯୋଗୀମାନଙ୍କୁ ପ୍ରମାଣ ପତ୍ର ସହିତ ପୁରସ୍କାର ବିତରଣ କରାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶୁକଦେବ ନାୟକଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ପରିଚାଳନା କରାଯାଇଥିଲା। ପାଖର ସରପଞ୍ଚ ପଦ୍ମାଳୟା ମହାପାତ୍ର ମୁଖ୍ୟଅତିଥି, ଜଳେଶ୍ୱର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଦିଲୀପ କୁମାର ପଣ୍ଡା ମୁଖ୍ୟବକ୍ତା, କ୍ଲଷ୍ଟର୍ ସଂଯୋଜକ ଅଜୟ କୁମାର ମଲ୍ଲିକ, ପ୍ରାକ୍ତନ ଛାତ୍ର ସଂସଦର ସଭାପତି ଭୋଳାନାଥ ପଣ୍ଡା, ସକ୍ରିୟ ସଦସ୍ୟ ହରିହର ଦାସ ଓ ବିଦ୍ୟାଧର ନାୟକ ସମ୍ମାନିତ ଅତିଥି ରୂପେ ମଞ୍ଚାସିନ ହୋଇ ସୁରଭି ପ୍ରତିଯୋଗିତାର ଗୁରୁତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ଶିକ୍ଷକ ସୁଧାକର ଦାସ ମଞ୍ଚ ଆବାହନ ଓ ଶିକ୍ଷକ ବିଜୟକୁମାର ବିଶ୍ୱାଳ ଧନ୍ୟବାଦ ଜ୍ଞାପନ କରିଥିଲେ।

# ନୀଳଗିରି ରକ୍ତଦାତା ସଂଘ ପକ୍ଷରୁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର



ନୀଳଗିରି, ୧୪।୧୦ (ସମିସ): ନୀଳଗିରି ଉପଖଣ୍ଡ ଚିକିତ୍ସାଳୟର ରକ୍ତ କେନ୍ଦ୍ରରେ ଟେକ୍ନିସିଆନ୍ ଅଭାବରୁ ରକ୍ତଦାନ କ୍ଷେତ୍ରରେ ବହୁ ସମସ୍ୟା ଉପୁଜୁଛି। ଜଣେ ଟେକ୍ନିସିଆନ୍‌କୁ ରକ୍ତ କେନ୍ଦ୍ର ସହିତ ଟିବି ରୋଗୀଙ୍କ ପରୀକ୍ଷା ପାଇଁ କାର୍ଯ୍ୟରେ ଲଗାଇବା ହେତୁ ବହୁ ଲୋକ ପ୍ରତିଦିନ ନୀଳଗିରି ଡାକ୍ତରଖାନାରେ ରକ୍ତ ପରୀକ୍ଷା କ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ବାବଦରେ ରକ୍ତଦାତା ସଂଘ ତରଫରୁ ବହୁବାର ଜିଲ୍ଲାପାଳ, ଉପଜିଲ୍ଲାପାଳ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଜଣାଇ ଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇନାହିଁ। ତେଣୁ ଆଜି ରକ୍ତଦାତା ସଂଘର ସାଧାରଣ ସମ୍ପାଦକ ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ସଂଘର ବରିଷ୍ଠ ଉପଦେଷ୍ଟା ରବି ରାଉତ, ବ୍ରଜବିହାରୀ ଦାସ, ଅନାଦି ବେହେରା, ତପସ୍ୱିନୀ ପଣ୍ଡା, ହେମେନ୍ଦ୍ର ସେଠୀ, ବାମନ ଚନ୍ଦ୍ର ମହାନ୍ତିଙ୍କ ସମେତ ସଂଘର ବହୁ ସାଥୀ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ତତ୍ ସହିତ ଉପଖଣ୍ଡ ଚିକିତ୍ସାଧିକାରୀ ନୀଳଗିରି, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଦାବିପତ୍ର ଦେଇଛନ୍ତି। ସାତ ଦିନ ଭିତରେ ଦାବି ପୂରଣ ନ ହେଲେ ସଂଘ ପକ୍ଷରୁ ଉପଖଣ୍ଡ ଚିକିତ୍ସାଳୟ ଆଗରେ ଧାରଣା ଦିଆଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

# ଶିବ ମୁନିଙ୍କ ଜୟନ୍ତୀ

ରାଜଘାଟ, ୧୪।୧୦ (ସମିସ): ବସ୍ତା ବ୍ଲକ ରଘୁନାଥପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଶିବ ମୁନି ଯୋଗାଶ୍ରମ ଆନୁକୂଲ୍ୟରେ ମୁନି ସମାଜର ସଂସ୍ଥାପକ ସଦ୍‌ଗୁରୁ ଦେବ ଶିବମୁନିଙ୍କ ୧୪୨ ତମ ଜୟନ୍ତୀ ଆଜି ପାଳିତ ହୋଇଯାଇଛି। ମୁନିରାଜ ରମେଶ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଓଡିଶା ପ୍ରାନ୍ତ ମୁନିସମାଜର ସଂଗଠନ ପ୍ରଚାର ମନ୍ତ୍ରୀ ଯୋଗାଚାର୍ଯ୍ୟ ଅନନ୍ତ ମୁନି, ମୁଖ୍ୟବକ୍ତା ଯୋଗାଚାର୍ଯ୍ୟ ବଂଶୀଧର ମୁନି, ସମ୍ମାନିତ ଅତିଥି ଯୋଗୀ ରାଧାଗୋବିନ୍ଦ ମୁନି, ଯୋଗୀ ହରେକୃଷ୍ଣ ମୁନି, ଯୋଗୀ ବିମଳ ମୁନି, ଯୋଗୀ ସୁବ୍ରତ ମୁନି ପ୍ରମୁଖ ଯୋଗଦେଇ ଶିବ ମୁନିଙ୍କ ସତ୍ୟ ସିଦ୍ଧାନ୍ତ ଓ ଜୀବନାଦର୍ଶନ ସମ୍ବନ୍ଧରେ ସାରଗର୍ଭକ ପ୍ରବଚନ ପ୍ରଦାନ କରିଥିଲେ। ମୁନିରାଜ ପ୍ରିୟନାଥ ନନ୍ଦ ସତ୍ୟ ପତାକା ଉତ୍ତୋଳନ କରିଥିଲେ। ମୁନିରାଜ ଅଶୋକ ମୁନି ଅତିଥି ପରିଚୟ ଓ ମୁନିରାଜ ଗୋପାଳ ମୁନି ଧନ୍ୟବାଦ ଅର୍ପଣ କରିଥିଲେ। ଯୋଗୀ ବଳଭଦ୍ର ମୁନି ଓ ମୁନିମତୀ ସୁମତୀ ମୁନିସଂଗୀତ ଗାନ କରିଥିଲେ। ସର୍ବଶ୍ରୀ ହଳଧର ମୁନି, କରୁଣାକର ମୁନି, ସୁଧୀର ମୁନି, ଆଲୋକ ମୁନି, ଶିବଶଙ୍କର ମୁନି ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

# ଯୁବକଙ୍କ ମୃତ୍ୟୁ; ପରିବାର କଲେ ଚକ୍ଷୁଦାନ



ଜଳେଶ୍ୱର, ୧୪।୧୦ (ସମିସ): ଜଳେଶ୍ୱର ପୌରାଞ୍ଚଳ ଅଧିନ ଦେଉଳି ପଞ୍ଚୁଘଣ୍ଟା ଗାଁର ଜନ୍ମଜେୟ କରଙ୍କ ସାନ ପୁଅ ଅମିତ ଶଙ୍କର କର(୩୯) ଦୀର୍ଘଦିନ ଧରି ଲିଭର କର୍କଟ ରୋଗରେ ଆକ୍ରାନ୍ତ ହୋଇ ଯନ୍ତ୍ରଣା ଜର୍ଜରିତ ଥିଲେ। ଗତ ରବିବାର ରାତିରେ କଷ୍ଟ ସହି ନ ପାରି ଘାସମରା ଔଷଧ ଖାଇ ଆତ୍ମହତ୍ୟା କରିଥିବା ପରିବାର ବର୍ଗ ପକ୍ଷରୁ ସୂଚନା ମିଳିଛି। ଜଳେଶ୍ୱର ଜିକେ ଭଟ୍ଟ ହସପିଟାଲରେ ଶବ ବ୍ୟବଚ୍ଛେଦ କରାଯାଇଥିବାବେଳେ ପରିବାର ବର୍ଗଙ୍କ ଅନୁମତି କ୍ରମେ ଅଙ୍ଗଦାନ କେନ୍ଦ୍ରକୁ ତାଙ୍କର ଆଖି ପ୍ରଦାନ କରାଯାଇଛି। ଭୁବନେଶ୍ୱର ଏଲଭି ପ୍ରସାଦ ଆଖି ପ୍ରତିଷ୍ଠାନ ଦୃଷ୍ଟି ବ୍ୟାଙ୍କ ପକ୍ଷରୁ ତାଙ୍କର ଚକ୍ଷୁ ସଂଗ୍ରହ କରାଯାଇଛି। ପରିବାର ପକ୍ଷରୁ ଚକ୍ଷୁ ଦାନ ମହତ ଦାନ କରି ପରୋକ୍ଷରେ ତାଙ୍କୁ ଅମର କରିଛନ୍ତି। ସୁବର୍ଣ୍ଣରେଖା ପିର ଶ୍ମଶାନ ଘାଟରେ କୁନି ପୁତ୍ର ମୁଖାଗ୍ନୀ ଦେଇଥିଲେ। ସେ ବିଦ୍ୟୁତ୍ ମରାମତି ଓ ପାଇପ୍ ମିସ୍ତ୍ରୀ ଭାବେ ପରିବାର ଚଳାଉଥିବା ବେଳେ ନାବାଳକ ପୁଅ ଝିଅ ପରିବାର ବେସାହାରା ହୋଇଛନ୍ତି।

# ଅଷ୍ଟମ ରାଷ୍ଟ୍ରୀୟ ପୋଷଣ ମାସ





ବାଲେଶ୍ୱର,୧୪।୧୦ (ସମିସ)

ବାଲେଶ୍ୱର ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଅଷ୍ଟମ ରାଷ୍ଟ୍ରୀୟ ପୋଷଣ ମାସ ଜିଲ୍ଲାପାଳଙ୍କ ଅଡିଟୋରିୟମ ହଲ୍‌ରେ ପାଳିତ ହୋଇଯାଇଛି। ଗତ ମାସ ୧୭ରୁ ଚଳିତ ମାସ ୧୭ତାରିଖ ପର୍ଯ୍ୟନ୍ତ ଏକ ମାସ ଧରି ଅନୁଷ୍ଠିତ ହେଉଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହିତ ସନ୍ତୁଳିତ ଖାଦ୍ୟ, ସ୍ତନ୍ୟପାନ ଅଭ୍ୟାସ ଉପରେ ମତପ୍ରକାଶ କରିଥିଲେ। ଆବଶ୍ୟକ ଯତ୍ନ ପ୍ରଦାନ ଉଦ୍ଦେଶ୍ୟରେ ଶିଶୁ, ବାଳିକା ଓ କିଶୋରୀମାନଙ୍କର ଅଭିବୃଦ୍ଧି ଏବଂ ବିକାଶ ଉପରେ ନଜର ରଖିବା ପାଇଁ ସ୍ୱତନ୍ତ୍ର ସଚେତତନା ଅଭିଯାନ ଚଳାଇବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜ୍ୟୋସ୍ନାରାଣୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଜିଲ୍ଲାପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଉପଜିଲ୍ଲାପାଳ ଶିବ ମାଲବ୍ୟ, ଜିଲ୍ଲା ଭିନ୍ନକ୍ଷମ ଓ ସଶକ୍ତି କରଣ ବିଭାଗ ଅଧିକାରୀ ପ୍ରତିଭା ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେଶ ପ୍ରୀୟଦର୍ଶୀ ପ୍ରମୁଖ ଯୋଗଦେଇ ମହିଳା ଓ ଶିଶୁଙ୍କ ଉତ୍ତମ ସ୍ୱାସ୍ଥ୍ୟରକ୍ଷା କ୍ଷେତ୍ରରେ ସରକାରଙ୍କ ପୋଷଣ କାର୍ଯ୍ୟକ୍ରମର ସଫଳ କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା ଅଙ୍ଗନବାଡି କର୍ମୀମାନେ ବିଭିନ୍ନ ପ୍ରକାର ହାତରନ୍ଧା ପୁଷ୍ଟିକର ଖାଦ୍ୟ ଯଥା ପରିବା ଚକୁଳି, ଖୀର ମଣ୍ଡା, ଦଳିଆ କ୍ଷୀରି, ଇଟିଲି, ପୋଡପିଠା, ମହୁଲ ପିଠା, ମାଣ୍ଡିଆ କେକ ଆଦି ବିଭିନ୍ନ ପ୍ରକାର ଖାଦ୍ୟ ପ୍ରଦର୍ଶିତ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର କର୍ମଚାରୀ ପରିଚାଳନା କରିଥିଲେ।